ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଡିସେମ୍ବର ୨୦୨୩ ସଂଖ୍ୟା

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ଇଂରାଜୀ ନବବର୍ଷ ୨୦୨୪ ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାରର ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସଂପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୨ |
| ଆମ ପୋଡ଼କାଷ୍ଟ ସେବାରୁ କାହାଣୀଟିଏ | | ୨୭ |
| ଗଳ୍ପ ବିଭାଗ | | ୩୨ |
| ଅନେକ କଳାଛାଇ - ୯ | ଅଶୋକ ବିଶ୍ୱାଳ | ୩୩ |
| ମୃଣ୍ମୟୀ | ବାଲାଜୀ ସେଠୀ | ୫୦ |
| ଶାଗ ଓ ପଖାଳ | ସୁନନ୍ଦା ମହାନ୍ତି | ୫୩ |
| ତିନୋଟି ସିଦ୍ଧାନ୍ତ | ସୁଧାଂଶୁ ଶେଖର ଦ୍ୱିବେଦୀ | ୫୬ |
| ସନାତନ | ବିନୟ ମହାପାତ୍ର | ୬୧ |
| ନିରବତାର ସ୍ୱରର ନାମ ଯନ୍ତ୍ରଣା | ବିରଞ୍ଚି ନାରାୟଣ ମିଶ୍ର | ୭୨ |
| ସ୍ୱର୍ଗଦ୍ୱାର ଯାତ୍ରା | ନିତ୍ୟ ରଞ୍ଜନ ନନ୍ଦ | ୭୪ |
| ପୋଡ଼ା ସ୍ୱପ୍ନ | ନାରାୟଣ ଚନ୍ଦ୍ର ସେନାପତି | ୭୮ |
| ଶନିଆଁର ସ୍ୱପ୍ନ | ବୈତାରୀ ବେହେରା | ୮୦ |
| ଅପେକ୍ଷାରେ ଶୋଭା | ରଶ୍ମିତା ରାଉତ | ୮୨ |
| ପ୍ରହେଳିକାର ଶେଷ ଦୃଶ୍ୟ | ରୁଦ୍ରକାନ୍ତ ରାଉତରାୟ | ୮୬ |
| କବିତା ବିଭାଗ | | ୯୨ |
| ଦାସିଆ ବାଉରୀ | ଶିବ ନାରାୟଣ ଦାଶ | ୯୩ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଆମ ଗାଁ (୫) | ସ୍ୱର୍ଗତ ମାୟାଧର ଦାଶ | ୯୭ |
| ସବୁଠୁ ଭଲ ମୋ ବାପା | ଆଶୁତୋଷ ଦେବୀପ୍ରସାଦ ରାଉତ | ୧୦୦ |
| ସବୁ ଜନମରେ | ବିଜୟ କୁମାର ସାହୁ | ୧୦୫ |
| ମା କହୁଛି ମୋ ମାମୁଁକୁ | ରାଧାମୋହନ ପୂଜାହାରୀ | ୧୦୭ |
| ଏ ଅଶ୍ରୁ କେତେ ଅନ୍ତରଙ୍ଗ | କିରନ୍ ସ୍ୱାଇଁ | ୧୦୯ |
| ସ୍ୱପ୍ନ ପାଇଁ ଦିନ ସବୁ | ଡା ନୀଳମାଧବ କର | ୧୧୧ |
| ମନେ ପଡ଼େ ଯେବେ | ତୃପ୍ତିମୟୀ ଭୋକ୍ତା | ୧୧୪ |
| ମୁଁ ଦ୍ରୌପଦୀ କହୁଛି | ଆଲୋକ ମେହେର | ୧୧୫ |
| ଶିଶୁପାଳ ପରି ଜୀବନ | ଡଃ ମନୋରଞ୍ଜନ ବିଷୋୟୀ | ୧୧୬ |
| ମୃତ୍ୟୁପ୍ରତି ରୋମାଣ୍ଟିକ୍ ଆକର୍ଷଣ | ଡଃ ଆର୍ଯ୍ୟକୁମାରୀ ପ୍ରଜ୍ଞା ପାରମିତା | ୧୧୭ |
| ଅନ୍ଧାର ରାତି ଆଉ ମୁଁ | ଉଦୟ କୁମାର ପଣ୍ଡା | ୧୧୯ |
| ଅଭେଦ୍ୟ କବଚ | ଅମୃତନାରାୟଣ ଶତପଥୀ | ୧୨୧ |
| ଆସଗୋ ଯିବା ଯାତରା ଦେଖି | ବାଦଲ ପଲେଇ | ୧୨୨ |
| କ୍ଷମା | ବିଶ୍ୱ ରଞ୍ଜନ ମହାନ୍ତି | ୧୨୩ |
| ଜୀବନ | ରୋହିତ ପଟ୍ଟନାୟକ | ୧୨୪ |
| ଏତିକିରେ ଇତି | ଝରଣା ବାରିକ | ୧୨୫ |
| ଢାଳିଦେବି ସବୁ ଲୁହ | ତାରା ପ୍ରସାଦ ଜେନା | ୧୨୬ |
| ପ୍ରବାସୀ ପୁରୁଷ | ନନ୍ଦିତା ବଢ଼ାଇ | ୧୨୮ |
| ମନର କଥା | ପ୍ରିୟଦର୍ଶିନୀ ମହାପାତ୍ର | ୧୩୦ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ବାଘ ବୁଲୁଛି ଗାଆଁରେ | ହରେରାମ ପଣ୍ଡା | ୧୩୧ |
| ସକାଳୁ ସଅଳ ଉଠ | ବିକାଶ କୁମାର ହୋତା | ୧୩୨ |
| ତୁମେ ଯେଉଁପାଇଁ ନସରପସର | ଭାସ୍କର ରାଉତ | ୧୩୩ |
| ସମୟ | ବିବାସିନୀ ପଟ୍ଟନାୟକ | ୧୩୪ |
| ଶାନ୍ତିର କପୋତ | ବାସନ୍ତୀ ଦେଇ | ୧୩୭ |
| କି ଯାଦୁଥିଲା ସେ ମିଠା ଗୀତରେ | ଆକାଂକ୍ଷା ଅରୁଣିମା ସାହୁ | ୧୩୮ |
| ନିଜନାମ ଅର୍ଥ ଭାବ | ଝୁମୁରୀ ସାହୁ | ୧୩୯ |
| କିଶୋର ଚନ୍ଦ୍ର ତ୍ରିପାଠୀ | ଡଃ କିଶୋର ଚନ୍ଦ୍ର ତ୍ରିପାଠୀ | ୧୪୧ |
| ସ୍ୱାଗତିକା | ସ୍ୱାଗତିକା ସାହୁ | ୧୪୨ |
| ସତରେ, ମୁଁ କଣ ଆହ୍ଲାଦିନୀ | ଆହ୍ଲାଦିନୀ ପାଣିଗ୍ରାହୀ ଦାସ | ୧୪୪ |
| ଶକ୍ତି ସ୍ୱରୂପା | ଶକ୍ତି ସ୍ୱରୂପା ନାୟକ | ୧୪୮ |
| ମୋ ନାଆଁ | ସୁଦ୍ରୁମା ପଣ୍ଡା | ୧୫୦ |
| ମନୋରମା | ମନୋରମା ରାଉତରାୟ | ୧୫୧ |
| ବିଦ୍ୟୁତପ୍ରଭା | ବିଦ୍ୟୁତପ୍ରଭା ମିଶ୍ର | ୧୫୨ |
| ଦାନକୁ ଦକ୍ଷିଣା କେତେ ? | ଉପେନ୍ଦ୍ର କୁମାର ବସ୍ତିଆ | ୧୫୫ |
| ଅନନ୍ୟା | ରଶ୍ମିତା ରାଉତ | ୧୫୭ |
| | ପୁଷ୍ପଲତା ମିଶ୍ର | ୧୫୮ |
| | ଶୋଭାଗିନୀ ନନ୍ଦ | ୧୬୦ |
| | ସଂତୋଷିନୀ ଦାସ | ୧୬୨ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | |
|---|---|
| ଭରତବନ୍ଧୁ ବିଶ୍ୱାଳ | ୧୬୩ |
| ସତ୍ୟ ନାରାୟଣ ସାହୁ | ୧୬୪ |
| ଗୀତାଞ୍ଜଳୀ ଭୂୟାଁ | ୧୬୬ |
| ପ୍ରଫୁଲ୍ଲ କୁମାର ହୋତା | ୧୬୮ |
| କୁମୁଦିନୀ ପତି | ୧୭୦ |
| ରବି ନାରାୟଣ ମିଶ୍ର | ୧୭୧ |
| ସାଧନା ପଣ୍ଡା | ୧୭୩ |
| ଅରୁନ୍ଧତୀ ଲେଙ୍କା | ୧୭୫ |
| ଅନୁପମା ବିଶ୍ୱାଳ | ୧୭୬ |
| ଭାରତୀ ଲେଙ୍କା | ୧୭୭ |
| ଶକୁନ୍ତଳା ମିଶ୍ର | ୧୭୯ |
| ରମେଶ ଟାକ୍ରୀ | ୧୮୧ |
| ସ୍ୱପ୍ନା ମହାନ୍ତି | ୧୮୨ |
| ଅଂଶୁମାନ ସ୍ୱାଇଁ | ୧୮୪ |
| ତାନଶ୍ରୀ ପାଣିଗ୍ରାହୀ | ୧୮୬ |
| ସବିତା ଜେନା | ୧୮୭ |
| ପ୍ରତାପ କିଶୋର ରାଉତ | ୧୮୯ |
| ଦେବେନ୍ଦ୍ର ନାୟକ | ୧୯୦ |
| ଜନରଞ୍ଜନ ପ୍ରଧାନ | ୧୯୧ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| | ତୃପ୍ତିରାଣୀ ପାତ୍ର | ୧୯୪ |
| | ବନ୍ଦନା ମହାପାତ୍ର | ୧୯୫ |
| | ସଂଯୁକ୍ତା ସାହୁ | ୧୯୬ |
| | ଦେବାଶିଷ ସିଂହ | ୧୯୭ |
| | ଦୀପ୍ତି ଦେବଦର୍ଶିନୀ ସୁତାର | ୧୯୯ |
| | ଅଜିତ କୁମାର ପାଢୀ | ୨୦୦ |
| | ନୀଳକାନ୍ତି ପଟ୍ଟନାୟକ | ୨୦୧ |
| | ଶାନ୍ତିଲତା ପଣ୍ଡା | ୨୦୨ |
| ନଳିନୀପ୍ରଭା | ନାରାୟଣ ଚନ୍ଦ୍ର ସେନାପତି | ୨୦୩ |
| ମନ ଅଗଣା | ବିନୋଦିନୀ ଦାଶ | ୨୦୪ |
| କାର୍ତ୍ତିକମାସରେ ପୂଣ୍ୟ ପଞ୍ଚୁକ | ରୀନା ବେହେରା | ୨୦୬ |
| ଗରବ ତୁମର ଯିବରେ ଭାଙ୍ଗି | ଶିଶିର କୁମାର ପଣ୍ଡା | ୨୦୯ |
| ଜନମ ଜଣାଣ | ଶୁଭ ସାର୍ଥକ | ୨୧୦ |
| ଫନୀ ମହାବାତ୍ୟାର ଦୁଃଖ | ରମାକାନ୍ତ ସେଠ୍ | ୨୧୧ |
| ସଂପର୍କଠୁ ବିଶ୍ୱସ୍ତ ସୋସିଆଲ୍ ମିଡ଼ିଆ | ପଙ୍କଜ କୁମାର ମଙ୍ଗଳ | ୨୧୩ |
| ମାଟିର ମଣିଷ | ଧୀମାନ୍ ଜୟଦେବ ମାଝୀ | ୨୧୫ |
| ମୁଁ କହୁନି ଗାନ୍ଧୀ ହୁଅ ! | ପ୍ରଭାସ କୁମାର ମହାପାତ୍ର | ୨୧୭ |
| କନ୍ୟାରତ୍ନ ଅନନ୍ୟା | ଅମରନାଥ ବାରିକ | ୨୧୯ |
| ମୁଁ ଶିଶୁଟିଏ | ଅମିତ କୁମାର ସାମନ୍ତରାୟ | ୨୨୧ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଜନନୀ ଆଖିରେ ଲୁହର ବନ୍ୟା | ନଳିନୀ ଦାଶ | ୨୨୩ |
| ମରୀଚିକା | ଶୁଭମ ବେହେରା | ୨୨୫ |
| ଚକାନୟନ ହେ ନଗଲା କଷଣ | ବର୍ଷାରାଣୀ ମହାମଲ୍ଲିକ | ୨୨୬ |
| ଶୀତୁଆ ସକାଳ | ଶାନ୍ତନୁ କୁମାର ରାଉତ | ୨୨୮ |
| ସ୍ୱପ୍ନ | ଗୁଣମତୀ ଭୋଇ | ୨୨୯ |
| ଶେଷ ଅବଶୋଷ | ଆଶୁତୋଷ ମେହେର | ୨୩୦ |
| ସପନ ସରେନା | ନିରଞ୍ଜନ ସାହୁ | ୨୩୧ |
| ଧୂମ୍ରହୀନ ଦୀପାବଳି | ପ୍ରଶାନ୍ତ କୁମାର ନାଥ | ୨୩୨ |
| ରଙ୍ଗ | ନୀଳମଣି ଚାନ୍ଦ | ୨୩୩ |
| ବାପା | ସୁହଂସ ଭୋଇ | ୨୩୪ |
| ସାହିତ୍ୟ ଓ ଜୀବନ | ବାସନ୍ତୀ ଲତା ଜେନା | ୨୩୬ |
| ଥରେ ଆସି ଦେଖାଦିଅ | ଦାସ କମଳ କୁମାର | ୨୩୮ |
| ପୁତ୍ର ଆଜି ବାଟବଣା | ରାମଚନ୍ଦ୍ର ପ୍ରଧାନ | ୨୪୦ |
| ସପନରେ ତୁ... | ଅଲେଖ ମେହେର | ୨୪୨ |
| ଶବ ସହ ଶତ୍ରୁତା | ଆଦରମଣି ପ୍ରଧାନ | ୨୪୪ |
| **ଲୋକଭାଷା ବିଭାଗ** | | **୨୪୭** |
| ଲକ୍ଷ୍ମୀ ପୁରାନ୍ | ସତ୍ୟ ନାରାୟଣ ମିଶ୍ର | ୨୪୮ |
| ଚାହିଁଥିଲେ ସତୀ, ମରିଥିତା ଜତି | ସତ୍ୟ ନାରାୟଣ ମିଶ୍ର | ୨୫୦ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ସର୍ଦା ତୁରନ୍ | ସତ୍ୟ ନାରାୟଣ ମିଶ୍ର | ୨୫୩ |
| ଡେନା ଲାଗିଗଲେ | ବର୍ଷାରାଣୀ ମହାମଲ୍ଲିକ | ୨୫୫ |
| ମା ଧବଳେଶ୍ୱରୀ | ମୋନାଲିସା ପାଣିଗ୍ରାହୀ | ୨୫୭ |


## ପ୍ରବନ୍ଧ ବିଭାଗ ୨୫୯


| | | |
|---|---|---|
| ପ୍ରାଥମିକ ଶିକ୍ଷାରେ ସ୍ମାର୍ଟ୍‌କ୍ଲାସର ଆବଶ୍ୟକତା | ଜଗଜୀବନ ସେଠୀ | ୨୬୦ |
| ବନ୍ଦେ ଉତ୍କଳଜନନୀ | ରୀନା ସେଠୀ | ୨୬୨ |
| ଯାହା ନାହିଁ ଭାରତେ, ତାହା ନାହିଁ ଜଗତେ | ବୀରେନ୍ଦ୍ର କୁମାର ସାହୁ | ୨୬୩ |
| ମୋବାଇଲ୍ ବ୍ୟବହାର ପ୍ରଗତି ନା ପ୍ରତିବନ୍ଧକ | ସୁଶ୍ରୀ ବାଗ୍ମୀତା ମହାପାତ୍ର | ୨୬୪ |
| ଆଦର୍ଶ ଛାତ୍ର ହେବା କିପରି ? | ସୁଶ୍ରୀ ସମ୍ଭାବନା ସେଠୀ | ୨୬୬ |
| ଭ୍ରମଣର ଅଭିଜ୍ଞତା | ପଙ୍କଜିନୀ ଉପାଧ୍ୟାୟ | ୨୬୯ |
| ଦୁବାଇ ଏକ୍ସପୋ ୨୦୨୨ | ଚିତ୍ରାରାଣୀ ପାତ୍ର | ୨୭୩ |
| ଅନୁଭୂତିର କିଛି ଅଂଶ | ସୁବାସ ଚନ୍ଦ୍ର ତାରିଣୀ | ୨୭୬ |
| ଆମ ଭାଷା ଓଡ଼ିଆ | ତ୍ରିନାଥ ନନ୍ଦୀ | ୨୭୮ |
| ମୁଁ ଜଣେ ଓଡ଼ିଆ | ନିତ୍ୟ ରଞ୍ଜନ ନନ୍ଦ | ୨୮୧ |
| ମୋ ଆଦର୍ଶ | ବାସନ୍ତୀ ଦେଇ | ୨୮୯ |
| | ତୃପ୍ତିରାଣୀ ପାତ୍ର | ୨୯୧ |
| | ସୁଦ୍ୟୁମା ପଣ୍ଡା | ୨୯୫ |
| | ମନୋରମା ରାଉତରାୟ | ୨୯୬ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| | ନିରୁପମା ପଣ୍ଡା | ୨୯୮ |
| | ରୀତା ଅପରାଜିତା ମହାନ୍ତି | ୨୯୯ |
| ଏ ଜୀବନ | ଦେବାର୍ଚ୍ଚନ ମେହେର | ୩୦୧ |
| ନାସାର ଆଗାମୀ ମିଶନ୍ | ଅସିତ ମହାନ୍ତି | ୩୦୪ |
| ଶହୀଦ ଲକ୍ଷ୍ମଣ ନାୟକ | ଅକ୍ଷୟ କୁମାର ରାଉତ | ୩୦୮ |
| ବଢୁଛି ଦୁର୍ଘଟଣା, ଗଡୁଛି ମୁଣ୍ଡ | ଶଙ୍କର ବିଶ୍ୱାଳ | ୩୧୫ |
| ନ୍ୟାୟ ପାଇବାରୁ ବଞ୍ଚିତ ଗରିବ | ଆଶୁତୋଷ ନାୟକ | ୩୧୮ |
| ପ୍ରଫେସର ଆଲୋକ ରାୟଙ୍କ ସହ ସାକ୍ଷାତକାର | ଆହ୍ୱାନ ଇ-ପତ୍ରିକା | ୩୨୪ |
| XIMB : Communique 2023 ଆୟୋଜିତ, Report by ଆହ୍ୱାନ ଇ-ପତ୍ରିକା | | ୩୩୪ |
| ବିଶେଷ ସୂଚନା | | ୩୩୭ |


ଆହ୍ୱାନ ଇ-ପତ୍ରିକାର ପ୍ରତିଷ୍ଠିତ ପୋଡ଼କାଷ୍ଟ ସେବା ଏବଂ ୟୁଟ୍ୟୁବ୍ ଚ୍ୟାନେଲରେ ନିଜ ଲିଖିତ କୃତିକୁ ଅପଲୋଡ୍ କରିବାକୁ ଚାହୁଁଛନ୍ତି କି ? ଆମ ସହ ହ୍ୱାଟସ୍ଆପ୍ ଦ୍ୱାରା ସମ୍ପର୍କ କରନ୍ତୁ । ବିଶେଷ ସୂଚନା ପାଇଁ ବିବରଣୀ ପୁସ୍ତିକା ଆମ ସାଇଟ୍ www.aahwaan.com ରୁ ଡାଉନଲୋଡ୍ କରନ୍ତୁ କିମ୍ବା ହ୍ୱାଟସ୍ଆପ୍ ମାଧ୍ୟମରେ ପ୍ରାପ୍ତ କରନ୍ତୁ ।

ବି.ଦ୍ର.: ଏହା ଏକ ଦେୟଯୁକ୍ତ ସେବା ଅଟେ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ୟୁଟ୍ୟୁବ୍ ଚ୍ୟାନେଲ୍ ଆଜି ହିଁ ସବସ୍କ୍ରାଇବ୍ କରନ୍ତୁ । ଏବଂ ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ ସୁନିର୍ବାଚିତ କଥା କାହାଣୀ ସବୁ ଶୁଣିବାକୁ ପାଆନ୍ତୁ ।

**https://www.youtube.com/@aahwaan**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ବର୍ଷ ୨୦୨୩ର ଶେଷ ସଂସ୍କରଣ ସହ ମୁଁ ଉପସ୍ଥିତ । ଆଶା କରୁଛି ଏହି ବର୍ଷଟି ଆପଣଙ୍କ ଜୀବନରେ ଅନେକ ପରିବର୍ତ୍ତନ ଓ ସୁଖଦ ଅନୁଭୂତି ସହ ଶାନ୍ତି ଓ ସମୃଦ୍ଧି ଆଣି ଦେଇଥିବ । ବର୍ଷ ଶେଷ ହୋଇ ଆସିବା ବେଳେ ଆମେ ବସି ବିଚାର କରିବା ବର୍ଷଟି କିପରି ବିତିଲା, କଣ ଭଲ ହେଲା ଆଉ କଣ ଭୁଲ । କିପରି ଭଲ କାମ ଆଗକୁ ବି ହେବ ସେଇ କଥା ଭାବିବା ଆଉ ଭୁଲକୁ କିପରି ପୁଣିଥରେ ନ କରିବା ସେଇ ବିଷୟରେ ବି ଚିନ୍ତା କରିବା । ଆଉ ଅଳ୍ପଦିନ ପରେ ପୁଣି ଏକ ନୂତନ ବର୍ଷର କ୍ୟାଲେଣ୍ଡର ଆମ ଘର କାନ୍ଥରେ ଶୋଭାପାଇବ । ସେଥିରେ ପୁଣି ନୁଆ ନୁଆ ଦିନର ସୁଖଦ ଓ ଚିନ୍ତାଜନକ ଘଟଣା ସବୁ ଲିପିବଦ୍ଧ ହେବ । ସମସ୍ତଙ୍କ ଭଲ ହେଉ ବୋଲି ଆମେ ପ୍ରାର୍ଥନା କରି ନୂଆ ବର୍ଷକୁ ଆରମ୍ଭ କରିବା । ଭଗବାନ ସମସ୍ତଙ୍କ ମଙ୍ଗଳ କରନ୍ତୁ ବୋଲି ଆଶା କରିବା । ଦେଶ ଦୁନିଆରେ ସବୁ କିଛି ଭଲ ହେଉ, ବିଶ୍ୱରେ ଶାନ୍ତି ଓ ମୈତ୍ରୀର ଯେଉଁ ଲହଡ଼ି ଭାରତ ଦ୍ୱାରା ଆରମ୍ଭ କରାଯାଇଛି ତାହା କିପରି ବଳବତ୍ତର ହେବ, ଆମେ କିପରି ବିଶ୍ୱ ଦରବାରରେ ଆମର ନିଜର ଏକ ଅନନ୍ୟ ଛବି ସୃଷ୍ଟି କରିବା ସେଇ ବିଷୟରେ ଚିନ୍ତା କରିବା ।

ଅନନ୍ୟ ଛବି କହୁଥିବା ସମୟରେ ଗୋଟିଏ ବିଷୟ ଏଠାରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଉଲ୍ଲେଖ କରିବାକୁ ଚାହୁଁଛି । ଆମ ପତ୍ରିକା ସହ ଅନେକ ଦିନରୁ ଯୋଗାଯୋଗରେ ଅଛନ୍ତି ଜଣେ ବିଶିଷ୍ଟ ସାହିତ୍ୟପ୍ରେମୀ ନାରାୟନ ଚନ୍ଦ୍ର ସେନାପତି । ଅନେକ ବର୍ଷରୁ ସେ ଆହ୍ୱାନ ଇ-ପତ୍ରିକାକୁ ନିଜର ସାହିତ୍ୟ କୃତିଦ୍ୱାରା ସମୃଦ୍ଧ କରି ଆସୁଛନ୍ତି । ସେ ଗଢିଛନ୍ତି ଏକ ଅନନ୍ୟ ସାହିତ୍ୟ ଅନୁଷ୍ଠାନ, ଯାହାର ନାଁ ଦେଇଛନ୍ତି ଅନନ୍ୟା । ଆପଣମାନେ ଲକ୍ଷ୍ୟ କରିଥିବେ ବିଗତ ଅନେକ ସଂସ୍କରଣରେ ସମାନ ଶୀର୍ଷକ ଥାଇ କବିତା ଓ ପ୍ରବନ୍ଧ ସବୁ ପ୍ରକାଶିତ ହୋଇ ଆସୁଛି । ଏହା କେବଳ ନାରାୟଣ ଭାଇଙ୍କ ପ୍ରଚେଷ୍ଟାରୁ ସଫଳ ହୋଇଛି । ସେ ନିଜ ସାହିତ୍ୟ ଅନୁଷ୍ଠାନରେ ଯେଉଁ ସବୁ ଓଡିଆ ଭାଷା ଓ ସାହିତ୍ୟ ପ୍ରେମୀଙ୍କୁ ଗ୍ରହଣ କରିଛନ୍ତି ସେମାନଙ୍କୁ ନିୟମିତ ଭାବରେ ଅନେକ ସାହିତ୍ୟ କୃତି ସୃଷ୍ଟି କରିବା ପାଇଁ ପ୍ରୋତ୍ସାହନ ଦେବା ସହ ଏଭଳି ଶୀର୍ଷକ ସବୁ ଦେଇ କବିତା ଓ ପ୍ରବନ୍ଧ ଲେଖିବା ପାଇଁ କୁହନ୍ତି । ଚଳିତ ସଂସ୍କରଣରେ ତାଙ୍କରୁ ଅନୁଷ୍ଠାନରୁ ଅନେକ ସାହିତ୍ୟପ୍ରେମୀ 'ଅନନ୍ୟା' ଶୀର୍ଷକ ସମ୍ବଳିତ କବିତା ପ୍ରେରଣ କରିଛନ୍ତି । ଦେଖିଲେ ଅବିଶ୍ୱାସ ଓ ଆଶ୍ଚର୍ଯ୍ୟ ଲାଗୁଛି, ଅନ୍ୟୁନ ପଚିଶିଟି କବିତା କେବଳ ଗୋଟିଏ ଶୀର୍ଷକରେ ଉପସ୍ଥାପିତ ହୋଇଛି ଏବଂ ପ୍ରତ୍ୟେକଟି ଗୋଟିଏରୁ ଆଉ ଗୋଟିଏ ଊର୍ଦ୍ଧ୍ୱରେ । ସେ କେବଳ ସାହିତ୍ୟପ୍ରେମ ଜାଗ୍ରତ କରିନାହାନ୍ତି, ବରଂ ଉଚ୍ଚକୋଟୀର ସାହିତ୍ୟିକ ସୃଷ୍ଟି କରିବା ଉଦ୍ୟମ ଜାରୀ ରଖିଛନ୍ତି । ଆମେ ତାଙ୍କର ଏହି ପ୍ରଶଂସନୀୟ ଉଦ୍ୟମପାଇଁ ଧନ୍ୟବାଦ ଜଣାଇବା ସହ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ତାଙ୍କର ଓ ତାଙ୍କ ସାହିତ୍ୟ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତିର କାମନା କରୁଛୁ । ଚଳିତ ସଂସ୍କରଣର କଳେବର ବିଶାଳ ହେବା ପଛରେ ଭାଇଙ୍କ ପ୍ରତ୍ୟକ୍ଷ ସହାୟତା ଏବଂ ସହଯୋଗ ପ୍ରଚ୍ଛନ୍ନ ଭାବରେ ରହିଛି ।

ଯଦି ପ୍ରତ୍ୟେକ ସାହିତ୍ୟପ୍ରେମୀ ଏଭଳି ଅନ୍ୟମାନଙ୍କୁ ଏକତ୍ରିତ କରି ସାହିତ୍ୟର ଉନ୍ନତି ପରିକଳ୍ପେ କାର୍ଯ୍ୟମାନ କରନ୍ତି ତାହେଲେ ଆମ ଭାଷାର ଦୁର୍ଦ୍ଦିନ ବୋଲି ଶୁଣାଯାଉଥିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମ୍ବାଦ ମାନଙ୍କର ପରିସମାପ୍ତି ଘଟିବ । ବାସ୍ତବିକ ଏଭଳି ପଦକ୍ଷେପ ପାଇଁ ଆମେ ସମସ୍ତେ ନାରାୟଣ ଭାଇଙ୍କୁ ଧନ୍ୟବାଦ ଜଣାଇବା । ଓଡ଼ିଶାର କୋଣଅନୁକୋଣରୁ ସେ ବାଛି ବାଛି ଅନେକ ପ୍ରତିଭାଙ୍କୁ ନିଜ ସଂଗଠନରେ ସଦସ୍ୟ କରିଛନ୍ତି, ଯେଉଁମାନେ ବିଗତ ଅନେକ ମାସରୁ ଆହ୍ୱାନ ପତ୍ରିକାକୁ ସାହିତ୍ୟିକ ସର୍ଜନାରେ ସମୃଦ୍ଧ କରିବାରେ ସହଯୋଗ କରି ଆସୁଛନ୍ତି ।

ଅନେକ ସମୟରେ ଆମେ ସୋସିଆଲ୍ ମିଡ଼ିଆ ତଥା ଖବରକାଗଜ ମାନଙ୍କରେ ପଢ଼ିବାକୁ ପାଉ ଯେ, ଲୋକମାନେ ଓଡ଼ିଆ ଭାଷା ପ୍ରତି ବିମୁଖ ହେଉଛନ୍ତି । ଦିନକୁ ଦିନ ବିଦେଶାଗତ ଭାଷା ଓ ସଂସ୍କୃତି ପ୍ରତି ଓଡ଼ିଆ ମାନଙ୍କ ଆଦର ବଢ଼ିବାକୁ ଲାଗିଛି । ଏଥିରେ ସନ୍ଦେହ ନାହିଁ । ଆମ ଓଡ଼ିଆ ଭାଷାର ନ୍ୟୁଜ ଚ୍ୟାନେଲ୍ ଖୋଲି ଦେଖନ୍ତୁ, ସେଠାରେ ଓଡ଼ିଆ ଭାଷାକୁ ଖେଚୁଡ଼ି କରି ଦିଆଯାଇଛି । ହିନ୍ଦୀ, ଉର୍ଦ୍ଦୁ ଓ ଇଂରାଜୀ ଭାଷାର ବହୁଳ ବ୍ୟବହାର ହେଉଛି । ଆମ ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣଭାବେ ବ୍ୟବସାୟୀକରଣ କରିଦିଆଯିବା ପରେ ଆମେ ଓଡ଼ିଆ ଭାଷା ପ୍ରତି ହେଉଥିବା ଅନ୍ୟାୟ ବିଷୟରେ ସଚେତନ ହେଲେ ସୁଦ୍ଧା ଆମ ପିଲାମାନେ ଇଂରାଜୀ ଓ ହିନ୍ଦୀ ମାଧ୍ୟମରେ ଶିକ୍ଷା ଗ୍ରହଣ କରୁଥିବା ଏବଂ ଭବିଷ୍ୟତରେ ଏହି ସବୁ ଭାଷାଭାସୀ ଅଞ୍ଚଳରେ ବସବାସ କରିବା ନେଇ ଅଧିକ ଆଗ୍ରହ ଦେଖାଇବା ହେତୁ ପ୍ରାୟତଃ ଅଧିକାଂଶ ଓଡ଼ିଆ ନିଜ ଭାଷାପ୍ରତି ଏତେ ଆଗ୍ରହ ଓ ସଚେତନ ନୁହନ୍ତି । ଓଡ଼ିଶାରେ ଉଚ୍ଚ ଶିକ୍ଷା, ଗବେଷଣା ହେଉ ବା ଜୀବିକାନିର୍ବାହ ହେଉ, ଏ ସବୁର ଘୋର ଅଭାବ ରହୁଛି । ଆମେ ନିଜକୁ ଯେତେ ଉନ୍ନତ ରାଜ୍ୟ ବୋଲି କୁହାଇଲେ ସୁଦ୍ଧା ଆମେ ନିଜ ରାଜ୍ୟରେ ଶିଳ୍ପାୟନ କରିବାରେ ବିଫଳ ହୋଇଛେ, ଆମ ସନ୍ତାନମାନେ ନିଜ ଭବିଷ୍ୟତ ପାଇଁ ସୁଦୂର ସୁରତ, ବମ୍ବେ, ବାଙ୍ଗାଲୋର ଇତ୍ୟାଦି ସହର ମାନଙ୍କ ଉପରେ ଅଧିକ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି । ପ୍ରବାସୀ ଓଡ଼ିଆ ମାନେ ଓଡ଼ିଆ ଭାଷାର ବ୍ୟବହାରକୁ ଆଉ ଅଧିକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗୁରୁତ୍ୱ ଦେଉନାହାନ୍ତି । ସ୍ଥାନୀୟ ଭାଷାର ବହୁଳ ପ୍ରଭାବ ସେମାନଙ୍କ ପରବର୍ତ୍ତୀ ପୀଢ଼ି ଉପରେ ପଡ଼ିବା ସ୍ୱାଭାବିକ, ତେଣୁ ସେମାନେ ଓଡ଼ିଆ ଶିକ୍ଷା ପ୍ରତି ସ୍ପୃହା ଦେଖାଉ ନାହାନ୍ତି ।

ଏହିଭଳି ପରିସ୍ଥିତିରେ ଯେତେବେଳେ ଓଡ଼ିଶାରେ ସତତ ପ୍ରଚେଷ୍ଟାରତ ମୁଷ୍ଟିମେୟ ସାହିତ୍ୟ ସଂଗଠନ ଭାଷା ଓ ସାହିତ୍ୟ ପାଇଁ କିଛି କରିବାକୁ ଆଗେଇ ଆସୁଛନ୍ତି, ସେତେବେଳେ ସେମାନଙ୍କ ଭିତରେ ଗୋଷ୍ଠୀ କନ୍ଦଳ, ପାରସ୍ପରିକ ଦ୍ୱେଷ, ଇର୍ଷ୍ୟା ଇତ୍ୟାଦି ମନୋବଳକୁ ଦୁର୍ବଳ କରି ଦେଉଛି । ବର୍ତ୍ତମାନ ସମୟର ଆବଶ୍ୟକତା ହେଉଛି, ଅଧିକରୁ ଅଧିକ ଓଡ଼ିଆ ଭାଷାରେ ସର୍ଜନା । ଏଥିପାଇଁ ଅଧିକରୁ ଅଧିକ ଓଡ଼ିଆଙ୍କୁ ଅନୁପ୍ରାଣିତ କରି ସାହିତ୍ୟ ଜଗତ ସହ ଯୋଡ଼ିବା । ଯେତେବେଳେ ଅଧିକ ଅଧିକ ଲୋକ ଓଡ଼ିଆ ଭାଷାରେ ଲେଖାଲେଖି କରିବେ, ସେଇ ଅଭ୍ୟାସ ସେମାନେ ନିଜ ପରିବାର ଓ ସନ୍ତାନମାନଙ୍କୁ ନିଶ୍ଚୟ ଶିଖେଇବେ । ହୁଏତ ପିତାଙ୍କ ପଦାଙ୍କ ଅନୁସରଣ କରି ନୂତନ ପୀଢ଼ିର ଯୁବବର୍ଗ ମଧ୍ୟ ଏଥିପ୍ରତି ଆଗ୍ରହ ଦେଖାଇବ । ହେଲେ ମୁଁ ବଡ଼, ମୁଁ ଭଲ, ଆମ ସାହିତ୍ୟ ହିଁ ଠିକ୍, ସେମାନଙ୍କ ସାହିତ୍ୟ ଭୁଲ ଏମିତି ଅନେକ ସମାଲୋଚନା ଶୁଣିବା ପରେ ନୁଆ ନୁଆ ସାହିତ୍ୟ ପ୍ରତି ଆଗ୍ରହ ଜାଗ୍ରତ ହେଉଥିବା ବ୍ୟକ୍ତିଜଣେ ସ୍ୱତଃ ବିତସ୍ପୃହ ହୋଇଯିବ । ବିଗତ ଦିନରେ ଓଡ଼ିଶାରେ ଅନଲାଇନ୍ ସାହିତ୍ୟକୁ ସମାଲୋଚନା କରାଯାଇ ଅନେକ କଥା କୁହାଗଲା । କିଛି ପ୍ରତିଷ୍ଠିତ ସାହିତ୍ୟିକ ଏହି ମାଧ୍ୟମକୁ ଯଥାର୍ଥ ବୋଲି ମଧ୍ୟ ମାନିବାକୁ ରାଜି ହେଲେ ନାହିଁ । କେବଳ ପତ୍ରପତ୍ରିକାରେ ପ୍ରକାଶିତ ହେଉଥିବା କିମ୍ବା ପୁସ୍ତକ ଆକାରରେ ପ୍ରକାଶିତ ହେଉଥିବା ସୃଷ୍ଟିକୁ ହିଁ ସାହିତ୍ୟ ଶ୍ରେଣୀଭୁକ୍ତ କରାଗଲା । ଏହା ଅନଲାଇନରେ କବିତା ଓ ସାହିତ୍ୟ ସର୍ଜନ କରୁଥିବା ଅନେକ ବ୍ୟକ୍ତିଙ୍କୁ ବ୍ୟଥିତ କରିଥିଲା । ଓଡ଼ିଶାରେ ଛପା ହେଉଥିବା ଖବରକାଗଜ ସଂଖ୍ୟା ଦିନକୁ ଦିନ କମ ହେବାରେ ଲାଗିଛି, ଯେଉଁ କିଛି ଖବର କାଗଜ ଅଛନ୍ତି ସେମାନେ ସପ୍ତାହରେ ଦିନଟିଏ ସାହିତ୍ୟ ପୃଷ୍ଠାଟିଏ ଛାପିଦେଇ ନିଜର ଦାୟିତ୍ୱ ପୂରା ହୋଇଗଲା ବୋଲି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଧରି ନେଉଛନ୍ତି । ଆଉ ସେହି ପୃଷ୍ଠାରେ ସର୍ବାଧିକ ଚାରି ପାଞ୍ଚଜଣ ସାହିତ୍ୟିକ ହିଁ ନିୟମିତ ଭାବରେ ସ୍ଥାନ ପାଉଛନ୍ତି । ନବୀନ ଲେଖକ ମାନଙ୍କୁ ସ୍ଥାନ ମିଳିବା ସମ୍ଭାବନା ହିଁ ନାହିଁ । ଏହି କାରଣରୁ ଅନେକ ଲେଖକ ନିଜେ ହିଁ ନିଜର ଲେଖିବା ଓ ସାହିତ୍ୟ ସୃଷ୍ଟି କରିବା କାର୍ଯ୍ୟରୁ ସମୟ ପୂର୍ବରୁ ଅବସର ନେଉଛନ୍ତି ।

ଆମକୁ ଅଧିକରୁ ଅଧିକ ମାଧ୍ୟମ ଖୋଜିବାକୁ ହେବ, ଯାହା ନବୀନ ଲେଖକ ମାନଙ୍କୁ ପ୍ରୋତ୍ସାହନ ଦେବ ଏବଂ ସେମାନଙ୍କ ଦ୍ୱାରା ସାହିତ୍ୟର ଉନ୍ନତି କରିହେବ । ପରସ୍ପର ମତଭେଦ, ଉଚ୍ଚନୀଚ ଭାବ ଦୂର ହୋଇ ପାରିଲେ ହିଁ ଆମେ ଆମ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ସାମୁହିକ ଭାବରେ କାମ କରି ପାରିବା । ଆମ ଭାଷାର ଭବିଷ୍ୟ ଯେ ଉଜ୍ଜ୍ୱଳ ତାହା ସନ୍ଦେହ ନାହିଁ । ବିଗତ ବର୍ଷମାନଙ୍କରେ ଆହ୍ୱାନରେ ପ୍ରକାଶ ପାଇ ଆସୁଥିବା ଲେଖକମାନେ ବହୁତ ଉନ୍ନତି କଲେଣି, କେହି କେହି ରାଷ୍ଟ୍ରୀୟ ସ୍ତରର ସମ୍ମାନ ବି ପାଇଲେଣି । ତେଣୁ ଆମେ ନିରବଚ୍ଛିନ୍ନ ସେମାନଙ୍କୁ ପ୍ରୋତ୍ସାହନ ଦେବା, ଦେଖିବା ଯେମିତି ଆଗାମୀ ପୀଢ଼ି ଆମ ଭାଷାରେ ହିଁ ନିଜର ଭାବନାକୁ ପରିପ୍ରକାଶ କରିବାକୁ ଆଗେଇ ଆସିବ ।

ଭାରତବର୍ଷ ସମଗ୍ର ବିଶ୍ୱରେ ଏକ ଅନନ୍ୟ ସ୍ଥାନ ରଖେ । ଏହି ଅନୁଭବ ଆମକୁ ବିଗତ କିଛି ବର୍ଷରେ ହେବାକୁ ଲାଗିଛି । ବିଶ୍ୱ ନେତୃବୃନ୍ଦ ଆମ ଦେଶର ପ୍ରଧାନମନ୍ତ୍ରୀଙ୍କୁ ନିଜର ମୁଖ୍ୟ ଉପଦେଷ୍ଟା ବା ବନ୍ଧୁ ଭାବରେ ଗ୍ରହଣ କରୁଛନ୍ତି । ବିଶ୍ୱରେ ଥିବା ଅଶାନ୍ତି ପାଇଁ ଆମକୁ ମଧ୍ୟସ୍ଥି ଭାବରେ କାମ କରିବାକୁ ନିବେଦନ କରାଯାଉଛି । ଏହି ଗୁରୁତ୍ୱ ଆମ ଦେଶକୁ କାଳକାଳରୁ ମିଳିବାର ଥିଲା । ତେବେ ଏହା କାହିଁକି ହୋଇ ପାରିଲା ନାହିଁ, ସେ ବିଷୟରେ ଆମେ ସମସ୍ତେ ଊଣା ଅଧିକେ ଜାଣିଛେ । ଚଳିତ ବର୍ଷର କିଛି ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ ମଧ୍ୟରେ ଭାରତର ପୌରହିତ୍ୟରେ ଜି-୨୦ ସମ୍ମିଳନୀର ଆୟୋଜନ ସମଗ୍ର ବିଶ୍ୱକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆହ୍ଲାଦିତ କରିଥିଲା । ଏହି ସମାରୋହରେ ଭାରତର ପ୍ରମୁଖ ଭୂମିକାକୁ ସମଗ୍ର ବିଶ୍ୱ ଉଚ୍ଛ୍ୱସିତ ପ୍ରଶଂସାରେ ପୋତି ଦେଇଥିଲା । ବିଶ୍ୱରେ ଶାନ୍ତି, ମୈତ୍ରୀ, ବନ୍ଧୁତ୍ୱଭାବ, ପାରସ୍ପରିକ ବୁଝାମଣା, ଇତ୍ୟାଦି ଅନେକ ବିଷୟରେ ଭାରତର ମହତ୍ତ୍ୱ ସମସ୍ତେ ବୁଝିଥିଲେ ।

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବର୍ତ୍ତମାନ ଦୁନିଆର ସବୁଠାରୁ ଲୋକପ୍ରିୟ ନେତା । ଆମେରିକାର କନସଲଟାନ୍ସି ଫର୍ମ 'ମର୍ଣ୍ଣିଂ କନସଲ୍ଟ'ର ସର୍ଭେରେ ଏହା ସାମ୍ନାକୁ ଆସିଛି । ସର୍ଭେରେ ମୋଦୀଙ୍କୁ ୭୬ ପ୍ରତିଶତ ଆପ୍ରୁଭାଲ ରେଟିଂ ମିଳିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରେ ତାଲିକାର ଦ୍ୱିତୀୟ ସ୍ଥାନରେ ଅଛନ୍ତି ମେକ୍ସିକୋ ରାଷ୍ଟ୍ରପତି ଆନ୍ଦ୍ରେସ ମାନୁଏଲ ଲୋପେଜ ଓବ୍ରାଡର୍ । ସେ ୬୬ ପ୍ରତିଶତ ଆପ୍ରୁଭାଲ ରେଟିଂ ସହ ଦୁନିଆର ଦ୍ୱିତୀୟ ଲୋକପ୍ରିୟ ନେତା ହୋଇଛନ୍ତି । ଗତ କିଛି ବର୍ଷ ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ତାଲିକାର ଶୀର୍ଷରେ ରହିଆସିଛନ୍ତି । ବିଶ୍ୱର ୨୨ ଜଣ ନେତାଙ୍କ ଉପରେ କରାଯାଇଥିବା ସର୍ଭେକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି । ୨୦୨୩ ମସିହା ସେପ୍ଟେମ୍ବର ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ହୋଇଥିବା ତଥ୍ୟ ଅନୁସାରେ, ଏହି ତାଲିକାରେ ମାତ୍ର ୧୮ ପ୍ରତିଶତ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଡିସଆପ୍ରୁଭାଲ ବା ନାପସନ୍ଦ କରିଛନ୍ତି ।

ନିକଟ ଅତୀତରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦୁବାଇ ଗସ୍ତରେ ଯାଇଥିଲେ । ବିଶ୍ୱ ଜଳବାୟୁ ନିୟନ୍ତ୍ରଣ ପାଇଁ ଆୟୋଜିତ ଏହି ସମାରୋହରେ ବିଶ୍ୱର ଦୁଇଶହ ଦେଶ ଯୋଗ ଦେଉଥିବା ବେଳେ ଆମ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଯେଉଁଭଳି ସ୍ୱାଗତ ଓ ସମ୍ମାନ ମିଳିଲା ତାହା ବାସ୍ତବିକ ଆମ ସମଗ୍ର ଦେଶ ପାଇଁ ଗର୍ବର ବିଷୟ । ଜଳବାୟୁ ପରିବର୍ତ୍ତନ ଏବଂ ଏହାର ନିୟନ୍ତ୍ରଣପାଇଁ ଶ୍ରୀ ମୋଦୀ ଦେଇଥିବା ସମସ୍ତ ପ୍ରସ୍ତାବ ବହୁତ ପ୍ରଶଂସା ପାଇଛି ।

ଗତ ମାସରେ କତାର ଦେଶର ଅଦାଲତରେ ଆଠଜଣ ଭାରତୀୟଙ୍କୁ ଗୁପ୍ତଚର ଭାବରେ କାମ କରୁଥିବା କହି ମୃତ୍ୟୁଦଣ୍ଡ ନିର୍ଦ୍ଦେଶ ଦିଆଯାଇଥିଲା । ହେଲେ କପ୍ ୨୦୨୩

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମ୍ମିଳନୀ ସମୟରେ ମୋଦୀଙ୍କ ସହ କତାରର ପ୍ରମୁଖ ଯେଉଁଭଳି ଭାବରେ ମିଶିଥିଲେ ସେଥିରେ ସ୍ପଷ୍ଟ ହୋଇଯାଇଥିଲା ଯେ ମୋଦୀଙ୍କ ସ୍ଥାନ କେଉଁଠି । ଶୁଣାଯାଉଛି ଯେ ଯେଉଁ ବ୍ୟକ୍ତିମାନଙ୍କୁ ମୃତ୍ୟୁଦଣ୍ଡ ମିଳିଥିଲା ସେମାନଙ୍କ ପାଇଁ ଭାରତୀୟ ଦୂତାବାସ ତରଫରୁ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି ଏବଂ ସେମାନେ ଶୀଘ୍ର ମୁକ୍ତି ପାଇବେ । ଏହି ଭଳି ଘଟଣା କେବଳ ମୋଦୀଙ୍କ ନେତୃତ୍ୱ ଯୋଗୁଁ ହିଁ ସମ୍ଭବ ହେଉଛି ।

ବର୍ଷ ୨୦୨୪ରେ ଭାରତରେ ସର୍ବସାଧାରଣ ନିର୍ବାଚନ ଆୟୋଜିତ ହେବ । ଏଥିପାଇଁ ଶାସକ ବିଜେପିକୁ ହରାଇବା ପାଇଁ ଛବିଶି ଗୋଟି ବିରୋଧୀ ଦଳ ଏକତ୍ରିତ ହୋଇ ଇଣ୍ଡି ନାମକ ଏକ ଗଠବନ୍ଧନ କରିଥିଲେ । ହେଲେ ୨୦୨୪ ଆସିବା ପୂର୍ବରୁ ଚଳିତ ବର୍ଷ ପାଞ୍ଚଟି ରାଜ୍ୟରେ ନିର୍ବାଚନ ସମୟରେ ଏହି ଗଠବନ୍ଧନର ଦଳମାନେ ପରସ୍ପର ବିରୋଧରେ ପ୍ରତ୍ୟାଶୀ ମାନଙ୍କୁ ନିର୍ବାଚନରେ ଠିଆ କରାଇ ନିଜର ଏକତାକୁ ନିଜେ ହିଁ ଲୋକହସା କରାଇଲେ ।

ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼, ତେଲେଙ୍ଗାନା ଓ ମିଜୋରମରେ ହୋଇଥିବା ନିର୍ବାଚନର ଫଳାଫଳ ଡିସେମ୍ବର ତିନି ତାରିଖରେ ଘୋଷଣା ହେବା ପୂର୍ବରୁ ଏକ୍‌ଜିଟ୍ ପୋଲ୍ ବା ବୁଥସ୍ତରୀୟ ସର୍ବେକ୍ଷଣ ଅଧିକାଂଶ ଖବର ସରବରାହ ସଂସ୍ଥା କରି ନିଜ ନିଜର ଆକଳନ ପ୍ରସାରଣ କରିଥିଲେ । ଏହାକୁ ନେଇ କଂଗ୍ରେସଦଳ ଭାରି ଉତ୍ସାହିତ ଥିଲା । କାରଣ ସର୍ବେକ୍ଷଣରେ କଂଗ୍ରେସକୁ ପ୍ରାୟ ସବୁ ରାଜ୍ୟରେ ବହୁମତ ମିଳିବା ଦେଖାଯାଉଥିଲା । ଏବଂ ତିନି ତାରିଖ ସକାଳୁ ଯେତେବେଳେ ଭୋଟ୍ ଗଣତି ହେଉଥିଲା ସେଇ ସମୟରେ ମଧ୍ୟ ପ୍ରାରମ୍ଭିକ ଅଟକଳ କଂଗ୍ରେସ ସପକ୍ଷରେ ଥିଲା । କିନ୍ତୁ ମଧ୍ୟାହ୍ନ ହେଉ ହେଉ ସବୁକିଛି ଓଲଟପାଲଟ ହୋଇଗଲା ଆଉ ଅପ୍ରତ୍ୟାଶିତ ଭାବରେ ବିଜେପି ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ସଂଖ୍ୟା ଗରିଷ୍ଠତା ହାସଲ କରି ସାରିଥିଲା । ଏହା କେହି ଆଶା କରିନଥିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଂଗ୍ରେସ ଶାସିତ ରାଜସ୍ଥାନ ଓ ଛତିଶଗଡ଼ରେ ବିଜେପି ଆସିବା ନାହିଁ ବୋଲି ଅନେକ ପୂର୍ବାନୁମାନ ହୋଇଥିଲା । ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟତା ହେତୁ ଏହି ପରିବର୍ତ୍ତନ ଦେଖିବାକୁ ମିଳିଲା ବୋଲି ବୁଦ୍ଧିଜୀବି ମତ ଦେଇଛନ୍ତି । କୁହାଯାଉଥିଲା ଏହି ବିଧାନସଭା ନିର୍ବାଚନ ୨୦୨୪ର ସର୍ବସାଧାରଣ ନିର୍ବାଚନ ପୂର୍ବବର୍ତ୍ତି ସେମି ଫାଇନାଲ୍ ଏବଂ ଏଥିରେ ଇଣ୍ଡି ଗଠବନ୍ଧନ ବିଫଳ ହେଲା । ଏହା ପରେ ଛଅ ଡିସେମ୍ବରରେ ହେବାକୁ ଥିବା ଇଣ୍ଡି ଗଠବନ୍ଧନର ମିଟିଂକୁ ସ୍ଥଗିତ କରାଯାଇଛି । କାରଣ ପଶ୍ଚିମ ବଙ୍ଗର ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ ଏହି ସଭାରେ ଅଂଶ ଗ୍ରହଣ କରିବା ପାଇଁ ନିମନ୍ତ୍ରଣ ନ ପାଇଥିବା କହିବା ବେଳେ, କଂଗ୍ରେସର ସଦ୍ୟ ବିଫଳତା ପରେ କେହି ନିମନ୍ତ୍ରଣ ଦେବାକୁ ଉଚିତ ମନେ କରିନାହାନ୍ତି, ସେହିଭଳି ଅନେକ ଦଳ ଏବେ ନିଜକୁ ଏହି ଗଠବନ୍ଧନରୁ ଦୂରକୁ ରଖିବାକୁ ଚେଷ୍ଟା କରୁଛନ୍ତି ।

ବିଫଳ ହେବାପରେ ସବୁବେଳେ ଯେମିତି ହୁଏ, ସେମିତି କଂଗ୍ରେସ ଦଳ ଏହି ବିଫଳତାର କାରଣ ଖୋଜିବାକୁ ଲାଗି ଯାଇଛି । ଶୁଣାଯାଉଛି, ରାଜସ୍ଥାନ ପାଇଁ ମୁଖ୍ୟମନ୍ତ୍ରୀ ଅଶୋକ ଗହଲୋତ୍ ଏବଂ ସଚିନ ପାଇଲଟଙ୍କ ମଧ୍ୟରେ ଥିବା ତିକ୍ତତାକୁ ଦାୟୀ କରାଯାଉଥିବା ବେଳେ ମଧ୍ୟପ୍ରଦେଶରେ କମଲନାଥଙ୍କ ଅଳସୁଆମୀକୁ ଦାୟୀ କରାଯାଇଛି, ଛତିଶଗଡ଼ରେ ଭୁପେଷ ବାଘେଲଙ୍କ ଦୁର୍ନୀତି ଅଭିଯୋଗକୁ ଦାୟୀ କରାଯାଇଛି । କେବଳ୍ ତେଲେଙ୍ଗାନାରେ ବିଜୟୀ ହୋଇଥିବା କଂଗ୍ରେସପାଇଁ ରାହୁଲ ଗାନ୍ଧୀଙ୍କୁ ଶ୍ରେୟ ଦିଆଯାଇଛି ।

ସୂଚନାଯୋଗ୍ୟ ଯେ ଗତମାସରେ ଉଦଯାପିତ ବିଶ୍ୱକପ କ୍ରିକେଟରେ ଫାଇନାଲ୍ ମ୍ୟାଚ ଭାରତ ହାରି ଯାଇଥିଲା ଏବଂ ଏହି ମ୍ୟାଚ ସମୟରେ ଷ୍ଟାଡ଼ିୟମରେ ପ୍ରଧାନମନ୍ତ୍ରୀ ମୋଦୀ ଥିଲେ, ତେଣୁ କଂଗ୍ରେସ ଦଳ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପନୌତି ବା ଅଶୁଭ ବୋଲି ଘୋଷଣା କରି ଅନେକ ପ୍ରଚାର କରିଥିଲେ । କୁହାଯାଉଥିଲା ଏହି ପ୍ରଚାର ନିର୍ବାଚନରେ ପ୍ରଭାବ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପକାଇବ । ହେଲେ ବିଜେପିର ବିଜୟ ପ୍ରମାଣିତ କରିଦେଇଛି ଯେ କିଏ କେଉଁ ଦଳପାଇଁ ପନୌତି ବା ଅଶୁଭ ।

ଠିକ୍ ସେହିଭଳି ବିଧାନସଭା ନିର୍ବାଚନ ପୂର୍ବରୁ ଜାତିଗତ ଜନଗଣନା ପାଇଁ କଂଗ୍ରେସଦଳ କରିଥିବା ଦାବୀକୁ ମଧ୍ୟ ମୁଖ୍ୟତ ନିର୍ବାଚନପାଇଁ ଅମୋଘ ଅସ୍ତ୍ର ଭାବରେ ବ୍ୟବହାର କରିଥିଲା । କିନ୍ତୁ ତାହା ବି ବିଫଳ ହେଲା । ଚଳିତ ନିର୍ବାଚନ ପରେ ଦେଖାଯାଇଛି ଯେ ଜାତିଗତ ଜନଗଣନା କରାଯାଇ ସମାଜରେ ଉଚ୍ଚନୀଚର ଭେଦଭାବ ସୃଷ୍ଟି କରିବାର ଯେଉଁ ପ୍ରଚେଷ୍ଟା ହେଉଥିଲା ତାହାକୁ ସମସ୍ତେ ଅଗ୍ରାହ୍ୟ କରି ଦେଇଥିଲେ । ଆଗରୁ ଦଳିତ ଓ ଗରିବ ଶ୍ରେଣୀର ଭୋଟ୍ ସାଧାରଣତଃ କଂଗ୍ରେସକୁ ମିଳୁଥିବା ବେଳେ ଏହି ନିର୍ବାଚନରେ ବିଜେପିକୁ ମିଳିଛି । ତେଣୁ ଜାତି, ଧର୍ମ ନିର୍ବିଶେଷରେ ସମାଜର ସମସ୍ତ ବର୍ଗର ଭୋଟର ବର୍ତ୍ତମାନ ବିଜେପି ଓ ସର୍ବୋପରି ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଉପରେ ଆସ୍ଥାବାନ ହୋଇଛି ।

ଏହି ନିର୍ବାଚନରେ କଂଗ୍ରେସ ଦଳର ବିଫଳତା ସତ୍ତ୍ୱେ ତେଲେଙ୍ଗନାରେ ବହୁମତ ପାଇବା ପରେ ପରେ କିଛି ବୁଦ୍ଧିଜୀବି ସୋସିଆଲ୍ ମିଡ଼ିଆରେ ପ୍ରଚାର କରାଇଲେ ଯେ ଉତ୍ତର ଭାରତର ଜନତା ମୂର୍ଖ, ସେମାନେ ସହଜରେ ବିଜେପି ଦ୍ୱାରା ମୂର୍ଖ ହୋଇ ଯାଉଛନ୍ତି । କିଛି ନେତା ତ କହିଲେ ଯେ ଉତ୍ତର ଭାରତୀୟ ଗୋବର୍ ଓ ଗୋମୂତ୍ର ବାଲା । ଆଶ୍ଚର୍ଯ୍ୟର ବିଷୟ ଯେ ତେଲେଙ୍ଗାନାରେ ଗତ ନିର୍ବାଚନରେ ବିଜେପି କେବଳ ଗୋଟିଏ ଆସନ ଜିତିଥିବା ବେଳେ ଚଳିତ ନିର୍ବାଚନରେ ଆଠଟି ଆସନ ଜିତିଛି । ଭାରତକୁ ଭାଗ ଭାଗ କରିଦେବା ପରସ୍ପର ସହ ଶତ୍ରୁତା କରାଇ ଗଣ୍ଡଗୋଳର ସୂତ୍ରପାତ କରାଇବା ଭଳି ମସୁଧା ବିରୋଧୀ ଦଳ କରୁଛନ୍ତି । ହେଲେ ସୋସିଆଲ୍ ମିଡ଼ିଆ ଯୁଗରେ ଲୋକଙ୍କୁ ଅଧିକ ସମୟ ଧରି ମୂର୍ଖ କରି ରଖି ହେବ ନାହିଁ । ଲୋକମାନେ ସତ କଣ ନିଜେ ଦେଖୁଛନ୍ତି ଓ ଜାଣୁଛନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେହିପରି କଂଗ୍ରେସ ଦଳର ମୁଖପାତ୍ରମାନେ ବିଭିନ୍ନ ଟିଭି ଚ୍ୟାନେଲରେ ବସି ଇଭିଏମ୍ ବା ବୈଦ୍ୟୁତିକ ଭୋଟିଂ ମେସିନ୍ ମାଧ୍ୟମରେ ଷଡ଼ଯନ୍ତ୍ର ହୋଇଥିବା କଥା ଦାବୀ କରିବା ହାସ୍ୟାସ୍ପଦ ମନେ ହୁଏ । କର୍ଣ୍ଣାଟକ ଓ ତେଲେଙ୍ଗାନାରେ କଂଗ୍ରେସ ଜିତିବା ବେଳେ ଇଭିଏମ୍ ଠିକ୍ ଥାଏ, କିନ୍ତୁ ରାଜସ୍ଥାନ, ମଧ୍ୟ ପ୍ରଦେଶ ଓ ଛତିଶଗଡ଼ରେ ହିଁ ଅସୁବିଧା ହୋଇଯାଏ । ସୂଚନାଯୋଗ୍ୟ ଯେ ଇଭିଏମ୍ ଖରାପ ଥିବା ଅଭିଯୋଗ ଅନେକ ଦିନରୁ ହୋଇ ଆସୁଥିବା ହେତୁ ଭାରତର ନିର୍ବାଚନ ଆୟୋଗ ସମସ୍ତ ରାଜନୈତିକ ଦଳଙ୍କୁ ନିମନ୍ତ୍ରଣ ଦେଇଥିଲେ ଏବଂ କହିଥିଲେ ଯେ ଯଦି ଇଭିଏମ୍ ହ୍ୟାକ୍ ହୋଇ ପାରୁଛି ତାହେଲେ ଏହା ସମସ୍ତଙ୍କ ସମ୍ମୁଖରେ କରି ଦେଖାଇ ଦିଅନ୍ତୁ । କିନ୍ତୁ କୌଣସି ଦଳ ଯିବାକୁ ମଙ୍ଗିଲେ ନାହିଁ । ପରୀକ୍ଷାରେ ଫେଲ୍ ହୋଇଥିବା ଛାତ୍ର ଯେମିତି ନିଜ ଭୁଲ ଲୁଚାଇବାକୁ ଅନେକ ମିଛ କଥା କହେ, ଏହି ବିରୋଧୀ ଦଳ ସବୁ ସେମିତି କରୁଛନ୍ତି । ହେଲେ ଚଳିତ ନିର୍ବାଚନ ପରେ ଏହା ସ୍ପଷ୍ଟ ହୋଇଯାଇଛି ଯେ ଭାରତର ସର୍ବସାଧାରଣ ଅନେକ ସଚେତନ ହେଲେଣି ଏବଂ ଭଲମନ୍ଦ ଠିକ୍ ଭାବରେ ବୁଝି ପାରୁଛନ୍ତି । ଆଶା କରିବା ଯେ ୨୦୨୪ ନିର୍ବାଚନ ପରେ ବିଜେପି ପୁଣି ବହୁମତ ପାଇ ଦେଶକୁ ଉନ୍ନତିର ପଥରେ ଆଗେଇ ନେବ ।

ଗତ କିଛିଦିନ ହେବ ଗୋଟିଏ ଖବର ସମଗ୍ର ଦେଶକୁ ଚକିତ କରିଛି । ଛତିଶଗଡ଼ର ଜନୈକ କଂଗ୍ରେସ ନେତାଙ୍କ ଘରେ ଥିବା ନଅଟି ଆଲମାରୀ ଭର୍ତ୍ତି ପାଞ୍ଚଶହ ଟଙ୍କିଆ ବଣ୍ଡଲ ସବୁ ଟିଭି ଚ୍ୟାନେଲରେ ଦେଖିବାକୁ ମିଳୁଛି । ଶୁଣାଯାଉଛି ଯେ କାଳେ ତିନିଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସେଇ ଆଲମାରୀ ମାନଙ୍କରେ ଥିଲା । ବିମୁଦ୍ରିକରଣ ବା ଡିମୋନିଟାଇଜେସନ୍ ପାଇଁ ଯେତେବେଳେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆହ୍ୱାନ ଦେଇଥିଲେ ସେତେବେଳେ କଂଗ୍ରେସ ଦଳ ଏହାର ଘୋର ବିରୋଧ କରିଥିଲା । ଏହା ଦ୍ୱାରା ଉଚ୍ଚମାନର ନୋଟ୍ ସବୁ ଭ୍ରଷ୍ଟାଚାର ପାଇଁ ବ୍ୟବହାର ବନ୍ଦ ହୋଇଗଲା, ଘରେ ଗଚ୍ଛିତ କରି ରଖିଥିବା ଟଙ୍କା ବ୍ୟାଙ୍କିଙ୍ଗ୍

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବ୍ୟବସ୍ଥାରେ ଆସି ସରବରାହ ହେବାକୁ ଲାଗିଲା । ସେ ଯାହେଉ ଏହି ସବୁ ଘଟଣାର ଅନେକ ବର୍ଷ ବିତିଯାଇଥିଲେ ସୁଦ୍ଧା କଂଗ୍ରେସ ସମୟ ସମୟରେ ଏହି ଘଟଣା ପାଇଁ ବିଜେପିକୁ ନିନ୍ଦିତ କରିବାର ପ୍ରଚେଷ୍ଟା କରି ଆସୁଥିଲା । ବର୍ଷ ୨୦୨୨ରେ ଛତିଶଗଡ଼ର ଜଣେ ନେତା ସୋସିଆଲ୍ ମିଡ଼ିଆରେ ଟ୍ୱିଟ୍ କରି କହିଥିଲେ ଯେ, "ଏତେ ବିମୁଦ୍ରିକରଣ ସତ୍ତ୍ୱେ, କେମିତି କେଜାଣି ଲୋକମାନେ ନିଜ ଘରେ ଏତେ ଗୁଡ଼ିଏ ଟଙ୍କା ରଖି ପାରୁଛନ୍ତି । ଏହା ଦର୍ଶାଉଛି ଯେ ବିମୁଦ୍ରିକରଣ ବିଫଳ ହୋଇଛି । ସମାଜରୁ ଦୁର୍ନୀତି କେବଳ କଂଗ୍ରେସ ହିଁ ଦୂର କରି ପାରିବ ।" ଏହି ଅତି ସଚ୍ଚୋଟତା ସହ ପୋଷ୍ଟ କରିଥିବା ବ୍ୟକ୍ତିଜଣକ ବର୍ତ୍ତମାନ ନିଜ ଘରେ ତିନିଶହରୁ ଉର୍ଦ୍ଧ୍ୱ ଟଙ୍କା ଗଚ୍ଛିତ କରି ରଖିଥିବା ମାମଲାରେ ଗିରଫ ହୋଇଛନ୍ତି । ସମାନ ରୂପରେ ଓଡ଼ିଶାରେ ମଧ୍ୟ ଧିରଜ୍ କୁମାର ସାହୁଙ୍କ ସଂସ୍ଥାରେ ଚଢ଼଼ଉ କରି ତିନିଶହରୁ ଉର୍ଦ୍ଧ୍ୱ ଟଙ୍କା ଜବତ କରାଯାଇ ସରିଲାଣି । ବଲାଙ୍ଗୀର ବ୍ୟାଙ୍କର କର୍ମଚାରୀ ଜଣେ କହିଛନ୍ତି ଯେ ଏତେ ଟଙ୍କା ସେ ବ୍ୟାଙ୍କରେ କାମ କରୁଥିବା ସତ୍ତ୍ୱେ କେବେ ବି ଏକାଠି ଦେଖିନଥିଲେ । ଏତେ ଗୁଡ଼ିଏ ଟଙ୍କାକୁ ଗଣିବା ପାଇଁ ତିନୋଟି ବ୍ୟାଙ୍କର କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ୧୭୬ରୁ ପାଖାପାଖି ୧୪୦ ବ୍ୟାଗରେ ଥିବା ଟଙ୍କା ଗଣା ସରିଥିବା କଥା ଖବରକାଗଜରେ ପ୍ରକାଶିତ ହୋଇଛି । ଭାରତ ଇତିହାସରେ ଏହା ପ୍ରଥମ ଘଟଣା ଯେଉଁଠି ଏତେ ମାତ୍ରାରେ ଟଙ୍କା ଧରା ପଡିଛି । ଏହା ସତ୍ତ୍ୱେ ଇଣ୍ଡି ଗଠବନ୍ଧନ ଏହି ମାମଲାରେ ସମ୍ପୂର୍ଣ୍ଣଭାବେ ନିରବତା ରକ୍ଷା କରୁଥିବାରୁ ତାଙ୍କୁ ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହ୍ ସମାଲୋଚନା କରିଛନ୍ତି ।

ଏହି ସମୟର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘଟନା ହେଉଛି ପ୍ରଶ୍ନ ପାଇଁ ଲାଞ୍ଚ ମାମଲାରେ ଟିଏମ୍‌ସି ସାଂସଦ ମହୁଆ ମୈତ୍ରଙ୍କ ଲୋକସଭା ସଦସ୍ୟତା ରଦ୍ଦ ହୋଇଛି । ଲୋକସଭା ସଦାଚାର କମିଟିର ରିପୋର୍ଟ ଆଜି ଲୋକସଭାରେ ଉପସ୍ଥାପନ ହେବାପରେ ତାଙ୍କୁ ବହିଷ୍କାର କରିବାକୁ ପ୍ରସ୍ତାବ ଅଗତ ହୋଇଥିଲା । ପ୍ରସ୍ତାବ ଉପରେ ଭୋଟ୍ ଆରମ୍ଭ ହେବାମାତ୍ରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିରୋଧୀ ଦଳ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ । ସଂସଦୀୟ ଲଗ୍‌ଇନ୍ ପାସ୍‌ୱାର୍ଡ ସେୟାର କରିବା ନେଇ କୌଣସି ନିୟମ ନିର୍ଦ୍ଧାରଣ ହୋଇନଥିଲେ ମଧ୍ୟ ସଦାଚାର କମିଟି ୫୦୦ ପୃଷ୍ଠାର ରିପୋର୍ଟରେ ବିଭ୍ରାନ୍ତିକର ତଥ୍ୟ ରଖି ମତେ ଶାସ୍ତି ଦେବାକୁ ଯୋଜନା କରିଥିଲା ଏବଂ ଏଥିପାଇଁ ପ୍ରୋତ୍ସାହିତ କରାଯାଇଥିଲା ବୋଲି ସେ କହିଛନ୍ତି ।

ଗତ ମାସ ଶେଷରେ ଉତ୍ତରାଖଣ୍ଡରେ ଏକ ନିର୍ମାଣାଧୀନ ସୁଡ଼ଙ୍ଗ ହଠାତ ଧସିଯିବା ଫଳରେ ସୁଡ଼ଙ୍ଗ ଭିତରେ କାମ କରୁଥିବା ୪୧ ଜଣ ଶ୍ରମିକ ଭିତରେ ରହି ଯାଇଥିଲେ । ଦୀର୍ଘ ସତରଦିନ ପରେ ସେମାନଙ୍କୁ ସକୁଶଳ ବାହାର କରି ଅଣାଯାଇ ପାରିଲା । ଏଥିରେ ବିଶ୍ୱର କୁଶଳୀ ଇଞ୍ଜିନିୟର ମାନଙ୍କୁ ନିଯୁକ୍ତ କରାଯାଇଥିଲା । ଶୁଣାଯାଉଛି ଯେ ସେଇ ସୁଡ଼ଙ୍ଗ ନିର୍ମାଣ ହେବାପୂର୍ବରୁ ସେଠାରେ ଏକ ମନ୍ଦିର ଥିଲା ଏବଂ ତାହାକୁ ଭାଙ୍ଗି ଦିଆଯାଇଥିଲା । ସ୍ଥାନୀୟ ବାସିନ୍ଦାମାନେ ଏହାର ବିରୋଧ କରି କହୁଥିଲେ ଯେ ଦେବତାଙ୍କ ଅଭିଶାପ ପଡ଼ିବ । ସୁଡଙ୍ଗ ଧସିବା ପରେ ସେହି ଧାରଣା ବଳବତ୍ତର ହୋଇଥିଲା । ଅନେକ ପ୍ରଚେଷ୍ଟା ସତ୍ତ୍ୱେ ସୁଡ଼ଙ୍ଗରୁ ଫସି ରହିଥିବା ଶ୍ରମିକ ମାନଙ୍କୁ ରକ୍ଷା କରିବା ସମ୍ଭବ ହେଉନଥିଲା । ଅଷ୍ଟ୍ରେଲିଆରୁ ଆସିଥିବା ଇଞ୍ଜିନିୟର୍ ଆର୍ନଲ୍‌ଡ୍ ଡିକ୍ସ ସ୍ଥାନୀୟ ଲୋକଙ୍କ ଠାରୁ ମନ୍ଦିର ବିଷୟରେ ଶୁଣିବାପରେ ସୁଡ଼ଙ୍ଗ ନିକଟରେ ଏକ ଅସ୍ଥାୟୀ ମନ୍ଦିର ନିର୍ମାଣ କରାଇ ପୁଣିଥରେ ଦେବତାଙ୍କୁ ପୂଜା କରିଥିଲେ । ଶୁଣାଯାଏ ସେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ସେଇ ମନ୍ଦିର ପାଖରେ ନତମସ୍ତକ ହୋଇ ପୂଜା କରିବା ପରେ ରକ୍ଷାକାର୍ଯ୍ୟରେ ଯାଉଥିଲେ । ହୁଏତ ଏହା ମାତ୍ର ଏକ ବିରଳ ସଂଯୋଗ ହୋଇପାରେ, କିନ୍ତୁ ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଯେ ମନ୍ଦିରର ସ୍ଥାପନ ପରେ ହିଁ ଶ୍ରମିକମାନଙ୍କୁ ବାହାରକୁ ଆଣିବା ସମ୍ଭବ ହୋଇଥିଲା । ସନାତନ ହିନ୍ଦୁ ଧର୍ମରେ ଅନେକ ଅବିଶ୍ୱସନୀୟ ଘଟଣା ଦେଖିବାକୁ ମିଳେ, ଏହା ମଧ୍ୟ ସେ ଭିତରୁ ଗୋଟିଏ ବୋଲି କହିହେବ ।

ଅବିଶ୍ୱସନୀୟ ଘଟଣାରୁ ଗୋଟିଏ କଥା ମନେ ପଡ଼ିଲା । ଆମର ଏକ ନୂଆ ପୋଡ଼କାଷ୍ଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେବା ଖୁବ୍ ଶୀଘ୍ର ଆରମ୍ଭ କରାଯିବାର ଯୋଜନା ହେଉଛି । ଏଥିରେ ଦେଶ ଦୁନିଆର ଅନେକ ଅବିଶ୍ୱସନୀୟ ଖବରକୁ ସ୍ଥାନ ଦିଆଯିବ । ସେହିଭଳି ଗୋଟିଏ କାହାଣୀ ଚଳିତ ସଂସ୍କରଣରେ ପ୍ରକାଶିତ ହୋଇଛି । ଯଦି ଆପଣଙ୍କୁ ତାହା ପଢ଼ିବା ପରେ ସେହିଭଳି ଅଧିକ କାହାଣୀ ଶୁଣିବାକୁ ଇଚ୍ଛା ହୁଏ ତେବେ ଆମ ୟୁଟ୍ୟୁବ୍ ଚ୍ୟାନେଲକୁ ସବସ୍କ୍ରାଇବ କରିବେ ।

ଆଗାମୀ ଜାନୁଆରୀ ତୃତୀୟ ସପ୍ତାହରେ ଉତ୍ତରପ୍ରଦେଶ ସ୍ଥିତ ଅଯୋଧ୍ୟାଠାରେ ନିର୍ମାଣାଧୀନ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ଉଦଘାଟନ ହେବ ଏବଂ ୨୩ ତାରିଖ ପରଠାରେ ଏହି ମନ୍ଦିର ସର୍ବସାଧାରଣଙ୍କ ଦର୍ଶନ ପାଇଁ ଖୋଲିଦିଆଯିବ ବୋଲି ଶ୍ରୀରାମ ମନ୍ଦିର ନିର୍ମାଣ ଟ୍ରଷ୍ଟ ଘୋଷଣା କରିଛନ୍ତି । ଅଯୋଧ୍ୟା ରାମ ମନ୍ଦିରର ପୂଜାରୀ ପଦ ପାଇଁ ଗାଜିଆବାଦସ୍ଥିତ ଶ୍ରୀ ଦୁଧେଶ୍ୱରନାଥ ମଠର ପୂର୍ବତନ ଛାତ୍ର ମୋହିତ ପାଣ୍ଡେଙ୍କୁ ବଛାଯାଇଛି। ୩୦୦୦ ପ୍ରାର୍ଥୀଙ୍କର ସାକ୍ଷାତ୍‌କାର ନିଆଯାଇ ସେମାନଙ୍କ ମଧ୍ୟରୁ ପ୍ରଥମେ ୫୦ ଜଣଙ୍କୁ ବଛାଯାଇଥିଲା । ସେହି ୫୦ ଜଣଙ୍କ ମଧ୍ୟରୁ ପାଣ୍ଡେଙ୍କୁ ଚୟନ କରାଯାଇଛି । ନିଯୁକ୍ତି ପୂର୍ବରୁ ତାଙ୍କୁ ଛଅମାସ ପ୍ରଶିକ୍ଷଣ ଦିଆଯିବ । ଏହାପରେ ତାଙ୍କୁ ରାମ ମନ୍ଦିରର ପୂଜାରୀ ଭାବେ ନିଯୁକ୍ତି ମିଳିବ। ସୂଚନାଯୋଗ୍ୟ, ଦୁଧେଶ୍ୱରନାଥ ମନ୍ଦିର ଉତ୍ତରପ୍ରଦେଶର ଗାଜିଆବାଦରେ ଅବସ୍ଥିତ, ଯାହା ରାଜ୍ୟର ପ୍ରମୁଖ ମନ୍ଦିର । ଏହି ମନ୍ଦିର ପରିସରରେ ଦୁଧେଶ୍ୱର ବେଦ ବିଦ୍ୟାପୀଠ ଅଛି । ସାରା ଦେଶରୁ ବିଦ୍ୟାର୍ଥୀମାନେ ଆସି ଏଠାରେ ଅଧ୍ୟୟନ କରିଥାନ୍ତି ।

ବିଜେପିର ବରିଷ୍ଠ ଆଦିବାସୀ ନେତା ବିଷ୍ଣୁଦେବ ସାଏ ଛତିଶଗଡ଼ର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ । ଦଳର ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ଆଜି ନବନିର୍ବାଚିତ ବିଧାୟକମାନେ ବିଷ୍ଣୁଦେବଙ୍କୁ ନେତା ନିର୍ବାଚିତ କରିଛନ୍ତି । ନେତା ନିର୍ବାଚିତ ହେବାପରେ ବିଷ୍ଣୁଦେବ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ରାୟପୁର ସ୍ଥିତ ରାଜଭବନରେ ଭେଟିଛନ୍ତି । ରାଜ୍ୟପାଳଙ୍କ ପକ୍ଷରୁ ଶପଥ ଗ୍ରହଣ ପାଇଁ ବିଷ୍ଣୁଦେବଙ୍କୁ ଆମନ୍ତ୍ରଣ କରାଯାଇଛି । ବିଧାୟକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦଳ ବୈଠକରେ ରାଜ୍ୟର ପୂର୍ବ ମୁଖ୍ୟମନ୍ତ୍ରୀ ରମଣ ସିଂହ ବିଷ୍ଣୁଦେବଙ୍କ ନାମ ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବକୁ ରାଜ୍ୟ ବିଜେପିର ବରିଷ୍ଠ ନେତା ବ୍ରଜମୋହନ ଅଗ୍ରୱାଲ ସମର୍ଥନ କରିଥିଲେ । ଉପମୁଖ୍ୟମନ୍ତ୍ରୀ ଭାବେ ବିଜୟ ଶର୍ମା ଏବଂ ଅରୁଣ ସାଓ ଶପଥ ଗ୍ରହଣ କରିବେ । ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂହଙ୍କୁ ବିଧାନସଭାର ବାଚସ୍ପତି କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

ଭାରତର ସୁପ୍ରିମକୋର୍ଟ ଧାରା ୩୭୦ ପ୍ରତ୍ୟାହାର ନିଷ୍ପତ୍ତିକୁ ଯଥାର୍ଥ ଓ ସାମ୍ବିଧାନିକ ବୋଲି ବର୍ଣ୍ଣନା କରିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ଏହି ରାୟରେ କହିଛନ୍ତି ଯେ ଧାରା ୩୭୦ ଏକ ଅସ୍ଥାୟୀ ବ୍ୟବସ୍ଥା ଥିଲା, କେନ୍ଦ୍ର ସରକାର ଯାହା ନିଷ୍ପତ୍ତି ନେଇଥିଲେ ତାହା ସମ୍ବିଧାନ ପରିସର ମଧ୍ୟରେ ନିଆଯାଇଥିବା ନିଷ୍ପତ୍ତି ଥିଲା । ଏହା ସହ ୨୦୨୪ ସେପ୍ଟେମ୍ବର ସୁଦ୍ଧା ଜମ୍ମୁ -କଶ୍ମୀରରେ ନିର୍ବାଚନ କରିବାକୁ କୋର୍ଟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମ୍ କୋର୍ଟଙ୍କ ରାୟ ପରେ ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ଏପର୍ଯ୍ୟନ୍ତ କୌଣସି ବୟାନ ଜାରି କରିନାହିଁ । ତେବେ ପାକ୍ ମନ୍ତ୍ରଣାଳୟ ଏ ନେଇ ଶୀଘ୍ର ବିବୃତି ଜାରି କରିପାରେ, କିନ୍ତୁ ବର୍ତ୍ତମାନ କୌଣସି ପ୍ରତିକ୍ରିୟା ସାମ୍ନାକୁ ଆସିନାହିଁ । ପାକିସ୍ତାନୀ ଗଣମାଧ୍ୟମ ଅନୁଯାୟୀ, ବୈଦେଶିକ ମନ୍ତ୍ରଣାଳୟ ସୋମବାର ସନ୍ଧ୍ୟାରେ ଏହି ପ୍ରସଙ୍ଗରେ ଜବାବ ଦେଇପାରେ ।

ବର୍ଷର ଶେଷ ସଂସ୍କରଣ ଆପଣଙ୍କୁ ଭଲ ଲାଗିବ ବୋଲି ଆଶା । ପ୍ରତ୍ୟେକ ସଂସ୍କରଣ ଭଳି ଚଳିତ ସଂସ୍କରଣକୁ ମଧ୍ୟ ଆପଣଙ୍କ ଶ୍ରଦ୍ଧା ଓ ସମ୍ମାନ ମିଳିବ । ଇଂରାଜୀ ନବବର୍ଷ ୨୦୨୪ ଉପଲକ୍ଷେ ସମସ୍ତ ପାଠକ, ସାହିତ୍ୟିକ ଓ ଶୁଭେଚ୍ଛୁଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ପୋଡ଼କାଷ୍ଟ ପ୍ରସାରଣରୁ ଗୋଟିଏ କାହାଣୀ...

## ରହସ୍ୟମୟ ଟ୍ରେନ୍‌ର କାହାଣୀ

ବର୍ଷ ଥିଲା ୧୯୧୧, ଜୁନ୍ ମାସର ୧୪ ତାରିଖ ଦିନ, ଇଟାଲୀର ରୋମ ସହରରେ ଗୋଟିଏ ଟ୍ରେନ୍ ଚଳାଚଳ କରୁଥିବା କମ୍ପାନୀ ନିଜର ଏକ ନୁଆ ଟ୍ରେନ୍ ଜେନିଟିର ପ୍ରଥମ ଯାତ୍ରା ଉପଲକ୍ଷେ ଶହେ ଜଣ ବ୍ୟକ୍ତିଙ୍କ ଚୟନ କରିଥିଲେ । ଯେହେତୁ ଏହା ଟ୍ରେନର ପ୍ରଥମ ଯାତ୍ରା ଥିଲା, ତେଣୁ ସମସ୍ତ ଯାତ୍ରୀଙ୍କ ଖାଦ୍ୟପେୟ ତଥା ସୁଖ ସୁବିଧାର ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ଏଥିପାଇଁ ଟ୍ରେନ୍‌ରେ ଛଅଜଣ ପରିଚାରକ ମଧ୍ୟ ନିଯୁକ୍ତି ପାଇଥିଲେ । ଯାତ୍ରା ସମୟରେ ଯାତ୍ରୀମାନଙ୍କ ଦେଖାଶୁଣା କରିବା ପାଇଁ ସେମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା ।

ସମୁଦାୟ ୧୦୬ ଜଣ ଯାତ୍ରୀଙ୍କ ସହ ଟ୍ରେନ ଯାତ୍ରାପାଇଁ ତତ୍ପର ଥିଲା । ସବୁ ଯାତ୍ରୀଙ୍କ ନିରାପଦ ଫେରିବା ପାଇଁ ମଧ୍ୟ ସମ୍ପୂର୍ଣ୍ଣ ବ୍ୟବସ୍ଥା ହୋଇଥିଲା । ନିର୍ଦ୍ଧାରିତ ସମୟରେ ଟ୍ରେନ ନିଜ ଯାତ୍ରା ଆରମ୍ଭ କରିଥିଲା । ନିଜର ଯାତ୍ରା ପଥରେ ଟ୍ରେନ୍ ଇଟାଲୀର ସୁନ୍ଦର ରାସ୍ତାରେ ଯାଉଥିବା ବେଳେ ଦେଶର ପ୍ରାକୃତିକ ଦୃଶ୍ୟର ଆନନ୍ଦ ନେଇ ଯାତ୍ରୀମାନେ ବିଭୋର ହୋଇ ଯାଉଥିଲେ । ଠିକ୍ ଏଇ ସମୟରେ ଟ୍ରେନ ସହ କିଛି ଏମିତି ଘଟଣା ଘଟିଥିଲା ଯାହା ଆଗାମୀ ଶହେ ବର୍ଷ ପରେ ମଧ୍ୟ ଇଟାଲୀର ଲୋକମାନଙ୍କୁ ଆଶ୍ଚର୍ଯ୍ୟଚକିତ କରି ରଖିଛି ।

ଟ୍ରେନ୍ ନିଜ ନିର୍ଦ୍ଧାରିତ ରାସ୍ତାରେ ଆଗକୁ ବଢୁଥିଲା । ସେହି ରାସ୍ତାରେ ଆସେ ଗୋଟିଏ ଟନେଲ୍ ଯାହାର ନାଁ ଥିଲା ଲୋମ୍ବାର୍ଡ଼ି ଟନେଲ୍ । ଏହି ଟନେଲ୍ ପାଖାପାଖି ଏକ କିଲୋମିଟର ଲମ୍ବା ଥିଲା । ଅବଶ୍ୟ ଏହି ଟନେଲ ବହୁ ଦିନରୁ ବ୍ୟବହାର ହୋଇ ଆସୁଥିଲା, ତେଣୁ ଏହି ଟନେଲ୍ ଦେଇ ଯାତ୍ରା କରିବା ଟ୍ରେନ୍ ପାଇଁ କୌଣସି ଦୁରୂହ ବ୍ୟାପାର ନଥିଲା । ଟ୍ରେନ୍ ପାଇଁ ଏହି ରାସ୍ତା ସାଧାରଣ ରାସ୍ତା ହିଁ ଥିଲା । କିନ୍ତୁ ସେହି ଦୁର୍ଭାଗ୍ୟପୂର୍ଣ୍ଣ ଦିନ ଟ୍ରେନ୍ ଏହି ଟନେଲ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭିତରେ ପ୍ରବେଶ କରିଥିଲା ସତ, ହେଲେ ଆଉ ପାଖରେ ଆଉ ବାହାରି ନଥିଲା । ସେହି ଟନେଲ୍ ଭିତରେ କୋଉଠି ହଜିଯାଏ ଟ୍ରେନ୍ ।

ଏହି ଘଟଣାରେ ଇଟାଲୀର ଲୋକମାନେ ଆଶ୍ଚର୍ଯ୍ୟ ହୋଇ ଯାଆନ୍ତି । ଆଶ୍ଚର୍ଯ୍ୟ କଥା ଟନେଲ୍ ଭିତର ଦେଇ ଯାତ୍ରା କରୁଥିବା ଏହି ଟ୍ରେନ୍ ଏମିତି କେମିତି ହଠାତ୍ ଅଦୃଶ୍ୟ ହୋଇପାରେ ? ଚବିଶି ଘଣ୍ଟା ବିତିଯିବା ପରେ ବି ଟ୍ରେନର କିଛି ଖୋଜଖବର ନଥିଲା । ଯାତ୍ରୀମାନଙ୍କ ପରିଜନ ମାନଙ୍କ ଅଭିଯୋଗ ପରେ ତଦନ୍ତ କରିବା ଦାୟିତ୍ୱ ସରକାର ବହନ କରନ୍ତି । ପରୀକ୍ଷା ନିରୀକ୍ଷା ହୁଏ, ତଦନ୍ତ ହୁଏ କିନ୍ତୁ କୌଣସି ସନ୍ତୋଷଜନକ ଉତ୍ତର ମିଳେ ନାହିଁ । ଟ୍ରେନ୍ କମ୍ପାନୀ ଅଧିକାରୀଙ୍କୁ ପ୍ରଶ୍ନ କରିବା ପରେ ସେମାନେ କେବଳ ଏତିକି ଉତ୍ତର ଦିଅନ୍ତି ଯେ ଟ୍ରେନକୁ ଶେଷ ଥର ଲାମ୍ବୋର୍ଡ଼ି ଟନେଲ୍ ଭିତରେ ପ୍ରବେଶ କରିବା ଦେଖାଯାଇଥିଲା । ଏହା ପରବର୍ତ୍ତୀ ଅନ୍ୟ କୌଣସି ସ୍ଥାନରେ ଟ୍ରେନକୁ ଦେଖାଯାଇନାହିଁ ।

ଏହି ଘଟଣା ବିଷୟରେ ଖବର ଇଟାଲୀର ପ୍ରମୁଖ ରାଷ୍ଟ୍ରୀୟ ଖବରକାଗଜ ମାନଙ୍କରେ ପ୍ରକାଶିତ ହେବାକୁ ଲାଗିଲା । ଖବର ଅବିଶ୍ୱସନୀୟ ଥିଲା । ଲୋକ ବିଶ୍ୱାସ କରିପାରୁ ନଥିଲେ ଯେ କେବଳ ଏକ କିଲୋମିଟର ଲମ୍ବା ଟନେଲରେ ଶହେ ଛଅ ଜଣ ଯାତ୍ରୀ ସମେତ ଗୋଟିଏ ଟ୍ରେନ୍ କିଭଳି ଅଦୃଶ୍ୟ ହୋଇ ପାରିବ ?

ଟ୍ରେନ୍ କମ୍ପାନୀର ଉପଦେଷ୍ଟା ମାନେ ମତ ଦେଇଥିଲେ ଯେ ସମ୍ଭବତଃ ସେହି ଟନେଲ୍ ଭିତରେ ବଡ଼ ଗାତ ଥାଇପାରେ ଏବଂ ଟ୍ରେନ୍ ସେଇ ଗାତରେ ଖସି ଗଳି ଥାଇପାରେ । ଏହି ବିଷୟକୁ ପ୍ରମାଣ କରିବା ପାଇଁ ଏକ ବିଶେଷଜ୍ଞ ଦଳକୁ ଟନେଲ୍ ମଧ୍ୟକୁ ପଠାଗଲା । ବିଶେଷଜ୍ଞ ମାନେ ମଧ୍ୟ ଏହି ଘଟଣା ପରେ ଅତ୍ୟନ୍ତ ଭୟଭୀତ ହୋଇ ଯାଇଥିଲେ ତେଣୁ ମନ ଉଣା କରି ସେମାନେ ଡରି ଡରି ଟନେଲ୍ ଭିତରେ ପ୍ରବେଶ କରିଲେ । ସେ ଯା ହେଉ, ସେମାନଙ୍କ ବିସ୍ତୃତ ତଦନ୍ତ ସତ୍ତ୍ୱେ ଟନେଲ୍ ମଧ୍ୟରେ କୌଣସି ପ୍ରକାର ବ୍ୟତିକ୍ରମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଦେଖାଯାଇନଥିଲା । ନା ସେଠାରେ ବଡ଼ ଗାତ ଥିଲା ନା ଟ୍ରେନର ଚିହ୍ନବର୍ଣ୍ଣ ।

ଧିରେ ଧିରେ ସମୟ ବିତିବା ସହ ଟ୍ରେନ୍ ଏବଂ ସେଥିରେ ଥିବା ଶହେ ଛଅ ଜଣ ଯାତ୍ରୀଙ୍କ ମିଳିବା ନେଇ ଉଠୁଥିବା ଆଶା ମଧ୍ୟ ମଉଳିବାକୁ ଲାଗିଥିଲା । ଏଥିରେ ଉଭୟ ସରକାର ଆଉ ଟ୍ରେନ୍ କମ୍ପାନୀ ବଦନାମ ହେବାକୁ ଲାଗିଲେ । କିନ୍ତୁ କଣ କରାଯାଇ ପାରେ ? ସବୁ ଉପାୟ କରିବା ସତ୍ତ୍ୱେ ଟ୍ରେନ୍ ଓ ଏହାର ଯାତ୍ରୀଙ୍କ ଖବର ମିଳୁନଥିଲା ।

ଏହି ଘଟଣା ଘଟିବାର କିଛିଦିନ ପରେ ମେକ୍ସିକୋରେ ରହୁଥିବା ଦୁଇଜଣ ଯୁବକ ଦାବୀ କରିଥିଲେ ଯେ ସେମାନେ ମଧ୍ୟ ସେହି ଦୁର୍ଭାଗ୍ୟପୂର୍ଣ୍ଣ ଟ୍ରେନରେ ଯାତ୍ରା କରୁଥିଲେ । ସେହି ଅଦୃଶ୍ୟ ଟ୍ରେନର ଶହେ ଜଣ ଯାତ୍ରୀଙ୍କ ମଧ୍ୟରେ ସେମାନେ ବି ଥିଲେ । ସେମାନଙ୍କ କଥାକୁ ବିଶ୍ୱାସ କରିବା ସମ୍ଭବ ନଥିଲା । ଯଦି ସେମାନେ ଟ୍ରେନରେ ଥିଲେ ତାହେଲେ ଅନ୍ୟମାନେ କୁଆଡ଼େ ଗଲେ ? ସେମାନେ କେମିତି ଅଦୃଶ୍ୟ ହେଲେ ନାହିଁ ? ଏମିତି ଅନେକ ପ୍ରଶ୍ନ ଲୋକଙ୍କ ମନରେ ଉଙ୍କି ମାରୁଥିଲା । ପ୍ରଶ୍ନୋତ୍ତର କାଳରେ ସେମାନେ କହିଥିଲେ ଯେ ଟନେଲରେ ପ୍ରବେଶ କରିବା ପୂର୍ବରୁ ହିଁ ସେ ଦୁଇଜଣ ଟ୍ରେନରୁ ଡେଇଁ ବାହାରି ଆସିଥିଲେ । କିନ୍ତୁ କାହିଁକି ? ଯଦି ସବୁ କିଛି ଠିକ୍ ଥିଲା ତାହେଲେ ସେମାନେ ଡେଇଁପଡ଼ିଲେ କାହିଁକି ? ଏହି ପ୍ରଶ୍ନର ଉତ୍ତରରେ ସେମାନେ ଯାହା କହିଲେ ତାହା ଶୁଣିବା ପରେ ଅନେକେ ଆଶ୍ଚର୍ଯ୍ୟ ହୋଇଗଲେ ।

ସେମାନେ କହିଲେ ଯେ ଟ୍ରେନ୍ ଟନେଲରେ ପ୍ରବେଶ କରିବା ପୂର୍ବରୁ ହିଁ ଟ୍ରେନ୍ ଭିତରେ ଘନ କଳା ଧୁଆଁ ଭର୍ତ୍ତି ହୋଇ ଯାଇଥିଲା । ଏବଂ ସେହି ଅନ୍ଧକାରମୟ ପରିବେଶରେ ଅତ୍ୟନ୍ତ ଭୟଙ୍କର ଶବ୍ଦ ସବୁ ଶୁଣାଗଲା, ଯାହାକୁ ଶୁଣିବା ପରେ ଉପସ୍ଥିତ ଯାତ୍ରୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଗଲା ।

ଏଭଳି ପରିସ୍ଥିତିକୁ ଅନୁଧ୍ୟାନ କରି ଟ୍ରେନ୍ ଚାଳକ ଟ୍ରେନକୁ ଟନେଲ୍ ଭିତରେ ପ୍ରବେଶ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବା ପୂର୍ବରୁ ହିଁ ବ୍ରେକ୍ ଲଗାଇ ଅଟକାଇବାକୁ ଚେଷ୍ଟା କରିଥିଲେ । ଏହି ସମୟରେ ଟ୍ରେନର ଗତି ଧିମା ହୋଇଗଲା ଆଉ ଏଇ ମଉକାରେ ସେ ଦୁଇଜଣ ଟ୍ରେନରୁ ଡେଇଁ ବାହାରକୁ ଆସିଗଲେ । ଆଉ ଏହି ଡିଆଁଯୋଗୁଁ ସେମାନଙ୍କୁ ଆଘାତ ବି ଲାଗିଥିଲା ଆଉ ସେମାନେ ଚେତା ହରେଇ ପଡ଼ିଥିଲେ । ସେମାନେ ଜାଣି ପାରିନଥିଲେ ଟ୍ରେନ୍ ସହ କଣ ହୋଇଥିଲା ।

ସେ ଦୁଇଜଣଙ୍କୁ ବାରମ୍ବାର ଜେରା କରିବା ସତ୍ତ୍ୱେ ଟ୍ରେନର ସ୍ଥିତି ବିଷୟରେ କିଛି ବି ସୂଚନା ମିଳିନଥିଲା । ସେମାନେ ବାରମ୍ବାର ନିଜର ବୟାନ ବଦଳାଉଥିଲେ ଏବଂ ତତ୍କାଳୀନ ଉଚ୍ଚପଦସ୍ଥ ଅଧିକାରୀମାନେ ସେମାନଙ୍କୁ ମାନସିକ ଭାବେ ଅସ୍ଥିର ବୋଲି ଘୋଷଣା କରିଦେଲେ । ତେଣୁ ସେମାନଙ୍କ କୌଣସି କଥା ଉପରେ ବିଶ୍ୱାସ କରିବା ସମ୍ଭବ ନାହିଁ ବୋଲି ଘୋଷଣା ହୋଇଗଲା ।

ଏହି ଘଟଣାର କିଛି ସମୟ ପରେ ଏମିତି କିଛି ସୂଚନା ମିଳିଲା, ଯାହା ସମସ୍ତଙ୍କୁ ପୁଣିଥରେ ଚିନ୍ତା କରିବାକୁ ବାଧ୍ୟ କରିଦେଲା । ହେଲେ ଲୋକମାନେ କୌଣସି କଥାକୁ ସ୍ୱୀକାର କରିବାକୁ ରାଜିନଥିଲେ । ପ୍ରଥମେ ସୂଚନା ଦେଇଥିବା ଦୁଇଜଣ ଯୁବକଙ୍କୁ ଛାଡ଼ିଦେଲେ ବର୍ତ୍ତମାନ ୧୦୪ ଜଣ ଯାତ୍ରୀ ତଥାପି ନିରୁଦ୍ଦିଷ୍ଟ ଥିଲେ । ଅନେକ ପ୍ରକାରର କାହାଣୀମାନ ଶୁଣାଗଲା ହେଲେ କୌଣସି କଥା ସନ୍ତୋଷଜନକ ଉତ୍ତର ଖୋଜି ଆଣି ଦେଇ ପାରିନଥିଲା, ଏବଂ ଧିରେ ଧିରେ ଲୋକମାନେ ଏହି ଘଟଣାକୁ ଭୁଲିବାକୁ ଲାଗିଗଲେ । ଘଟଣାର ତଦନ୍ତ କରୁଥିବା ସଂସ୍ଥାମାନେ ମଧ୍ୟ ନିଜ ବିଫଳତା ସ୍ୱୀକାର କରି ତଦନ୍ତକୁ ବନ୍ଦ କରିଦେଲେ ଆଉ ଏହି ଟ୍ରେନ୍ ଦୁର୍ଘଟଣା ଏକ ରହସ୍ୟ ହୋଇ ରହିଗଲା ।

କିନ୍ତୁ କିଛି ବର୍ଷପରେ ଏହି ଟ୍ରେନ୍ ବିଷୟରେ ଏମିତି କିଛି କଥା ବାହାରକୁ ଆସିଲା, ଯାହା ଲୋକଙ୍କୁ ପୁଣିଥରେ ଆଶ୍ଚର୍ଯ୍ୟ କରିଦେଲା । ଘଟଣା ଅବିଶ୍ୱସନୀୟ ହେଲେ ବି ଅନେକ ସ୍ଥାନରେ ପୁଣିଥରେ ଏହି ଟ୍ରେନକୁ ଦେଖାଯିବାର ସୂଚନା ମିଳିଲା । ଆଉ ଏହା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେବଳ ଇଟାଲୀରେ ହିଁ ନଥିଲା ବରଂ ଋଷିଆ, ସ୍ପେନ୍, ମେକ୍ସିକୋ, ୟୁକ୍ରେନ୍ ଆଦି ସ୍ଥାନରେ ଏହି ଟ୍ରେନ୍ ଦେଖାଯିବାର ଖବର ମିଳିଲା । ଯେଉଁମାନେ ଏହି ଟ୍ରେନକୁ ଦେଖୁଥିଲେ ସେମାନେ ଅଦୃଶ୍ୟ ଟ୍ରେନର ସମ୍ପୂର୍ଣ୍ଣ ସଠିକ୍ ବିବରଣୀ ଦେଉଥିଲେ । ସେମାନେ ଦେଖିଥିବା ଟ୍ରେନ୍ ପୂର୍ଣ୍ଣତଃ ଅଦୃଶ୍ୟ ଟ୍ରେନ୍ ଭଳି ହିଁ ଥିଲା । ଗୋଟିଏ ଇଞ୍ଜିନ୍ ଓ ତିନୋଟି ଡବାବାଲା ଏହି ଟ୍ରେନ୍ ଦେଖାଯାଉଥିଲା ଏବଂ ପରବର୍ତ୍ତୀ ଷ୍ଟେସନରେ ପହଞ୍ଚିବା ପୂର୍ବରୁ ଅଦୃଶ୍ୟ ହୋଇ ଯାଉଥିଲା ।

ଏହିଭଳି ଅବିଶ୍ୱସନୀୟ କଥା ସବୁ ଶୁଣିବା ପରେ ବିଶେଷଜ୍ଞମାନେ ଏହି ନିଷ୍କର୍ଷରେ ପହଞ୍ଚିଲେ ଯେ ବୋଧହୁଏ ସେ ଟ୍ରେନ୍ ସୁଡ଼ଙ୍ଗ ଭିତରେ କୌଣସି ପ୍ରକାର ସମୟ ଯାତ୍ରା ବା ଟାଇମ୍ ଟ୍ରାଭେଲ୍ ଲୁପରେ ଫସି ଯାଇଥିଲା ଆଉ ସେଇଥିପାଇଁ ସେ ସୁଡ଼ଙ୍ଗରୁ ବାହାରକୁ ଆଦୌ ଆସିନଥିଲା । ସେଇଥିପାଇଁ ଏହି ଟ୍ରେନ୍ ଲୋକଙ୍କୁ ଅନେକ ସମୟରେ ଅନେକ ସ୍ଥାନରେ ଦେଖାଯାଉଥିବା ସତ୍ତ୍ୱେ କୌଣସି ଦୃଢ଼ ପ୍ରମାଣ ଦେଖିବାକୁ ମିଳିନଥିଲା । ଯାହା ବି ହେଉ ଏହି ଅଦୃଶ୍ୟ ଟ୍ରେନର ରହସ୍ୟ ଆଜିପର୍ଯ୍ୟନ୍ତ କେହି ଉଦ୍ଘାଟନ କରି ପାରିନାହାନ୍ତି । ଆଜି ବି ଏହି ଅଦୃଶ୍ୟ ଟ୍ରେନର ରହସ୍ୟ ଇଟାଲୀବାସୀଙ୍କୁ ଆଶ୍ଚର୍ଯ୍ୟ କରିଦିଏ ।

ଆପଣଙ୍କୁ କଣ ଲାଗୁଛି, କଣ ହୋଇଥାଇ ପାରେ ? ଏହା କଣ ସତରେ ଟାଇମ୍ ଟ୍ରାଭେଲ୍ ନା କୌଣସି ପ୍ରକାରର ଗୁପ୍ତ ରହସ୍ୟ ? ମତାମତ କମେଣ୍ଟରେ ଦିଅନ୍ତୁ । ଯଦି ଏହି କାହାଣୀ ଭଲ ଲାଗିଲା ତାହେଲେ ଏହିଭଳି ଅନେକ କାହାଣୀ ଶୁଣିବାପାଇଁ ଆମ ପୋଡ଼କାଷ୍ଟକୁ ସବସ୍କ୍ରାଇବ୍ କରନ୍ତୁ ।

**Search for “Aahwaan Odia Podcast” in Google / Amazon Music / Spotify / or any Podcasting Platforms and listen to the stories that puzzle your brain or Visit our YouTube channel at:**

**https://www.youtube.com/@drjyotiprasad**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅନେକ କଳାଛାଇ - ୯



ଅଶୋକ ବିଶ୍ୱାଳ

ଚାଥାମ ଦ୍ୱୀପର ଫୁସଫୁସ କରୁଥିବା ଶେଡମାନ-୬

ଏମିତି ଭାବିବାରୁ ଅବିନାଶ ମନ ଟିକେ ଖରାପ ହୋଇଗଲା । କଷ୍ଟକର, ଦୁଃଖଦାୟକ କଥା ମନେପଡିଲେ ବା ଶୁଣିଲେ ହୃଦୟ କେମିତି ଭାରାକ୍ରାନ୍ତ ହୋଇଯାଏ । ସେ ଆକାଶକୁ ଅନାଇଲା । ଆକାଶରେ ସେମିତି ପୂର୍ବ ରଙ୍ଗ । ଚାଥାମ ବ୍ରିଜରେ ଲୋକମାନେ ଯିବା ଆସିବା କରୁଛନ୍ତି । ବସ, କାର ଆଦି ଚାଲୁଛି । ଲୋକଙ୍କ ଯିବା ଆସିବା ମିନିଟିଏ ଅଟକୁନି । ତା'କୁ ଇଚ୍ଛା ହେଉଥିଲା ଲୋକଙ୍କୁ କୁହନ୍ତା ଟିକେ ଅଟକିଯାଇ ପ୍ରକୃତିର ମହାନ ଶୋଭାକୁ ତ ଥରେ ଦେଖିନିଅ, ହୃଦୟରେ ଥରେ ଅନୁଭବ କର । ଜାହାଜମାନ ସାମାନ୍ୟ ଉଜ୍ଜ୍ୱଳ ଦିଶିଲାଣି । କେଉଁଠି କେଉଁଠି ବୋଧେ ଆଲୋକ ଲଗାଇଦେଇଥିବେ । ବୁଢା ବ୍ରିଜକୁ ଅନାଇ ସେପଟ ଖୋଲା ସମୁଦ୍ରକୁ ଆଖି ଫେରାଇଲେ ଆଉ ଅବିନାଶ ତାଙ୍କ ଦେଖାଦେଖି ମୁହଁ ବୁଲାଇଲା । ତା'ପରେ ଦୁଇଜଣ ଧିରେଧିରେ ଫେରି ଆସିଲେ । ରାସ୍ତାରେ ଏକ ବଣି ଚଢେଇ ସେମାନଙ୍କୁ ଏକ ଧ୍ୟାନରେ ଅନାଇଥିଲା । ତା'ର ମୁଣ୍ଡ ଏକ କଳଚଢେଇ ଭଳି ଯେମିତି ସ୍ଥିର ଥିଲା । ପାଖରେ ଏକ ଲାଲ ମନ୍ଦାର ଗଛ । ଅନେକ ଫୁଲ ଫୁଟିଛି ।

ବୁଢା ତାଙ୍କର କାଠଗର ରଖା ଜାଗାକୁ ଫେରିଲେ ଆଉ କାଠଗର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଣିବା କାମରେ ଲାଗିଗଲେ । ଗରରେ ଲେଖାଥିବା ଅକ୍ଷରସବୁ ପଢି ତା'ର କିଛି ଅର୍ଥ ବାହାର କରୁଥିବେ । କିଛି ସମୟ ପରେ ତା' ଛାତିରୁ ଏକ ଦୀର୍ଘଶ୍ୱାସ ମନକୁ ମନ ବାହାରିଲା । ଅବିନାଶ କିଛି ସମୟ ତାଙ୍କ ସହ ସେଇଠି ପହଞ୍ଚି କାଠଗରକୁ ଦେଖିଚାଲିଲା । ଗୋଟାଏ କଡକୁ କିଛି ପୁରୁଣା କାଠଗର ଥିଲା । ପୁରୁଣା ଗରର କଡରେ ଆଗଭଳି କିଛି ଫଙ୍ଗସ ଥିଲା । ସୁନେଲୀ ରଙ୍ଗର ଫଙ୍ଗସ । ସଢା କାଠରେ ସତରେ କେତେ ସୁନ୍ଦର ଫୁଲ ଫୁଟେ । ପ୍ରକୃତରେ ଫଙ୍ଗସ କ'ଣ ଦେଖାଯାଏ, ଏକ ଫୁଲ ନହେଲେ ଏକ ମୋଟା ପତ୍ର । ବିଷାକ୍ତ । କିନ୍ତୁ ବର୍ଣ୍ଣ ଛଟା ଅପୂର୍ବ । ଆଙ୍ଗୁଠିଏ, ସୂତାଏ ଛାଡି ଛାଡି ପଙ୍ଗସମାନ ଫୁଲ ଆକାରରେ ଛତାମାନ ତିଆରି କରିଛନ୍ତି । କାଠରେ କିଛି ଜାଗାରେ ପୋକ ମଧ୍ୟ ଲାଗିଯାଇଛି । ବୁଢାଙ୍କର ମୁହଁ ଟିକେ ଉଜ୍ଜ୍ୱଳ ହୋଇ ଶୁଖିଗଲା । କେତେ କାଠ କଣା ହୋଇଯାଇଥିବ, ବିଳମ୍ବ ହୋଇଛି, ତେଣୁ ଫଙ୍ଗସ ଆସିଯାଇଛି । କାଠର ମୂଲ୍ୟ କମିଯାଇଛି । ଅବିନାଶ କାଠର ମୂଲ୍ୟକୁ ଭ୍ରୂକ୍ଷେପ କରୁନଥିଲା । ତା'କୁ ଫଙ୍ଗସର ଡିଜାଇନ ଭଲ ଲାଗୁଥିଲା ।

କିନ୍ତୁ ବୁଢାଙ୍କ ଟିକେ ଶୁଖିଲା ମୁହଁ ଦେଖି କାଠ କାଟିବାର କଷ୍ଟ ମନେ ପଡିଗଲା । ଆଉ ସେଇ ପୁରୁଣା ଦିନକୁ ମନ ଫେରିଗଲା । ବୁଢାଙ୍କ ମୁହଁ ସିରା ସିରା ହୋଇଯାଇଥିଲା । ବହୁ କଷ୍ଟ କରିଛନ୍ତି । ଆଉ ଏମିତିକିଆ ମୁହଁ ଦେଖିଲେ ମନ କେବଳ କାମକୁ ଫେରିଆସିବ । ସେଇ ପ୍ରଥମ ଦିନମାନଙ୍କରେ ଏମିତିଆ କାଠଗରକୁ ଖରା ବର୍ଷା ସହି, ପୋକ ଯୋକ କାମୁଡାର ଯନ୍ତ୍ରଣାକୁ ଭ୍ରୂକ୍ଷେପ ନକରି, କି କଷ୍ଟରେ କଇଦୀମାନେ କରତରେ ନହେଲେ କୁରାଢୀରେ କାଟିଥିବେ । ଏହି କାଠ ଗରରେ କାଟିବା କାମଟା ଯିଏ କରିଛି ଭଲ ଭାବେ କରିଛି, ଡାଳ ସବୁକୁ ମଧ୍ୟ ଅତି ଯତ୍ନର ସହ କାଟି ବାହାର କରିଦେଇଛି । ଗରରେ କେଉଁଠି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଡ଼ ଦାଗଟିଏ ମଧ୍ୟ ନାହିଁ । ଚିରାହେଲେ କିଛି ଅଂଶରେ ଖରାପ କାଠ ବାଦେ ଅତି ଭଲ ମଞ୍ଜିକାଠ ବାହାରିବ । କାଠକୁ ଅନାଇ କଇଦୀଙ୍କ କାମକୁ ସେ ପ୍ରଶଂସା କରୁଥିଲା । ଅବିନାଶ ଇତିହାସ ପଢି ଜାଣିଥିଲା ଯେ ସମସ୍ୟାକୁ ଇଂରେଜମାନେ ମଧ୍ୟ ଅନୁଭବ କରୁଥିଲେ । କିନ୍ତୁ ସେମାନେ ନିଜର କାମ ହାସଲ ପାଇଁ ବ୍ୟସ୍ତ ଥିଲେ । କିନ୍ତୁ ଅନ୍ୟମାନଙ୍କ ଭଳି ବାହାରେ ପ୍ରଚାର କରିବୁଲୁନଥିଲେ । ଆଉ ଡଃ ଢାକର ସମସ୍ୟାକୁ ମଧ୍ୟ ହୃଦୟଙ୍ଗମ କରିଥିଲେ । ତାଙ୍କର ନାଁରେ ତ କଇଦୀମାନଙ୍କୁ ହୃତକମ୍ପ ଆସୁଥିଲା । କିନ୍ତୁ ସେ ନିଜେ କଠିନତାକୁ ଅନୁଭବ କରିଛନ୍ତି ।

ତା' ମନ ଭିତରେ ଉଠୁଥିବା ଲହଡିରେ ଟିକେ ଗତି କମ ହେଲା । ଆଉ ତା'କୁ ନିଜ ଭିତରୁ କିଏ କହିଲା– ଅବିନାଶ ଏଇଠି ତୁମେ ପ୍ରତିକ୍ରିୟା ଦେଖାଅନି । ଇତିହାସର ପୃଷ୍ଠାକୁ ଓଲଟି ଯିବାକୁ ଦିଅ ।

କିଛି କଇଦୀ ଖସି ପଳାଉଥିଲେ । ସେମାନେ ଆଣ୍ଡାମାନର ଆଦିମ ଅଧିବାସୀଙ୍କ ଆକ୍ରମଣ ଅଥବା ରୋଗ ବା ଭୋକରେ ମରୁଥିଲେ । ପରେ ଅନ୍ୟ କଇଦୀମାନେ ମଧ୍ୟ ଆସିଲେ । ଏମାନେ ସାଧାରଣତଃ ଜଘନ୍ୟ ଅପରାଧରେ ଦୋଷୀ ଥିଲେ ଆଉ ସେମାନେ ଭାରତ ବା ବର୍ମାରୁ ଆସୁଥିଲେ । କଇଦୀମାନେ ୧୮ରୁ ୪୫ ବର୍ଷ ବୟସର ଥିଲେ । ଏକ ସ୍ଥାନଚ୍ୟୁତ ଗ୍ରହ ଏକ ଉଲକା ହୋଇ ନଷ୍ଟ ହୋଇପାରେ, ଗ୍ରହ ଭଳି ଆଉ ସୂର୍ଯ୍ୟ ଚାରିପାଖେ ପ୍ରଦକ୍ଷିଣା କରିପାରିବନି । କଇଦୀମାନଙ୍କ ଦଷା ସେମିତି ଥିଲା । ସେ ଲମ୍ବା ଶ୍ୱାସ ନେଲା ଆଉଥରେ । ଏଣେ ବୁଢା ନିଜ କାମରେ ବ୍ୟସ୍ତ ଥିଲେ । ସେ ନିଜ କାମ କରନ୍ତୁ ।

ଅବିନାଶ ଟିକେ ଶେଡର ମୁହଁକୁ ଚାଲିଗଲା । ତା' ମୁହଁରେ ଝଲକାଏ ପବନ ଯେମିତି ଆସି ପିଟିହୋଇଗଲା ଆଉ ଆଗରେ କିଛି ହାଙ୍ଗାବିଲ ଉଡିବାକୁ ଲାଗିଲେ । ମୋଟେ ବିଶ୍ରାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନନେଇ ଉଡୁଥିବା ଏ ଚଢେଇଗୁଡା ଏମିତିଆ ପୁରୁଣା ଶେଡରେ କେଉଁଠି ବସା କରିଥିବେ । ଏ ଚଢେଇଗୁଡା ମୋଟେ ବିଶ୍ରାମ ନିଅନ୍ତିନି କ'ଣ ପାଇଁ ? ତା' କାନପାଖ ଦେଇ କିଏ ଯେମିତି ଉଡିଗଲା ଭଳି ଲାଗିଲା ଆଉ ତା' ଦେହ ହଠାତ୍ ଶିତେଇ ଉଠିଲା । ତା'କୁ ଲାଗିଲା ବହୁ ଶ୍ୱାସ ମିଳି ଏକ ପବନର ସ୍ରୋତ ତିଆରି କରିଦେଇଛି ଆଉ ସେ ସ୍ରୋତ ଭିତରକୁ ସେ ଆସିଯାଇଛି । ତା' ମୁଣ୍ଡବାଳ ଠିଆହୋଇଗଲା ।

ଦିନ ଦେଖିଛ ?- ତା'କୁ ଯେମିତି କିଏ ପ୍ରଶ୍ନ କଲା । ସେଇଟା ତା' ଭିତରୁ କି ବାହାରୁ ସେ ଜାଣି ପାରୁନଥିଲା । କିନ୍ତୁ କାଠ ପଟା ଖଡ୍‌ଖଡ୍ ହେଲାଭଳି ତ ଶୁଭୁଥିଲା ।

ରାତି ଦିନ ଦୁଇଟାକୁ ଏକା ସାଙ୍ଗରେ ଦେଖିଛ ?- ପୁଣି ଅବିନାଶକୁ ସେମିତି ପ୍ରଶ୍ନ ଥିଲା । ସେମିତି ହାବୁକାଏ କିନ୍ତୁ ଧିର ପବନ ଆଉ ପଟାରୁ ଧଡଧଡ ଶବ୍ଦ ।

ଅବିନାଶ ଚମକି ପଡିଲା । ସେ ନିଜ ହିସାବରେ ଭାବିବାକୁ ଲାଗିଲା । ତା' ଜାଣିବା ଭିତରୁ ତା'କୁ ଉତ୍ତର ଖୋଜିବାକୁ ପଡ଼ିବ । ଏଠାକାର ଶାସନ ଆଉ ଶାସିତ, ଶାସକ ପାଇଁ ଦିନ ହେଲେ ଆଉ ଅତ୍ୟାଚାରିତ ହେଉଥିବା ଲୋକପାଇଁ ତ ରାତି । ତେଣୁ ଏକ ଚେଆର ଚାରିପାଖେ ଏକା ସମୟରେ ଦିନରାତି ହୋଇଯାଏ । ସେଇଟା ସବୁଠି ଆଉ ଆଣ୍ଡାମାନ ତା'ର ବ୍ୟତିକ୍ରମ ନଥିଲା । ଅବିନାଶ ମନେ ପକାଇଲା । ୭ ମେ ୧୮୫୮ ମସିହାରେ ଓ୍ୟାକର ରସ ଦ୍ୱୀପରେ ଶାସକୀୟ ମୁଖ୍ୟାଳୟ ବସାଇଲେ । ସେଠାରେ ଏକ ହଜାର କଇଦୀ ରହିବା ଭଳି ବ୍ୟାରାକ ତିଆରି କରାଗଲା । ଭାଇପର ଦ୍ୱୀପକୁ ୮ ଅକ୍ଟୋବର, ୧୮୫୮ ମସିହାରେ ବ୍ରିଟିଶରମାନେ ଅଧିକାର କଲେ । ଏହାକୁ ଖୋଲା ଜେଲ ହିସାବରେ ବ୍ୟବହାର କରାଗଲା । ପରେ ବେଶି ଶୃଙ୍ଖଳା ପାଇଁ ଠିକ ଭାବେ ଜେଲ ଭାଇପର ଦ୍ୱୀପରେ ୧୮୬୭ ମସିହାରେ ତିଆରି ହେଲା । ଯେଉଁମାନେ ନିୟମ ଭାଙ୍ଗୁଥିଲେ, ସେମାନଙ୍କୁ ଚେନରେ ବନ୍ଧା ଯାଉଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଇଥିପାଇଁ ଭାଇପର ଜେଲକୁ ଭାଇପର ଚେନ ଗ୍ୟାଙ୍ଗ ଜେଲ କୁହାଯାଉଥିଲା ।

ଅବିନାଶ ଆଣ୍ଡାମାନର ଇତିହାସ ଜାଣିବାକୁ ଆଗରୁ କିଛି ପରିଶ୍ରମ କରିଥିଲା ଆଉ କିଛି ଷ୍ଟାଟିଷ୍ଟିକ୍ସ ମଧ୍ୟ ପାଇଯାଇଥିଲା । ୧୬ ଜୁନ ୧୮୫୮ ମସିହା ବେଳକୁ ସେଟଲମେଣ୍ଟରେ ୭୭୩ ଜଣ କଇଦୀ ଥିଲେ । ସେଥିରୁ ଡାକ୍ତରଖାନାରେ ୬୪ ଜଣ ମରିଗଲେ । ୧୪୦ ଜଣ ଖସି ପଳାଇଲେ ଆଉ ଧରାପଡିଲେ ନାହିଁ । ଜଣେ ଆତ୍ମହତ୍ୟା କଲା । ୮୭ ଜଣଙ୍କୁ ଧରାଯାଇ ଫାଶୀ ଦିଆଗଲା । ଏହାବାଦ ଗାଏମୋଟ ୪୮୧ ଜଣ କଇଦୀ କାମ ପାଇଁ ରହିଲେ । ୨୮ ସେପ୍ଟମ୍ବର ୧୮୫୮ ମସିହା ପର୍ଯ୍ୟନ୍ତ ୧୩୩୦ ଜଣ କଇଦୀଙ୍କୁ ଆଣ୍ଡାମାନର ପେନାଲ ସେଟଲମେଣ୍ଟକୁ ଅଣାଯାଇଥିଲଲା । କଇଦୀମାନଙ୍କ ଗ୍ୟାଙ୍ଗ ବନାଗଲା । ପ୍ରତି ଗ୍ୟାଙ୍ଗରେ ୨୫ ଜଣ କଇଦୀ ରହୁଥିଲଲେ । ତିନି ଗ୍ୟାଙ୍ଗ କଇଦୀଙ୍କୁ ରସ ଦ୍ୱୀପ ସଫା କରିବାକୁ ପଠାଗଲା ।

ଡଃ ୱାକର ୭ ଅଗଷ୍ଟ ୧୮୫୮ ମସିହାରେ ନିଜ ପତ୍ରରେ ଲେଖିଥିଲେ- "କଇଦୀମାନଙ୍କୁ ଜଗାଯାଇପାରୁନି । ନାଭାଲ ଗାର୍ଡଙ୍କୁ ତିନି ଭାଗରେ କୂଳରେ ଭାଗ ଭାଗ କରିଦିଆଗଲେ ବିଦ୍ରୋହୀମାନେ ସେମାନଙ୍କୁ ସାମୁହିକ ହତ୍ୟା କରିପାରନ୍ତି ଯେହେତୁ ବିଦ୍ରୋହୀମାନେ ବହୁ ବର୍ଷ ଧରି ଆଗ୍ନେୟାସ୍ତ୍ର ବ୍ୟବହାର ଜାଣିଛନ୍ତି ।"

ଅବିନାଶ ଭିତରେ ତା'କୁ କିଏ କହୁଥିଲା- ମନୁଷ୍ୟକୁ ବନ୍ୟ ପଶୁ ଏଇଠି କୁହନି । ଯଙ୍କ ବନ୍ୟ ପଶୁ କହିବାକୁ ତୁମର ବହୁତ ଇଛା ହେଉଥିବ କାରଣ ତୁମେ କେବଳ ଶବ୍ଦରେ ବହୁ କଥା ପ୍ରକାଶ କରିପାରିବ । କିନ୍ତୁ ସେଇ ଆତ୍ମଗର୍ବୀ କଇଦୀମାନେ ପ୍ରତିଦିନ ଭାଙ୍ଗି ପଡୁଛନ୍ତି, ପ୍ରତିଦିନ ବଳୀ ପଡୁଛନ୍ତି ଆଉ କିଛି ଉପାୟ ନାହିଁ । ତୁମେ ଆରାବିଆନ ନାଇଟସ୍ କାହାଣୀ ଯଦି ପଢିଥିବ ସେଥିରେ ସେ ଦୈତ୍ୟର କଥା ଜାଣିଥିବ ଯିଏ ପ୍ରତିଦିନ ଧରାଯାଇଥିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନାବିକମାନଙ୍କ ଭିତରୁ ଜଣକୁ ଖାଉଥିଲା । ସେଥିରରୁ ଖସି ଆସିବାର ଉପାୟ କ'ଣ ? କେମିତି ମୁକ୍ତି ମିଳିବ ? ସେମାନେ ଦେଖୁଥିବେ ଆଗରେ ସେମାନଙ୍କ ସହ ହସୁଥିବା ଏକ ସାଥୀକୁ ନେଇ ଦୈତ୍ୟ ମାଛ ଭଳି ଜଳାଇ ଖାଉଛି । ଓଃ ! ସେ କି ଯନ୍ତ୍ରଣା । ଆଉ ମନ ଭିତରେ କି କି ଶୋଚନା । ସେ ଭିତରୁ କେହି ବାହାରି ଆସୁଥିବାର ଉପାୟ ଭାବୁଥିବେ । ଏ ଦୈତ୍ୟ ଥିବା ପର୍ଯ୍ୟନ୍ତ ମୁକ୍ତି ମିଳିବନି । ଯଦି ଦୈତ୍ୟ ନରହେ ? ଆଃ.ା । ତେବେ ତ ମୁକ୍ତି ସମ୍ଭବ । ସମୁଦ୍ର, ଦୂରଦୂର ପର୍ଯ୍ୟନ୍ତ ଅଲଂଘ୍ୟ ସମୁଦ୍ର, ଉପାୟ ସେବେ ଖୋଜାଯିବ । କିନ୍ତୁ ପ୍ରଥମେଏ ଦୈତ୍ୟର କବଜାରୁ ମୁକ୍ତି । ଆଉ ଦୈତ୍ୟକୁ ସେମାନେ ସତରେ ମାରିଦେଇଥିଲେ । ଅସମ୍ଭବ ଯାହା ଲାଗୁଥିଲା ସେମାନେ ତାହା କରିପାରିଥିଲେ । କିଛି ଚେଷ୍ଟା ଏଠାରେ ନିଶ୍ଚିତ ଭାବେ ହୋଇଛି ।

ଅବିନାଶ ପଢିବାରେ ଜଣାପଡିଥିଲା ଯେ କିଛି ଲୋକେ ବେଶି ପ୍ରତିକ୍ରିୟାଶୀଳ ହୋଇଯାଇଥିଲେ । ପୁରୁଣା ପୃଷ୍ଠା ହିସାବରେ ୧ ଅପ୍ରେଲ, ୧୮୫୯ ମସିହା । ପ୍ରାୟ ଦୁଇଶହ ପଞ୍ଜାବୀ କଇଦୀ ଜେଲ ସୁପରିଟେଣ୍ଡେଣ୍ଟ ଡ୍ୱାକର ଆଉ ତାଙ୍କ ସହଯୋଗୀ ଓଭରସିଅର ଲାଲା କାଠୁରା ଦାସଙ୍କୁ ମାରିବାକୁ ଷଡଯନ୍ତ୍ର କଲେ । ଖବର ଡ୍ୱାକରଙ୍କୁ ମିଳିଗଲା । ସରାବର ସିଂ ଡ୍ୱାକରକୁ ଆକ୍ରମଣ କଲା, କାଠୁରା ଦାସ କେମିତି ସେ ଆକ୍ରମଣକୁ ପଣ୍ଡ କରିଦେଲେ । ନାଜର ମହମ୍ମଦ ଡ୍ୱାକରକୁ ମାରିବାକୁ ଗୋଡାଇଲା କିନ୍ତୁ ନାଭାଲ ଗାର୍ଡସମାନେ ତା'କୁ ଧରିନେଲେ । ଡ୍ୱାକର ବଞ୍ଚିଗଲା । ପରେ ମୁଖ୍ୟ ଷଡଯନ୍ତ୍ରକାରୀମାନଙ୍କୁ ଧରି ଫାଶୀ ଦିଆଗଲା । କଇଦୀମାନଙ୍କୁ ଆଗକୁ ଅତି ବେଶି ଦଣ୍ଡ ମିଳିଲା । ସେମାନଙ୍କୁ ହାତକଡା ମଧ୍ୟରେ ରଖାଗଲା ଆଉ ସେ ହାତକଡା କାମ କରିବା ସମୟରେ ମଧ୍ୟ ଖୋଲାଗଲାନି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଗକୁ କ'ଣ ଫାଶୀ ?- ତା' ଭିତରେ ଆତ୍ମା ବିଳପି ଉଠୁଥିଲା । ସେ ଗଛଟାକୁ ଚାହିଁଲା । ଏ ଗଛରେ କ'ଣ ମଣିଷକୁ ଝୁଲାଇ ଫାଶୀ ଦେଇ ନାହାନ୍ତି ନା କ'ଣ ? ମୋଟା ଡାଳଟିଏ ଗଛରୁ ବାହାରି ଆସିଥିବ ଆଉ ବାଛି ବାଛି ସେମିତି ଡାଳରେ ବେକରେ ଦଉଡି ଲଗାଇ ଟାଣିଦେବା କଥା । ଶରୀର ଉପରକୁ ହୋଇଯିବ । ହାତ ଗୋଡ ବନ୍ଧା ହୋଇଥିବା କିଛି କରିବାର ନାହିିିଁ । ଟିକିଏ ଶରୀର ଛାଟିପିଟି ହୋଇ ପୁଣି ନୀରବ ହୋଇଯିବ । ଏମିତି କିଛି ବିଦ୍ରୋହୀଙ୍କ ଜୀବନ ଦୀପ ନିର୍ବାପିତ ହୋଇଥିବ ।

ଅବିନାଶ ମନରେ ମନକୁ ମନ ବିଦ୍ରୋହର ଛାୟା ଦେଖାଦେଲା । ସେ ମିଲର ଏଲିଭେଟଡ ପ୍ଲାଟଫର୍ମକୁ ପାଖକୁ ଚାଲିଗଲା । ଆଗରୁ ଯଦିଓ ସେ ଭାବୁଥିଲା ଏଇଠୁ କଇଦୀମାନେ ଆକ୍ରମଣ କରନ୍ତୁ, ଏବେ ନିଶ୍ଚିତ ଭାବେ ଭାବିଲା ସେମାନେ ଅତ୍ୟାଚାରୀ ଇଂରେଜ କର୍ମଚାରୀମାନଙ୍କୁ ଆକ୍ରମଣ କରନ୍ତୁ । ଅନ୍ଧାରିଆ ଜାଗାରେ ସେମାନେ ଲୁଚିରୁହନ୍ତୁ ଆଉ ସେଇଠୁ ବାହାରି ଅତର୍କିତ ଆକ୍ରମଣ କରନ୍ତୁ । ସେହି ସମୟରେ ଚାଥାମ ତିଆରି ହୋଇଥାଆନ୍ତା କି ? ତାହେଲେ ଏମାନେ ଲୁଚିଥାଆନ୍ତେ । ହଠାତ୍ ଏକ ଝଲକାଏ ପବନ କେଉଁଆଡୁ ବୋହିଆସିଲା ଆଉ ତଳେ ଏକ କୋଠରୀରର କାଠ କବାଟ କେଁ କରି ଖୋଲିଗଲା । ବୁଢା ଏ ଶବ୍ଦ ବୋଧେ ଶୁଣିପାରିଲେ । କୋଠରୀ ଭିତରକୁ ଅବିନାଶ ଝାଙ୍କି ଦେଖିବାକୁ ଚାହୁଁଥିଲା । କିନ୍ତୁ ବୁଢା ଝପଟି ଆସି କୋଠରୀଟାକୁ ବନ୍ଦ କରିଦେଲେ । ଅବିନାଶ ବୁଢାଙ୍କର ବ୍ୟସ୍ତତାକୁ ମନରେ ନେଲାନାହିଁ । ଏଇଟା ତାଙ୍କ କାମ । ସେ ସବୁ ଜିନିଷର ଦେଖାଶୁଣା କରୁଥିବେ । ତା'ପରେ ବୁଢା ଯାଇ ନିଜ କାଠଗର ଗଣିବା କାମରେ ବ୍ୟସ୍ତ ରହିଲେ । ସବୁଗରରେ ଯେ ନମ୍ବର ଲେଖାଯାଇଥିଲା । ସେ ସବୁକୁ ଠିକ ଭାବେ ଟିପୁଥିଲେ । ସେ କେତେ ଯେ ଟିପିବେ କେଜାଣି ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଣେ ଅବିନାଶ ନିଜ ଭିତରେ ବିଚଳିତ ହୋଇଯାଉଥିଲା । ସେ ଏକ କାଠଗରରେ ନିଜ ଶରୀରକୁ ପୁରା ଢେରା ଦେଇଦେଲା । ସତେ ଯେମିତି ସେ କାଠଗରକୁ ଠେଲିବାର ବନ୍ଦୋବସ୍ତ କରୁଛି । ତା' ଭିତରେ ଲମ୍ବା ଶ୍ୱାସମାନ ବାହାରୁଥିଲା । ଭିତରେ ତା'କୁ କିଏ ବୁଝାଇବାକୁ ଚେଷ୍ଟା କରୁଥିଲା ଆଉ କହୁଥିଲା- ଅବିନାଶ, ତୁମ ଦୀର୍ଘଶ୍ୱାସ ମୁଁ ଶୁଣିପାରୁଛି । ତୁମ ପାଖରେ ଆଉ ଶବ୍ଦ ନାହିଁ ।

ଅବିନାଶ ଭାବିଲା ସବୁବେଳେ ଉଦ୍ୟମ ସଫଳ ହେବ କିଛି କଥାନାହିଁ । ବିଫଳ ଉଦ୍ୟମ ମଧ୍ୟ ଏକ ଉଦ୍ୟମ । ସେ ଉଦ୍ୟମ ସଫଳ ହୋଇଥିଲେ ଆଗକୁ କ'ଣ ହୋଇଥାନ୍ତା କେହି ଜାଣିନାହାନ୍ତି । ଏକ ବିଫଳ ଉଦ୍ୟମ ମାଧ୍ୟମରେ ଜଣାଇଦିଆଗଲା ଯେ ପ୍ରତିକ୍ରିୟା ଅଛି । କିଛି ସେ ପ୍ରତିକ୍ରିୟାର ଫଳକୁ କିଛି ହସି, କିଛି କାନ୍ଦି ଗ୍ରହଣ କରିଥିବେ । ଯଦି ସଫଳ ହୋଇଥାନ୍ତା ତେବେ ? ହୁଏତ ଇଂରେଜମାନେ କିଛି ସଂଖ୍ୟାରେ ମରିଥାନ୍ତେ, ଏମାନେ ଖସି ପଳାଇଥାନ୍ତେ । ସେ ପଞ୍ଜାବୀମାନେକିଛି ପ୍ରୟାସ କରି ନଷ୍ଟ ହୋଇଯାଇଛନ୍ତି । କିନ୍ତୁ ଗ୍ରେଟ ଆଣ୍ଡାମାନିଜଙ୍କ ଆକ୍ରମଣ କ'ଣ କମିଯାଇଥାନ୍ତା ? ଅବିନାଶ ନିଜ ଚାରିପାଖରେ ଥିବା କାଠଗରଗୁଡାକୁ ଅନାଇଲା । କେଉଁ ଘଞ୍ଚ ଜଙ୍ଗଲରୁ ଆସିଥିବ । କେତେ ଦଶକର, ହୁଏତ ଏକ ଶତାବ୍ଦୀର ଗଛ । ସେମିତିଆ କାଠଗର ଆଣିଲାବେଳେ କଇଦୀମାନଙ୍କ ଅପ୍ରତ୍ୟାଶିତ ସାକ୍ଷାତ ଆଦିବାସୀଙ୍କ ସହ ହୋଇଯାଇଥିବ । କିଛି କ୍ଷେତ୍ରରେ ସାକ୍ଷାତକାରରେ ବହୁ ରକ୍ତପାତ ଘଟିଥିବ । ଆଉ ପ୍ରକୃତରେ ଏହି ସମୟରେ ଦୁଇଟା ବଡ଼ ଆକ୍ରମଣ ଆଣ୍ଡାମାନିଜମାନଙ୍କ ତରଫରୁ ହୋଇଛି । ଅବିନାଶ ନିଜ ହିସାବରେ ଆଣ୍ଡାମାନ କଥା ଭାବିଲା, ବୁଢାଙ୍କୁ ଅନାଇଲାନିଆଉ ତା' ଆଖି ଖୋଲିଯାଇ କିନ୍ତୁ ବନ୍ଦ ହୋଇଥିବା କବାଟ ଆଡକୁ ଚାଲିଯାଉଥିଲା । ବୁଢା ବୋଧେ ତା'ର ଚିନ୍ତିତ ମୁହଁ ଦେଖି ନିଜ ତରଫରୁ କିଛି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କହିବାକୁ ଆରମ୍ଭ କଲେ ।

କାମ କରୁଥିବା ମଣିଷ ରାତିକୁ ଦିନ କରୁଛି, ଆଉ ଦିନକୁ ରାତି କରୁଛି । ସେ ରାତିରେ କାମ କରି ଜାଗି ରହୁଛି ଆଉ ଦିନରେ ଶୋଉଛି । ରାତି ଦିନ ଏକା ସାଙ୍ଗରେ ହୋଇଗଲା ନା ।- ବୁଢ଼ା ଏତେ ସମୟ ପରେ କହିଲେ । ସେ ଭାବୁଥିବେ ଅବିନାଶ କ'ଣ ଚିନ୍ତା କରୁଥିବ । ଏକ ସାଧାରଣ ପ୍ରଶ୍ନ ଆଉ ଉତ୍ତର ଏକ ଶ୍ରମିକ ପାଇଁ, ଆଉ ଅନ୍ୟ ଲୋକ ଏମିତି ଜୀବନ ବୁଝିପାରିବନି । ସେମାନେ ତ ଦିନରେ କାମ କରନ୍ତି ଆଉ ରାତିରେ ଶୁଅନ୍ତି ।

ଅବିନାଶ ବୁଢ଼ାଙ୍କର ଏମିତି କଥା ଶୁଣି ପୁଣି ଆପେ ପୁରୁଣା ଦିନକୁ ଫେରିଯାଉଥିଲା । ରାତି ଶୋଇବା ପାଇଁ ସିନା, କିନ୍ତୁ ବହୁତ କିଛି ଘଟିଯାଏ । ସକାଳେ ବହୁ କିଛି ଘଟିଯାଏ । ଏମିତି ଛାଇ ଅନ୍ଧାରରେ କିଛି ଘଟିଯାଏ, ଜାଣି ହୁଏନା । ୫ ଅପ୍ରେଲ, ୧୮୫୯ ମସିହାରେ ୨୪୮ ଜଣ କଇଦୀ ବାହାରେ କୂଅ ଖୋଳିବା, ଜଙ୍ଗଲ ସଫା କରିବା ଇତ୍ୟାଦି କାମ କରୁଥିଲେ । ସେମାନଙ୍କୁ ପ୍ରାୟ ୨୦୦ ଜଣ ହିଂସ୍ର ଆଦିମ ଅଧିବାସୀ ଆକ୍ରମଣ କଲେ । ଅନେକ କଇଦୀ ମରିଗଲେ, କିଛି ହତାହତ ହେଲେ । ୧୪ ଅପ୍ରେଲ ୧୮୫୯ ମସିହାରେ ୪୪୬ ଜଣ କଇଦୀ ବାହରେ କାମ କରୁଥାନ୍ତି, ସେମାନଙ୍କ ଭିତରୁ ୧୨ ଜଣଙ୍କର ବେଢ଼ି ଲାଗିଥାଏ । ପ୍ରାୟ ୧୫ଶହ ଆଦିମ ଅଧିବାସୀମାନେ ସେମାନଙ୍କୁ ଧନୁ, ତୀର, ଛୁରୀ ଧରି ଆକ୍ରମଣ କଲେ । ବହୁ କଇଦୀ ମରିଗଲେ । ୧୮୫୮ ମସିହା ଶେଷ ଆଡକୁ ପ୍ରାୟ ୧୭୦ ଜଣ କଇଦୀ ଆଦିମ ଅଧିବାସୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିଲେ ।

ଅବିନାଶ ନିଜ ଭିତରେ କେମିତି ଏକ ଅଲଗା ଅନୁଭବ ପାଉଥିଲା । ବାହାରେ ବଡ଼ ଗଛଟାଏ ଦେଖାଯାଉଛି । ଛାଇ ଆଲୁଅକୁ ଧରି ଗଛ ଠିଆ ହୋଇଛି । ଏକା ଗଛ, କେଉଁଠି ତଳେ ଛାଇ ଦେଉଛି ଆଉ ଫାଙ୍କରେ ଆଲୁଅକୁ ତଳକୁ ଯିବାକୁ ଦେଉଛି । ତେଣୁ ଗଛ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗହଳିରେ କିଛି ଫାଙ୍କ ତ ରହିଯାଉଛି । ସେ ଫାଙ୍କ ଦେଇ ଆଲୋକ ତ ଆସୁଛି, କିନ୍ତୁ ବର୍ଷା ମଧ୍ୟ ଝରି ପଡୁଛି, ଆଉ ତଳେ ଆଶ୍ରୟ ନେଇଥିବା ଲୋକଟିଏ ଓଦା ହୋଇଯାଉଛି । ସୁରକ୍ଷାରେ ଫାଙ୍କ କେମିତି ରହିଯାଉଛି । ଆଉ ବାହାରେ ଖାଲିରେ କାମ କରୁଥିବା କଇଦୀଙ୍କୁ ସୁରକ୍ଷା ଦେବ କିଏ? କିଏ କାହାକୁ ବଞ୍ଚାଇବ? କେହି କାହାକୁ ନୁହେଁ । କଇଦୀମାନେ କେବଳ ସୂର୍ଯ୍ୟ ଆଉ ଚନ୍ଦ୍ରର ଆଲୋକ ଦେଖି ଦିନର ପ୍ରବାହ ଜାଣିପାରୁଥିବେ । ହିଂସ୍ର ଆଦିମ ଅଧିବାସୀମାନେ ଯେ କଇଦୀମାନଙ୍କୁ ଯେତେବେଳେ ମୌକା ମିଳୁଥିଲା ଆକ୍ରମଣ କରୁଥିଲେ ।

ଅବିନାଶ ଭାବିଲା ଜଙ୍ଗଲୀ ଆଦିବାସୀଙ୍କ ତୀରରେ ଅସୁରକ୍ଷିତ ମୃତ୍ୟୁ । କେଉଁଠାରେ ନିଜକୁ ସୁରକ୍ଷା ଦେବାକୁ ଉପାୟ ନାହିଁ । ଏକ ବିଗତ ଦିନର ଯୁଦ୍ଧର ଯୋଦ୍ଧା କେବଳ ପଳାୟନ କରୁଛି ବା ଲୁଚିବାକୁ ଚେଷ୍ଟା କରୁଛି; କିନ୍ତୁ ଆକ୍ରମଣ ବା ନିଜ ସୁରକ୍ଷାପାଇଁ ଅସ୍ତ୍ରଟିଏ ଉଠାଇ ପାରୁନି । ଏମିତି ପଳାଇ ଲୁଚିବା ତ ମହରଗରୁ କାନ୍ତାର । ଏହାଠୁ ଭଲ କେଉଁ ଦୂର ଜାଗାକୁ ପଳାଇ ଯିବା । କଇଦୀମାନେ ଏଠୁ ଖସିଯାଇ ହୁଏତ ଏମାନେ ମିଶି ଏକ ଜାଗା ଅଧିକାର କରି ଏକ ନୂଆ ଗାଁ ବସାଇଥାନ୍ତେ । ହୁଏତ କରିପାରିନଥାନ୍ତେ । ହୁଏତ ଖସି ପଳାଇବାପାଇଁ ଭେଳାମାନ କରିଥାନ୍ତେ ଆଉ ତାହା ମହାସମୁଦ୍ରରେ ତୋଫାନରେ ଡୁବିଯାଇଥାନ୍ତା । ହୁଏତ ସେମାନେ ଆଉ କେଉଁ ଦ୍ୱୀପରେ ପହୁଁଚିଥାନ୍ତେ । ଆଉ ଏ ସବୁ ସମ୍ଭାବନା ତ ସବୁବେଳେ ରୁହନ୍ତା । ଏହାର ସଠିକ କିଛି ଉତ୍ତର ନାହିଁ । ସବୁଠାରୁ ବଡ଼ ହେଉଛି ପ୍ରୟାସ । କେବଳ ଭାବିବାରେ ଶାଗମାତ୍ର ମୂଲ୍ୟ ନାହିଁ, ଯେତେବେଳେ କାର୍ଯ୍ୟର ଉଦ୍ୟମ ନାହିଁ । ଇଂରେଜମାନେ ସେମାନଙ୍କ ମୂଳ ଲକ୍ଷ୍ୟ ପାଇଁ ସବୁବେଳେ ପ୍ରୟାସ ଜାରିରଖିଥିଲେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବିନାଶ ନିଜେ ଜାଣିଥିବା ଇତିହାସର ପୃଷ୍ଠା ସେମିତି ଲେଉଟାଇ ଚାଲିଥିଲା ଆଉ ତା' ଭିତରେ ନିଜକୁ ନିଜେ ପ୍ରଶ୍ନ କରୁଥିଲା । ୧୮୯୪-୯୫ ମସିହା ବେଳକୁ ପ୍ରାୟ ୨୨ ହଜାର ୫ଶହ ଏକର ଜମିରୁ ଜଙ୍ଗଲ କଟାଯାଇ ସାରିଥିଲା । ସେଥିରୁ ପ୍ରାୟ ୧୦ ହଜାର ଏକର ଜମିରେ ଚାଷବାସ ହେଉଥିଲା । ଆଉ ତା' ଭିତରୁ ୪ ହଜାର ୫ ଶହ ଏକର ଜମିରେ ଚାହା, କଫି, ନଡିଆ, କୋକୋଆ, ଆଉ ପରିବା ଗଛ ଇତ୍ୟାଦି ଲଗାଯାଇଥିଲା । ଦ୍ୱୀପରେ ଲୋକଙ୍କ ସଂଖ୍ୟା ଧିରେ ବଢିବାକୁ ଲାଗିଥିଲା । ୧୮୮୧ ମସିହାରେ ପ୍ରାୟ ୧୪ ହଜାର ୬ଶହ ଲୋକ ଆଣ୍ଡାମାନରେ ରହୁଥିଲେ, ତନ୍ମଧ୍ୟରୁ ପ୍ରାୟ ୧୧ହଜାର ୫ଶହ ଲୋକ ପୋର୍ଟବ୍ଲେଆର ଅଂଚଳରେ ରହୁଥିଲେ । ୧୮୮୩ ମସିହାରେ ଜଙ୍ଗଲ ବିଭାଗ ଆରମ୍ଭ କରାଗଲା । ଜଙ୍ଗଲ ବିଭାଗ ବହୁମାତ୍ରାରେ ପାଡକ ଗଛ ଜଙ୍ଗଲରେ ଲଗାଇଥିଲେ । ପ୍ରଥମ ସ' ମିଲ ପ୍ରଥରାପୁର ଠାରେ ଆରମ୍ଭ ହେଲା ଓ ପରେ ଏହାକୁ ଗାରାଚର୍ମାକୁ ସ୍ଥାନାନ୍ତରିତ କରାଗଲା । ଶେଷରେ ସ' ମିଲ ଚାଥାମକୁ ସ୍ଥାନାନ୍ତରଣ ହେଲା । ସେ ସମୟରେ ଏହା ପି ଡବ୍ଲୁ ଡି ଡିପାର୍ଟମେଣ୍ଟ ଅଧିନ ଥିଲା । ୧୯୧୨ ମସିହାରେସ' ମିଲ ଆଣ୍ଡାମାନ ଫରେଷ୍ଟ ଡିପାର୍ଟମେଣ୍ଟ ଅଧିନକୁ ଆସିଲା ।

କାଠଗରକୁ ଜଙ୍ଗଲରୁ ଆଣିବା ଆଉ କରତିବା ପ୍ରଶାସନର ଅନ୍ୟତମ ମୁଖ୍ୟକାମ ଥିଲା । କାଠ ରପ୍ତାନୀ ବାହାରକୁ ହେଉଥିଲା । ଅବଶ୍ୟ ବହୁ ପରେ କାଠଗର ଟାଣିବା କାମ ପାଇଁ ହାତୀମାନଙ୍କୁ ସୋନପୁର ମେଳାରୁ କିଣାଯାଇଥିଲା । ହାତୀମାନେ ଚାଲିଚାଲି ହାଓଡା ପହଞ୍ଚୁଥିଲେ । ତା'ପରେ ହଗୁଳି ନଦୀ ପାର ହୋଇ ଖିଦିରପୁର ଜେଟି ପହଞ୍ଚୁଥିଲେ । ସେଠାରୁ ସେମାନଙ୍କୁ ମହାରାଜା ଜାହାଜରେ ପୋର୍ଟବ୍ଲେଆର ଅଣାଯାଉଥିଲା । ଚାଥାମ ପାଖ ମଝି ସମୁଦ୍ରରେ କ୍ରେନ ସାହାର୍ଯ୍ୟରେ ହାତୀମାନଙ୍କୁ ଧୀରେ ପାଣିରେ ଓହ୍ଲାଇ ଦିଆଯାଉଥିଲା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେମାନେ ପହଁରି କୂଳରେ ପହଞ୍ଚି ମାଉଣ୍ଟ ହାରିଅଟ ଅଭିମୁଖେ ଯାତ୍ରା କରୁଥିଲେ । ହାତୀମାନେ କାଠଗର ଟାଣିବେ ।

ଅନେକ ସମୟ ହେଲା ବୁଢା ଏ କାଠଗରରୁ ସେ କାଠଗର ହୋଇ ଡେଉଁଥିଲେ ବା କେଉଁଠି କେଉଁଠି କେତେ ଫାଙ୍କ ଅଛି ଦେଖୁଥିଲେ, କିଛି ହିସାବ ଲେଖୁଥିଲେ । ଏମିତି ଅଜୀବ କାମ ଦେଖି ଅବିନାଶ ବିରକ୍ତ ହୋଇଯାଇଥିବ ବୋଲି କେହି ଭାବନ୍ତା । ବୁଢା ମଧ୍ୟ ତାହା ଭାବିଥିବେ । ଏତେ ସମୟ ହେଲା ଅବିନାଶ ତାଙ୍କ ସହ କଥା ଯେ ହୋଇନି । ବୁଢା କାଠଗରକୁ କେମିତି ସାଇଜ କରି ରଖିବେ ତା'ର ହିସାବ ବୋଧେ କରୁଥିଲେ । ତାଙ୍କ ହାତ କାଠଗରକୁ କୁଣ୍ଢାଇ ଧରିବା ଭଳି ବଙ୍କେଇ ଯାଉଥିଲା ଆଉ ଗୋଡ ଆଗକୁ ହୋଇଯାଉଥିଲା ସତେ ଯେମିତି ସେ କାଠଗରକୁ ଟାଣି ଆଉ କେଉଁଠି ରଖିଦେବେ । ଦୁଇଟାରୁ ଗୋଟାଏ କାମ ବି ବୁଢା କରିପାରିବେନି । ଏହା ମଣିଷର ସାଧ୍ୟ ବାହାରେ ।

ବୁଢାତାଙ୍କ କାମକଲାବେଳେ ଆପେ ଅବିନାଶର ମନ ଭିତରେ ବହୁତ କିଛି ଖେଳୁଥିଲା । ସେତେବେଳେ ଧରାପଡିଥିବା ଅସହାୟ ବନ୍ଦୀମାନଙ୍କ କଥା ଭାବୁଥିଲା ଯଦିଓ ସେମାନଙ୍କ କଥା କେବେଠୁ ସରିଗଲାଣି । ସେ ବୁଢାଙ୍କର ସାଧାରଣ କାଠଗର କଥା, ଇଂରେଜମାନଙ୍କ ଭୂମି ପରେ ଭୂମି ଜୟ ଆଉ କଇଦୀମାନଙ୍କ ଅସହାୟ ଜୀବନ ଭିତରେ କେତେ ଯେ ଫରକ ଦେଖୁଥିଲା । କଇଦୀମାନଙ୍କ ମୁହଁରେ, ଶରୀରରେ ଏକ ପରାଜିତର ନିଃସହାୟତା ଫୁଟିଉଠୁଥିବ । ଏପଟେ ଏକ ହିଂସ୍ର ଆଦିବାସୀ ଦଳ ଯୁଦ୍ଧ କରୁଛନ୍ତି, କଇଦୀମାନଙ୍କ ଜୀବନ ଚାଲିଯାଉଛି । ଆଉ ଆରପଟେ ନିଷ୍ଠୁର ଇଂରେଜମାନେ ସେମାନଙ୍କୁ ଯନ୍ତ୍ରଣା ଦେଇ ମରିବାକୁ ଛାଡିଦେଇଛନ୍ତି । ସେମାନଙ୍କୁ କାମ ଦରକାର । କଇଦୀମାନଙ୍କ ମୃତ୍ୟୁ ସେମାନଙ୍କ ପାଇଁ କେଉଁ ବିଚାରର ବିଷୟ ମଧ୍ୟ ନୁହେଁ । ନିଃସହାୟ ନାଚାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଇଦୀମାନେ କେବଳ ସୂର୍ଯ୍ୟକୁ ଅନାଇ କିଛିଦିନ ଜୀବନ ଧରି ରହିଛନ୍ତି । ସେମାନେ ଆଜିର ସଂସାର ପାଇଁ ଅଭୁଲା ହୋଇ ରହିଗଲେ ।

ସେ ଆଖି ବନ୍ଦ କରି ଟିକିଏ ହଲିଲା । କଇଦୀଙ୍କ ଜଙ୍ଗଲ ସଫା କରୁଥିବା କଷ୍ଟ ତା' ଭିତରେ ବସା ବାନ୍ଧିଥିଲା । ତା' ଗୋଡ ବୁଢାଙ୍କ ଭଳି ଆପେ ଆଗକୁ ଟାଣି ହୋଇ ଯାଉଥିଲା । ଗଛର ଗର ଟାଣିବା ବେଳେ ଶରୀର ଆଗକୁ ଆପେ ଝୁଙ୍କି ଯାଉଛି । ବୁଢା ଅବିନାଶର ମନ ଠଉରାଇ ନେଲେ । ବୁଢାଙ୍କ ଗୋଡ ଆଗୁଆ ହୋଇଗଲା । ଅବିନାଶ ଆଉ ବୁଢା ଦୁଇଜଣ ଏକ ଧାଡିରେ ଠିଆ ହୋଇଥିଲା ପରି ଲାଗିଲା । ଅବିନାଶକୁ ଲାଗିଲା ଏକ ଗଛର ଗରରେ ଦଉଡି ଲାଗିଛି ଆଉ ସେ ଅନ୍ୟମାନଙ୍କ ସହ କାଠ ଗରକୁ ଟାଣୁଛି ।

ବୁଢାଙ୍କର କାଠଗର ଗଣା କାମ ବୋଧେ ସରି ଆସୁଥିଲା । ସେ ଟିକେ ଥକିଯାଇଥିଲା ଭଳିଆ ଲାଗୁଥିଲେ । ସେ ନିଜ ଜାଗାରୁ ଉଠି ପାଖର ଏକ କାଠ ତିଆରି ଘର ପାଖକୁ ଚାଲିଗଲେ । ସେଇଟା କାମ କରୁଥିବା ଲୋକଙ୍କ ବିଶ୍ରାମ ଘର । ଆଗରେ କେତେଟା ଚଉଡା ପଟାକୁ ମିଶାଇ ଏକ ବଡ଼ କାଠ ଥାଳିଆକୁ ଏକ ମୋଟା କାଠ ଉପରେ ନଟରେ ଫିଟିଙ୍ଗ କରି ମଣିଷ ଉଚ୍ଚରେ ରଖିଦିଆଯାଇଥିଲା । ପାଖରେ ଏକ ଛୋଟ ଗଛ । ସେଠି କିଛି ପକ୍ଷୀ ବସିଥିଲେ । ବୁଢା କୋଠରୀ ଭିତରକୁ ଯାଇ ଦୁଇ ହାତରେ ଏକ ବଡ଼ ଗିନାରେ ଗିନାଏ ଭାତ ନେଇଆସିଲେ ଆଉ ଥାଳିଆରେ ବିଞ୍ଛିଦେଲେ । କେତେଟା ଘରଚଟିଆ ଯେମିତି ସେ ଖାଇବାକୁ ଅପେକ୍ଷା କରି ରହିଥିଲେ । ବୁଢା ଟିକେ ଦୂରେଇ ଯିବାରୁ ସେମାନେ ସେହି ବଡ଼ ଥାଳିଆରେ ବସି ଚାଉଳ ଖୁମ୍ପି ଖାଇବାରେ ଲାଗିଲେ । ସେମାନଙ୍କୁ ଖାଇବାର ଦେଖି ବୁଢାଙ୍କ ମୁହଁରେ ହସ ଫୁଟିଉଠିଲା ।

ଚାଥାମରେ ତମେ ବହୁତ ପକ୍ଷୀ ପାଇବ । ଏ ପକ୍ଷୀମାନେ ମୋତେ ଅପେକ୍ଷା କରିଥାନ୍ତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

।- ବୁଢା କହିଲେ ।

ଅବିନାଶ ଭାବିଲା ସେମାନଙ୍କୁ ଖାଇବାକୁ ଦେଲେ କାମରୁ ଟିକେ ହାଲୁକା ଲାଗିବ । ମନୋଟୋନି ବ୍ରେକ ହେଲା । ପକ୍ଷୀଙ୍କ କିଚିରିମିଚିରି ଭଲଲାଗେ । ଘରଚଟିଆ ପକ୍ଷୀମାନେ ସବୁଠାରୁ ନିରୀହ ଲାଗନ୍ତି । ଏତେ ଟିକିଏ ପକ୍ଷୀ, ଭଲକରି ଗୀତ ଗାଏନାହିଁ, କିନ୍ତୁ ମଣିଷ ପାଖରେ ରହି ସବୁବେଳେ ଡେଉଁଥାଏ । ଏହି ଡେଇଁବା ଭାରି ଭଲଲାଗେ । ଛୋଟିଆ ଶରୀରରେ ବଡ଼ ମୁଣ୍ଡଟା ସବୁବେଳେ ହଲୁଥାଏ ଆଉ ନିରୀହ କଳା ଆଖିରେ ଲୋକଙ୍କୁ କିଛି ଯେମିତି କହୁଥାଏ । ତା'ପରେ ଫୁରର୍ କରି ପାଖ କେଉଁଠିକି ଉଡିଯାଏ । ସେମାନଙ୍କ ଲୀଳାଖେଳା ଦେଖିଲେ ମନରୁ ସବୁ କ୍ଲାନ୍ତି ଚାଲିଯାଏ । କିଛି ସମୟ ବୁଢା ଏଇମିତି ଚଢେଇମାନଙ୍କୁ ଅନାଇରହିଲେ, ତା'ପରେ ନିଜ କାମକୁ ଫେରି ଆସିଲେ । ଅବିନାଶ ମଧ୍ୟ ତାଙ୍କ ସହ ଫେରି ଆସିଲା । ଏବେ ତା' ମନରେ ଉତ୍ସାହ ଥିଲା । ବୁଢାଙ୍କର କାମ ବି ଭଲ ଲାଗୁଥିଲା । ନହେଲେ ଏଇଟା କି କାମ, ଖାଲି ବସି କାଠଗର ଗଣ । କାମରେ ଲେଖା ନୁହେଁ । କିନ୍ତୁ କାଠଗର ଦେଖି, ସେଗୁଡିକରବଙ୍କାତେଢାବା ସିଧା ଆକାର ଦେଖି ଅବିନାଶ ଗଛସବୁର କଳ୍ପନା କରିପାରୁଥିଲା ।

ଏ କାଠଗରଗୁଡାକୁ ଠିକଭାବେ ରଖିବାକୁ ପଡ଼ିବ । ଅତି ମୂଲ୍ୟବାନ କାଠ ।- ବୁଢା ଅବିନାଶକୁ ଅନାଇ କହିଲେ ।

ବହୁତ ଓଜନିଆ ଗରଗୁଡାକ ।- ବୁଢା କହିଲେ । ତାଙ୍କ ଶରୀର ମାଟିଠାରୁ ପ୍ରାୟ ପଇଁଚାଳିଶି ଡିଗ୍ରୀ କୋଣ କରିଥିଲା ପରି ଆଗକୁ ଝୁଙ୍କିଯାଇଥିଲା ସତେ ଯେମିତି ଏକ ସିଧା ବାଡିକୁ କିଏ ଜବରଦସ୍ତି ମାଟିଆଡକୁ ଉପରୁ ଟାଣିଧରିଛି, କିନ୍ତୁ ମୂଳ ମାଟିରେ ଅଛି । ଏମିତି ମଣିଷ ଠିଆହେବା କଷ୍ଟ । ବାଲାନସିଙ୍ଗ ବା ସନ୍ତୁଳନ ପାଇଁ ପଛରୁ ଏକ ଓଜନ ରହିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆବଶ୍ୟକ ।

ବହୁତ ଓଜନିଆ ।- ଏ ଶବ୍ଦମାନ ଅବିନାଶ ମୁହଁରୁ ମନକୁ ମନ ବାହାରି ଆସିଲା । ଅବିନାଶ ବୁଢାଙ୍କ ଦେଖାଦେଖି ଆଗୁଆ ଝୁଙ୍କିଯାଇଥିଲା ।

ଅବିନାଶ ଗଛ କାଟିବା, ଗର କରିବା, ପଟା ତିଆରି କରିବା ସହଜ ମୋଟେ ନୁହେଁ ।- ବୁଢା କହିଲେ ।

ଅବିନାଶକୁ ସେଇଆ ଲାଗୁଥିଲା । ସେ ଏବେ ପ୍ରକୃତିସ୍ଥ ହେଉଥିଲା । ଏତେ ବଡବଡ କାଠ ଗର । ହାତୀଟାଏ ମଧ୍ୟ ଉଠାଇ ପାରିବନି । ହାତୀ ଠେଲି ଠେଲି କାଠଗରକୁ ଆଗକୁ ନିଏ କିମ୍ବା ଚେନରେ ଟାଣେ । ଗୋଟାଏ ହାତୀ ଯାହା ପଚାଶଟା ମଣିଷ ତାହା । ତେଣୁ କାମ ବେଶ କଠିନ ହୋଇଥିବା । କାଠ କାଟି, କାଠ ଚିରି ପ୍ରାଣ ତଳିତଳାନ୍ତ ହୋଇଯାଉଥିବ । ଅବିନାଶ ଭାବିଲା କେତେ ବଡ଼ ଗଛ ହୋଇଥିବ ଏତେ ମଣିଷ ଟାଣିପାରୁନାହାନ୍ତି ଯେ । ଅବିନାଶର ଜେଲ ସୁପରିଟେନଡେଣ୍ଟଡଃ ଷ୍ଟାକରଙ୍କ ଲେଖା ମନେ ପଡିଗଲା ।

"ଆଣ୍ଡାମାନର ଘନ ଜଙ୍ଗଲ ସଫା କରିବ କେତେ ଦୁଃର୍ବହ ଯିଏ ଏ ଜଙ୍ଗଲ ଦେଖିଛି ସେ କେବଳ ଜାଣିପାରିବ । ଏ ଜଙ୍ଗଲ ଏତେ ଘଞ୍ଚ, ଅତି ମୋଟ ଲତାମାନ କେଉଁ ଉପରକୁ ଚଢ଼ିଯାଇଛି, ଏ ଭିତର ଦେଇ ଚାଲି ଯିବା ପ୍ରାୟ ଅସମ୍ଭବ, କେବଳ ଆଦିମ ଅଧିବାସୀମାନେ ଯାଉଥିବା କିଛି ପାଦଚଲା ରାସ୍ତାରେ ଯାହା ଯାଇହେବ । ଏ ଜଙ୍ଗଲ କେଉଁ ଦୂରକୁ ଲମ୍ବିଯାଇଛି, ଆଉ ଟିକେ ଖୋଲା ସମତଳ ଜାଗା ନାହିଁ । ଯେତେବେଳେ ଗଛ କଟାଯାଉଛି, ଗଛ ଜୋରରେ ଭୂମିରେ ପଡୁନି, ଏତେ ଲତା, ଏତେ ଅନ୍ୟଦ୍ରୁମ, ସେ କଟାଗଛକୁ ପ୍ରାୟ ଛଡ଼ି ଦେଉଛନ୍ତି । ଗଛ କଟା ପରେ ଡାଳ ପତ୍ର ସଫା ହୋଇ ଜାଳିଦିଆଯାଇ ପାରୁନି ।"

ଆଉ ଗଛମାନଙ୍କ କଥା ଭାବି ଲାଭ କ'ଣ ?- ବୁଢା ଅବିନାଶକୁ କହିଲେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହଁ ଚାଥାମରେ ଆଉ ଗଛ ତ ନାହିଁ । ହେଇ ଏଇଠି ସେଇଠି ପଚାଶ ଶହେଟା ଗଛ ଥିବ । କାହିଁ ବେଶି ତ ମୋତେ ଲାଗୁନି ।- ଅବିନାଶ କହିଲା । ତା'କୁ ବଡ଼ ବଡ ଗଛ ଦେଖିଲେ ଭଲ ଲାଗେ । ଏଠାକାର ଗଛରେ ପତ୍ରଟିଏ ହଲଦିଆ ଦିଶୁନଥିବ ଆଉ କେତେ ଗଛରେ ଫୁଲ ଫୁଟିଥିବ ଆଉ ପକ୍ଷୀମାନେ ଲୁଚି ଡାକୁଥିବେ । ଗଛ ଛାଇରେ ଠିଆହେଲେ ମନ ଏମିତି ଶୀତଳ ହୋଇଯାଏ ।

ବଡ ଦୁଃଖ ଲାଗୁଛି, ଏତେ ସୁନ୍ଦର ଛୋଟ ଦ୍ୱୀପଟାକୁ ଗଛ କାଟି ପଦା କରିଦେଲେ । ଚାରି ଧାରରେ ଅତିକମରେ ଗଛମାନଙ୍କୁ ଛାଡିଦେଇଥାନ୍ତେ । ବାହାରୁ ତ ଚାଥାମ ଗଛରେ ଭରା ଦିଶୁଥାନ୍ତା ।– ବୁଢା କହିଲେ ।

ଅବିନାଶ ଚମକି ପଡିଲା । ଯଦି ବାହରେ ସେ ଗଛଗୁଡା ଥାଆନ୍ତା. ସବବୁବେଳେ ସେହି ହତଭାଗ୍ୟ ୮୭ଜଣ ଧରାପଡିଥିବା କଇଦୀଙ୍କ କଥା ମନେପଡିଯାଆନ୍ତା । ପ୍ରଥମ ଫାଶୀ ପାଇଥିବା ନାରାୟଣ ସିଂହ କଥା ମନେ ପଡିଯାଆନ୍ତା । ସେମାନଙ୍କୁ ଫାଶୀ ଦିଆଯାଇଛି ଆଉ ସେମାନଙ୍କ ଶରୀରର ଆକାଶରେ ଝୁଲୁଛି । ଏକ ଖବର କାଗଜ ଭଳି ଝୁଲୁଥିବ । ବାହରୁ ଲୋକମାନେ ଝୁଲା ଶରୀରମାନ ଦେଖୁଛନ୍ତି । ଏମିତିଆ ଦୃଶ୍ୟ ବଡ଼ ଯନ୍ତ୍ରଣାଦାୟକ ଆଉ ଭୟଙ୍କର ଲାଗନ୍ତା । କିନ୍ତୁ ଶରୀର ନଥିବ, ଥିବ କିଛି କାଗଜ, ଆଉ ଲେଖାଥିବ କିଛି ସାହିତ୍ୟର ଭାଷା । ଏକ ଭୌତିକ ପରିବେଶ ଥିବ । ସେମାନଙ୍କ ଆତ୍ମାମାନ ପାଖରେ ଠିଆ ହୋଇଥିବ ଆଉ ନିଜ ଉଦ୍ଦେଶ୍ୟରେ ଥିବା ଲେଖାକୁ ଅନାଇ ରହିଥିବ । ଅବିନାଶ ଭାବିଲା ସେମାନଙ୍କ ଉଦ୍ଦେଶ୍ୟରେ ସେ ଶ୍ରଦ୍ଧାଞ୍ଜଳୀ ହିସାବରେ କିଛି ଲେଖନ୍ତା ।

ଏ ଦ୍ୱୀପ ଆଉ ଅନ୍ୟ ବଡଦ୍ୱୀପମାନଙ୍କର ଗଛ କାଟି ସବୁଠାରୁ ବଡ଼ ସ' ମିଲ୍ ତିଆରିହେଲା । ଏସିଆର ସବୁଠାରୁ ବଡ଼ ସ' ମିଲ । ସେଇଟା ଇଂରେଜମାନଙ୍କ ଗର୍ବ ଥିଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶହଶହ ଲୋକ କାଠ କାମରେ ବ୍ୟସ୍ତ ଥିଲେ । ହେବାକଥା । ସବୁପ୍ରକାର ଘର, କାରଖାନା, କୁହ ସବୁତ କାଠରୁ ପ୍ରଥମରୁ ତିଆରି ହେଉଥିଲା । ଏଠାକାର କାଠ ବାହାରକୁ ରପ୍ତାନୀ ହେଉଥିଲା । ଉପାର୍ଜ୍ଜନର ଏକ ବଡ଼ ଉତ୍ସ ଥିଲା ଏହି କାରଖାନା । ଇଂରେଜମାନେ ଏ ଦ୍ୱୀପର ରୂପରେଖା ବଦଳାଇବାର ଚେଷ୍ଟା ସବୁବେଳେ କରିଚାଲିଥିଲେ । ପ୍ରଥମରୁ ଏହାର ପ୍ରକୃତ ସୁନ୍ଦର ରୂପ ବଦଳାଇ ଏହାକୁ ଏକ ବନ୍ଦୀଶାଳାରେ ପରିବର୍ତ୍ତନ କଲେ । ତା'ପରେ ଚାଥାମ ସ' ମିଲ ତିଆରି କଲେ ଓ ଶେଷରେ ଏହାର ଧ୍ୱଂସ ପାଇଁ ଚେଷ୍ଟାକଲେ । ସେହି ଏକା ଦଳ ଇଂରେଜ । ଏଇ ଦ୍ୱୀପକୁ ସମୟ ସମୟ ସହ ବଦଳାଇବାକୁ ଚେଷ୍ଟା କରୁଥିଲେ ।

କ୍ରମଶଃ. . .

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୃଣ୍ମୟୀ



ବାଲାଜୀ ସେଠୀ

ପାର୍ବଣ ଋତୁରେ ଶାରଦୀୟ ଦୁର୍ଗାପୂଜା । ସହର ଠୁଁ ଗାଁ, ଗଳି ଠୁଁ ସାହି, ପିଲା ଠୁଁ ବୁଢ଼ା କି ଧନୀ କି ଗରୀବ ସମସ୍ତଙ୍କ ମନରେ ନାହିଁ ନଥିବା ଉତ୍କଣ୍ଠା । ପୂଜା ମଣ୍ଡପର ଆଖି ଝଲସା ସାଜସଜ୍ଜା । ତୋରଣ, ସେମିଅନା ଚାରିଆଡେ ରଙ୍ଗୀନ ଆଲୋକମାଳାରେ ଆଖି ଖୋସି ହୋଇଯାଏ । ମାଁ ଦୁର୍ଗାଙ୍କ ମନଲୋଭା ମୃଣ୍ମୟୀ ମୂର୍ତ୍ତି । ମୂର୍ତ୍ତି ଦେହରେ ସୁନା ଜରିଦିଆ ନାଲି ପାଟଶାଢ଼ୀ । ଆଃ... ! ସତେକି ସ୍ୱର୍ଗରୁ ଅବତରଣ କରିଛନ୍ତି ଏଇ ମର୍ତ୍ତ୍ୟପୁରକୁ ପ୍ରତ୍ୟକ୍ଷ ରୂପରେ ମାଁ ଦେବୀ ଦୁର୍ଗା । ଦୁଷ୍ଟମାନଙ୍କୁ ସଂହାର କରି ଦୁଃଖୀମନଙ୍କ ଦୁଃଖ ମୋଚନ କରିବେ । ମାଁଙ୍କ ଆବିର୍ଭାବରେ ଏଇ ସମାଜରୁ ନରରୂପୀ ରାକ୍ଷସମାନଙ୍କ ରୁକ୍ଷତା ନଷ୍ଟ ହେବ । ସର୍ବତ୍ର ସୁଖ ଆଉ ଶାନ୍ତି ବିରାଜମାନ କରିବ । ଆମ ସଂସ୍କୃତି ଓ ପରମ୍ପରାକୁ ଅନୁପାଳନରେ ଏଇ ଟିକକ ବିଶ୍ୱାସ ତ ସମସ୍ତଙ୍କ ମନରେ ଥାଏ ! !

ପାର୍ବଣର ଯଥେଷ୍ଟ ପୂର୍ବରୁ ସମସ୍ତେ ନିଜ ନିଜ ସ୍ତରରେ ଯତ୍ନବାନ ଥାଆନ୍ତି । ସମସ୍ତେ ନିଜ ପାଇଁ ଓ ନିଜ ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ନୂଆଁ ପୋଷାକ କିଣା ହୁଏ ନିଜ ନିଜ ପସନ୍ଦରେ । କିଏ ମହଙ୍ଗାରେ କିଏ ଶସ୍ତାରେ । ଯିଏ ଯାହାର ରୋଜଗାର ବା ସଞ୍ଚୟ ସାଧ୍ୟମତେ । ହେଲେ କେତେକଙ୍କ ଭାଗ୍ୟରେ ସେଇ ଖୁସି ହେବାର ସମ୍ଭାବନା ନଥାଏ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହର ଉପକଣ୍ଠରେ ପୂଜାମଣ୍ଡପ ପ୍ରସ୍ତୁତି ଆରମ୍ଭ ଦିନରୁ ସେଇଠିକୁ ପ୍ରାୟ ବାର ବର୍ଷର ପିଲାଟିଏ ଆସେ । ନୁଖୁରା ମୁଣ୍ଡ । ପୁରୁଣା ହାଫ ପେଣ୍ଟ ସାଙ୍ଗକୁ ଟି-ସାର୍ଟ ଟିଏ । ଏତିକି ତାର ନିତି ପିନ୍ଧା । ସିଏ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଆସି ମଣ୍ଡପ ପ୍ରାଙ୍ଗଣ ସଫା କରିଦେଇ ଯାଏ । ପୂଜା କମିଟିର କର୍ମକର୍ତ୍ତାମାନେ ସକାଳେ ତାକୁ କପେ ଚାହା ଦିଅନ୍ତି । ସିଏ ସେଇଠି ଚାହା ପିଏ । ତାକୁ ଜଳଖିଆ ଦେଲେ ସିଏ ସେଇଠି ନଖାଇ ଘରକୁ ନେଇଯାଏ । ତାକୁ ତା ବିଷୟରେ ପଚାରିଲେ ମୁରୁକି ହସିଦିଏ । ଏମିତି କି ତା ନାଁ ବି କେହି ଜାଣିନାହାନ୍ତି । ତାକୁ ଶ୍ରଦ୍ଧାରେ ସମସ୍ତେ ମୁନା ଡାକନ୍ତି ପୂଜା କର୍ମକର୍ତ୍ତାମାନେ । ମୂର୍ତ୍ତି ଗଢ଼ା, ରଙ୍ଗ ଦିଆ, ମେଢ଼ ସଜ୍ଜା, ସେମିଅନା ଆଦି କାର୍ଯ୍ୟ ସରିଲାଣି । ମାଁଙ୍କ ମୃଣ୍ମୟ ମୂର୍ତ୍ତିରେ ପରିଧାନ ପାଇଁ କିଛି ଶାଢ଼ୀ ଆସିଥିଲା । ସେଗୁଡ଼ିକ ସବୁ ମୃଣ୍ମୟ ମୂର୍ତ୍ତି ଓ ପାର୍ଶ୍ୱମୂର୍ତ୍ତିମାନଙ୍କରେ ବେଶ କରାହେଲା ପରେ ଆହୁରି କିଛି ଶାଢ଼ୀ ବଳିଥିଲା । ସେଗୁଡିକୁ ମୋଡ଼ିମାଡ଼ି ଗୋଟିଏ କୋଣକୁ ଫିଙ୍ଗି ଦେଇଥିଲେ କର୍ମକର୍ତ୍ତାମାନେ ।

ରାତି ପାହିଲେ ମାଁଙ୍କ ପୂଜା । ସେଦିନ ସନ୍ଧ୍ୟାରେ ମୁନା ତାର କର୍ତ୍ତବ୍ୟ ସାରିଦେଇଥିଲା । କିନ୍ତୁ ତା ନଜର ସେଇ କୋଣରେ ଅଟକି ଯାଇଛି । ଆଜି ସିଏ ଘରକୁ ଫେରି ପାରୁନି । କମିଟିର ସମ୍ପାଦକ ନିକଟରେ ଚଉକି ଉପରେ ବସି ସବୁ ଅନୁଧ୍ୟାନ କରୁଥିବା ସମୟରେ ମୁନା ଉପରେ ତାଙ୍କର ନଜର ପଡିଲା । ଗୋଟିଏ କୋଣରେ ଠିଆ ହୋଇ ନିରୀହ ଚାହାଣୀରେ ଅନେଇଥିଲା ମୁନା । ସମ୍ପାଦକ ମହୋଦୟ ତାକୁ ପଚାରିଲେ "ଆଜିର କାମ ତ ସରିଲାଣି ତୁ ଏଯାଏଁ ଘରକୁ ଯାଇନୁ ମୁନା ?" ମୁନା ସେମିତି ନୀରବରେ ହାତଯୋଡ଼ି ଠିଆ ହେଇଥାଏ । ଏଥର ସମ୍ପାଦକ ମହୋଦୟ ତା' ପାଖକୁ ଯାଇ ପଚାରିଲେ । "କିରେ କଣ ଆଜି ଘରକୁ ଯିବୁନି ? ?" ମୁନା ତାର ଥରଥର ଆକୁଳ କଣ୍ଠରେ କହିଲା,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

"ବାବୁ ! ମୋ ଘର କହିଲେ, ଏ ସହର ତଳ ମୁଣ୍ଡରେ ପଲିଥିନ ତମ୍ବୁ ତଳେ ଗୋଟିଏ ବଖରା । ମୋର ସେଇ ଘରେ ମୋ ଦେବୀ ଅଛି । ପୁରୁଣା ସାତସିଆଁ ଖଣ୍ଡେକସ୍ତାରେ ତାର ଦେହ ସମ୍ପୂର୍ଣ୍ଣ ଢାଙ୍କି ହୁଏନି ।" ମୁନା ସେଇ କୋଣଆଡେ ହାତ ଦେଖେଇ କହିଲା, "ଆପଣ ଦୟାକରି ଯଦି ସେଇ ବଳି ଯାଇଥିବା ଶାଢ଼ୀରୁ ଖଣ୍ଡେ ଦିଅନ୍ତେ, ତାହେଲେ ଜୀବନରେ ପ୍ରଥମ ଥର ମୋ ରୋଗିଣା ମାଆ ଏଇ ଶାଢ଼ୀରେ ସାକ୍ଷାତ "ମୃଣ୍ମୟୀ" ଦେବୀ ପରି ଦିଶନ୍ତା ।" ସମ୍ପାଦକ ମହୋଦୟଙ୍କ ଆଖିରୁ ଅଜାଣତରେ ଦୁଇଧାର ଲୁହ ଖସି ତାଙ୍କ ଓଠ ଭିଜେଇ ସାରିଥିଲା,,,,,,, ! !

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶାଗ ଓ ପଖାଳ



ସୁନନ୍ଦା ମହାନ୍ତି

ସ୍ମୃତି ସବୁ, ଜଙ୍ଗଲ ପୋଡି ଗଲା ପରେ ଧୂଆଁ ଧୂଆଁ ହୋଇଗଲା ପରି ହୋଇଯିବା ଆଗରୁ ସେଗୁଡିକୁ ତାଜା ରଖିବା ପ୍ରୟାସରେ ବାପା ବୋଉଙ୍କ ପାଇଁ ଲେଖିଥିବା ଗଳ୍ପ ବହି ଥାକ ଝାଡୁ ଝାଡୁ, ସାବିତ୍ରୀ କହିଲା ମାଆ, ତମର ଗୋଟେ ଫଟୋ ଦିଅନ୍ତୁ ନାହିଁ ମତେ । ମୋ ଫଟୋ ତୁ କଣ କରିବୁ ?? କହୁଥିଲା ରଖିବି । ତମେ ମତେ ଏତେ ଖାଇବା, ପିଇବା, ପିନ୍ଧିବା ଦେଉଛ, ତୁମ ଫଟୋ ରଖିବିନି କାହା ଫଟୋ ରଖିବି, କହୁନ ! ହେଲେ ମୋ ଫଟୋ କାହିଁ ?? ଏଁ ଏତେ ଏତେ ଫଟୋ କାନ୍ଥ ସାରା । ତୁମର ଏକୁଟିଆ ଫଟୋ ନାହିଁ ମାଆ ?? ତୁମ ପାଖେ କୋଉଠି ବାବୁ ତ କୋଉଠି ତୁମ (ପୁଅ ଝିଅ )ଭାଇନା ଓ ଦିଦି । ଆଉ ଯୋଉ ବୁଢା ବୁଢ଼ୀ ଦିଜଣଙ୍କ ପାଖରେ ତମେ ଠିଆ ହେଇଛ, ସେମାନେ କିଏ ମାଆ ?? ମୋ ଗୁରୁ ବୋଲି ଉତ୍ତର ଦେଇ ଅନ୍ୟ କାମରେ ଚାଲିଗଲି । ବାସନ ସବୁ ବାହାର କରି ଦେବାକୁ ହେବ ସାବିକୁ, ପୁଣି ପାଖାଳ ବାଢି ତା ସାଙ୍ଗକୁ ଶାଗ ଯୋଗାଡ଼ କରି ରଖିବାକୁ ହେବ ତା ପାଇଁ ।

ସେଦିନ ପାଖାଳ ଖାଉ ଖାଉ ସାବି କହୁଥିଲା ତୁମ ହାତ ପାଖାଳ ଭାରି ସୁଆଦିଆ । ସତରେ କ୍ଷୀରି, କାକେରା, ମିଠା, ରସାବଳୀ, ଛେନାରେ ସାବି ସନ୍ତୁଷ୍ଟ ହୁଏନା । ହୁଏ ପାଖାଳ ମୁଠାଏରେ । ମନ ଜାଣି ତା ସହିତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଳୁ ଡାଲିସିଝା, ମିକ୍ସଚର, ବାଇଗଣ, ଟମାଟ, କଟାପିଆଜ, ଧନିଆଁ ପତ୍ର ସଜାଡି ଦେଇ ଆଉ ଯାହା ଭଜା, ସନ୍ତୁଳା, ଶାଗ ବଳିପଡିଥାଏ, ତାକୁ ଦିଏ ତ ଶ୍ରଦ୍ଧାରେ ଖାଏ, କେବେ କେବେ କହୁଥାଏ, ଖରାପ ଭାବୁନ ତ ମାଆ ? ? ପୁଣି କେବେ କେବେ କହେ ଅଳପ ଚାଉଳ ପକାଉନ । କିନ୍ତୁ ତା ମନକଥା ବୁଝିଥାଏ ମୁଁ । ମୁହଁ କହୁଥିବା କଥା ହୃଦୟର ନୁହେଁ । ରୁଟି ପରଠା, ପାଉଁରୁଟିରେ ତା ମନ ବୁଝେନା । କହେ ମାଆ ଶାଗ ଆଣିବି, କରିବ ? ? ଆଣୁନୁ କରିବି । ଯେ ମାଆ ମୋ ପାଇଁ ଟିକେ ରଖିଥିବ । ନେଇଆସେ ସୁନୁସୁନିଆଁ, ପିତା କମଳ ମଦରଙ୍ଗା । ପାଖାଳ ସାଙ୍ଗକୁ ସେଥିରୁ ଟିକେ ଥୋଇଦେଲେ କହୁଥିବ, ମା ତମ ପରି ମୋ ହାତରେ ହୁଏନି ଏ ନିଉଛଣା ଶାଗ । ହସେ ମୁଁ । ବୁଝିପାରେ ତା କଥାର ଭିତିରି ଉଦ୍ଦେଶ୍ୟ । ମୋ ବୋଉତ ସେୟା କୁହେନା । ଘରକୁ ସୁନ୍ଦର ଦେଶେ ଘରଣୀ ଥିଲେ..... ଘରଣୀ ଥିଲେ କି ହେବ ମନ ଯଦି ନନିଏ କିଣି । ଆଖିରୁ ଲୁହ ପୋଛି ପକାନ୍ତି ସେ ଲୁଚେଇ ସାବିକି । ମନେ ପଡେ ବୋଉ, ମନେ ପଡନ୍ତି ବାପା । ଯିଏ ଶିଖାଇଥିଲେ, ମଧୁର ବିନୟ ବଚନ... କହି ତୋଷିବ ଜନମନ ।

ସେଦିନ ଆଗୁଆ କାମକୁ ଆସି ସାବି ଦେଖୁଥାଏ କାନ୍ଥ ସାରା ମୋ ସହ ମୋ ବାପା ବୋଉଙ୍କ ଫଟୋ ଆଉ ପଚାରୁ ଥାଏ, ଏମାନେ କଣ ତମକୁ ପାଠ ପଢ଼ାଉଥିଲେ ମାଆ । ହଁ ଯେ ତୁ କେମିତି ଜାଣିଲୁ ? ? ତମେ କହୁନଥିଲ ତମ ଗୁରୁ ସେମାନେ ବୋଲି ? ? ହସିଲି ମୁଁ କହିଲି ଖାଲି ଗୁରୁ ନୁହଁ, ଶ୍ରେଷ୍ଠ ଗୁରୁ । ମୋ ପିତା ମାତା.ଢିମା ଢିମା ଆଖି ମେଲି ସାବି କହୁଥିଲା ହଁ !! ମାଆ ଏ ସ୍ତ୍ରୀ ଲୋକ କଣ ତୁମକୁ ଶାଗ ବଛା ଓ ଖରଡ଼ା ଶିଖେଇଥିଲେ ? ? ଖୁବ ହସିଲି ମୁଁ, ସାବି କହିଲା ନାହିଁ ଗୁରୁ ବୋଲି ତ ମୁଁ ଜାଣେ ସ୍କୁଲରେ ପାଠ ପଢ଼ାନ୍ତି ଆଉ ଶ୍ରେଷ୍ଠ ଗୁରୁ କିଏ ? ? ସେଇଥିପାଇଁ କହିଦେଲି. ତୋର ବାପା ମାଆ ଅଛନ୍ତି ସାବି ? ନା । ତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତୋ ପୁଅ ଝିଅଙ୍କର ତୁ ଆଉ ତୋ ସ୍ୱାମୀ କଣ ? ? ବାପା ବୋଉ, ଆଉ କଣ ? ହଁ ତୁମେ ଦୁହେଁ ତୁମ ପିଲାଙ୍କର ଶ୍ରେଷ୍ଠ ଗୁରୁ । ହସି ହସି ସନ୍ତୁଷ୍ଟିରେ ଗଡ଼ିଗଲା ସାବି । କହିଲା ସେକଥା କହୁନ ତମ ବାପା ବୋଉ ସିଏ ବୋଲି । ଆଛା ମାଆ ମତେ ଫଟୋଟିଏ ଦେବ ପରା କହିଥିଲ ।

ମୁଁ କଣ ଦେବି ସାବି ତୁ ନିଜେ ନେଇଯିବୁ ସବୁ । ମୋ ପୁଅ ଝିଅ ଯେବେ ମୁଁ ମରିଗଲା ପରେ ସେସବୁ କାଢ଼ୁରୁ ହଟେଇ ଦେବେ, ତୁ ନେଇଯିବୁ ବାଛି ବାଛି । ସେମାନେ କଣ ସେସବୁ ରଖିବେନି ? ? ତୁନି କରି ପଚାରୁଥିଲା ସାବି, ତୁମେ କଣ ତାଙ୍କ ଶ୍ରେଷ୍ଠ ଗୁରୁ ନୁଁହକି ? ? ତୁମେ ତାଙ୍କୁ ସବୁ ପ୍ରକାର ଶାଗ ବଛା, କଟା ସହ କରିବା ଶିଖେଇ ଦେଉନ । ହସି ହସି ପେଟ ଫାଟିଗଲା ପରେ ମୁଁ ଗମ୍ଭୀର ହୋଇଗଲି ଆଉ ସାବି କାନରେ ତୁନି ତୁନି ତା ପ୍ରଶ୍ନର ଉତ୍ତର ଦେଲି ଆଲୋ ମୁଁ ମରିଗଲା ପରେ ସ୍ମୃତି ହୋଇଯିବି, ସ୍ମୃତିକୁ କେତେ ଦିନ କିଏ ସାଇତିକି ରଖିବ କାହିଁକି ? ? ସାବି ବଡ଼ ବଡ଼ ଆଖି କରି କହିଲା କେଜାଣି ମୁଁ ଜାଣିନି, ତମେ ମରିବା କଥା କାହିଁକି କହୁଛ, ଚାଲ ମତେ ପାଖାଳ ଦେବ, ଖାଇସାରିବା ପରେ ପାଇଟି କରିବି । ମୁଗ୍ଧ ହୋଇ ମୁଁ ପାଦ ବଢ଼େଇଲି ରୋଷେଇ ଘରକୁ, କେତେ କେତେ ସ୍ମୃତି ସବୁ ଜଙ୍ଗଲ ଧୂଆଁ ଧୂଆଁ ପରି ସାଙ୍ଗେ ସାଙ୍ଗେ ଆସୁଥିଲେ ମୋ ପଛେ ପଛେ ନୂଆ ରୂପରେ ।

ସାକ୍ଷୀଗୋପାଳ, ପୁରୀ, ୯୦୪୦୯୭୭୩୭୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତିନୋଟି ସିଦ୍ଧାନ୍ତ



ସୁଧାଂଶୁ ଶେଖର ଦ୍ୱିବେଦୀ

ଅନେକ ବର୍ଷ ପୂର୍ବେ ରୋମ ଦେଶରେ ସମ୍ରାଟ ଡେମିଟିୟନ ଶାସନ କରୁଥିଲେ । ସେ ପ୍ରଖର ବୁଦ୍ଧିମାନ ଓ ନ୍ୟାୟପ୍ରିୟ ଶାସକ ଥା'ନ୍ତି । ତାଙ୍କ ଶାସନ କାଳରେ କେହି ବି ଅପରାଧ କରିବାକୁ ଭୟ କରୁ ଥିଲେ ।

ଦିନେ ସେ ତାଙ୍କ ରାଜମହଲରେ ବସିଥା'ନ୍ତି ଜଣେ ବେପାରୀ ମହଲ ଭିତରକୁ ଆସିବା ପାଇଁ ଅନୁମତି ମାଗିଲା । ଦ୍ୱାରପାଳ ଆସିବାର କାରଣ ପଚାରିବାରୁ ସେ କହିଲା- ମୁଁ ଜଣେ ବେପାରୀ । କିଛି ଏମିତି ଜିନିଷ ବିକ୍ରି କରିବାକୁ ଆସିଛି ଯାହା ସମ୍ରାଟଙ୍କ ହିତକର ହେବ । ଦ୍ୱାରପାଳ ତୁରନ୍ତ ତାକୁ ମହଲ ଭିତରକୁ ନେଇ ସମ୍ରାଟଙ୍କ ନିକଟରେ ଉପସ୍ଥିତ କରାଇଲା । ବେପାରୀ ସମ୍ରାଟଙ୍କ ଆଗରେ ନମ୍ରତାର ସହିତ ମୁଣ୍ଡ ଝୁକେଇ ଅଭିବାଦନ ଜଣାଇଲା । ସମ୍ରାଟ ପଚାରିଲେ-କୁହ ତୁମ ନିକଟରେ କଣ ଏମିତି ଅଛି ଯାହା ମୋ ପାଇଁ ହିତକର ହୋଇପାରେ !

ବେପାରୀ କହିଲା- ରାଜନ ! ମୁଁ ଆପଣଙ୍କୁ ତିନୋଟି ସିଦ୍ଧାନ୍ତ ବିକ୍ରି କରିବାକୁ ଚାହୁଁଛି । ଯାହା ତର୍କ ଏବଂ ଜ୍ଞାନରେ ଭରପୁର ।

-ଆଚ୍ଛା ! ତେବେ କୁହ ସେ ତିନୋଟି ସିଦ୍ଧାନ୍ତର ମୂଲ୍ୟ କେତେ ହେବ ?

- କେବଳ ଏକ ହଜାର ଫ୍ଲୋଟିନ।

- ଯଦି ଉକ୍ତ ତିନୋଟି ସିଦ୍ଧାନ୍ତ ମୋର କୌଣସି କାର୍ଯ୍ୟରେ ସିଦ୍ଧ ନ ହୁଏ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ରାଜନ ! ତାହା ଯଦି ଆପଣଙ୍କ କାର୍ଯ୍ୟରେ ସିଦ୍ଧ ନ ହୁଏ ତାହେଲେ ମୁଁ ପ୍ରତିବଦଳରେ ଦୁଇ ହଜାର ଫ୍ଲୋରିନ ଫେରାଇବି ।

- ଠିକ ଅଛି, ତେବେ ସେଇ ତିନୋଟି ସିଦ୍ଧାନ୍ତ ମୋତେ ଶୁଣାଅ ।

ବେପାରୀ ଶୁଣେଇଲା- ରାଜନ ! ପ୍ରଥମ ସିଦ୍ଧାନ୍ତ ହେଉଛି - ଯାହାକିଛି କରିବେ ବୁଦ୍ଧି ଦ୍ୱାରା ବିଚାର କରି ତଥା ତା'ର ପରିଣାମ ବିଷୟରେ ଭାବିଚିନ୍ତି କରିବେ । ଦ୍ୱିତୀୟ ସିଦ୍ଧାନ୍ତ ହେଉଛି - କୌଣସି ସ୍ଥାନକୁ ଯାଉଥିବା ବେଳେ ରାଜମାର୍ଗ ପରିତ୍ୟାଗ କରି କେବେବି ଛୋଟ କି ମାଟି ରାସ୍ତାରେ ଯିବେନାହିଁ । ତୃତୀୟ ସିଦ୍ଧାନ୍ତ ହେଉଛି - ସେଭଳି ଘରେ ରାତିସାରା କେବେ ରହିବେ ନାହିଁ ଯେଉଁ ଘରେ ପତି ବୃଦ୍ଧ ଏବଂ ପତ୍ନୀ ଯୁବତୀ ହୋଇଥିବ । ଏହି ତିନୋଟି ସ୍ୱୟଂସିଦ୍ଧ ସିଦ୍ଧାନ୍ତକୁ ଆପଣ ସ୍ୱୟଂ କାର୍ଯ୍ୟ ରୂପେ ବ୍ୟବହାର କରି ପରୀକ୍ଷା କରିପାରିବେ ।

ସମ୍ରାଟଙ୍କୁ ୩ଟି ସାରା ସିଦ୍ଧାନ୍ତ ଖୁବ ଶିକ୍ଷାପ୍ରଦ ଓ ବ୍ୟବହାରଯୋଗ୍ୟ ବୋଲି ମନେହେଲା ।

ବେପାରୀର ପ୍ରଥମ ସିଦ୍ଧାନ୍ତ ସମ୍ରାଟଙ୍କୁ ଅତ୍ୟଧିକ ଆକୃଷ୍ଟ କଲା । ସେ ପ୍ରଥମ ସିଦ୍ଧାନ୍ତକୁ ବଡ଼ ବଡ଼ ଅକ୍ଷରରେ ଲେଖା କରାଇ ତାଙ୍କ ଶୟନ କକ୍ଷ ତଥା ପ୍ରତ୍ୟେକ ଘରର ଦ୍ୱାରରେ ଟାଙ୍ଗି ଦେବାକୁ ଆଦେଶ ଦେଲେ । କେବଳ ସେତିକି ନୁହେଁ ବ୍ୟବହୃତ ହେଉଥିବା ପ୍ରତିଟି ଲୁଗା ଯଥା - ତକିଆ, ଚାଦର, ତଉଲିଆ, ବିଛଣା ଆଦିରେ ସେହି ସିଦ୍ଧାନ୍ତକୁ ଲେଖା କରାଇଲେ ।

ସମ୍ରାଟ ନ୍ୟାୟପ୍ରିୟ ହେବା କାରଣରୁ କିଛି ଦୁଷ୍ଟ ପ୍ରକୃତିର ଲୋକ ତାଙ୍କର ଶତ୍ରୁ ହୋଇଯାଇଥା'ନ୍ତି । ସେମାନେ ଷଡ଼ଯନ୍ତ୍ର କରି କେମିତି ସମ୍ରାଟଙ୍କୁ ମାରିବେ ଉପାୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖୋଜୁଥାନ୍ତି । ଥରେ ସମ୍ରାଟଙ୍କ ବାରିକକୁ କିଛି ଫ୍ଲୋରିନ ଦେଇ ଅକ୍ତିଆର କରିନେଲେ । ବାରିକ ମଧ୍ୟ ସେମାନଙ୍କ ପ୍ରରୋଚନାରେ ଏକମତ ହୋଇ ମଉକାକୁ ଅପେକ୍ଷା କଲା । ଦିନେ ସମ୍ରାଟଙ୍କ ଚୁଳ, ଦାଢି କାଟିବା ପୂର୍ବରୁ ଦାଢିରେ ପାଣି ଘଷି ନରମ କରୁଥାଏ ହଠାତ ଦେଖିଲା ସମ୍ରାଟଙ୍କ କାନ୍ଧରେ ପଡିଥିବା ତଉଲିଆରେ ଲେଖାହୋଇଛି - ଯାହାକିଛି କରିବେ ବୁଦ୍ଧି ଦ୍ୱାରା ବିଚାର କରି ତା'ର ପରିଣାମ ବିଷୟରେ ଭାବିଚିନ୍ତି କରିବେ । ବାରିକ ସମ୍ରାଟଙ୍କ ଦାଢ଼ିରେ ପାଣି ଘଷୁ ଘଷୁ ଥରେ, ଦୁଇଥର, ତିନି ଥର ଏମିତି କେତେ ଥର ସେଇ ସିଦ୍ଧାନ୍ତକୁ ପାଠ କଲା । ପୁଣି ମନେ ମନେ ବିଚାର କଲା - ମୁଁ ଯଦି ସମ୍ରାଟଙ୍କୁ ମାରିଦେବି ତା'ର ପରିଣାମ ବିନାଶକାରୀ ହେବ । ବିଚାରଧାରାରେ ବାରିକ ନିଜ ପରିଣାମ କଥା ଭାବୁ ଭାବୁ ଭୟରେ ତା' ହାତରୁ କ୍ଷୁର ତଳେ ଖସିପଡ଼ିଲା ।

ବାରିକର ବିକଳ ଅବସ୍ଥା ଦେଖି ସମ୍ରାଟ ପଚାରିଲେ-କଣ ହେଲା ? ଆଜି ତୋର କଣ ହୋଇଛି କି ହାତରୁ କ୍ଷୁର ଖସିପଡୁଛି ?

ସମ୍ରାଟଙ୍କ ପ୍ରଶ୍ନରେ ବାରିକ ହୋଶ ଧରି ହାତଯୋଡି କହିଲା - ସରକାର ! ମୋତେ କ୍ଷମା କରନ୍ତୁ । ମୁଁ ଆଜି ଆପଣଙ୍କ ଗଳା କାଟିବାପାଇଁ ଷଡ଼ଯନ୍ତ୍ରକାରୀଙ୍କ ଦ୍ୱାରା କିଣା ହୋଇଛି । ପରନ୍ତୁ ଆପଣଙ୍କ କାନ୍ଧରେ ଥିବା ତଉଲିଆର ବାକ୍ୟ ମୋତେ ସଚେତ କରିଛି । ମୋତେ କ୍ଷମା କରନ୍ତୁ ସରକାର । ସମ୍ରାଟ ବାରିକକୁ ତ କ୍ଷମା କରିଦେଲେ ପ୍ରଥମ ସିଦ୍ଧାନ୍ତ କାରଣରୁ ତାଙ୍କ ପ୍ରାଣ ରକ୍ଷା ହୋଇଥିବାରୁ ଈଶ୍ୱରଙ୍କୁ ଧନ୍ୟବାଦ ଜଣାଇଲେ ।

ଷଡ଼ଯନ୍ତ୍ରକାରୀ ଦେଖିଲେ ସେମାନଙ୍କ ପ୍ରଥମ ପ୍ରୟାସ ନିଷ୍ଫଳ ହେଲା । ପୁଣିଥରେ ନୂଆ ଷଡ଼ଯନ୍ତ୍ର ରଚିଲେ । ଏକ ବିଶେଷ କାର୍ଯ୍ୟ ହେତୁ ଦିନେ ରାତିରେ ସମ୍ରାଟ ନଗରର ମୁଖ୍ୟ କାର୍ଯ୍ୟାଳୟକୁ ରାଜମାର୍ଗରେ ଯାଉଥାନ୍ତି । ସାଥିରେ ମନ୍ତ୍ରୀ, ସେନାପତି, କଟୁଆଳ ଚାଲିଥାନ୍ତି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେ ଯେତେବେଳେ ଏକ ଛୋଟ ମାଟି ରାସ୍ତା ଅତିକ୍ରମ କରୁଥାନ୍ତି ମନ୍ତ୍ରୀ, ସେନାପତି କହିଲେ- ହଜୁର ! ଏଇ ଛୋଟ ରାସ୍ତାରେ ଚାଲନ୍ତୁ ଶୀଘ୍ର ପହଞ୍ଚିଯିବେ । ବେପାରୀ କହିଥିବା ଦ୍ୱିତୀୟ ସିଦ୍ଧାନ୍ତ ସମ୍ରାଟଙ୍କର ମନେ ପଡ଼ିଲା । ଉକ୍ତ ସିଦ୍ଧାନ୍ତକୁ ସେ ପାଳନ କରିବେ ବୋଲି ସ୍ଥିର କରି କହିଲେ - ମୁଁ ରାଜମାର୍ଗରେ ଯିବି । ଆପଣମାନଙ୍କ ମଧ୍ୟରୁ ଯଦି କାହାରି ଇଚ୍ଛା ଥାଏ ଏଇ ମାଟି ରାସ୍ତାରେ ଯାଇପାରନ୍ତି ।

ସମ୍ରାଟଙ୍କ ଆଜ୍ଞା ପାଇ କିଛି ସୈନିକ ଶୀଘ୍ର ପହଞ୍ଚିବା ଉଦ୍ଦେଶ୍ୟରେ ମାଟି ରାସ୍ତାରେ ଗଲେ । ଷଡ଼ଯନ୍ତ୍ରକାରୀ ଛଦ୍ମ ଆବରଣରେ ସେହି ରାସ୍ତାରେ ଜଗି ରହିଥାନ୍ତି । ସୈନିକମାନଙ୍କ ମଧ୍ୟରେ ସମ୍ରାଟ ଅଛନ୍ତି ବୋଲି ଭାବି ସେମାନଙ୍କୁ ମାରିଦେଲେ । ନଗରରେ ପହଞ୍ଚିବା ପରେ ବହୁ ସମୟ ଯାଏ ଅବଶିଷ୍ଟ ସୈନିକ ନ ଆସିବାରୁ ଖୋଜା ପଡିଲା । ସେମାନେ ମୃତ୍ୟୁବରଣ କରିଛନ୍ତି ବୋଲି ସମ୍ରାଟ ଜାଣିବା ପରେ ବେପାରିକୁ ଧନ୍ୟବାଦ ଦେଇ କହିଲେ- ଦ୍ୱିତୀୟ ସିଦ୍ଧାନ୍ତ ମଧ୍ୟ ମୋ ଜୀବନ ବଞ୍ଚେଇଛି । ହେ ଈଶ୍ୱର ! ତୋତେ କୋଟି ଧନ୍ୟବାଦ ।

ଦ୍ୱିତୀୟ ଥର ଅସଫଳ ହେବାପରେ ସମ୍ରାଟଙ୍କ ଶତ୍ରୁ ସଜାଗ ହୋଇ ଗଲେ । ଥରେ ସମ୍ରାଟଙ୍କୁ ଦୂର ଗାଁକୁ ଯିବାର ଥାଏ । ଷଡ଼ଯନ୍ତ୍ରକାରୀ ଭାବିଲେ ଏଥର ସମ୍ରାଟ ନିଶ୍ଚୟ ମରିବ । ସମ୍ରାଟ ଗାଁରେ ପହଞ୍ଚିବା ପରେ ରାତ୍ରିରେ ରହିବା ନିମନ୍ତେ ଗାଁର ସର୍ବଶ୍ରେଷ୍ଠ ଧନଶାଳୀଙ୍କ ଘରେ ବ୍ୟବସ୍ଥା ହୋଇଥାଏ । ରାତ୍ରି ଯାପନ ପୂର୍ବରୁ ସମ୍ରାଟ ଘରର ବୃଦ୍ଧ ମାଲିକଙ୍କୁ ପଚାରିଲେ - ଆପଣଙ୍କ ସ୍ତ୍ରୀ ଅଛନ୍ତି ?

- ହଁ ସରକାର ।

କୃପାକରି ତାଙ୍କୁ ମଧ୍ୟ ମୋ ସମ୍ମୁଖକୁ ଆସିବାକୁ କୁହନ୍ତୁ।

ବୃଦ୍ଧ ମାଲିକ ପତ୍ନୀକୁ ସମ୍ରାଟଙ୍କ ସମ୍ମୁଖକୁ ଡାକିଲା । ସେ ୨୦ ବର୍ଷର ଯୁବତୀ ଥାଏ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହା ଦେଖି ବେପାରୀର ତୃତୀୟ ସିଦ୍ଧାନ୍ତ ମନେ ପଡ଼ିବାରୁ ଗୁପ୍ତରେ ତାଙ୍କ ଅଙ୍ଗରକ୍ଷକକୁ କହିଲେ - ମୋର ରାତ୍ରି ଯାପନ ପାଇଁ ଅନ୍ୟ କୋଉଠି ବ୍ୟବସ୍ଥା କର ।

ଅଙ୍ଗରକ୍ଷକ ସମ୍ରାଟଙ୍କ ନିମନ୍ତେ ଅନ୍ୟ ସ୍ଥାନରେ ଏକ ଘର ଯୋଗାଡ଼ କଲେ । ସମ୍ରାଟ ବୃଦ୍ଧଙ୍କ ଘରେ ଥିବା ଅବସ୍ଥାରେ ଅର୍ଦ୍ଧରାତ୍ରୀରେ ଛପି ଛପି ଅଙ୍ଗରକ୍ଷକ ବ୍ୟବସ୍ଥା କରିଥିବା ଘରକୁ ପଳାଇଲେ । ରାତି ବଢିବା ପରେ ବୃଦ୍ଧ ଓ ତା' ସ୍ତ୍ରୀ ଆସି ଜଣ ଜଣ ସୈନିକଙ୍କୁ ମାରି ଦେଲେ । ତାପରଦିନ ସେମାନଙ୍କ ମୃତ୍ୟୁ ଖବର ଶୁଣି ସମ୍ରାଟ ଇଶ୍ୱରଙ୍କୁ ଧନ୍ୟବାଦ ଦେଇ କହିଲେ - ହେ ଦୟାଳୁ ଇଶ୍ୱର ! ଯଦି କାଲି ରାତ୍ରିରେ ମୁଁ ସେ ଘରେ ରହିଥାନ୍ତି ମୋର ବି ମୃତ୍ୟୁ ହୋଇଥାନ୍ତା । ବେପାରୀର ତୃତୀୟ ସିଦ୍ଧାନ୍ତ ମଧ୍ୟ ସତ ସିଦ୍ଧ ହେଲା । ବୃଦ୍ଧ ଏବଂ ତା ସ୍ତ୍ରୀକୁ ସମ୍ରାଟଙ୍କ ଆଜ୍ଞାରେ ମୃତ୍ୟୁଦଣ୍ଡ ଦିଆଗଲା ।

(ରୋମ ଲୋକକଥା)

ବିସି-୭୪,ସଲଟ ଲେକ,କଲକତା-୬୪

ମୋ-୯୬୮୧୩୭୩୫୧୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସନାତନ



ବିନୟ ମହାପାତ୍ର

ସନାତନ ଆମ ଗାଁର ସେମିତି କୋଉ ବଡ଼ ନାମଜାଦା ଲୋକ ନଥିଲା କି ବଡ଼ ଚାଷୀଟାଏ ବି ନଥିଲା । ବେଶି ପାଠୁଆ ନଥିଲା କି ସେମିତି କିଛି ବଡ଼ କିମ୍ବା ଛୋଟମୋଟ ନେତାଟିଏ ବି ନଥିଲା । ଆପଣମାନେ ଭାବୁଥିବେ ମୁଁ ତା ବିଷୟରେ କିଛି କହିବାକୁ କାହିଁକି ବାଛିଲି ? ଗାଁରେ ଏତେ ଲୋକ ଅଛନ୍ତି, ସେମାନଙ୍କ ବିଷୟରେ କହିବାକୁ ମୋତେ ବହୁତ କିଛି ମସଲା ମିଳିଥାନ୍ତା, କିନ୍ତୁ ଏମିତି କଣ ଅଛି ଏ ସନାତନର ଜୀବନରେ ଯେ ଅନ୍ୟମାନଙ୍କୁ ଛାଡ଼ି ମୁଁ ସନେଇ, ମାନେ ସନାତନ ଭୋଇର କଥା କହିବାକୁ ଭାବିଲି !

ଏଇଥିପାଇଁ କହୁଛି ସନେଇ କଥା, କାରଣ ତା ଘରଟା ଆମ ଗାଁ ମୁଣ୍ଡରେ, ମେଲଣ ପଡ଼ିଆ ପାଖରେ ଯେଉଁ ବରଗଛଟା ଅଛି ତାଠାରୁ ଅଳ୍ପ ଦୂରରେ । ତା ଅଗଣାରେ ଠିଆ ହେଲେ ବର ଗଛଟା ପୁରା ଦେଖାଯାଏ । ବରଗଛ ତଳେ କିଏ ବସିଛି କିଏ ଠିଆ ହୋଇଛି ପୁରା ଚିହ୍ନି ହୋଇଯାଏ । ସନେଇ ହେଉଛି ଆମ ସମାଜର ଗୋଟିଏ ନିର୍ଭୀକ ସୈନିକ । ଦେଶ ସୀମାରେ ବନ୍ଧୁକ ଧରି ପହରା ଦେଉନି ସିନା, କିନ୍ତୁ ଦେଶସେବା କରିବାକୁ ଦେଶବାସୀଙ୍କ ଥାଳିରେ ଭାତ ମୁଠାଏ ଦେବାକୁ ହଳ ବଳଦ ନେଇ ଭାଗ ଜମିରେ ତାର ରକ୍ତ ନିଗାଡ଼ି ଦିଏ । ଛନ୍ଦକପଟ ଜାଣେନା, ରାଜନୀତିରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୁଣ୍ଡ ଖେଳାଏନି । ଦେଶ, ବିଦେଶ କଥା ଜାଣନା, ହେଲେ ସେ ତାର ଅଜାଣତରେ ଦେଶ ପାଇଁ କେତେ ଯେ କାମ କରିଯାଏ ତାର ତୁଳନା ନାହିଁ । ଛୋଟ କୃଷକଟିଏ, ତାର ଜମିରେ ନିଜ ଝାଳ ନିଗାଡ଼ି ଦିଏ । ତା'ରି ଝାଳ ନିଗିଡ଼ା ଫସଲର ଅସଲ ଲାଭ, ଲୋଭି ବେପାରୀ ଖାଇଯାଏ, ଆଉ ତା ପରିଶ୍ରମର ଫଳ ଉଚ୍ଚା ଦାମରେ କିଣି ଆମ ଖାଇବା ଥାଳିରେ ପରଶି ଦିଆଯାଏ । ସେମିତି ନିରୀହ ଚାଷିଟିଏ ସନିଆ ।

ଦିନେ ତାକୁ ପଚାରିଲି, 'ଆରେ ସନେଇ ! ତୁ ଶୁଣିଛୁ ? ଆମ ନେତା କହୁଛନ୍ତି ଭଲ ଦିନ ଖୁବ୍ ଶିଘ୍ର ଆସିବ ! ସମସ୍ତଙ୍କର ସ୍ୱପ୍ନ ପୁରା ହୋଇଯିବ । ଆଚ୍ଛା ଭଲ ଦିନ କହିଲେ ତୁ କଣ ଭାବୁ ?' ସନେଇ ଯାହା ଉତ୍ତର ଦେଲା ଆପଣ ଶୁଣିଲେ ବି ଆଶ୍ଚର୍ଯ୍ୟ ହୋଇଯିବେ । ସତରେ କହନ୍ତି ମାଟିର ମଣିଷଟିଏ, ଯିଏ ମୁଣ୍ଡରୁ ନୁହେଁ ହୃଦୟରୁ ଭାବେ । ସନେଇ କହିଲା, 'ଆଜ୍ଞା ! ଯେଉଁଦିନ ମୋ ବୁଢୀମାଆ, ମୋ ପୁଅ, ଝିଅ, ମୋ ସ୍ତ୍ରୀ ବି' ବକତ ପେଟ ପୁରେଇ ଖାଇବେ, ଯେଉଁଦିନ ଝଡ଼ି ବର୍ଷାରେ ମୋ ଚାଳରୁ ପାଣି ଗଳିବନି, ଶୀତ କାକରରେ ମୋ ପିଲାଏ ହନ୍ତସନ୍ତ ହେବେନି କି ମୋ ପରିବାରର କେହି ବି ରୋଗ ଯନ୍ତ୍ରଣା ଭୋଗି ଔଷଧ ଟୋପାଏ ନପାଇ ମରିବନି, ସେଇଦିନ ଆସିବ ଭଲ ଦିନ ।' ସନିଆ ପାଇଁ ସେ ଭଲ ଦିନ କେବେ ଆସିବ ? ଏ ପ୍ରଶ୍ନ ମୋ ପାଇଁ, ଆପଣଙ୍କ ପାଇଁ ଆଉ, ମୋ ଦେଶର ଶହେ କୋଟିରୁ ଅଧିକ ଜନତା, ମୋ ଦେଶର ରାଜନେତାଙ୍କ ପାଇଁ ଏକ ଯକ୍ଷ ପ୍ରଶ୍ନ । ଯାହାର ସିଧା ସଳଖ ଉତ୍ତର ଆମ କାହା ପାଖରେ ନାହିଁ । ସନିଆ କଣ ବହୁତ କିଛି ଆଶା କରି ବସିଛି ??

ସନାତନର ଛୋଟ ପରିବାରଟିଏ । ପରିବାର କହିଲେ, ବୁଢୀମାଆ, ସ୍ତ୍ରୀ ସୁମତି, ପୁଅ ବିକାଶ, ଆଉ ଝିଅଟିଏ, ନା ତାର କେତକୀ । ପୁଅକୁ ଏଇ ଦୋଳକୁ ନଅ ପୁରି ଦଶ ଚାଲିଲା, ଗାଁ ପ୍ରାଇମେରୀ ସ୍କୁଲରେ ପଞ୍ଚମରେ ପଢେ, ଝିଅ ସାନ, ଆଠ ବର୍ଷର କେତକୀ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତୃତୀୟ ଶ୍ରେଣୀରେ ପଢେ । ସନେଇ ଯେତେବେଳେ ଛୋଟ ପିଲାଟିଏ ଥିଲା ସେତେବେଳେ ତାର ବାପା ମରି ଯାଇଥିଲା, ମାଆ ଥିଲା ବୋଲି ସେ ମଣିଷ ହୋଇପାରିଲା, ହାତକୁ ଦି'ହାତ ହେଲା । ବୁଢୀମାଆ ଖୁବ୍ ସମ୍ଭାଳିଥିଲା ଘରକୁ । ସନିଆ ସେତେବେଳ ଆଠ ବରଷର ଥିଲା, ସନିଆର ବାପା କୋଉ ଅଜଣା ବେମାରୀରେ ମରିଗଲେ । ବଇଦେ କହୁଥିଲେ କୁଆଡ଼େ ରାଜଯକ୍ଷ୍ମା ହେଇଯାଇଥିଲା ବୋଲି । ପ୍ରଥମେ ତ କାଶ ହେଲା, କାଶି କାଶି ନୟାନ୍ତ ହେଲାରୁ ବଇଦକୁ ଦେଖାଇଲେ, ଜମିବାଡ଼ି ବୋଲି କିଛି ବି ନଥିଲା, ମୂଲଚାଲ କରି ଘର ଚଳଉ ଥିଲା । ପଥି ପାଞ୍ଚଣ ପାଇଁ ଋଣ କରଜ କିଏ ବା ଦେଇ ଥାଆନ୍ତା ! ବଡ଼ କଷ୍ଟରେ କେଉଁଠୁ କେଉଁଠୁ ଧାରଉଧାର କରି ସନେଇର ମାଆ ତା ବାପାକୁ ବଇଦ ପାଖକୁ ନେଇଥିଲା । ବଇଦେ କିଛି ଔଷଧ ଦେଲେ, ମାସ ଦି'ଟାରେ ହାଡ଼କଙ୍କାଳ ଦିଶିଗଲା ସନେଇ ବାପର । ତାପରେ କାଶରେ ରକ୍ତ ପଡ଼ିଲା, ଦିନ ପନ୍ଦରଟାରେ ସବୁ ଶେଷ ।

ସନେଇ ମାଆ ବହେ କାନ୍ଦିଲା, ଶେଷକୁ ସନେଇ ମୁହଁକୁ ଚାହିଁ, କପାଳ ଆଦରି ପଡ଼ି ରହିଲା । ଘରଘର ପାଇଟି କରି, ସନେଇକୁ ବଡ଼ କଲା । ସନେଇ ଟିକେ ପାରିବାର ହେଲାରୁ ମୂଲ ଲାଗିବା ଆରମ୍ଭ କରିଦେଲା । ମାଆ ପୁଅ ମିଶି କାମରେ ଲାଗିଗଲେ, ଦି' ପଇସା ଅଧିକ ଘରକୁ ଆସିଲା । ଖାଇବାକୁ ଦି' ଜଣ ମଣିଷ, ତା' ଜୀବନକାଳ ଭିତରେ ଦୁନିଆର ନାମକ ସ୍କୁଲ ଆଉ ଜୀବନ ବିଷୟରେ ବହୁତ କିଛି ଶିଖେଇ ଦେଇଥିଲା ବୁଢୀକୁ । ଭବିଷ୍ୟତ କଥାକୁ ଭାବି ବୁଢୀ ଦୁଇ ପଇସା ଏକାଠି କରିବାରେ ଲାଗିଗଲା । ବରଷ କେତେଟାରେ ଏତିକି ତ ହୋଇଗଲା କି ଯୋଡ଼ିଏ ବଳଦ ଆଉ ହଳ ନଙ୍ଗଳ କିଣା ହୋଇପାରିବ । ଭାବିଲା ହଳ ନଙ୍ଗଳ ହୋଇଗଲେ ସନେଇ ଆଉ ଅଧିକ ଦି ପଇସା ରୋଜଗାର କରିପାରିବ, କିଛି କିଛି ଅଧିକ ଯୋଡ଼ିଲେ ସନେଇକୁ ହାତକୁ ଦି'ହାତ କରି ଦେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଘରକୁ ବୋହୂ ଆଣିବ । ତେଣିକି ସନେଇର ସଂସାର ଦେଖି ନିଶ୍ଚିତରେ ତା' ଆଖି ବୁଜିବ, ନହେଲେ ଆଉ ପୁରକୁ ଯାଇ ସନେଇ ବାପାକୁ କଣ କହିବ ?

ଭୋକ ହିଁ ମଣିଷର ପରମ ମିତ୍ର, ପରମ ହିତୈଷୀ । ଭୋକ ନଥିଲେ ହୁଏତ ମଣିଷ ଜାତି କେଉଁ ଯୁଗରୁ ସମାପ୍ତ ହୋଇ ସାରନ୍ତାଣି ଅବା ଆଜି ବି ସେମିତି ବଣ ଜଙ୍ଗଲରେ ବାଘ ଭାଲୁଙ୍କ ସାଥିରେ ବୁଲୁଥାନ୍ତା । ମଣିଷର ସବୁ ପ୍ରେରଣାର ଧାରା ତା' ଭୋକରୁ ହିଁ ଆସେ । ଏଇ ଭୋକ ହିଁ ମଣିଷକୁ ଜୀବିତ ରଖେ, କାମ କରିବାକୁ ପ୍ରେରିତ କରେ, ଆଗକୁ ବଢ଼ିବା ପାଇଁ ନୂଆ ବୁଦ୍ଧି ବିଚାର ଦିଏ । ଭୋକ କେବଳ ପେଟରେ ନଥାଏ । ଭୋକ ପାଇଁ କିଏ ଦେହ ବିକୁଛି ତ କିଏ ନିଜ ଦେହର ଭୋକ ମେଣ୍ଟେଇବାକୁ ଦେହ କିଣୁଛି । ଭୋକ କ୍ଷମତା ପାଇଁ, ଭୋକ ନାଁ କରିବା ପାଇଁ, ଭୋକ ଜ୍ଞାନ ପାଇଁ, ବିଜ୍ଞାନ ପାଇଁ, ଭୋକ ଈଶ୍ୱର ଭକ୍ତି ପାଇଁ ଏମିତି ଅନେକ ଭୋକ । ଏଇ ଭୋକ ମଣିଷକୁ ସକାଳୁ ଉଠାଇ ଦିଏ ଆଉ ଦିନସାରା ବଳଦ ପରି ଖଟାଏ । ଭୋକ ନଥିଲେ କିଏ ବା କାହିଁକି ସକାଳୁ ଉଠନ୍ତା କି ରାତି ରାତି ନଶୋଇ ଦିନରାତି ଚବିଶ ଘଣ୍ଟା, ଘଡ଼ିର କଣ୍ଟା ପରି ଟିକ୍ ଟିକ୍ କରି କାମରେ ଲାଗି ଥାଆନ୍ତା ? ଯେତେବେଳେ ମଣିଷର ଭୋକ ସମାପ୍ତ ହୋଇଗଲା, ସେତେବେଳେ ଜାଣିବ ମଣିଷଟି ବି ସମାପ୍ତ ହେବାକୁ ଯାଉଛି ।

ସରକାର ଦୁଇ ଟଙ୍କିଆ ଚାଉଳ ଦେଇ ଖଟିଖିଆଙ୍କର ପେଟର ଭୋକକୁ ମାରିଦେଲେ ଆଉ ମାରିଦେଲେ କାମିକା ମଣିଷମାନଙ୍କର ମେହନତ କରିବାର ଇଚ୍ଛା ଏବଂ ଆବଶ୍ୟକତାକୁ, ଆଉ ସେମାନଙ୍କର କାମ କରିବାର ଭୋକକୁ । ମାଗଣାରେ ବାଣ୍ଟିବାଣ୍ଟି ସରକାର ଗୁଡ଼ାଏ ନିକମ୍ମା ଅଳସୁଆ ଲୋକରେ ଭରି ଦେଲେଣି ଦେଶଟାକୁ । ସରକାର ତ ରାଜନୀତି କରୁଛନ୍ତି । ଦାନା ଦେଖାଇ ଡେଣା କାଟି ଦେଉଛନ୍ତି । ଗୁଡ଼ାଏ କ୍ରୀତଦାସ ତିଆରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରୁଛନ୍ତି ଦୁଇ ଟଙ୍କିଆ ଚାଉଳ ବଦଳରେ । କାରଣ କାଲି ପୁଣି ଭୋଟ ହେବ, ସେତେବେଳେ ଏଇ ନିକମ୍ମା ମଣିଷମାନେ ତ କାମରେ ଆସିବେ ! ଜୟ୍ ଜୟ୍କାର କରିବେ ପୁଣି ଭୋଟ ଦେଇ ଜିତାଇ ଦେବେ । ଆଉ ଜନତା ଅନେଇ ବସିଥିବ ଚାତକଙ୍କ ପରି । ପୁଣି ମହାଭାଗ କେଉଁ ଦୟାର ବୃଷ୍ଟି କରିବେ । ମାଗଣାରେ ଅମୁକ ମିଳିବ ସମୁକ ମିଳିବ । ଗୁଡ଼ାଏ ମାଗଣାଖିଆ ନିକମ୍ମା ମଣିଷଙ୍କର ଦେଶ ବନିଯିବ ଦେଶଟା, ଏବଂ ଏଇ ଶସ୍ୟଶ୍ୟାମଳା ଭୂଇଁ ଦିନେ ଟାଙ୍ଗରା ଭୂଇଁ ପାଲଟିଯିବ ।

ପେଟ ଚାଖଣ୍ଡଙ୍କ ପାଇଁ ସମସ୍ତେ ଅନେଇ ବସିଛନ୍ତି ଏଇ କୃଷକର ହାତକୁ । ସକାଳୁସକାଳୁ ସମସ୍ତେ ବ୍ୟାଗ୍ ଖଣ୍ଡେ ଧରି ହାଟ ବଜାରରେ ବୁଲିବୁଲି ଖୋଜୁଛନ୍ତି ସଜ ବାଇଗଣ ଗଣ୍ଡେ କି ଶାଗ ବିଡ଼ାଟେ ପାଇଁ । ଚୁଲି ମୁଣ୍ଡରେ ଘରଣୀ ଅନେଇ ବସିଛି ଚାଉଳ ଗଣ୍ଡେ କି ଅଟା ଦି' ମୁଠା ପାଇଁ । ଖାଇଲାବେଳେ କେବେ କିଏ କଣ ମନେପକାଏ ସେହି ଅନ୍ନଦାତା 'ବିଚରା ଚାଷୀ ବାପୁଡ଼ାର କଥା ? ହଁ ବେପାରୀ କେବଳ ଅନେଇ ବସିଛି ଚାଷୀ ବାପୁଡ଼ାର ହାତକୁ । କେତେବେଳେ କ୍ଷେତରେ ଧାନ ପାଚିବ କି ପିଆଜ, ଟମାଟର ଫଳିବ । କ୍ଷେତ ମୁଣ୍ଡରୁ ଆଠଣି ଚାରଣି ଭାଉ ଦେଇ ପିଆଜ ଟମାଟର କିଣି ନେବ, ଆଉ ବଜାରରେ ପଚାଷ ଷାଠିଏ ଟଙ୍କାରେ ବିକିବ । ବିଚରା ଚାଷୀ ଝାଳ ରକତ ନିଗାଡ଼ି ଦେଇ ଖାଲି ହାତରେ ଅନେଇ ବସିଥିବ, ଋଣ କରଜ କେଉଁଠୁ ମିଳିବ ଆସନ୍ତା ଫସଲ ପାଇଁ । କରଜ ସୁଝି ନପାରିଲେ ପାଞ୍ଚ ହାତର ଦଉଡ଼ିରେ ଗଛ ଡାଳରେ ଝୁଲେଇ ଦେବ ନିଜକୁ ।

ଯେତେବେଳେ ସନେଇର ସାଇଭାଇ ଭେଣ୍ଡିଆ ପଲକ ପିଣ୍ଡାରେ କି ଗାଁ ମୁଣ୍ଡ ବରଗଛ ଚଉତରାରେ ବସି ତାସ ଖେଳରେ ମସଗୁଲ ହେଉଥାନ୍ତି, ସେତେବେଳେ ସନେଇ ଲାଗିଥାଏ ତା କାମରେ, ନିଜର ଜମି ବୋଇଲେ ତ ଖାଲି ଘରଡିହ ଖଣ୍ଡକ । ତେଣୁ ମାହାନ୍ତି ଘର ଜମି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭାଗରେ ଚାଷ କରେ । ମାହାନ୍ତି ବୁଢା ଆଗରୁ ନିଜେ ଚାଷ କରୁଥିଲେ, ଦି' ଦି'ଟା ହଳିଆ କାମ କରୁଥିଲେ ତାଙ୍କ କ୍ଷେତରେ । ଦି' ହଳ ବଳଦ ବନ୍ଧା ହେଉଥିଲେ ଗୁହାଳରେ ଆଉ ବଉଳା ଗାଇର ଗୁହାଳ ଅଲଗା । ପିଲାମାନେ ତାଙ୍କର ପାଠଶାଠ ପଢି ବଡ଼ ବଡ଼ ଅଫିସର ହୋଇଗଲେ, ଏବେ ପିଲା ଛୁଆଙ୍କୁ ନେଇ ସହରରେ ରହୁଛନ୍ତି । ବୁଢାକୁ ବି ମନା କରିଦେଲେ ଚାଷବାସ କରିବାକୁ, ଆଜିକାଲି ଚାଷରେ କିଛି ଲାଭ ନାହିଁ । ବଜାରରେ ତ ସବୁ କିଛି କିଣିବାକୁ ମିଳିଯାଉଛି । ଚାଷ କରି କାଦୁଅ ମାଟିରେ ଏତେ ହନ୍ତସନ୍ତ ହୋଇ ଲାଭ କଣ ? ଏକ୍ ତ ହଳିଆ ରହିବାକୁ ଲୋକ ମିଳିଲେନି, ଉପରେ ଆଜିକାଲି ମୂଲିଆ ବି ମିଳୁନାହାନ୍ତି କଣ ଗୋଟାଏ କାମ କରିବାକୁ । ହଳ ବଳଦ କଥା କିଏ ବୁଝିବ, ଜମିବାଡ଼ି ଚାଷ କିଏ କରିବ ? ତା ଉପରକୁ ଏତେ କଷ୍ଟ କରି, ପଇସା ଖର୍ଚ୍ଚ କରି ଚାଷ କରିବ, ଠିକ ସମୟରେ ଇନ୍ଦ୍ର ଦେବତା ନାରାଜ ହେଲେ କି ଫସଲରେ ପୋକ ଲାଗିଗଲେ ସବୁ ସରିଲା, ବର୍ଷ ଯାକର ମେହେନତ୍ ଚୁଲିକୁ ଗଲା । ଚାଷରେ ଆଉ ମନ ବଳୁନି ମାହାନ୍ତି ବୁଢାର । ଏବେ ଜମିଗୁଡ଼ାକ ସବୁ ପଡ଼ିଆ ପଡ଼ିଛି ।

ଦି' ବର୍ଷ ଆଗରୁ ଦୋଳ ମେଲଣ ଜାତରେ ମାହାନ୍ତି ବୁଢା ସାଙ୍ଗରେ ଦେଖା ହୋଇଥିଲା ସନେଇର । ସନେଇ ଓଳଗି କରିଲା, ମାହାନ୍ତି ବୁଢା ଗାଁଆରେ ଜଣେ ପୁରୁଖା ଲୋକ, ସମସ୍ତଙ୍କୁ ଚିହ୍ନନ୍ତି, ଜାଣନ୍ତି । ଗାଁ ମାମଲତରେ ସମସ୍ତେ ତାଙ୍କୁ ଡାକନ୍ତି ନ୍ୟାୟ ନିଶାପ କି ଭାଇ ଭାଗ ସମୟରେ । ସନେଇର ମାଆ ନାଆଁ ଧରି ପଚାରିଲେ, 'ତୁ ପଞ୍ଚେଇ ପୁଅ ନା ?' ସନେଇ ହଁ କଲାରୁ ଦୁଃଖସୁଖ ବୁଝି ପଚାରିଲେ, ତୋ ମାଆ କେମିତି ଅଛି ? ପୁଣି କହିଲେ, 'ବିଚାରି ଭାରି କାମିକା ମାଇପିଟାଏ, ସବୁବେଳେ ତୋରି କଥା କହେ, ତୋରି ଚିନ୍ତା କରେ ।' ପୁଣି ପଚାରିଲେ, 'ଆଜିକାଲି କଣ କରୁଛୁ ତୁ ?' ସନେଇ କହିଲା, 'ତା' ହଳ ବଳଦ କଥା,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜିକାଲି କିଏ ଡାକିଲେ ଦିନ ମଜୁରୀରେ କ୍ଷେତ ଜୋଚି ଦେଉଛି ।' ମାହାନ୍ତି ବୁଢା କହିଲେ, 'ଭଲ, ଭଲ । ତୁ ତୋ ମା ପରି କାମିକା ପିଲାଟିଏ ! ଦେଖୁନୁ ଆଜିକାଲି ଜୁଆନ ଭେଣ୍ଡିଆଯାକ କେମିତି ନିକମ୍ମା ହେଇଗଲେଣି, ମାସରେ ଚାରି ଛଅ ଦିନ କାମ କରି ଦେଲେ ମାସକ ପାଇଁ ଟଙ୍କାକିଆ ଚାଉଳ ଯୋଗାଡ଼ ହୋଇଗଲା । ବାକି ଦିନମାନ ସବୁ ଏଇ ବରଗଛ ମୂଳେ ବସି ତାସ ଖେଳରେ ବ୍ୟସ୍ତ । ଭୋକ ଲାଗିଲେ ଘରୁ ପଖାଳ କଂସେ ଠୁଙ୍କି ଦେଇ ଆସିବେ । ଚିନ୍ତା କଣ ? ସରକାର ତ ସବୁ ସୁବିଧା କରି ଦେଇଛି । ପିଲାଙ୍କୁ ବହିଠୁ ଡ୍ରେସ ଯାଏ ସବୁ ମାଗଣା, ଉପରେ ମାଗଣା ମଧ୍ୟାହ୍ନ ଭୋଜନ, ବିପିଏଲ ହେଇଗଲେ ମାଗଣା କୋଠାଘର ବି ମିଳୁଛି । ବେଶି କାମ କରିବା କଣ ଦରକାର ? ଆରେ ତୋତେ ବି ତ ଏମିତି ସବୁ ମିଳିଥିବ ?'

ସନେଇ କହିଲା, 'ନାଇଁ ଆଜ୍ଞା, ଆମ କଥା କିଏ ପଚାରୁଛି, ଆମେ କୋଉ ଗାଈର ଗୋବର ଯେ ! ମାମଲତକାର କରି ଶିଖି ପାରିଲିନି ଏ ଯାଏ । ବୁଢି ମାଆର ବିଧବା ପେନସନ୍ ପାଇଁ ସରପଞ୍ଚଙ୍କୁ କେତେଥର କହିଲିଣି, କହିଲେ ଆଗଲା କୋଟା ଆସିଲେ କରିବେ । ଯାହା ଥିଲା ବଣ୍ଟାବଣ୍ଟି ସରିଲାଣି । ପଛରେ ଶୁଣିଲି କୁଆଡ଼େ ଲେନଦେନ୍ କଲେ କି ସୁପାରିଶ ଆଣିଲେ ମିଳୁଛି । ବଡ଼ବଡ଼ିଆ ଯାକ ତ ଗରିବଙ୍କ ବିପିଏଲ ଖାଉଛନ୍ତି, ଆଉ ଆମ କଥା ବୁଝୁଛି କିଏ ।' ମହାନ୍ତି ବୁଢା ମୁଣ୍ଡ ହଲାଇଲେ, କହିଲେ, 'ହଁ ରେ, ହଁ, ଜାଣେରେ ସବୁ କଥା । ଆଜିକାଲିକା ନେତା ସବୁ ଏମିତି, ଏମାନେ କଣ ଗାନ୍ଧୀ ନା ଗୋପବନ୍ଧୁ ହୋଇଛନ୍ତି, ନା ହୋଇପାରିବେ ? ସମସ୍ତେ ନିଜ ସ୍ୱାର୍ଥ ପାଇଁ ରାଜନୀତି କରୁଛନ୍ତି । ଥରେ ସରପଞ୍ଚ ହୋଇଗଲେ ପାଞ୍ଚ ପୁରୁଷ ବସି ଖାଇବାର ବନ୍ଦୋବସ୍ତ କରିବାରେ ସେମାନଙ୍କର ପାଞ୍ଚ ବରଷ ବିତି ଯାଉଛି ।'

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହାନ୍ତି ବୁଢା ପୁଣି କହିଲେ, 'ଆରେ ସନେଇ ଗୋଟେ କଥା ଭାବୁଥିଲି, କରିବୁ ?' ସନେଇ କହିଲା, 'କୁହନ୍ତୁ ଆଜ୍ଞା, ଆପଣଙ୍କ କଥା ଆଜି ଯାଏ କିଏ ଟାଳିଲାଣି ?' ମାହାନ୍ତି ବୁଢା କହିଲେ, 'ଆରେ ସେମିତି କିଛି କଠିନ କଥା ନାହିଁ ମ, କଣ କହୁଥିଲି କି, ତୁ ତ ଜାଣିଥିବୁ, ଦି' ବର୍ଷ ହେଲାଣି ମୁଁ ଚାଷ ବୁଢ଼େଇ ବସିଛି । ହଳିଆ ମୁଲିଆ ମିଳୁନାହାନ୍ତି, ତା ଉପରକୁ ମୋର ଆଉ ଧାଁ ଧପଡ଼ କରିବା ବୟସ ବି ଆଉ ନାହିଁ । ବାତ ବାହାରି ପଡ଼ିଲାଣି । ବେଶି ଚଲାବୁଲା କଲେ ଆଣ୍ଠୁ ଗଣ୍ଠି ଦରଜ ବାହାରି ପଡୁଛି । ପିଲାମାନେ ବି ମନା କରୁଛନ୍ତି ଚାଷ କରିବାକୁ । କହୁଛନ୍ତି ବଜାରରେ ତ ସବୁ କିଛି କିଣିବାକୁ ମିଳିଯାଉଛି, ଚାଷ କରିବା କଣ ଦରକାର ! ତୁ କହିଲୁ, ସମସ୍ତେ ଯଦି ଏମିତି ଭାବି ଚାଷ ବନ୍ଦ କରି ଦେବେ, ତାହା ହେଲେ ବଜାରକୁ ଚାଉଳ ହେଉ କି ପରିବା ଗଣ୍ଡାକ ହେଉ, କୋଉଠୁ ଆସିବ ? ଏସବୁ ମେସିନରେ ତ ତିଆରି ହେବନି ! ଯେଉଁଦିନ ଚଷା ବାପୁଡ଼ା ଚାଷ ବନ୍ଦ କରି ହାତ ବାନ୍ଧି ବସିଯିବ, ସେଇଦିନ ସମସ୍ତଙ୍କର ଭାତ ଥାଳି ବି ଶୂନ୍ୟ ହୋଇଯିବ । ମଣିଷ କଣ ଟଙ୍କା କି ସୁନା ରୂପା ଖାଇ ପେଟ ଭରିବ ? ତୁ ଯଦି ପାରିବୁ ଆମ ଜମି ଯାକ ଭାଗରେ ଚାଷ କରୁନୁ ! ଯେତେ ବେଳେ ଯାହା ଯେମିତି ଦରକାର ହେବ ମୁଁ ତୋତେ ସାହାଯ୍ୟ କରିଦେବି । ପୋଖରୀ ତଳିଆ ସାତ ଏକର ଅଉଲ ଜମି, ଟିକେ ମେହନତ କଲେ ସୁନା ଫଳିବରେ ସେଥିରେ । କରିବୁ ?'

ସନେଇର ଆଖି ତାଳୁକୁ ଉଠି ଆସିଲା ଖୁସିରେ । ନିଜର ଖୁସି ଲୁଚେଇ କହିଲା, 'ଏଇଟା ତ ବହୁତ ଭଲ ପ୍ରସ୍ତାବଟିଏ, କିନ୍ତୁ ସାତ ଏକର ଜମି, ଇଏ ତ ବହୁତ ବେଶି ମୋ ପାଇଁ ।' ଆଗରୁ ନିଜେ ନିଜେ ଏମିତି କେବେ କିଛି ଚାଷ କରିନି ତଥାପି କହିଲା, 'କରିବି ଆଜ୍ଞା, କିନ୍ତୁ ସାତ ଏକର ଜମିକୁ ଆଖି ପାଉନି, ଆପଣ ଟିକେ ବତେଇ ଦେଲେ ପ୍ରଥମେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକର ଦି ଏକରରୁ ଆରମ୍ଭ କରିବି, ତା ପରେ ପୁଣି ଆପଣେ ଯେମିତି କହିବେ ।' ମହାନ୍ତି ବୁଢା ଖୁସି ହୋଇଗଲେ କହିଲେ, 'ଜାଣିବା ବୁଝିବା ପିଲାଟେ ତୁ । ଠିକ୍ କଥା କହିଛୁ, ଅଳ୍ପରୁ ଆରମ୍ଭ କରିବା ସବୁବେଳେ ଭଲ । ପାଦେ ପାଦେ ଚାଲିଲେ, କୋଶ ସରିଯାଏ । ବ୍ୟସ୍ତ ହେବାର କିଛି ନାହିଁ, ମୁଁ ସବୁ ଶିଖେଇ ଦେବି ତୋତେ, କେବେ କଣ କେମିତି କରିବୁ ବୋଲି, ତୁ ଜମ୍ମାରୁ ଚିନ୍ତା କରିବୁନି । ଆରେ, ଚାଷ କରିକରି ପରା ମୁଣ୍ଡର ଚୁଟି ପାଚିଗଲା ମୋର । ଗୋଟିଏ ବର୍ଷରେ ତୁ ଚାଷବାସ ବିଷୟରେ ସବୁ ଜାଣିଯିବୁ, ତାପରେ ଦେଖିବା, ହଁ କେବେ ବିହନ କି ସାର କିଣିବାକୁ କିଛି ଅସୁବିଧା କି ଅନ୍ୟ କିଛି ଦରକାର ପଡ଼ିଲେ କହିବୁ, ଟଙ୍କା ପଇସାରେ ବି ମୁଁ ସାହାଯ୍ୟ କରିଦେବି । ସଂଧ୍ୟାବେଳେ ଘରକୁ ଆସେ, ସବୁ ବିଷୟରେ କଥା ହୋଇ ଯିବା ।' ସେବେଠାରୁ ସନେଇ ଭାଗରେ ଚାଷ କରୁଛି, ମହାନ୍ତି ବୁଢାର ଜମି । ଦୁଇ ଏକରରୁ ଆରମ୍ଭ କରି ଥିଲା, ଗତ ବର୍ଷ ଆଉ ଚାରି ଏକର ଚାଷ କରିଥିଲା, ଏ ବର୍ଷ ସବୁ ସାତ ଏକର ଜମି ଚାଷ କରିବ ବୋଲି ଭାବିଛି ।

ସକାଳର ପହିଲି କାଉ କାଆ କାଆ କରିବାବେଳକୁ ସନେଇ ତା ବଦଳ ହଳକୁ ଖୋଇପେଇ କ୍ଷେତକୁ ବାହାରି ପଡ଼େ, ଅଣ୍ଟିରେ ତାର ମୁଢି ଦୁଇ ମାଣ ବାନ୍ଧିନିଏ, ସେଇତକ ତାର ସକାଳର ଜଳଖିଆ । ଦୁଇପହର ବେଳକୁ ତା ଘରଣୀ ତା ପାଇଁ ପଖାଳ କଂସାଏ ନେଇ ପହଞ୍ଚିଯାଏ କ୍ଷେତ ମୁଣ୍ଡରେ । ବେଳ ବୁଡିବା ଯାଏ କାମରେ ଯୁଟି ଯାଆନ୍ତି ଗେରସ୍ତ ଭାରିଜା ଦି ଜଣ, ମାଟି ମାଆ ସାଙ୍ଗରେ ମାଟିର ପୁଅଝିଅ ହୋଇ । ଧାନକଟା ହୋଇଗଲା ପରେ, କ୍ଷେତରେ ତାର ପରିବା ଚାଷ କରିଦିଏ ସନେଇ, ବାଇଗଣ ଲଙ୍କା, ଶାଗ କାକୁଡି ଲାଉ ଠାରୁ ଆରମ୍ଭ କରି ଶୀତଦିନେ କୋବି, ମୂଳା, ଟମାଟର, ମଟର, ପିଆଜ, ରସୁଣ ଆଦି ସବୁ କିଶମର ଫସଲ । ସନେଇ କହେ, 'ଆପଣା ହାତ ଜଗନ୍ନାଥ । ଠାକୁରେ ହାତ ଦେଇଛନ୍ତି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାମ କରିବାକୁ, ମାଗିବାକୁ ନୁହେଁ । ତାରି ପରି କେଉଁ ଏକ ଚାଷୀର ଝାଳରେ ଭିଜା ପରିବା, ଆମର ରୋଷେଇ ଘରେ ନିତି ରନ୍ଧା ଯାଏ, ଆମରି ଖାଇବା ଥାଳିରେ ପରଶା ଯାଏ । କିନ୍ତୁ କେହି କେବେ ବି ମନେ ପକାଏନା ସେଇ ମଳି ମୁଣ୍ଡିଆ ଚାଷୀଟିର କଥା । ଦି'ପହର ଖରାରେ ମୁଣ୍ଡରେ ଠେକାଟିଏ ଭିଡ଼ିଦେଇ ଉତପ୍ତ ସୂର୍ଯ୍ୟ କିରଣକୁ ପିଠି ଦେଖେଇ ଝୁକି ପଡ଼ିଥିବ ଧାନ କିଆରୀରେ ଅବା କୋଉ ବାଇଗଣ ଗଛ ମୂଳରେ । କେବେ ବି ମନେ ପଡ଼େନା ସେଇ ସନେଇ ! ଲଞ୍ଚ ଟେବୁଲରେ ଗରମ ଗରମ ଭାତ ଥାଳି ଉପରେ ନଇଁ ପଡ଼ି ସୁଆଦିଆ କୋବି ଆଳୁ ଝୋଳର ସ୍ୱାଦ ନେଲାବେଳେ କେବେ କେହି ମନେ ପକାଏନା, ଆଜି ବିଚରା ସନେଇ ତା ଲଞ୍ଚରେ କଣ ଖାଇଥିବ ! କଂସାଏ ପଖାଳ ସାଙ୍ଗରେ ବାଇଗଣ ପୋଡ଼ାଟିଏ କି ଶାଗ ଭଜା ଟିକିଏ !

ଦିନ ଦିପହରର ସେଇ ଉଦୁଉଦିଆ ଖରାରେ ହେଉ କି ଧାରା ଶ୍ରାବଣର ଝଡ଼ି ବର୍ଷାରେ ଭିଜି ଭିଜି କେତେ ସନେଇ ଏମିତି ମେହନତ କରୁଛନ୍ତି, ଆମ ଖାଇବା ଥାଳିର ଭାତ ମୁଠାକ ପାଇଁ କିମ୍ବା ରୁଟି ଦୁଇ ପଟ ପାଇଁ । ଖାଇଲାବେଳେ କେବେ ବି ମନେପଡ଼େନା ଟାଙ୍ଗରା ଭୂଇଁକୁ ଶସ୍ୟଶ୍ୟାମଳା କରୁଥିବା ଆଉ ମାଟି କାଦୁଅରେ ପଚପଚ ଗାଧୋଇ ପଡ଼ିଥିବା ସେଇ ସନେଇର କଥା । ବର୍ଷା ରାତିରେ ପାଣି ଗଳୁଥିବା ତାର ସେଇ ଚାଳଛପର ତଳେ ଶୋଇ ସେ ଭାବୁଥିବ ତା ଜମିରେ ଘାଇ ହୋଇ ଯାଇନି ତ ? ଫସଲ ଠିକ୍ ନହେଲେ ସାହୁକାର କରଜ କେମିତି ସୁଝିବ ? କେବେ ବି ହିସାବ ପାଏନା, ବେପାରି ଯେଉଁ ଟମାଟର ତା ଠାରୁ କିଲୋ ଆଠଣି ଦେଇ କିଣୁଛି ତାହା କେତେ ଦାମରେ ବଜାରରେ ବିକୁଛି । ଆଠଣି ହାତରେ ନେଇ ଖାଲି ଏତିକି ଭାବେ, ଏଇ ଦାମରେ ଫସଲ ବିକିଲେ ତାର କରଜ କେମିତି ସୁଝିବ ?

ସେମିତି ଶୀତ ରାତିରେ ଗରମ ରେଜେଇ ତଳେ ଶୋଇ ଶୋଇ ଆମର ବି କେବେ ବି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନେପଡ଼େନା ସେହି ସୈନିକଟିର କଥା । ଯିଏ ସିଆଚିନର ବରଫ ଗଦା ଭିତରେ ଅଧା ପୋତି ହୋଇ ସାରା ରାତି ସେମିତି ପହରା ଦେଉଥାଏ । କିନ୍ତୁ କେବେ କେଉଁ ସଭା ସମିତିରେ ବଡ଼ ଜୋରସୋରରେ 'ଜୟ ଜବାନ, ଜୟ କିଷାନ'ର ସ୍ଲୋଗାନ ଦେଲା ବେଳକୁ ଆମ ପାଟି କେବେ ଖନି ମାରିଯାଏନି । ଆଜି ବି ଯାଆନ୍ତୁ ସନେଇର ଗାଁ, ସନେଇକୁ ସେଇଠି ଦେଖିବେ, ସେଇ ମାଟିର ମଣିଷଟି କିପରି ମାଟି ସାଲୁବାଲୁ ହୋଇ ଆପଣଙ୍କ ଲଞ୍ଚ ଡିନରର ଥାଳି ପାଇଁ ଫସଲ ଅମଳ କରୁଛି ।

ପଟିଆ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନିରବତାର ସ୍ୱରର ନାମ ଯନ୍ତ୍ରଣା



ବିରଞ୍ଚି ନାରାୟଣ ମିଶ୍ର

ଆଜିକି ୪ ଦିନ ହେଲା ଛାଡିକି ଗଲୁଣି । ଦିନ ୧୦ଟା ପରେ ତୋ ଫୋନ ନଆସିଲେ ମୁଁ ଆଉ ଧମକଉନି ତୋତେ । ତୋ ନମ୍ବର delete ହୋଇଗଲାଣି । ତୁ ବି ଧୀରେ ଧୀରେ ମନରୁ ଲିଭି ଆସିଲୁଣି । ମନେ ପକାଇ ଯନ୍ତ୍ରଣା ପାଇବାରେ କଣ ଥାଏ ।

ତୁ ଏବେ ଯୋଉଠି ଅଛୁ ତା ମୋ ପାଇଁ ଧୂମାଭ ଦିଗନ୍ତ । ସ୍ପଷ୍ଟରେ ଦେଖି ପାରୁନି ତୋତେ । କେମିତି ଦେଖିବି ଯେ,ଭଲ ତ ପାଇଥିଲି ତୋ ରୂପଲାବଣ୍ୟକୁ ଯାହା କେବେଠୁ ମିଶିଗଲାଣି ପଞ୍ଚଭୂତରେ ।

ତୋ ଆତ୍ମାକୁ ମୁଁ ଜମାଦେଖିନି, କେମିତି ଚିହ୍ନିବି ତୋତେ । ଯେତେବେଳେ ଢୋଲ ପିଟି କହୁଥିଲି "ପ୍ରାଣ ଦେଇ ଭଲ ପାଏ ତୋତେ" ତା ଥିଲା ମୋ ସ୍ୱାର୍ଥ ପାଇଁ । ସବୁ ସ୍ୱାର୍ଥ ମୋର ପୂରଣ କରିବାରେ ତୁ ଟିକିଏ ହେଲେ କାର୍ପଣ୍ୟ କରିନୁ । ଗୋଟିଏ ସ୍ୱାର୍ଥ ପୂରଣ ପରେ ଆଉ ଗୋଟିଏ ସ୍ୱାର୍ଥ ପୂରଣ ପାଇଁ ଦାବି କରେ ବାରମ୍ବାର । ସାମାନ୍ୟ ବ୍ୟତିକ୍ରମରେ କି ରାଗ କି ପ୍ରତିହିଂସା ମୋର । ତୋ କରୁଣା ଚାହାଁଣୀରେ ଥାଏ ଝରା ଶେଫାଳିର ହସ । ସବୁ ସହି ନେଉ ବିନା ପ୍ରତିବାଦରେ ।

ପ୍ରାଣ ଦେଇ ଭଲ ପାଇବା ତୁ ବୋଧେ ବୁଝିଥିଲୁ । ସେଥିପାଇଁ କଅଁଳ ବୟସରେ ଭଲ ପାଇବାକୁ ନବୁଝି ନଶୁଝି ପ୍ରାଣ ଦେଇ ଭଲ ପାଇଥିଲୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋତେ, ତୋ ଅବଶିଷ୍ଟ ଜୀବନ ଯାକ । ତୁ ବୋଧେ ନିର୍ବୋଧ ଥିଲୁ । ତୁ ଗଲାପରେ ଏବେ ମୁଁ ବୁଝିଛି ନିର୍ବୋଧ ନହେଲେ କେହି କାହାକୁ ପ୍ରାଣ ଦେଇ ଭଲ ପାଇପାରିବ ନାହିଁ । ମୁଁ ଏବେ ନିର୍ବୋଧ ହେବାକୁ ଚେଷ୍ଟା କରୁଛି । ତୁ ଆଉ ନାହୁଁ । କାହା ପାଇଁ ନିର୍ବୋଧ ହେବି ? ? ?

ଏ ସଂସାରକୁ ତୁ ଆସିଥିଲୁ ମୋ ପାଇଁ । ମୁଁ ଆସିଥିଲି ମୋ ସ୍ୱାର୍ଥ ହାସଲ ପାଇଁ ତୋ ଠାରୁ । ତୁ ଜିତିଗଲୁ ତୋ ବଳରେ ବିନା ଯୁଦ୍ଧରେ ବିନା ସାଲିସିରେ । ମୁଁ ହାରିଯାଇଛି କେବଳ ନିଜ ସ୍ୱାର୍ଥ ଜଗି ଜଗି । ନା ବୁଝିଲି ତୋତେ ନା ତୋ ପ୍ରେମକୁ । କି ଲଜ୍ୟା ।

ବିରଞ୍ଚି ନାରାୟଣ ମିଶ୍ର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱର୍ଗଦ୍ୱାର ଯାତ୍ରା



ନିତ୍ୟ ରଞ୍ଜନ ନନ୍ଦ

ଏବେ ଦିନେ ପୁରୀ ସ୍ୱର୍ଗଦ୍ୱାରକୁ ଯିବାର ସୌଭାଗ୍ୟ ମିଳିଥିଲା କୋକେଇ ଉପରେ ଶୋଇକି ନୁହେଁ, କୋକେଇ ସାଥିରେ ଚାଲିକି । କିଏ ଜଣେ କହିଲା ଯେ ପୁରୀ ସ୍ୱର୍ଗଦ୍ୱାର କୁଆଡ଼େ ଭାରି ଚକାଚକ୍ ହୋଇଯାଇଛି । ଭାବିଲି ଶୋଇକି ଯିବା ପୂର୍ବରୁ ଥରେ ଚାଲିକି ଯାଇ ଦେଖୁ ଆସେ । ମନଟା ଯେମିତି ଶୋଇକି ଗଲାବେଳେ ଅପରିଷ୍କାର ଜାଗାଟା ବୋଲି ଭାବି ଆଉ ଦୁକୁଦୁକୁ ହେଉ ନଥବ । କିଏ ଜାଣେ କେତେବେଳେ କ'ଣ ଘଟିବ ? ଅନ୍ତତଃ ମଣିଷ ଟିକେ ଶାନ୍ତିରେ ତ ପୋଡ଼ା ହେବ ।

ସତରେ ଭାରି ଚକାଚକ୍ ହୋଇଯାଇଛି । ଦେଖିଲେ ମରିଯିବାକୁ ଆଉ ଡର ମାଡୁନାହିଁ । ଶୁଣିଲି, ପୁରୀ ସ୍ୱର୍ଗଦ୍ୱାର କିଛି ନୁହଁ । ଦିଲ୍ଲୀ, ବେଙ୍ଗାଲୁରୁ ଓ ହାଇଦରାବାଦରେ ଏପରି ସବୁ ପଞ୍ଚତାରକା ସ୍ୱର୍ଗଦ୍ୱାର ନିର୍ମାଣ ହୋଇଛି ଯେ ତାକୁ ଦେଖିଲେ ଆପଣଙ୍କର ସେଇଠି ମରିଯିବାକୁ ଇଚ୍ଛା ହେବ । ଯାହା ହେଉ ସେମିତି ନ ହେଲେ ବି ଆଉ ଆଗ ଭଳି ଅପରିଷ୍କାର ଅପରିଚ୍ଛନ୍ନ ନାହିଁ । ଚାରିଆଡ଼େ ମାର୍ବଲ, ଗ୍ରାନାଇଟ, ଆଲୋକସଜ୍ଜା ଓ ବିଭିନ୍ନ ଗଛପତ୍ର ଲାଗି ବେଶ୍ ସୁନ୍ଦର ହୋଇଯାଇଛି । ସବୁ କଥା ଗୋଟିଏ ନିର୍ଦ୍ଦିଷ୍ଟ ଧାରାରେ ହେଉଛି । ଆଗେ ଯେମିତି ଯିଏ ଯେଉଁଠି ପାଇଲା ସେଇଠି ପୋଡି ଦେଉଥିଲା ସେମିତି ଆଉ ନାହିଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆପଣଙ୍କୁ ନିୟମାନୁଯାୟୀ ତାଲିକାଭୁକ୍ତ ହେବା ପରେ ଆପଣଙ୍କ ସଂଖ୍ୟା ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି । ଅପେକ୍ଷାରତ ମୃତ ଶରୀର ପାଇଁ ସ୍ୱତନ୍ତ୍ର ମାର୍ବଲ ଓ ଗ୍ରାନାଇଟ ପିଣ୍ଡିମାନ ତିଆରି ହୋଇଛି । ଅନ୍ତିମ ସଂସ୍କାର ନିମନ୍ତେ ପଣ୍ଡିତ ମିଳିବା ସହିତ ପୂଜା କରିବା ନିମନ୍ତେ ସମସ୍ତ ପ୍ରକାର ଫୁଲ ଓ ସାମଗ୍ରୀ ମଧ୍ୟ ବିକ୍ରି ହେଉଛି । ଜାଳେଣି କାଠ ଯେତିକି ଦରକାର ସେତିକି ମିଳୁଛି । ଏପରି କି ବସିବା, ଶୋଇବା ଓ ପିଇବା ପାଇଁ ଆଧୁନିକ ଶୀତତାପ ନିୟନ୍ତ୍ରିତ ଭୋଜନାଳୟର ମଧ୍ୟ ବ୍ୟବସ୍ଥା ରହିଛି । ଡାକବାଜି ଯନ୍ତ୍ର ମଧ୍ୟରେ ନିରନ୍ତର ଗାୟତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ର ବୋଲା ଚାଲିଛି ଓ ଆବଶ୍ୟକୀୟ ସୂଚନା ମଝିରେ ମଝିରେ ଦିଆ ଚାଲିଛି ।

ସବୁ ଠିକ୍ ଅଛି କିନ୍ତୁ ବ୍ୟବହାର କରିବା ପାଇଁ ଯେତିକି ପିଣ୍ଡି ଅଛି, ତାହାଠାରୁ ଅଧିକ ଶବ ହୋଇଯିବାରୁ ଦ୍ୱାରଦେଶରେ କିଛି ଶବ ଅପେକ୍ଷାରତ ଅବସ୍ଥାରେ ଦେଖିବାକୁ ମିଳିଲା ସବୁ ପିଣ୍ଡିରେ ଶବଗୁଡ଼ିକ ହୁତୁହୁତୁ ହୋଇ ଜଳୁଥିଲେ; କିନ୍ତୁ ସମୁଦ୍ର କୂଳକୁ ଲାଗି ପ୍ରାୟ ଆଠଟି ପିଣ୍ଡି ଖାଲି ପଡିଥିଲା । ଏଣେ ପିଣ୍ଡି ଖାଲି ପଡିଛି, ଆଉ ତେଣେ ଶବ ଓ ଶବବାହକମାନେ ଅପେକ୍ଷା କରି ରହିଛନ୍ତି । କାରଣ କ'ଣ ? ବୁଝୁବୁଝୁ ଜଣାପଡିଲା ଯେ ଏହି ପିଣ୍ଡିଗୁଡ଼ିକ କୁଆଡ଼େ ଅତି ବିଶିଷ୍ଟ ବ୍ୟକ୍ତି (ଭିଆଇପି)ଙ୍କ ଶବଗୁଡ଼ିକ ପାଇଁ ସଂରକ୍ଷିତ ହୋଇ ରହିଛି । ହେ ଭଗବାନ, ଏଠି ବି ଭିଆଇପି. । ଜୀଇଁଥିଲା ଯାକ ତ ଆପଣମାନେ ଭିଆଇପି ହୋଇକି ଉପଦ୍ରବ କଲେ । ରାସ୍ତାରେ ଘାଟରେ ଆମକୁ ଟିକେ ଶାନ୍ତିରେ ଚାଲିବାକୁ ଦେଲେନାହିଁ; ଆଉ ଏବେ ମଲା ପରେ ବି ଆମକୁ ଟିକେ ଶାନ୍ତିରେ ମରିବାକୁ ବି ଦେବେ ନାହିଁ ।

ଏହି ଅତି ବିଶିଷ୍ଟ ବ୍ୟକ୍ତିମାନେ ଜୀଇଁଥିଲା ଯାକ ଯେତେବେଳେ ପୁରୀ ବଡ଼ଠାକୁରଙ୍କୁ ଦର୍ଶନ କରିବାକୁ ଆସିଥାନ୍ତି, ମନରେ ପ୍ରଶ୍ନ ଉଠେ କିଏ କାହାକୁ ଦର୍ଶନ କରିଥାନ୍ତି ? ଏମାନେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଠାକୁରଙ୍କୁ ଦର୍ଶନ କରନ୍ତି ନା ଠାକୁର ଏମାନଙ୍କୁ ଦର୍ଶନ କରନ୍ତି । ଆମ୍ଭେମାନେ ସାଧାରଣତଃ ଠାକୁରଙ୍କୁ ଦର୍ଶନ କରିବାକୁ ଅପେକ୍ଷା କରିଥାଉ । ଏମାନଙ୍କ ପାଇଁ ବୋଧହୁଏ ଠାକୁର ଦର୍ଶନ ଦେବାକୁ ଅପେକ୍ଷା କରିଥାନ୍ତି, କାରଣ ଏମାନେ ଆସିବା ପୂର୍ବରୁ ଆମ୍ଭମାନଙ୍କୁ ସବୁ ମନ୍ଦିର ଭିତରୁ ଘଉଡ଼େଇ ଦିଆଯାଇଥାଏ ଓ ବଡ଼ଠାକୁରଙ୍କୁ ଏମାନଙ୍କ ପାଇଁ ଦର୍ଶନ ନିମନ୍ତେ ସଂରକ୍ଷଣ କରି ରଖାଯାଇଥାଏ । ଜୀବନଯାକ ମନ୍ଦିର ଭିତରେ ଏହି ସଂରକ୍ଷଣ ବ୍ୟବସ୍ଥା । ଏମାନଙ୍କ ପାଇଁ ରଖାଯାଇଥାଏ; କିନ୍ତୁ ମୃତ୍ୟୁ ପରେ ବି ଏହି ବ୍ୟବସ୍ଥା ସ୍ୱର୍ଗଦ୍ୱାରରେ ଲାଗୁ ହେଉଛି ବୋଲି ଦେଖିବାକୁ ପଡିଲା । ମନେ ହୁଏ ସତେ ଯେମିତି ଯମରାଜ ମଧ୍ୟ ଏମାନଙ୍କୁ ସ୍ୱାଗତ କରିବାକୁ ଗେଣ୍ଡୁ ଫୁଲମାଳ ଧରି ସ୍ୱର୍ଗର ମୁଖ୍ୟଦ୍ୱାରରେ ଅପେକ୍ଷା କରି ରହିଛନ୍ତି ଏବଂ ବାଟରେ କାଳେ କିଛି ଅଘଟଣ ଘଟିଯିବ, ତେଣୁ ଏମାନଙ୍କ ଯିବା ନିମନ୍ତେ ସ୍ୱର୍ଗଦ୍ୱାରରେ ସ୍ୱତନ୍ତ୍ର ଏହି ବ୍ୟବସ୍ଥା ରହିଛି ।

ଇତିହାସ କହେ ମିଶର ଦେଶର ରାଜା ମହାରାଜାମାନଙ୍କ ନିମନ୍ତେ ମୃତ୍ୟୁପରେ ପିରାମିଡ଼ ନିର୍ମାଣ କରାଯାଇ ଏହି ପରି ସ୍ୱତନ୍ତ୍ର ବ୍ୟବସ୍ଥା ସବୁ କରାଯାଉଥିଲା । ଏହି ପିରାମିଡ଼ ମଧ୍ୟରେ ସେମାନଙ୍କ ଶବ ସହିତ ଅଜସ୍ର ଧନ ସମ୍ପତ୍ତିର ବ୍ୟବସ୍ଥା କରାଯାଉଥିଲା ଓ ସେମାନଙ୍କର ସେବା ଶୁଶ୍ରୂଷା ନିମନ୍ତେ ଅନେକ ରାଣୀ, ମହାରାଣୀ, କ୍ରୀତଦାସ ଓ ସୁରକ୍ଷା କର୍ମଚାରୀମାନଙ୍କୁ ମଧ୍ୟ ଜୀବନ୍ତ ସମାଧି ଦିଆଯାଉଥିଲା, ଯେପରି କି ମଲାପରେ ବି ସେମାନଙ୍କୁ ଯଥାବିଧି ସେବା ଶୁଶ୍ରୂଷା ମିଳିବାରେ କୌଣସି ବ୍ୟାଘାତ ନ ଘଟେ । ରକ୍ଷା ଅଛି, ଏ ପରି ବ୍ୟବସ୍ଥା ଆଉ ନାହିଁ, ନଚେତ୍ ଆମ ଦେଶର ଏହି ଅତି ବିଶିଷ୍ଟ ବ୍ୟକ୍ତିମାନେ କେବଳ ସ୍ୱର୍ଗଦ୍ୱାରରେ ପିଣ୍ଡି ନୁହେଁ, ସ୍ୱର୍ଗରେ ମଧ୍ୟ ଆବଶ୍ୟକ ମନୋରଞ୍ଜନ ଓ ସୁରକ୍ଷାର ସ୍ୱତନ୍ତ୍ର ବ୍ୟବସ୍ଥା କରି ଦେଇଥା'ନ୍ତେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସ୍ୱର୍ଗଦ୍ୱାରରେ ଏହି ଅତି ବିଶିଷ୍ଟ ଶବ ଓ ଶବବାହକ ମାନଙ୍କର ଗର୍ବ ଓ ଆସୁଦ୍ଧା ଦେଖିଲେ ଅଷ୍ଟାଦଶ ଶତାବ୍ଦୀର ପ୍ରସିଦ୍ଧ ଇଂରାଜୀ କବି ଶୈଲିଙ୍କର କାଳଜୟୀ କବିତା 'ଓଜିମାଣ୍ଡିୟସ' କଥା ମନେ ପଡ଼େ । ଏହି କବିତାରେ ବିଶାଳ ମରୁଭୂମିରେ ଅବକ୍ଷୟ ହୋଇ ଅଧା ପୋତି ହୋଇ ପଡିଥିବା ମହାନ ପରାକ୍ରମୀ ବିଶ୍ୱବିଜୟୀ ସମ୍ରାଟ ଓଜିମାଣ୍ଡିୟସଙ୍କ ପ୍ରତିମୂର୍ତ୍ତି ତଳେ ଲେଖା ବାକ୍ୟଗୁଡିକ ଅତ୍ୟନ୍ତ ଗର୍ବ ଓ ଅହଙ୍କାର ସହିତ କହୁଛନ୍ତି, "ମୁଁ ହେଉଛି ଓଜିମାଣ୍ଡିୟସ । ମୁଁ ହେଉଛି ସମ୍ରାଟମାନଙ୍କର ସମ୍ରାଟ । ତୁମେ ଯେତେ ରାଜା ଓ ମହାରାଜାମାନେ ଉପସ୍ଥିତ ଅଛ, ମୋତେ ଦୃଷ୍ଟି ନିକ୍ଷେପ କର ଏବଂ ମୋ ସାମ୍ନାରେ ତୁମେମାନେ କେତେ ତୁଚ୍ଛ ଓ କ୍ଷୁଦ୍ରାତିକ୍ଷୁଦ୍ର ତାହା ଅନୁଭବ କର ।" କବିଙ୍କ ଭାଷାରେ ଅତ୍ୟନ୍ତ ବିଡ଼ମ୍ବନାର ବିଷୟ ଏହି ଯେ ଯେଉଁ ଓଜିମାଣ୍ଡିୟସ ଏ କଥା କହୁଛନ୍ତି ତାଙ୍କର କେବଳ ବିଶାଳ ଭଗ୍ନ ଜାନୁ ଯୋଡିକ ମରୁଭୂମିର ବାଲି ଉପରେ ଛିଡ଼ା ହୋଇ ରହିଛି ଓ ମୁଣ୍ଡ ଗଣ୍ଡିଠାରୁ ଛିନ୍ନ ହୋଇ ଅର୍ଦ୍ଧେକ ବାଲି ଭିତରେ ପୋତି ହୋଇଯାଇଛି । ଚତୁଃଦିଗରେ କେବଳ ବାଲି ଓ କେତେ ଖଣ୍ଡ ନିର୍ଜୀବ ଶିଳାଖଣ୍ଡ ମାତ୍ର ଏହି ବକ୍ତବ୍ୟର ସାକ୍ଷୀ ହୋଇ ରହିଛନ୍ତି । ସବୁ ମହାକାଳ ଗର୍ଭରେ ପୋତି ହୋଇଯାଇଛି ।

ଜଣେ ଦାର୍ଶନିକ କହିଥିଲେ 'ମୃତ୍ୟୁ ହେଉଛି ଏହି ସଂସାରର ସର୍ବଶ୍ରେଷ୍ଠ ସାମ୍ୟବାଦୀ', ଯାହା ପାଇଁ ଧନୀ ଗରିବ, ଉଚ୍ଚ ନୀଚ ଓ ବଡ଼ ସାନ ସମସ୍ତେ ସମାନ । କିନ୍ତୁ ବିଶିଷ୍ଟ ଲେଖକ ଜର୍ଜ ଅରୱେଲ ତାଙ୍କ 'ଆନିମଲ ଫାର୍ମ' ଉପନ୍ୟାସରେ ପ୍ରମାଣ କରିଦେଇଛନ୍ତି ଯେ ଏ ସଂସାରରେ ସମସ୍ତେ ସମାନ ହୋଇପାରନ୍ତି କିନ୍ତୁ କେତେ ଜଣ ବ୍ୟକ୍ତି ସର୍ବଦା ସମସ୍ତଙ୍କଠାରୁ ଅଧିକ ସମାନ ହୋଇଥାଆନ୍ତି । ପୁରୀ ସ୍ୱର୍ଗଦ୍ୱାର ଏହାର ଅନ୍ୟତମ ନିଛକ ପ୍ରମାଣ ।

ଡ଼ି.ଏଲ୍. ଏ.-୧୨ ଭି.ଏସ.ଏସ. ନଗର, ଭୁବନେଶ୍ୱର ମୋ -୯୪୩୭୨୭୮୪୨୪

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପୋଡ଼ା ସ୍ୱପ୍ନ



ନାରାୟଣ ଚନ୍ଦ୍ର ସେନାପତି

ପାହାଡ଼ ତଳେ ଗାଁ ଟିଏ, ନାଁ ଛତ୍ରପୁର । ସେଇ ଗାଁରେ ଶନିଆଁ ପଧାନର ତେଲ ଲୁଣର ସଂସାର । ଘରେ ବଢ଼ିଲା ଝିଅ ମୀନା, ବିବାହ ବୟସ ହୋଇଗଲାଣି । ଘର ଡିହ ଛଡା ଆଉ କିଛି ନାହିଁ ତା'ର । ତେଣୁ ଚିନ୍ତା ବସା ବାନ୍ଧିଥିଲା ତା ମନରେ । ମଜୁରୀ କରି ୨୦ ହଜାର ଟଙ୍କା ଜମା ଦେଇଛି ସ୍ତ୍ରୀ ମାଳତୀ ପାଖରେ । ମାଳତୀ ସାଇତି କରି ରଖିଛି ଝିଅ ବାହା ପାଇଁ । ସେଇ ଗାଁରେ ଶଙ୍କର ଦାଦାର ଘର, ବାପା ତାର ଜମିଦାର ।

ମୀନାକୁ ବିବାହ କରିବାକୁ ବହୁତ ଇଛା ହେଲେ ତା ପ୍ରସ୍ତାବକୁ ଗୋଡ଼ରେ ଏଡେଇ ଦେଇଥିଲେ ଶନିଆ ପରିବାର । ଶଙ୍କର ମନେ ମନେ ରକ୍ତ ଚାଉଳ ଚୋବାଉଥାଏ । ଦିନକର କଥା, ଶନିଆକୁ ଏକ କୃଷି ଟ୍ରେନିଂରେ କୃଷି ଅଧିକାରୀ ବୁଝାଉଥାନ୍ତି ନୂତନ ପ୍ରଣାଳୀର ଚାଷ । ଅଳ୍ପ ଜମିରେ ଅଧିକ ଫସଲ ପାଇବା ଆଶାରେ ଜମିଦାର ଠାରୁ ଭାଗୁଆ ଚାଷ ପାଇଁ ଆଣିଲା ୫ଖଣ୍ଡ ବଡ଼ ଜମି । ମାଳତୀ ପାଖରୁ ୨୦ହଜାର ଧାର ଆଣି ଲଗାଇଲା ଚାଷରେ । ସୁନ୍ଦର ଶସ୍ୟକ୍ଷେତ୍ରରେ ପବନର ଆଉଁସା ଶନିଆକୁ ସ୍ୱପ୍ନ ଦୁନିଆଁରେ ଘୁରାଉଥାଏ । ବହୁତ ଧାନ କାଟିବ, ଟଙ୍କା ଜମା କରିବ, ମୀନାର ବାହାଘର ଧୂମ ଧାମରେ କରିବ । ମନ ଯାହା ଚାହେଁ ଈଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରା ଫଳ ଦିଅନ୍ତି ଓଲଟା।ରାତି ପାହିଲେ ଶନିଆ କାଟିବ ଧାନ । ହେଲେ ଶଙ୍କର ଏସବୁ କରିବାକୁ ଦିଅନ୍ତା । ରାତିରେ ଲଗାଇଦେଲା ନିଆଁ । ଏ କଥା ଶୁଣି ଶନିଆର ସ୍ୱପ୍ନ ଧୋଇଗଲା । ଅବାକ ହୋଇଗଲା ସେ । ମାଳତୀର ଡାକ, ମୀନାର ସ୍ୱର ତା ପାଇଁ ଅଚିହ୍ନା ଅଲୋଡା ହୋଇଗଲା । ତା ଆଖି ଆଗରେ ତା ମନ ଭିତରେ ସତେ ଯେମିତି ସ୍ୱପ୍ନ କିଆରୀଟା ହୁ ହୁ ହୋଇ ଜଳିଗଲା ।

ଜମୁରା, କେନ୍ଦୁଝର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଶନିଆଁର ସ୍ୱପ୍ନ



ଦୈତାରୀ ବେହେରା

ଛତ୍ରପୁର ଗାଁର ଶନିଆଁର ଘର । ପିଲାଟିଦିନରୁ ବାପା ମା ଛେଉଣ୍ଡ । ମାଉସୀ ଘରେ ରହି ପାଠ ପଢୁଥିଲା ଯେ ଦଶମ ପରେ ପାଠପଢାରେ ଡୋରି ବନ୍ଧା ହେଲା । କିଛିଦିନ ଜଣେ ଜମିଦାର ପାଖରେ ବୋଲହାକ କରି କିଛି ଟଙ୍କା ସଂଚୟ କଲା । କିଛି ଦିନ ପରେ ଖଣ୍ଡେ ଜମି କିଣିଲା । ଉକ୍ତ ଜମିରେ ଚାଷ କରି ନିଜେ ସ୍ୱାଧୀନ ଭାବରେ ଅର୍ଥ ଉପାର୍ଜନ କରିବାପାଇଁ ଚିନ୍ତା କଲା । ତାହାହିଁ କଲା ସେ ଆଉ ଜମିଦାର ପାଖରେ ନ ରହି ତାର ଜମିକୁ ଏକ ସୁନ୍ଦର ଶସ୍ୟକ୍ଷେତ୍ରରେ ପରିଣତ କଲା । ପରିଶ୍ରମ କରି ଦିପଇସା ଭଲ ରୋଜଗାର କଲା.. ଅନେକ ସ୍ୱପ୍ନ ମଧ୍ୟ ଦେଖିଲା । ଏକ ସୁନ୍ଦର ଘର କରିବି । ଭଲ ଝିଅ ଦେଖି ବିବାହ କରିବି । ମୋ ବାହାଘର ଖୁବ ଯାକଯମକରେ ହେବ ଇତ୍ୟାଦି ଇତ୍ୟାଦି..... ଏହି ଭାବନାରେ ସବୁବେଳେ ବୁଡିରହିଲା । କିଛିଦିନ ପରେ ପାଖ ରଘୁପୁର ଗାଁରେ ଶନିଆଁର ବାହାଘର ସ୍ଥିର ହେଲା । ବାହାଘର ଯେତେ ପାଖେଇ ଆସୁଥାଏ ଶନିଆଁର ଖୁସିରେ ଗୋଡ଼ ତଳେ ଲାଗୁନଥାଏ । ଦିନେ ହଠାତ ଏକ ଖବର ଶୁଣି ଶନିଆଁ ଅବାକ ହୋଇଗଲା । ତାର ଭାବି ସ୍ତ୍ରୀ ଅର୍ଥାତ ବାହାଘର ଯେଉଁ ଝିଅ ସହିତ ଠିକ୍ ହୋଇଥିଲା ସେ ରୋଷେଇ କରୁଥିବା ସମୟରେ ଗ୍ୟାସ ଟାଙ୍କି ଫାଟିବାରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଆଁରେ ପୋଡି ହୋଇ ଯାଇଛି । ତାକୁ ମେଡିକାଲ ନିଆଯାଇଛି । ଶନିଆଁ ସବୁ କାମ ଛାଡି ମେଡିକାଲ ଧାଇଁଲା । ହେଲେ ଏ କଣ ହେଲା । ସେ ଝିଅଟା କିଛିସମୟ ପରେ ମରିଗଲା । ଶନିଆଁ ଏହା ଶୁଣି ମୁଣ୍ଡରେ ହାତ ଦେଇ ବସି ପଡିଲା । ମନେମନେ କଣ ସବୁ କହିଯାଉଥିଲା, ସତରେ ସ୍ୱପ୍ନ ଦେଖିବା କଣ ଭୁଲ ?

ଦୈତ୍ୟାରୀ ବେହେରା
ବେତଡା, ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅପେକ୍ଷାରେ ଶୋଭା



ରଶ୍ମିତା ରାଉତ

କର୍ମମୟ ଜୀବନରେ ସବୁବେଳେ କାର୍ଯ୍ୟ ବ୍ୟସ୍ତତା ଭିତରେ ନିଜକୁ ହଜେଇ ଦେଇଥାଏ ଶୋଭା । ନା କେବେ ଅତୀତ କଥା ଭାବିବାର ସମୟ ଥାଏ ନା ଭବିଷ୍ୟତ ଯୋଜନା ଗଢିବାର ସ୍ୱପ୍ନ । ଭାରି ବାସ୍ତବବାଦୀ ଶୋଭା । ସବୁବେଳେ ବର୍ତ୍ତମାନକୁ ନେଇ ବାଟ ଚାଲିବାକୁ ପସନ୍ଦ କରେ ଶୋଭା । ସବୁବେଳେ ଚେଷ୍ଟା କରେ ନିଜ ପରିବାର ଏବଂ ଆତ୍ମୀୟ ସ୍ୱଜନଙ୍କୁ କିଭଳି ଖୁସିରେ ରଖିପାରିବ । ସମୟ ଗଡି ଚାଲିବା ସହିତ ଶୋଭାର ଦାୟିତ୍ୱ କର୍ତ୍ତବ୍ୟ ମଧ୍ୟ ବଢି ଚାଲିଥାଏ । ଘର, ପରିବାର ସାହି ପଡିଶା, ବନ୍ଧୁବାନ୍ଧବ ସବୁଠି ଚାଲେ ଶୋଭାର ଚର୍ଚ୍ଚା । ଏକାକୀ କେମିତି ଏତେ ସବୁ ଦାୟିତ୍ୱ ବହନ କରିପାରୁଛି । ଶରୀରକୁ ଯେତେ କଷ୍ଟ ହେଲେ ମଧ୍ୟ କେବେହେଲେ କାହା ପାଖରେ ଅଭିଯୋଗ କରେନି କି ଥକି ମଧ୍ୟ ପଡେନି । ସବୁ କାମ ଶେଷ କରି ବିଛଣାରେ ପଡୁପଡୁ କେତେବେଳେ ରାତି ପାହି ପାହାନ୍ତା ହୁଏ ଶୋଭା ଜାଣିପାରେ ନାହିଁ । କାହିଁକି କେଜାଣି ସେଦିନ ରାତିରେ ଶୋଭା ଯେତେ ଚେଷ୍ଟା କଲେବି ଆଖିକୁ ତାର ନିଦ ଆସୁନଥାଏ । ବିଛଣାରେ ପଡି ଛଟପଟ ହୋଇ ମନେ ପକାଉଥାଏ ଅତୀତକୁ । କେତେ ଭଲ ଥିଲା ସେ ପିଲାଦିନ । ନା ଥିଲା ମନରେ ଛଳ କପଟ ନା ଲୋଭ ମୋହ ମାୟା । ପ୍ରଜାପତି ପରି ଘୁରି ବୁଲୁଥିଲା । ନିଜର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁମଧୁର କଣ୍ଠସ୍ୱରରେ ଜିଣି ପାରୁଥିଲା ସବୁରି ହୃଦୟ । ତା ଭିତରେ ଥିଲା ସ୍ନେହ, ପ୍ରେମ, ଦୟା ଆଉ ଭଲପାଇବା । ମନେ ପଡିଗଲା ପିଲାବେଳେ ଯଦି ଘରକୁ କେହି ଯୋଗୀ କି ଭିକାରୀ ଆସନ୍ତି ସେମାନଙ୍କର ବେଶଭୁଷା ଦେଖି ତା ହୃଦୟ କାନ୍ଦିଉଠେ । ବୋଉ ଯାହା ଭିକ ଦିଏ ସେତିକିରେ ସେ ସନ୍ତୁଷ୍ଟ ହୋଇପାରିନଥାଏ । ବୋଉକୁ ଲୁଚେଇ ଆହୁରି ଚାଉଳ କିମ୍ବା ତା ଚକୋଲେଟ ଖିଆ ପଇସା ଆଣି ଦେଇଦେଇଥାଏ ସେମାନେ ତାକୁ ବହୁତ ଆଶୀର୍ବାଦ କରନ୍ତି ମାତ୍ର ଏତେ ସବୁ ଖୁସି ମଧ୍ୟରେ ମନରେ ସବୁବେଳେ ଗୋଟିଏ ଦୁଃଖ ଥାଏ ଯେ ସେ ହେଉଛି ଦେଖିବାକୁ ସାମାନ୍ୟ କଳା । ସେଥିପାଇଁ ତାକୁ ସବୁବେଳେ ତାର ଦାଦା ପୁଅ ଭାଇ ଓ ଭଉଣୀ କୁହନ୍ତି ଯେ ସେ କାଳେ ତା ବାପା ମାଆଙ୍କର ନିଜ ଝିଅ ନୁହେଁ ତାକୁ ଶଙ୍ଖ କୋଇଲି ନଦୀରୁ ପାଇକି ଆଣିଛନ୍ତି । ଯେହେତୁ ଶୋଭାର ରଙ୍ଗ କଳା ତେଣୁ ସେ ଏ କଥାକୁ ଅସ୍ୱୀକାର ମଧ୍ୟ କରି ପାରୁନଥାଏ । ଏମିତି ଦ୍ୱନ୍ଦ ମଧ୍ୟରେ ବିତି ଚାଲେ ଶୋଭାର ଜୀବନ ମାତ୍ର ବାପା ଆଉ ବୋଉର ସ୍ନେହ, ମମତା ତାକୁ ଏସବୁ ନଭାବିବା ପାଇଁ ବାରଣ କରୁଥାଏ କାରଣ ସେ ତା ପୂର୍ବରୁ ଭାଇ ଭଉଣୀ ତିନି ଜଣ ଥିଲେ ମଧ୍ୟ ସେ ଥିଲା ବାପାଙ୍କର ଅତି ଗେହ୍ଲା । ଧିରେଧିରେ ବଡ ହେଲା ପରେ ମନେମନେ ଶୋଭା ଭାବେ ବାହା ନହୋଇ ବଡ ହୋଇ କେବଳ ଏଇ ଦୁଃଖି ରଙ୍କିଙ୍କର ସେବା କରନ୍ତା । ପିଲାବେଳେ ସବୁବେଳେ ମଦର ଟେରେସାଙ୍କୁ ସେ ବହୁତ ଭଲପାଏ କିଭଳି ଭାବରେ ସେ ରୋଗୀ ତ ରୋଗୀ ପୁଣି କୁଷ୍ଠରୋଗୀଙ୍କର ସେବା କରନ୍ତି । ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ ଠିକ ସେହିଭଳି ଭାବରେ ନିଜକୁ ଗଢି ତୋଳିବା ପାଇଁ ନିଜର ମନ ବଳେଇଥାଏ ମାତ୍ର ବିଧିର ବିଧାନ କିଛି ଅଲଗା ଲେଖା । ଝିଅ ଜନ୍ମ ପାଇଛ ଯେଉଁଠି ନିଜର ସ୍ୱାଧୀନତା । ବୋଲି କିଛି ନଥାଏ। ବାପଘରେ ବୋଝ ହୋଇ ରହିବା ଅପେକ୍ଷା ଶାଶୁ ଘରର ବୋଝକୁ ମୁଣ୍ଡରେ ବୋହିବା ସତେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯେମିତି ନାରୀର ଧର୍ମ । ଶୋଭାକୁ ବାପଘର ଭୁଲି ଶାଶୁ ଘର ଏରୁଣ୍ଡି ଡେଇଁବାକୁ ପଡିଲା । ଶାଶୁଘରେ ପାଦ ରଖିବା ପରେ ଯାହା ଅନୁଭବ କଲା ତାହା ନକହିଲେ ଭଲ ତଥାପି କେବେବି ହାର ମାନି ନଥିଲା ଶୋଭା । ଶାଶୁଘର ହିଁ ତାର ସ୍ୱର୍ଗ ଏବଂ ନର୍କ ଭାବି ନିଜକୁ ଦୃଢ଼ କରି ସବୁକିଛି ପରିବର୍ତ୍ତନ କରିବାରେ ଲାଗିପଡ଼ିଲା ଶୋଭା । ନିଜର ପରିବାର ଲୋକ ତଥା ନିଜର ସନ୍ତାନ ପ୍ରତି କର୍ତ୍ତବ୍ୟ କରୁକରୁ ଯଦି କେବେ କେହି ଅସହାୟ ଲୋକ ସାହାଯ୍ୟ ମାଗନ୍ତି ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିଥାଏ ସାହାଯ୍ୟ କରିବାପାଇଁ । ଏମିତି ବିତିଚାଲେ ଦିନ ପରେ ଦିନ ଆଉ ବର୍ଷ ପରେ ବର୍ଷ । ଏବେ ଭାବୁଛି ଯେଉଁ ସ୍ୱପ୍ନ ପିଲାଦିନେ ଦେଖିଥିଲା ସେଇଥିପାଇଁ କିଛି ସମୟ ବାହାର କରିବ । ଲେଖାଲେଖି କରିବାରେ ସବୁବେଳେ ରୁଚି ରଖିଥାଏ ଶୋଭା । ସତ କହିବାକୁ ଗଲେ ସେ ଜଣେ ଆଶୁ କବି ପରି ମନେ ହୁଏ । ଯେଉଁଠି ଯେଉଁ ପରିସ୍ଥିତିର କବିତା କହିଲେ ସେ ସାଙ୍ଗେ ସାଙ୍ଗେ ଲେଖିପକାଏ । ଧୀରେଧୀରେ ତାର ଲେଖା ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକା ମାନଙ୍କରେ ସ୍ଥାନ ପାଇଁ ବେଶ ପାଠକୀୟ ଆଦୃତି ଲାଭକରୁଛି । ଏବେ ସେ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ମାନଙ୍କ ରେ ନିଜକୁ ଯୋଡି ପାରିଛି । ନିଜର ଲେଖା ପାଇଁ ବିଭିନ୍ନ ଅନୁଷ୍ଠାନ ମାନଙ୍କରୁ ଉଚ୍ଚ ପ୍ରଶଂସିତ ହେବା ସହିତ ସମ୍ବର୍ଦ୍ଧିତ ମଧ୍ୟ ହେଉଅଛି । ଯାହାକି ତା ପରିବାର ଲୋକଙ୍କୁ ମଧ୍ୟ ଖୁସି ଦେଇପାରୁଛି । ଏସବୁ କ୍ଷେତ୍ରରେ ପ୍ରେରଣା ଯୋଗାଇ ଦିଅନ୍ତି ସ୍ୱାମୀ ଓ ଶାଶୁ । ଅନ୍ୟ ଶାଶୁମାନଙ୍କ ତୁଳନାରେ ତା ଶାଶୁ ଭିନ୍ନ । ସବୁବେଳେ ତାଙ୍କ ଆଶୀର୍ବାଦ ତା ଉପରେ ରହିଥାଏ । ଲେଖାଲେଖି ବ୍ୟତୀତ ବିଭିନ୍ନ ସମୟରେ ବିଭିନ୍ନ ସାମାଜିକ ଉନ୍ନତିମୂଳକ କାର୍ଯ୍ୟକ୍ରମ ମାନଙ୍କରେ ନିଜକୁ ଯୋଡି ରଖିଥାଏ । କେଉଁଠି ବୃକ୍ଷରୋପଣ ତ ଆଉ କେଉଁଠି ଗରିବ ଅସହାୟ ମାନଙ୍କୁ ଶୀତବସ୍ତ୍ର ପ୍ରଦାନ ଆଦି କାର୍ଯ୍ୟ କରିବା ସହିତ ଆମ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବାପାଇଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଭିନ୍ନ ପର୍ବ ପର୍ବାଣୀ ମଧ୍ୟ ପାଳନ କରିଥାନ୍ତି । ମହିଳାମାନେ କିଭଳି ସାମାଜିକ ଓ ଅର୍ଥନୈତିକ ବିକାଶ ଲାଭ କରିବେ ସେ ଦିଗରେ ମଧ୍ୟ ବିଭିନ୍ନ ସମୟରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ କରାଇଥାଏ ଯେତିକି ତାଦ୍ୱାରା ସମ୍ଭବ । ଏଥିପାଇଁ ଅନେକ ସମୟରେ ଅନେକ ଲୋକଙ୍କ ଠାରୁ ମଧ୍ୟ କଟୁ ମନ୍ତବ୍ୟ ଶୁଣିବାକୁ ପଡିଥାଏ ହେଲେ ସେସବୁକୁ ଖାତିର ନକରି ନିଜର କର୍ତ୍ତବ୍ୟ ପଥରେ ଆଗେଇ ଚାଲିଥାଏ କେବଳ ମାତ୍ର ଭରଷା ରଖିଥାଏ ଈଶ୍ୱରଙ୍କ ଉପରେ । ପ୍ରଭୁଙ୍କ ନିକଟରେ ଏତିକି ପ୍ରାର୍ଥନା କରେ ପ୍ରଭୁ ଆସିବାବେଳେ କିଛି ସାଙ୍ଗରେ ନେଇକି ଆସିନଥିଲି କି ଯିବା ସମୟରେ ମଧ୍ୟ କିଛି ସାଥିରେ ନେଇକି ଯିବାନି ତେଣୁ ଏମିତି କିଛି କାର୍ଯ୍ୟ ମୋତେ କରିବାକୁ ଦିଅ ଯାହା ଫଳରେ ଯିବାବେଳେ କେବଳ ସାଥିରେ ନେଇକି ଯିବି କିଛି ସ୍ନେହ, ଆଦର ଓ ଭଲପାଇବା । ଜାଣେନା ଶୋଭାର ପିଲାଦିନର ସ୍ୱପ୍ନକୁ ପ୍ରଭୁ ପୁରା କରିବେ ନା ତାର ସ୍ୱପ୍ନକୁ ସ୍ୱପ୍ନରେ ରହିବାକୁ ଦେବେ ତାହା କେବଳ ଦେଖିବାପାଇଁ ବାକି ରହିଲା । ସ୍ୱପ୍ନ ପୁରଣ ଅପେକ୍ଷାରେ ଶୋଭା ।

ରଶ୍ମିତା ରାଉତ,ଢେଙ୍କାନାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରହେଳିକାର ଶେଷଦୃଶ୍ୟ



ରୁଦ୍ରକାନ୍ତ ରାଉତରାୟ

ପହିଲି ଆଷାଢର ଆର୍ଦ୍ର ସନ୍ଧ୍ୟା । "ପ୍ରଭାତ କୁଟୀର"ର ସଦର ଦରଜା ସାମାନ୍ୟ ଖୋଲା ଅଛି । ରୁମ୍‌କୁ ଏକ ହ୍ୱିଲଚେୟାର ଗଡି ଗଡି ଆସି ସୋ କେଶ୍ ପାଖରେ ଅଟକିଗଲା । ଧୀରେ ଧୂଆ ହୋଇଥିବା ପ୍ରଭାତ ମାଷ୍ଟ୍ରେଙ୍କ ଫଟୋକୁ ବାମହାତରେ ଆଣି, ଡାହାଣ ହାତରେ ସେଥିରେ ଲାଗିଥିବା ଅଳନ୍ଧୁ ପୋଛି ଖୁବ୍ ନିରିଖେଇ ଦେଖିଲା । ଆଉ ଆଖିରୁ ଲୁହ ଝରାଉଥାଏ । ସମ୍ଭବତଃ କେଉଁ ଏକ ବିସ୍ମୃତ ଅତୀତର ପୁନରାବୃତ୍ତି ।

ପ୍ରଭାତ ମାଷ୍ଟ୍ରେ, ମାନେ ଆମ ଗାଁ ପ୍ରଭାତ ରାଉତ । ମାଷ୍ଟ୍ରେ ପ୍ରାଇମେରୀ ସ୍କୁଲର ଶିକ୍ଷକ ଆମ ଗାଁ ସ୍କୁଲରେ ସାର୍ ପ୍ରାୟ ୨୦ ବର୍ଷ ହେବ ଚାକିରୀ କଲେଣି । ଟ୍ରାନ୍‌ସଫର କଥା ଉଠିଲେବି ଗାଁ ଲୋକେ ସେପରି ଆଦର୍ଶ ଶିକ୍ଷକଙ୍କୁ ଛାଡୁନାହାଁନ୍ତି । ସାର୍ ମଧ୍ୟ ତାଙ୍କ ଛାତ୍ରଛାତ୍ରୀଙ୍କୁ ନିଜ ପିଲାପରି ଖୁବ୍ ଯତନରେ ଗଢି ତୋଳିଛନ୍ତି । ତାଙ୍କରି ଛାତ୍ରଛାତ୍ରୀମାନେ କିଏ ଆଇ.ଏ.ଏସ., କିଏ ଓ.ଏ.ଏସ., କିଏ ଓକିଲ ତ କିଏ ପୋଲିସ୍ । ମାତ୍ର ସାର୍ଙ୍କର ଗୋଟିଏ ଚିନ୍ତା ତାଙ୍କ ପୁଅ ସଞ୍ଜୁର ଭବିଷ୍ୟତ । ଦୁଷ୍ଟାମୀ ଓ କୁସଙ୍ଗ ତାକୁ ପାଠରୁ ନିବୃତ କରିରଖିଛି । ସଞ୍ଜୁ ମାତ୍ର ୨ବର୍ଷର ହୋଇଥିଲା ତାର ମା' ମାନେ ଆମ ସାର୍ଙ୍କର ଧର୍ମପତ୍ନୀଙ୍କ ବିୟୋଗ ଘଟିଲା । ସାର୍ ହିଁ ତାକୁ ପାଳିପୋଷି ଆଜି ୨୨ ବର୍ଷରେ ଭେଣ୍ଡିଆଟିଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଛନ୍ତି । କଲେଜ ଗଲାଣି ହେଲେ ସେହି ପିଲାଳିଆମି ଓ ଦୁଷ୍ଟାମୀ ପାଇଁ ସାରଙ୍କ ଠାରୁ ଗାଳି, ମାଡ ଆଜିବି ଖାଏ । ସାର୍ ସିନା ଗାଳି କରନ୍ତି, ହେଲେ ପୁତ୍ର ବତ୍ସଳତା, ବାପପଣିଆ ବେଳେବେଳେ ତାର ସେ ଦୁଷ୍ଟାମୀକୁ ଅଣଦେଖା କରେ । ଏବେ ସଞ୍ଜୁ ଗୋଟେ ପ୍ରାଇଭେଟ୍ କଂପାନୀରେ କାମ କରୁଛି । ମାସକୁ ହଁ ୧୦-୧୨ ହଜାର ଟଙ୍କା କମଉଛି । ହେଲେ ସାର୍ ତାକୁ କେବେ ହିସାବ ମାଗନ୍ତିନି । ମାତ୍ର ମାସକୁ ପ୍ରତିଥର ଭଳି ପକେଟ୍ ମନି ସାର୍ଙ୍କୁ ମାଗିନବା ଓ ପକେଟ୍ରୁ ପଇସା ଚୋରେଇବା କମିନଥାଏ । ସାର୍ ତାଙ୍କୁ ନ ଜଣେଇ ତାର ଭଲମନ୍ଦ ଖବର ବନ୍ଧୁମାନଙ୍କ ଠାରୁ ବୁଝିଥାନ୍ତି । ମନରେ ପ୍ରଶ୍ନର ପାହାଡ ଠିଆ ହେଲେବି ବୁଢାକାଳେ ଏକମାତ୍ର ସାହାରା ଗୋଟିଏ ବୋଲି ପୁଅକୁ ସେ କେବେ ପ୍ରଶ୍ନ କରନ୍ତି ନାହିଁ । କାଳେ ଯଦି ପୁଅ ହୃଦୟକୁ ବାଧିଯାଏ ତେବେ ... ! ? । କିନ୍ତୁ ସେ ମିଛ ମିଛିକା ଆକଟ କମିନଥାଏ ।

ସେଦିନ ହଠାତ୍ ସଞ୍ଜୁ ଶୀଘ୍ର ଘରକୁ ଚାଲିଆସିଲା । ମାଷ୍ଟ୍ରେ ସ୍କୁଲରୁ ଆସି ଦେଖନ୍ତି ବେଡ୍ରେ ଶୋଇ ପିଲାଙ୍କ ଭଳି କାନ୍ଦୁଛି । ବିବ୍ରତ ଅବସ୍ଥାରେ ଯାଇ ତାକୁ ଯେତେ ପଚାରିଲେ ବି କିଛି ଉତ୍ତର ନଦେଇ ସେମିତି ପିଲାଙ୍କ ଭଳି କାନ୍ଦୁଥାଏ । ମାଷ୍ଟ୍ରେ ପ୍ରତିଦିନ ପରି ରୋଷେଇ କରି ରାତିରେ ଖାଇବା ଯାଚିଲେ ଯେ, ସେ ଖାଇଲାନି । ସକାଳ ହେଲା ସଞ୍ଜୁର ଘନିଷ୍ଠ ବନ୍ଧୁ ରାଜୁ ପାଖରେ ମାଷ୍ଟ୍ରେ ଯାଇ ପହଞ୍ଚିଥିଲେ । ରାଜୁର କଥା ଶୁଣି ସେଦିନ ମାଷ୍ଟ୍ରେ ଆଶ୍ଚର୍ଯ୍ୟ ! “ରାଜୁ କହିଲା ସଞ୍ଜୁ ଆରସାହି ପ୍ରଫୁଲ୍ଲ ଦାସ ଝିଅ ପଲ୍ଲବୀକୁ ବହୁତ ଭଲପାଏ । ଆପଣଙ୍କ ପକେଟରୁ ପଇସା ଆଣି ସଞ୍ଜୁ ତାର କଲେଜ ପଢା ଠାରୁ ଆରମ୍ଭ କରି ଏମ.ଏ. ପର୍ଯ୍ୟନ୍ତ ବୁଝୁଥିଲା । ଶେଷରେ ପଲ୍ଲବୀ ଫେସନ ଡିଜାଇନର ଟ୍ରେନିଂ ମଧ୍ୟ ନେଲା । ଆଉ ସବୁ ଖର୍ଚ୍ଚ ସଞ୍ଜୁ ତା ଦରମା ଟଙ୍କା ଓ ଆପଣଙ୍କ ଦିଆ ପକେଟ୍ ମନି ଖର୍ଚ୍ଚରୁ କରୁଥିଲା । କ୍ରମେ ପଲ୍ଲବୀ ଗୋଟେ ଭଲ ଜବ୍ ପାଇ ମୁମ୍ବାଇରେ ସେଟେଲ ହେଲା । ଆଉ ରାଜୁ ପାଖକୁ ଫୋନ୍ ମଧ୍ୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଲାନାହିଁ । ଆପଣଙ୍କୁ ନଜଣେଇ ରାଜୁ ସେ କଂପାନୀକୁ ଯାଇ ଦେଖେ ପଲ୍ଲବୀ ସେଠୀ ସେଠିକାର ମ୍ୟାନେଜରଙ୍କର ଅତି ନିଜର ହୋଇସାରିଛି ସଞ୍ଜୁର ପ୍ରଶ୍ନର ଉତ୍ତରରେ ପଲ୍ଲବୀର ତାସ୍ଛଲ୍ୟ ଭାବ ଓ ଘୃଣା ଭାବ ହିଁ ସାର ଥିଲା । ସେ ସଞ୍ଜୁକୁ ଗୋଟେ ମୂର୍ଖ, ଅପାଠୁଆ, ଗାଉଁଲି କହି ସେ ମ୍ୟାନେଜର ସହ ତୁଳନା କରି ଅପମାନ କରିଥିଲା ସେଥିପାଇଁ"....। ।? ସଞ୍ଜୁ ରାଜୁ ମୁହଁରୁ କଥା ନସରୁଣୁ ମାଷ୍ଟ୍ରେ ସେଠୁ ଚାଲିଯାଇଥିଲେ । ଘରକୁ ଯାଇ ସଞ୍ଜୁକୁ ଖାଲି ଏତିକି କହିଥିଲେ ବାବାରେ ମୁଁ ୪/୫ ଦିନ ପାଇଁ ଟିକେ ବାହାରକୁ ଯାଉଛି, ବାସ୍ । ତା' ପରେ ରାଜୁକୁ ସାଙ୍ଗରେ ଧରି ମାଷ୍ଟ୍ରେ ବାହାରିପଡିଥିଲେ ମୁମ୍ବାଇ, କଂପାନୀକୁ ଯାଇ ପଲ୍ଲବୀ ସହ ଦେଖା କରି ନିଜ ପୁଅର ସୁଖ, ଭବିଷ୍ୟତ ଭିକ ମାଗିଥିଲେ ହେଲେ ଗର୍ବ ଅହଂକାରର ପାଚେରୀ ଉପରେ ଛିଡା ହୋଇଥିବା ପଲ୍ଲବୀ ସଞ୍ଜୁର ଉପକାର ବଦଳରେ ଟଙ୍କା ଉପହାର ଯାଚିଥିଲା ମାଷ୍ଟ୍ରେଙ୍କୁ । ସେଠି ମାତ୍ର ସମସ୍ତ ଆଗରେ ମାଷ୍ଟ୍ରେ ଗୋଟେ ବାପ ଭୂମିକାରେ ଅଭିନୟ କରୁଥିଲେ । ଅନୁନୟ ବିନୟ ହୋଇ ପଲ୍ଲବୀର ହାତଧରିଲେ । ମାତ୍ର ପଲ୍ଲବୀ ହାତ ଛାଟି ମାଷ୍ଟ୍ରେଙ୍କୁ ସର୍ବସମ୍ମୁଖରେ ଏକ ଶକ୍ତ ଚାପୁଡା ମାରି ଇଂଲିସ୍ରେ ଗୁଡାଏ ଗାଳିଦେଇ ଗାର୍ଡକୁ ଡକାଇ ଧକ୍କାମାରି ସେଠାରୁ ବାହାର କରିଦେଇଥିଲେ । ହତାସ ହୋଇ ଗାଲରେ ହାତ ମାରି ମାରି ମାଷ୍ଟ୍ରେ ରାଜୁ ସହ ସେଠାରୁ ଚାଲିଆସିଥିଲେ । ଲାଗୁଥିଲା ଯେମିତି ଗୁଡାଏ ଅସମାଧାନ ସମସ୍ୟାର ବୁଢିଆଣି ଜାଲରେ ଛନ୍ଦି ହୋଇଛନ୍ତି । ଘରକୁ ଫେରି ସଞ୍ଜୁକୁ ଡାକିଲେ । ତା ମୁହଁକୁ ନିଜ କାନ୍ଧ ଗାମୁଛାରେ ପୋଛି ଛାତିରେ ଜାବୋଡି ଧରି କାନ୍ଦି ଉଠିଲେ । ସଞ୍ଜୁ ଯେତେ ପଚାରିଲେ ବି ସେ କିଛି ନକହି ସେଦିନ ରାତିରେ ଉପାସ ଶୋଇବାକୁ ଚାଲିଗଲେ । ରାତିରେ ମାଷ୍ଟ୍ରେଙ୍କୁ ସେ ଅପମାନ ସେ କଟୁ କଥା, ଆଉ ସେ ଚାପୁଡା ଶୁଆଇ ଦେଉନି । ସମସ୍ତଙ୍କର ସମ୍ମାନର ପାତ୍ର ଆମ ମାଷ୍ଟ୍ରେଙ୍କୁ ସକାଳ ହେବା କ୍ଷଣି ସଞ୍ଜୁ ବିଷ ବୋତଲଟିଏ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହାତରେ ଜାବୋଡି ଥିବା ଅବସ୍ଥାରେ ଉଦ୍ଧାର କଲା । ବାପା ବାପା ବୋଲି ଯେତେ ଡାକିଲେବି ସେ ଶୁଣିନଥିଲେ । ଜୁଇ ଜଳିଲା, ଦଶକ୍ରିୟା ସରିଲା । ରାଜୁର କଥା ମାନି ସଞ୍ଜୁ ଆସ୍ତେ ଆସ୍ତେ ଅଫିସ୍ ମଧ୍ୟ ଗଲା । ହେଲେ ପ୍ରତ୍ୟେକ ଦିନ ଏଲ.ଆଇ.ସି. ବାଲା, ବ୍ୟାଙ୍କ ବାଲା, ଓକିଲ ଆସି ମାଷ୍ଟ୍ରେଙ୍କ ପୁଅ ନାଁରେ ରଖିଥିବା ତାର ସୁସ୍ଥ ଭବିଷ୍ୟତ କାମନା କରି ରଖିଥିବା ଟଙ୍କା, ସଂପତ୍ତିର ହିସାବ ସହ କାଗଜମାନ ଦଉଥିବାର ଦେଖି ସଞ୍ଜୁ ସେଦିନ ଅନୁଭବ କରିଥିଲା । ଜଣେ ବାପା ହିଁ ଏସବୁ କରିପାରେ । ପ୍ରତ୍ୟେକ ଦିନ ତାକୁ କୁଳାଙ୍ଗାର କହି ବାଡିରେ ବାଡେଇ ତାର ଭବିଷ୍ୟତ ଚିନ୍ତା କରୁଥିବା ବାପା ହିଁ ନିଜ ପୁଅର ଖୁସି ପାଇଁ ଯାଇ ଅପମାନ ହୋଇପାରେ ! ସର୍ବ ସମ୍ମୁଖରେ ଗାଲରେ ଚାପୁଡା ଖାଇପାରେ ?

ସମୟ ନଈର କରାଳ ସ୍ରୋତ ଆଗରେ ସବୁ ହତବାକ୍, ନିରୁପାୟ । ମୁମ୍ବାଇରୁ ଓଡ଼ିଶା ଫେରିବା ବେଳେ ଭୁବନେଶ୍ୱରରେ ଗୋଟେ କାର୍ ଆକ୍ସିଡେଣ୍ଟରେ ପଲ୍ଲବୀ । ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥାଏ । ହୋସ୍ ଆସିବା ପରେ ପଲ୍ଲବୀ ଜାଣିବାକୁ ପାଇଥିଲା ଯେ କେହି ଜଣେ ତାକୁ ଅଚେତ୍ ଅବସ୍ଥାରେ ଆଣି ହସ୍ପିଟାଲରେ ଚିକିତ୍ସିତ କରୁଛି । ନାଁ ନ ଜାଣିଲେ ବି ମନେ ମନେ ତାକୁ ଧନ୍ୟବାଦ ଦେବା ସହ ଭଗବାନଙ୍କୁ ମଧ୍ୟ ତାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରୁଥାଏ । ମ୍ୟାନେଜର ଅର୍ଥାତ୍ ପଲ୍ଲବୀର ପ୍ରେମିକ ଆସି ପଲ୍ଲବୀକୁ ଦେଖାକରି କିଛି ଟଙ୍କା ଦେଇଗଲେ । ମାତ୍ର ପଲ୍ଲବୀକୁ ଟଙ୍କା ଦରକାର ନଥିଲା । ଦରକାର ଥିଲା ତାର ସହାୟତାର ହାତ, ହେଲେ ମ୍ୟାନେଜର ବାବୁ ଦୁଇଟି ଗୋଡ ହରେଇ ସାରିଥିବା ପ୍ରେମିକାକୁ ଜୀବନ ସାଥୀ କରି ପ୍ରତ୍ୟେକ ମୋଡରେ ଝୁଣ୍ଟିବାକୁ ରୋକ୍ ଠୋକ୍ ମନା କରିଦେଲେ । ମେଡିକାଲ ଏକସ୍ପେନ୍ସସେସ୍ କଥା ଡକ୍ଟରଙ୍କୁ କହିବାରୁ, ଡକ୍ଟର୍ ଚିକିତ୍ସା ଖର୍ଚ୍ଚ କେହି ଜଣେ ବ୍ୟକ୍ତି ଆଗରୁ କରିଛନ୍ତି ବୋଲି କହିଥିଲେ । Take care ବୋଲି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଇଂରାଜୀର ଶବ୍ଦଟି କହି ପଲ୍ଲବୀ ପାଖରୁ ସବୁଦିନ ପାଇଁ ଚାଲିଯାଇଥିଲେ ତଥାକଥିତ ମ୍ୟାନେଜର । ଯାହାର ଦୃଶ୍ୟରାଜି ରାଜୁ ବାହାରେ ଥାଇ ଦେଖୁଥାଏ । ପ୍ରହେଳିକାର ଶେଷଦୃଶ୍ୟ ଯେ, ଲୋମହର୍ଷଣକାରୀ, ଚିତାକର୍ଷକ, ହୃଦୟ ବିଦାରକ ହୁଏତ ପଲ୍ଲବୀ ସେଦିନ ତା'ର ହୃଦୟକୁ ନିଶ୍ଚୟ ପଚାରିଥିବ ।

ପଲ୍ଲବୀର ଚିକିତ୍ସା ଆଉ କେହି ନୁହେଁ ସଞ୍ଜୁ ହିଁ କରୁଥିଲା । ସେଦିନ ହଠାତ୍ ଅଫିସ୍ ଫେରୁ ଫେରୁ ଦୈବାତ୍ ରୂପାଲି ଛକରେ ରକ୍ତାକ୍ତ ଓ ବିବର୍ଣ୍ଣ ଅବସ୍ଥାରେ ପଲ୍ଲବୀକୁ ଦେଖି ରାଜୁ ସଞ୍ଜୁକୁ ଖବର ଦେବାରୁ ସଞ୍ଜୁ ଆସି ମେଡିକାଲର ସବୁ ଖର୍ଚ୍ଚ ବହନ କରି ଅପରେସନ ବଣ୍ଡରେ ଦସ୍ତଖତ ମଧ୍ୟ କରିସାରିଥିଲା । କିନ୍ତୁ ସଞ୍ଜୁର କଡା ନିୟମ ତାର ପରିଚୟ ଗୋପନ ରଖିବାକୁ ।

କିନ୍ତୁ ରାଜୁର ଅନୁରୋଧରେ ସଞ୍ଜୁ ପ୍ରଥମଥର ପାଇଁ ଆସି ପଲ୍ଲବୀକୁ ଦେଖା କରିଥିଲା । ପଲ୍ଲବୀ ଆଖିର ସେ ଲୁହରୁ ତାର ଅସହାୟ ପଣିଆକୁ ସଞ୍ଜୁ ଠିକ୍ ପଢିପାରୁଥିଲା । କିଛି କହିବା ଆଗରୁ ସଞ୍ଜୁ ତା ପାଟିରେ ହାତଦେଇ କହିଥିଲା ମୁଁ ସବୁ ଶୁଣିଛି । ଆଉ ଜାଣିଛି ।

ପଲ୍ଲବୀ - ତା ପରେବି ।

ସଞ୍ଜୁ - ହଁ - ତା ପରେବି ମୁଁ ତୁମକୁ ଆଣି ମେଡିକାଲରେ ଆଡମିଟ୍ କରି ବଣ୍ଡରେ ଦସ୍ତଖତ କଲି । ଜାଣିଛ ସେ ବଣ୍ଡରେ କଲମରେ ରିଲେସନ ଜାଗାରେ ମୁଁ କଣ ଲେଖିଲି - ହଜବେଣ୍ଡ ।

ପଲ୍ଲବୀ - ହେଲେ, ମୁଁ ତ ତୁମକୁ ଧୋକା ଦେଇଛି । ତୁମ ବାପାଙ୍କୁ ମାଡ .... ।

ସଞ୍ଜୁ - ଜାଣିଛ, ସାମାନ୍ୟ ଐଶ୍ବର୍ଯ୍ୟରେ ଅନ୍ଧ ହୋଇ ତୁମେ ଯାହାକୁ ସ୍ୱର୍ଗ ଭାବିଥିଲ, ସେଇଟା ସ୍ୱର୍ଗ ନଥିଲା, ଥିଲା ନର୍କ । ସେଇ ଚାପୁଡା, ଅପମାନ ପାଇଁ ମୋ ବାପା ସୁଇସାଇଡ୍

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଲେ ।

ପଲ୍ଲବୀ - ହେ ଭଗବାନ । ମୋତେ ତୁମେ ମାରିଦିଅ । ମୁଁ ବଂଚିବାକୁ ଚାହେଁନା ।

ସଞ୍ଜୁ - ହଁ, ସେ ପଲ୍ଲବୀ ମରିସାରିଛି । ଆଜି ଯେଉଁ ପଲ୍ଲବୀ ବଞ୍ଚିଛି ସେ ସେଇ ଗାଉଁଲି ଲାଜେଇ ମୋର ଅତି ଆପଣାର ପଲ୍ଲବୀ । ବେଡ୍ରୁ ନିଜ ହାତରେ ଟେକିନେଇ ପଲ୍ଲବୀକୁ ହୁଇଲ୍ ଚେୟାରରେ ବସାଇ ଘରକୁ ନେଇଗଲା ସଞ୍ଜୁ । ଦୁହେଁ ବିବାହ ବନ୍ଧନରେ ବାନ୍ଧିହେଲେ । ମାତ୍ର ପଲ୍ଲବୀ ଆଜିବି ମାଷ୍ଟ୍ରେଙ୍କ ମୃତ୍ୟୁ ପାଇଁ ନିଜକୁ ଦାୟୀ କରି ଖୁବ୍ କାନ୍ଦେ, ଆଉ ସଞ୍ଜୁ ନଥିବା ବେଳେ ସୋ କେଶ୍ରୁ ମାଷ୍ଟ୍ରେଙ୍କ ଫଟୋ କାଢି ଖୁବ୍ ଧ୍ୟାନରେ ଦେଖେ ।

ଏ ପ୍ରହେଳିକା ନାଟକର ଅନ୍ତିମ ଦୃଶ୍ୟ ଜୀବନର ମୂଲ୍ୟବୋଧ ଓ ବାସ୍ତବିକତାକୁ ନିଶ୍ଚୟ ଶିଖେଇ ଦେଇଯାଏ, ସମ୍ଭବତଃ ପଲ୍ଲବୀ ପରି କ୍ଷଣିକ ସୁଖର ପାହଡ ଉପରେ ବସି ଆକାଶକୁ ଚୁମ୍ବନ କରିବାର ଆଶା ପରି ।

ରଚନା - ଶ୍ରୀ ରୁଦ୍ରକାନ୍ତ ରାଉତରାୟ
ଆଡଭୋକେଟ, ଭଦ୍ରକ
ମୋ. ୯୩୪୮୯୮୦୫୪
Email- rudrakanta456@gmail.com

Listen to Odia Podcast on https://anchor.fm/aahwaan

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦାସିଆ ବାଉରୀ



ଶିବ ନାରାୟଣ ଦାଶ

ନନ୍ଦିଘୋଷ ପରେ ଦେଖି ଜଗତ-ଠାକୁର
ଅପଲକ ସୁନେତ୍ର ପିତୁଳା,
ଏ କି ତୁମ ଭାବ ଉନ୍ମାଦନା !
ପ୍ରେମ ସମ୍ମୋହିତ ପ୍ରାଣ
ବିଳପଇ, ଚକ୍ଷୁ ଝରେ
ଅଶ୍ରୁ ଘନ ଘନ ।
 ଗୃହିଣୀର ହାତରନ୍ଧା
 କଂସାଏ ପେଜୁଆ ଜାଉ, ଆଉ ତା ମଝିରେ
 କଳା କଳା ଶାକର ବ୍ୟଞ୍ଜନ,
 "ଖାଇବି କେମନ୍ତେ କହ - ଏ ଯେ ଚକା-ଆଖି,
 ମୋ ଅନ୍ତର ପ୍ରାଣ ପ୍ରିୟ
 ଆଦରର ପ୍ରଭୁ ଚକାଡୋଳା" !
କଂଠୁ ସ୍ଫୁରେ ନାହିଁ ଭାଷା, ହୃଦୟରେ ଜାଗଇ ବେପଥୁ,
କି ଅକୂଳ ଆକୁଳତା ତୁମ
ଦାସିଆ ବାଉରୀ କୁହ
କେଉଁଠୁ ପାଇଲ ତୁମେ ଅକୁଣ୍ଠିତ ପ୍ରେମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ବିଶ୍ୱାସର ସୁନିର୍ଭର ଭେଳା !

ତୁମର ସେ ଦୃଢ ନିଷ୍ଠିତତା
ଶ୍ରୀଫଳ ପଠାଇ ଯେବେ ଜଣାଇଲ ବିପ୍ର ପ୍ରବରଙ୍କୁ
"ଜଗବନ୍ଧୁ ପାଶେ ଯାଇ ଜଣାଇବ ଦାସିଆର ଭେଟ,
ସେ ଯେବେ ଘେନିବେ ଚାହିଁ
ବଢ଼ାଇବେ ହାତ,
ଶ୍ରୀଛାମୁରେ ଶ୍ରୀଫଳ ମୋ ତେବେ ଯାଇ ଦେବ,
ନ ହେଲେ ଫେରାଇ ଆଣିବ" ।
ତୁମ ପାଗଳାମି ଦେଖି ହସିଥିଲେ ସଭିଏଁ ସେଦିନ,
ଏ ଅଦ୍ଭୁତ ଅନୁରୋଧ ସତେ
କେମନ୍ତ ସମ୍ଭବ !
କିନ୍ତୁ ଅକସ୍ମାତ,
ତୁମର ଭକତି ଭରା ସରଳ ବିଶ୍ୱାସ
ଦେଖାଇଲା ଅବିଶ୍ୱାସ ପୁଲକ-ବିସ୍ମୟ !
ହସ୍ତ-ପଦ ବିହୀନ ସେ ମାଦଳ ଠାକୁର,
ରତ୍ନ-ସିଂହାସନୁ ତୋଳି ମହାବାହୁ ତାଙ୍କ
ଆଦରରେ ଘେନାକଲେ ତୁମର ସେ ଭବ୍ୟ ଉପହାର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯେ ଜଗତପତି 'ଛନ୍ତି ଜଗତକୁ ଛନ୍ଦି,

ତୁମରି ଭକତି ଆଉ ସରଳ ବିଶ୍ୱାସେ

ପାରିଥିଲ ଅନାୟାସେ ତୁମେ ତାଙ୍କୁ ବାନ୍ଧି ।

ତୁମେ ଆଜି ମରି ବି ଜୀବନ୍ତ,

କୋଟି କୋଟି ଶ୍ରଦ୍ଧାଳୁଙ୍କ ପାଇଁ

ବାଲିଗାଁ ଦାସ ତୁମେ

ପାଲଟିଛ ବିରଳ ଦୃଷ୍ଟାନ୍ତ ।

ମୋବାଇଲ୍ : ୯୯୯୦୨୪୬୫୬

ଇମେଲ୍ : dasshibanarayan61@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ଗାଁ



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

(୫)

ଶରତ ପ୍ରବେଶ କରେ ନବ ଅଭିସାରିକାର ବେଶେ,
ଜହ୍ନିଫୁଲ-ଫୁଟା-ସଞ୍ଜ ଶୀତଳ ସମୀରେ
ନିର୍ମଳ ନୀଳ ଆକାଶେ ରୂପାଚାନ୍ଦ ହସେ,
ସୁଧା ମୟୂଖ ମଣ୍ଡିତ ପଲ୍ଲୀ ଉପବନେ
କୁମାରୀ କୁସୁମକୁଳ ହସନ୍ତି ସୁବାସେ ।
କୌମୁଦୀର ଧବଳ ବେଢ଼ଣ
ଶୋଭାମୟୀ ପଲ୍ଲିବଧୂ ଶରତରେ କରେ ପହରଣ,
ନାନାଜାତି ଫୁଲ ଫୁଟି ସଉରଭ କରେ ବିତରଣ ।
ସରୋବରେ ଫୁଟେ ପୁଣି କମନୀୟ କୁମୁଦ, କମଳ,
ଶତବର୍ଗଫୁଲ ସଂଗେ ଫୁଟେ ନବମାଳିକା, ମାଳତୀ,
ଧାଡି ଧାଡି କାଶତଣ୍ଡୀଫୁଲ ଫୁଟି ନଦୀର ପଠାରେ
ମୃଦୁ ଚାମର ହଲାଇ ଶରତର ବନ୍ଦାପନା କରେ,
ଅଗାଧ ଜଳରେ ଧୀରେ ମୁକୁଳିତ ହୁଏ ନୀଳୋତ୍ପଳ ।
ଶରତରେ ଘନଘନ ଛନଛନ ମୋ' ଗାଁର କୁଆଁରୀର ମନ,
ଅଙ୍ଗରାଗ ବିଲେପିତ କଅଁଳ ଦେହରେ ତା'ର
ଖେଳିଯାଏ ସୁଶୀତଳ ଅମାନିଆ ମୃଦୁ ଶିହରଣ,

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ କେଉଁ ଦୂରରୁ ଶୁଣି ଗୁଆଳର ମଧୁ ବଂଶୀସ୍ୱନ ।
କୁଆଁର ପୂନେଇଁ ଜହ୍ନ ଚହଲାଏ ମନ କୁଆଁରୀର,
ସଜାଇ ସେ କଳାବେଣୀ ସୁବାସିତ ବଉଳ ଫୁଲରେ
କାର୍ତ୍ତିକ ସମାନ ବର ପାଇବାକୁ କୁମାର ସୁମରେ,
ଜହ୍ନି, ଭେଣ୍ଡି ହାତୀ ଘୋଡା ଜହ୍ନିଫୁଲ ସଜାଇ ତା' ପୂଜା ମଣ୍ଡପରେ ।
ପୁରନାରୀ ଗର୍ଭକରେ ଗଭକରି ଶୁଭ୍ର ସୁଶୋଭନ,
କ୍ଷୀରୀ ଆରିଷା ମଣ୍ଡାର ସୁସ୍ୱାଦୁ ମିଷ୍ଟାନ୍ନ,
ସମର୍ପଣ କରି କରେ କୁଆଁରୀର ପୂଜା ସମାପନ ।

ଶାରଦୀୟ ଉତ୍ସବରେ ଦୁର୍ଗତିନାଶିନୀ ଦୁର୍ଗା ସ୍ୱର୍ଗରୁ ଆସନ୍ତି ଓହ୍ଲାଇ,
ବରଷକେ ଥରେ ହୁଏ ଘରେ ଶକ୍ତି ଉପାସନା,
ସୁଠାମ ସୁନ୍ଦରୀ କୁଳଲଳନା ସୁବେଶା
ହାତେ ଧରି ପୂଜାଥାଳା ସୀମନ୍ତିନୀ ନାରୀ-ନାରାୟଣୀ
ସମର୍ପି ଜୀବନମାଳା ଜଗତଜନନୀ ପଦ କରେ ବନ୍ଦାପନା ।

ଅମାବାସ୍ୟା ମହାନିଶା  ତିମିରିତ ପଥେ
ମହାକାଳର ଗରଭୁ ଦେବୀ ମହାକାଳୀ,
ସନ୍ତାନ ସଂତାପ ନାଶନେ ଦୀପ୍ତିମୟୀ ବେଶେ
ଧୂସର ଧରଣୀ ବକ୍ଷେ ଆସିଥାନ୍ତି ଧୀରେ ଅବତରି,
ମଙ୍ଗଳା ସେ ମହାକାଳୀ କାଳ ତାଙ୍କୁ ପାରିନାହିଁ ଧରି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାଳ କବଳିତ ନର ଭଙ୍ଗୁର ଜୀବନେ
ଦିଅନ୍ତି ମା' ଜ୍ୟୋତିର୍ମୟୀ କରୁଣା ବିତରି ।
ଶକ୍ତକୁ ଦିଅନ୍ତି ଶକ୍ତି କରିବାକୁ ସତ୍ୟ ନ୍ୟାୟ ଧର୍ମର ଜୟ,
ଦର୍ପଦଳିନୀ ଜନନୀ ଉଗ୍ର ସଦା ଉତ୍ପୀଡ଼କ ପାଇଁ,
ବାମ କରେ ତେଣୁ ଖଡ୍ଗ ନାଶନ ଆୟୁଧ,
ଆର୍ତ୍ତ ପାଇଁ ଅଭୟାଙ୍କ କରେ ଆଶା ଅଭୟର ମୁଦ୍ରା !
ତେଜିବାକୁ ସତ୍ୟପଥେ ଅବସାଦ ଭୟ ।
ଜଗନ୍ମାତା ମହାଲକ୍ଷ୍ମୀ ଅନ୍ନପୂର୍ଣ୍ଣା ବେଶେ,
ଧରି ପରିପୂର୍ଣ୍ଣ ଶସ୍ୟ ସୁବର୍ଣ୍ଣ କଳସେ
ଧରିତ୍ରୀର ଘରେ ଘରେ କରନ୍ତି ପ୍ରବେଶ,
ଶ୍ରୀୟା ଚାଣ୍ଡାଳୁଣୀ ଅବା ଶ୍ରୀପତି ବ୍ରାହ୍ମଣ,
ଯେ'ପୁରେ ଦେଖନ୍ତି ମା' ଶୁଦ୍ଧ ଶୁଚି
ସୁସଜ୍ଜିତ ରମ୍ୟ ରକ୍ତୋତ୍ପଳର ଆସନ,
ଜଗତମାତା ଚଂଚଳା ଆନନ୍ଦରେ ହୋଇଯା'ନ୍ତି ବଶ ।
ଧନଧାନ୍ୟେ ପରିପୂର୍ଣ୍ଣ କରନ୍ତି କମଳା,
ଉଦଯୋଗୀ ଜନର ପ୍ରିୟ ଦେବୀ ସଦା ସନ୍ତାନ ବତ୍ସଳା ।

ମୋ' ଗାଁର ଅସ୍ତାଚଳେ ମଲାଜହ୍ନ ଲୁଚ ଲୁଚି ଯାଏ,
ଧୀର ସମୀରଣେ କ୍ଷେତେ ଧାନଫୁଲ ଉଡାଏ ଚଅଁର,
ପାହାନ୍ତା ନିଶିର ଶିଶିର ଝରିପଡ଼େ କ୍ଷେତର ଉରସେ;

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସରଗର ବୀର୍ଯ୍ୟବାରି ବୀଜକୋଷେ ଗର୍ଭ ସଂଚାରର ।

ମାର୍ଗଶିର ମାସେ ହୁଏ ମାଣବସା ଲକ୍ଷ୍ମୀ ଉପାସନା,
ପ୍ରଥମ କ୍ଷେତୁ ଅମଳ ଶୁକ୍ଳଧାନ୍ୟ ମାଣ ପୂର୍ଣ୍ଣ କରି,
ମୋ' ଗାଁର କୃଷକ ଘରଣୀ ମାତା
ଲକ୍ଷ୍ମୀ ପାଦପଦ୍ମ ଚିତା ମୁରୁଜରେ ଆଙ୍କି ଭକ୍ତିଭରେ,
କ୍ଷୀରିପିଠା ଭୋଗ ବାଢ଼ି ପୂଜା କରେ କମଳା ସୁମରି ।

ପୌଷରେ ପାଚେ ଗରୁଧାନ,
ଖଣ୍ଡଖଣ୍ଡ ଧଳାମେଘ ଆକାଶରେ ଭାସେ,
ସୂର୍ଯ୍ୟ ଲୁଚକାଳି ଖେଳେ ବଉଦ ଉଢ଼ାଳେ, ଛୋଟ ହୁଏ ଦିନ,
କାଉଁଳିଆ ପାଗ ସଂଗେ ବହେ ସୁଲୁସୁଲିଆ ଉତ୍ତରା ପବନ,
ତଥାପି ଫାଟୁଆ ହସରେ ହସୁଥାଏ
ମୋ' ଗାଁର ଶ୍ରମଜୀବୀ କୃଷକ ଜୀବନ,
ଦେଖି ସୁବର୍ଣ୍ଣ ଫସଲ ପୁଲକିତ ଦେହ ପ୍ରାଣ ମନ,
ଖଳାରେ ହଳାର ଗଦା ବିରାଜଇ ଦେଉଳ ସମାନ ।
କମଳା କରନ୍ତି ଦୟା ହୋଇ ସୁପ୍ରସନ୍ନା,
ହାତପୂରେ ହାଣ୍ଡି ଭରେ ଅନ୍ନଦା ଅନ୍ନରେ,
ପୁଷମାସେ ଉପ୍ୱାସେ ନରହନ୍ତି କେହି:
ନିଜେ ପରଷନ୍ତି ମାତା ଦରିଦ୍ରକୁ ଦୁଇମୁଠା ଦାନା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସବୁଠୁ ଭଲ ମୋ ବାପା



ଆଶୁତୋଷ ଦେବୀପ୍ରସାଦ ରାଉତ

ସବୁଠୁ ଭଲ ମୋ ବାପା,

ବାପା, ଏକ ସଂଜ୍ଞା ଶୂନ୍ୟ ଅତୁଳନୀୟ ଶବ୍ଦ

ଆଜି ମୋ କଲମ

ମୁନରେ ନାହିଁ ଏତେ ଶକ୍ତି,

ବାପାଙ୍କୁ କରିବି ବର୍ଣ୍ଣନା ।

ଯାହାଙ୍କ ହୃଦୟ ,

ପୃଥ୍ୱୀରୁ ନଭ ପର୍ଯ୍ୟନ୍ତ ପରିବ୍ୟାପ୍ତ,

ଯେ ମୋ ସ୍ରଷ୍ଟା, ଯାହାଙ୍କ ପାଇଁ ମୋର ସୃଷ୍ଟି

ମୁଁ ତାଙ୍କୁ କାହା ସହ କରିବି ତୁଳନା ।

ସବୁଠୁ ଭଲ ମୋ ବାପା,

ବାପା ଏକ ସ୍ୱୟଂ ସମ୍ପୂର୍ଣ୍ଣ ଚରିତ୍ର

ମୋ ଜୀବନ ତାଙ୍କ ପାଇଁ ଆତଯାତ ।

ବାପା ହେଉଛନ୍ତି ଜୀବନ ତତ୍ତ୍ୱ,

ଯାହାଙ୍କ ପାଇଁ ମୋ ପରିଚୟ ।

ବାପା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାୟୁ ଠୁ ଅଧିକ ତାଙ୍କର ଶକ୍ତି ଓ ଧର୍ଯ୍ୟ

ପାଣି ଠୁ ଅଧିକ ତାଙ୍କର କୋମଳ ହୃଦୟ ।

ସବୁଠୁ ଭଲ ମୋ ବାପା,

ବାପାଙ୍କ ଗାଳି ରେ ଲୁଚି ରହିଥାଏ

ଅଜସ୍ର ଭଲ ପାଇବା, ସ୍ନେହାର୍ଶ୍ରିବାଦ ।

ବାପାଙ୍କ ପାଖରେ ଥିଲେ,

ଦେହରେ ଭରିଯାଏ ଶତ ସିଂହ ର ବଳ

ବାପାଙ୍କ ପାଇଁ ଥାଏ ମନରେ ଆନନ୍ଦ ।

ସବୁଠୁ ଭଲ ମୋ ବାପା,

ବାପା ହେଉଛନ୍ତି ସ୍ୱାଭିମାନ ର ପ୍ରତୀକ,

ତାଙ୍କ ନୀତି ଆଦର୍ଶ ମୋ ପାଇଁ ପ୍ରେରଣା ,

ମୋ ବାପା, ମୋ ପାଇଁ

ନ୍ୟାୟ ଆଉ ଧର୍ମର ପଥ ପଦର୍ଶକ ।

ସବୁଠୁ ଭଲ ମୋ ବାପା,

ବାପାଙ୍କ ପାଇଁ ନଥାଏ

ମୋର ଅର୍ଥର ଅଭାବ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯାହା ମାଗିଲେ ସବୁ

କରିଦିଅନ୍ତି ପୂରଣ,

ତାଙ୍କ ପାଇଁ ନଥାଏ

ମୋ ଘରର ଦାୟିତ୍ୱ,

ବାପାଙ୍କ ପାଇଁ କେବେ

ବିପଦକୁ ଭ୍ରୂକ୍ଷେପ କରେନା ।

ତାଙ୍କ ଆଦର୍ଶ ପାଇଁ

ଅନ୍ୟାୟ, ଅଧର୍ମ କରେନା ।

ସବୁଠୁ ଭଲ ମୋ ବାପା,

ଆମ ଖୁସି ପାଇଁ,

ସବୁ ଦୁଃଖ କଷଣ ସହି,

ନିଜ ସୁଖକୁ ଜଳାଞ୍ଜଳି ଦେଇ

ଆମ ଓଠରେ ଫୁଟାନ୍ତି ହସ ।

ସବୁଠୁ ଭଲ ମୋ ବାପା,

ଆମ ପେଟକୁ ଦାନା ପାଇଁ,

ସାରା ଦିନ ପରିଶ୍ରମ କରନ୍ତି,

ସକାଳୁ ଘରୁ ବାହାରି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଞ୍ଜ ରେ ଘର ବାହୁଡ଼ନ୍ତି ,
ମୁଣ୍ଡ ଝାଳ ତୁଣ୍ଡରେ ମାରି
ଆମର ପ୍ରତିପୋଷଣ କରନ୍ତି ।

ସବୁଠୁ ଭଲ ମୋ ବାପା,
ଆଙ୍ଗୁଠି ଧରି ଚାଲି ଶିଖେଇଛନ୍ତି,
ଝୁଣ୍ଟିପଡ଼ିଲେ କୋଳେଇ ନିଅନ୍ତି,
ଅବୁଝା ହେଲେ ବୁଝେଇ ଦିଅନ୍ତି,
ପ୍ରତେକ ଝଡର ସେ ପ୍ରତିବାତ
ହୋଇ ଆମକୁ ସୁରକ୍ଷା ଦିଅନ୍ତି ।

ସବୁଠୁ ଭଲ ମୋ ବାପା,
ସେ ଭାବର ଭୁମଧ୍ୟ ସାଗର,
ମୋ, ଭାବନାର ପାରିଜାତ,
ସେ ସ୍ଥବିର ପର୍ବତ ସଦୃଶ,
ଆମ ଜୀବନ ରେ ସେ ଜଣେ
ତପସ୍ୱୀ, ତପୋବନ ।

ସବୁଠୁ ଭଲ ମୋ ବାପା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ବାପା ଆମ ହୃଦର ସ୍ପନ୍ଦନ,

ଆମ ଜୀବନ, ଅମୃତ କଳସ,

ଆମ ପାଇଁ ପବିତ୍ର ଗ୍ରନ୍ଥ,

ସବୁଠୁ ଭଲ ମୋ ବାପା,

ସବୁଠୁ ଭଲ ମୋ ବାପା ।

ଆଶୁତୋଷ ଦେବୀପ୍ରସାଦ ରାଉତ

ପଚାମୁଣ୍ଡାଇ, କେନ୍ଦ୍ରାପଡ଼ା

ଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ

ଚଣ୍ଡିଖୋଲ, ଯାଜପୁର

ଭ୍ରାମ୍ୟଭାଷ: ୯୯୩୮୮୮୪୭୫

ଦୂରଭାଷ: ୦୬୭୨୫-୨୨୬୪୭୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସବୁ ଜନମରେ



ବିଜୟ କୁମାର ସାହୁ

ସବୁ ଜନମରେ ଆରମ୍ଭ ମୋ ଥିଲା
ଶେଷ ପରିଣତି ମରଣରେ ।
ବାରମ୍ବାର ମୁଁ ଯେ ଜନମ ମୃତ୍ୟୁରେ
ଯାତନା ଭୋଗୁଛି ମର୍ତ୍ତ୍ୟରେ ॥ ୧

ବିନିଦ୍ର ରଜନୀ କୋଳାହଳମୟ
ମାନସ କାହିଁକି କେଜାଣି ?
ଚକ୍ଷୁର ପଲକ ପଡୁନାହିଁ ପ୍ରଭୁ
କାମନାର ମୋ ଅନ୍ତ ନାହିଁ ॥ ୨

ଭାବ ରାଇଜରେ ବୁଡିଥିଲେ ସିନା
ପାଇଥାନ୍ତି ତୁମ ପରସ ।
ଅଭାବେ ଅଭାବ ଭକ୍ତି ଜ୍ଞାନ ଶୂନ୍ୟ
ମୁଁ ଯେ ବିଶ୍ୱସ୍ତ କାମାଗ୍ନିର ॥ ୩

ବିକ୍ଷିପ୍ତ ମାନସ ଲୋଡୁନାହିଁ ତୁମ
ନିଷ୍ଠୁର ବାସ୍ତବତାକୁ ।
ସତ୍ୟ ପ୍ରେମ ଜ୍ଞାନ ଲୋକ (ରେ) ଚରିତାର୍ଥ
କରିବାକୁ 'ମୁଁ' ଓ୍ୱ 'ମୋର' କୁ ॥ ୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମନ ଯାନ ମୋର ଉଡିଯାଉଅଛି

କାମ କ୍ରୋଧ ଲୋଭ ଧରି ଯେ ।

ବିଷୟ ବାସନା ମଳୟ ପବନ

ପୁଲକିତ ମନ ଉପବନେ ॥ ୫

କେବେ ପ୍ରଭୁ ଦେବ ଅଗୁରୁ ଚନ୍ଦନ

ଚିନ୍ମୟ ସତ୍ତାରୁ ତୁମେ ହେ ।

ଅପସରି ଯାନ୍ତା ପିଣ୍ଡୁ ପ୍ରାଣ ମୋର

ଯେତେ ରହିଅଛି କଲ୍ମଷ ହେ ॥ ୬

ବିଜୟ କୁମାର ସାହୁ , ବିଜିଗୋଳ

ମୋ – ୮୭୬୩୧୪୮୬୨୩

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା କହୁଛି ମୋ ମାମୁଁକୁ



ରାଧାମୋହନ
ପୁଜାହାରୀ

ଆକାଶରେ ଥାଇ ଜହ୍ନମାମୁଁ ଆଜି
କହୁଛି ମାଁକୁ ମୋର,
ଭଉଣୀ ଲୋ ମୋର ହାତେ ରାକ୍ଷୀ ବାନ୍ଧି
ସ୍ନେହ ଟିକେ ଦେବୁ ତୋ'ର ।
ଶୁଣିବୁ ଭାଇର ଅଳି.....
ଆସୁଅଛି ରକ୍ଷାବନ୍ଧନର ପର୍ବ
ଯିବୁନି ଲୋ ମୋତେ ଭୁଲି  ! (୧)

ଭୁଲି ସବୁ ତୋ'ର ମାନ ଅଭିମାନ
ବାନ୍ଧିବୁ ଲୋ ମୋତେ ରାକ୍ଷୀ,
ଆମ ସ୍ନେହ-ପ୍ରେମ ଦେଖିବ ଜଗତ
ସମୟ ରହିବ ସାକ୍ଷୀ ।
ଇତିହାସ ସ୍ୱର୍ଣ୍ଣାକ୍ଷରେ.....
ଲେଖି ଦେଇଯିବା ଅଭୁଲା କାହାଣୀ
ହୃଦୟର କାଗଜରେ । (୨)

ଭାରି ସ୍ନେହମୟୀ ମୋ ଭାରତ ମାଆ
କହୁଛି ଭାଈକୁ ତା'ର,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଲିଭା ରହିବ ଚିରଦିନ ଏଇ
ଆମ ସମ୍ପର୍କର ଗାର ।
ବଢ଼ାଇ ଦେବୁ ତୋ' ହାତ.....
ବାନ୍ଧିବି ମୁଁ ରାକ୍ଷୀ ତୋ' ହାତରେ ଯେତେ
ଆସୁ ଘାତ-ପ୍ରତିଘାତ । (୩)

ତହୁଁ ମୋ ଭାରତ ମାତା ପଠାଇଲା
ମାମୁଁକୁ ମୋ ଉପହାର,
ସସ୍ନେହେ କହିଲା ପଠାଇଲି ରାକ୍ଷୀ
"ଚନ୍ଦ୍ରଯାନ" ନାମ ତା'ର ।
କହିଲା ଶୁଣ ମୋ ଭାଇ.....
ଦେବୁ ତୁ ଖବର ଭଉଣୀକୁ ତୋ'ର
ଉପହାର ତା'ର ପାଇ । (୪)

ଉପହାର ମୋର ଯତନେ ରଖିବୁ
ହୃଦୟ ପ୍ରଦେଶେ ତୋ'ର,
ବିଶ୍ୱ ଦରବାରେ ଅକ୍ଷୁର୍ଣ୍ଣ ରଖିବୁ
ମାନ ମହତ କୁ ମୋର ।
କଥା ଦେ' ରେ ଭାଇ ମୋତେ.....
ଅତୁଟ ରଖିବୁ ଆମ ଏ ସମ୍ପର୍କ
ମୋ ରାଣ ରହିଲା ତୋତେ । (୫)

ଶିକ୍ଷକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏ ଅଶ୍ରୁ କେତେ ଅନ୍ତରଙ୍ଗ



କିରନ୍ ସ୍ୱାଇଁ

ଆଖି କୋଣରେ ଟଳମଳ
ହେଉଥିବା ସେ ଲୁଣ ସମୁଦ୍ର
ସାମାନ୍ୟ ନୁହେଁ,
ସାମାନ୍ୟ ନୁହେଁ ତା'ର ଚଞ୍ଚଳତା
ଚପଳତା ।

ଆଘାତୀ ହୃଦୟ ମାନସପଟ୍ଟ
ପଢ଼େ ସେ ଚାତୁର୍ଯ୍ୟରେ,
ଅକୁହା ଭାବରେ କୁହୁକ ଶାନ୍ତ୍ୱନା
ଝଲସି ଉଠେ
ତା' ଧାରରେ ।

ସେ ଭାବେ ନଥାଏ
ଦୁର୍ବଳତାର ଚିହ୍ନ
ଥାଏ ସବଳତାର ଆହ୍ୱାନ,
ଆହ୍ଲାଦ-ଆଘାତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁ ମୁହୂର୍ତ୍ତରେ

ଭାବେ-ଅଭାବେ ସେ ନିବିଡ଼ ।

ଏ ଅଶ୍ରୁ

କେତେ ଆପଣାର...

ବେରଙ୍ଗ ନୁହେଁ ସେ

ଅତି ଅନ୍ତରଙ୍ଗ

ପ୍ରତି ବୁନ୍ଦାରେ

ସେ ଆତ୍ମୀୟ ।

ବହିଆପଦର, ବରପାଲି, ଜିଲ୍ଲା - ବରଗଡ଼

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱପ୍ନପାଇଁ ଦିନ ସବୁ



ଡା ନୀଳମାଧବ କର

ମୁଁ ଜାଣିଥିଲି, ତମେ ନିଶ୍ଚୟ ଆସିବ
ଏମିତି ନିହାତି ସାଧାରଣ ଭାବେ
ଭାବକୁ ଲୁଚେଇ,
ଅବିଚଳ ଅପେକ୍ଷା କରିବ
ସମୟର ବିଥୀକାରେ
ମୁଁ କଣ ଗାଉଛି ଏଠି ...
ସତେ କଣ ତୁମ ପାଇଁ ଏ କବିତା
ପରଖିବ କଷଟି ମନରେ

*

ମୁଁ ଜାଣିଥିଲି, ତମେ ନିଶ୍ଚୟ ଆସିବ
ବିଶ୍ୱାସର ମରୁଦ୍ରୁମ ତମେ
ଟାଳିକି ପାରନ୍ତ ସତେ ମୋ ଆସ୍ଥା
ଦେଖୁନା, ମୁଁ ତମ ପାଇଁ କେତେ ସଜେଇ ହେଇଛି
ଆଖି ନାହିଁ, କାନ ନାହିଁ, କବିତା ଗାଉଛି !

*

ଏ ଅରଣ୍ୟରେ, ମୋ ପାଇଁ ତମ ଅବସ୍ଥିତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋତେ ପରତେ ହେଉଛି

ଅନ୍ତରଙ୍ଗ ଅନୁଭବ ମୋର

ତମେ ସେଠି ହୃଦୟ ଡେରିଛ

ତମ ଅନ୍ତରର ଧ୍ୱନି,

ପ୍ରତିଧ୍ୱନି ମୋ ପ୍ରତିଟି ସ୍ୱରର

ମୋ କାନରେ ବାଜୁଛି

ତମ ତତଲା ନିଶ୍ୱାସରେ

ଉଷୁମ ହେଉଛି ମନ

ତମେ ଅଛ ବୋଲି ପ୍ରତ୍ୟୟ ଜାଗୁଛି

*

ସବୁ ସ୍ୱପ୍ନ, ସବୁ ଦୃଶ୍ୟ ମୋର

ତୁମରି ପାଖରେ ଠୁଳ

ମୋ ଆଖିରେ ସବୁବେଳେ ଏବେ

ଅନେକ ରାତିର ସ୍ୱପ୍ନ ...

ସ୍ୱପ୍ନଭିଜା ନିଦୁଆ ରାତିଟା ପରେ

ଅଳସ ସକାଳ, ତୁମ ସଙ୍ଗେ ...

*

ଆଉ ଆଉ ବଳକା ସ୍ୱପ୍ନସବୁ ମୋର

ତୁମ ସଙ୍ଗେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭସେଇ ନିଏ ମୋତେ

ବନ୍ଧ ଭାଙ୍ଗି, ଦ୍ୱାର ଡେଇଁ

ଯୋଜନ ଯୋଜନ ବ୍ୟାପୀ

*

ତେବେ ଏତେ ସବୁ ସ୍ୱପ୍ନ ସଜେଇବା ପାଇଁ

ଆଉ କଣ ଦିନ ନାହିଁ

ଆଉ କଣ ଦିନ ନାହିଁ

ଆମ ପାଇଁ !

***

ନୀଳମାଧବ କର, ଓଲଭରହାମ୍ପଟନ, ୟୁକେ,

nmadhab@yahoo.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନେ ପଡ଼େ ଯେବେ



ତୃପ୍ତିମୟୀ ଭୋକ୍ତା

ଭାରି ମନେ ପଡ ଏକାକୀ ରାତିରେ
ଚେଇଁ ଶୋଇଥିବା ବେଳେ
ଅଧ ରାତିରୁ ମୁଁ  ଉଠି ବସି ପଡେ
ଏକୁଟିଆ ନିରୋଳାରେ
ତୁମେ ଭୁଲିଗଲ ମୁଁ ଭୁଲି ପାରୁନି
ଅତୀତର ସ୍ମୃତି କଥା
କାହିଁକି କେଜାଣି ପାରୁନି ମୁଁ ଭୁଲି
ତୁମ କେଇ ପଦ କଥା
ସୁଆଇ ଦେଉନି ତୁମ ସ୍ମୃତି ସବୁ
ମୋ ମନେ କରେ ଆନ୍ଦୋଳିତ
ସେ ସ୍ମୃତିକୁ ଟିକେ ଭାବି ଦେଲେ ସତେ
ଲାଗେ ଯେମିତି ଜୀବନ୍ତ
ସତରେ ହେଉ ବା ସପନରେ ହେଉ
ବସ ଥରେ ମୋ ପାଖରେ
ତୁମେ ନ ହେଲେ ବି ତୁମ ସ୍ମୃତିକୁ ମୁଁ
ସାଇତିଛି ମୋ ପାଖରେ ।

ବଉଧ୍, ଓଡିଶା

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମୁଁ ଦ୍ରୌପଦୀ କହୁଛି



ଆଲୋକ
ମେହେର

ମୁଁ ଦ୍ରୌପଦୀ କହୁଛି !
ବାପାଙ୍କ ପ୍ରତିଶୋଧ ନେବାକୁ ଅଗ୍ନି ସମ୍ଭୂତା ହେଲି
ତେଣୁକରି ନାମ ବୋହିଲି ଯାଜ୍ଞସେନୀ
କୃଷ୍ଣଙ୍କ ସାନ୍ନିଧ୍ୟ ଲାଭ ପାଇଁ କୃଷ୍ଣା ବୋଲାଇଲି ।

ବୀର ଶ୍ରେଷ୍ଠ ବୋଲି ସମର୍ପିଲେ ଯାହାକୁ
ସେ ଜେ ସମର୍ପି ଦେଲେ ମୋତେ ଆଉ କାହାକୁ
ସେ ପୁଣି ବାଣ୍ଟି ଦେଲେ ଆଉ କାହା କାହାକୁ
ଧନ୍ୟରେ ବିଧାତା !
ଏତେ ଦୁଃଖ ଦେଖିବାକୁ ଥିଲା ମୋର ଜୀବକୁ ।

ମୋର ରୂପ ଯୌବନରେ କି ଚମକ ଦେଇଛୁ
ଯାହାର ଦୃଷ୍ଟି ପଡୁଛି ଲୋଲୁପ ତାକୁ କରୁଛୁ
ମୋତେ ଯେବେ ପଶାଖେଳ ହରାଇଥିଲେ ଯୁଦ୍ଧେଷ୍ଠି
କେତେ ଦୁଃଖ ଦେଇଛୁ
ସଂସାରରେ ଏହିପରି ଯାତନା କାହାକୁ ତୁ ଦେଇଛୁ ।
ନିଜେ ରଚିଥିଲୁ ମାୟା କାୟା ତୁ ବି ଢାଙ୍କି ରଖିଛୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶିଶୁପାଳ ପରି ଜୀବନ



ଡଃ ମନୋରଞ୍ଜନ ବିଷୋୟୀ

ଆଖିରେ ଅନ୍ଧପୁଟୁଳି
ହେଲେ ସମସ୍ତେ ଗାନ୍ଧାରୀ
ଅବା ଅନ୍ଧ ଧୃତରାଷ୍ଟ୍ର ନୁହନ୍ତି ।
ଅନେକେ ଦେଖନ୍ତି
କିନ୍ତୁ ସଭିଙ୍କ ମୁହଁରେ
ବନ୍ଧୁକର ଦୋମୁହାଁ ନଳୀଟା
ଆଖି ଆଗେ ମୃତ୍ୟୁର ପରୱାନା
ଦେହେ ତାଙ୍କ ଅତୃପ୍ତ ଯନ୍ତ୍ରଣା
ତେଣୁ ଚୁପ୍ ରହିଥାନ୍ତି ।
ଗୋଟା ଗୋଟା କଳା ମୁଣ୍ଡ ନେଇ
ସାମ୍ରାଜ୍ୟର ନିଶୁଣି ଚଢ଼ାରେ
ଆଉ ଆଗେଇ ଯିବାର ସେଇ
ଲୁଚାଛପା ଖେଳ ଖେଳିଥାନ୍ତି ।

ଏସବୁ ପାଇବା ପାଇଁ
ପଶୁବଳୀ ନୁହେଁ
ନରବଳୀ ଚାହାନ୍ତି ।
କିନ୍ତୁ ଏଠାରେ ନ ଚାଲେ
ବ୍ରହ୍ମ ଅସ୍ତ୍ର କିମ୍ବା
ଚଣ୍ଡିଙ୍କର ଅମୋଘ ସୁଚକ୍ର
ଶକୁନିର ଖଳଚିନ୍ତାରେ
ସଭିଏଁ ନାଚନ୍ତି ।
ଆଉ ଶିଶୁପାଳ ପରି
ଜୀବନ୍ତ ବଞ୍ଚନ୍ତି ।

ଦାମୋଦରପୁର, ଗଂଜାମ
ସଂପର୍କ: ୮୮୯୫୦୪୧୭୭୭

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମୃତ୍ୟୁପ୍ରତି ରୋମାଣ୍ଟିକ୍ ଆକର୍ଷଣ



ଡଃ ଆର୍ଯ୍ୟକୁମାରୀ
ପ୍ରଜ୍ଞା ପାରମିତା

ହେ ମୃତ୍ୟୁ ମୋ ପ୍ରାଣର ପୁରୁଷ
ଆସ ଆସ ତୁମ ପାଇଁ ମୁଁ ଅପେକ୍ଷାରତ
ଭାବନାର ଉଦ୍ବେଗରେ ମୁଁ ବିହ୍ୱଳିତ
ତୁମ ସ୍ପର୍ଶ ଦିଏ ମତେ ଅତ୍ୟନ୍ତ ଆନନ୍ଦ
ସ୍ଥାବର ଅସ୍ଥାବର ସ୍ନେହ ଶ୍ରଦ୍ଧା ସବୁ ଫିକା
କିଞ୍ଚିତ ସମୟର ମିଳନରେ ମନ ଉଚ୍ଛନ୍ନ ।

ତୁମେ ଆସ ଅନ୍ଧାରର ମଧ୍ୟାହ୍ନ ପ୍ରହରେ
ମନ ମୋର ପ୍ରଫୁଲ୍ଲିତ ତୁମ ସଂସ୍ପର୍ଶରେ
ସମସ୍ତଙ୍କ ପାଇଁ ତୁମେ ଦୁଃଖର କାରଣ
ମୋ ଜୀବନେ କର ତୁମେ ଦୁଃଖ ନିବାରଣ ।

ତୁମେ ଆସ ମୋ ଧୈର୍ଯ୍ୟର ଶେଷ ପର୍ଯ୍ୟାୟରେ
କେହି କେବେ ଦେଖିନାହିଁ ତୁମ ସ୍ୱରୂପକୁ
ମୁଁ ଦେଖିଛି ତୁମକୁ ମୋ ମନ ଗବାକ୍ଷେ
ମାଟି ପ୍ରତି ଆକର୍ଷିତ ସେ ଝରା ଶେଫାଳୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମ ପ୍ରତି ଆକର୍ଷିତ ମୁହିଁ ସେହିପରି ।


କ୍ଷଣ କ୍ଷଣ ମନ ମୋର ଏ ଜୀବନ ଭଙ୍ଗୁର
ତୁମ ପାଖେ ପହଞ୍ଚିବା ଆଉ ଅଳ୍ପ ଦୂର
ସ୍ମୃତି ମୋର ବିସ୍ମୃତି ଯେ ମନ ମୋର ଫାଙ୍କା
କହିଦିଅ ମତେ ତୁମେ କେବେ କରିବ ଦେଖା ।

ଡକ୍ଟର ଆର୍ଯ୍ୟକୁମାରୀ ପ୍ରଜ୍ଞା ପାରମିତା, ଅଧ୍ୟାପିକା
କେଶପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେଶପୁର, ଗଞ୍ଜାମ
smartrupa2012@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନ୍ଧାର ରାତି ଆଉ ମୁଁ



ଉଦୟ କୁମାର ପଣ୍ଡା

ଅବସନ୍ନ ସୂର୍ଯ୍ୟର ପ୍ରଖର କିରଣ ସ୍ଥିର ହେବା ପରେ
ସନ୍ଧ୍ୟାର ଖବର ପାଇ ବିହଙ୍ଗ ନୀଡ଼କୁ ଫେରିଯିବା ପରେ
ଏମିତି ଲାଗେ ଯେମିତି କି...... !
ଶରୀରରୁ ଧିରେ ଧିରେ ପ୍ରାଣବାୟୁ ଉଡିଯିବ ବୋଧେ ।

କିଚିରି ମିଚିରି କୋଳାହଳ ସବୁ ସ୍ତବ୍ଧ ହୋଇଯାଏ ।
ଦେବଗିରିର ଶିଖର ଧୂଆଁଳିଆ ସନ୍ଧ୍ୟାରେ
ଅନ୍ତର୍ଦ୍ଧାନ ହୋଇଯାଏ ଧିରେ ଧିରେ... !
ଯେମିତି କି ଲୁଚକାଳି ଖେଳେ ମୋ ସାଥେ ।

ଜୋର ଜବରଦସ୍ତ ଆଲୁଅର ଗଳା ଚିପିଦିଏ ଅନ୍ଧକାର ।
ପାପ ପୁଣ୍ୟର ଗଳା ଚିପି ହତ୍ୟା କଲା ଭଳି ।
ହାରିଯାଏ ଆଲୁଅ ଶେଷରେ, ଆଉ ତା ପରେ..... !
ଚତୁର୍ଦ୍ଦିଗ ନିର୍ଜନ, ନିସ୍ତବ୍ଧ, ଅମା ଅନ୍ଧାର ରାତି ।

କାୟା ବିସ୍ତାରି ଚାଲେ ସେ.... !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଣା ତାକୁ ଫେରିବ ସେ ପାହାନ୍ତା ସକାଳେ ପୁଣି
ଧ୍ରୁବ ତାରା ସହ ଚତୁରଙ୍ଗ ବଳ ଧରି ସାଥିରେ ।
ପ୍ରତିଶୋଧ ନେବାକୁ କୁଦି ପଡିବ ଅନ୍ଧାର ଛାତିରେ ।

ହେଲେ ମୁଁ ପାରେନା ଲଢି.... !
ଅମା ଅନ୍ଧାର ପରି ଅତୀତର ସ୍ମୃତି ସବୁ ବାରମ୍ବାର ଛାତିରେ
ଆଘାତ କରି ଧରାଶାୟୀ କରିପକାନ୍ତି ମୋତେ ।
ଆଉ କଏଦୀ ଟେ ପରି ବନ୍ଧ କାରାଗାରରେ ଫୋପାଡି ଦିଅନ୍ତି ।

ଆଲୁଅ ଯେବେ ଅନ୍ଧାରର ବକ୍ଷ ବିଦାରି ପ୍ରତିଶୋଧ ନିଏ
ପୂରୁବ ଆକାଶରେ ଆଶାର କିରଣ ଦିଶେ
ଶାନ୍ତିରେ ଟିକେ ନିଃଶ୍ୱାସ ନିଏ ମୁଁ ।
ହେଲେ ଏ ଶାନ୍ତି କ୍ଷଣସ୍ଥାୟୀ ମାତ୍ର... !

ପୁଣି ପଶ୍ଚିମ ଆକାଶେ ଗୋଟେ ସୁରୁଜ ମରିବ
ସଞ୍ଜ ନଇଁଗଲେ ପୁଣି ଅନ୍ଧାର ଆସିବ... !
ଶାନ୍ତି କ'ଣ ଯେ.. ! ଏ ଯନ୍ତ୍ରଣାର ଅନ୍ତ କାହିଁ... ?
ସିଏ ତ ପୁଣି ଆସିବ.... !

ବାଲେଶ୍ୱର, ଓଡ଼ିଆ - ୭୫୬୦୪୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଭେଦ୍ୟ କବଚ



ଅମୃତନାରାୟଣ
ଶତପଥୀ

ଗାଳିକୁ ଗ୍ରହଣ କର ସ୍ମିତହାସ୍ୟେ ତାଳିକୁ ଗମ୍ଭୀର ମୁଖ,
ବନ୍ଧୁ ପଛେ ଥା'ନ୍ତୁ ଦୂର ସମ୍ପର୍କୀୟ ଶତ୍ରୁକୁ ରଖ ହେ ପାଖ ।(୧)
ତୋଷାମଦିଆର ପାଶେ ଯେ ନ ବସ ଚୁଗୁଲିଆ ପାଖେ ନ ହୁଅ ଠିଆ,
ଛିଗୁଲିଆ ସଙ୍ଗେ କଥା ଯେ ନହୁଅ ସୁସଙ୍ଗରେ କର୍ମ କର ଯେ ଯାହା ।(୩)
ନିଜ ଦୁର୍ବଳତା କାହା ଆଗରେ ନ କୁହ ପସ୍ତେଇବ ପ୍ରତିକ୍ଷଣ,
ରାବଣ ପରାଏ ସାମ୍ରାଜ୍ୟ ହେଲେ ବି ଗୃହ ଶତ୍ରୁ ବିଭୀଷଣ ।(୪)
ମାତୃବତ୍ ଦେଖ ଯେ ପର ନାରୀଙ୍କୁ ପର ଦ୍ରବ୍ୟ ଲାଗୁ ଗୋଡି ପଥର,
ଏହି ପରି କିଛି ଗୁଣ ଆପଣେଇ ଅଭେଦ୍ୟ କବଚରେ ନିଜ ସୁରକ୍ଷା କର ।(୫)
ଚିନ୍ତା ଚିତା ବତ୍ ଅଟେ ଆହେ ବନ୍ଧୁ କାହିଁକି ହୁଅ ହେ ଛନ୍ଦି,
ରଖ ପୁଣି ନିଜ ମନ ହୃଦୟକୁ ଈଶ୍ବର ପ୍ରେମରେ ବାନ୍ଧି ।(୬)
ତାଳ ଗଛ ପରି ହୋଇଗଲେ ବଡ଼ ଲାଭ ବି କିଛି ନାହିଁ,
ଫଳ ତା'ର ଯେବେ ଦୂରରେ ଥାଏ ଦେଇ ପାରେ ନାହିଁ ଛାଇ ।(୭)
ବଡ଼ ଲୋକଙ୍କୁ ଯେ ବନ୍ଧୁ କଲେ ପୁଣି ଛୋଟଙ୍କୁ ନକରି ହତାଦର,
ଯେଉଁ କାର୍ଯ୍ୟ ଛୁଞ୍ଚି କରି ପାରିବ, କରିବ କି ତରବାରୀ ଧାରଦାର ।(୮)
ଶିକ୍ଷା ଦୀକ୍ଷା ଆଉ ନୈତିକତା ବିନା ଜୀବନ ଯେ ଅନ୍ଧକାର,
ସୃଜନଶୀଳତା ବିନା ଯେ ମନୁଷ୍ୟ ହୋଇଯାଏ ନାରଖାର ।(୯)
ଏଥିପାଇଁ ମହାପୁରୁଷ ମାନେ ଯେ କହି ଯାଇଛନ୍ତି ବସ୍ତ୍ର,
ସ୍ଥିତପ୍ରଜ୍ଞ ହୋଇ ମନୁଷ୍ୟ ଜୀବନ କର ଅଭେଦ୍ୟ କବଚ ।(୧୦)

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସଗୋ ଯିବା ଯାତରା ଦେଖି



ବାଦଲ ପଲେଇ

ଆସ ମୋ  ପ୍ରାଣ ମିତଣୀ ସଖି ,

ଆସ ଗୋ ଯିବା ଯାତରା ଦେଖି । ।୧।

କଟକ ବାଲି ଯାତ ରେ ତତେ ,

ଖୁଆଇ ଦେବି ମିଠା ମୋ ହାତେ । ।୨।

ଗଞ୍ଜାମେ ଦଣ୍ଡ ନାଚ ଗୋ ସଖି ,

ଚଢେୟା ନାଚ ଦେଖିବୁ ବସି । ।୩।

ପୁରୀର ରଥ ଯାତ କି ମଜ଼ା ,

ଟାଣିବା ରଥ କାଳିଆ ରଜା । ।୪।

ବଡଗଡ଼ର ଧନୁ ଯାତ୍ରାରେ ,

ଦେଖିବୁ କୃଷ୍ଣ କଂସ ମଜ଼ାରେ । ।୫।

ତାରା ତାରିଣୀ ଯାତ୍ରାରେ ମଜ଼ା ,

ଚଇତି ଘୋଡା ସାଙ୍ଗରେ ବାଜା । ।୬।

କାଳିଜାଇଙ୍କ ପାଖକୁ ନେବି ,

ମକର ଯାତ୍ରା ବୁଲେଇ ଦେବି । ।୭।

ବ୍ରହ୍ମପୁରର ଯାତରା ସେଠି,

ମୁଣ୍ଡିଆ ବୁଢ଼ୀ ମାଆକୁ ଏଠି । ।୮।

ସାରଳା ପୁରେ ଝାମୁ ଯାତରା,

ଲାଗିବ ମଜ଼ା ଆଲୋ ମୋ ତରା । ।୯।

ଖାଇବା ମିଶି ଗୁପୁଚୁପୁକୁ ,

ତା ସାଥେ ମିଠା ଖିଲି ପାନକୁ । ।୧୦।

ଦେଖିବୁ କେତେ ଦୋଳି ଖେଳକୁ ,

ବୁଲିବା ହୋଇ ଦୁହେଁ ମେଳକୁ ।୧୧।

ଲାଗିବ ମଜ଼ା ଦେଖି ଯାତରା ,

ଏହି ଯେ ଆମ ସଂସ୍କୃତି ପରା । ।୧୨।

ଠିକଣା- ବାକୁଟଗାଁ, ଖଲ୍ଲିକୋଟ ବ୍ଲକ୍

ମୋବାଇଲ-୭୬୦୮୯୮୯୦୩୮

ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କ୍ଷମା



ବିଶ୍ୱ ରଞ୍ଜନ
ମହାନ୍ତି

ଅନ୍ଧାର ଆକାଶ ରହେ ଈଷତ ଉପେକ୍ଷାରେ
ଋଷିଙ୍କର ଏକାନ୍ତ ଐଶ୍ୱରୀୟ ଓଜନର ଔପଚାରିକତାରେ
କମନୀୟ ଖର୍ବକାୟ ଗର୍ବିତ ଘର
ଚର୍ମର ଛପରରେ ।

ଜଳବିହୁନେ ଝସ ପରି
ଟକ୍କରର ଠକମିକୁ ଡରିଯାଏ ଢମଣା
ତମଶା ଥମିଲାପରେ
ଦମକାଏ ଧବଳ ନବୀନ ପବନ ପରି ।

ଫଳ ଆଶାରେ ବନବୃକ୍ଷ ପରି
ଭଉରୀ ମଝିରେ ଯାଉ ଯାଉ
ରହିଯାଏ
ଲଳିତ ସକାଳର ଶଙ୍କିତ ଷଣ୍ଢ ପରି
ହନନ୍ୟ ଅଯୋଗ୍ୟ କ୍ଷମା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନ



ରୋହିତ
ପଟ୍ଟନାୟକ

ଜୀବନ ମୋହର କଳୁଷିତ ଧୂଆଁର ଦୂଷିତ

ଜର୍ଜରିତ ଅବୁହା ରକ୍ତ କଣିକା ପାଇ ହୋଇଛି ଶୋଭିତ ।

ଖୋଜୁଛି ବଞ୍ଚିବା ଅପେକ୍ଷା ମୃତ୍ୟୁ ସାଥିର ସାଙ୍ଗ

କାତରେ କମ୍ପଇ ଶରୀର ଗଠନ ମୋହର ମାଙ୍ଗ ।

କେତେ ଦିନ ଆଉ ପର ହାତରେ ଦମନ ଦଳନ ସହିବ

ଜୀବନ ଶୀର୍ଷକରେ ଲେଖା ମୋର ଜୀବନ ଅନ୍ତେ ପାପି ବୋଲି କହିବ ।

ଭୂଲିଲି ଅତି ଆପଣାର ମିତ୍ର ପ୍ରାପ୍ତି ପାଇଁ ସ୍ୱୀର ସଙ୍ଗୀନ

ଭାବିଲି ଅନ୍ତତଃ ପାପର ଫଳ ବିଧି କରିଛି ଜୀବନ ।

ଘୃଣାର ଘୂର୍ଣିବାତ୍ୟାରେ ସାଜିଛି ଜୀବନ ହୋଇ ଖଣ୍ଡିଆଭୂତ

ବେଲର ସମୀର କୁଆଡେ ନେବ ଯେ କଳୁଷିତ ଜୀବନ ଦୂତ ।

ବଞ୍ଚିବା ଅପେକ୍ଷା ମୃତ୍ୟୁ ବରଣ କରନ୍ତି

ମନୁଷ୍ୟ

ଏହି ଜୀବନ ଅନ୍ତେ ଶେଷରେ ଜୀବନର ଆବଶ୍ୟ ।।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏତିକିରେ ଇତି



ଝରଣା ବାରିକ

ତୁମ ସାଥେ ପ୍ରେମ କରିବା ଆଗରୁ
ତୁମ ତ ବଦଳି ଗଲ,
ଚିଠିରେ ଠିକଣା ଲେଖିବା ଆଗରୁ
ଠିକଣା ହଜେଇ ଦେଲ ।

ହାତ ଲେଖା ଚିଠି ଦେଇଥିଲ ଖଣ୍ଡେ
ଏବେବି ପାଖରେ ଅଛି,
ତୁମ ମନ କଥା ଲେଖି ଦେଇଥିଲ
ଭାବି ମୁଁ ନଥିଲି କିଛି ।

ଭାବି ବା ମୋହର ଡେରି ହୋଇଗଲା
ତୁମେ ହୋଇଗଲ ଦୂର,
ଆଉ କା ସିନ୍ଦୂର ମଥାରେ ଭରିଲ
କରିଦେଇ ମୋତେ ପର ।

ଅଧା ରହିଗଲା ମୋ ପ୍ରେମ କାହାଣୀ
ପୂର୍ଣ୍ଣ ଛେଦ ଦେଲ ଟାଣି,
ସୁଖର ସପନ ଚୋରି କରିନେଇ
ଦୁଃଖ ସବୁ ଦେଲ ଜାଣି ।

ଅପେକ୍ଷାରେ ତୁମ ଦିନ କଟିଯାଏ
ଭାବନାରେ କଟେ ରାତି,
ସପନରେ ଆସି ଥରେ ଦେଖିଯାଅ
ଏତିକି ରେ ଲେଖେ ଇତି ।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ::୯୫୫୬୮୪୬୯୩୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଢାଳିଦେବି ସବୁ ଲୁହ



ତାରା ପ୍ରସାଦ ଜେନା

ଢାଳିଦେଲେ ଲୁହ ଯଦି ସୁଖ ପାଅ

ଢାଳିଦେବି ସବୁ ଲୁହ

ସୁଖ ଶିରୀ ତବ ଇଚ୍ଛିବାରେ ପ୍ରଭୁ

ଅନ୍ତରରୁ ଉଠେ କୋହ

......ଢାଳିଦେଲେ ଲୁହ ଯଦି ସୁଖ ପାଅ ..... ।୦ ।

ମନ କରିଥାଉ ମଣିମାର ସେବା

ଆଜ୍ଞା ପଣ ହେଉ ଭାବ

ନିନ୍ଦା ଛଳ ଛାଡ଼ି ଉର୍ଦ୍ଧ୍ୱେ ରହୁ ଚେତା

ଜ୍ଞାନ ଗୁଣ ଆତ୍ମା ସର୍ବ,

ପରମାତ୍ମା ସହ ପରିଚୟ ଲଭୁ

ଭୁଲି ମିଛ ମାୟା ମୋହ

......ଢାଳିଦେଲେ ଲୁହ ଯଦି ସୁଖ ପାଅ ..... ।୧ ।

ତତ୍ତ୍ୱସାର ପଛେ ନିତ୍ୟ ରତୁ ସତ୍ୟ

କଳପନା ଆନ ବୃଥା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅତି ଆପଣାର କର୍ତ୍ତା ଭର୍ତ୍ତା ଦ୍ୱାହି

ପରମର ପୁଣ୍ୟ କଥା,

ଚିନ୍ତାମଣି ମଣି ଅଲଭ୍ୟ ସେ ପ୍ରାପ୍ତି

ଉଦାରତା ମୁଗ୍ଧ ସ୍ନେହ

......ଢାଳିଦେଲେ ଲୁହ ଯଦି ସୁଖ ପାଅ ..... ! ୨ !

ଜୀବନର ଶାନ୍ତି ହଟାଇଛି ଭ୍ରାନ୍ତି

ଶାନ୍ତ ସ୍ନିଗ୍ଧ ପ୍ରଭୁ ରୂପ

ବିଶ୍ୱାସରେ ବାସ ପୁଷ୍ପ, ଚନ୍ଦନକୁ

ଜଳୁଥିବି ହୋଇ ଧୂପ,

ବାଧା ବନ୍ଧନରୁ ମୋକ୍ଷ ହେବି ନିଶ୍ଚେ

ନଶ୍ୱର ଏ ଛାର ଦେହ

......ଢାଳିଦେଲେ ଲୁହ ଯଦି ସୁଖ ପାଅ ..... ! ୩ !

ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬,

ଦୂରଭାଷ- ୯୩୪୮୦୫୪୩୦୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରବାସୀ ପୁରୁଷ



ନନ୍ଦିତା ବଡ଼ାଇ

ଅପେକ୍ଷାରେ ଥିଲି ମୁଁ ଫେରିବ ବୋଲି

କଥା ଦେଇ ଚାଲି ଗଲ ଆସିବି ବୋଲି ।

ଦେଇଥିଲ କେତେ ଯେ କଥା

ଦେଖାଇଥିଲ କେତେ ସାରା ସ୍ୱପ୍ନ ।

ସବୁ ରହିଗଲା ଅଧରେ

ସଙ୍କୋଚ ହେଉଛି ମନ, ହୃଦୟର ବେଦନା ପୁଣି ବଢିଯାଉଛି ।

ମନରେ ସୃଷ୍ଟି ହେଉଛି ଦ୍ୱନ୍ଦ

ସେ ତୁମେ ଥିଲ ନା ତୁମର ଗୋଟେ ପ୍ରତିଛବି ।

ସତରେ ତାହା କେବେ ବାସ୍ତବ ହୋଇପାରେ

ନା ଥିଲା କେବଳ ମୋର କଳ୍ପନା ।

ଅପେକ୍ଷାରେ ଦିନ କାଟି ଗଲା ତଥାପି ଆଖି ମସଗୁଲ ହୋଇ ଚାହିଁ ରହିଛି,

ତମ ଆସିବା ବାଟକୁ

କେତେ ସ୍ୱପ୍ନ, ଆଶା, ଆକାଂକ୍ଷାକୁ ନେଇ ।

ନିସ୍ତବ୍ଧ ପ୍ରଭାତର ନିଛକ ରାସ୍ତାରେ ଭେଟିଥିଲା ଆମେ ଦୁହେଁ ।

ପ୍ରତିଉତ୍ତରରେ କହିଥିଲ ତମେ ଅଜଣା ପଥିକଟିଏ ଅନ୍ୟଥା କିଛି ନୁହେଁ ।

ରହସ୍ୟମୟର ଆଖି ଦୁଇଟିରେ ରହିଥିଲା କେତେ ପ୍ରେମ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗିଥିଲା ମତେ ତମେ ନୁହେଁ ଜଣେ ଅଜଣା ପଥିକ ।

ଅସ୍ପଷ୍ଟ ଓଠର ଭାଷା

କହିଦେଉ ଥିଲା କେତେ ଯେ ଅସୁମାରୀ କଥା ।

କିନ୍ତୁ ମନ ସବୁ ଶୁଣୁଥିଲା, ଜାଣୁଥିଲା ।

ଶରତ ସନ୍ଧ୍ୟାର ଶେଫାଳୀର ବାସ୍ନା

ଯାହା ମହକୁ ଥିଲା ଦିନରାତି, ହଠାତ୍ ପାଲଟିଗଲା ମରୁଭୂମିର ତୃଷ୍ଣା ।

ଅସ୍ପଷ୍ଟ ଆଜି ମୋ ମନ, ହୃଦୟ ମଧ୍ୟ ନିସ୍ତବ୍ଧ ।

କଣ ଉତ୍ତର ଦେବି ମୋ ମନକୁ

ଲାଗେ ଏପରି ସତେ ଯେପରି

ଏହା ବାସ୍ତବ ନ ଥିଲା

ଥିଲା ମୋର କଳ୍ପନା । .....

Listen to Odia Podcast on https://anchor.fm/aahwaan

କୁଦଳୀମୁଣ୍ଡା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମନର କଥା



ପ୍ରିୟଦର୍ଶିନୀ
ମହାପାତ୍ର

ତୁମେ ଭିନ୍ନ ଆଉ ମୁଁ ଅଭିନ୍ନ
ବାସ୍ ଏତିକି ଅନ୍ତର
ତୁମେ ଉଦ୍ଭାସିତ କର ଅସରନ୍ତି ଭାଷା
ମୁଁ ନିରୁପାୟ ଆଉ ଏକାନ୍ତର ।।

ତୁମେ ସଭିଙ୍କ ଭିତରେ ସମାନ
ଆଉ ଛୁଇଁ ଯାଅ ସ୍ୱପ୍ନ ସାଗର
ମୁଁ ଶୂନ୍ୟର ସେ ଅନ୍ଧକାରରେ
ଖୋଜୁଥାଏ ନିଜ ଆକାର ।।

ପ୍ରତି ପ୍ରଗତିରେ ତୁମେ ବାଃ ବାଃ ନିଅ
ମୁଁ ଯେ ଅଚଳନ୍ତି ନିର୍ଝର
ବାସ୍ ବୁଝିନିଅ ମୋତେ ଧରିନିଅ ହାତ
ସଫଳତା ନୁହେଁ ବେଶୀ ଦୂର ।।

ମୁଁ ହେଲେନ୍ କେଲେର୍ ପରି ପୁନର୍ବାର
ରଚିବି ଖ୍ୟାତି ଏ ଜଗତେ
ତୁମେ ମିସ୍ ସୁଲିଭାନ୍ ଗୁରୁ ହୋଇ ଆସ
ସ୍ନେହ ଆଦର ତ ଲୋଡ଼ା ଖାଲି ମୋତେ ।।

କ୍ଷଣଟିଏ ପାଇଁ ବୁଝିଯାଅ ମୋତେ
ମୁଁ ବି ସମ୍ମାନ ଖୋଜୁଛି
ବାରମ୍ବାର ପଡ଼େ ଚାଲୁ ଚାଲୁ ହେଲେ
ଜିତିବାର ଲକ୍ଷ୍ୟ ରଖିଛି ।।

ହଟାଇ ଦିଅ ସେ କୁତ୍ସିତ ନଜର
ମୁଁ ପାଇଯିବି ନିଜ ଆକାର
ବାସ୍ ବୁଝିଯାଅ ମୋତେଧରିନିଅ ହାତ
ସଫଳତା ନୁହେଁ ବେଶୀ ଦୂର ।

ଶିକ୍ଷୟିତ୍ରୀ, ପ୍ରାଥମିକ ବିଦ୍ୟାଳୟ,
ଅନ୍ଧାରୁଆ, ଜଗନ୍ନାଥ ପ୍ରସାଦ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାଘ ବୁଲୁଛି ଗାଆଁରେ



ହରେରାମ ପଣ୍ଡା

ବାଘମାମୁଁ ଆସି ବୁଲୁଛି ଗାଆଁରେ
ଶୁଣିଲଣି କିରେ ଭାଇ,
ବଣ ଆଉ ନାହିଁ ରହିବ କେଉଁଠି
ଆସିଛି ଗାଆଁକୁ ଧାଇଁ ।
ଶୁଣିଅଛୁ କେତେ ଅଭେଦ୍ୟ ଅରଣ୍ୟ
ଆମ ରାଇଜରେ ଥିଲା,
ସେହିଠାରେ ରହୁଥିଲା ବାଘମାମୁଁ
ଧରି ତା'ର ଛୁଆ ପିଲା ।
ଖାଉଥିଲା ଛୋଟ ଛୋଟ ଜୀବ ମାରି
ପିଉଥିଲା ଝର ପାଣି,
ସିଏ ପୁଣି ଏବେ ଗାଆଁରେ ବୁଲିବ
ଏ କଥା ନଥିଲୁ ଜାଣି ।
ଆମେ ତ ସାଜିଲୁ ବଇରୀ ତାଙ୍କର
ଜଙ୍ଗଲକୁ କଲୁ ନାଶ ,
କଳ କାରଖାନା ଘରବାଡ଼ି ପାଇଁ
ଗଛ କାଟି ଚଉପାଶ ।

ଜଙ୍ଗଲର ଜନ୍ତୁ ପାଇଲେନି ଠାବ
ରହିବାକୁ ଜଙ୍ଗଲରେ ,
ନିରାଶ୍ରୟ ହୋଇ ଭୋକ ବିକଳରେ
ଘୁରି ବୁଲନ୍ତି ଗାଆଁରେ ।
ଆଜି ତ ଏମିତି ଲାଗୁଛି ଆଗକୁ
ବଣ ଯଦି ନ ରହିବ ,
ବାଘ, ଭାଲୁ, ପରି ଜଙ୍ଗଲୀ ଜନ୍ତୁଙ୍କ
ବଞ୍ଚିବା ନୁହେଁ ସମ୍ଭବ ।
ସେମାନଙ୍କୁ ଟିକେ ଆଶରା ଦେବାକୁ
ଆସ, ଗଛ ଲଗାଇବା ,
ସେମାନେ ବି ଆମପାଇଁ ଦରକାରୀ
ଏ କଥା ମନେ ରଖିବା ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ,
କୁଆଁସ , ମେରଦା କାଟିଆଛକ , ଯାଜପୁର ।
ସମ୍ପର୍କ - ୯୪୩୮୦୬୫୧୯୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସକାଳୁ ସଅଳ ଉଠ



ବିକାଶ କୁମାର
ହୋତା

କାଉ ରାବିଲାଣି କାଆ କାଆ ପରା
ଉଠ ଉଠ କୁନା କୁନି
ସକାଳୁ ସଅଳ ନ ଉଠିବ ଯଦି
ଲାଭ ତା'ର ପାଇବନି ।।(୧)

ପ୍ରଭାତୁ ଉଠିଣ କରିବ ଜଣାଣ
ସଅଳ ଛାଡ଼ିକି ଶେଯ
କରିଲେ ବ୍ୟାୟାମ ମିଳିବ ଆରାମ
ମନରେ ଏ କଥା ହେଜ ।।(୨)

ସକାଳୁ ଉଠିଣ ପିତା ମାତା ପାଦେ
ହେଉଥିବ ଦଣ୍ଡବତ
ଗୁରୁ ଗୁରୁଜନ ଆଶୀର୍ବାଦ ମିଳେ
ଏହି କଥା ସଦା ସତ ।।(୩)

ନିତ୍ୟକର୍ମ ସାରି ଜଳଖିଆ ଖାଇ
କରିବ ତୁମରି କାମ
ମନ ଦେଇ ପାଠ ପଢ଼ିଦେବ ସବୁ
କରିବ ଯେ ପରିଶ୍ରମ ।।(୪)

ଠିକ୍ ସମୟରେ ବିଦ୍ୟାଳୟ ଯିବ
ଖାଇଦେଇ ଭଜା ରୁଟି
ପାଠ ପଢ଼ି ସାରି ଘରକୁ ଫେରିବ
ହେଲେ ବିଦ୍ୟାଳୟ ଛୁଟି ।।(୫)

ଆଜିର ପାଠକୁ ଆଜି କରିଦେବ
ହୋଇଯିବ ସୁନାପିଲା
ପାଠକୁ ତୁମର ବାକିଆ ରଖିଲେ
ଅଳସୁଆ ହେବ ଭଲା ।।(୬)

ପାଠ ବେଳେ ପାଠ ଖେଳ ବେଳେ ଖେଳ
ସମୟରେ ସବୁ କର
ଗୁରୁ ଗୁରୁଜନ କଥା ମାନି ସଦା
ହୋଇବ ଜଗତେ ସାର ।।(୭)

ଅନ୍ୟପାଇଁ ସଦା ନିଜେ ତ୍ୟାଗୀ ହୁଅ
କରିଣ ସମାଜ ସେବା
ଦୁଃଖୀ ଜନ ମୁଖେ ହସ ଫୁଟେଇକି
ବିଭୁକୃପା ଲଭିଯିବା ।।(୮)

ଦକ୍ଷିଣକାଳୀ ରୋଡ଼ ବିଦ୍ୟାନଗର, ଢେଙ୍କାନାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ଯେଉଁପାଇଁ ନସରପସର



ଭାସ୍କର ରାଉତ

ମନ ଛନ ଛନ ଆସେ ନିର୍ବାଚନ
ଅମଳ ହୋଇବ ଭଲ
ସିନ୍ଦୁକ ସଜାଇ ବେଶଭୂଷା ହୋଇ
ବୁଲିବେ ଧରିଣ ପଲ ।
ମନଭୁଲା କଥାକହି,
ପାଦେ ଚାଲି ଚାଲି ପଡ଼ା ବସ୍ତି ବୁଲି
ପ୍ରଚାରରେ ଲାଗିଯାଇ ।।
ନେତା କୁଜିନେତା ବାଣ୍ଟି ଜୋତା ଛତା
କରିବେ ସଭା ସମିତି
ସମସ୍ୟା ପୁରଣ କରିବାକୁ ଜାଣ
ଦେଇ ମିଥ୍ୟା ପ୍ରତିଶୃତି ।
ଭୋଟରକୁ ଲୁଟୁଥାନ୍ତି,
ଜିତିଗଲା ପରେ କେହି ନପଚାରେ
ନିଜର ସ୍ୱାର୍ଥ ଦେଖନ୍ତି ।।

ବନଶୀ କଣ୍ଟାରେ ଥୋପକୁ ଦେଇରେ
ମାଛକୁ ଯେସନେ ମାରେ
ଦେଶ ଜନତାଙ୍କୁ ନାଶନ୍ତି ତାହାକୁ
ଅତି ଚତୁର ପଣରେ ।
ଯୋଜନା ମାନ ଗଢ଼ନ୍ତି,
ହିତାଧିକାରୀଟା ନପାଏ ସେଇଟା
ଦଳୀୟ କର୍ମୀ ନିଅନ୍ତି ।।
ଆଉନୁହେ ଧନ ତୁମ ପ୍ରହସନ
ଆମେ ସବୁ ବୁଝିଲୁଣି
ନଈ ନାଳ ପାଣି ଖାଇଗଲ ଖଣି
କାଢ଼ି ଦେବୁ ତୁମ ପାଣି ।
ତୁମର ସେ ଭଣ୍ଡନୀତି,
ତୁମକୁ ଏଥର ଦେଇ ଉପହାର
ଫଟାଇବୁ ତୁମ ଛାତି ।।

ଦେବମାୟା ଭବନ, ଶେରଗଡ଼, ଗଞ୍ଜାମ
୯୭୨୬୪୮୬୬୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମୟ



ବିବାସିନୀ
ପଟ୍ଟନାୟକ

ଜନ୍ମ ଓ ମୃତ୍ୟୁର ମଝି ହିଁ ସମୟ
ଅଟଇ ଗୁରୁତ୍ୱ ଅତି,
କାହାକୁ ଅପେକ୍ଷା ନ କରି ଚାଲିଛି
ସଦା ଅବିରାମ ଗତି ।
ଫୁଲ ନୁହେଁ ସେ ତ କଣ୍ଟା ସହ ଚାଲି
କରୁଅଛି ଟିକ୍ ଟିକ୍
ଚେତାଇ ଦେଉଛି କର୍ମ କର୍ତ୍ତବ୍ୟକୁ କରିବାରେ ଠିକ୍ ଠିକ୍ ।
ପାଖେ ଥିଲାବେଳେ ଧ୍ୟାନ ଦିଅନ୍ତିନି
ପରେ ପଶ୍ଚାତାପ କରି,
ବିତିଗଲାପରେ ଦୁରୁପଯୋଗରେ
କି ଲାଭ ଭାବେ "ମୁଁ ଯେ କଣ କଲି" ?
ସମୟେ କେ ବସେ ରାଜସିଂହାସନେ
କେ ଅବା ଅଟଇ ଦୁଃଖୀ
ଭଲ ସମୟ ତ ଭରିଦିଏ ଖୁସୀ
ଖରାପରେ ଜ୍ଞାନପ୍ରାପ୍ତି ।
ସମୟ ଚୀଲଇ ସମୟ ସାଥୀରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖି ଶୁଣି ଥାଏ ମୂକ,
କହିବା ସମୟେ ଏପରି ଉତ୍ତର
ଦୁନିଆ ହୁଅଇ ସ୍ତବ୍ଧ ।
ଆଳସ୍ୟକୁ କାଢି ଆସନ୍ତା କାଲିର
କାର୍ଯ୍ୟକୁ କର ଯେ ଆଜି
ଆଜିର କାମକୁ ଏବେ କରିନିଅ
ସମୟକୁ ଦେଇ ବାଜି ।
ସମୟାନୁସାରେ ଚଳୁଥିଲେ ଭାଇ
ଜୀବନଟା ଶୃଙ୍ଖଳିତ,
ସମୟଟା ହାତୁ ଖସିଗଲେ ସାରା
ଜୀବନଟା ବିପର୍ଯ୍ୟସ୍ତ ।
ସବୁ ମିଳିଯାଏ ଆଜି ଅବା କାଲି
ସମୟ ମିଳିବ ନାହିଁ,
ମିଳିବା ସମୟ ବ୍ୟର୍ଥରେ ନ ଯାଉ
ଅତି ମୂଲ୍ୟବାନ ସେହି ।
ଆଜିର ଯୁଗରେ ଜୀବନର ଚର୍ଯ୍ୟା
ସହଜ ସରଳ ହୋଇଛି
ଆପଚୟେ ନୁହେଁ ମିଳିବା ସମୟ
ନୂଆ ନୂଆ କର କିଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରକତର ଅବା ସମାଜରେ ପୁଣି

ସଂପର୍କ ଯା ଗଢିଥିବ,

ବ୍ୟସ୍ତତା ଭିତରୁ ସମୟ ନ ଦେଲେ

ଖୋଜିଲେ ତ ନ ପାଇବ ।

ସମୟଟା ସଦା ଉତ୍ତମେ ଲଗାଅ

ଅଯଥାରେ ଦିଅନାହିଁ,

ସମୟ ସାରଣୀ କରିଥିବ ଯଦି

ବିଅର୍ଥେ କଟିବ ନାହିଁ ।

ସମୟରୁ କିଛି ଈଶ୍ୱରଙ୍କୁ ଦିଅ

ଜୀବନ ହେବ ଉନ୍ନତ

ସର୍ବେ ଛାଡିଦେବେ ସେ ତ ଧରିନେବେ

ତୁମ ହାତେ ଦେଇ ହାତ ।

କାଲୁପଡା ଘାଟ, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶାନ୍ତିର କପୋତ



ବାସନ୍ତୀ ଦେଇ

ଶାନ୍ତିର କପୋତ ଲାଲ ବାହାଦୂର
ଶାନ୍ତିର ଦୂତ ହେ ଦ୍ୱାରିକାଧୀଶ
ଶାନ୍ତିର ଜୈତ୍ର ଉଡ଼ାଇବା ପାଇଁ
ଆପ୍ରାଣ ଉଦ୍ୟମ କଲ ପ୍ରୟାସ
ଭାରତ ସମର ଘଟିଲା ଅବଶ୍ୟ
ଗର୍ବୀ ଅହଙ୍କାରୀ ନୋହିଲେ ବଶ ।୧।

ଶାନ୍ତିର କପୋତ ଉଡ଼ାଇ ବିଶ୍ୱେ
ଦେଇଥିଲା ଦିନେ ଅନନ୍ୟ ବାର୍ତ୍ତା
ସେଇ ମୋର ଦେଶ ପବିତ୍ର ଭାରତ
ବିବିଧତା ମଧ୍ୟେ ଆଣେ ଏକତା
କାମ୍ୟ କରେ ସଦା ବିଶ୍ୱେ ସଂହତି
ଆନ୍ତର୍ଜାତୀୟ ଭ୍ରାତୃତ୍ୱ ପ୍ରୀତି ।୨।

ବିଶ୍ୱ ପରିବାର ସଂକଳ୍ପେ ଅଟଳ
ବସୁଧୈବ କୁଟୁମ୍ବକମ୍ ନୀତି
ଚାହେଁ ନାହିଁ ଯୁଦ୍ଧ ଚାହେଁନା ହିଂସା
ଚାହେଁ ମୁଁ ଅହିଂସା ଶାନ୍ତି ମୈତ୍ରୀ
ମୁଁ ଶାନ୍ତିର କପୋତ ଗାଉଥିବି ସଦା
ସ୍ନେହ ସୌହାର୍ଦ୍ଦ୍ୟର ଅପୂର୍ବ ଗୀତି ।୩।

ନବିନାବାଗ, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କି ଯାଦୁଥିଲା ସେ ମିଠାଗୀତରେ



ଆକାଂକ୍ଷା
ଅରୁଣିମା ସାହୁ

ସେଦିନର ସେଇ ଅଚିହ୍ନା ଚେହେରା
ବାରି ହେଇ ଯାଇଥିଲା ଭିଡ଼ ଭିତରେ,
କଲେଜ କ୍ୟାମ୍ପସର ସେ ଅଜଣା ମୁହଁଟି
ରହିଗଲା ସବୁଦିନ ଆଖି ପଲକରେ !

ବନ୍ଧୁତା ଛଳରେ ମୋ ମନକୁ ପଢ଼ିଲ
ଏ ଭଙ୍ଗା ହୃଦକୁ ଗଢ଼ିଲ ନିଜ ହାତରେ,
ଗୀତ ଶୁଣୁ ଶୁଣୁ ତୁମଠୁ ହାରିଲି
କି ଯାଦୁଥିଲା ସେ ମିଠା ଗୀତରେ ?

ସ୍ୱପ୍ନ ଦେଖେଇନ କେବେ ରାଣୀ କରିବାର
କେବେ ପ୍ରଶଂସା ଶୁଣିନି ତୁମ ମୁହଁରେ,
କିଛି ନ କହିବି ସବୁ କହି ଦେଲ
ବାନ୍ଧି ନେଲ ତୁମ ନିରବତାରେ !

ବିନା ଡାକରାରେ ସ୍ଥାୟୀ ଅତିଥି ହୋଇଲ
ହସେ ହସେଇକି ଭାଗ ହେଲ ଲୁହରେ,
ଆକଟ କରିଛ, ଅଝଟ ହୋଇଛ
ଯାହା ଭିଜୁଛି ମୁଁ ତୁମ ସ୍ମୃତି ଢେଉରେ !

ସବୁ ଦୋଷ ଜମା ମୋତେ ଦେବ ନାହିଁ
ତୁମ ଗମ୍ଭୀରତା ଆଗେ ମୋ ବାକ୍‌ଚାତୁରୀ ହାରେ,
ଆମ କାହାଣୀର ସୂତ୍ରଧର ତୁମେ
କି ଗୁଣି କରିଛ କୁହ ତ ଥରେ !
କି ଯାଦୁ ଥିଲା ସେ ମିଠା ଗୀତରେ ।

ରାୟଗଡ଼ା

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ନିଜନାମ ଅର୍ଥ ଭାବ



ଝୁମୁରୀ ସାହୁ

ସଂସାରର ନିତି ଈଶ୍ୱର ସମ୍ପତ୍ତି
ସନ୍ତାନ ସନ୍ତତି ପ୍ରାପ୍ତି,
କୋଟି ପୁଣ୍ୟ ବଳେ ପିତୃତ୍ୱ ମାତୃତ୍ୱ
ଜୀବନ ଯୌବନ ତୃପ୍ତି ।।

ପୁତ୍ର କନ୍ୟା ଜାତ ଅଇସୂର୍ଯ୍ୟ ଲାଭ
ପରିବାର ଜନ ଖୁସି,
ଜନ୍ମ ବେଳ ତିଥି ଜାତକ ବିଚାର
ନାହାକ ପଣ୍ଡିତ ରାଶି ।।

ରାଶି ନାମ ସାଥେ ଶରଧା ନାମକୁ
ତାଳ ପତ୍ରେ ଦିଏ ଲେଖି,
ଷଠି ପଞ୍ଚୁଆତି ଏକୋଇଶିଆ ରେ
ନାମ କରଣ ପୂଜା ପୋଥି ।।

ଭାଗ୍ୟ ଭବିଷ୍ୟତ ଜାତକ ଗଣନା
ଶିଶୁ ଯେ ଉଜ୍ଜ୍ୱଳ କାନ୍ତି,
ଜନମ ମରଣ ସଂସାର ରେ ଖେଳ
ସନାତନ ଧର୍ମ ସ୍ଥିତି ।।

ସେପରି ଜନ୍ମ *ଝୁମୁରୀ* ମୋ ନାମ
ମାର୍ଗଶିର ବୁଧ ବାର,
ଜେଜେ ଜେଜେମା' ଙ୍କ ଶରଧା ସୁମନ
*ଝୁମ* ନାମ କଲେ ସ୍ଥିର ।।

ଖିଲି ଖିଲି ହସ ଠୁକୁ ପାଦ ଚାଲି
ସର୍ବ ହୃଦ ଦିଏ ଜିଣି ,
ବାଳୁତ ସରିଲା ବୟସ ବଢିଲା
*ଚାଟଶାଳୀ* ଗଲି ପଢି ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଟଶାଳୀଗୁରୁ *ବୀରବଣିଆ* ମୋ

ସ୍ୱଭାବେ ଚିହ୍ନିଲେ ଗୁଣ,

ରୁଣୁ ଝୁଣୁ ଶବ୍ଦ ଧିରି ଧିରି ପାଦ

ମନେ ମନେ ଚିହ୍ନି ଜାଣ ।।

ଝୁମ ନାମ ବାଦେ *ଝୁମୁରୀ* ଶବଦେ

ଡାକିଲେ ଖୁସିରେ ନିତି,

ସେଦିନୁଁ *ଝୁମୁରୀ* ଡାକିଲେ ସଭିଏଁ

ଏତ *ବୀର ସାର୍* ଙ୍କ କିର୍ତ୍ତି ।।

*ଝୁ* ମୁରୁ ଝୁମୁରୁ ପାଉଁଜି ଶବଦେ

*ମୁ* ଖରିତ ରାସ୍ତା ଘାଟ,

*ରୀ* ତି ନୀତି ପ୍ରଥା ପରମ୍ପରା ଭରା

*ସା* ହସୀ ସଂସାରେ ନାଟ ।।

*ହୁ* ଳହଳି ହରିବୋଲ ତୁଣ୍ଡ ସ୍ୱର

କାନକୁ ଶ୍ରୁତି ମଧୁର,

ଭକତି ମନରେ ସ୍ନେହ ମମତାରେ

ଗଢ଼ିବା ସୁନା ସଂସାର ।।

ଜାତକ ନାମ ମୋ ମନୋରମା ସାହୁ

ପଛକୁ ପକାଇ ଦେଲେ,

ବୟସ ବଢାଇ ଗୁରୁଜୀ ମୋହର

ଝୁମୁରୀ ସାହୁ ଲେଖିଲେ ।।

ରୂପେ ସୁକୁମାରୀ ନ ହୋଇଲେ ମୁହିଁ

ଗୁଣର ଗାରିମା ଅଛି,

ଲୁକ୍ କାୟିତ  ପ୍ରତିଭା ବିକଶିତ

ଗୁରୁ ଆଶିଷେ ହୋଇଛି ।।

ଭକତି ର ଚିତ୍ତେ କୁହେ ମୁଁ ଜଗତେ

ବୀର ସାର୍ ଙ୍କ ଚାଟ  !

ପିତା ମାତା  ଶୁଭ ଆଶିଷ  ଅଶେଷ

*ଅନନ୍ୟା* ଦେଇଛି ପାଠ ।।

ଭାଇ *ନାରାୟଣ*  ଅନନ୍ୟା କିରଣ

ଶୀର୍ଷକ ଦେଇଛ ଖୋଜି,

ନିଜ ନିଜ ନାମ ଭାବରେ ଭାବାର୍ଥ

ଆସରେ ବୁଝିବା ଆଜି ।।

ସରକାରୀ ପ୍ରାଥମିକ ବିଦ୍ୟାଳୟ,

ଗୌଡ଼ କାଶିପୁର, ଜଟଣୀ, ଖୋର୍ଦ୍ଧା।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଶୋର ଚନ୍ଦ୍ର ତ୍ରିପାଠୀ



ଡ: କିଶୋର ଚନ୍ଦ୍ର ତ୍ରିପାଠୀ

*କି* କିଭାବେ ବର୍ଣ୍ଣିବି
ନାମର ଯଥାର୍ଥ
ସର୍ବଦା କିଶୋର ଥାଇ,

*ଶୋ* ଶୋଭା ପାଉଅଛି
ନାମର ମଝିରେ
ଚନ୍ଦ୍ର ଆସ୍ଥାନ ଜମାଇ ।

*ର* ରଥ ଗଡିଗଡି
ବାବନ ପୁରିଲା
ଜୀବନର ଗତିପଥେ,

*ଚ* ଚଲାଉଥିବି ମୁଁ
ଜୀବନ ନଉକା
ଆଉ ଦିନ ଅଛି କେତେ ?

*ନ୍ଦ୍ର* ଦୟା,ସେବା ଗୁଣେ
ହସିହସି ସଦା
ଅନ୍ୟକୁ ସାହାଯ୍ୟ ଦେଇ,

*ତ୍ରି* ତ୍ରିପାଠର ଜାଣ
ସମାହାର ବୋଲି
ତ୍ରିପାଠୀ ସଜ୍ଞା ବୋଲାଇ ।

*ପା* ପାଠ୍ୟଦାନ କର୍ମ
ଆଦରି ନେଇଛି
ମଣିଷ ତିଆରି ପାଇଁ ।

*ଠୀ* ଠିକଣା ମୋହର
ତୁଳାପଡା ଗ୍ରାମ
କଳାହାଣ୍ଡି ଜିଲ୍ଲା ସେହି ।

ତୁଳାପଡା, କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱାଗତିକା



ସ୍ୱାଗତିକା ସାହୁ

ସ୍ୱ-ସ୍ୱାଗତ, ପ୍ରେମର ସଂଜ୍ଞାଟିଏ ସ୍ୱାଗତିକା
ବୁକୁ ରାଜିର ଏକ୍ରାମ କାନନେ
ପ୍ରେମ ହିଁ ପ୍ରେମରେ ସମର୍ପିତା
କହେ ସମଗ୍ର ପରିବେଶ
ହସର ଐନ୍ଦ୍ରଜାଲିକା ବର୍ଣ୍ଣାଢ୍ୟ
ମାଘ ସରସ୍ୱତୀ ପୂଜାରେ ଜନ୍ମିତ
ରାଶି କହେ ହେବ...
ଉଚ୍ଚା ଆକାଂକ୍ଷା, ଉତ୍ତମ ଭାବନା
ଭାରତୀୟ ଶାସ୍ତ୍ରରେ ପରିଗଣିତା
ହିନ୍ଦୁ ନାରୀ, ଗୃହ ନିର୍ମାଣରେ ସିଦ୍ଧହସ୍ତା
ପ୍ରଭାବଶିଳ ସୂଲଗ୍ନା, ଏ ସୃଷ୍ଟି ମହାଯଜ୍ଞେ
ଆକର୍ଷଣୀୟା, ସୃଜନଶୀଳା
ରଚି ପାରେ ନାୟନର ଦ୍ୟୁତିପଥେ
ଚିତ୍ର, କବିତା, କାହାଣୀ, ଉପନ୍ୟାସ
ପୁସ୍ତକ, ଗୀତ ଉଷ୍ମ ସମ୍ବୋଧନେ

ଗ-ଗୁଞ୍ଜରିତ ଆଧ୍ୟାତ୍ମିକତାର ବୋଧ ସତ୍ତାଟିଏ
କ୍ଷଣେ ରମ୍ୟା କ୍ଷଣେ ଗମ୍ୟା
ଜୀବନକୁ ସାର୍ଥାକ କରେ ନେଇ
ଅସୀମ ଜିଜ୍ଞାସା,ଶିଷ୍ଟ ମାନବିକତା
କହେ ଆଧ୍ୟାତ୍ମିକ ପରିବେଶ
ଝିଅ କହେ ତୁମେ...
ଶବ୍ଦର ନୀଳ-ନଭେ ଭର
ମମତାର ଆଚ୍ଛନ୍ନ ପଣତ
ନୟନରେ କୋଟି ସ୍ୱପ୍ନ ରଚି
ହୋଇଯାଅ ପାରଦର୍ଶିତା ଜୀବନେ
ଉତ୍ତମ ମନୁଷି, ପ୍ରକୃତି କବି

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତି-ତୀକ୍ଷ୍ଣ ବୁଦ୍ଧି ଜନ୍ମିତା ନେତା
କହେ ବିଦ୍ୟାଳୟ ପରିବେଶ
ସୁଚିନ୍ତକ,ଉତ୍ସର୍ଗୀକୃତ ମନ ମୁନ
ନିତ୍ୟ ନିରନ୍ତର କଠିନ ଶ୍ରମରେ
ସଫଳତା ହାସଲ ଏକ ମୋ ଅନନ୍ତ ବିସ୍ତୃତି
ଅପରିଚିତବି ଉଷ୍ମ ଉକ୍ତିର ଆକର୍ଷଣରେ
ବନ୍ଧୁତ୍ୱର ରେ ଛନ୍ଦି ଯାଏ
ଉତ୍ତମ ବ୍ୟକ୍ତିତ୍ୱର ରାଜହଂସିଟେ
ଛନ୍ଦିପାରେ ତା ପ୍ରଶସ୍ତ ଛାତି
ସମସ୍ତ ସାଙ୍ଗ ବନ୍ଧୁ ପରିଜନ
ହୃଦୟରେ ସାଇତା ପ୍ରେମ ଦିଗବଳୟରେ
ଉତ୍ତମ ଖ୍ୟାଦ୍ୟ ରୁଚି ସହ ପରଶା
କୁହନ୍ତି ଆପଣା ବନ୍ଧୁ ପ୍ରିଦିଜନ

କା-କାରୁଣ୍ୟ କୋମଳ ଆବହାନୀ ତୁମେ
କୁହେ ମୋ ପ୍ରୀୟା...
କାବ୍ୟମୟୀ ନୀରବ ରାଗିଣୀଟିଏ
ଉତ୍ସର୍ଗୀକୃତ ଗୋଲାପ ପାଖୁଡାଟିଏ
ହୃଦ ମରୁଦ୍ୟନରେ ଅଶାର ମରୁଝରାଟିଏ
ବୃନ୍ତେ ବୃନ୍ତେ ହିଲ୍ଲୋଳିତ
ସମର୍ପିତ ଭାବ...
ଶୁଣି ହୁଏ ସମ୍ପୁର୍ଣ୍ଣା ...
ଖୋଜେ ଅମୃତ ସନ୍ଧାନ
ସିକ୍ତ ମାଟି ରେଣୁ ଠାରୁ ନଭ ନୀଳିମା
ବିଭୁ ପାଦେ, ହେବାକୁ ସାର୍ଥାକ

ଉମରକୋଟ, ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସତରେ, ମୁଁ କଣ ଆହ୍ଲାଦିନୀ



ଆହ୍ଲାଦିନୀ
ପାଣିଗ୍ରାହୀ ଦାସ

କେତେ ମୁଁ ନ ଭାବିଛି ହାୟ...
କୁଳୁ କୁଳୁ ଗୀତ ଗାଇ
ଚିରସ୍ରୋତା ତଟିନୀଟେ ଭଳି
ଭିଜାଇ ଦିଅନ୍ତି ପ୍ରତି ଶୁଷ୍କ ମନ ମାଟି ..
ମୋ ସ୍ନେହ ର ଶିତଳ ସ୍ୱର୍ଶରେ ।

ପ୍ରଶାନ୍ତିର ଝରଣାଟିଏ ସାଜି
ସଭିଙ୍କ ହୃଦୟେ ଖୁସି ବାଣ୍ଟି ବାଣ୍ଟି
ଆଗକୁ ଧାଉଁଥାନ୍ତି...
ମଧୂର.. ବନ୍ଧୁର ଯେତେ ସବୁ
ସମ୍ପର୍କ ସାଉଁଣ୍ଟି ।

ବର୍ଷା ରାଣୀ ତା ଓଦା ହାତରେ
ଜଗତର ମଇଳା ସଫା କଲା ବେଳେ
ବଉଦର କଳା କଜ୍ଜ୍ୱଳ ଆଖିରେ..
ଆତ୍ମ ତୃପ୍ତି ଦେଖି......

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ବି ତ ଚାହିଁଥିଲି...

'ମୁଁ' ତ୍ୱ ର ଅହଂର ଅମ୍ବରୁ ତରଳି

ଧାରା ହୋଇ ଧରଣୀର ଧରସାକୁ..

କରି ଦେବି ସ୍ୱଚ୍ଛ...

ମାଟି ମାର ହୃଦେ ଦେବି ଟିକିଏ ଉଲ୍ଲାସ ।

ପାହାନ୍ତିଆ ପ୍ରହରରେ...

ଘାସ ଫୁଲ ହସିବାର ଦେଖି...

ସେଦିନ ମୁଁ କେତେ ଭାବିଥିଲି ..,

ଆରେ...

ମୁଁ ସିନା ତୁଚ୍ଛ ଘାସ ଫୁଲଟିଏ ବିଶାଳ ଏ ବିଶ୍ୱ ବଗିଚାରେ...,

ଦେଇ ତ ପାରିବି ଟିକିଏ ଆହ୍ଲାଦ ..

ଦର୍ଶକ ପ୍ରାଣ ରେ.... ।

କିନ୍ତୁ ହାୟ.... !

ଜାଣି ପାରିଲିନି ସମୟ ର ଉଜାଣି ସ୍ରୋତରେ ..

କେତେ ବେଳେ ତଟିନୀ ରୁ ହ୍ରଦ ପାଲଟିଲି..,

ରହିଗଲି ଚୁପଚାପ୍ ଆତ୍ମ ପରିଧି ଭିତରେ... ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ମୁଁ ' ତ୍ୱ କୁ ଜଳାଞ୍ଜଳି ଦେବା ପରିବର୍ତ୍ତେ ...

ବାନ୍ଧି ହୋଇଗଲି...

ମୋର ଛୋଟିଆ ସଂସାର ଭିତରେ ...

ସ୍ୱାମୀ, ପୁତ୍ର, କନ୍ୟାଙ୍କ ମୋହରେ.. ।

ଯେତେ ସବୁ ସ୍ୱପ୍ନ, ଉଚ୍ଚ ଅଭିଳାଷ

ମିଳାଇ ଗଲେ ରୋଷେଇ ଧୂଆଁ ରେ... ।

ଜନ-ସେବା ସଂକଳ୍ପିତ ହାତ ଦୁଇ ମୋର...

ବୋଲି ହେଲା ରନ୍ଧା ହାଣ୍ଡି ର କିଟ୍ କିଟ୍ କଳା ରେ..,

ମନ କପୋତୀଟି ବାହୁନି ବସେ...

"ସେରକ ପୁରିଲା ମାଣକ ପୁରିଲା

ବୟସ ଖସିଲା ବେଳେ...

କର୍ତ୍ତବ୍ୟ ଜଞ୍ଜାଳେ ଭୁଲିଗଲୁ ତୋର..

ସପନ ସଂକଳ୍ପ ଯେତେ ।"

ମନ କପୋତୀର ତିରସ୍କାର ଶୁଣି...

ଜୀବନର ମଧ୍ୟାହ୍ନ ପାହାଚେ..

ବସି ଭାବେ ନିରବ ନିଶାର୍ଦ୍ଧେ .. ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନର ହାତ ମୁଠାରୁ ...

ବୟସର ବାଲି ଗରଡା ଖସି ଖସି ଆସୁଥିଲା ବେଳେ ..

କିଛି କରି ନ ପାରିବାର ଗ୍ଲାନି ନେଇ...

ବିବେକର what's app ଜରିଆରେ..

ମୁଁ ଖାଲି ମୋତେ ପ୍ରଶ୍ନ କରେ ...

"ମୁଁ କଣ ସତରେ 'ଆହ୍ଲାଦିନୀ' ...

ସତରେ ମୁଁ କଣ 'ଆହ୍ଲାଦିନୀ ।"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶକ୍ତି ସ୍ୱରୂପା



ଶକ୍ତି ସ୍ୱରୂପା
ନାୟକ

କାହିଁକି ? ?

ସାରା ଦୁନିଆର ଜୀବନ ତୁ ହେଇ *(ଘରେ ଡାକୁଥିବା ନାଁ - ଜୀବନ)*

ମରଣକୁ ଦେଖି ଡରୁଛୁ କାଇଁ ,

ଜୀବନ ଯୁଦ୍ଧରେ ଲଢ଼ିବା ସିଖିଚୁ

ହାରିଯିବୁ ବୋଲି ଭାବୁଛୁ କାଇଁ ! ! ।।୧।।

ଆଗକୁ ବଢ଼ିବୁ ପ୍ରତିଜ୍ଞା ନେଇଛୁ

ପଛକୁ ଫେରି ତୁ ଚାହୁଁଚୁ କାଇଁ ,

ବିନୋରୀ ଧନ ତୋ ସବୁ ତ ଦେଇଛି

ଅନ୍ୟଠାରୁ ଆଶା ରଖୁଛୁ କାଇଁ ! ! ।।୨।।

ଶକ୍ତି ସ୍ୱରୂପାଙ୍କ ନାମ ତୁ ପାଇଛୁ

ଦୁଷ୍କର୍ମକୁ ଆଶ୍ରା ଦେଉଛୁ କାଇଁ ,

ହସେଇବୁ ବୋଲି ଶପଥ କରିଛୁ

ଆଖିରୁ ତୋ ଲୁହ ଝରୁଛି କାଇଁ ! ! ।।୩।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲମ୍ବା ରାସ୍ତା ତୋତେ ଚାଲିବାକୁ ଅଛି

ଦୁଇ ପାଦ ଚାଲି ଥକୁଛୁ କାଇଁ ,

ମା ଠାରୁ ବାଟ ଚାଲିବା ଶିଖିଛୁ

ମଝି ରାସ୍ତା ରେ ତୁ ଝୁଣ୍ଟୁଛୁ କାଇଁ ! ! ।।୪।।

ଏକାକି ଲଢ଼ିବା କ୍ଷମତା ପାଇଛୁ

କାହାର ସାହାଯ୍ୟ ଲୋଡୁଛୁ କାଇଁ

ତୁ ଯଦି ଭାବିବୁ,ଡରିବୁ, ହାରିବୁ

ଦୁନିଆ ତୋ ଠୁ କିଛି ଆଶା ରଖିବ କାଇଁ ? ?।।୫।।

ସୁଶ୍ରୀ ଶକ୍ତି ସ୍ୱରୂପା ନାୟକ

ବାଲିଚନ୍ଦ୍ରପୁର, ଭାକୁଡ଼, ଯାଜପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ନାଆଁ



ସୁଦ୍ରୁମା ପଣ୍ଡା

ନାଆଁ ଟି ମୋହର ସୁଦ୍ରୁମା ବୋଲିକି
ଦେଇଥିଲେ ବାପା ମୋର ,
ଚାରି ଭଉଣୀ ଓ ତିନି ଭାଇ ମଧ୍ୟେ
ମୁଁ ଅଟେ ତିନି ନମ୍ବର ।।

ଉପରେ ମୋହର ଦୁଇଟି ଭଉଣୀ
ପୂର୍ଣ୍ଣିମା ଚନ୍ଦ୍ରମା କହି,
ତଳେ ମୋ ଗୋଟିଏ ଭଉଣୀ ଯମୁନା
ତା ତଳକୁ ତିନି ଭାଇ ।।

ଅତି ସ୍ନେହେ ମୋତେ କହୁଥିଲେ ବାପା
ଦ୍ରୁମ ପରି ହେବୁ ଝିଅ,
ଫୁଲ, ଫଳ, କାଠ ଆଶ୍ରା ଦେଇ ଯେହ୍ନେ
ଦ୍ରୁମ ହୁଏ ସର୍ବ ପ୍ରିୟ ।।

ଅନ୍ୟକୁ ସୁବିଧା ସୁଯୋଗ ଦେବାକୁ
ତିଳେ ହେବୁନି କୃପଣ,
ନିଜକୁ କରିବୁ ଜଳ କୁମ୍ଭଟିଏ
ତୋଷିବା ପାଇଁ ସ୍ୱଜନ ।।

ଦ୍ରୁମ ନିଜେ ସହି ଖରା ବର୍ଷା ଶୀତ
ଅନ୍ୟକୁ ଯୋଗାଏ ଛାଇ,
ସଂସାର ହିତରେ ଅଙ୍ଗ ଓ ପ୍ରତ୍ୟଙ୍ଗ
ଥାଏ ସମର୍ପିତ ହୋଇ ।।

ସେମିତି ତୁ ଝିଅ ନିଜେ ହିଁ ନିଜକୁ
ସେ ଆଦର୍ଶେ ନେବୁ ଗଢ଼ି,
ଚିର ସବୁଜିମା ସୁନ୍ଦର ସୁଦ୍ରୁମା
ପରି ଉଠିବୁ ତୁ ଝଳି ।।

ଭଟଲି, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମନୋରମା



ମନୋରମା
ରାଉତରାୟ


ଜ୍ୟେଷ୍ଠ ଭଗିନୀ ମୋ ଗୁଣେ ଅନୁପମା
ନାମ ତାର ତିଲୋତ୍ତମା,
ତା ସାଥିରେ ଯତି ପକାଇ ମାଆ ମୋ
ନାମ ଦେଲା ମନୋରମା ।
ରୋଷଭର ହୋଇ କହିଛି ଅନେକ
ଲମ୍ବା ନାମ କିଆଁ ଦେଲୁ,
ଜାଗା ପାଉନାହିଁ ଦସ୍ତଖତ ପାଇଁ
ମନହୁଏ କାଲୁ ବାଲୁ ।
ମାଆ ମୋ କୁହଇ ଅତି ସରାଗରେ
ତୁହି ମୋ ଲକ୍ଷ୍ମୀ ପ୍ରତିମା,
ଜନମ ହୋଇଛୁ ଶୁଭ ଲଗନରେ
କି ଦେବି ତୋର ଉପମା ।
ଭୂମିଷ୍ଠ ହୋଇଲୁ ଆଦ୍ୟ ଆଷାଢ଼ରେ
ବିଷ୍ଣୁଙ୍କର ଦୟା ବହି,
ହୃଦୟଟି ତୋର ଅତୀବ କୋମଳ
ଆନ ମନ ନେବୁ ମୋହି ।
ମାର୍ଗଶିର ମାସେ ବଡ଼ କନିଆଁ ତୁ
ପାଇଲି ଶୁଭ ସଙ୍କେତ,
ଶାଶୁଘରେ ଧନ ବଢ଼ାଇବୁ ବୋଲି
କହିଥିଲେ ଟି ଜ୍ୟୋତିଷ ।
ମନଟି ତୋହର ଅତୀବ ନିର୍ମଳ
ସତେ ଅବା ଗଙ୍ଗାଜଳ,
ନିଜେ ଜଳୁ ସିନା ଦୁଃଖ କଷ୍ଟ ସହି
ଆନ ପାଇଁ ତୁ ବିକଳ।
ସରଳ ବିଶ୍ୱାସୀ ନୁହେଁ ତୁ ସାହସୀ
ମନ ସଦା ସୁସିତଳ,
ସହିପାରୁ ନାହିଁ କାହା କଟୁବାଣୀ
ବହିଯାଏ ଶ୍ରମଝାଳ ।
ନାମଠାରୁ କାମ ମହତ ଜଗତେ
କାମେ ନାମ କାଳଜୟୀ,
ଉତ୍ତମ କର୍ମରେ ସାର୍ଥକ ଜୀବନ
ଯୁଗେଯୁଗେ କଥା ଏହି।

କୋରାପୁଟ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଦ୍ୟୁତପ୍ରଭା



ବିଦ୍ୟୁତପ୍ରଭା ମିଶ୍ର

ଚଇତ ମାସର ଅଶୋକାଷ୍ଟମୀରେ

ହୋଇଥିଲା ଯେଣୁ ଜନ୍ମ,

ଦୁର୍ଗା ମାତାଙ୍କର ପୂଜା ହେଉଥିଲା

ପବିତ୍ର ମଧ୍ୟ ସେ କ୍ଷଣ ।

ଆକାଶେ ଅଦିନେ ମେଘ ଘୋଟି ଆସି

ଚପଳା କରିଲା ଖେଳା,

ନାମଟି ମୋହର ସେଥିପାଇଁ ବୋଧେ

ବିଦ୍ୟୁତପ୍ରଭା ଯେ ହେଲା ।

*ବି* --ବିଶେଷ ଭାବରେ ଜ୍ଞାନ ବିକାଶିବ

ଆଶା ରଖି ମନ ତଳେ,

ବଡ ଶରଧାରେ ଲାଳନ ପାଳନ

ପିତା ମାତା କରିଥିଲେ ।

*ଦ୍ୟୁ* -ଦ୍ୟୁତିକୁ ମୋହର ବଢାଇଲେ ବାପା

ବିଜ୍ଞାନ ପାଠ ପଢାଇ,

ସାରା ଗାଆଁ ଟିରେ ପ୍ରଥମ ବିଜ୍ଞାନ

ଛାତ୍ରୀ ଭାବେ ଗଢି ଦେଇ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାଗ୍ୟ ମୋହର ସାଥ ଦେଲା ନାହିଁ

ଡାକ୍ତର ହୋଇଲି ନାହିଁ,

ରୋଗୀ ସେବା ସ୍ୱପ୍ନ ସ୍ୱପ୍ନରେ ରହିଲା

ଶିକ୍ଷକ ହୋଇଲି ମୁହିଁ ।

*ତ* -ତରଙ୍ଗ ପରାଏ ଅଟେ ଏ ଜୀବନ

କେବେ ଉତ୍ଥାନ ପତନ

ଛାତ୍ର ଗଢ଼ିଲି ଜୀବନେ ଅନେକ

ଭୁଲି ସବୁ ଦୁଃଖ ମାନ ।

*ପ୍ର* -ପ୍ରଗାଢ଼ ସାହସ ଓ ଆତ୍ମ ବିଶ୍ୱାସ

ମନରେ ରଖି ବଞ୍ଚାଇ,

ସଂସାର ଜଞ୍ଜାଳ ଆଉ ଶିକ୍ଷକତା

ସବୁକୁ ସାଥେ ନିଭାଇ ।

*ଭା* -ଭାର  ଜୀବନରେ ସହିଲି ଅନେକ

ଶେଷେ ନେଲି ଅବସର,.

ସାହିତ୍ୟ ସାଧନା କରିବାକୁ ଭାବି

ହେଲି ଶେଷେ ଆଗଭର ।

*ମି* -ମିଛ ମାୟା ଭରା ସଂସାର ଟି ସାରା

ଜୀବନ ଟି କ୍ଷଣ ସ୍ଥାୟୀ,.

ଲିଭିଯିବ ଏହି ଜୀବନର ଦୀପ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପବନ ହାବୁକା ପାଇ ।

*ଶ୍ରୀ* -ସରି ଯିବ ଏହି ଜୀବନ ର ଖେଳ

ବାହୁଡ଼ିବା ବେଳ ହେଲେ,

ଏକା ପ୍ରଭୁମୋର ଆଶ୍ରା ଓ ଭରସା

ଜୀବନର ଶେଷ ବେଳେ ॥

ନାମରେ ତ କିଛି ନଥାଏ ସଂସାରେ

କର୍ମ ଅଟେ ବଳବାନ,

ସତ କର୍ମ ଯଦି କରିବା ଜୀବନେ

ଆଶ୍ରା ହେବେ ଭଗବାନ ॥

ବିଦ୍ୟୁତ ପ୍ରଭା ମିଶ୍ର, ଯାଜପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦାନକୁ ଦକ୍ଷିଣା କେତେ



ଉପେନ୍ଦ୍ର କୁମାର ବସ୍ତିଆ

ଜୋଇଁର ଯୋଗ୍ୟତା ଅନୁସାରେ
ବାହା ବଜାରରେ ଯେତିକି ଯୌତୁକ
ମିଳିବା କଥା ସେତିକି ଯଥେଷ୍ଟ
ନୁହେଁ ବାପା ! ଆହୁରି ଲୋଡା
ଟଙ୍କା, ସୁନା, ବଜାଜ ପଲସର ।

ଏପଟେ ଯୌତୁକ ଦେଇ
ସର୍ବ ହରା ବାପାର ଘର ଅଛପର
ଅସରାଏ ବର୍ଷା ହେଲେ ଆଣ୍ଠୁଏ ପାଣି
କାଦୁଅରେ ଲସର ପସର
ଘରେ ନିତ୍ୟ ବ୍ୟବହାର ସକଳ ବସ୍ତୁର ।

ମୂଲ ଲାଗି କଳା ପଡ଼ିଲାଣି
ଫୁଲ ପରି ଛୁଆଟା
ଖେଳିବା ବୟସର ।

ଏଣେ ଝିଅ ଦେଇଛି ଖବର
ବାପା ! ଆହୁରି ଯୌତୁକ ଦରକାର
ଏମତି ଦେଇ ଚାଲିଥିବ
ମରିବା ପର୍ଯ୍ୟନ୍ତ ମୋର ।

ଶାଶୁର ଗଞ୍ଜଣା, ନଣନ୍ଦର କଟକଣା
ଶଶୁରଙ୍କ ହୃଦସ୍ପର୍ଶି ବାଣୀ
ଆଉ ତୁମ ଜୋଇଁଙ୍କର ଯୌତୁକ
ପାଇଁ ଅପ୍ରୀତିକର ଘଟଣା ।

କଣ କରିବି ତୁମେ କୁହ ବାପା !
କଣ ଅବା ମୁଁ କରି ପାରିବି
ମୋର ବୁଦ୍ଧି ହୋଇଯାଏ ବାଟ ବଣା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୃତ୍ୟୁ ବା ଆଉ କେତେ ବାଟ ?

ମୁଣ୍ଡ ଉପରେ ଝୁଲୁଛି ଖଣ୍ଡା

କନ୍ୟା ଦାନ କରି ବସିଗଲେ

ଚଳିବନି ଆଉ ବାପା !

ହରିଶ୍ଚନ୍ଦ୍ର ପରି ତୁମକୁ ଦକ୍ଷିଣା

ଦେବାକୁ ହେବ ଗୋଟାକା ପରେ

ଗୋଟାଏ ଏମିତି ସର୍ବସ୍ୱ

ଦକ୍ଷିଣା ଦେଇ ଚାଲିଥିବ

ତୁମ କନ୍ୟା ଦାନର ଦକ୍ଷିଣା ।

କିଛି ଦିନ ପରେ

ଡେରି ହୋଇଗଲା ଝିଅଲୋ !

ମୁଁ ପଂହଚିବା ଆଗରୁ

ତୋତେ ମାରି ପୋତି ଦେଲେ

ମାଟି ତଳେ ।

ଦିନେ ସୀତା

ପାତାଳ ଗାମୀ ହୋଇଥିଲେ

ସତ୍ୟର ପରି ପ୍ରକାଶ ପାଇଁ

ହେଲେ ମୋ ସୀତାକୁ

ପାତାଳୀ କରିଦେଲେ

କନ୍ୟା ଦାନର ଦକ୍ଷିଣା ପାଇଁ ।

କନ୍ୟା ଦାନର ଦକ୍ଷିଣା କେତେ ବାବୁ ?

ଦକ୍ଷିଣା ନେଇ ତୁ କଣ ମୋ

ଝିଅକୁ ଫେରାଇ ଦେଇ ପାରିବୁ ?

କହ ଜୋଇଁ ପୁଅ ମୋତେ କହ ?

ନିରୁତ୍ତୋର କାହିଁକି ?

କେତେ ଦକ୍ଷିଣା ନେଲେ

ମୋ ଝିଅକୁ ଫେରାଇ ଦେଇ ପାରିବୁ ?

କେତେ ଦକ୍ଷିଣା କେତେ ଦକ୍ଷିଣା ?

ଜଗତସିଂହପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନନ୍ୟା



ରଶ୍ମିତା ରାଉତ

ଅଧରରେ ହସ ମନରେ ବିଶ୍ୱାସ
ଭରି ଦେଇଥାଏ ଯିଏ
ସେନେହ ଡୋରୀରେ ବାନ୍ଧି ରଖି ଯିଏ
ଆମକୁ କୋଳେଇ ନିଏ ।

ମାତୃତ୍ୱର ପ୍ରେମ ଢ଼ାଳିଥାଏ ନିତି ମଧୁର
ବଚନ କୁହେ
ସୁଖ ଦୁଃଖେ ଆମ ସହଭାଗୀ ହୋଇ
କଷ୍ଟ ଆମ ବାଣ୍ଟି ନିଏ ।

ନଥାଏ ମନରେ ଗର୍ବ ଅଭିମାନ ମନେ
ନଥାଏ ବିକାର
ଭାବର ରଜୁରେ ବାନ୍ଧି ସେ ସଭିଙ୍କୁ
କରିଥାଏ ଆପଣାର ।

ତା ତ୍ୟାଗର ମୂଲ୍ୟ ଭୂଲିବାନି କେହି
ତା ମନେ ଦେବାନି ଦୁଃଖ
ଭାଇଚାରା ଭାବ ଥାଉ ଆମ ମନେ
ରଖିବାରେ ତାର ଟେକ ।

କାହିଁ କେତେ ଆଡୁ ସାଉଁଟି ଆମକୁ
କୋଳେଇ ନେଇଛି ଯିଏ
ସବୁଠାରୁ ଶ୍ରେଷ୍ଠ ଅତି ଆପଣାର
ଅନନ୍ୟା ଆମର ସିଏ ।

ଢେଙ୍କାନାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନନ୍ୟା



ପୁଷ୍ପଲତା ମିଶ୍ର

( ରାଗ_ କଳଷା )

ଅନନ୍ୟା ଆସରକୁ ମୁଁ କରୁଛି ପ୍ରଣାମ,

ସବୁଦିନେ ଶୀର୍ଷକ ଦିଅନ୍ତି ନାରାୟଣ।।୧ ।।

କବି କବୟିତ୍ରୀ ଆଉ କବିତାକୁ ନେଇ,

ପଦକୁ ପଦ ଯୋଡ଼ନ୍ତି ଭଉଣୀ ଓ ଭାଇ।।୨ ।।

ସୁନ୍ଦର ମୋ ଭାଷାକୁ କରଇ ସନ ମାନ,

ଆସରର ସମୀକ୍ଷା ମୋହଇ ଆମ ମନ।।୩ ।

ଆରାଧ୍ୟାଙ୍କ ଶୁଭ ଶଙ୍ଖ ମନ ମୋହିନିଏ,

ଦୀପ ପ୍ରଜ୍ୱଳନ ଶକ୍ତି ଆସରକୁ ମୋହେ।।୪ ।।

କଳା, ସାହିତ୍ୟ, ବିଜ୍ଞାନ, ଶିକ୍ଷାର ସମ୍ଭୂତ,

ସମ୍ବାଦ ସମାଜ ସେବା ରହେ ସେ ଜାଗ୍ରତ।।୫ ।।

ଅଂଶୁ ମାନ, ପୁଷ୍ପଲତା, ପ୍ରାଣ ବନ୍ଧୁ ଭାଇ,

ଜନ ରଞ୍ଜନ, ରାଧା ଶ୍ୟାମ ଯେ ଯୋଡ଼ି ହୋଇ।।୬ ।।

ପ୍ରତାପ, ବିଷ୍ଣୁ, ପ୍ରଫୁଲ୍ଲ ଆସେ ଶାନ୍ତି ଲତା,

ରମେଶ,ସବିତା ଆସି ଗାଆନ୍ତି କବିତା।।୭ ।।

ବେଣୁଧର, ଭାସ୍କର ଯେ ତାନ ଶ୍ରୀ ଭଉଣୀ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉମାକାନ୍ତ, ଜଗଦେବ ସଙ୍ଗେ ପଙ୍କଜିନୀ।।୮ ।।

ଯାତ୍ରା ଦରବାରେ ଶ୍ରେଷ୍ଠ ଦେବେନ୍ଦ୍ର ନାୟକ,

ବିବାସିନୀ ତୃପ୍ତି ରାଣୀ, କଳ୍ପନା, ଅଶୋକ।।୯ ।।

ଭାରତୀ, ଭାରତୀ ଶୋଭା ସତ୍ୟ ଓ ସୁଦୃମା,

ସ୍ନେହ ଶ୍ରଦ୍ଧା ଭକ୍ତି ଭରେ ନାହିଁ ତା ଉପମା ୧୦ ।।

ଅନନ୍ୟା ପରିବାରକୁ କରେ ପ୍ରଣିପାତ,

ସଦା ଚଞ୍ଚଳ ଶୋଭିତ ଅନନ୍ୟା ସତତ।।୧୧ ।।

ଭୁବନେଶ୍ୱର

୯୩୩୮୨୯୪୬୫୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନନ୍ୟା



ଶୋଭାଗିନୀ ନନ୍ଦ

ଅନନ୍ୟା କାହା ସହ ନୁହେଁ ସେ ତୁଳନା
କବିର କବିତାରେ ଲେଖକର ଲେଖନୀ
ମୂନରେ ଛୁଟାଇ ଦିଏ ଭାଷା ସାହିତ୍ୟର
ବନ୍ୟା ସେତ ଅନନ୍ୟା ।

ତା' ନୂପୁର ରାଗିଣୀରେ ଶିଖିର ପଞ୍ଚ ସୁରେ
ଗାଇଯାଏ ମଣିଷ ମନର ଅକୁହା କଥା
ବ୍ୟଥା ବିଦୁରର ଗାଥା ତା କାବ୍ୟ କବିତାର
ନାହିଁତ ପଟାନ୍ତର କି ସୁନ୍ଦର ! ଆଃ
ତା' ବିଭାବନା ସେତ ଆନନ୍ୟା ।

ଅନନ୍ୟା ଦେଇଛି ଆଜି ଓଡ଼ିଆ ଭାଷା
କୋଷେ କେତେ ଶବ୍ଦ ଗୁଚ୍ଛାମାଳ
ଯହିଁରୁ ଝରିପଡ଼େ ଗୋଟି ଗୋଟି
ହୋଇ ମୁକ୍ତା ସମ ବର୍ଣ୍ଣର ଖେଳ
ଅନେକ ଶୀର୍ଷକକୁ ନେଇ ଲେଖି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଏ ଏକ ପଦୀ ବହୁ ପଦୀ ବୁଣି

ଦେଇ ବୁଢ଼ୀର ଆଣି ଜାଲ ।

ଯେଉଁ ଲେଖନୀର ନାହିଁ ତ ସୀମା

ସେତ ଅସୀମା,

ସେତ ଆନନ୍ୟା ଚିରବର୍ଣ୍ଣା ।

ଅନନ୍ୟା ଦୂରକୁ କରେ ନିକଟ

ଶବ୍ଦରେ ଶବ୍ଦରେ ଯୋଡି ଦିଏ

ନିବିଡତା ଏକ ଆରେକ ସହ ଛନ୍ଦି

ନାଁ ଦେଇ ଯୁଗଳ ବନ୍ଦୀ ।

ଅନନ୍ୟା ଅନୁପମା ଭକତ

ପ୍ରେମିକର ସେତ ପ୍ରିୟତମା

ଏଇ ଆମ ଅନନ୍ୟା ।

ଜୟପୁର (କୋରାପୁଟ )

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅନନ୍ୟା



ସଂତୋଷିନୀ ଦାସ

ସବୁଠୁଁ ସୁନ୍ଦର ଆମ ପରିବାର
ନାମ ତାହାର ଅନନ୍ୟା
ରାତି ପାହିଗଲେ ସୂଚନା ଦେଖିଲେ
ଛୁଟଇ କବିତା ବନ୍ୟା

ମାସକ ଭିତରେ ଦୁଇଥର ହୁଏ
ଆମ ଅଡିଓ ଆସର
ଆସରରେ ଭାଗ ନେଇ ସମସ୍ତଙ୍କ
ମନ ଖୁସିରେ ଅଧିର

ମଝିରେ ମଝିରେ ଏକ ପଦୀ ହୁଏ
ହୁଏ ପୁଣି ଅନ୍ତାକ୍ଷରୀ
ନୂତନ ସୃଜନେ ମନଟି ବିଭୋର
ଆନନ୍ଦ ତନୁ ବଲ୍ଲରୀ

ବରଷକୁ ଥରେ ଜନମ ମାଟିରେ
ହୁଏ ବାର୍ଷିକ ଉତ୍ସବ
ସମ୍ବର୍ଦ୍ଧିତ କରି ପ୍ରତିଭା ମାନଙ୍କୁ
ବଢ଼ାଏ ଯଶ ଗୌରବ

ପୃଥିବୀ ଭିତରେ ସବୁଠାରୁ ଶ୍ରେଷ୍ଠ
ମୋ ଅନନ୍ୟା ପରିବାର
ସାହିତ୍ୟ ସୃଷ୍ଟିରେ କରେ ଉତ୍ସାହିତ
ନାହିଁ ତାର ପଟାନ୍ତର

ଚେଷ୍ଟାର ଅସାଧ୍ୟ ନାହିଁ ଏ ଜଗତେ
ଜାରି ରଖିବା ପ୍ରୟାସ
ସଦସ୍ୟଙ୍କ ପାଇଁ ପ୍ରେରଣାର ଉତ୍ସ
ଅନନ୍ୟା ଚିର ନମସ୍ୟ

ବରଗଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନନ୍ୟା



ଭରତବନ୍ଧୁ ବିଶ୍ୱାଳ

ଖାଲି ରୂପ ନୁହେଁ ଗୁଣ ଓ ଗରିମା
ଚରିତ୍ର ଗଢି ସୁନ୍ଦର
ଅନନ୍ୟା କରଇ ନାମକୁ ସାର୍ଥକ
କରନ୍ତି ସର୍ବେ ଆଦର ।
ଭାଷା ଓ ସାହିତ୍ୟ ଆମ ସୁସଂସ୍କୃତି
ଆମର ଜୀବନୀ ଶକ୍ତି
କଳ୍ପବଟ ପରି ଦେଇ ଛତ୍ରଛାୟା
ପ୍ରଦାନ କରଇ ଶାନ୍ତି ।
ସଦ୍ଭାବନା ପ୍ରେମ ବନ୍ଧୁ ବତ୍ସଳତା
ଅନନ୍ୟା ଗଳାର ହାର
ବୀଣା ଜିଣା ତାର ସୁମଧୁର କଣ୍ଠ
ଲାଗେ ଅତି ଆପଣାର ।
ଆମ ମାତୃଭାଷା ଜନନୀ ଭଗିନୀ
ସୁଶୀଳା କନ୍ୟା ଅନନ୍ୟା
ଆମ ପରିବାର ଜୀବନ ମହକ
ସୁସାହିତ୍ୟ ଆମ ଆତ୍ମା ।

ଉପର ବରୁଆଁ, କବୀରପୁର, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନନ୍ୟା



ସତ୍ୟ ନାରାୟଣ ସାହୁ

ସାହିତ୍ୟ ସଂସ୍କୃତି ଜ୍ଞାନ ବିଜ୍ଞାନର ଅନନ୍ୟ ସୁରଭି ଧାରା
ପ୍ରଦାନ କରିବା ସକାଶେ ଗଠନ
ଏହି ଅନୁଷ୍ଠାନ ପରା ।
ଆସିବା ବାଟକୁ ଚାହିଁଛି ଅନନ୍ୟା
ହେବ ବାର୍ଷିକ ଉତ୍ସବ
କବି ଲେଖକ ଓ ସାହିତ୍ୟ ସାଧକ
ସାଂସ୍କୃତିକ କେତେ ଭାବ ।
ଘେନି ଅନୁରାଗେ ପୁଲକିତ ହେବ
ବାର୍ଷିକ ଉତ୍ସବ ପାଳି
ପ୍ରତି ଜନମନ ପ୍ରାଣ ଉଦ୍ଧିପନ
ଖେଳେ ଆନନ୍ଦ ଲହରୀ ।
ସାହିତ୍ୟ ସଂସ୍କୃତି ଚେତନା ପ୍ରବୃତ୍ତି
ଉତ୍ତରଣକାରୀ ଯିଏ
କବି କଳାକାର ପୂଜନ ଉତ୍ସବ
ପାଳନ ହେବା ନିମନ୍ତେ ।
ଚେଷ୍ଟା ଜାରି ରଖି ଚାହିଁ ରହି ଅଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆସିବା ବାଟକୁ ଏବେ

କେଉଁ କାଳେ କବି ଲେଖକ ସକଳେ

ସେଠାବେ ମିଳିତ ହେବେ ।

ଆଶା ଅସୁମାରୀ ସ୍ୱପ୍ନ ସମ୍ଭାବନା

ଧରି ଚାହିଁଛି ଅନନ୍ୟା

ସୁନ୍ଦର ମୋ ଭାଷା ସାହିତ୍ୟ  ସଂସଦ

ମନେ ନବ ଉଦ୍ଦୀପନା ।

ମୟୂରଭଞ୍ଜ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନନ୍ୟା



ଗୀତାଞ୍ଜଳୀ ଭୂୟାଁ

ତୁମେ ଚିର ବନ୍ଦନୀୟା ଅନନ୍ୟା
କେତେ ହୃଦେ ସୃଷ୍ଟି କର
ସ୍ନେହ ପ୍ରୀତି ବନ୍ୟା ।
ସଦା କଳ କଳ ଛଳ ଛଳ
ଅନ୍ତରେ ମୃଦୁ ହିଲ୍ଲୋଳ
ମନ ପ୍ରାଣ ହୁଏ ଉଲ୍ଲସିତ
ତୁମ ଉଷ୍ମ ସ୍ପର୍ଶ ପାଇଁ ଏ ଚିତ୍ତ ବ୍ୟାକୁଳ ।
ତୁମେ ଲାବଣ୍ୟମୟୀ ରୂପସୀ କନ୍ୟା
ସୃଜନୀ ସୁମନ ସୁରଭିରେ ସୁରଭିତ
ସ୍ୱୟଂ ସର୍ବଗୁଣ ସମ୍ପର୍ଣ୍ଣା ଅନନ୍ୟା ।

ଅନନ୍ୟା ତୁମେ ମହାମାନ୍ୟା
ତୁମ କୋଳେ ସ୍ଥାନ ପାଇ
ଏ ଅକିଞ୍ଚନ ଧନ୍ୟା ।
କେତେ ଆଶା ଆଶାବରୀ ତୁମେ
ଭାବ ଭାଷା ଭରସା ମନ୍ଦିର
ନିତି ଜନ୍ମେ ନବ ନବ କବିତା ବଳିତା
ଆଲୋକିତ କରି ହୃଦ କନ୍ଦର ।
ମମତାରେ ଏକ ସୁତ୍ରେ ବାନ୍ଧି
ମୈତ୍ରୀର ଆପଣାପଣେ ଛନ୍ଦି
କଲୁ କି ମନ୍ତର ??
ଅନନ୍ୟା ଲୋ ତୁ ବଡ଼ ଯାଦୁକର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହ ମହ ବାସେ ଚଉଦିଗ

ରୂପ ରଙ୍ଗ ଝଲକରେ

ପୁରିଅଛି କେତେ ଯେ ଆବେଗ ।

ସମଗ୍ର ଓଡ଼ିଶା ଭୂଇଁ

ଜାଗି ଉଠିଲା ଚେଇଁ ।

ଭାଷା ସାହିତ୍ୟ ସୌଧ ନିର୍ମାଣ

କଲେ ସଖା ନାରାୟଣ

ଭବ୍ୟ ରମ୍ୟ ସୁଶୋଭନ

କବିର କଲମ କରଣୀ ମୂନେ

ଦିଶେ କେତେ ରଙ୍ଗୀନ ।

ଧନ୍ୟ ତୋ ସାଂଗଠନୀୟ ତୋରଣ

ଅନନ୍ୟା .......ଚିର ସବୁଜିମା

ସଦା ଚଳ ଚଞ୍ଚଳ

ହାସ୍ୟମୟୀ ଲାସ୍ୟମୟୀ

ଆଶିଷଝରା ଅନୁପମା ।


ସାଲେପୁର, କଟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନନ୍ୟା



ପ୍ରଫୁଲ୍ଲ କୁମାର ହୋତା

ମାତୃଭୂମି ମାତୃଭାଷା ଓ ଜନନୀ
ତିନି ହେଁ ଆଗରେ
ଯାହାକୁ ଦୃଷ୍ଟିରେ ରଖିଛି ଅନନ୍ୟା
ଏ ତିନିଙ୍କର ଲୁହ ପୋଛିବାକୁ ଅଙ୍ଗିକାରବଦ୍ଧ
ସତେ ଯେମିତି ନିଜେ ପାଲଟିଛି ମା'ଟିଏ ହେଇ
ଭାବରେ ସାହିତ୍ୟ ଡୋରିରେ
ବାନ୍ଧି ରଖିଛି ଅନନ୍ୟା
କାୟାବିସ୍ତାର କରି ଚାଲିଛି
ତଥାପି ପଥ ବହୁ ଦୂର
ସଭିଙ୍କୁ କୋଳେଇ ନେଇଛି ଆପଣାର କରି
ସ୍ନେହ ଶ୍ରଦ୍ଧା ମମତା ଦେଇଛି ଅଜାଡ଼ି
କୁଣ୍ଠା ନକରି ।
ଆଶ୍ରୟ ଦେଇଛି ସାହିତ୍ୟ ପଣତରେ
କଳା ସାହିତ୍ୟ ବିଜ୍ଞାନ ସଂସ୍କୃତି ସବ କ୍ଷେତ୍ରରେ
ପୃଷ୍ଠା ପୃଷ୍ଠା କରି
ଆଉ ବାଣ୍ଟିଥାଏ ପଲ୍ଲୀଠୁ ଦିଲ୍ଲୀ ଯାଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବର୍ଷ ତମାମ ନାନା କାର୍ଯ୍ୟକ୍ରମର ଆୟୋଜନ ।

ତା ସହିତ ସଫଳତା

ସୃଷ୍ଟି ହୁଏ ଭାଇଚାରା

ଏକପଦୀ କବିତା ଗଳ୍ପ ଅଣୁଗପ ସବୁ ବିଭାଗରେ

ଏପରିକି ଚିତ୍ର ଅନୁଭୂତି ଅଭିନୟ ସହିତ

ଅନନ୍ୟାର କର୍ମକର୍ତ୍ତାଗଣ

ସମ୍ପାଦକ ମହୋଦୟ ସଭିଙ୍କର ଆନ୍ତରିକତା

ଏହାର ମୂଳ ଆଧାର

ସତରେ ଅନନ୍ୟା

ତୁମେ ମୋର ଆମ ସଭିଙ୍କର ଅନନ୍ୟା ।

ଚରୈବତି ଚରୈବତି ।


ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନନ୍ୟା



କୁମୁଦିନୀ ପତି

ସୁନ୍ଦର ଭାଷା ମୋ ସୁନ୍ଦର ସାହିତ୍ୟ
ଜମ୍ବରା ଗ୍ରାମରେ ଘର,
ସେ ଗ୍ରାମେ ଜନ୍ମିଛି ଅଲିଅଳି କନ୍ୟା
ନାମ ଅନନ୍ୟା ତାହାର ।

ହୃଦରେ ପୁରିଛି କେତେ ସ୍ନେହ ତାର
ସଭିଙ୍କୁ ସମାନ ଦେଖେ,
ସାନ ବଡ଼ ଭେଦ ଭାବ ନ ରଖିଣ
ଧରିଛି ତାହାର ବକ୍ଷେ ।

ନିତିଦିନ ସିଏ କେତେ ଚରିତ୍ରକୁ
ତା ଦେହେ କରି ଚିତ୍ରଣ,
ଉତ୍ତମ ବ୍ୟକ୍ତିତ୍ୱ ଗଢିବା ସକାଶେ
ପ୍ରଭାତେ ଟିକି ଚିନ୍ତନ ।

କେତେ ଆଧ୍ୟାତ୍ମିକ ବାର୍ତ୍ତାରେ ସଜ୍ଜିତ
ହୁଏ ଅନନ୍ୟାର ପୃଷ୍ଠା,
ଜୀବନେ ମହତ ହୋଇବ ସେ ଜନ
ଯିଏ ଖାଇବ ଏ ମିଠା ।

କବିଙ୍କ ସୃଜନୀ ଦକ୍ଷତା ଯେ ବଢୁ
ଏହି ଉଦ୍ଦେଶ୍ୟକୁ ଭାବି,
କବିତା ଶୀର୍ଷକ ପ୍ରତିଦିନ ପାଇ
ଖୋଲେ ଯେ ଲେଖନୀ ଚାବି ।

ଏକତା ସୂତ୍ରରେ ବାନ୍ଧି ହୋଇ ଆମେ
ଯେବେ ଚଳାଇବା ମସୀ,
ଅଲିଅଳି କନ୍ୟା ଅନନ୍ୟା ଆମର
ହେବ ଦିନେ ମହିୟସୀ ।

ଠାକୁରମୁଣ୍ଡା, ମୟୂରଭଞ୍ଜ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନନ୍ୟା



ରବିନାରାୟଣ ମିଶ୍ର

*ଅ* ଯେ ପରଂବ୍ରହ୍ମ ପୁରୁଷୋତ୍ତମ,
ଓଁକାର ନାଦର ସ୍ୱର ପ୍ରଥମ,
ଓଁ ସୃଷ୍ଟି କରି ଥାଏ ଅ ଉ ମ,
ସତ୍ତ୍ୱ ରଜୋ ଅବା ଗୁଣ ଯେ ତମ,
ତ୍ରିଗୁଣ ସମଷ୍ଟି ଅଟଇ ଯେ ସୃଷ୍ଟି
ସେହି ଅନନ୍ୟାଟି ଅଟେ ଉତ୍ତମା୧।
*ଅନ* ବଦ୍ୟ ସୃଷ୍ଟି ପାଇଁ ସେ ଧନ୍ୟ,
ତା ସହ ତୁଳନା ନାହିଁ କେ ଅନ୍ୟ,
ମନ ମୋହେ ତାର ରୂପ ଲାବଣ୍ୟ,
ସେ ଯେ ଆମ ପାଇଁ ଅଟେ ବରେଣ୍ୟ,
ଦେବା ଆଶୀର୍ବାଦ ନ ରଖିବା ଖେଦ
ହେଉ ତା ଜୀବନେ ମହାନ ପୂଣ୍ୟ।୨।
*ଅନନ୍ୟା* ଅଗଣା କରେ ସ୍ୱାଗତ,
ସଭିଏଁ ତାହାର ପରାଣ ମିତ,
କବିଙ୍କ ଲେଖନୀ ତାହାର ହିତ,
ସଭିଏଁ ତା ପାଇଁ ହୋଇବା ରତ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବେ ସମର୍ପଣ କରିବା ଅର୍ପଣ,

ଗଢ଼ିବା ଆମେରେ ତା ଭବିଷ୍ୟତ।୩।

ନୁହେଁ ଆନମନା ଅଟେ ଅନନ୍ୟା,

କବିଙ୍କ ଲେଖନୀ ଆଣଇ ବନ୍ୟା,

ସେ ପାଇଁ ଅନନ୍ୟା ହୁଅଇ ଧନ୍ୟା,

ଆଜି ଏ ଦିନର ବାଳୁତ କନ୍ୟା,

ସମୟ ସ୍ରୋତରେ ଯୁବା ବୟସରେ

ପାଦ ଥାପି ସିଏ ହେବ ସୁକନ୍ୟା।୪।

ଡି ଏ ଭି ପବ୍ଲିକ ସ୍କୁଲ

ବଲାଣି, କେଓଁଝର।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନନ୍ୟା



ସାଧନା ପଣ୍ଡା

ଅନନ୍ୟା ସେ ଅନନ୍ୟ
ଆଘ୍ରାଣରେ ମିଠା ପାରିଜାତ
ମହକିତ ଚାରୁ ହସ ମୁଖ ,
ଚାହିଁ ରହେ ନିର୍ଲିପ୍ତ ନୟନେ
ହରି ନେଇ ସବୁ ଦୁଃଖ ..... !

ଭରି ଆହେତୁକ ଆକର୍ଷଣ ,
ସତେ ଚୁମ୍ବକର ଗୁଣ .....
ଓଠ ଦୁଇଧାରେ
ସ୍ମିତହାସ ଖୁସିର ଫୁଆର
ନୀରିହ ମନରେ ନିରେଖେ
ଚାବିପେନ୍ଥା ସବୁ ହୃଦୟର .... !

ଅନନ୍ୟା ସେ.....
ତାର ପାଦତଳେ ଆମରି ଜୀବନ
ହୃଦ ଯାର ସ୍ୱଚ୍ଛ
ପ୍ରବହମାନ ଫଲ୍ଗୁ ଧାରା
ଫଗୁଣର ଗୋଲାପି ବେଳାରେ
ଚୋରାଏ ସେ ହୃଦୟ କୋରକ
ରୂପା ଦେହର ଜ୍ୟୋତ୍ସ୍ନା ଶୀତଳାଏ ,
ଶିହରିତ ଗ୍ରୀଷ୍ମର
ଦହଗଞ୍ଜି ମନ .... !

ସେ ଏକ ମିଠାର ପ୍ରଲେପ
ଲେପିଦିଏ ,
ହୃଦୟ ଓ ତନ ସତେଜ
ବିଭୋରିତ କରେ ପ୍ରାଣ
କେତେ କବି କେତେ ପ୍ରେମୀଙ୍କର ..... !

ଅନ୍ତରରେ ଆଙ୍କୁ ନାୟିକାର ଛବି
ଅଧା ଝିନ, ଅଧା ମ୍ଳାନ
ଅଙ୍ଗସୌଷ୍ଠବ ସୁଠାମ
ସତେ ଅବା ଉଦିତ ନବ ରବି !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯା ପାଇଁ  ପାଗଳ
ଭାବୁକ ସାଜନ୍ତି
ଲେଖନୀ ଧରନ୍ତି
କେତେ କବି ନବ ଯୁବା ଛବି  !

କେବେ ବୋଲେ
ଗୋଲାପି ଅବିର
ପୁଣି କେବେ କୃଷ୍ଣଚୂଡାର
ସିନ୍ଦୂରିତ ପେନ୍ଥା
କୋଇଲିର ମିଠା ସୁରେ
ଭରିଦିଏ  ଭାଦ୍ରବରେ
ବିରହର ଶିଖା....  !

ଫଗୁଣର ଅଦିନିଆ ଆବିର୍ଭାବ
ଉଲ୍ଲସିତ ଦେହ ଆଉ ମନ
ସତେ ଅବା କବିତାର ପଂକ୍ତି
କଥାରେ କଥାରେ
କୁହେ ସେ କଥାରେ
ପୂର୍ଣ୍ଣିମାରେ ଶଶାଙ୍କର ଭ୍ରାନ୍ତି  !


ଅଦ୍ଭୁତ ତାର ଶିହରଣ
ବୋଲି ଆପଣା ପଣ
ଶୁଆଇ ଦିଏ ଶବ୍ଦର ବେଦୀରେ
ସଜାଇ ପାରିଜାତ ତୋଳି
ସୁନାରୀ ଫୁଲର
ବାସ୍ନା  ଦେହେ ଦିଏ ବୋଳି ,

ହୁଏ ସେ ସୁଧନ୍ୟା
ସେ ଆଉ କେହି ନୁହଁ
ଆମ ସେ ସୁକନ୍ୟା
ନାମ ତା'  ..........
ଅନନ୍ୟା ଅନନ୍ୟା ଅନନ୍ୟା  !

ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan

# ଅନନ୍ୟା



ଅରୁନ୍ଧତୀ ଲେଙ୍କା

ଅନନ୍ୟା ପରଶେ କବି ପ୍ରାଣ ହସେ
ସଞ୍ଚରଇ କବିପଣ
ସୃଜନୀ ସ୍ରଷ୍ଟାର ସୃଜନ ସହରେ
ଭରିଯାଏ ହୃଦପ୍ରାଣ ।।

କବି ହୃଦୟର ଅକୁହା କଥାକୁ
ଦେହେ ତାର ସ୍ଥାନ ଦିଏ
ସବୁ ସମସ୍ୟାର ସମାଧାନ କରି
ସୂତ୍ରଧର ଟିଏ ସିଏ ।।

ବଣ ମଲ୍ଲି ସବୁ ବଣରୁ ସାଉଁଟି
ଦେଇଥାଏ ନୂଆରୂପ
ମହ ମହ ବାସେ କବିର କବିତ୍ୱ
ଅନ୍ଧାର ଘରେ ସେ ଦୀପ ।।

ସବୁଠୁ ନିଆରା ସବୁଠୁ ସୁନ୍ଦର
ଅନନ୍ୟାର ପରିବାର
ସ୍ନେହ ଶ୍ରଦ୍ଧା ଡୋରେ ସଭିଏଁ ଆବଦ୍ଧ
ମନ୍ଦିର ସମାନ ଘର ।।

ନାହିଁ ଭେଦ ଭାବ ମନେ ଅସନ୍ତୋଷ
ସମସ୍ତଙ୍କ ଏକ ମନ
ଏମିତି ବନ୍ଧନ ଜନ୍ମେ ଜନ୍ମେ ଥାଉ
ଲୋଡ଼ା ନାହିଁ କିଛି ଧନ ।।

ସାହିତ୍ୟ ଆକାଶେ ଧ୍ରୁବଟିଏ
ସେ ଆମ ଅନନ୍ୟା....

ଢେଙ୍କାନାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନନ୍ୟା



ଅନୁପମା ବିଶ୍ୱାଳ

ନାମରେ ଅନନ୍ୟା କାମରେ ଅନନ୍ୟା
ସଭିଙ୍କୁ ଦିଏ ପ୍ରେରଣା
ନାନା ଜାତି ଫୁଲ ଫୁଟିଥାଏ ନିତି
ସଜାଇଦିଏ ଅଗଣା ।
ସରସ ସୁନ୍ଦର ଏହି ପରିବାର
ଲାଗେ ଅତି ଆପଣାର
କବି ଓ ଲେଖକ ମନ ପ୍ରାଣ ଦେଇ
ରଖନ୍ତି ସମ୍ମାନ ତାର ।
ସ୍ନେହ,ଶରଧାରେ ପ୍ରେମ ସୁଧା ଧାରେ
ବହୁଥାଏ ମଧୁରସ
କର୍ମକର୍ତ୍ତାଗଣ ସେ ମଧୁକୁ ବାଣ୍ଟି
ଲଭନ୍ତି ହୋଇ ହରଷ ।

ଭାଷାର ପ୍ରଚାର ଭାଷାର ପ୍ରସାର
ଧ୍ୟାୟୀ ମନେ ଏହି ବ୍ରତ
ଭାଷା ପାଇଁ କର୍ମ ଭାଷା ପାଇଁ ଧର୍ମ
କରି ହେବା ଆନନ୍ଦିତ ।
ଭାଷାର ଶୁଦ୍ଧତା ଆଣେ ପବିତ୍ରତା
ଶବ୍ଦ ସଂଯୋଜନା ଥିଲେ
ଅଲଣା ପରାଏ ଲାଗେ ସେ କବିତା
ରସ ହୀନ ହୋଇଥିଲେ।
ନିତି ଶିଖାଉଛି ଅନନ୍ୟା ସାହିତ୍ୟ
ବୁହାଇ ଭାବ ଧାରାର
ସମ୍ମାନ ରହିବ ଅନୁଷ୍ଠାନେ ସଦା
କଥାଟି ଅଟଇ ସାର।

ମୋଦିପଡା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନନ୍ୟା



ଭାରତୀ ଲେଙ୍କା

ଆପଣା ପର ନଭାବି ସେନେହ ବାଣ୍ଟିଦିଏ
ସିଏ ଆମର ଅତି ସୁନ୍ଦର
ଅନନ୍ୟା ଆଉ କିଏ ll
ନାହିଁ ଯା ମନେ ଛନ୍ଦ କପଟ
ରାଗ ରୁଷା ଅଭିମାନ
ଆମ ପାଇଁ ସେ ଆମରି ମାଆ
କରୁଛୁ ପଦ ବନ୍ଦନ ll
ସାନ ଭଉଣୀ ତାନଶ୍ରୀଙ୍କ
ସାଥେ ଗାଇ ଯୁଗଳବନ୍ଦୀ
ଦେଖିନୁ କେବେ କେହି କାହାକୁ
ସ୍ନେହରେ ହୋଇଛୁ ବାନ୍ଧି ll
ନାରାୟଣ ସାର ଅମର ପ୍ରିୟ
ନିଷ୍କପଟ ହୃଦୟ
ସମୀକ୍ଷା କରି କବିତାକୁ ସେ
କରନ୍ତି ଭାବମୟ ll
ଅନନ୍ୟା ଉପଦେଷ୍ଟା ଅଛନ୍ତି
ବଡ଼ ଭଉଣୀ ମୋର
ପୁଷ୍ପ ଲତା ସେ କଥା ତାଙ୍କର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫୁଲ ଠାରୁ କୋମଳ ॥

ଦିଅନ୍ତି କେତେ ଉପ ଦେଶ ସେ

କଥା ଛଳରେ ମୋତେ

ଲାଗେ ଏମିତି ଗୋଟିଏ ମାଆ

ଗରଭୁ ଜାତ ସତେ ॥

ସାନଭାଇ ପ୍ରଫୁଲ ହୋତା ମତାମତ ଦିଅନ୍ତି

ସମୀକ୍ଷା ତାଙ୍କ ଉଚ୍ଚକୋଟିର

ସେନେହ ବାଣ୍ଟିଥାନ୍ତି ॥

ଆଉ ଯେତେକ ବନ୍ଧୁ ବାନ୍ଧବୀ

ଲାଗନ୍ତି ଆପଣାର

ଗୋଟିଏ ସୂତ୍ରେ ଗୁନ୍ଥା ଯେମିତି

ଗୋଟିଏ ଫୁଲ ହାର ॥

ସତରେ ତୁମେ ଅନନ୍ୟା ମାଆ

ସ୍ନେହ ଅମୁଲ ମୂଲ

ସାରା ମୂଲକେ ହେବେନି କେହି

ତୁମରି ସମତୁଲ ॥

ଭାରତୀ ଆଜି ପାଇଛି ଏଠି

ନୂଆ ଏକ ପରିଚୟ

କରେ କାମନା ଜଗତ ନାଥ

ଅନନ୍ୟା ହେଉ ଜୟ ॥

କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନନ୍ୟା



ଶକୁନ୍ତଳା ମିଶ୍ର

ସାହିତ୍ୟ ଜଗତ (ଭାଷା ସାହିତ୍ୟର )ମାନସୀ କନ୍ୟା ସେ
ନାଆଁଟି ତାର ଅନନ୍ୟା
ରୁଣୁଝୁଣୁ ଶବ୍ଦେ ପାଦ ଥାପିଅଛି
ଅନେକରେ ଏକ ଗଣ୍ୟା
ଅନନ୍ୟା ଅଟଇ ପାରିଜାତ ସମ
ରୂପ ଗୁଣେ ପରିପୂର୍ଣ୍ଣା
ତା ରୂପ ମାଧୁର୍ଯ୍ୟ ତାର କଳେବର
ଭାବି କବିକୁଳ ଧନ୍ୟା
କାଉଁରୀ କନ୍ୟା ସେ ତା କାଉଁରୀ ସ୍ପର୍ଶେ
ହୃଦେ ଜାଗେ ଉନ୍ମାଦନା
ପ୍ରୀତିରେ ପ୍ଲାବିତ ତନୁ ମନ କରେ
ଭାଷାରେ  ସେ ସଂମୋହନା
ତା କୀର୍ତ୍ତି କଳାପ ସୁଦୂର ପ୍ରସାରୀ
ବାସ୍ନା ତାର ମହମହ
ସମାଜକୁ ବାଣ୍ଟେ ନୂତନ ବାରତା
ହୃଦ ସ୍ପନ୍ଦନ କବିର
ସାହିତ୍ୟ ସଂସ୍କୃତି କଳା ବିଜ୍ଞାନର
ପରଷେ ତଥ୍ୟ ନୂତନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କବିର କଲମ ଅମୋଘ ଅସ୍ତ୍ରରେ
ଆଣେ ସମାଜେ ପରିବର୍ତ୍ତନ
ତାର ମଧୁଭାଷେ ଆକର୍ଷିତ ସର୍ବେ
ତା ଅନୁଗାମୀ ଅଟନ୍ତି
ଅନନ୍ୟାଟି ଶୀର୍ଷ ଶିଖରକୁ ଛୁଉଁ
ସଭିଏଁ ଏହା ଚାହାଁନ୍ତି
ଭାବ ପୀରତିରେ ବାନ୍ଧିଛି ଅନନ୍ୟା
ଭୁଲି ପାରିବେନି କେହି
ଯେତେ ଚାହିଁଲେ ବି ରହି କେ ପାରେନା
ତା ଠାରୁ କେବେ ଦୂରେଇ
ଶିଖି ଶିଖାଏ ସେ ମାର୍ଜିତ କରାଏ
ଲେଖି ଗଳ୍ପ କବିତାକୁ
ଅନୁଷ୍ଠାନ ସମାଜ ସୁଦୃଢ ସେ କରେ
ଧରି ଏକତା ଭାବକୁ
ସାଧକ ସାଧିକା ଲେଖନୀ ସର୍ଜନା
ଦୃଢ କରେ ଅନୁଷ୍ଠାନ
ସ୍ନେହେ ସହଯୋଗେ ଆଗେ ବଢି ଚାଲେ
ବାନ୍ଧି ପ୍ରୀତିର ବନ୍ଧନ
କ୍ଷୀପ୍ରେ ହୋଇ ଧାବମାନ

ଜଟଣୀ, ଖୋରଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନନ୍ୟା



ରମେଶ ଟାକ୍ରୀ

ଏହି ତ ସୁକନ୍ୟା ଅଟଇ ଅନନ୍ୟା
ଭାବର ନବ ଚେତନା
ରୂପରେ ରୂପସୀ ମନର ମାନସୀ
ଅସୀମ ତା'ର ଭାବନା ।୧।

ସୁଗନ୍ଧ ସୁଷମା ରୂପେ ଅନୁପମା
ସରଗର ଅପସରା
ଦିବ୍ୟ ତେଜସ୍ୱିନୀ ପ୍ରାଣ ସମ୍ମୋହିନୀ
ସାହିତ୍ୟର ଭାବଧାରା ।୨।

ସେତ ମନସ୍ୱିନୀ ସୁଖ ପ୍ରଦାୟିନୀ
ଜ୍ଞାନର ଆଶା କିରଣ
ସାହିତ୍ୟ ଭାବନା ନବ ଉଦ୍ଦିପନା
ଯୋଗାଉଛି ପ୍ରତିକ୍ଷଣେ ।୩।

ଘୁଞ୍ଚାଇ ଭିନ୍ନତା ଆଣଇ ଏକତା
ସ୍ନେହ ଶ୍ରଦ୍ଧା ଢାଳିଦେଇ
ପ୍ରେମ ପ୍ରୀତି ଭାବ ନ ଥାଏ ଅଭାବ
ବିଶାଳ ଭାବନା ନେଇ।୪।

ସୁନ୍ଦର ମୋ ଭାଷା ସାହିତ୍ୟର ତୃଷା
ସୁନ୍ଦର ଏ ପ୍ରତିଷ୍ଠାନ
ସହଯୋଗ ମନ ପ୍ରେମରେ ବନ୍ଧନ
ଅନନ୍ୟା ଯାହାର ନାମ।୫।

ନବରଙ୍ଗପୁର।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନନ୍ୟା



ସ୍ୱପ୍ନା ମହାନ୍ତି

କେମିତି କହିବି ଯେ

ମୁଁ ଅବଳା ଦୁର୍ବଳା !

ମୋତେ ପରା କରିଦେଇଛ ସହସ୍ର ଭୁଜା !

ମୁଁ ପ୍ରେମ ପ୍ରଦାୟିନୀ

ସାହିତ୍ୟମୟୀ

ସଂସ୍କୃତିର ପୋଷାକରେ ସୁସଜ୍ଜିତା

ମୁଁ ପରିରାଇଜର କନ୍ୟା

ଅଲିଅଳି କନ୍ୟା

ସୁକନ୍ୟା

ଅନନ୍ୟା !

ଶୁଭ ଶଙ୍ଖନାଦରେ

ଅଗଣାକୁ କରେ ସୁସଜ୍ଜିତା

ମୋ ପଣତରେ କଳା ବିଜ୍ଞାନ ଭାଷାର ପୀରତି

ସ୍ନେହ ମମତାର ବାରିଧାରାରେ

ଫୁଟିଉଠେ ନବକଳିକା !

ମୋ ବଗିଚାରେ ନାଲି ହଳଦୀ ବାଇଗଣୀରେ ପ୍ରସ୍ଫୁଟିତ ପୁଷ୍ପ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକତାର ସୂତ୍ରରେ ଗୁନ୍ଥି

କରିଦିଏ କବିତାର ମାଳ !

ନାହିଁ ଭାଷା ଜାତିର ଭିନ୍ନତା !

ସେଥିପାଇଁ ମୁଁ ଅନନ୍ୟା !

ଭାତୃତ୍ୱ ଭାବର ପରିଚୟରେ

ଓଡିଶାର କୋଣ ଅନୁକୋଣରୁ

ବନ୍ଧୁତ୍ୱ ଭାବର ପରିପ୍ରକାଶ ହୁଏ !

ସେଥିପାଇଁ ମୁଁ ଅନନ୍ୟା !

ନବରଙ୍ଗପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ଅନନ୍ୟା



ଅଂଶୁମାନ ସ୍ୱାଇଁ

*କୋଟି ଧନ୍ୟବାଦ ହେ ଅନନ୍ୟା*

କୋଟି ଧନ୍ୟବାଦ ହେ ଅନନ୍ୟା
ଦେଲେ ମହାଶିକ୍ଷା ସାହିତ୍ୟର ଦୀକ୍ଷା
ହୃଦୟେ ଭରିଲେ ବିଶ୍ୱ ଚେତନା
କୋଟି ଧନ୍ୟବାଦ ହେ ଅନନ୍ୟା

କବିଙ୍କ ଲେଖନୀ ବିକଶିତ ହୁଏ
ସମାଜର ଦୁଃଖ ସୁଖ ଅଶ୍ରୁ କୋହେ
ପ୍ରଗତି ଆଣିଛି ଭାଷା ସାହିତ୍ୟରେ
କିଏ ବା ଅନନ୍ୟା ତୁଲ୍ୟ ହୋଇପାରେ
ଧର୍ମ ବିଜ୍ଞାନରେ କି ରାଜନୀତିରେ
କିଛି ନାହିଁ କେବେ ତୁମ ଅନ୍ତରେ

ଯୁବ ପ୍ରାଣେ ଭରେ ନୂଆ ଭାବନା
କୋଟି ଧନ୍ୟବାଦ ହେ ଅନନ୍ୟା...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମ ହସେ  ସଦା ଲେଖନୀ ମୁନ

ତୁମ ପାଇଁ ଝରେ ପୁଷ୍ପ ଚନ୍ଦନ

ସତରେ ତୁମେ ସବୁଠୁ ଅନନ୍ୟ

ତୁମ ପାଇଁ ପାଇଛି ମୁଁ ନୂଆ ଜୀବନ

କୋଟି ଧନ୍ୟବାଦ ହେ ଅନନ୍ୟା ...

କେନ୍ଦୁଝର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନନ୍ୟା



ତାନଶ୍ରୀ ପାଣିଗ୍ରାହୀ

ଭାଷା ସାହିତ୍ୟର ଅନିନ୍ଦ୍ୟ ସୁନ୍ଦରୀ
ଆମରି ପ୍ରିୟ ଅନନ୍ୟା
ଆଖିରେ ସାଇତା ଅସୁମାରୀ ସ୍ୱପ୍ନ
ହୃଦୟେ ପ୍ରୀତିର ବନ୍ୟା...
ପାଇଛୁ ତା ପାଇଁ ନୂଆ ଜୀବନଟେ
ସର୍ବଗୁଣେ ପ୍ରୀତିପର୍ଣ୍ଣା...
ଆମରି ପ୍ରିୟ ଅନନ୍ୟା...

ଇନ୍ଦ୍ରଧନୁର ସପ୍ତରଙ୍ଗରେ
ହୁଏ କେବେ ଆନମନା
ଗାଇଯାଏ କେତେ ପ୍ରୀତିର ଗୀତିକା
ଦିଏ ନବ ଉନ୍ମାଦନା...
କବିତା ପସରା କେବେ ଅନ୍ତାକ୍ଷରୀ
କେବେ ଗଳ୍ପର ସର୍ଜନା...
ଆମରି ପ୍ରିୟ ଅନନ୍ୟା...

ସୁଖରେ ସେ ହସେ ଦୁଃଖରେ କାନ୍ଦେ ସେ
ଦିଅଇ ଆଶା ସାନ୍ତ୍ୱନା
ପ୍ରତିଭାକୁ ସିଏ ଦିଅଇ ସମ୍ମାନ
କରେ ସେ ହୃଦେ ଆପଣା...
ସାହିତ୍ୟ ସଂସ୍କୃତି ରୂପ ମାଧୁରୀରେ
ସତେ କି ରୂପସୀ କନ୍ୟା...
ଆମରି ପ୍ରିୟ ଅନନ୍ୟା...

ପଢ଼ି ପାରେ ସିଏ ନୀରବ ଆଖିର
ଅକୁହା ମନ ଭାବନା
ଜ୍ଞାନର ପ୍ରଦୀପ ଜାଳୁଥାଏ ସଦା
ଅସୀମ ତାର ସାଧନା...
ସାରା ଜଗତକୁ ଦେଖାଇବ ନୂଆ
ସୃଜନର ସମ୍ଭାବନା...
ଆମରି ପ୍ରିୟ ଅନନ୍ୟା... ॥

ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନନ୍ୟା



ସବିତା ଜେନା

"ଅନନ୍ୟା " ଶବ୍ଦର ଅର୍ଥ ତ ବଖାଣେ
ତାହାର ଗୁଣ ଗରିମା
କେଉଁ  ଶବ୍ଦକୋଷରୁ ଆଣିବି ଶବ୍ଦ
ବର୍ଣ୍ଣିବାକୁ ତା ମହିମା   !

"ଅନନ୍ୟା" ଏହି ଯେ ଭାଷା ସାହିତ୍ୟର
ସୁଉଚ୍ଚ ଅନୁଷ୍ଠାନ
ପୁରପଲ୍ଲୀଠାରୁ ସହର, ନଗର
କରେ ଯା'ର ଯଶଗାନ ।।

ଏଗାର ବର୍ଷର କିଶୋରୀ ଅନନ୍ୟା
ଗୋଟିଏ ଚାଉଳେ ଗଢ଼ା
କବିତା, ପ୍ରବନ୍ଧ, ଗଳ୍ପେ ସୁଗଠିତ
ରୂପରେ ସତେକି ହୀରା ।।

ଚମକୁଛି ସିଏ ସାହିତ୍ୟ ଗଗନେ
ସତେ ଅବା ଧ୍ରୁବତାରା
ଅନ୍ଧାରରେ ବାଟ  କଢ଼େଇ  ନିଏସେ
ଦୁର୍ଦ୍ଦିନେ ଦୁଃଖ ପାଶୋରା ।।

ଅନନ୍ୟା ଗୋଟିଏ ପୂର୍ଣ୍ଣ ପରିବାର
ରାଗ ଅଭିମାନ ନାହିଁ
ହସର ପସରା  ଖୁସି ଯେ ଅସରା
ସ୍ନେହ ଅନୁରାଗ ବହି ।।

"ଅନନ୍ୟା" ଗୋଟିଏ ପ୍ରଶାନ୍ତି ଅଗଣା
ଜ୍ଞାନମୟ ଛାତ ତଳେ
ସେହି ଅଗଣାରେ ଯିଏ ବସେ ସିଏ
ଶାନ୍ତିର ନିଃଶ୍ୱାସ ମାରେ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଇ ଅଗଣାରେ ମାସକୁ ଦୁଇଟି
ବସେ କବିତା ଆସର
ଯୁଗଳବନ୍ଦୀ ଅନ୍ତରାକ୍ଷରୀ ସହ
ଏକପଦୀ ମଜାଦାର ।।

ସାହିତ୍ୟ ଭଣ୍ଡାର ଜ୍ଞାନ - ରତ୍ନାକର
ଅଟଇ ଆମ ଅନନ୍ୟା
ତା' ପ୍ରେମରେ ଶହ ଶହ ସାହିତ୍ୟିକ
ରଚନ୍ତି କବିତା ବନ୍ୟା ।।

ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭା
ଖୋଜି ସମ୍ମାନିତ କରେ
ଉଲ୍ଲାସ ଭରା ତା ବାର୍ଷିକ ଉତ୍ସବ
ମନରେ ପୁଲକ ଭରେ ।।

ହଜାରେରୁ ଊର୍ଦ୍ଧ୍ୱ ସଦସ୍ୟ ବିଶିଷ୍ଟ
ଏ ଅନନ୍ୟା ପରିବାର
ସୃଜନୀରେ ତାକୁ ସୁଦୃଢ଼ କରିବା
ହେଉ ସଙ୍କଳ୍ପ ଆମର ।।

କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନନ୍ୟା



ପ୍ରତାପ କିଶୋର ରାଉତ

ସୃଜନୀ ଶାଳାରୁ ଆବିର୍ଭୂତା ସତେ
ରୂପସୀ ଅନନ୍ୟା ତୁମେ
କବି କଳ୍ପନାର ରୂପସୀ ଛଇଳି
ଫୁଟିଛ ମଧୁର ଯାମେ ।୧।

ରାଜ ରାଜେଶ୍ୱରୀ ନବୀନ କିଶୋରୀ
ସ୍ମୃତିଝରା ସୁନାଫୁଲ
ଉତ୍କଳ ମାଟିରେ ପ୍ରସ୍ଫୁଟିତ ହୋଇ
ସୁବାସ ବିତରି ଦେଲ ।୨।

କୋଟି ମନ ତଳେ ଫୁଟାଉଛ ନିତି
ମମତାର ମଧୁଗୀତି
ଅଯୁତ ସ୍ୱପ୍ନର ନିଶୀଥ ରାଗିଣୀ
କଳ୍ପନାର ରୂପମତୀ ।୩।

ମନ୍ଦିର ମାଳିନୀ ସୁଷମା ଶାଳିନୀ
ପୁଣ୍ୟବତୀ ମାଟିପରେ
ଫୁଟି ମହକିବ ତୁମରି ସୁବାସ
ବହୁ ପ୍ରତୀକ୍ଷାର ପରେ ।୪।

ଉଙ୍କି ମାରେ ଆଜି ମନ କଥା କେତେ
ହୃଦୟ ନିବୃତ କୋଣେ
ମନ ଖୋଲି ସବୁ ଶୁଣି ଦେବୁ ଥରେ
ତୋ ନିଆରା ବଡ଼ ପଣେ ।୫।

ତେନ୍ତୁଳିପଦୀ, ହାଟଡିହି, କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନନ୍ୟା



ଦେବେନ୍ଦ୍ର ନାୟକ

ସୃଷ୍ଟିକର୍ତ୍ତା ଯେମିତି କେତେ ସୁନ୍ଦର
ତାଙ୍କ ସୃଷ୍ଟି କିଛି କମ୍ ନୁହେଁ
ଅନନ୍ୟାର ସୃଷ୍ଟି ଯେ କରି ଅଛନ୍ତି
ଗୁଣରେ ଟିକେ ଖୁଣ ନଥାଏ ।

କଳା ସାହିତ୍ୟ ସମାଜ ସଂସ୍କାର
ନାରାୟଣ ସେବା କରିଥାଏ
ଗୁପ୍ତ ସୁପ୍ତ ବଣ ମଲ୍ଲୀଙ୍କୁ ସାଉଁଟି
ଆଗେଇ ନେବାକୁ ଖୋଜୁଥାଏ ।

ଅନନ୍ୟା ରଖେନି ନିଜ ପର ଭାବ
ସଭିଙ୍କୁ ସମାନ ମଣିଥାଏ
ସତେ ଯେମିତିକି ଲକ୍ଷ୍ମୀ ସାଆନ୍ତାଣୀ
ତିରିଶି ଜିଲ୍ଲାର ତ ମା ସିଏ ।

ଆମ ରାଜ୍ୟ ଛାଡ଼ି ପ୍ରବାସୀ ଓଡ଼ିଆଙ୍କୁ
କେତେ ଆଦର କରିଥାଏ
ଅନୁଭବ ବିନା ତା ଗୁଣ ବର୍ଣ୍ଣନା
ଅନୁଭବିବିଟିଏ ଜାଣିଥାଏ ।

କେହି କରନ୍ତିନି ତା ପାଖେ ଗୁହାରି
ଯଦି କାହାର ବା ଭୁଲ ଥାଏ
ମା ତ ବୁଝାଏ ସେ ଅବୁଝା ଛୁଆକୁ
ସର୍ବଜ୍ଞ ପରି ସେ ଜାଣିନିଏ ।

ସୃଷ୍ଟି କର୍ତ୍ତା ତା କେତେ କଷ୍ଟ ସହିଷ୍ଣୁ
କା ପାଖରେ ଦୁଃଖ ନ ଜଣାଏ
ଅନନ୍ୟା କେମିତି ତା'ପରି ନହେବ
ସ୍ରଷ୍ଟାଙ୍କୁ କୋଟି ସମ୍ମାନ ଦିଏ ।

ଅନନ୍ୟାର ସବୁ ଆତ୍ମିୟ ଜନଙ୍କୁ
କେବେ ହେଳା କରିନି ସିଏ
ତା ମନରେ କେହି ଦୁଃଖ ଦେବା ନାହିଁ
ସତରେ ଯଦି ଆମ ମା ସିଏ ।

ମିଟୁଆଣୀ, ଠାକୁରମୁଣ୍ଡା, ମୟୂରଭଞ୍ଜ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନନ୍ୟା



ଜନରଞ୍ଜନ ପ୍ରଧାନ

କଳ୍ପନା ରାଜ୍ୟର ଦୁଲଣୀ ନାମ ତାର ଅନନ୍ୟା
ଭାଷା ସାହିତ୍ୟର ଝରଣା ଛୁଟେ ଭାଷାର ବନ୍ୟା ।
ସାତ ଦରିଆରୁ ଆସିଛି ମୁଣ୍ଡେ ଟାଣି ଓଢ଼ଣୀ
ସୁନ୍ଦର ମୋ ଭାଷା ସାହିତ୍ୟ କହେ ମନ କାହାଣୀ ।

ନୂଆ ରୂପ ଦେଇ ଭାଷାକୁ ଯିଏ ନେଲେ ଆଗେଇ
ନୀର ମଧ୍ୟରୁ ଜାତ ହେଲେ ନାରାୟଣ ନାମ ବହି ।
ଅନନ୍ୟା ସୁନ୍ଦରୀ ଅଟଇ ତାଙ୍କ ମାନସୀ କନ୍ୟା
ରୂପ ରେଖ କୋଟି ଲାବଣ୍ୟ ତୁଣ୍ଡେ ଭାଷାର ବନ୍ୟା ।

ରାତି ପାହିଗଲେ ସବିତା ଆସନ୍ତି ହସି ହସି
ବିଭୁଙ୍କୁ ସୁମରି ସେ ସ୍ରଷ୍ଟା ବିଷୟ ଦେଇଥାନ୍ତି ।
କବିତା ଦିଅନ୍ତି ଯତନେ ସର୍ବେ ଲେଖିବା ପାଇଁ
କବି କବୟିତ୍ରୀ ମନରେ ଭାସେ ଭାଷାର ନଈ ।
ସାହିତ୍ୟ ବିଜ୍ଞାନ ଗଣିତ ଭୁଗୋଳ ଇତିହାସ
ସାତ ଦିନେ ସାତ ରଙ୍ଗରେ ଅନନ୍ୟା ମୁଖେ ହସ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଷ୍ପ ସମ ଶୋଭା ସୁନ୍ଦରୀ ନାମ ତା ପୁଷ୍ପଲତା
ଆଖିରେ ନ ପଡେ ପଲକ ବସି ଲେଖେ କବିତା ।
ଭାରତୀ ସୁଦ୍ରୁମା ସୁପ୍ରିୟା ତାନଶ୍ରୀ ରଶ୍ମିତା
ଲେଖନୀ ମୁନରେ ଝରନ୍ତି ତାଙ୍କ ହୃଦୟ କଥା ।

ଅଂଶୁମାନ ତେଜ କିରଣ ନେଇ ଅଶୁମାନ
ରଙ୍ଗେଇ ରସେଇ ଲେଖନ୍ତି ତାଙ୍କ ମନ ଉଛନ୍ନ ।
କୋକିଳର ସମ ମଧୁର ସ୍ୱର ତୁଣ୍ଡରେ ନେଇ
ପ୍ରତାପ ଭାଇଙ୍କ କବିତା ଜନମନ ଜିଣଇ ।

ଦେବେନ୍ଦ୍ର ନାୟକଙ୍କ ଅଭିନୟ ଅତି ସୁନ୍ଦର
ରାଧାଶ୍ୟାମ ଜନ୍ମଜୟଙ୍କୁ କି ଦେବି ପଟାନ୍ତର ।
ପଟା ପଟା ନିଶ ଦେଖିଲେ ମୋତେ ଲାଗଇ ଡର
ହରି ଭାଇଙ୍କର କଥାଟି ବଡ ଓଜନଦାର ।
ଏକ ପଦୀ ଲେଖା ହୁଅଇ ହୁଏ କବିତା ଆସର
ସଭିଙ୍କୁ କୋଳରେ ଧରିଛି ଅନନ୍ୟା ଆମ ଘର ।

କବି କବୟିତ୍ରୀ ମାନଙ୍କୁ ଅନନ୍ୟା କୋଳେ ଧରି
ନିଜ ପର ଭାବନା ନାହିଁ ସର୍ବେ ଫୁଲର କଳି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାରିଜାତ ଫୁଲ ବାସନା ବାସେ ଭାଷା ସାହିତ୍ୟ
ଧନ୍ୟା ତୁ ଅନନ୍ୟା ସୁନ୍ଦରୀ ସ୍ରଷ୍ଟାଙ୍କୁ ପ୍ରଣିପାତ ।

ସବୁରି ମନରେ ଦେଇଛୁ ତୁହି କେତେ ପ୍ରତିଭା
ସୃଜନଶୀଳତା ଦେଇଛୁ ଭାଷାରେ ବାନ୍ଧୁ ଗଭା ।

ଏହି ପରି ତୋର ରୂପ ଲୋ ସଦା ବିରାଜୁ ଥାଉ
କି ରୂପରେ ତୋତେ ଗାଇ ବି ଭାଷା ପାଉନି ଆଉ ।

ଆଲୋଇ, ବାଲିପାଟଣା, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନନ୍ୟା



ତୃପ୍ତିରାଣୀ ପାତ୍ର

ଧନ୍ୟ ଧନ୍ୟ ତୁମେ ହେ ପ୍ରିୟ ଲଳନା
ନାମଟି ତୁମ ଅନନ୍ୟା
ତପସ୍ୟାର ଫଳେ ନାରୀ ରୂପେ ଗଣା
ଧର୍ମକର୍ମେ ପ୍ରୀତିପର୍ଣ୍ଣା
ଭାଷା ପ୍ରୀତିରେ ବୁହାଇଛ ବନ୍ୟା
ଆଶା ଅଭିଳାଷ ପୂର୍ଣ୍ଣା ।

ମାତା ପିତାଙ୍କ ତୁମେ ପ୍ରଥମ କନ୍ୟା
ତୁମେ ସତ୍ୟ ଯୋଗଜନ୍ମା
ପିତା ନାରାୟଣ ସେନାପତି ସିନା
ନାମେ ଭାଷା ସଂସ୍ଥାପନା
ମେଘଧନୁ ରଙ୍ଗେ କର ଆନମନା
ଉଡ଼ାଇ ଜୟର ବାନା ।

ମହମହ ସୁବାସରେ ସାରା ବିଶ୍ୱେ
ଭାଷା ବିଭୁଷିତେ ବନ୍ୟା
ଜନ୍ମରା କେନ୍ଦୁଝରରେ ହରଷେ
ବଢ଼ି ହୋଇଲ ଯେ ଧନ୍ୟା
ଅସୀମ ଧୈର୍ଯ୍ୟ ଶୀତଳ ଜୋଛନା
ଢାଳି ନବ ଉଦ୍ଦୀପନା ।

କେଉଁ ଏକ ଶୁଭ ମୂହୁର୍ତ୍ତେ ସମ୍ଭୂତା
ପୁଷ୍ପବତୀ ବିଭୁ କନ୍ୟା
ନାମାନୁସାରେ ଭାଷା ସାହିତ୍ୟ ଗଣା
ଯଶ ବିଭବେ ସମ୍ପନ୍ନା
ସାହିତ୍ୟ ସଂସ୍କୃତି ସଂସ୍କାରେ ନିପୁଣା
ରୂପେ ବିଭୁଷିତ କନ୍ୟା ।

ସହଦେବଖୁଣ୍ଟା, ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅନନ୍ୟା



ବନ୍ଦନା ମହାପାତ୍ର

ସ୍ରଷ୍ଟାଙ୍କ ସୃଷ୍ଟିରେ ମାନବ ହିଁ ଶ୍ରେଷ୍ଠ

ଦେଖି ଖୁସି ନାରାୟଣ

ମାଆ, ମାଟି, ଭାଷା ସୁରକ୍ଷା କବଚ

ଆମେ ରଖିବା ତା ନାମ ।

ସୃଷ୍ଟି କଲେ ସ୍ରଷ୍ଟା ନାରାୟଣ ଭାଇ

ଅନନ୍ୟା ସାହିତ୍ୟ ବିଶ୍ୱ

ସର୍ବଶ୍ରେଷ୍ଠ ଏହି ଅନନ୍ୟା ଘରଟି

ଫୁଟେ କାବ୍ୟ, କବିତା ବାସ ।।

ଜାଣିବା ଦିନରୁ ସେନାପତି ଭାଇଙ୍କୁ

ସତେ ସେ ସୁଭଦ୍ରା ଭ୍ରାତ

ଲେଖାଟେ ନଦେଲେ ମନ ବୁଝେନା ମୋ

ବାଧ୍ୟରେ ଆଂକେ ଦି ପଦ ।।

ଅନୁଷ୍ଠାନ ନୁହେଁ ଏକ ପରିବାର

ଅଛି ଶାନ୍ତି, ପ୍ରୀତି, ଭାବ

ଡାକେ ନାରାୟଣ, ନାରାୟଣ ପାଇଁ

ରହୁ ସଦା ଏହି ଭାବ ।।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନନ୍ୟା



ସଂଯୁକ୍ତା ସାହୁ

ଆମ ଅନନ୍ୟା ସାହିତ୍ୟ ପରିବାର
ଅନେକରୁ ଏକ ଅତି ଚିର ସୁନ୍ଦର ।
ଏଠି ସବୁ ସାହିତ୍ୟ ସାଧକ ସାଧିକା
ସାହିତ୍ୟ ଭାଷାର ଭରିଛି ବହ୍ନିଶିଖା ।
ନୂତନ ଶବ୍ଦର ଆହ୍ଲାଦିନୀ ସାଜିଛି
କେତେ ଢଙ୍ଗରେ ରୂପ ବିରାଜିଛି ।
କବି,କବୟିତ୍ରୀ,ଲେଖକ ଲେଖିକା
ଭାଷାର ସମୃଦ୍ଧି ପାଇଁ ରଚିଛି ଗାଥା ।
ସାହିତ୍ୟ ସାଧନା ପାଇଁ ଆମ ପରିବାର
ସୁନ୍ଦର ଭାବମୂର୍ତ୍ତି ବିସ୍ତାରିଛି ନିର୍ଝର ।

ଚିରସ୍ରୋତା ଆମ ଅନନ୍ୟା ପରିବାର
ମୁଖ୍ୟ ମଙ୍ଗ ଧରିଛନ୍ତି ନାରାୟଣ ସାର୍ ।
ପ୍ରତିଦିନ ନୂଆ ନୂଆ ବିଷୟ ନେଇ
ଉତ୍ସାହ ଦିଅନ୍ତି ଆମ ଆଗରେ ଥୋଇ ।
ଅତି ଆଗ୍ରହରେ ସବୁ ସୃଜନୀ ମାନେ
ଲେଖା ଦେବାକୁ ଆଗଭର ସେମାନେ ।
ଅତି ସୁନ୍ଦର ଅଭିମତ ରଖନ୍ତି ସିଏ
ସାହିତ୍ୟ ଭାଷା ଶବ୍ଦର ମାର୍ଜିତ ହୁଏ ।
କୋଣ ଅନୁକୋଣୁ ସ୍ରଷ୍ଟାଙ୍କର ସମାହାର
କବିତାମାଳା ଗୁଞ୍ଜରେ ମୂର୍ଚ୍ଛନାର ।
ଆମ ଅନନ୍ୟା ସିଏ ଆମ ଅନନ୍ୟା
କାଳଜୟୀ ହେଉ, ହେଉ ସେ ଧନ୍ୟା ।

ରାହାମା, ଜଗତସିଂହପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ଅନନ୍ୟା



ଦେବାଶିଷ ସିଂହ

ହସୁଥାଏ ଅନନ୍ୟା ଖିଲି ଖିଲି
ହସୁଥାଏ ଲାବଣ୍ୟର ଧୂଳିବାଲି
ଗଙ୍ଗା ଠାରୁ ଗୋଦାବରୀ
କାଶ୍ମୀରଠୁ କନ୍ୟା କୁମାରୀ..

ଅନନ୍ୟା ହସୁଥାଏ ଖିଲି ଖିଲି ..
ଲାବଣ୍ୟଲତା ପରି..
ଯୁଇ ଜାଇ ମଲ୍ଲୀ ସିନା ବାସ ଚହଟାନ୍ତି
ଅନନ୍ୟା ହସିଲେ କିନ୍ତୁ ଫୁଟଇ କଳୀ

ଅନ୍ତରୀକ୍ଷରୁ ପ୍ରତିଟି ଅନ୍ତରର ଅନ୍ତସ୍ୱର
ଅନନ୍ୟା ବିଞ୍ଛିଥିବା ମନ୍ତ୍ରରେ ହୁଏ ପ୍ରତିଧ୍ୱନିତ
ନଶ୍ୱର ଦେହରେ ଆନନ୍ଦର ଗାର
ପ୍ରତି ହୃଦ ତନ୍ତ୍ରୀ ଚଢେ ପ୍ରେମର ଶିଖର..

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନନ୍ୟା ବର୍ଷାରେ ଭିଜି ଯାଏ
ସାହିତ୍ୟର ଦେହ
ସପ୍ତ ରଙ୍ଗରେ ରଙ୍ଗୀନ୍ ହୁଏ
ସାହିତ୍ୟ ଆକାଶ..

ଅନନ୍ୟା ଆକାଶରେ ଉଦିତ
ସୁନାର ସୁରୁଜ
ଉଦ୍ଭାଷିତ କରେ
ପ୍ରତିଟି ମନ ଆତ୍ମା ଓ ଶରୀର

ଶୋଭାର ଭଣ୍ଡାର ଅନନ୍ୟା
ମୁଗ୍ଧ କରେ ପ୍ରତିଟି ଆତ୍ମା
ବିଜୟର ଟୀକା
ପ୍ରତି ଆତ୍ମାରେ ଭରି ଦିଏ ପ୍ରତିଭା....

ବାଲେଶ୍ୱର
୯୦୪୦୪୬୬୬୭୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନନ୍ୟା



ଦୀପ୍ତି ଦେବଦର୍ଶିନୀ
ସୁତାର୍

ସାହିତ୍ୟ ଆକାଶେ  ଧ୍ରୁବ ତାରା ସମ
ଦେଖାଉଛ ଦିଗ ପଥ
ସୁନୀତି ସୁରୁଚି ପ୍ରୀତି ମଧୁ ଭାଷା
ସର୍ବ କ୍ଷେତ୍ରେ ସମ୍ବର୍ଦ୍ଧିତ       ||

କୋଟି ଜନମନ ନେବେ ହୃଦେ ସ୍ଥାନ
ଗଢିବେ ଭାଷା କୋଣାର୍କ
ଅଜ୍ଞାନ ଅନ୍ଧାରେ ଆଲୋକ ବରଷି
ବଢିବ ଭାବ ସମ୍ପର୍କ       ||

ତୁମ ସର୍ଜନାର ମହତ ଉଦ୍ଦେଶ୍ୟ
ଛୁଇଁ ଛୁଇଁ ଯାଏ ଧରା
ହଟିଯାଏ ମନୁ ହତାଶାର ଭାବ
ଶବ୍ଦ କରେ ଆତ୍ମହରା       ||

ତୁମେ ଦେଖାଇଛ ଚିରନ୍ତନ ସତ୍ୟ
ଭାଷା ସାହିତ୍ୟ ଛାତିରେ
ଲେଖନୀ ହେଉଛି ଆତ୍ମବିଭୋର
ତୁମ ପ୍ରେରଣା ମନ୍ତ୍ରରେ       ||

ସଦାକାଳେ ତୁମ  ନିଷ୍ଠା  ଉଦ୍ୟମର
ଫରଫର ଉଡୁ ବାନା
ଭାଷା ସାହିତ୍ୟର ପ୍ରଗତି ସ୍ରୋତରେ
ତୁମେ  ! ଅକ୍ଷୟ କୀର୍ତ୍ତି "ଅନନ୍ୟା|"    ||

ଓରାଳି, ହାଟଡିହୀ, କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନନ୍ୟା



ଅଜିତ କୁମାର ପାଢ଼ୀ

ଅନନ୍ୟା ! ତୁମ ପ୍ରତିଷ୍ଠା ଅଲଗା ହିଁ ହେବ !
ସ୍ୱତନ୍ତ୍ର ପକ୍ଷୀ ଉଡ଼ନ୍ତା ଆବେଗେ
ଆକାଶରେ ଦେଖେ ଉଡ଼ନ୍ତା ଆବେଗ
ଦେଖିପାରେ  ତାରକାପୁଞ୍ଜ
ଆଲୁଅ ରେ ଖୋଜିପାଏ ଧ୍ରୁବ ।
ଧ୍ରୁବ ସତ୍ୟ ପକ୍ଷୀର ଚେତନା ମନେ
ତୁମେ ପକ୍ଷୀ ଅନନ୍ୟ  ।

ଦେଖପକ୍ଷୀ ପୁର୍ଣଚାନ୍ଦ ଜୋଛନାରେ
ଦେଖିପାର ଆଲୁଅର ଚନ୍ଦ୍ର
ତୁମେ ଚନ୍ଦ୍ର ଅନନ୍ୟ ହୋଇ
ପୂର୍ଣ୍ଣରୂପେ ଭାବନାର ଭାବେ
ଲେଖିଯାଏ ସ୍ୱତନ୍ତ୍ର କଲମ
ପକ୍ଷୀ ଖୋଜେ ସ୍ୱତନ୍ତ୍ର କଲମ
ତୁମ  ପକ୍ଷୀ ତୁମ କଲମର ଝଡ଼
ସଦଭାବ ଭାବ ଖୋଜିବୁଲେ
ଭିନ୍ନ ସ୍ୱାଦ ଆଲୋକ ସଂଧାନ
ହେ ପକ୍ଷୀ ତୁମେ ଅନନ୍ୟ

ହେ ପକ୍ଷୀ ତୁମେ ଆଲୁଅରେ ଖୋଜୁଛ
ଶୀତଳତାର ଛାଇ
ଗଢ଼ିବାକୁ ଦେଉଳକୁ
ସଂସ୍କୃତିକୁ ଗାଇ
ତୁମ ଭାବରେ ଜଗନ୍ନାଥ
ପାଇଛ ତୁମେ ପ୍ରଭୁଙ୍କ ପ୍ରସାଦ
ଆଲୁଅର ଭାବ ପକ୍ଷୀ ତୁମେ
ଗଢ଼ିଛ ତୁମ ଭାବରେ ସୃଷ୍ଟି ତବ
ଅନନ୍ୟ ଜୋଛନା ଅନନ୍ୟା ହୋଇ
ଅନନ୍ୟ ପକ୍ଷୀ ପ୍ରାଣ
ସୃଷ୍ଟି କରିଛ ଭିଆଣ
ଅନନ୍ୟା ହୋଇ ।

ମହୁଲଭଟା (କୋମନା), ନୂଆପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନନ୍ୟା



ନୀଳକାନ୍ତି
ପଟ୍ଟନାୟକ


ଅନ୍ୟ ଠାରୁ ଭିନ୍ନ   ବୋଲି ସିନା ସିଏ
ଅନନ୍ୟା ନାମେ ନାମିତ
ଅସୀମ ଜ୍ଞାନର   ଗନ୍ତାଘର ଅଟେ
ଅଜସ୍ର ଗୁଣେ ଭୂଷିତ ।
ନବ ଉନ୍ମାଦନା   ଭରିଦିଏ ମନେ
ବୁକେ ଜଗାଏ ପୁଲକ
ନବ ଜନ୍ମ ଦିଏ   ଭାଷା ସାହିତ୍ୟରେ
ଫୁଟାଏ ନୁଆଁ ମହକ ।
ନବ ପ୍ରତିଭାଙ୍କୁ   କରେ ପ୍ରତିଭାତ
ଦେଇ କେତେ ପ୍ରୋତ୍ସାହନ
ନୂତନ ଜ୍ଞାନର   ସ୍ରୋତସ୍ୱିନୀ ଧାର
ସାହିତ୍ୟେ ଭରେ ଜୀବନ
.ଐତିହ୍ୟ, ସଂସ୍କୃତି   ଭାଷା ଜାଗୃତିର
ନିମନ୍ତେ ଅନନ୍ୟା ଛିଡା
ମାର୍ଜିତ ଜ୍ଞାନ ଓ   ସୁସାହିତ୍ୟ ନେଇ
ଭାଷାର ସଉଧ ଗଢ଼ା ।
ମାଆ, ମାତୃଭାଷା   ମାତୃଭୂମି ଠାରୁ
ବଡ଼ କେହି ଆଉ ନାହିଁ
ତା ସେବାରେ ମନ   ନିଯୋଗିବା ପାଇଁ
ସୁଯୋଗ ଦେଇଛି ଆଣି ।
ସ୍ନେହ, ସୌହାର୍ଦ୍ଦ୍ୟ ଓ   ଆପଣାପଣରେ
କରି ସଭିଙ୍କୁ ନିଜର
ଦେଶ, ବିଦେଶର   ସଦସ୍ୟଙ୍କୁ ନେଇ
ବଢ଼ାଇଛି କଳେବର ।
ଧାର୍ମିକ ଭାବନା   ଉତ୍ତମ ଚିନ୍ତନ
ଦେଇଥାଏ ବାଣ୍ଟି ନିତି
ସୁମଣିଷଟିଏ   ହେବାକୁ ପ୍ରେରଣା
ମାନସରେ କରେ ଭର୍ତ୍ତି ।
ଅନନ୍ୟା ସତରେ   ଅଟଇ ମହାନ
ଅନନ୍ୟ ତା ପରିବାର
ସର୍ବ ହୃଦୟରେ   ଝରୁଅଛି ଆଜି
ଭାଷା ସ୍ରୋତସ୍ୱିନୀ ଝର ।

ଅନ୍ତରଡ଼ା, ତରଭା, ସୁବର୍ଣ୍ଣପୁର.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନନ୍ୟା



ଶାନ୍ତିଲତା ପଣ୍ଡା

ସ୍ନେହ ମମତାର ଅଖଣ୍ଡ ସୂତାରେ
ଅନନ୍ୟା ଅଗଣା ଶୋଭେ
ନିରେଖି ଦେଖିଲେ ନାନାଜାତି ଫୁଲ
ମଣ୍ଡିତ ତାହାର ଗଭେ ।

ସାହିତ୍ୟ ସୌରଭ ବିଛୁରିତ ହୁଏ
ପ୍ରତି କବି ହୃଦୟରେ
ଏକମନ ପ୍ରାଣେ ବାସ ଚହଟୁଛି
ଦେଶ ଦୁନିଆର ଘରେ ।

କିଏ ନୁହେଁ ଧନୀ କେ ନୁହେଁ ଗରିବ
ସବୁତ ଏଠି ସମାନ
ଅନୁଭବର ସେ ଚଳନ୍ତି ପ୍ରତିମା
ସଭିଙ୍କୁ କରେ ପଠନ ।

ସ୍ନେହ ପ୍ରେମ ବୋଳା ଫୁଲ ଚାଙ୍ଗୁଡିଟେ
ଅନେକ ରଙ୍ଗର ରୂପ
ମିଶି ଝଟକୁଛି ଜମ୍ବୁରା ଗ୍ରାମରୁ
କବି ଲେଖକଙ୍କ ଟେକ ।

ଅତୁଟ ରହୁତା କଳେବର ଛିଟା
ଭିନ୍ନତା ନ ଆଣୁ ମନେ
ମାଆ ତାରିଣୀଙ୍କ ଅପାର କରୁଣା
ବର୍ଷୁଥାଉ ପ୍ରତିକ୍ଷଣେ ।

ବାଲେଶ୍ବର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନଳିନୀପ୍ରଭା



ନାରାୟଣ ଚନ୍ଦ୍ର
ସେନାପତି

ଅନନ୍ୟାର ଅନନ୍ୟ ପ୍ରତିଭା ନଳିନୀପ୍ରଭା
ମିଶ୍ରଙ୍କୁ ଜନ୍ମଦିନରେ ଶୁଭେଚ୍ଛା

ଅନନ୍ୟା ସରରେ ନଳିନୀ କୁସୁମ
ଅନନ୍ୟ ତାଙ୍କର ଗୁଣ ଗାରିମା
ସୁଦକ୍ଷା ଆଚାର୍ଯ୍ୟା ନିପୁଣା ପ୍ରତିଭା
ନୀତି ନିୟମର ସଦ୍ୟ ସୁଷମା ।

ପ୍ରତ୍ୟହ ତାଙ୍କରି ଲେଖନୀର ଛୁଆଁ
ଯେବେ ଦିଏ ଅନନ୍ୟାକୁ ଆଉଁସି
ପ୍ରଫୁଲ୍ଲ ଚିତ୍ତରେ କେତେ କଣ ଭାବି
ହୃଦୟ କନ୍ଦରୁ ଦିଏ ସେ ହସି ।

ଐତିହାସିକ ସେ ଗଂଜାମ ଭୁଇଁରେ
ଆଜିର ଦିନରେ ତାଙ୍କ ଜନମ
ବାଷଠି ବର୍ଷ ଅତିକ୍ରମ ହେଲା
ପବନ ବି କରେ ତାଙ୍କ ସୁନାମ ।


ତାଙ୍କ ବ୍ୟବହାର ଅନନ୍ୟା ମଞ୍ଚରେ
ସଭିଙ୍କୁ ଯୋଗାଏ ନୂଆ ପରଶ
ଆଦର ସମ୍ମାନ ପାଆନ୍ତି ସଭିଠୁ
ଉଦାର ଚେତା ସେ ଚିର ନମସ୍ୟ ।

ଆଜି ଏଇ ଶୁଭ ଜନମ ଦିନରେ
ଜଣାଏ ନିୟୁତ କୋଟି ଶୁଭେଚ୍ଛା
ହେ କଳା ଠାକୁର ଭର ହେ ଆଶିଷ
ପୁରି ଉଠୁ ତାଙ୍କରି ମନୋବାଞ୍ଛା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମନ ଅଗଣା



ବିନୋଦିନୀ ଦାଶ

(ଛନ୍ଦ-କୌଶିକ)

ମନ ଅଗଣାରେ ପ୍ରତି ମୁହୂର୍ତ୍ତରେ
ଦୋଳି ଖେଳେ ନାନା ଭାବନା
ଆଶା ନିରଶାର ଘଟି ସମାହାର
କରାଇ ଉଦବିଘ୍ନ ମନା
ଦିଏ ଚେତାଇ
ଜୀବନ ସ୍ୱରୂପ ଏମିତି
ପୂର୍ଣ୍ଣ ଅପୂର୍ଣ୍ଣରେ ସୁଖରେ ଦୁଃଖରେ
ମାନବ କରୁଥାଏ ଗତି ।

ପ୍ରାଙ୍ଗଣ ସୁନ୍ଦର ହଟାଇ ଅନ୍ଧାର
ଜାଳିଲେ ଜ୍ଞାନର ପ୍ରଦୀପ
ସତ୍ୟ, ଧର୍ମ, ନ୍ୟାୟ ଦୀପାବଳିମୟ
ଜୀବନ ହୋଇଲେ ବି ଧୂପ
ଥିବ ସଜ୍ଜିତ
ନିରିମଳ ଭାବମୂର୍ତ୍ତିରେ
ଦିଶିବ ସୁଦିଶା ମନରେ ଭରସା
ବିଶ୍ୱାସକୁ ଧରି ସାଥିରେ ।

ସେ ଠାବରେ ଯେବେ ହିଂସା, ଦ୍ୱେଷ ତେବେ
ଅସତ୍ୟ, ଅଧର୍ମ, ଅନ୍ୟାୟ
ଦୃଢ଼ ହୃଦୟର ଭାଙ୍ଗଇ ପ୍ରାଚୀର
ମନ ତୋଳଇ ହାୟ ହାୟ
ଚିତ୍ତ ଅଶାନ୍ତେ
ପରିବେଶ ହରାଇ ଶାନ୍ତି
ଭ୍ରମରେ ଭ୍ରମିତ ସମ୍ପର୍କରେ କ୍ଷତ
ଅଧୋଗତିକୁ ଧାଏଁ ମତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାରି ମନୋବଳ ଯେ ହୁଏ ବିକଳ

ଅଗଣାଟି ଖାଲି ଦିଶଇ

ମଉଳି ପଡ଼ଇ ଯେତେ ବାସଫୁଲ

ବାସହୀନ ଭାବେ ଘୂରଇ

ସିନା ଉଦ୍ଯୋଗ

ବଳେ ସବୁର ସମାଧାନ

ଅଗଣା ସୁନ୍ଦର ଦିଶି ମନୋହର

ସୁଦୃଢ଼ ସମ୍ପର୍କ ବନ୍ଧନ ।

କୁରୁଆଁ, ମୁଗପାଳ, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାର୍ତ୍ତିକ ମାସରେ ପୂଣ୍ୟପଞ୍ଚୁକ



ରୀନା ବେହେରା

ଶୀତୁଆ ସକାଳରେ କାର୍ତ୍ତିକ ଆସିଛି ଧାଇଁ
ପୂଣ୍ୟ ଦାନ ଧର୍ମ ର ମାସ ନେଇ
ଧରା ବକ୍ଷରେ ଡାକ ଦେଲାଣି
ଭକ୍ତ ଶ୍ରଦ୍ଧାଳୁମାନେ ପାହାନ୍ତିଆ ବୁଡ଼ ପକାଇବା ପାଇଁ

କାର୍ତ୍ତିକ ମାସରେ ପୂର୍ଣ୍ୟ ପଞ୍ଚୁକ
ଏହି ମାସରେ ଦାନ ପୂଣ୍ୟ ହୁଏ ଅନେକ
କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ
ପାଞ୍ଚ ଦିନ ଧରି ପାଳିତ ହୁଏ ପଞ୍ଚୁକ
ଏହି ପଞ୍ଚୁକ କୁ କୁହାଯାଏ ବକ ପଞ୍ଚୁକ

ପାହାନ୍ତି ପହରୁ କାର୍ତ୍ତିକ ବୁଡ଼ ଦେଇ
ଦେବାଳୟ ଯାଉ ଭଗବାନଙ୍କୁ ଦର୍ଶନ ପାଇଁ
ତୁଳସୀ ଚଉରା ମୂଳରେ ଆଙ୍କୁ ମୁରୁଜ ପକାଇ
ରାଧା ଦାମୋଦର ଗୀତ ଗାଇ ଗାଇ
ମାଆ ବୃନ୍ଦାବତୀଙ୍କୁ ଜୁହାର ହୋଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଞ୍ଚୁକ ପାଳୁ ମନରେ ହରଷ ନେଇ

ଶ୍ରୀକ୍ଷେତ୍ରରେ ଭୋର ଚାରି ଟାରୁ ହୁଏ ନୀତି କାନ୍ତି
ପଞ୍ଚୁକ ର ପ୍ରଥମ ଦିନରେ
ମହାପ୍ରଭୁ ଲକ୍ଷ୍ମୀ ନାରାୟଣ ବେଶରେ
ଭକତ ଙ୍କୁ ଦିଅନ୍ତି ଦରଶନ
ପଞ୍ଚୁକର ଦ୍ୱିତୀୟ ଦିନରେ ପ୍ରଭୁ ହୁଅନ୍ତି ବାଙ୍କଚୂଡ଼ା ବେଶ
ତୃତୀୟ ଦିନରେ ପ୍ରଭୁ ହୁଅନ୍ତି ତ୍ରିବିକ୍ରମ ବେଶ
ଚତୁର୍ଥ ଦିନରେ ପ୍ରଭୁ ହୁଅନ୍ତି ଲକ୍ଷ୍ମୀ ନୃସିଂହ ବେଶ
ଶେଷରେ କାର୍ତ୍ତିକ ପୂର୍ଣ୍ଣିମା ତିଥିରେ
ରାଜାଧି ରାଜା ବେଶରେ ଭକ୍ତଙ୍କୁ ଦିଅନ୍ତି ଦର୍ଶନ

ଶ୍ରୀକ୍ଷେତ୍ର, ସାରା ମନ୍ଦିର ମଠ ହୋଇ ଉଠେ ଚଳଚଞ୍ଚଳ
ଶ୍ରଦ୍ଧାଞ୍ଜଳୁଙ୍କ ମନ ଭକ୍ତିରେ ହୁଏ ପ୍ରଫୁଲ୍ଲ
ପଞ୍ଚୁକରେ ଏହି ବେଶ କରି ଦର୍ଶନ
ଭକ୍ତ ହବିଷ୍ୟାଳିଙ୍କ ଜୀବନ ହୁଏ ଧନ୍ୟ ଧନ୍ୟ
ହବିଷ୍ୟାଳିମାନେ ଏକ ମାସ ଧରି ପାଳନ୍ତି କାର୍ତ୍ତିକ ବ୍ରତ
ହବିଷ୍ୟାଳିମାନଙ୍କ ପାଇଁ ପଞ୍ଚୁକ ବ୍ରତ ଅଛି ମହତ୍ତ୍ୱ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆମିଷ ଭୋଜନ ନିଷେଧ ହୁଏ ପଞ୍ଚୁକ ପାଞ୍ଚଦିନ
ସକାଳ ସଞ୍ଜରେ ଶ୍ରଦ୍ଧାଳୁ କରନ୍ତି ନାମ ସଂକୀର୍ତ୍ତନ
ସାତ୍ତ୍ୱିକ ଆହାର କରୁ ଭୋଜନ
କାର୍ତ୍ତିକ ମାସରେ ପୂଜା ପାଠ ରେ ରଖୁ ଧ୍ୟ୍ୟାନ

ବକ ମଧ୍ୟ ଖାଏ ନାହିଁ ଆମିଷ
ପାଳିଥାଏ ସିଏ କାର୍ତ୍ତିକ ମାସ
ବିଧି ସଂକଳ୍ପେ ରହି ଉପବାସ
ଶ୍ରଦ୍ଧାଞ୍ଜଳୁ ହୃଦୟରେ ପାଳନ୍ତି ହବିଷ

କାର୍ତ୍ତିକ ମାସର ପୂର୍ଣ୍ଣିମା ପାହାନ୍ତିଆ
ଆ -କା-ମା -ବୈ ପାନ ଗୁଆ ଧୋଇ
ଏହି ଗୀତ ଗାଇ ଗାଇ
ଓଡ଼ିଶାର ଐତିହ୍ୟ ଗୌରବ କୁ ମନେ ପକାଇ
ମାସକ ଯାକର ପୁଣ୍ୟ ଅର୍ଜବା
କଦଳୀ ପାଟୁଆ ରେ ଡଙ୍ଗା  ଭସାଇ

ପାରାଦ୍ୱୀପ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗରବ ତୁମର ଯିବରେ ଭାଙ୍ଗି



ଶିଶିର କୁମାର
ପଣ୍ଡା

କେଡ଼େ କେଡ଼େ ରଥୀ ଗଲେଣି ବାହୁଡ଼ି
ଦୁନିଆଁରୁ ଶେଷେ କିଛି ନ ନେଇ
କିଏ ବା ତାହାଙ୍କୁ ପୁଜୁଛି କହିଲ
ଭକତିରେ ଫୁଲ ଚନ୍ଦନ ଦେଇ ?
ଖାଲିହାତେ ଆସି ଖାଲିହାତେ ଯିବା
ଏଇ କଥା ଯଦି ଅଟଇ ସତ
ତେବେ କିଆଁ ଆମେ ବିବେକ ସହିତ
ମଣିଷପଣିଆ କରିବା ହତ ?
ଅଳିକ ଜୀବନ ଅଢ଼େଇ ଦିନିଆଁ
ଅଭିନୟ ଯାହା କରିବା ଖାଲି
ଆଖି ବୁଜିଦେଲେ ସବୁ ସରିଯିବ
ଭୁଲିବ ମଣିଷ ଆମକୁ କାଲି ।
ଧନ ଦଉଲତ କାମ ଦେବନାହିଁ
ଗରବ ତୁମର ଯିବରେ ଭାଙ୍ଗି
ଆପଣା ମଣିଷ ଘଡ଼ିଏ କାନ୍ଦିବେ
ଫଟୋକୁ ଥୋଇକି ଅଥବା ଟାଙ୍ଗି ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜନମ ଜଣାଣ



ଶୁଭ ସାର୍ଥକ

ଜଳୁଛି ଜୀବନ ଜିଅନ୍ତା ଜୁଇରେ
ଜନମ ଜଣାଣ ଜପି
ପଢୁଛି ପାଉଁଶ ପରାଣ ପୁରାଣ
ଗୋଲମି ଗୁମର ଗପି ।।।

ନରର ନିର୍ବାଣ ନାରୀ ନିର୍ମାଲ୍ୟରେ
ନାରୀକୁ ନିଅଣ୍ଟ ନର
ନାଭିରେ ନ"ମାସ ନିବୁଜି ନାରି"ଟେ
ନୀତିର ନିର୍ଘଣ୍ଟେ ପର ।।।

ରକ୍ତ ରଙ୍ଗଉଛି ରତିକ୍ରୀଡ଼ା ରତୁ
ଗଣିକାଙ୍କ ଗେଲ ଗୋଠେ
ଜାତି ଯତିପାତ ବର୍ଣ୍ଣର ବିସର୍ଗ
ତୁଚ୍ଛ ତରୁଣତା ତୁଠେ ।।।

ଓହଳା ଓଠର ମଧୁ ମକରନ୍ଦ
ପୂଟ ପାଇଁ ପ୍ରିୟା ପୋଷ
ପ୍ରୀତି ପ୍ରଲେପରେ ଭାର ଭାର ଭରେ
ଅଭିଶାର ଅବଶୋଷ ।।।

ନର'ତ ନୃଶଂସ, ନାରୀ'ତ ନିର୍ଲଜ
ଯୁଗ ଜଡ, କର୍ମ କୂଢ଼
ନିର୍ବାସନ ନିଏ ନୀତି ନନ୍ଦିଘୋଷ
ମଣିଷକୁ କହି ମଢ଼ ।।।

ଯୁକ୍ତ ତିନି ପ୍ରଥମ ବର୍ଷ
ରାଜନୀତି ବିଜ୍ଞାନ ସମ୍ମାନ ଛାତ୍ର
ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ,
ଫୁଲବାଣୀ, କନ୍ଧମାଳ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଫନୀ ମହାବାତ୍ୟାର ଦୁଃଖ



ରମାକାନ୍ତ ସେଠ୍

ଦୋବନ୍ଧା ଗାଁରେ ପବନ ଆସିଲେ
ଫନୀ ମହାବାତ୍ୟାର ବୀଭତ୍ସ ଚିତ୍ର ଗୁଡାକ,
ସ୍ମୃତି ପଟରେ ଯେମିତି ଅସ୍ତବ୍ୟସ୍ତ ହୁଅନ୍ତି
ଦ୍ୱିପ୍ରହରର ବ୍ରହ୍ମରାକ୍ଷସଟା ବୁଢ଼ାବଳଙ୍ଗରୁ
ମୁଣ୍ଡଟେକି ଅନାଏ କରେଣ୍ଟ ଲାଇନ୍ ଜଳୁଥିବା
ମଣ୍ଡପ ପାଖକୁ ।
ଆଉ କଳନା କରିହେଉ ନାହିଁ ଆଖିକୁ
ଖୁବ୍ ଶୀଘ୍ର ପବନ ଗୁଡାକ ନଅଙ୍କ ଦୁର୍ଭିକ୍ଷରେ ବଳିପଡିଥିବା
ଶହଶହ ଶବ ମାନଙ୍କୁଧରି
ଦୁମ୍ ଧୁମ୍ କରି ଧସେଇ ପସୁଛି ଗାଁ ଭିତରକୁ । ୧

ଆଣ୍ଠୁଗଣ୍ଠି ଛିଣ୍ଡି ଲହୁଲୁହାଣ ରକ୍ତରେ
ଜୁଡ଼ୁବୁଡ଼ୁ ସାରା ଗାଁ ଦାଣ୍ଡ,
ନାଲି ସିନ୍ଦୂରକୁ ବୋଳିହୋଇ ଗ୍ରାମଦେବୀ ବୁଢୀମା
ସ୍ତମ୍ଭୀଭୂତ ହୋଇଛି କିଛି ମୁହୂର୍ତ୍ତ ପାଇଁ,
ମେଞ୍ଚା ମେଞ୍ଚା ଫେଣରେ ମଇଁଷି ଗୁଡାକ
ମୁହଁଟେକି ରଡି ଛାଡୁଛନ୍ତି ଖମାର ଡିହରେ
ନିସ୍ତୁକ ପବନ ଗୁଡାକ ଅଳ୍ପ ମୁହୂର୍ତ୍ତରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଦଳାଇ ଦେଲା ଗାଁ ମାନଚିତ୍ରତକ ॥ ୨

ବୋଉ ଚୁଲି ଉପରୁ ଭାତହାଣ୍ଡିଟା ନକାଢୁଣୁ
କରାଳ ଦୃଷ୍ଟିରେ ଚାହିଁ ରହିଥିବା
ଛଣଛପର ଘରର ଶେଣୀ ଗୁଡାକ ଓହଳି ଗଲା
ମାଟି ଉପରେ
ଜେଜେ ଅମଳର ଗୁଆ, ନଡ଼ିଆ, ଚାକୁଣ୍ଡା ଗଛସବୁ
ଦୁମ୍ ଦୁମ୍ କରି ଲଦିହେଇଗଲା,
ମାଟି କାନ୍ଥର ଘରଉପରେ ।॥ ୩

ଦାଣ୍ଡ କବାଟର ତାଟିଖୋଲି
ସମସ୍ତେ ଅସ୍ତବ୍ୟସ୍ତ ହେଇ ଧାଇଁ ଚାଲିଛନ୍ତି
ଏ ଘରରରୁ ସେ ଘରକୁ, ଜଣଙ୍କ ଠୁ ଅନ୍ୟ ଜଣଙ୍କ ପାଖକୁ
ପରିଚୟ ପୋଥି ଗୁଡାକ କାଖରେଜାକି
କଳା ଅନ୍ଧାରରେ ସମସ୍ତ ପ୍ରହରୀ ଶୋଇଗଲାପରେ
ଠିକ୍ ବସୁଦେବଙ୍କ ପରି ବୋଉ ମଧ୍ୟ ଚାଲିଗଲା
ସାହୁଘର ଦାଣ୍ଡପିଣ୍ଡାକୁ. ।।।। ୪

ପାରିଦୋବନ୍ଧା, ବସୁଦେବପୁର, ପୁରୀ
ଦୂରଭାଷା - ୮୪୮୦୭୭୭୫୪୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂପର୍କଠୁ ବିଶ୍ୱସ୍ତ ସୋସିଆଲ୍ ମିଡ଼ିଆ



ପଙ୍କଜ କୁମାର
ମଙ୍ଗଳ

ଜୀବନ ସହ ସଂଶ୍ଲିଷ୍ଟ ସମ୍ପର୍କ ବନ୍ଧନ,
ରକ୍ତର ହେଉ ଅବା ମାନସ ସ୍ୱୀକାରଣ ।
ବର୍ତି ନ ପାରିବେ ଏ ବନ୍ଧନରୁ କେହି,
ବଞ୍ଚିବାକୁ ହେବ ସଭିଙ୍କୁ ପ୍ରାଧାନ୍ୟ ଦେଇ ।
ଭିନ୍ନ ସମ୍ପର୍କର ଭିନ୍ନ ଆକାଂକ୍ଷା ଏ ନିଜ ଉପରେ ନ୍ୟସ୍ତ,
ସମ୍ପର୍କର ମାଧୁର୍ଯ୍ୟ ଆଶା ପୂର୍ତ୍ତିରେ ହୁଏ ମର୍ଯ୍ୟାଦା ଥିଲେ ଅତୁଟ ।

ଜନନୀ ପାଇଁ ଯେଉଁ ସୀମା ରହିଥାଏ,
ଜନକ ପାଇଁ ଭିନ୍ନ ହୁଏ ।
ଭ୍ରାତା- ଭଗ୍ନୀ ପାଇଁ ଭିନ୍ନ ହୁଏତ ସଖା ପ୍ରୀତି ଭିନ୍ନ ଥାଇ,
କାଳତି ପାତ କରେ ଜୀବ ସଭିଙ୍କ ଭିତରେ ସୁଖ ସନ୍ତୋଷର ଆଶା ନେଇ ।
ବିଶ୍ୱାସ ଭରସା ପୁଣି ସମର୍ପଣ ମାନବିକତା ଯେ ଯାଏଁ ଥାଏ,
ପ୍ରତି ସମ୍ପର୍କରେ ଅତୁଟ ବନ୍ଧନ ଯୁଗ ଯୁଗ ରହିଥାଏ ।

ରିପୁ ହେଲେ ବି ସେ ଏକ ସମ୍ପର୍କ ସେଠାରେ ନ ଥାଏ ଏ ନିୟମ,
ଛଳନା, ପ୍ରତାରଣା ଅବା ହିଂସା ବଳେ ବିତେ ଉଭୟଙ୍କ ଜୀବନ ।
ପରିବର୍ତ୍ତନ ହେଉଛି ଅଧୁନା ସମାଜ ବିଶ୍ୱାସ ହାରୁଛି ବିଶ୍ୱାସୀ ମଣିଷ,
ସମ୍ପର୍କଠାରୁ ଶ୍ରେଷ୍ଠ ବିଜ୍ଞାନୀ ଉଦ୍ଭାବନ ଆଉ ସମ୍ପର୍କରେ ନାହିଁ ବିଶ୍ୱାସ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମର୍ପଣ ଆଜି ଦୂର ଭାଷି ପାଇଁ ସମ୍ପର୍କ କେମିତି ମାଧୁର୍ଯ୍ୟ ହେବ,
ଅଣନିଶ୍ୱାସୀ ଏବେ ବିଶ୍ୱାସ ଲାଗୁଛି କେତେ କ୍ଷଣ ଆଉ ସମ୍ପର୍କ ତିଷ୍ଠିବ ।

ଗୋପନେ ଗୋପନେ ଚାଲଇ ଖେଳ ସାମ୍ନାକୁ ଆସିଲେ ଆଖି ଛଳଛଳ,
ସଭିଙ୍କ ଆଶା ସାଧୁତା ଥାଉ ତଥାପି ସମ୍ପର୍କ ଲାଗେ ଦୁର୍ବଳ ।
ଦୂର ରାଇଜରେ ଅଚିହ୍ନା ଜଣେ ସୋସିଆଲ ମିଡ଼ିଆ କଲେ ଉଦ୍ଭାବନ,
ମଜିଲେଣି ସର୍ବେ ହୋଇ ଏକାକାର ବତାନ୍ତି ଏ ପରା ଆମ ମନୋରଞ୍ଜନ ।
ମର୍ଯ୍ୟାଦାର ତଣ୍ଟିକୁ ଚିପି ଭାବ ଗଢ଼ି ଉଠେ ଅଚିହ୍ନାଠାରେ,
ଭୁଲି ପରିବାର ଅନୁଶାସନ ସମୟ ବିତେ ଭାବ ଆଦାନ ପ୍ରଦାନରେ ।

ସମ୍ପର୍କୀୟଠୁ ଗୁପ୍ତରେ ରଖି ବିଶ୍ୱାସ ଯତାନ୍ତି ଅନ୍ୟଠାରେ,
ଗପନ କଥାକୁ ପରଠେ ପ୍ରକାଶି ସମ୍ମାନ ଦିଅନ୍ତି ନିଲାମରେ ।
ଦୂରତା ବଢୁଛି ସମ୍ପର୍କ ଭିତରେ ସନ୍ଦେହ କଲାଣି ଘର,
ହତ୍ୟା, ଆତ୍ମହତ୍ୟା, ନିର୍ଯାତନା କମିବ କେମିତି ଯଦି ଅଚିହ୍ନା ଲାଗେ ନିଜର ।
ଲୁଚେଇ ଛପେଇ ବାର୍ତାଳପ ଚାଲେ ସଙ୍କେତ ଶବ୍ଦ ସବୁଠୁ ବିଶ୍ୱସ୍ତ,
ସମ୍ପର୍କୀୟଙ୍କ ଆକଟ ବିଷପରି ଲାଗେ ଏଡ଼ାଇ ଦିଅନ୍ତି ହୋଇ ବିରକ୍ତ ।

ବଡ଼ପାହି, ଭୋଗରାଇ, ବାଲେଶ୍ୱର
ଦୂରଭାଷ-୭୬୪୯୯୩୬୬୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଟିର ମଣିଷ



ଧୀମାନ୍ ଜୟଦେବ ମାଝୀ

ଶସ୍ୟ ଶ୍ୟାମଳ   ବୃକ୍ଷ ତରୁଲତା
କେତେ ସରସ ସୁନ୍ଦର
ପାହାଡ ଘେରା   ଗାଆଁଟି ମୋର
ଶୁଭେ ମଧୁର ବିହଗ ସୁର   ||୧||

ସରଳ ଜୀବନ   ଝାଟିମାଟି ଘର
ସଦା ମନେ ହରଷ
ସୁଖ ସଂସାରର   କେତେ ଝଡ଼ଝଞ୍ଜା
ନିର୍ବାକ ମାଟିର ମଣିଷ   ||୨||

ଛିଣ୍ଡା ଚପଲକୁ   କାନ୍ଧେ କୋଦାଳ
ଧୂଳିରେ ଗଢ଼ା ମୋ ଶରୀର
ପାହାନ୍ତି ସକାଳୁ   ବିଲକୁ ଯାଏ
ଖରା,ବରଷାକୁ ନଥାଏ ଡର   ||୩||

ମାଟିର ମଣିଷ   ଚଷା ପୁଅ ମୁହିଁ
ହାତେ ଲଙ୍ଗଳ ଶିଆର
ଧରଣୀ କୋଳେ   କରମ ମୋହର
ସଭିଙ୍କୁ ଯୋଗାଏ ଆହାର   ||୪||

ମାଟିର ମଣିଷ   ମାଟିର ମହକେ
ବୋଲାଏ ଚଷା ପୁଅରେ
ସକାଳୁ ସଞ୍ଜ   ମୁଣ୍ଡଝାଳ ତୁଣ୍ଡରେ
ଖଟଇ ବିଲ କିଆରେ   ||୫||

ଆଷାଢ଼ର ପହିଲି   ବରଷା ରାଣୀ
ବରଷଇ ମୂଷଳ ଧାରାରେ
ମାଟି ମାଆର   ସନ୍ତାନ ବୋଲି
ମନ ଲଗାଏ ବିଲରେ   ||୬||

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁଜ କ୍ଷେତରେ ଦିନ କଟେ ମୋର
ଭୋକର ବେଦନା ସହି
ସଭିଁଙ୍କ ମୁହଁରେ ଦାନା ଟିକ ପାଇଁ
ପଛଘୁଞ୍ଚା ଦେଇ ନାହିଁ ॥୭॥

ଅଳପ ଜମିରେ ଫସଲ କରି ଯେ
ଆନନ୍ଦରେ ଯାଏ ଚଳି
ମାଟିର ମଣିଷ ଅପାଠୁଆ ବୋଲି
ଚଷା ପୁଅ ବୋଲାଇଲି ॥୮॥

କଲେଜ ଛକ୍, କଟକ
ପିନ୍- ୭୫୩୦୦୩
ଦୂରଭାଷା - ୮୧୧୪୩୧୭୬୭୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ କହୁନି ଗାନ୍ଧୀ ହୁଅ !



ପ୍ରଭାସ କୁମାର
ମହାପାତ୍ର

ମୁଁ କହୁନି ଭାଇ ଭଗ୍ନୀ ଗାନ୍ଧୀ ହୁଅ
ଧୋତି ପିନ୍ଧ, ବାଡ଼ି ଧର ।
ମୁଁ କହୁଛି ତୁମେ ସତ୍ୟ କୁହ ହିଂସା
ଛାଡିଣ ଅହିଂସା କର ॥
ମୁଁ କହୁନି ଭାଇ ଭଗ୍ନୀ ଗାନ୍ଧୀ ହୁଅ ॥।

ମୁଁ କହୁନି ଭାଇ ଭଗ୍ନୀ ଗାନ୍ଧୀ ହୁଅ
ଅଣ୍ଟାରେ ଘଣ୍ଟା ଲଗାଅ ।
ମୁଁ କହୁଛି ସମୟାନୁବର୍ତ୍ତୀ ହୁଅ
ନିଜକୁ ସମ୍ମାନ ଦିଅ ॥
ମୁଁ କହୁନି ଭାଇ ଭଗ୍ନୀ ଗାନ୍ଧୀ ହୁଅ ॥

ମୁଁ କହୁନି ଭାଇ ଭଗ୍ନୀ  ଗାନ୍ଧୀ ହୁଅ
ସୂତା କାଟି ଲୁଗା ବୁଣ ।
ମୁଁ କହୁଛି ତୁମେ ଖଦି ମାନ ରଖ
ଦେଶର ସମୃଦ୍ଧି ଆଣ ॥
ମୁଁ କହୁନି ଭାଇ ଭଗ୍ନୀ ଗାନ୍ଧୀ ହୁଅ ॥।

ମୁଁ କହୁନି ସର୍ବେ ତୁମେ ଗୀତା ଧର
ସନ୍ଥ  ବ୍ରହ୍ମଚାରୀ ହୁଅ ।
ମୁଁ କହୁଛି  ଭଗ୍ନୀ ଭାଇ ଗୀତା ପଢ଼
ବ୍ରହ୍ମଚର୍ଯ୍ୟ ତୁମେ ପାଳ ॥
ମୁଁ କହୁନି ଭାଇ ଭଗ୍ନୀ ଗାନ୍ଧୀ ହୁଅ ॥

ମୁଁ କହୁନି ଶହେ ଗାନ୍ଧୀ ବାଦୀ ହୁଅ
ମିଛର ଭାଷଣ ଦିଅ ।
ମୁଁ କହୁଛି ଭାଇ ଭଗ୍ନୀ ଜଣେ ହୁଅ
ସତ୍ୟର ଭାଷଣ ଦିଅ  ॥
ମୁଁ କହୁନି ଭାଇ ଭଗ୍ନୀ ଗାନ୍ଧୀ ହୁଅ ॥।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁଁ କହୁନି ଭାଇ ଭଗ୍ନୀ ଗାନ୍ଧୀ ହୁଅ
ଗାନ୍ଧୀ ବାଦୀ ଅବା ହୁଅ ।
ମୁଁ କହୁଛି ତୁମେ ଏକାଦଶ ବ୍ରତ
ଜୀବନେ ଆଚରି ନିଅ ॥
ମୁଁ କହୁନି ଭାଇ ଭଗ୍ନୀ ଗାନ୍ଧୀ ହୁଅ ।

ମୁଁ କହୁନି ଭାଇ ଭଗ୍ନୀ ଗାନ୍ଧୀ ହୁଅ
ତୁମ ସ୍ୱପ୍ନକୁ ହରାଅ ।
ତୁମେ ତୁମ ପରି ହୁଅ ଭଲ ହୁଅ
ଜୀବନେ ଆଗେଇ ଯାଅ ॥
ମୁଁ କହୁନି ଭାଇ ଭଗ୍ନୀ ଗାନ୍ଧୀ ହୁଅ ।
ମୁଁ କହୁନି ଭାଇ ଭଗ୍ନୀ ଗାନ୍ଧୀ ହୁଅ ॥
ମୁଁ କହୁନି ଭାଇ ଭଗ୍ନୀ ଗାନ୍ଧୀ ହୁଅ ।॥

ମୟୁରଭଞ୍ଜ, ଓଡିଶା
ଦୂର ଭାଷ -୯୮୬୧୬୦୮୩୦୭

 Magazine Downloaded from www.aahwaan.com

# କନ୍ୟାରତ୍ନ ଅନନ୍ୟା



ଅମରନାଥ ବାରିକ

ପ୍ରଚଣ୍ଡ ପ୍ରଳୟ ମଧ୍ୟରେ ସହିଷ୍ଣୁ
ମରୁଭୂମି ପାଇଁ ବର୍ଷା ତୁହି
ସନ୍ଧ୍ୟା ଆଳତିର ସୁଗନ୍ଧ କର୍ପୂର
ପୂଜା ପାଇଁ ଲୋଡ଼ା ଫୁଲ ତୁହି ।

ଚାତକର ସ୍ୱନକ୍ଷତ୍ର ଜଳ ବିନ୍ଦୁ
ଅମା ରାତ୍ରିର ଆଲୋକ ତୁହି
ଦୁଃଖ ଦରିଆର ପରମ ଆନନ୍ଦ
ପଂକ ପୁଷ୍କରିଣୀ ପଦ୍ମ ତୁହି ।

ଶୁଷ୍କ ଜଙ୍ଗଲରେ ବୃଷ୍ଟିପାତ ରାଶି
ସଙ୍ଗୀତ ସ୍ୱର ସାଧନା ତୁହି
ତୋ' ବିନା ଅଚଳ ଛୋଟ ଏ ସଂସାର
ସବୁ ମିଳେ ପାଶେ ଥିଲେ ତୁହି ।

ମାତୃ ଭଗ୍ନୀ କାୟା ଜାୟା ରୂପ ପୁଣି
ଆଦିଶକ୍ତି ସୃଷ୍ଟିରୂପ ନେଇ
ପିତାମାତା ହେବା ସୌଭାଗ୍ୟ ଦେଇଛୁ
ଆସିଛୁ ଅନନ୍ୟା ଶିଶୁ ହୋଇ ।

ଶହେ ପୁତ୍ର ଥାଇ କି ଲାଭ ହୋଇବ
ତୋ ପରି କନ୍ୟାଟି ଯଦି ନାହିଁ
କୋଠା ଗାଡ଼ି ଧନ କିବା ପ୍ରୟୋଜନ
ତୋ ଭଳି ଝିଅର ବାପ ହୋଇ !

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପୂରିଗଲା ଆଜି ଦ୍ୱିତୀୟ ବରଷ

ଆସିଥିଲୁ ଏ ଦିନରେ ତୁହି

ଏ ଅଭୁଲା ତିଥି ପାରିବିନି ଭୁଲି

ସବୁ ଖୁସି ପାଇ ଗଲି ମୁଁହି ।

ଗ୍ରାମ ଦେବତୀଙ୍କ କୃପାଦୃଷ୍ଟି ଥାଉ

ସମାଜ ହିତ ସାଧନ ପାଇଁ

ରଖିଥାନ୍ତୁ ମାଆ ମଙ୍ଗଳରେ ତତେ

ଜନ୍ମ ଦିନେ ମୋ ଆଶିଷ ଏହି ।

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର

ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧

ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଶିଶୁଟିଏ



ଅମିତ କୁମାର ସାମନ୍ତରାୟ

ମୁଁ ଶିଶୁଟିଏ....

ଦେଖିଛି ଘରୋଇ ହିଂସା

ଶୁଣିଛି ମାଆ ଗାଲରେ ବାପା ହାତର

ଶକ୍ତ ଜବୁଡ଼ାର ଶବ୍ଦ !!

ବୁଝିପାରେନି କାରଣ ତାର

କାହିଁକି ନା ମୁଁ ଶିଶୁଟିଏ.. ଅବୋଧ !!

ମୁଁ ଶିଶୁଟିଏ...

ଦେଖିଛି କଳୁଷିତ ମଣିଷକୁ

ହାତରେ ବନ୍ଧୁକ ଆଉ ପୁଳାଏ ଟଙ୍କା ସହ

ମନରେ ଅନେକ ଦ୍ୱନ୍ଦ !!

ଅବୁଝା ସେ ସମ୍ବନ୍ଧ ଟଙ୍କା ଆଉ ବନ୍ଧୁକର

କାରଣ ମୁଁ ଶିଶୁଟିଏ ନିବୋଧ ଅବୋଧ !!

ମୁଁ ଶିଶୁଟିଏ...

ମୁଁ ପଢୁଛି ବଢୁଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍ୱପ୍ନ ଅଛି ଏକ ନୂଆ ଦୁନିଆଁ ଗଢିବି

ପୁଣି ଡରୁଛି ଅନ୍ଧାରକୁ

ପିଶାଚ ଓ ଭ୍ରଷ୍ଟାଚାରର ସ୍ଥାନ

ବୋଲି ଶୁଣିଛି !!

ମୁଁ ଶିଶୁଟିଏ ଅଧମ ଅଛି !!

ମୁଁ ଶିଶୁଟିଏ...

ସମସ୍ତେ କୁହନ୍ତି ଦେଶର ଭବିଷ୍ୟତ

ପଣ କରିଛି ଗଢିବି ଏକ ସୁସ୍ଥ ସମାଜ

ଯହିଁ ନଥିବ ଦାସତ୍ୱ ମଧୁମକ୍ଷିର ବସାପରି !!

ସକଳ ଜିଁଇବେ ମୁକ୍ତ ଆକାଶର ବିହଙ୍ଗ ପରି !!

ମୁଁ ଶିଶୁଟିଏ ରହୁଛି ଏତିକି ଶପଥ କରି !!

ଅମିତ କୁମାର ସାମନ୍ତରାୟ


ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଭାଟକୁମରଡା

ଗଞ୍ଜାମ, ଓଡ଼ିଶା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଜନନୀ ଆଖିରେ ଲୁହର ବନ୍ୟା



ନଳିନୀ ଦାଶ

କୋଟି ସନ୍ତାନର ଜନନୀ ଆଖିରୁ ବହୁଛି ଲୁହର ଝର
ଯନ୍ତ୍ରଣାର ଲୁହ ପିଇ ବଢ଼ାଇଲା ସ୍ୱଯତ୍ନେ ସନ୍ତାନ ତାର
କେଉଁ ଭୁଲ୍ ଥିଲା ତାର
ମାଆର ଆଖିରେ କିଏ ଭରିଦେଲା ତତଲା ଲୁହର ଧାର ।
ମଉଳି ଗଲାଣି ମନପୁଷ୍ପ ତାର ହୃଦୟ ଗଲାଣି ଫାଟି
ଆଶାର ସଳିତା ଲିଭିଲିଭି ଗଲା ଆସିଲା ଅନ୍ଧାର ଘୋଟି
କେ ଦେବ ବିଜୟ ଭେଟି
କେତେ ସନ୍ତାନଙ୍କ ଜୀବନ ଦିପାଳୀ ଗଲାଣି ମାଟିରେ ଲୋଟି ।
ସମର ପ୍ରାଙ୍ଗଣେ ସନ୍ତାନଙ୍କର ଟାଣମଥା ଗଲାଣି ନଇଁ
ଯୁଦ୍ଧ ସନ୍ତ୍ରାସେ ପ୍ରକମ୍ପିତ ହେଲା ବହିଲାଣିରକ୍ତର ନଈ
ମାଆ ତ ପାରୁନି ସହି
କେତେଶିକ୍ଷା ଦୀକ୍ଷା ଦେଇ ବଢ଼ାଇଲି ସମ୍ମାନ ରଖିଲ ନାହିଁ ।
ସବୁଜ ଶାନ୍ତ ସ୍ନିଗ୍ଧ ବକ୍ଷରେ ଅଶାନ୍ତ ଅନଳ ନିତି ଜଳେ
ସ୍ନେହଁ ମମତାର ବନ୍ଧନ ଛିନ୍ନ ହୋଇ ଗଲାଣି ତ କାଳ ବଳେ
କେଉଁ ଅପରାଧ ବଳେ
କାହାର କୋପରେ ପୁତ୍ରଗଣ ଲୋଟିଲେଣି ମାଟି ମାଆ କୋଳେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସନ୍ତ୍ରାସବାଦୀଙ୍କ ଆତଙ୍କରେ ଥରହର ହୋଇଲାଣି ମହୀ

ମାଓବାଦୀ ହାତେ ନିତି ମୁଣ୍ଡଗଡ଼େ ଆଖିରେ ଲୁହର ନଈ

ହୃଦୟ ହେଉଛି ଦହି

ଗୁଳି ବାରୁଦର ବିଷାକ୍ତଗନ୍ଧରେ ପଡ଼ିଲେ ନିସ୍ତେଜ ହୋଇ ।

କେତେ କଳିକାଙ୍କ ସୁନେଲି ସପନ କ୍ଷଣକେ ଗଲାଣି ଭାଜି

ରାହାଜାନୀ ନରସଂହାର କରଇ ମାନବ ଦାନବ ସାଜି

ଅଲିଅଳି କନ୍ୟା ଆଜି

ରାଜରାସ୍ତା ପରେ ଧର୍ଷିତା ହେଉଛି ମଣିଷତ୍ୱ ଗଲା ହଜି ।

ଜନନୀର ଯଶ ଗୌରବ ସମ୍ମାନ ସବୁ ହୋଇଲାଣି ମାଟି

ଶକ୍ତହୋଇ ବିଜୟ ଲଭିଲେ ମାଆ ମୁଖେ ଯିବ ହସ ଫୁଟି

ଭରସା ଗଲାଣି ତୁଟି

ଅନ୍ୟାୟ ଅସତ୍ୟ ଅନ୍ଧାର କ୍ଷଣକେ କ୍ଷିପ୍ର ବେଗେ ଆସେ ଘୋଟି ।

ରଚନା—ନଳିନୀ ଦାଶ,ଭିକାରିପଡା,ଶରଣକୁଳ, ନୟାଗଡ଼

ଦୂରଭାଷ—୭୩୭୦୦୯୫୨୪୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମରୀଚିକା



ଶୁଭମ ବେହେରା

ସପନରେ ଆସି ଗାପନରେ ଗଲ
ଦେଲ ନାହିଁ ମୋତେ ଦେଖା,
ମନ ଦେଇଥିଲି ଭଲ ପାଇଥିଲି
ପ୍ରେମରେ ମିଳିଲା ଧୋକା....

ମୋ ଜୀବନ ଠାରୁ ଅଧିକ ତୁମକୁ
ପାଉଥିଲି ଦିନେ ଭଲ,
ମଲା ଶବ ହୋଇ ଜିଁଇଛି ଜୀବନ
ଯେବେ ତୁମେ ଛାଡିଗଲ....

ରକ୍ତ ଗୁଡାକ ସବୁ ମୁକ୍ତ ଭାବରେ
ଲୁହ ହୋଇ ଝରି ଯାଏ,
ତୁମ କଥା ଭାବି ଭାବି କେତେବେଳେ
ରାତି ମୋର ବିତିଯାଏ....

କଥା ଦେଇଥିଲ ସାତ ଜନ୍ମ ଯାଏଁ
ସାଥିରେ ରହିବ ମୋର,
କେମିତି ଭୁଲିଲ ପୁରୁଣା ସ୍ମୃତିକୁ
ଛାତିକୁ କଲ ପଥର....

ହୃଦୟ କାନ୍ଥରେ ଲେଖିସାରିଥିଲି
ମୋ ନାଁ ସହିତ ତୁମ ନାଁ,
ଜ୍ୟୋତିଷକୁ ପଚାରିଲେ କ'ଣ ହେବ
କପାଳେ ନାହିଁ ତୁମ ନାଁ....

ପ୍ରୀତିପ୍ରଣତି ପରିଚାଳନା ସମ୍ପାଦକ
ଗ୍ରାମ:ମହାଲକ୍ଷ୍ମୀ ପୁର, ଜିଲ୍ଲା:କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚକାନୟନ ହେ ନଗଲା କଷଣ



ବର୍ଷାରାଣୀ
ମହାମଲ୍ଲିକ

ପତିତକୁ ତମେ କର ହରଣ
ସେଥିପାଇଁ ତମେ ପତିତପାବନ,
କିନ୍ତୁ ହେ ଶୁଣ ଚକାନୟନ
ଯେତେ ଭଜିଲେ ନ ଗଲା କଷଣ ।

କଲେ ଯେତେକ ତମକୁ ଗୁହାରୀ
ଉଦ୍ଧାରିଲ ପ୍ରଭୁ ବନବିହାରୀ,
ମୋ ଦୁଃଖ ଦିଶୁନି ଚକା ଆଖିକୁ
ଦିଶୁଥିଲେ ପ୍ରଭୁ କରନ୍ତେଣି ପାରି ।

ଚିରଦିନ ଦୁଃଖ ଦିଅ ମତେ ପ୍ରଭୁ
ତୁମ ନାମ ଭଜୁଥିବି ଭୁଲିଯାଇ ସବୁ,
ଦୁଃଖ ନେଇ ମତେ ଯଦି ସୁଖ ତୁମେ ଦେବ
କାହିଁକି ତୁମକୁ କୁହ ଏ ମନ ଖୋଜିବ ।

ତମେ କୃଷ୍ଣ ତମେ ରାମ ନାରାୟଣ
କିଛି ନୁହେଁ ତୁମକୁ ଅଜଣା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତମେ ଥାଉ ଥାଉ କହିବି କାହାକୁ
ହେବି ଯଦି ବାଟବଣା ।

ଦୁଃଖ ନାଶନ ବୋଲି ଜଗତ ଜାଣଇ
ମୁଁ ତ ପ୍ରଭୁ କହିବିନି,
କେବେ ମତେ ଦିନେ ସୁଖ ଦେଇଅଛ
ମୁଁ ତ ତାହା ଜାଣିନାହିଁ ।

ମୋ ଦୁଃଖ ପ୍ରଭୁ କର ନାହିଁ ଦୂର
ଆପତ୍ତି ନାହିଁ ହେ କିଛି,
ତମେ କିନ୍ତୁ ସଦା ଖୁସିରେ ହିଁ ଥାଅ
ଏତିକି ଚାହେଁ ଯେ ନିତି ।

ମୋର କିଛି ସୁଖ ଥିଲେ କେଉଁଠାରେ
ମିଳୁ ତତେ ଜଗା ଧନ,
ଚକାନୟନ ଏଇ ମୋ ଜୀବନୁ
କେବେ ନ ଗଲା କଷଣ ।

ଜିଲ୍ଲା :ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୀତୁଆ ସକାଳ



ଶାନ୍ତନୁ କୁମାର
ରାଉତ

ଶୀତୁଆ ସକାଳ କଅଁଳ ଖରାରେ
ସୋରିଷ ଫୁଲର କ୍ଷେତ
ମନ ଉପବନେ ଆନ୍ଦୋଳିତ ହୁଏ
ଦେଖି ହୁଏ ବିମୋହିତ

ହଳଦୀ ବସନ୍ତ ରଙ୍ଗରେ ସଜ୍ଜିତ
ସୌନ୍ଦର୍ଯ୍ୟ ପଣତେ ଧରା
ଶୀତ ସକାଳର ଶିଶିର ଟୋପାକୁ
ଇର୍ଷା କରେ ସଜ ଖରା

ନାନା ପ୍ରଜାତିର ପତଙ୍ଗ ସହିତ
ଭ୍ରମର ଦିଅନ୍ତି ଝିଣି
ତଟ ପାର୍ଶ୍ୱର ଷେ ଥୁଣ୍ଟା ବରଗଛେ
କାକଳି ଗାଏ ରାଗିଣୀ

କୋହଲା ପବନ ଦୋହଲା ଜଡରେ
ଗୁଣୁ ଗୁଣୁ ଦିଏ ଗାଇ
ସୋରିଷ ଫୁଲର ହଳଦିଆ କ୍ଷେତ
କ୍ଷେତପ୍ଦ୍ୱୋରେ ଚାଷି ଭାଇ

ପାଟରଙ୍ଗା, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନ



ଗୁଣମତୀ ଭୋଇ

ନିଶ୍ଚଳ ନୟନେ ଗୁଡ଼ିଏ ସପନ

ଅର୍ଦ୍ଧେ ସଦ୍ୟ ଜୀବନ୍ତ

ଆଉ ଅର୍ଦ୍ଧେ ଜୀବନ୍ତ ଦଗ୍ଧ

ସମୟର ଭାବ ବିହ୍ୱଳତା ଆଗେ

ଛିଣ୍ଡିଯାଏ ଭାବ ସ୍ୱପ୍ନ ସାଥେ

ସତେ ଯେମିତି ଗୃହର ଚାରିକାନ୍ଥ

ଜଞ୍ଜାଳ ମାୟାରେ କରେ ଶ୍ୱାସରୁଦ୍ଧ

କେବେ କାହା ଖୁସି ପାଇଁ ନିଜେ ମରି

ତ ଆଉ କେବେ ନିଜ ପାଇଁ ସପନକୁ ମାରି

ଯେମିତି କେଉଁ ଦୂର ପ୍ରାଚ୍ୟପ୍ରାନ୍ତରୁ

ମନ ମରୀଚିକା ସୃଷ୍ଟି ହୁଏ ଭ୍ରାନ୍ତରୁ

ଆଭାସ ଦେଇ ଚାଲେ ଜ୍ୱଳନ୍ତ ବହ୍ନିର

ସଜ ଯୁଇ ସାଜି ପଥ ଭ୍ରଷ୍ଟ ସ୍ୱପ୍ନ ର

ଅର୍ଦ୍ଧେ ସଦ୍ୟ ଜୀବନ୍ତ

ଆଉ ଅର୍ଦ୍ଧେ ଜୀବନ୍ତ ଦଗ୍ଧ।

ନୁନିଆଁ, ଜାମପାଲି, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶେଷ ଅବଶୋଷ



ଆଶୁତୋଷ
ମେହେର

ଅବସୋସ କିଆଁ ଭରିବି ମନରେ
ପର କରି ଦେଲ ବୋଲି,
ମିଛେ କେତେ ଅବା ସରାଗ ଭାଙ୍ଗିବି
ପଛ କଥା ଭାଳି ଭାଳି......||0||

ଭଲ ପାଇବାଟା ଅବରୋଧ କିବା
ପ୍ରେମ ହୁଏ ଅପରାଧ ,
ମାନ ଅଭିମାନ ଝୁଣ୍ଟି ଯିବା ସାର
ବାହାନା କି ଅନୁରୋଧ,
ବୁଝି ଯେ ହୁଏନା ପର କିଆଁ କଲ
କଳଙ୍କ କାଳିମା ବୋଳି.......||୧||

ପର ଯେ ଆପଣା ଦୂର ହୁଏ ପାଖ
ପ୍ରୀତି ଯୋଡେ ଆକର୍ଷଣ,
ସେଇ ଭାବନାର ରଙ୍ଗେ ହସି ଉଠେ
ମନ ତଳ ଝାଉଁବଣ,
ଫୁଲ ମହକରେ ମହମହ ବାସେ
ପ୍ରେମ ପସରାର ବାଲି.......||୨||

ତେବେ ତୁମ ମନ  ଅବୁଝା ରହିଲା
ମିଛ ଅଭିମାନେ ବୁଡି,
ବୋଳିଲ କଳଙ୍କ ଅପବାଦ ରଚି
ମିଛର କାଳିମା ଝାଡି,
ତାହିଁ ଖୁସି ଯଦି  ପ୍ରେୟସୀ ତୁମେ ଗୋ
ଅବସୋସ ଦେବି ଜାଳି.......||୩||

୫୪, ଆର୍ଯ୍ୟପଲ୍ଲୀ
କିଟଛକ ପଟିଆ ଭୁବନେଶ୍ୱର ୭୫୧୦୨୪
୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସପନ ସରେନା...



ନିରଞ୍ଜନ ସାହୁ

ନିଦ ସରିଯାଏ ସପନ ସରେନା
ଉଦାସ ଲାଗଇ ମନ
ଲାଗୁଥାଏ ସତେ ହରେଇ ଦେଇଛି
ଜୀବନେ ସାଇତା ଧନ ।

ସପନ ନିଶ୍ଚୟ ଆନମନା କରେ
ବସ୍ତବରୁ ଦୂରେ ଥାଇ
ସପନ ପୂରଣ କରିବା ନିମିତ୍ତ
ଚେଷ୍ଟାକର ଟିକେ ଯାଇ
ଅଳସ ନିଦରେ ପଡ଼ି ରହିଥିଲେ
ହସିବେ ଜଗତ ଜନ ।

ସପନରେ ଆସେ ହଜିଲା ଅତୀତ
ସମ୍ଭାବନା ପୁଣି କେତେ
ସୁଖଦୁଃଖ ସାଥେ ଅସମ୍ଭବ କଥା
ଭରି ରହିଥାଏ ଯେତେ
ବିଛଣାରେ ପଡ଼ି ମନକୁ କାହିଁକି
କରୁଅଛ ଛନ୍ନଛନ୍ନ ?

ଶୋଇ ରୁହନାହିଁ ଉଠିଯା' ସଅଳ
ସ୍ୱପ୍ନକୁ ସାକାର କର
ବାସ୍ତବ ଜୀବନେ ସଫଳ ମଣିଷ
ହୋଇବାର ବାଟ ଧର
ଅଳି ସାଥେ କଳି ନେଇ ଧନ୍ୟ ହେବ
ତୁମ ମନ ଉପବନ ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ, ୭୫୯୦୧୬, ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଧୂମହୀନ ଦୀପାବଳି



ପ୍ରଶାନ୍ତ କୁମାର ନାଥ

ଆସ ଆସ ଆମେ ସଭିଏଁ ପାଳିବା
ଧୂମହୀନ ଦୀପାବଳି
ପିତୃପୁରୁଷଙ୍କୁ ଶ୍ରଦ୍ଧାରେ ଡାକିବା
ମାଟିର ଦୀପାଳି ଜାଳି ।

ଅମାବାସ୍ୟା ରାତି ଉଠିବ ମହକି
ଦୀପର ମହକ ଦେଖି
ଅନ୍ଧାର ହଟାଇ ଆଲୋକ ହସିବ
ପରିବେଶ ଥିବ ସୁଖି ।

କାଉଁରିଆ କାଠି ଜଳାଇବା ଆମେ
ପୂଜିବା ବଡବଡୁଆ
ଖିରି ପୁରି ପିଠା ଭୋଗ ଲଗାଇବା
ବାସିବ ଘର ବଢ଼ିଆ ।

ଆମ ପରମ୍ପରା ଆମରି ସଂସ୍କୃତି
ସବୁଠୁ ଅଲଗା ଜାଣ
ବିଦେଶୀ ବାଣକୁ ବରଜନ କରି
ମାଟିର ଦୀପକୁ  କିଣ ।

ଫୁଟାଇଲେ ବାଣ ହେବ ପ୍ରଦୂଷଣ
ବାୟୁରେ ମିଶିବ ଧୂଆଁ
କେତେ ଯେ ନିରୀହ ପକ୍ଷୀ ଡରିମରେ
ଦେଖି ଏହି ବାଣ ନିଆଁ ।

ଧନ ହାନି ପ୍ରାଣ ପିଡାକୁ ଆଣିବା
ଫୁଟାଇଲେ ଆମେ ବାଣ
ମାଟିର ଦୀପାଳି ଜିଳିବା ହରଷେ
ସଭିଏଁ କରିଣ ପଣ ।

ମାଟି ମନ ଆମ ମହକି ଉଠିବ
ଦେଖି ତା ପୂରୁବ ଜ୍ୟୋତି
ଦୀପାବଳି ନିଶ୍ଚେ ଖୁସି ଆଣି ଦେବ
ଦୀପକୁ କରିଲେ ପ୍ରୀତି ।

(ଜୁଣଗଡି) ରାଜନଗର, କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରଙ୍ଗ



ନୀଳମଣି ଚାନ୍ଦ

ସାତ ରଙ୍ଗ ଥାଏ  ଇନ୍ଦ୍ରଧନୁରେ
ବାଘନୀସହନାଲା
ମୟୂରପୁଚ୍ଛରେ ରଙ୍ଗର ସମ୍ଭାର
ମୋତେ ସମ୍ମୋହିତ କଲା।

ନିତିପ୍ରତି ରଙ୍ଗ ବଦଳାଏ ନଭ
ସାଗର ସେମିତି ଥାଏ
ରଙ୍ଗ ତୂଳୀ ନେଇ ଚିତ୍ରକରଟିଏ
କେତେ ଚିତ୍ର ଆଙ୍କିଯାଏ।

ପ୍ରେୟସୀ ହୃଦୟୁ  ପ୍ରୀତିରଙ୍ଗ ଝରି
ପରାଣକୁ ସିନା ଛୁଏଁ
ଉଦ୍ୟାନରେ ଫୁଟେ କେତେ ଯେ କୁସୁମ
ସବୁ ଏକା ରଙ୍ଗ ନୁହେଁ।

ବାରମାସୀ ପକ୍ଷୀ  ସମ ମାନବ ଯେ
ବଦଳାଉଥାଏ ରଙ୍ଗ
ଅନୁଭୂତିରୁ ଏ ହୋଇଛି ହୃଦବୋଧ
ଲଭି ଯେ ଆନେକ ସଙ୍ଗ।

ସବୁରି ଭିତରେ ଥିଲା ଯେ ନିଆରା
ହୋଲି ରଙ୍ଗ ମୋ'ର ପାଇଁ
ସେ ରଙ୍ଗ ମାଖିଲ କେତେ ଅନୁରାଗେ
ଆଜିଯାଏ ଛାଡ଼ି ନାଇଁ।

ଭୁବନେଶ୍ୱର,ମୋ:୯୪୮୩୨୦୭୩୫୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପା



ସୁହଂସ ଭୋଇ

ହୃଦୟ ବିଶାଳ ବଟବୃକ୍ଷ ତୂଳ
ଧୈର୍ଯ୍ୟର ଧରଣୀଧର
ଛାଇଠୁ ଶୀତଳ ସେନେହ ଆଦର
ବାପା ଭୂଧର ଆମର

ଦେଇଛି ନିୟତି ସହିବା ଶକତି
କାତରତା ହୀନ ମନ
ଗଢ଼ିଛି ଯେମିତି ଲାଗୁଛି ସତେକି
କାୟା ଶିଳାଖଣ୍ଡ ମାନ

ସ୍ରୋତସ୍ୱିନୀ ସମ ସକାଳ ସାୟାହ୍ନ
ଚାଲୁଥାଏ ଅବିରାମ
କଣ୍ଟା କର୍ଦ୍ଦମରେ ତତଲା ବାଲିରେ
ଭୁଲି ସେ ସୁଖ ବିଶ୍ରାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଶ୍ରା ଭରସାର ମହାଦ୍ରୁମ ସେତ
ପିତା ସ୍ୱାଭିମାନ ଚିହ୍ନ
ସନ୍ତାନ ସନ୍ତତି  ଓହ୍ଳ ସମାନ
ନିସ୍ୱାର୍ଥପର ଜୀବନ

ଘନ ତମସର ଆଲୋକବର୍ତ୍ତିକା
ପଥ ପ୍ରଦର୍ଶକ ଶିଖା
କେବେସେ ପାଳକ କେବେସେ ଶାସକ
ତତ୍ତ୍ୱାବଧାରକ ସଖା

କ୍ଷମାର ସେ କ୍ଷିତି ତ୍ୟାଗର ସେ ତପି
କର୍ତ୍ତବ୍ୟରେ ସଦା ବ୍ରତୀ
ଜନ୍ମଦାତା ପିତା ପୁଣ୍ୟ ଶବ୍ଦ ଗୋଟି
ଉଚ୍ଚାରଣେ ମିଳେ ତୃପ୍ତି

ପଦ୍ମପୁର, ବରଗଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାହିତ୍ୟ ତ ଜୀବନ



ବାସନ୍ତୀ ଲତା ଜେନା

ସାହିତ୍ୟ ହେଉଛି ଜାତି ଅନ୍ତ ସ୍ୱର
ସଂସ୍କୃତିରୁ ଆସି ଅଛି
ସାହିତ୍ୟ ମାଧ୍ୟମେ ମନୁଷ୍ୟ ଜୀବନେ
ସଂସ୍କାର ସ୍ଥାନ ପାଇଛି ।୧।

ସମାଜର ହୀତ ସାହିତ୍ୟ କରଇ
କରି ଥାଏ ସଚେତନ
ଜାତିର ସଂସ୍କୃତି ଗଉରବମୟ
ସଉରଭ ଆକର୍ଷଣ ।୨।

ଦର୍ଶନ ସ୍ଥାପତ୍ୟ ନୃତ୍ୟ ସଂଗୀତରେ
ସାହିତ୍ୟ ସମୃଦ୍ଧି ହୁଏ
କଥିତ ସାହିତ୍ୟ ଲିଖିତ ସାହିତ୍ୟ
ଜୀବନେ ସ୍ଥିତି ଯୋଗାଏ ।୩।

ସାହିତ୍ୟ ହେଉଛି ସମାଜ ଦର୍ପଣ
ପ୍ରଗତି ଆହ୍ୱାନ କରେ
ବିକାଶ ପଥରେ ମାନବକୁ ନିଏ
ଯଶ ଖ୍ୟାତି ଦେଇ ଥାଏ ।୪।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାହିତ୍ୟ ସାଧକ ସାହିତ୍ୟ ସାଧନେ
ଗଳ୍ପ କବିତା ଲେଖନ୍ତି
ଚରିତ୍ର ଚିତ୍ରଣ କଲମ ମୁନରେ
ସ୍ୱଚ୍ଛତାରେ ରଚିଥାନ୍ତି ।୫।

ସାହିତ୍ୟ ଜୀବନ ପୂରକ ଅଟଇ
ଜଣେ ବିନା ଜଣେ ଅଧା
ସାହିତ୍ୟ ଅଟଇ ପଥପ୍ରଦର୍ଶକ
ତା ବିନା ଆସଇ ବାଧା ।୬।

ପରିବର୍ତ୍ତନର ସୂତ୍ର ହୋଇ ଥାଏ
ମନୁଷ୍ୟ ହେଲେ ଶିକ୍ଷିତ
ସାହିତ୍ୟ ଜୀବନ ଏକ ସୂତ୍ରେ ବନ୍ଧା
ଅଙ୍ଗା ଅଙ୍ଗୀରେ ଜଡିତ ।୭।

ସାହିତ୍ୟ ଆମର ଭାଷା ହୋଇ ଥାଏ
ପରିଚୟ ଆମ ପାଇଁ
ଧରଣୀର କୋଳ ମଣ୍ଡନ କରିଲେ
ସମ୍ପର୍କ ଭାଷା ହୁଅଇ ।୮।

ସରକାରୀ ୟୁ. ଜି. ହାଇସ୍କୁଲ ସିନ୍ଧିଗାଁ, ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଥରେ ଆସି ଦେଖାଦିଅ



ଦାସ କମଳ
କୁମାର

ତୁମ ଭରଷାରେ ଅଛି ମୁଁ କାଳିଆ
ଥିବି ଜୀବ ଯିବା ଯାଏ ।
ପାଶୋରି ଦେବନି ଆହେ କଳା ଦିଅଁ
ନାହିଁ ମୋର ଆଉ କିଏ ।
ମୁହିଁ ସିନା ଅଟେ ବଡ ସ୍ୱାର୍ଥପର
ତୁମ୍ଭେ ଦୟାର ସାଗର ।
ମୋର ଅପରାଧ ଧରିବନି ପ୍ରଭୁ
କରିବନି କେବେ ଦୂର ।
ଅପରାଧ ଦଣ୍ଡ ଦିଅନ୍ତୁ ନିଶ୍ଚିତ
ସହିବାର ଶକ୍ତି ଦିଅ ।
ଆପଣାର ପରି ଦଣ୍ଡ ଦେଇସାରି
କୋଳକୁ କୋଳେଇ ନିଅ ।
ପ୍ରତି ଭାବନାରେ ଦେଖୁଥାଏ ସଦା
ସେଇ ମନ ଲୋଭା ରୂପ ।
ଚକାନୟନର ଅଭୁଲା ଠାଣିକୁ
ରଙ୍ଗ ଅଧରର ହସ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲଗାଇବ ଡୋରି ତୁମରି ଧାମକୁ

ଯେତେବେଳେ ହେବି ଝୁରି ।

ମନଭରି ଏଇ ନୟନେ ଦେଖିଣ

ସଭିଙ୍କୁ ଯିବି ପାଶୋରି ।

ତୁମ ନାମ ଗୁଣ ଶ୍ରବଣରେ ମନ

ବ୍ୟାକୁଳିତ ସଦା ହେଉ ।

ପ୍ରତି ପ୍ରଶ୍ୱାସରେ ତୁମରି ନାମକୁ

ତୁଣ୍ଡ ମୋର ଗାଉଥାଉ ।

କ'ଣବା ମାଗିବି ଆହେ ଭାବଗ୍ରାହୀ

ତୁମ୍ଭେ ସଦା ପାଶେ ଥାଅ ।

ଆତ୍ମା ଶରୀରରୁ ଛାଡିବା ପୂର୍ବରୁ

ଥରେ ଆସି ଦେଖା ଦିଅ ।

( ଜୟ ଜଗନ୍ନାଥ )

ଗୋବିନ୍ଦପୁର, ମାର୍ଥାପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁତ୍ର ଆଜି ବାଟବଣା



ରାମଚନ୍ଦ୍ର ପ୍ରଧାନ

ସହରୀ ଜୀବନ ସୁଖ ଆପଣାଇ

ପୁତ୍ର ଆଜି ବାଟବଣା

ସେ ଲାଗି Perfect ବୃଦ୍ଧ ପିତାମାତା

ବୃଦ୍ଧାଶ୍ରମର ଠିକଣା ।

ଅବସ୍ଥା ଚକ୍ରରେ ବୃଦ୍ଧାଶ୍ରମେ ଆଜି

ଅସହାୟ ପିତାମାତା

ଅତୀତ ସୁମରି ଭାଗ୍ୟକୁ ଆଦରି

ଦୁଃଖେ ପିଟୁଥାନ୍ତି ମଥା ।

ସମୟ ସୁଅରେ ବଦଳି ଯାଇଛି

ସମାଜର ଚିତ୍ରପଟ୍ଟ

କର୍ତ୍ତବ୍ୟକୁ ଭୁଲି ଶିକ୍ଷିତ ସନ୍ତାନ

ହୋଇଥାନ୍ତି ପଥଭ୍ରଷ୍ଟ ।

କାହିଁକି ସମୟ ଏଡ଼େ ନିରିଦୟ

ବୃଦ୍ଧ ପିତାମାତା ପାଇଁ

ସଦ୍ ବୁଦ୍ଧି ଦିଅ ସେଇ ପୁତ୍ରମନେ

ଚେତନାର ଘର ଛୁଇଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବଦଳି ଯାଆନ୍ତୁ ପଥଭ୍ରଷ୍ଟ ପୁତ୍ର

ନିଜ ଭୁଲ୍ ବୁଝି ପାରି

ବିବେକ ବିଚାରେ କୋଳେଇ ନିଅନ୍ତୁ

ପିତାମାତାଙ୍କୁ ଆଦରି ।

ପିତାମାତା ଆମ ଚଳନ୍ତି ଦେବତା

ନାହିଁ ତାଙ୍କ ପଟ୍ଟାନ୍ତର

ବିପଦେ ଆପଦେ ସାହା ହୋଇଥାନ୍ତି

ସେବା ଦେଇ ନିରନ୍ତର ।

ସମାଜ ଗଠନେ ପିତାମାତା ଦାନ

ଯୁଗ ଯୁଗ ମହନୀୟ

ସନ୍ତାନ ସନ୍ତତି ଭବିଷ୍ୟ ଗଢ଼ାରେ

ପରିବାରେ ପୂଜନୀୟ ।

ରାମ ଚନ୍ଦ୍ର ପ୍ରଧାନ, ଶିକ୍ଷକ

ସାନ୍ତରାପଲ୍ଲୀ, ଗଞ୍ଜାମ, ୯୮୬୧୬୩୮୭୩୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସପନରେ ତୁ...



ଅଲେଖ ମେହେର

ତୋର ମଧୁଛୁଆଁ ଶର୍ବରୀ କାଳେ,
ଶୋକାକୁଳ ମନ  ହୃଦୟ ଭାଳେ ।
ଇକ୍ଷଣୁ ଅନ୍ତର ହେଲା ବାସରୁ,
ବାସ ଉଡିଗଲା ବାସସ୍ଥାନରୁ ।
ରେ ଗଳାର ହାର,
କାୟା ହେଲା ଶବ ଲୋତକ ସାର ।
ଅନୁକ୍ଷଣେ ରହୁ ମାନସ ପଟେ,
ପ୍ରଶ୍ୱାସରେ ଯାଉ ବିଦଗ୍ଧ ଘଟେ ।
ଆକଟେ କଲୁ କି ଆମ୍ଭଙ୍କୁ ରୋଷ,
ମାଗୁଅଛୁ କ୍ଷମା ନ ଧରି ଦୋଷ ।
ରେ ବିଲୋକି ଯାଆ,
ବାତ୍ୟା ମୁଖେ ଆଜ୍ଞା ପଡିଛି  ନାଆ ।
ନିଦାଘେ ଯେସନେ ଧରାର କ୍ଲେଶ,
ରଖିଲୁ କି ଧନ ତେସନେ ଦ୍ୱେଷ ।
ବୃକ୍ଷବିନା କିବା ଚିହ୍ନା ନ ଯାଏ,
ଆନ ସ୍ଥାନେ ଯେବେ ପର୍ଣ୍ଣଟି ଥାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରେ ଅଛୁ ତେସନେ,

ବିହରିତେ ରହୁ ଦେଖେ ନୟନେ ।

ପ୍ରସୂନ ବାଟିକା  ଦିଶେ ମଳିନ,

ନିଶା ଗରଜଇ ହଜିଛି  ଦିନ ।

ପ୍ରତିଚକ୍ଷୁ ଯେଣୁ ହେଲୁ ଅନ୍ତର,

ଡାହାଣୀ କଲା କି କେଉଁ  ମନ୍ତର ।

ରେ ନୟନ ତାରା,

ସୁମରି ବହୁଛି ଲୋଚନେ ଧାରା ।

ବିହାୟସେ ଚନ୍ଦ୍ର ମଣ୍ଡଳ ଦେଖି,

ବିଚ୍ଛେଦ କବିତା ଲହୁ ରେ ଲେଖି ।

ଏକ ପକ୍ଷ ଜୀଇଁ  ମରଇ ପକ୍ଷେ,

ନରକ ଜାତନା ଭୋଗଇ ଲକ୍ଷେ ।

ରେ ଜୀବ ଜୀବନ,

ଭଣେ ଯାଯାବର  ଦେଖି ସପନ ।

ଅଲେଖ ମେହେର

ବରପଦର, ଗୋବିନ୍ଦପୁର, ବରଗଡ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶବ ସହ ଶତ୍ରୁତା



ଆଦରମଣି ପ୍ରଧାନ

ମୁଁ ଶବ କହୁଛି

ମୋତେ ଆଉ ମାରନା,

ମୁଁ ମରି ସାରିଛି

ଜୁଇ ଜଳିବାକୁ ଆଉ ଟିକେ ବାକି ଅଛି

କୋକେଇ ମୋର ବନ୍ଧା ସରିଛି

ମୁଁ ଶବ କହୁଛି,,,

ମୁଁ ଶବ କହୁଛି,,,

ଚେଷ୍ଟା ତ କରିଲି ବଞ୍ଚିବା ପାଇଁ କି

ଆୟୁଷ ମୋ ଥିଲା ଅଳ୍ପ

ସେଇ ଆୟୁଷରୁ ଅଧା ନେଇଗଲେ

ମୋ ଆପଣାର ସବୁ ଲୋକ

ମୁଁ ଶବ କହୁଛି,,,

ମୁଁ ଶବ କହୁଛି,,,

ମିଛ ଅପବାଦ ମିଛ ପ୍ରତିଶ୍ରୁତି

ମିଛ ଥିଲା ମିଠା ପ୍ରେମ

ମିଛ କାନ କୁହା ମିଛ ର ଭୟ

ମିଛ ହେଲା ସତ କର୍ମ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ଶବ କହୁଛି,,,,

ମୁଁ ଶବ କହୁଛି,,,

ସତ୍ ପଥରେ ଆଗେଇ ଆଗେଇ

ପଡ଼ି ଗଲି ଦିନେ ଥକ୍କି

ନିନ୍ଦାର ପାହାଡ ପ୍ରହାର କରିଲା

ପଛପଟୁ ଧୀରେ ଆସି

ମୁଁ ଶବ କହୁଛି,,

ମୁଁ ଶବ କହୁଛି,,,,

ସତ୍ ଚରିତ୍ରର ପ୍ରମାଣ ଦେଇ ମୁଁ

ସମୟ ଦେଇଛି ସାରି

ସେଇ ସମୟ ଆଜି ପ୍ରଶ୍ନ କରୁଛି

କରିଛୁ କହ କାହାକୁ ନିଜର କରି ??

ମୁଁ ଶବ କହୁଛି,,,

ମୁଁ ଶବ କହୁଛି,,,

ନିଜର ଭାବି ମୁଁ ଯାହା ଆଦରିଲି

ନିଜର ସେ ହେଲା ନାହିଁ

ଜୀବନ ସାଥି ବି ଭୁଲ ବୁଝିଲା

ଆଉ ପାରିଲିନି ସହି

ମୁଁ ଶବ କହୁଛି,,,

ମୁଁ ଶବ କହୁଛି,,,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲହୁ ଲୁହ ଢାଳି ସଜାଡ଼ିଲି ଘର

ସେ କେବେ ନୋହିଲା ମୋର

ସ୍ୱାର୍ଥରେ ବନ୍ଧା ଏ ମିଛର ସଂସାର

କେବଳ ଲୁହ ନିଜର

ମୁଁ ଶବ କହୁଛି,,,,

ମୁଁ ଶବ କହୁଛି,,,,

କାଠ କି ପାଷାଣ ନୁହେଁ ମୋ ଶରୀର

ସହିବାର ସୀମା ଅଛି

ସହି ସହି ଆଜି ଶବ ପାଲଟିଛି

ବାକି ନାହିଁ ଆଉ କିଛି

ମୁଁ ଶବ କହୁଛି,,,

ମୁଁ ଶବ କହୁଛି,,,

ଜୀଅନ୍ତା ଶବ ମୁଁ ମରି ତ ସାରିଛି

ବୃନ୍ତଚ୍ୟୁତ ଫୁଲ ପରି

ଅକାରଣେ ହେବ କଳଙ୍କିତ ତୁମେ

ଶବ ସହ ଶତ୍ରୁତା କରି,,,,

ମୁଁ ଶବ କହୁଛି,,,

ମୁଁ ଶବ କହୁଛି,,,

ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୋକଭାଷା

# ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲକ୍ଷ୍ମୀ ପୁରାନ୍



ସତ୍ୟ ନାରାୟଣ ମିଶ୍ର

କୋଶଲି/ସମଲପୁରୀ – ଲକ୍ଷ୍ମୀ ପୁରାନ୍

ବିଶ୍ୱରୂପସ୍ୟ ଭାର୍ଯ୍ୟାସିପଦ୍ମେପଦ୍ମଳୟେ ଶୁଭେ

ସର୍ବତଃ ତ୍ରାହିମାଂ ଦେବୀ ମହାଲକ୍ଷ୍ମୀ ନମୋସ୍ତୁତେ

( ଜଏ ମା ମହାଲଁଖୀ)

(୧୧)

ଲକ୍ଷ୍ମୀ ପୂଜା ଦିନେ ଯଦି ଗାଏବା ଯେନ୍ ନାରୀ

ଇ ଜନ୍ମେ ସୁଖେ ରହେବା  ମରନ୍ ଅନ୍ତେ ତରି ।

ବୈକୁଣ୍ଠ ନେ ବାସ ତାର ହେବା ସବୁଦିନେ

ତମର୍ କୀର୍ତି ପ୍ରଚାର୍ ହେବା ଭୁବନେ ଭୁବନେ ।

କହି କରି ଲଖି ର୍ ହାତ୍ ଧଇଲେ ଅଚୁତ

କହେଲେ କମଲା ତମେ କର ଆଗେ ସତ ।

ଚଣ୍ଡାଲ୍ ଠାନୁ ବାମହନ୍ ଯାକେ ଖୁଆ ଖୁଇହେବେ

ଖାଇ ସାରି ମୁଣ୍ଡେ ନିଜର୍ ହାତ ପୁଛି ଦେବେ ।

ମାନୁଛ ତ ଦେଉଲ କେ ଯିମି ଜଗବନ୍ଧୁ

ହଉ ହଉ ବୋଲି ଆଜ୍ଞା ଦେଲେ କୃପାସିନ୍ଧୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାତ୍ ଧରି ଲକ୍ଷ୍ମୀ କେ ଯେ ଗିରିଧାରୀ ନେଲେ

ବଡ୍ ଦେଉଲେ ବିଜେ କରି  ଉସତେ ରହେଲେ ।

ଲାଖେ ଚନ୍ଦର୍ ଜିତି କରି ଜଲୁଚେ ଦୀପାଲି

ଫିରି ଆସଲା ଦେଉଲ୍ ଠାନୁ ତୁଟି ଥିବା ର୍ ଶିରି ।

ଇନ୍ଦ୍ର ଡାକୁଥିଲେ ଦେବ ମଣିମା ଠାକୁର

ବିହି କହୁଅଛନ୍ ଯେ ଗୁହାରି ଘେନା କର ।

ବରୁନ୍ କୁବେର୍ ଦୁହେଁ ଯାକ ହାତେ ବେତ୍ ଧରି

ନାଚୁ ଅଛନ୍ କେତେ ଢଙ୍ଗେ ସରଗ୍ ଅପସରି ।

ରମ୍ଭା ଯେ ମେନକା ଆରୁ ସଖି ଚିତ୍ରରେଖା

ତୁଲସି ମାଳତୀ ସଂଗେ କେତେ ଯେ ରସି କା ।

ବଲରାମ କହୁଅଛନ୍ ସୁନ ରେ କଂହେଇ

ଘର୍କେ  ସିନା ଘରବାଲି ସୁନ୍ଦର ଦିଶଇ ।

ଲକ୍ଷ୍ମୀ ଏତେ ବଡ଼ ବୋଲିମୁଇ ନାଇଁ ଜାନି

ଯୁଗେ ଯୁଗେ ଗାଉଥିବେ ଲୁକେ ଇ କଥାନି ।

କମଳିନୀ ବିଜେ ହେଲେ ନିଜର ମନ୍ଦିରେ

ଦୁଇ ଭାଇ ବିଜେ  ବଡ଼ ଦେଉଲ ଭିତିରେ ।

ଦାସୀ ପରିବରୀ ଯେତେ ଥିଲେ ମାତା ସଂଗେ

ସଭେ ଆସି ସେବା କଲେ  ଦେଉଲେ ସରାଗେ ।

ଲଖିମି କେ ପାଇ କରି ଉସତ୍ ହେଲେ ହରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେ ଯେ ଭକତେ ଗଲେ ଭଙ୍ଗ ଜଲେ ତରି ।

ସୁନ୍ ଲ  ତ ନାରଦ ହୋ ପୁରାନ୍ କଥା ଇଟା

ଯାହାର୍ ଲାଗି ରାମ ହରି ମାଗିଥିଲେ ଭିକ୍ଷା ।

ଇ ପୁରାନ୍ କେ ସୁନୁ ଥିଲେ ପାପ ହେସି ନାଶ

ହଟେଇ କରି ଅନ୍ଧାର୍ ଯେନ୍ତା ରବି ପର କାଶ ।

ଇ ପୁରାନ୍ କେ ଯେ ମାନେ ପଢ଼ନ୍ ଆରୁ ସୁନନ୍

ଲାଖେ ଗାଏ ଦାନ ଦେବାର୍ ଧରମ୍ ଅରଜନ୍ ।

ମୁକ୍ତି ର୍ ବାଟ୍ ଇ ପୁରାନ୍ କହଲେ ନାଇଁ ସରେ

ସରେଇ ଦେଲି ଲେଖା ମୁଇ କୋଶଲି ଭାଷାରେ ।

ସୁଜ୍ଞ ଜନେ ନାଇଁ ଧରବ ମୋର୍ ଥିଲେ ଦୋଷ

ଭାଷାଆରୁ ଭକ୍ତି ର୍ ଲାଗି କଲି ପରକାଶ ।

( ଜଏ  ମା ପଦ୍ମଲୟା )

ଲେଖନ୍ କର୍ତା – ସତ୍ୟନାରାୟଣ ମିଶ୍ର

ସିଂଧେକେଲା, ବଲାଙ୍ଗୀର ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଚାହିଁଥିଲେ ସତୀ, ମରିଥିତା ଜତି



ସତ୍ୟ ନାରାୟଣ ମିଶ୍ର

ରାମାୟଣ ଯୁଗେ ପଞ୍ଚବଟି ନେ ରାମ ଜେନ୍ ସୁନା ମିରିଗ ର୍ ଶିକାର୍ କର୍ବାକେ ଗଲେ, ତାର ଉତରୁ ତ୍ରାହି ଲଖନ୍ ଡାକ ସୁନି କରି ସୀତା ସତୀ ଲଖନ୍ କେ ବି ପଠାଲେ ରାମ କେ ବିପଦ ପଡିଚେ ତମେ ରକ୍ଷାକର ଯ ବୋଲି । ଲଖନ ଗଲା ଉତୁରୁ ଜତି ବେଶେ ଲୁକିଥିବା ର୍ ରାବଣ ଆସିକରି ଭିକ୍ଷା ଦିଅ ବୋଲି ଡାକିଛେ କୁରିଆ ମୁହେଁ । ମା ସୀତା ଭିକ୍ଷା ଧରେଇ ଦେଲା ବେଲେ ଜୋର୍ କରି ହାତ କେ ଧରି ପକାଲା ରାବଣ । ନିଜର ରୂପେ ପ୍ରକଟ୍ ହେଇ କରି ସୀତା କେ ଘିଚି ଘିଚି ରଥ ପାଖ କେ ନଉ ଥିଲା । ଇ ସମିଆଁ ଥି ସୀତା ରକ୍ଷାକର ରକ୍ଷାକର ବୋଲି ରଡି ଛାଡି କାନ୍ଦୁଥିଲେ, ହେଲେ, ନାଇଁ ଚାହେଲେ ନିଜର ଶକ୍ତି ପେଶବା ର୍ ଲାଗି । ସୀତା ଯଦି ଚାହିଁ ଥିତେ, ଜତି ରାବଣ କେ ଆଖି ରାଗର୍ ଅଗ୍ନି ଥି ଖାର କରି ପାରିଥିତେ । ହେଁନୁ ଏକା ରାମାୟଣ ସରି ଯାଇଥିତା, ହେଲେ, ସୀତା ର୍ ଶକ୍ତି ଥାଇ କରି ବି ନାଚାର ହେଇଗଲେ ତାଙ୍କର ସତ ରକ୍ଷା କରବା ଲାଗି । ଯେ ସ୍ୱୟଂ ନାରାୟଣୀ ସେ କାଏଁ ଏତେ ହୀନସ୍ତା ହେଇଥିତେ ଭାଏଲ୍ ? ?

ଅଯୋଧ୍ୟା ନେ ସାଶ୍ ଘରେ ଥିଲା ବେଲ ର୍ କଥା, ଶଶୁର ଦଶରଥ ଲାଗି ସୀତା ସୁନା ଥାଲି ନେ ଭାତ ତୁନ୍ ଆନୁଥିଲେ ଗୁଟେ ହାତେ, ଆର ହାତେ ସୁନା ଗିଲାସ୍ ଧରିଥିଲେ ପାନି । ଇ ସମିଆଁ ଥି ଦେଖଲେ ଥାଲି ନେ ମୁଡର୍ ବାଲ ଟେ ପଡିଛେ । କାଁ ଉପେ କରମି ବୋଲି ମାତା ର୍ ବୁଦ୍ଧି ହଜି ଗଲା । ଶଶୁର ଦେଖୁଛନ୍, ଥାଲି ନୁ ବାଲ୍ କେ କାଢି କରି ଫିଙ୍ଗି ନାଇଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୁଏ କି ଖାନା ଫିରେଇ ନାଇଁ ନେଇ ହୁଏ । ମନେ ମନେ ରିସମି ହେଇଗଲେ ବାଲ୍ ଉପୁରେ । ରାଗି କରି ନଜର ପକାଲେ ଯେନ୍ତା ସେ ବାଲ ଟା ଜଲି କରି ଖାର୍ ହେଇଗଲା । ଇ ଦୁରୁସ୍ କେ ରଜା ଦଶରଥ ଦେଖୁଥିଲେ । ଭାବଲେ, ବହୁ ସୀତା ତ ଦେବୀ ଆଏ । ତାର୍ ଆଖି ର୍ କ୍ରୋଧ ଅଗ୍ନି ଥି ଯାହା କେ ବି ଜାଲି ପୁଡ଼େଇ ଖାର କରିଦେବା । ଯଦି ମୋର୍ ରାମ ସଂଗେ କେଭେଁ କେଭେଁ ଗାଲି ଗୁଲା ଲାଗି କରି ରିସମି ହେବା ଆରୁ ତାର ନଜର ପକେଇ ଦେବା ତ ରାମ ମୋର୍ ସେନେହ ରାମ .....

ସୀତା ଭାତ ଥାଲି ରଖି କରି ଖ ଗୋ ବାପା ବୋଲି କହେଲେ ଯେନ୍ତା ଦଶରଥ ମନା କଲେ ମୁଇଁ ନାଇଁ ଖାଏଁ ବୋଲି । ଯଦି ମୋର୍ ପାଖେ ତୁଇ ଗୁଟେ ସତ ରକ୍ଷା କର୍ବୁ ତ ଖାଏମି । ନହେଲେ ଆଜି ନୁ ପାଏନ୍ ଟିକେ ବି ନାଇଁ ପିଏଁ, ଇଂତା ଭୁକେ ସୁଖେ ମରିଯିମି ବୋଲି ଡରେଇ ଦେଲେ । ସୀତା ଡରି ଯାଇକରି ସତ ରକ୍ଷା କର୍ମି କାଁ କହୁଛ କହ ବାପା ବୋଲି ଶପଥ କଲେ ଯେନ୍ତା ରଜା କହେଲେ "ତୁଇ ଆଜିନୁ କେଭେଁ କାହାର ଉପୁରେ ରାଗ ନଜର୍ ନାଇଁ ପକାବୁ । ପୁଡି ଜଳେଇ କରି କାହାକେ ଭସ୍ମ ନାଇଁ କର୍ବୁ । କଥା ଦେ ।"

ସୀତା କଥା ଦେଇଥିଲେ ଶଶୁର ନ୍‌କ ର୍ ସାମନେ ବୋଲି ତାଙ୍କର ଶକ୍ତି ରାବଣ ଉପୁରେ ନାଇଁ ପେସି ପାରି । ନହେଲେ ହେ ରାବଣ କି ଦୁନିଆଁର୍ କେହେନି ଶକ୍ତି ବି ମା ସୀତା କେ ହଇରାନ୍ ହରକତ୍ ନାଇଁ କରି ପାରିଥିତେ ।

ସତ୍ୟନାରାୟଣ ମିଶ୍ର  ଅବସର ପ୍ରାପ୍ତ ଶିକ୍ଷକ ବଲାଙ୍ଗୀର ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସର୍ଦ୍ଦା ଚୁରନ୍



ସତ୍ୟ ନାରାୟଣ ମିଶ୍ର

"ବୁଆ ଗୋ ! ଆଗୋ ବୁଆ, ହେଁ ହେଁ... ହେଁ...

ଚମକି ପଡଲା ବଇଦ୍ ବୁଢା । "କେଁ ହେଲାନନୀ ?

ତୋର୍ ଶଶୁର୍ ଘରୁ ଆଏଲୁ ଜେନ୍ତା ହେକେଇ ହେକେଇ କାନ୍ଦୁଛୁ କେନ୍ତା ? କିଏ ତତେ କାଁ କହେଲା ? ଜୁଏଁ ପିଟା ମରା କଲା କେଁ ? ଝି ଉର୍ମିଲା କହେଲା "ସେ ନାଇଁ ଲାଗି  ଗୋ ! ହେ ମୋର୍ ଶାଶ୍ ଚଣ୍ଡି ସଦାବେଳେ ମୋର୍ ନେ ଲାଗୁଛେ ନ । ମୋର୍ ଛାଏଁ ପଡିଗଲେ ତାର ନାହି ଦେଗୁଛେ । ମୁଇ ହେନେ ନାଇଁ ଚଲି ପାରେ ଗୋ ବା । ହେ ରାଆଁଡି ବୁଢ଼ୀ ଯେଭେ ମର୍ବା ତେଭେ ଯାଇ କରି ଯିମି ।"

ବୁଢା ଭାବଲା ମୋର୍ ଟୁକେଲ ଉର୍ମିଲା ବେଭାର୍ ପାତି ବି ଗଡବଡ଼ ହଉଥିବା ବୋଲି ଶାଶ୍ ନାଇଁ ପଟୁଛେ । ଗୁଟେ ହାତେ ତାଲି ନାଇଁ ବାଜେ ।

ଦୁହିଁ ଜନ କେ ଠିକ୍ ହିସାବେ କେନ୍ତା ଚଲି ସେ ଉପେ ଟା ବାହାର କର୍ମା । ଟିକେ ଉତୁରୁ ଝି କେ କହେଲା "ମା'ରେ ! ତୁଇ ସେ ବୁଢ଼ୀ ମଲେ ଯାକ ଘର୍କେ ଯିମି ବଲୁଚୁ ଯେ ବୁଢ଼ୀ ଜଲଦି ମଲେ ତ ? ତାର୍ ମର୍ବା ଉପେ ତୋର ହାତେ । ସାପ ମରେ ନି କି ବାଡ଼ିଭାଙ୍ଗେ ନି । ତୁଇ ମୋର୍ ନୁ ଗୁଟେ ଚୁରନ୍ ନେଇ ଯା, ତାର ଖାନା ଥି ଚମଚେ ଲେଖେ ଲୁକେଇ କରି ମିସଉ ଥିବୁ । ମାସେ ଉତୁରୁ ଦେଖବୁ ବୁଢ଼ୀ ମରିଯିବା ଠିକ୍ ଇନ୍‌ଟା ଦିନ । ସୁନି କରି ଉର୍ମିଲା ବଡା ଉସତ୍ । ଦେ ତିନେ ଗୋ ସେ ଉସ ବୋଲି ହର୍ବରେଇ ଗଲା । ବୁଢା କହେଲା "ସାବଧାନ୍, ବଡା ହୁସିଆରୀ ସେ କାମ୍ କର୍ବୁ । ବୁଢ଼ୀ କେ ସବୁବେଳେ ଭଲ ବେଭାର୍ ଦେଖଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥିବୁ, ମିଠା କଥା କହୁଥିବୁ ବଏଲେ ତତେ ମାରିଛେ ବୋଲି କିହେ ସନ୍ଦେହେ ନାଇଁ କରେ । ନ ହେଲେ ସବୁ ଗଡବଡ଼ ହେଇଯିବା । ତୋତେ ଜେଲ୍ ବି ହେଇପାରେ ମଡର କେସ୍ ଥି ।

ଉର୍ମିଲା ଗଲା । ତାର ବା କହେଲା ହିସାବେ ଚାଲୁ କଲା ସବୁ କାମ୍ । ବୁଢ଼ୀ ବି ଇତାର୍ ବେଭାର ପାତି ମଧୁର୍ କଥା ଥି ବଡା ଉସତ୍ । ନିଜର ଝି ନୁ ବି ଅଧିକା ଆଦର କଲା ବହୁ କେ । ତାର ସେନ ସର୍ଦା ପାଇ କରି ଉର୍ମିଲା କେ ଲାଗଲା ଇଟା ତାର ମରିଗଲା ମା ଫିରି ଆସିଛେ । ତେହେରୁ ମାସ୍ ପୂର୍ବା ଆଘୁ ତାର ବୁଆ କେ କହେଲା "ବା ଗୋ ! ତୁଇ ଯେନ ଚୁରନ ଦେଲୁ ମୋର୍ ଶାଶୁ ମା କେ ଲୁକେଇ କରି ଖୁଏଇ ଦେଲି । ସେ ମରିଗଲେ ମୁଇ ଚଲି ନାଇଁ ପାରେଏଁ । ଦୟା କର୍ ଗୋ ବା ! ସେ ବଚି କରି ରହେବା ର୍ ଉସ ଦେ ଯେ ଖୁଆମି ମୋର୍ ଶାଶୁ ମା କେ ।"

ବୁଢା ମନେ ମନେ ହସଲା । ଯା ହଉ, ମୋର୍ ସର୍ଦା ଚୁରନ୍ ଟା କାମ ଦେଲା । କହେଲା "ହଉ, ତୁଇ ନେ ମା ! ଇ ଗୁଟେ ବଟିକା ନେ ଆରୁ ତାକେ ଖୁଏଇ ଦେବୁ ଯେ ଆଗର୍ ଉସ ର୍ ଖରାପ ପର୍ଭାବ କେ କାଟି ପକାବା ନେଏ ।"...

ବଲାଙ୍ଗୀର, ୯୪୮୩୬୦୫୯୧୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଡେନା ଲାଗିଗଲେ



ବର୍ଷାରାଣୀ
ମହାମଲ୍ଲିକ

ଡେନା ଲାଗଲେ ଚେରେ ଉଡସି
ନୀଲି ଆକାଶର୍ ତଳେ
ବନାସି କେତେ ନୂଆ ନୂଆ ସାଙ୍ଗ୍
ଘେ କେ ମିଶିଯାଏସି କେନ୍ ଦଳେ।

ଭୁଲିଯାଏସି ମାଁ ର୍ କୋଲ୍ କେ
ଭୁଲସି ବୁଆର୍ ଛାତି,
ଯେନ୍ କୁଲେ ଶୁଇ ଝମୁରା ଯାଉଥିଲା
ଯେନ୍ ଛାତିନେ ପାହା ଦେଉଥିଲା ପିଟି।

ବିଚରା ବୁଆ ଝାଲ୍ ବଦଲେ
ଢାଲସି ନିଜର୍ ରକତ୍,
ଡେନା ଲାଗିଗଲେ ସେ ପୋ ଟା
ଦେଖାସି ବୁଆର୍ ନେ ତାକତ୍ ।

ଯାହାର ଅରନ୍ ଖାଇକରି ପୋ
ପଢସି କେତେନି ପାଠ୍,
କେନ୍ତା ଲାଗବା ହେ ପୋ ଯଦବିର୍
ମାରବା କାଏଲକେ ଲାତ୍।

ରକତ୍ ଢାଲି ଶକତ୍ କରସି
ଜେନ୍ ଛୁଆର୍ ହାତ୍ ଗୋଡ଼୍,
ଡ଼େନା ଲାଗଲେ ରକମ୍ କରସି
ଦେଖାସି କେତେ ତୋଡ୍।

ନିଜେ ନାଇଁ ଖାଇ ଖୁଆସି ମାଁ
ନିଜେ ନେ ପିନ୍ଧି ପିନ୍ଧାସି
ସମିଆଁ ର୍ ସେ ଶେଷ୍ ପହର୍ ଥି
ମାଁ ଭୁକେ ଶୁସେ ମରିଯାଏସି।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଙ୍ଗର୍ ଜୁଲି ମିଳିଗଲେ ତାକେ
ନାଇଁ ପଚରେ ମାଁ ବୁଆ,
ଗୁଲଗୁଲା ହେଇ ମୁଡେ ହାଥ୍ ଦେଇ
ଛାଡସନ୍ ପରାନ୍ ହିଆ।

ଜର୍ ତପ୍ ବେଲେ ଯେନ୍ ମାଁ ବୁଆ
ପାଖେ ଥିସନ୍ ଆସି ବସି,
ତାକର୍ ସେ ପାଚଲା ବଏସେ
ଠିଆ ନାଇଁ ହୁଏ ପୋ ଆସି।

ରାଏତ୍ ରାଏତ୍ ମାଁ ବସି ରହୁଥିଲା
ମାରି ତାର୍ ଆଖିର୍ ଝୁମୁରା,
ଆଏଜ୍ ଦେଖ୍ ତ ସେ ପୋ ଠାନୁ
ଥିର୍ ଟିକେ ନାଇଁ ଆସରା ।

ଛୁଆ ବେଲେ ମାଁ ପିଟୁଥିଲା ଟିକେ
ଛୁଆ ଆଏବା ବଲି ବାଟକେ,
ଦହ ଦହ ପୋ ବିନା ଦୁଷେ ପିଟଲା ମାଁ କେ
ଲାଏଜ୍ ଲାଗୁ ଟିକେ ମୁହୁଁକେ।

ଦଶ୍ ମାସ୍ ଯେକ୍ ସହି ରଖିଥିଲା
କେତେ ଦରଦ୍ ସହି ସତେ,
ତାର୍ ଲାଗି ତୋର୍ ଘରେ ଜାଗା ନାହିଁ
ଧିକ୍ ଧିକ୍ ରେ ତତେ।

ମୁଡର୍ ଝାଲ୍ କେ ଟୁଣେ ମାରି ବୁଆ
ପଠାସି ଛୁଆ କେ ପଢ଼ାଶ୍ରମ୍,
ପୁଣି ନାଇଁ ପାରେ ସେ ଛୁଆଟା
ଶେଷ୍ କେ ତାହାକୁ ଭେଜସି ବୃଦ୍ଧାଶ୍ରମ୍।

ଖଟୁଥିସି ଖାସ୍ ଛୁଆପିଲାର୍ ଲାଗି
ଖେତେ ଖଲେ ହେଇ ଚାଷୀ,
ଆଏଜ୍ ତାର୍ ଝମୁରା ଯାଏସି ଭାଙ୍ଗି
ଦେଲେ ବୁଢ଼ା ଟିକେ ଖାସି।

ଡେନା ଲାଗିଗଲେ ଉଡିଯାଏସି ସେ
ଭୁଲିକରି ସରାଗ୍ ଶରଧା ସବୁ
ସେ ବି ଦିନେ ହେବା ଗା ବୁଆ
କେନ୍ତା ଭୁଲିଯାଏସି ସବୁ।

ଜିଲ୍ଲା :ବରଗଡ଼

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା ଧବଳେଶ୍ୱରୀ



ମୋନାଲିସା
ପାଣିଗ୍ରାହୀ

ମା ମୋର ସମଲେଇ ମା
ଆଜି ହୋଇଛି ଧବଳେଶ୍ୱରୀ ବେଶ
ଲୁଚେଇ ଦେଇଛି ତାର
ଲାଲ ଜର ଜର ସମଲେଶ୍ୱରୀ ବେଶ ।

ଚନ୍ଦନ, କର୍ପୂର, ଅତର, ଅଗୁରୁ
ଲଗେଇ ମା ତ ମହକି ଯାଉଛି
ଆଜିର ଦିନେ ମା'ର ମନ କରଇ
ଟଗର ଫୁଲ ସହିତ ଶ୍ୱେତ ପଦ୍ମ ଆଉ କେତେକ ଶ୍ୱେତପୁଷ୍ପ ।

ମା ସମଲେଶ୍ୱରୀ ଆଜି ହୋଇଛି ସତୀ ବେଶ
ଲୁଚି ଯାଇଛି ମା'ର ଲାଲ ମନ୍ଦାର, ଲାଲ ସିନ୍ଦୂର
ମା ହୋଇଛି ଆଜି ଗଙ୍ଗା ଅବତାର ।

ଆଶ୍ୱିନ ମାସ ଅମାବାସ୍ୟା ଦିନ
ମା ହେସି ତ ଧୁବଲମୁଖୀ ବେଶ
ସେହି ଦିନ ତ ମହାଳୟା ନାମେ
ହୋଇଛି ସାରା ଜଗତେ ଖ୍ୟାତ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜିର ଦିନେ,
ମା ଗୋଟିଏ ସ୍ଥାନରେ ନ ବିରାଜି
ହୋଇଛି ତ ମା ତ୍ରିଦେବୀ,
ମା ମହାଲକ୍ଷ୍ମୀ ମା ମହାକାଳୀ ମା ସରସ୍ୱତୀ ।

ଯିଏ କରଇ ଧୁବଲମୁଖୀ ବେଶର ଦର୍ଶନ
ସେ ପାଇ ଥାଏ ଗଙ୍ଗା ଦର୍ଶନର ଫଳ
ବରଷ କେ ଥରେ ମା ହେସି ତ ଗଙ୍ଗା ଅବତାର
ତାହା ଦେଖିବାକେ
ଲାଗିଥାଏ ମା'ର ମନ୍ଦିରରେ ଭିଡ ।

ଲାଗିଛି ଆଜି ମା'ର ମନ୍ଦିରରେ
ଭକ୍ତ ମା'ଙ୍କର ଯାତରା
ମନ୍ଦିର ଦିଶୁଛି ଆଜି ଚକ ଚକ
ଗରଜି ଯାଉଛି ସେଠି ଢୋଲ ନିଶାନ ତାସା ।

ମା'ର ସେ ଲୁଭ ଲୁଭାନି ମୁହଁ ଦିସୁଛି ତ କେତେ ସୁନ୍ଦର
ଦେଖି ମା'ର ମୁହଁ ଆଖି ଆଗେ ଯାଉଛି ଝଲସି
ଚାଲ ଦେଖି ଯିମା ସମସ୍ତେ
ମା ହୋଇଛି ତ ଧୁବଲମୁଖୀ ବେଶ ।।

ଠିକଣା- ନନ୍ଦପଡ଼ା , ସମ୍ବଲପୁର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରାଥମିକ ଶିକ୍ଷାରେ ସ୍ମାର୍ଟ୍ କ୍ଲାସର ଆବଶ୍ୟକତା



ଜଗଜୀବନ ସେଠୀ

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଶ୍ରୀ ଜବହାରଲାଲ ନେହୁରୁ କହିଥିଲେ, "Future belongs to those, who make friendship with science" । ବର୍ତ୍ତମାନ ଆମର ସମସ୍ତ ବୈଜ୍ଞାନିକ ଗବେଷଣା ପ୍ରଯୁକ୍ତିବିଦ୍ୟାରେ ଉତ୍କୃଷ୍ଟତା ଆଣିବା ପାଇଁ ଲକ୍ଷ୍ୟ ରଖିଛି । ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଶିକ୍ଷା କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳୁଛି । ଯଦି ଆମେ ପ୍ରାଥମିକ ଶିକ୍ଷା କଥା ଚିନ୍ତା କରିବା ତେବେ ପ୍ରଯୁକ୍ତିବିଦ୍ୟାର ବ୍ୟବହାରରେ ପ୍ରାଥମିକ ଶିକ୍ଷା ଆନନ୍ଦଦାୟୀ ହୋଇପାରିବ ।

ପସିଦ୍ଧ ଶିଶୁ ମନସ୍ତତ୍ୱବିତ ଆଲବର୍ଟ ବଣ୍ଡୁରା କହିଥିଲେ, ଶିଶୁମାନେ ପର୍ଯ୍ୟବେକ୍ଷଣ ବା ଦେଖିକରି ଶିଖିଥାନ୍ତି । ତେଣୁ ସ୍ମାର୍ଟକ୍ଲାସର ବ୍ୟବସ୍ଥା କରି ପ୍ରାଥମିକ ସ୍ତରର ଶିକ୍ଷାର୍ଥୀମାନଙ୍କୁ ପ୍ରତ୍ୟକ୍ଷଜ୍ଞାନ ପ୍ରଦାନ କରିପାରିଲେ, ଶିକ୍ଷଣ-ଶିକ୍ଷାଦାନ ଅଧିକ ରୁଚିକର ହୋଇପାରିବ । ଶିଶୁ ମନୋବିଜ୍ଞାନର ଜନକ ଜିନ ପିଆଜେଟ କହିଥିଲେ, ପ୍ରାଥମିକ ଶିକ୍ଷା ଗ୍ରହଣ କରୁଥିବା ଶିଶୁ ମାନେ ମୂର୍ତ୍ତ ସଂକ୍ରିୟାତ୍ମକ ବୟସର । ଏହି ସମୟରେ ଶିଶୁମାନଙ୍କ ବିଚାର କରିବା ଶକ୍ତି ଆରମ୍ଭ ହୋଇଥାଏ । ତେଣୁ ପ୍ରାଥମିକ ସ୍ତରର ଶିକ୍ଷାର୍ଥୀଙ୍କୁ ଆମେ ପାରମ୍ପରିକ ପଦ୍ଧତିରେ ନପଢାଇ ଯଦି ସ୍ମାର୍ଟ କ୍ଲାସର ବ୍ୟବସ୍ଥା କରି ଶିକ୍ଷାଦାନ କରିବା ତେବେ ଶିକ୍ଷାର୍ଥୀମାନଙ୍କ ଶିଖିବା ଶକ୍ତି ମଜବୁତ ହେବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଦେଖିକି ଶିଖିବ ମାନେ ରଖିବ,

ଶିଶୁ ପାଠ ପଢା ରୁଚି ହୋଇବ."

କୁହାଯାଏ ପ୍ରାଥମିକ ଶିକ୍ଷା ହିଁ ଶିକ୍ଷାର ମୂଳଦୁଆ ଅଟେ, ତେଣୁ ଶିକ୍ଷା ସମ୍ବନ୍ଧିୟ voice, pdf, video ଆଦିକୁ ଡିଜିଟାଲ ଉପାୟରେ ଦେଖାଇ ପାରିଲେ ପରିପ୍ରକାଶ କରିବାକୁ ସ୍ମାର୍ଟ କ୍ଲାସ କୁହାଯାଏ ।

ରିପୋର୍ଟ ଅନୁସାରେ ୧୫୦ ଦେଶରେ ବର୍ତ୍ତମାନ ସ୍ମାର୍ଟ କ୍ଲାସ ଜରିଆରେ ପ୍ରାଥମିକ ଶିକ୍ଷା ପ୍ରଦାନ କରାଯାଉଛି ମସ୍ତିର ପାଠଶାଳା, ଶିକ୍ଷାଦର୍ପଣ, ଦୀକ୍ଷା ଆଦି କାର୍ଯ୍ୟକ୍ରମ ଦ୍ୱାରା ସୁନ୍ଦର ସୁନ୍ଦର ଶିଶୁ ପାଠ୍ୟକ୍ରମ ମାନ ପ୍ରସ୍ତୁତ କରାଯାଇଛି । ଏଗୁଡିକ ପିଲାମାନଙ୍କ ପାଖରେ ପହଞ୍ଚାଇ ପାରିଲେ ଶିଶୁର କୌତୁହ ବୃଦ୍ଧି ପାଇବ ଶିଶୁର ବୌଦ୍ଧିକ ବିକାଶ ଦ୍ୱାରା ନିତ ହୋଇ ପାରିବ, ମନସ୍ତତ୍ତ୍ୱ ବିଜ୍ଞାନରେ କୁହାଯାଏ ଶିଶୁ ଯଦି ଶିଶୁ ନିଜେ ପଢିକି ଶିଖିବ ତେବେ ୨୦% ମନେ ରହିବ ଯଦି ଶିକ୍ଷକଙ୍କ ଠାରୁ ଶୁଣିକି ଶିଖିବ ତେବେ ୪୦% ମନେ ରହିବ, ଯଦି ଶିକ୍ଷକଙ୍କ ଠାରୁ ଶୁଣିକି ଶିଶୁ କାର୍ଯ୍ୟ କରିବ ତେବେ ୬୦% ମନେ ରହିବ ଓ ଯଦି ଶିକ୍ଷକଙ୍କ ଠାରୁ ଶୁଣିବ, ଏହା ବିଷୟରେ AUDIO-VIDEO ଦେଖିବ ତେବେ ୮୦% ମନେ ରହିବ । ତେଣୁ ସ୍ମାର୍ଟ କ୍ଲାସ ଦ୍ୱାରା ଶିକ୍ଷଣ ପ୍ରାଥମିକ ଶିକ୍ଷା ପାଇଁ ସର୍ବୋତ୍କୃଷ୍ଟ ଉପାୟ ଅଟେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବନ୍ଦେ ଉତ୍କଳଜନନୀ



ରୀନା ସେଠୀ

ଯାହାର ନାମ ଉଚ୍ଚାରଣରେ ମନରେ ଅପୂର୍ବ ଶାନ୍ତି, ମନରେ ଗର୍ବଭାବ ସୃଷ୍ଟି ହୁଏ ସେଇ ହେଉଛି ମୋର ପ୍ରିୟ ଜନ୍ମଭୂମି "ଉତ୍କଳ" ଯାହାର ବର୍ତ୍ତମାନର ନାମ ଓଡ଼ିଶା । ଓଡ଼ିଶା ହେଉଛି ଦେବଭୂମି, ତ୍ୟାଗଭୂମି, ଚିତ୍ରପୁରୀ ଓ ନୈସର୍ଗ୍ୟ ସୌନ୍ଦର୍ଯ୍ୟର ଗନ୍ତାଘର । ଏହାର ସମୃଦ୍ଧି ଓ ଗୌରବରେ ଏହାର ଅଧିବାସୀମାନେ ଯେତିକି ଉତ୍ଫୁଲ୍ଲିତ, ଏହାର ଦୁର୍ଭାଗ୍ୟ ଓ ଅବନତିରେ ମଧ୍ୟ ହୋଇପଡିଛନ୍ତି ମର୍ମାହତ । ଏହି ମହାନ୍ ମହିମାରେ ମହିମା ନିତ ମୋର ପ୍ରିୟ ଜନ୍ମଭୂମି ଓଡିଶା "ଭାରତରେ ଥିବା ଆକାର ଦୃଷ୍ଟିରୁ ଅଷ୍ଟମ ବୃହତ୍ତମ ରାଜ୍ୟ ଏହାର ଅତୀତ ଗୌରବଜ୍ଜ୍ୱଳ ଅତୀତ ସୂର୍ଯ୍ୟ ବଂଶର ଥିବା ରାଜା କପିଳେନ୍ଦ୍ର ଦେବ ଏହାର ପରିସୀମା ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ବଢ଼ାଇଥିଲେ । ୧୮୦୩ ମସିହାରେ ଏହା ଇଂରେଜ ସରକାର ଅଧୀନକୁ ଚାଲିଗଲା । ବହୁ ସଂଗ୍ରାମୀଙ୍କର ଆତ୍ମ ବଳିଦାନରେ ବହୁ ଦେଶ ଓ ଜାତି ପ୍ରେମୀଙ୍କ ପ୍ରଚେଷ୍ଟାରେ ୧୯୩୬ ଏପ୍ରିଲ ୧ ତାରିଖରେ ଏହା ଏକ ସ୍ୱତନ୍ତ୍ର ପ୍ରଦେଶ ରେ ଗଠିତ ହେଲା ।

ଏକଦା ଧନ ଧାନ୍ୟରେ ପରିପୂର୍ଣ୍ଣ ଆମ ରାଜ୍ୟ ନାନା ଉତ୍ଥାନ ପତନ, ପ୍ରାକୃତିକ ସମ୍ପଦ ସହ, ପ୍ରାକୃତିକ ବିପର୍ଯ୍ୟୟ ନେଇ ଗତି କରୁଛି । ତଥାପି ମୋ ଉତ୍କଳ ଧନ୍ୟ । ମୋ ଉତ୍କଳର ପାଣି, ପବନରେ ଏ ଜୀବନ ଉଦ୍‌ଜୀବିତ ହୋଇ ଉଠିଛି । ସେଥିପାଇଁ ମୋ ଉତ୍କଳକୁ କୋଟି କୋଟି ପ୍ରଣାମ । ବନ୍ଦେ ଉତ୍କଳ ଜନନୀ ।

ଢେଙ୍କାନାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଯାହା ନାହିଁ ଭାରତେ ତାହା ନାହିଁ ଜଗତେ



ବୀରେନ୍ଦ୍ର କୁମାର ସାହୁ

ଭାରତ ହେଉଛି ବେଦ, ଉପନିଷଦର ଭୂଇଁ । ଏଠାରେ ବିଭିନ୍ନ ଜାତି ଓ ଭାଷାର ଲୋକମାନେ ବାସ କରନ୍ତି । ସେମାନଙ୍କର ଚାଲିଚଳନ ବେଶଭୂଷା ଓ ଧର୍ମ ତଥା ଧର୍ମଗ୍ରନ୍ଥ ଆଦି ସବୁଥିରେ ଭିନ୍ନତା ପରିଲକ୍ଷିତ ହୁଏ । ପୂଜାପଦ୍ଧତି ଆଉ ନାଚଗୀତରେ ମଧ୍ୟ ବିଭିନ୍ନତା ଦେଖାଯାଏ । ଯାହା କି ଅନ୍ୟ ଦେଶରେ ଦେଖିବାକୁ ମିଳେ ନାହିଁ । ଏତେ ସବୁ ବିଭିନ୍ନତା ପରେ ମଧ୍ୟ ଆମେ ସମସ୍ତେ ଭାରତୀୟ ମାଆର ସନ୍ତାନ ଆଉ ଏକ ହୋଇ ଚଳିଥାଉ । ଏଠି ପ୍ରଭୁ ରାମଚନ୍ଦ୍ର ଓ ଶ୍ରୀକୃଷ୍ଣଙ୍କ ପରି ଦେବତା ମଧ୍ୟ ଜନ୍ମ ହୋଇଛନ୍ତି । ଏଠି ଆତ୍ମାର ମୁକ୍ତି ଓ ପାପକ୍ଷୟ ପାଇଁ ଦେବୀ ଗଙ୍ଗାମାତା ନଦୀ ହୋଇ ବହିଯାଉଛନ୍ତି । ଆମ ଦେଶ ଭାରତରେ ଖଣି, କଳ-କାରଖାନା, ବଣ ଜଙ୍ଗଲ ଭରି ରହିଛି । ଆଜି ଆମେ ବିଜ୍ଞାନ ବଳରେ ଚନ୍ଦ୍ରରେ ପଦାର୍ପଣ କରିବା ସହିତ କ୍ରୀଡା ତଥା ବିଶ୍ୱଶାନ୍ତି ପ୍ରତିଷ୍ଠା କରିବା ଦିଗରେ ଅଗ୍ରସର ହୋଇପାରିଛୁ । ଏଠି ଏବେ ମଧ୍ୟ ମୁନି ଋଷିଗଣ ଲୋକଙ୍କୁ ଜୀବନ ଦର୍ଶନର ମାର୍ଗ ଦେଖାଇଥାନ୍ତି । ସତରେ ଆମ ଭାରତ ଏକ ବିଚିତ୍ର ଦେଶ । ତେଣୁ କୁହାଯାଇଛି ସତରେ ଯାହା ନାହିଁ ଭାରତେ ତାହା ନାହିଁ ଜଗତେ ।

ମେରା ଭାରତ ମହାନ୍ । ଜୟ ହିନ୍ଦ୍ ।

ପାପସରା, ଅନୁଗୋଳ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋବାଇଲ ବ୍ୟବହାର ପ୍ରଗତି ନା ପ୍ରତିବନ୍ଧକ



ସୁଶ୍ରୀ ବାଗ୍ମିତା
ମହାପାତ୍ର

ସାମ୍ପ୍ରତିକ ଯୁଗ ବିଜ୍ଞାନର ଯୁଗ । ବିଜ୍ଞାନ ବଳରେ ମନୁଷ୍ୟ ଗୋଟିଏ ପରେ ଗୋଟିଏ ପ୍ରଗତିର ସୋପାନ ଅତିକ୍ରମ କରୁଛି । ଏହିପରି ଦୈନନ୍ଦିନ ଜୀବନରେ ଅତି ଆବଶ୍ୟକ ବସ୍ତୁଟି ହେଉଛି ମୋବାଇଲ ଫୋନ... । ଆଲେକଜାଣ୍ଡାର ଗ୍ରାହାମବେଲ ଟେଲିଫୋନ ଯନ୍ତ୍ରର ଉଦ୍ଭାବକ । ଏହାର ଉପାଦେୟତା ଅନୁଭୂତ ହେବା ପରେ ମନୁଷ୍ୟର ଏକ ନୂତନ ଚିନ୍ତାର ଉଦ୍ରେକ ହେଲା । ସେହି ଚିନ୍ତନ, ପ୍ରଚେଷ୍ଟା ଓ ଗବେଷଣାରୁ ମୋବାଇଲ ଫୋନର ଜନ୍ମ ।

ଏବେ 4G Systemର ବିଭିନ୍ନ ପ୍ରକାର ମୋବାଇଲ ସମସ୍ତଙ୍କ ପାଖରେ ଉପଲବ୍ଧ ।

ମୋବାଇଲର ଉପକାରିତା କଳ୍ପନାତୀତ... । ଏହାଦ୍ୱାରା ଦୂରସ୍ଥ ବ୍ୟକ୍ତିସହ ସ୍ୱଳ୍ପ ସମୟ ମଧ୍ୟରେ ଯୋଗାଯୋଗ ହୋଇପାରୁଛି । ବାର୍ତ୍ତାପ୍ରେରଣ, photo ଗ୍ରହଣ, ଗ୍ୟାସ ପଞ୍ଜିକରଣ, ବ୍ୟାଙ୍କ ସହାୟତା ଭଳି କାର୍ଯ୍ୟ ସହଜସାଧ୍ୟ ହୋଇଛି । ପୋଲିସ, ଅଗ୍ନିଶମ ସଂସ୍ଥା, ଆମ୍ବୁଲାନ୍ସ ସେବା ଏବଂ ବିଭିନ୍ନ କାର୍ଯ୍ୟାଳୟ ସହ ସଂଯୋଗ ସ୍ଥାପନ ଖୁବ କମ ସମୟରେ କରାଯାଇ କାର୍ଯ୍ୟ ସାଧିତ ହେଉଛି । Bluetooth ମାଧ୍ୟମରେ ବିନା ଖର୍ଚ୍ଚରେ ବାର୍ତ୍ତାପ୍ରେରଣ କରାଯାଇପାରୁଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଲୋକର ପଛରେ ଅନ୍ଧକାର ଥିବା ପରି... ପ୍ରତ୍ୟେକ ବସ୍ତୁର ଉପକାର ଓ ଅପକାର ରହିଛି । ଏହାର ବହୁଳ ବ୍ୟବହାର ପାଇଁ ରାସ୍ତା ଦୁର୍ଘଟଣା ଓ ଜୀବନହାନି ହେଉଛି । ଚୋରି, ଡକାୟତି, ଲୁଣ୍ଠନ, ଠକେଇ, ମିଥ୍ୟା ବଦନାମ ଭଳି ଘୃଣ୍ୟ ଓ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ଅଧିକ ମୋବାଇଲ ଫୋନର ବ୍ୟବହାର ଶରୀର ଉପରେ କୁ-ପ୍ରଭାବ ପକାଇଥାଏ ।

ତେଣୁ ଅତ୍ୟଧିକ ମାତ୍ରାରେ ମୋବାଇଲ ବ୍ୟବହାର ନ କରି ଆବଶ୍ୟକ ଅନୁସାରେ ମୋବାଇଲ ବ୍ୟବହାର କଲେ ମାନବ ସମାଜକୁ ସୁଫଳ ମିଳିପାରିବ... ଏହା ନିଃସନ୍ଦେହ ॥

ପୂର୍ବଛାତ୍ରୀ ସିଦ୍ଧିବିନାୟକ ମହାବିଦ୍ୟାଳୟ
ବାଲେଶ୍ୱର, ୯୩୩୮୩୨୦୯୩୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଦର୍ଶଛାତ୍ର ହେବା କିପରି ?



ସୁଶ୍ରୀ ସମ୍ଭାବନା ସେଠି

ବିଦ୍ୟାଳୟରେ ଜଣେ ଆଦର୍ଶ ଛାତ୍ର କିପରି ହେବା ଉଚିତ ?

ବିଧାତାର ଏଇ ଅମୃତମୟୀ ସୃଷ୍ଟିରେ ମନୁଷ୍ୟ ହେଉଛି ଏକ ପ୍ରଜ୍ଞା ବିଶିଷ୍ଟ ପ୍ରାଣୀ । ଭାଗବତ କହେ ପ୍ରାଣୀର ବହୁ ସାଧନା ସତକର୍ମ ଓ ପୂଣ୍ୟର ଫଳ ହେଉଛି ଏଇ ମନୁଷ୍ୟ ଜୀବନ । ତାର ମହତ୍ ଗୁଣର ବିକାଶ ଓ ପ୍ରକାଶରେ ତାର ଜୀବନ ମହିମାନ୍ୱିତ ହୁଏ । ତାର ସାମଗ୍ରିକ ଜୀବନ କାଳ ମଧ୍ୟରେ ସେ କେତୋଟି ପର୍ଯ୍ୟାୟ ଦେଇ ଗତି କରେ ।

ସେହି ପର୍ଯ୍ୟାୟ ମଧ୍ୟରୁ "ଛାତ୍ର ଜୀବନ ହିଁ ଶ୍ରେଷ୍ଠ ପର୍ଯ୍ୟାୟ " । କାରଣ ଏହି ପର୍ଯ୍ୟାୟ ହିଁ ତା ଭାବି ଜୀବନ ଶୌଧର ଭିତ୍ତି ପ୍ରସ୍ତୁତ କରି ସୁନାଗରିକ ହେବାର ବୀଜବପନ କରେ ।

ଏକ କ୍ଷୁଦ୍ର ଜୀବ ମଧ୍ୟରେ ଯେପରି ଏକ ବିରାଟ ବୃକ୍ଷର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ସେହିପରି ଛୋଟ ପିଲାଟିଏ ଯିଏ ଦିନେ ସମଗ୍ର ପୃଥିବୀରେ ତାର ପରିଚୟ ସୃଷ୍ଟି କରିବ, ଏଥିରେ ଦ୍ୱିମତ ନାହିଁ । ଯେଉଁ ଛାତ୍ର କିଛି ନିର୍ଦ୍ଦିଷ୍ଟ ଭୂଷଣର ଅଧିକାରୀ ହୋଇଥାଏ ସେହି ଛାତ୍ର ହିଁ "ଆଦର୍ଶ ଛାତ୍ର" ହୋଇ ବିଦ୍ୟାଳୟଠାରୁ ଆରମ୍ଭ କରି ସମାଜ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରେ ସଭିଙ୍କ ଆଶିଷ ଲାଭ କରେ । ସାଧୁତା, ନମ୍ରତା, ସଂଜମତା, ସତ୍ୟତା, ପରୋପକାରୀତା ସହିତ ସେବା, ତ୍ୟାଗ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଶପ୍ରେମ, ଗୁରୁ ଗୁରୁଜନଙ୍କୁ ଭକ୍ତି ଓ ସର୍ବୋପରି ଗୁରୁ ଭକ୍ତି ହିଁ ତାର ଜୀବନର ଶ୍ରେଷ୍ଠ ଭୂଷଣ ।

ବର୍ଣ୍ଣନା :_____ ଉନ୍ନତ ସାମାଜିକ ପରିବେଶ ମଧ୍ୟରେ ଚଳ ପ୍ରଚଳ ହେବା ନିମିତ୍ତ ଏବଂ ଯୋଗ୍ୟ ନାଗରିକ ଭାବରେ ବିବେଚିତ ହେବା ନିମିତ୍ତ ତଥା ଆତ୍ମଉନ୍ନତିଏବଂ ଉତ୍କୃଷ୍ଟ ଜୀବନମାର୍ଗ ଅବଲମ୍ବନ କରିବା ନିମିତ୍ତ ପ୍ରତ୍ୟେକ ମନୁଷ୍ୟ କେତେ ଗୁଡିଏ ସଦଗୁଣରେ ଅଭ୍ୟସ୍ତ ଥିବା ଆବଶ୍ୟକ । ଏହି ଅଭ୍ୟାସକୁ ଫଳପ୍ରଦ ଭାବରେ ଆରମ୍ଭ କରିବାର ଉପଯୁକ୍ତ ସମୟ ହେଉଛି ଶୈଶବ ଓ ବାଲ୍ୟକାଳ ଏବଂ ଉପଯୁକ୍ତ ସ୍ଥାନ ହେଉଛି ଗୃହ ଓ ବିଦ୍ୟାଳୟ । ଏହି ପବିତ୍ର ଅନୁଷ୍ଠାନରେ ଛାତ୍ର ତାର ଜୀବନର ଭବିଷ୍ୟ ଗଢିଥାଏ । ଛାତ୍ର କହିଲେ ସାଧାରଣତଃ STUDENT ବୁଝାଯାଏ, ଯାହାର ଏକ ଅର୍ଥ ଏହି ପ୍ରକାର ହୋଇପାରେ ।

ସେହି STUDENTର FULL FORMଟି ହେଲା

S_smart

T_Thoughtful

U_ Understanding

D_Disciplined

E_Energertic

N_Notable

T_Talented

ପ୍ରତ୍ୟେକ ଛାତ୍ର ଆଦର୍ଶ ଛାତ୍ର ଜୀବନଯାପନ କରିବା ଉଚିତ୍ । ଜଣେ ଆଦର୍ଶଛାତ୍ରର ଯେଉଁ ଯେଉଁ ସୁଗୁଣ ଗୁଡିକ ଏକାନ୍ତ ଆବଶ୍ୟକ, ତାହା ନିମ୍ନରେ ଆଲୋଚନା କରୁଛି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଚ୍ଚ ଆକାଂକ୍ଷା :

ଛାତ୍ର ଜୀବନରୁ ହିଁ ପ୍ରତ୍ୟେକ ବ୍ୟକ୍ତିର ଭବିଷ୍ୟତ ପାଇଁ ଉଚ୍ଚ ଆକାଂକ୍ଷା ପୋଷଣ କରିବା ଏକାନ୍ତ ଆବଶ୍ୟକ । ଏହି ଆକାଂକ୍ଷା ଛାତ୍ରର ବିକାଶମୁଖୀ ବ୍ୟକ୍ତିଗତ, ଅନ୍ତର୍ନିହିତ ଶକ୍ତି, ମାନସିକ ପ୍ରବୃତ୍ତି ଏବଂ ପାରିବାରିକ ପରିବେଶର ପୃଷ୍ଠଭୂମି ଉପରେ ଦଣ୍ଡାୟମାନ ହେବା ଉଚିତ୍ । ଏହି ବିଚାରରେ କେହି ନେତା, କେହି କବି ବା ସାହିତ୍ୟିକ, କେହି ଚିକିତ୍ସକ, କେହି ଯନ୍ତ୍ରବିତ, କେହି ଶିକ୍ଷକ କେହି ସମାଜ ସେବକ, ହେବାର ଭବିଷ୍ୟତ ଆକାଂକ୍ଷା ରଖି ଛାତ୍ର ଜୀବନରୁ ନିଜକୁ ସେହି ଦିଗରେ ପ୍ରସ୍ତୁତ କରିବା ଉଚିତ୍ ।

ସମୟାନୁବର୍ତ୍ତି, ଚତୁର, ଚିନ୍ତାଶୀଳ, କର୍ମଠ

ଆଦର୍ଶ ଛାତ୍ରର ଗୁଣ ଏ ଭଲ ପଢ଼ିବ ପାଠ

ଜ୍ଞାନପିପାସା : ପିପାସା ଅର୍ଥ ତୃଷ୍ଣା।

ତୃଷାର୍ତ୍ତ ବ୍ୟକ୍ତି ଯେପରି ବ୍ୟାକୁଳ ଭାବରେ ଜଳ ଅନ୍ୱେଷଣ କରିବାରେ ଲାଗି ପଡେ ଛାତ୍ର ସେହିପରି ଜ୍ଞାନ ସଂଗ୍ରହ କରିବା ପାଇଁ ବ୍ୟାକୁଳ ହେବା ଉଚିତ୍ । ସେଥିପାଇଁ ବିଭିନ୍ନ ପତ୍ରପତ୍ରିକା, ବିଭିନ୍ନ ପ୍ରକାରର ବହି, ବିଭିନ୍ନ ପ୍ରକାରର ପାଠ୍ୟ ପୁସ୍ତକ ପଢିବା ଉଚିତ୍ ।

ଅଧ୍ୟୟନ _ ବିଦ୍ୟା ଅଧ୍ୟୟନ ଛାତ୍ରମାନଙ୍କର ତପସ୍ୟା ଅଟେ । ପଠନ, ଚିନ୍ତନ, ମନନ ଓ ଲିଖନ ଦ୍ୱାରା ବିଦ୍ୟା ଅଭ୍ୟାସ କରାଯାଏ ।

ବିଦ୍ୟାଳୟଟି ବିଦ୍ୟା ମନ୍ଦିର

ନିଜର ଭାବେ ଯିଏ

ସେଇଠି ପଢି ଭବିଷ୍ୟ ଗଢେ

ଆଦର୍ଶ ଛାତ୍ର ସିଏ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୁଦ୍ଧିର ବିକାଶ :_ ସଂସ୍କୃତରେ ଏକ ଆପ୍ତ ବାକ୍ୟ ଅଛି, "ବିଦ୍ୟାୟେ କିମ୍ କାର୍ଯ୍ୟ ଯଦି ନାସ୍ତି ବୁଦ୍ଧି " ତେଣୁ ପ୍ରତ୍ୟେକ ଛାତ୍ର ଜ୍ଞାନ ପିପାସା ଓ ବିଦ୍ୟା ଅଧ୍ୟୟନ ସଙ୍ଗେ ସଙ୍ଗେ ବୁଦ୍ଧିର ବିକାଶ ସାଧନ କରିବାକୁ ସଚେଷ୍ଟ ହେବା ଆବଶ୍ୟକ ।

ଗୁରୁଭକ୍ତି: ସଦା ସର୍ବଦା ଛାତ୍ର ପାଖରେ ଗୁରୁଭକ୍ତି ଥିବା ଉଚିତ୍ କାରଣ ଗୁରୁଭକ୍ତି ତାକୁ ଅଗ୍ରସର ହେବାରେ ସାହାଯ୍ୟ କରିଥାଏ ।

ଗୁରୁଭକ୍ତି ଥିଲେ ହୃଦୟେ
ହେବ ଆଦର୍ଶ ଛାତ୍ର
ଶୁଣିବା, ପଢିବା, ଲେଖିବା
ଏହା ପାଠର ସୂତ୍ର

ବ୍ୟବହାର ପାଳନ: ପ୍ରତ୍ୟେକ ଛାତ୍ର ଉପଯୁକ୍ତ ବ୍ୟବହାର ଶିକ୍ଷା କରିବା ଉଚିତ୍ । ଯଥା ପିତୃଭକ୍ତି, ମାତୃ ଭକ୍ତି, ଗୁରୁ ଭକ୍ତି, ବୟସ୍କମାନଙ୍କୁ ସମ୍ମାନ, ବିନୟ ଭାବ, ମିଷ୍ଟଭାଷୀ ଇତ୍ୟାଦି ।

ସେବା ଭାବ: ସେବା ହେଉଛି ଶ୍ରେଷ୍ଠ ଉପକାର । ସମସ୍ତ ଛାତ୍ରମାନଙ୍କ ପାଖରେ ଏହି ଗୁଣ ରହିବା ଉଚିତ୍।

ସମୟାନୁବର୍ତ୍ତିତା: ଛାତ୍ର ସର୍ବଦା ସମୟାନୁବର୍ତ୍ତିତା ହେବା ଉଚିତ୍ । କାରଣ ନିଜର ଦାୟିତ୍ୱବୋଧ ଓ ସ୍ୱାସ୍ଥ୍ୟ ରକ୍ଷା ପାଇଁ ଏହା ଏକାନ୍ତ କାମ୍ୟ ।

ନିୟମାନୁ ବର୍ତ୍ତୀ : ଛାତ୍ର ତାର ସମସ୍ତ କର୍ତ୍ତବ୍ୟକୁ ନୀତିନିୟମ ଅନୁସାରେ କରିବା ଉଚିତ୍ ।

ଶୃଙ୍ଖଳା ଜ୍ଞାନ: ପ୍ରତ୍ୟେକ ଛାତ୍ରର ଶୃଙ୍ଖଳା ଜ୍ଞାନ ଓ ଶୃଙ୍ଖଳା ବୋଧ ରହିବା ଉଚିତ୍ । ଛାତ୍ରର ଶୃଙ୍ଖଳାଜ୍ଞାନ ନଥିଲେ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ ହୋଇପାରେ ନାହିଁ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଂଜମ : କାମ, କ୍ରୋଧ, ମୋହ, ଲୋଭ, ଇତ୍ୟାଦି ମନୁଷ୍ୟକୁ ଅଧୋଗତି କରିଥାଏ । ତେଣୁ ସଂଜମତା ଦ୍ୱାରା ଏମାନଙ୍କୁ ଶୃଙ୍ଖଳିତ କରିବା ଉଚିତ୍ ।

ଉପସଂହାର :

ଛାତ୍ରଜୀବନ ବାସ୍ତବିକ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଯାହା ଥରେ ହାତରୁ ଚାଲିଗଲେ ଆଉ ଫେରିନଥାଏ । ସେଥିପାଇଁ ଜଣେ ଆଦର୍ଶଛାତ୍ର ହେବା ପାଇଁ ହେଲେ ଏହି ସବୁ ଗୁଣର ଅଧିକାରୀ ହେବା ଉଚିତ୍ । ତେଣୁ ହୃଦୟରେ ଆଶାବାଦୀ ଓ ଦୃଢବିଶ୍ୱାସ ରଖି ଆଗକୁ ଗଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ ।

ଶ୍ରେଣୀ : ସପ୍ତମ
ଓଡିଶା ଆଦର୍ଶ ବିଦ୍ୟାଳୟ
ବିଶ୍ୱନାଥ ପୁର, ଗଦିଆ, ଢେଙ୍କାନାଳ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଭ୍ରମଣର ଅଭିଜ୍ଞତା



ପଙ୍କଜିନୀ
ଉପାଧ୍ୟାୟ

ଜୀବନର ପ୍ରତିଟି ଗତିପଥରେ ଅଭିଜ୍ଞତାର ପାହାଡ଼ ପାହାଡ ସମାହାର । ପୃଷ୍ଠାବହୁଳ ଦିବସମାନଙ୍କର ସମସ୍ତ ମୁହୂର୍ତ୍ତ ସୃଷ୍ଟିକାରୀ ଅଭିଜ୍ଞତାର ବିରଳ ନମୂନା ।

ଏ ବର୍ଷର ଦୁର୍ଗାପୂଜା ଛୁଟିରେ ଆଠ ଦିନର ଭ୍ରମଣ ଭିନ୍ନ ଏକ ଚେତନା ସୃଷ୍ଟିକାରୀ ସ୍ୱତନ୍ତ୍ରତା ବହନକାରୀ ଜୀବନ କୌଶଳ କହିଲେ ଅତ୍ୟୁକ୍ତି ହେବନାହିଁ ।

ଅକ୍ଟୋବର ୨୧ ତାରିଖ ରାତି ୧୦ଟା ୩୦ ମିନିଟ୍ ଭିସ୍ତାରାରେ ଉଡାନ ଆମର ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ତା'ପରେ ଏରିଟିକାର ସହାୟତାରେ ପହଞ୍ଚିଗଲୁ ଯୋଗଗ୍ରାମରେ । ନିତି ନିୟମର ଶୃଙ୍ଖଳ ଭିତରେ ଆମ ମାନଙ୍କୁ ମିଳିଗଲା ଆଗରୁ ବୁକ୍ କରିଥିବା ସହ୍ରର୍ଗ କୁଟୀର । ତା'ପରେ ସାତ ଦିନର ଯୋଗ କାର୍ଯ୍ୟକ୍ରମ ଏବଂ ଚିକିତ୍ସା ବ୍ୟବସ୍ଥା ମଧ୍ୟରେ ଖାଦ୍ୟ ଶୃଙ୍ଖଳ । ଯୋଗୀ ଋଷି ମାନଙ୍କର ଜୀବନଚର୍ଯ୍ୟା ବିସ୍ମିତ କଲା ଅନେକ ମାତ୍ରାରେ । ଡାକ୍ତର ଠାରୁ ଆରମ୍ଭ କରି ସମସ୍ତ କର୍ମଚାରୀଙ୍କର ବ୍ୟବହାର ବେଶ୍ ଶାଳୀନ । ବିରକ୍ତିର ପ୍ରଶ୍ନ ସେଠି ନଥିଲା । ସ୍ୱାମୀ ରାମଦେବ ବାବାଙ୍କ ପ୍ରତ୍ୟକ୍ଷ ଦର୍ଶନ ସମସ୍ତଙ୍କୁ ଚିକିତ୍ସା ଜଗତକୁ ଟାଣିନେଲା । ଯୋଗ ପ୍ରାଣାୟାମ ଓ ଆୟୁର୍ବେଦର ରାମବାଣରେ । ପ୍ରତି ମୁହୂର୍ତ୍ତର ଅନୁଭୂତି ଥିଲା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନୂତନ ଦିଗଦର୍ଶନର ପରିପନ୍ଥୀ ।

ଯୋଗଗ୍ରାମର ପରିବେଶ ଅତି ସୁନ୍ଦର । ଗଛ ପତ୍ର କଥା ହେଉଥିବା ଭଳି ଅନୁଭବ ହେଉଥିଲା । ଔଷଧୀୟ ବୃକ୍ଷ ଓ ଫଳମାନଙ୍କର ଗହଳି ଭିତରେ ଆୟୁର୍ବେଦର ବାସ୍ନା ଛୁଟୁଥିଲା । ହାତ ଠାରି ଯେମିତି ଅଭିବାଦନ କରୁଥିଲେ ପ୍ରକୃତିର ଯତ୍ନ ଜରୁରୀ ବୋଲି ।

ଏ ଭ୍ରମଣ ସୁଚାରୁ ଥିଲା ପୁଣି ଫେରିବି ଆଉଥରେ, ଦୁଇଥର ନୁହେଁ ବାରମ୍ବାର ବାରମ୍ବାର । ଅନନ୍ୟ ଅନୁଭୂତି ସବୁବେଳେ ହୃଦୟରେ ଘର କରିଗଲା ଯେ ବାହାରିବାର ସମ୍ଭାବନା ନାହିଁ ।

୩୦ ତାରିଖ ଭୋଅର ୫ଟା ୩୦ ଏୟାର ଏସିଆରୁ ପୁଣି ଭୁବନେଶ୍ୱର ପର୍ଯ୍ୟନ୍ତ ଉଡାନ ଏବଂ ନିଜ କାର୍ଯ୍ୟକ୍ଷେତ୍ରରେ ଯୋଗଦାନ ।

ଯାଜପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁବାଇ ଏକ୍ସପୋ ୨୦୨୨



ଚିତ୍ରାରାଣୀ ପାତ୍ର

ଦୁବାଇ ଏକ୍ସପୋ, ମେଳା ଭ୍ରମଣ କଥା ଏକ ନିଆରା ଅନୁଭୂତି । ଆମର ପୁଅବୋହୂ, ୟୁଏଇର ରାଜଧାନୀ ଆବୁଧାବିରେ ରହନ୍ତି । ୨୦୨୨ରେ ଦୁବାଇ ଏକ୍ସପୋ ମେଳା, ଦୁବାଇରେ ପଡ଼ିଥିଲା । ପୂର୍ବରୁ ୨୦୧୯ରେ ହେବାର ଥିଲା ମାତ୍ର କୋଭିଡ଼ ଯୋଗୁଁ ସ୍ଥଗିତ ରଖା ଯାଇଥିଲା । ଯାହା ୨୦୨୨ ଅକ୍ଟୋବରରେ ଖୋଲିଗଲା । ତାହା ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ସମୟ ବଢାଇ ଦିଆ ଯାଇଥିଲା । ଆମକୁ ଅନୁରୋଧ କରି ପୁଅ ଯିବାପାଇଁ ଫ୍ଲାଇଟ୍ ଟିକେଟ ପଠାଇ ଥିଲା । ଆମେ ଫେବୃୟାରୀ ମାସ ପ୍ରଥମ ସପ୍ତାହରେ ସେଠାକୁ ଯାଇଥିଲୁ । ସେଠାରୁ ଯେଉଁ ଦିନ ବୁଲି ବାହାରିଲୁ ଦୁବାଇ ମେଳାକୁ, ଆବୁଧାବିରୁ ସକାଳ ପ୍ରାୟ ସାତଟା ବେଳକୁ, ପୁଅର ଗାଡ଼ିରେ ଦୁବାଇ ସହର ଆସିଲୁ । ପାଖାପାଖି ଏକ ଘଣ୍ଟାର ରାସ୍ତା । ସେଠାରେ ପହଞ୍ଚି ଯାହା ଦେଖିଲୁ ଖୁସିର ସୀମା ରହିଲା ନାହିଁ । ଏକ ବିରାଟ ଜାଗାରେ ସାରା ପୃଥିବୀରୁ ବୟାନବେ ଟି ଦେଶ ଭାଗ ନେଇ ଥିଲେ । ସବୁ ଦେଶ ନିଜ ନିଜ ଦେଶର ଉତ୍କର୍ଷତା ଦେଖାଇଥିଲେ । ସବୁ ଦେଶପାଇଁ ଅଲଗା ଅଲଗା ଜାଗା ଦିଆଯାଇଥିଲା । ଆମ ଭାରତ ମଧ୍ୟ ଭାଗ ନେଇଥିଲା । ପ୍ରଥମେ ପ୍ରବେଶ ପଥରେ ଟିକେଟ କରି ଭିତରକୁ ଯିବାକୁ ହୁଏ । ଆମର ସିନିୟର୍ ସିଟିଜେନଶିପ ବୋଲି ଟିକେଟ ଲାଗିଲା ନାହିଁ । ପ୍ରବେଶ ପଥରେ, ଗୋଟିଏ ପାଖରେ ଧାଡ଼ି ଧାଡ଼ି ହୋଇ ସବୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଶର ଜାତୀୟ ପତାକା ଉଡୁଥିବା ଦେଖିଲୁ । ଆମେ ଏତେବଡ଼ ଜାଗା ଭିତରେ ଏତେ ଶୃଙ୍ଖଳିତ ଭାବେ ପରିଚାଳିତ ହେଉଥିବା ଦେଖି ଖୁବ ଆନନ୍ଦିତ ହେଲୁ । ଏହା ଚାରିବର୍ଷରେ ଥରେ ହୁଏ । ଏହି ମେଳା ଆଗାମୀ ବର୍ଷରେ ସମ୍ଭବତଃ ଚାଇନା ଦେଶରେ ହେବ ଶୁଣିଲୁ । ଆମକୁ ପୁଅ ପ୍ରଥମେ ଭିତରେ ଯାତ୍ରୀମାନଙ୍କ ଲାଗି ବିଭିନ୍ନ ପ୍ରକାର ଗାଡିର ବନ୍ଦୋବସ୍ତ ଥିବାରୁ, ସେଥିରେ ବସାଇ ସାରା ଦେଶର ବାହାର ପଟରୁ କିପରି ସଜା ହୋଇଛି ତାହା ଦେଖାଇବା ପାଇଁ ନେଇଗଲା । ତାହର ଏଇଟା ଷଷ୍ଠ ଥର ଯିବା ହେଲେବି, ସବୁ ଦେଶ ଭିତର ବୁଲିବା ସମ୍ଭବ ହୋଇ ନଥିଲା । ଅନ୍ୟୁନ ପନ୍ଦର ଥରରୁ ଊର୍ଦ୍ଧ୍ୱ ଥର ଗଲେ ହୁଏତ, କିଛି ସାରି ହେବ । ଆମେ ଗାଡ଼ିରୁ ବାହାରି ତଳେ ଚାଲିଚାଲି ପାଖାପାଖି ଥିବା ଦେଶ କେତୋଟି ବୁଲିଲୁ । ପ୍ରଥମେ ଚେକୋସ୍ଲୋଭାକିଆ ଭିତରେ ପଶି ଦେଖିଲୁ, ଏକ ବିରାଟ ସୁନା ମୁଦ୍ରା ଯାହା, ଏକଶହ ତିରିଶ କେଜି ଓ ଚବିଶ କ୍ୟାରେଟର, ଗୋଟିଏ କାଚ ଭିତରେ ଡିସପ୍ଲେ ହୋଇଥିଲା । ମୁଁ ସେଠାରେ ଛିଡ଼ା ହୋଇ ଆଗ ଗୋଟିଏ ଫଟୋ ଉଠାଇ ନେଲି । ଆହୁରି ତା ଅତ୍ୟନ୍ତ ଭବ୍ୟ ସାଜସଜ୍ଜା ଦେଖି ଖୁବ ଭଲ ଲାଗିଲା । ଅଦ୍ୟାବଧି ପୃଥିବୀର ସବୁଠାରୁ ବଡ ମୁଦ୍ରା । ତାପରେ ନ୍ୟୁଜିଲାଣ୍ଡ ଦେଶ ଦେଖିଲୁ । ତାହାର ଉତ୍କର୍ଷତା ବିଷୟରେ ଭିତରେ ଥିବା ଗାଇଡମାନେ ବୁଝାଉ ଥିଲେ । ତାଙ୍କ ଦେଶର ଘର, କାନ୍ଥ କିପରି ଉନ୍ନତ ମାନର, କୌଶଳ ପ୍ରଦର୍ଶନ କରୁଥିଲେ କାନ୍ଥ ଦେଖାଇ । ନ ଦେଖିଲେ ଆଖିରେ, ବୁଝାଇବା କଷ୍ଟ । ଯାହାହେଉ ତାହା ପରେ, ପାପୁଆଗିନି, କାମ୍ବୋଡିଆ, ଋଷିଆ ଆଉ କେତେ ଗୁଡିଏ ଦେଶ ଦେଖିଲୁ । କାମ୍ବୋଡିଆର କାଠ କାମ ପ୍ରସିଦ୍ଧ । ବିଭିନ୍ନ ପ୍ରକାରର ସୁନ୍ଦର ସୁନ୍ଦର ଜିନିଷ ପ୍ରଦର୍ଶିତ ହୋଇଥିଲା । ଏମିତି କିଛି ଦେଶ ବୁଲିବା ପରେ ଆମେ ଦିନର ଖାଇବା ପାଇଁ, ଗୋଟିଏ ରେଷ୍ଟୁରାଣ୍ଟ ଭିତରେ ପଶିଲୁ ।

ଖିଆ ପିଆ ସରିଲା ପରେ ଗୋଟିଏ ଜାଗାରେ ମ୍ୟୁଜିକ ସୁନ୍ଦର ବାଜୁଥିଲା ଓ ନାଚ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଉ ଥିବାର ଦେଖି ଆମେ ଘଡ଼ିଏ ବିଶ୍ରାମ ନେବାକୁ ବସିଲୁ । ଅଳ୍ପ ସମୟ ବସି ତା ଭିତରେ ପାହାଡ଼ ଓ ଝରଣା ସୃଷ୍ଟି କରାଯାଇଥିଲା, ବସିବା ପାଇଁ ବ୍ୟବସ୍ଥା ଥିଲା ବସିଲୁ ।

ପୁଣି ଉଠି ଚାଲି ଚାଲି ଆଉ କେତେ ଗୁଡିଏ ଛୋଟ ବଡ଼ ଦେଶର ସାଜ ସଜ୍ଜା ଦେଖିଲା ପରେ ସନ୍ଧ୍ୟା ପୂର୍ବରୁ ଗୋଟିଏ କାଫେ ଭିତରେ ବସି, କଫି ଓ ସାମାନ୍ୟ ସ୍ୟାଣ୍ଡୱିଚ ଖାଇଲୁ । ସଞ୍ଜ ନଇଁବା ବେଳକୁ ଗୋଟିଏ ବଡ଼ ଜାଗାରେ ସୁନ୍ଦର ଆଲୋକର ମେଳା ଅନୁଷ୍ଠିତ ହେଉଥିଲା । ବହୁତ୍ ବଡ଼ ଜାଗାରେ ବସିବା ପାଇଁ ବେଞ୍ଚ ଓ ଚୌକି ପଡ଼ିଥିଲା । ମ୍ୟୁଜିକ୍ ସହ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକ ଉପର ଛାତରେ ବିଭିନ୍ନ ପ୍ରକାର ଡିଜାଇନରେ ଦେଖାଉଥିଲେ । ପ୍ରକୃତରେ ଏତେ ଜିନିଷ ଦେଖିଲା ବେଳକୁ ହାଲିଆ ଲାଗି ଯାଇଥିଲା । ନ ଚାଲିଲେ ପାଖ ପାଖ ଦେଶ ଦେଖି ହୋଇ ନଥାନ୍ତା । ଯେତିକି ସମ୍ଭବ ଦେଖି ରାତି ଦଶଟାରେ ଘରକୁ ଫେରିଲୁ । ଗୋଡ଼ ହାତର ଦରଜ କମିବାକୁ ଦୁଇଦିନ ଲାଗିଗଲା ସତରେ ଏପରି ଅଭିନବ ମେଳା ଆମ ଜୀବନରେ ପ୍ରଥମେ ଦେଖିବାର ସୌଭାଗ୍ୟ ଅର୍ଜନ କରିଲୁ । ଘରେ ବୋହୂ ନାତି ନାତୁଣୀ ଅପେକ୍ଷାରେ ଥିଲେ । ସେମାନେ ଆଗରୁ ପାଞ୍ଚଥର ଆସି ବୁଲିଥିଲେ । ସ୍କୁଲ ଛୁଟି ଖୋଲି ଯିବାରୁ ଆମ ସହିତ ଆଉ ଥରେ ବୁଲି ଆସି ପାରି ନଥିଲେ ।

ଅନେକ ବୁଢ଼ା ବୁଢ଼ୀ ମଧ୍ୟ ହୁଇଲ ଚେୟାରରେ ବୁଲିବା ଦେଖିଲୁ । ଆଉ ଥରେ ଯିବାର ଇଚ୍ଛା ଥିଲେ ବି ଯାଇନୁ । କାରଣ ବୁଲି ଦେଖିବାକୁ ଅନେକ ଜାଗା ଥିଲା, ସମୟ କରି ପୁଅ ଛୁଟି ଦିନରେ ବୁଲାଇଲା । ଚାହୁଁ ଚାହୁଁ ମାର୍ଚ୍ଚ ଆରମ୍ଭ ହେଲା ଓ ଆମେ ଶିବରାତ୍ରୀ ଦିନ ଫେରି ଆସିଲୁ । ଯେତେ ବେଳେ ଫ୍ଲାଇଟ ଲାଣ୍ଡିଙ୍ଗ କରୁଥିଲା ଆକାଶ ମାର୍ଗରୁ, ଲିଙ୍ଗରାଜ ମନ୍ଦିରର ଚୂଡା ଏତେ ସୁନ୍ଦର ଆଲୋକ ମାଳାରେ ସଜ୍ଜିତ ହୋଇଥିଲା ତାହା ବି ଦେଖି ଖୁସି ହେଲୁ । ସେଇ ନିଆରା ଅନୁଭୂତିରୁ କିଛିଟା ମାତ୍ର ଲେଖିଲି । ଏବେ ସମୟ ସାରିଲାଣି, ରଖୁଛି ।

ବାଲେଶ୍ୱର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅନୁଭୂତିର କିଛି ଅଂଶ



ସୁବାସ ଚନ୍ଦ୍ର ତାରିଣୀ

ମାନବ ଏକ ସାମାଜିକ ପ୍ରାଣୀ, ସମାଜକୁ ତ୍ୟାଗ କରି କେହି ରହିନାହିଁ । ଯଦି ବା କେହି ରହିଛି, ସିଏ ହୁଏତ ଦେବତା ନତୁବା ଇତର ପ୍ରାଣୀ । ଏଣୁ ପ୍ରତ୍ୟେକ ମାନବ ସମାଜର ପ୍ରତ୍ୟେକ ଅଙ୍ଗକୁ ସ୍ପର୍ଶ କରି ଜୀବନ ଜୀବିକାକୁ  ଆଗକୁ ଯାଇଥାନ୍ତି ।

ମଣିଷ ସଂଘ ପ୍ରିୟ । ସଙ୍ଘ  ବା ଗୋଷ୍ଠିକୁ ତ୍ୟାଗ କରି ସେ ରହି ପାରେନା । ତା ସାଥୀ, ବନ୍ଧୁ ଆପଣାର ଲୋକ ତା ଜୀବନର  ସହଯାତ୍ରୀ, ତେଣୁ ମଣିଷ ଜୀବନ ଯେ ଦୁର୍ମୂଲ୍ୟ ତାହା ସ୍ୱୀକାର୍ଯ୍ୟ ।

ଜୀବନରେ ଅନେକ ଅନୁଭୂତି ଥିଲେ ସୁଧା ତାକୁ ବର୍ଣ୍ଣନା କରିବା ସମୟ ସାପେକ୍ଷ । କିନ୍ତୁ ସାହିତ୍ୟ ସାଧନା ସହ ବିଭିନ୍ନ ଅନୁଷ୍ଠାନ ସହ ଯୋଡି ହୋଇ ଅତୀତର ସମସ୍ତ ସାଙ୍ଗ ସାଥୀ, ସଙ୍ଗଠନରୁ ଦୂରେଇ ଯାଇ ଖୁସିରେ କବି କବୟିତ୍ରୀ ମାନଙ୍କ ସହ ବାର୍ତ୍ତାଳପ ଭାବ ବିନିମୟ, ସତସଙ୍ଗ ସହ କବିତା ପରିବେଷଣ କରିବା ମନକୁ ଆନନ୍ଦ ଯୋଗାଉଛି । ଅନେକ ସାହିତ୍ୟ ଅନୁଷ୍ଠାନ ରହିଛି । ପ୍ରାୟ ପ୍ରତ୍ୟେକ ଅନୁଷ୍ଠାନ ତାଙ୍କ ସହ ଯୋଡି ଦେଇଛନ୍ତି । ଅତି ଉତ୍ତମ, ପ୍ରତି ସମୟରେ ପ୍ରତ୍ୟେକ ଦିନ ଶହ ଶହ କବିତା, ଗଳ୍ପ, ପ୍ରବନ୍ଧ, ନୀତିବାଣୀ, ଭଜନ ଜଣାଣ ହ୍ୱାଟ୍ସାପ୍‌ରେ ପରିବେଷଣ ହେଉଛି । ପଢିବାର ଓ ମତାମତ ଦେବାର ସୁଯୋଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିଳୁଛି । ଏଣୁ ଖୁସି ଲାଗୁଛି ।

ଅନନ୍ୟା ଅନୁଷ୍ଠାନର ମୂଖ୍ୟ ପୁରୋଧା, ଶ୍ରୀ ନାରାୟଣ ସେନାପତିଙ୍କ ସଂସ୍ପର୍ଶରେ ଆସିଲା ଦିନରୁ କାହିଁକି କେଜାଣି ମନକୁ ଖୁସି ଆଉ ଆନନ୍ଦ ଦେଉଛି । ଜଣେ ସରଳ, ନିରହଂକିରୀ, ମେଳାପି, ଭଦ୍ର, ସାହିତ୍ୟ ସାଧକ, ଜ୍ଞାନୀ, ଗୁଣୀ, ବିଜ୍ଞ, ଅମାୟିକ ବ୍ୟକ୍ତିତ୍ୱଙ୍କ ସହ ସଂପର୍କଟିଏ ସ୍ଥାପନ କରିବା ଦ୍ୱାରା, ମୁଁ ନିଜକୁ ଧନ୍ୟ ମନେ କରୁଛି । ଆପଣ ମାନେ ଭାବିବେ କାହିଁକି ଏତେ ପ୍ରଶଂସା କରୁଛନ୍ତି । ବାସ୍ତବ ଆପଣଙ୍କ ଭାବନା ଠିକ୍ ହୋଇପାରେ, କିନ୍ତୁ ମୁଁ ଜାଣିବା ଠାରୁ ଏମିତି ଅନୁଷ୍ଠାନକୁ ପରିଚାଳନା ଦକ୍ଷତା କୌଣସି ସଂଗଠନର ମୂଖ୍ୟଙ୍କ ନିକଟରେ ଥିବାର ମୁଁ ଜାଣିବାକୁ ପାଉନି । ପ୍ରତ୍ୟେକ ସାହିତ୍ୟସାଧକ, ଦ୍ୱିତୀୟ ଈଶ୍ୱର ମାନଙ୍କର ଭାଷା ସାହିତ୍ୟ ଉନ୍ନତି କରିବା ଦିଗରେ ଅନନ୍ୟା ବ୍ୟତୀତ ଅନ୍ୟ କୌଣସି ଅନୁଷ୍ଠାନ ନାହିଁ । ସାଧକ ମାନଙ୍କୁ ସାହିତ୍ୟ ସାଧନାରେ ଚଳ ଚଞ୍ଚଳ କରାଇବା ପାଇଁ ବିଭିନ୍ନ ପ୍ରତିଯୋଗୀତାମୂଳକ ଆସର କରାଇ କବି କବୟିତ୍ରୀମାନଙ୍କୁ ସାହିତ୍ୟ ଅନୁରାଗୀ କରାଇବାର ପ୍ରଚେଷ୍ଟା ଜାରି ରଖିଛନ୍ତି । ବହୁଦିନର ପୁରୁଣା ଅନୁଷ୍ଠାନକୁ ସ୍ଥାୟୀ କରିବା ଦିଗରେ ନିଜର ସାଧନା ଜାରି ରଖିଛନ୍ତି । ଆଜୀବନ ସଦସ୍ୟ ସୃଷ୍ଟିକରି ଅନୁଷ୍ଠାନକୁ ସ୍ଥାୟୀ କରିବାର ପ୍ରୟାସ କରିଛନ୍ତି । ସାଧକ ମାନଙ୍କ ମନୋବଳକୁ ସୁଦୃଢ କରିଛନ୍ତି । ଶ୍ରୀ ନାରାୟଣ ଭାଇଙ୍କର ଜ୍ଞାନର ପରିସୀମା ମାପିବା ମୋ ପରି ଅକିଞ୍ଚନ ପାଖରେ ଶକ୍ତି ନାହିଁ । କିନ୍ତୁ ସାହିତ୍ୟ, ଧର୍ମ ଧାରଣା, ବିଭୂ ଉପାସନା, ଭକ୍ତି ଭାବନା, ମାନବିକତା ଇତ୍ୟାଦି ଭରପୂର ରହିଛି ।

ଏଣୁ ଅନନ୍ୟା ସାହିତ୍ୟ ଆସର ସହ ସଂପର୍କର ଅନୁଭୂତିକୁ ସଂକ୍ଷିପ୍ତ ଭାବରେ ପରି ପ୍ରକାଶ କରିଛି । ଆଶାକରେ ପାଠକଙ୍କୁ ଖୁସିଦେବ ।

ତୁଳସୀପଲ୍ଲୀ, ଭଞ୍ଜନଗର, ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ଭାଷା ଓଡ଼ିଆ



ତ୍ରିନାଥ ନନ୍ଦୀ

ଭାଷା ଗୋଟିଏ ଶବ୍ଦ ଯାହାର ବ୍ୟବହାର ଭଲରେ ହୋଇପାରେ ଓ ମନ୍ଦରେ ମଧ୍ୟ । ପୁଣି ସେଇ ଭାଷା ଆନେକ ପ୍ରକାର । ଯେମିତି ଆମର ଭାଷା ଓଡ଼ିଆ ଆମର ମାତୃଭାଷା । ସେହି ପରି ଅନେକ ଭାଷା ରହିଛି । ହେଲେ ଆମପାଇଁ ଆମ ଭାଷା ସବୁଠାରୁ ଶୀର୍ଷରେ । କାରଣ ଆମେ ଜନ୍ମ ସେଇ ଓଡ଼ିଆ ଭୂଇଁରେ ଆମର ମାଆଙ୍କ ଭାଷା ଓଡ଼ିଆ । ସେଇ ଓଡିଆ ଭାଷା ଲୋପ କରିବା ପାଇଁ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଷଡଯନ୍ତ୍ର ଚାଲିଥିଲା । କିନ୍ତୁ ଓଡ଼ିଆ ଭାଷାକୁ ଉପଯୁକ୍ତ ମର୍ଯ୍ୟାଦା ଦେବାପାଇଁ ଓଡ଼ିଶାର ବହୁ ବୁଦ୍ଧିଜୀବୀ ଯଥା ଫକିରମୋହନ ସେନାପତି ଓ ରାଧାନାଥ ରାୟ ଇତ୍ୟାଦି ସଫଳ ହୋଇଥିଲେ । ମଧୁସୂଦନ ଦାସ, ଗୋପାଳ ଚନ୍ଦ୍ର ପ୍ରହରାଜ, ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋପବନ୍ଧୁ ଦାସ, ରାଧାନାଥ ରାୟ, ମଧୁସୂଦନ ରାଓ ଓ ଗଙ୍ଗାଧର ମେହେର ପ୍ରଭୃତି ଆଧୁନିକ ଓଡ଼ିଆ ସାହିତ୍ୟର ପୁରୋଧାଗଣ ଜାତୀୟବାଦୀଙ୍କ ଲେଖା ଓଡ଼ିଶାର ନରନାରୀଙ୍କୁ ଉଦବୁଦ୍ଧ କରିଥିଲା । ସେଇ ଭାଷା ସେଦିନ କିନ୍ତୁ ଉଦ୍ଧାର ହୋଇଥିଲା ହେଲେ ଆଜି ପୁଣି ସେଇ ସମୟ ଆସିଛି । ଲୋକେ ଆଜି ଷଡଯନ୍ତ୍ର କରୁନାହାନ୍ତି କିନ୍ତୁ ନିଜେ ଲୋପ କରୁଛନ୍ତି । ଯେମିତି ଆମେ ଆଜି ବଜାରକୁ ଯିବା ସମୟରେ ଆମେ କହୁଛୁ ମାର୍କେଟ ଯାଉଛୁ । ଖବର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାଗଜ ବଦଳରେ ଆମେ ନ୍ୟୁଜପେପର କହୁଛୁ । ଏହିପରି ଆମେ ଆମ ସାଧାରଣ ଜୀବନ ଯାତ୍ରା ସମୟରେ ଅନେକ ଓଡ଼ିଆ ଭାଷାକୁ ଭୁଲି ବିଦେଶୀ ଭାଷାର ବ୍ୟବହାର କରୁଛେ । କାରଣ ଆମେ ଯେଉଁ ଯେଉଁ ଇଂରାଜୀ ଭାଷାରେ କଥାବାର୍ତ୍ତା କରୁଛେ ସେଇ ଶବ୍ଦ ଓଡ଼ିଆ ରେ କଣ ଆମେ ତାହା ଅବଗତ ନୁହଁ । ଆଜି ଆମ ଓଡିଶା ପୁଅ ଓଡ଼ିଆ ଶବ୍ଦକୁ ବୁଝିପାରୁନି । ଓଡ଼ିଶାର କଠିନ ଶବ୍ଦକୁ ଲେଖିବାର ଅସୁବିଧା ପରିଲକ୍ଷିତ ହେଉଛି । ଓଡ଼ିଆରେ ଭାଷଣ ଦେବା ସମୟରେ ଅନେକ ଓଡ଼ିଆ ଭାଷା ବଦଳରେ ବିଦେଶୀ ଭାଷାର ବ୍ୟବହାର କରୁଛନ୍ତି । ଆଜି ଛାତ୍ର ଓଡିଆରେ କମ୍ ନଂବର ହାସଲ କରୁଛି । କିନ୍ତୁ ଆମର ସେଇ ଓଡ଼ିଆ ଭାଷାକୁ ଆମେ ଓଡ଼ିଆ ପୁଅ ଭୁଲି ଯାଉଛୁ । ହେଲେ ସେଇ ଭାଷାକୁ ଆଜି ବିଦେଶୀ ପର୍ଯ୍ୟଟକମାନେ ଉଚ୍ଚାରଣ କରି ତାକୁ ଶିକ୍ଷିବାରେ ଆଗ୍ରହ ପ୍ରକାଶ କରୁଛନ୍ତି ଓ ସଫଳ ମଧ୍ୟ ହୋଇଛନ୍ତି ତାହେଲେ ଆମେ କାହିଁକି ସେଇ ଭାଷାକୁ ଭୁଲିଯିବା । ଯେମିତି ଆମେ ଓଡ଼ିଆ ବୋଲି ନିଜକୁ ଗର୍ବ କରୁଛେ ଓଡ଼ିଆର ପବିତ୍ର ପର୍ବପର୍ବାଣୀ ପାଳନ କରୁଛେ ସେ ସମୟରେ ଆମେ ଆମ ଭାଷାକୁ କିପରି ଭୁଲିଯିବା । ଆଜି ପୁରାଣ ମହାଭାରତ କ'ଣ ? ବେଦାନ୍ତ କ'ଣ ? ପ୍ରବଚନ ଓ ପୌରାଣିକ ଲୋକବାଣୀ କ'ଣ ? ସେସବୁ ଜଣେ ଓଡ଼ିଆ ପୁଅକୁ କହିବାରୁ ସେ ବିସ୍ମୟ ହୋଇଯାଉଛି । ମୁଁ ଆଜି ମୋ ବନ୍ଧୁଙ୍କ ସହିତ କଥାବାର୍ତ୍ତା କରିବା ସମୟରେ ମୁଁ ମୋ ମାତୃଭାଷାରେ ଶବ୍ଦ ପ୍ରକାଶ କରିବାରୁ ସେ କିଛି ଶବ୍ଦର ଅର୍ଥ ଜାଣିପାରୁନାହାନ୍ତି । ଏପରିକି ଅନେକ ଓଡ଼ିଆ ଶବ୍ଦ ରହିଛି ଯାହାକି ଆମେ ପ୍ରତ୍ୟକ୍ଷରେ ଜାଣିନାହୁଁ ପରୋକ୍ଷ ଭାବେ ଜାଣୁ ।

ଆମ ଓଡ଼ିଶା ଭାଷା ପ୍ରତି ସାରା ବିଶ୍ୱ ସମ୍ମାନ ପ୍ରଦର୍ଶନ କରେ ସେଇଥିପାଇଁ ଆଜିର ବିଜ୍ଞାନ ଯୁଗରେ ଓଡ଼ିଆର ଅକ୍ଷର ଯନ୍ତ୍ର ସହାୟତାରେ ଛପା ଯାଇପାରୁଛି । ସେଥିପାଇଁ ଆମେ ଓଡ଼ିଆ ଭାଷାରେ ବହି ଖଣ୍ଡେ ଖବର କାଗଜ ଭଳି ଅନେକ ସୃଷ୍ଟିକୁ ଆମେ ସହଜରେ ଅଳ୍ପ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମୟରେ ଆକର୍ଷଣୟ ଭାବରେ ପ୍ରସ୍ତୁତ କରିବାରେ ସକ୍ଷମ ହୋଇଛୁ । ଯେଉଁ ସମୟରେ ବିଦେଶର ପର୍ଯ୍ୟଟକମାନେ ଆମ ଓଡ଼ିଶା ଭାଷାକୁ ଉପଯୁକ୍ତ ଉଚ୍ଚାରଣ କରିପାରୁଛନ୍ତି । ସେ ସମୟରେ ଆମ ଓଡ଼ିଶାର ଭାଇଭଉଣୀମାନେ ତାହାକୁ ଉଚ୍ଚାରଣ କରି ପାରୁନାହାଁନ୍ତି ତାହା ଆମ ପାଇଁ ଏକ ଅନୁତାପର ବିଷୟ ।

ଆମର ସେଇ ଓଡ଼ିଆ ଭାଷାକୁ ସୁରକ୍ଷିତ ରଖିବା ପାଇଁ ଅନେକ ଓଡ଼ିଆ ପ୍ରଚେଷ୍ଟା କରୁଛନ୍ତି କିଏ ବିଫଳ ହେଲେ ବି ପୁଣି ପ୍ରଚେଷ୍ଟା କରୁଛନ୍ତି । ହେଲେ ସଭିଏଁ ପ୍ରଚେଷ୍ଟା କରୁନାହାନ୍ତି । ଯଦି ସଭିଏଁ ପ୍ରଚେଷ୍ଟା କରିବେ ସତରେ ଆମ ଓଡ଼ିଆ ଭାଷାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହେବ । ଏହା ସମସ୍ତ ଓଡ଼ିଶାବାସୀ ସଙ୍କଳ୍ପ ନେବା ଉଚିତ  ମୋ ମତରେ -

(ମାଆଙ୍କ ମୁଖ ନିଃସୃତ ବାଣୀ ଆମର ମାତୃଭାଷା, ଓଡ଼ିଆ ଆମର ମାତୃଭାଷା ତାଙ୍କୁ ସମ୍ମାନ ଦେବା ଆମର କର୍ତ୍ତବ୍ୟ ଆମେ ଓଡ଼ିଆ ଆମ ଭାଷା ଓଡ଼ିଆ । )

ତ୍ରିନାଥ ନନ୍ଦୀ

+୨ କଳା ୨ବର୍ଷ,

ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,

ବାଲେଶ୍ୱର, ୮୯୧୮୦୪୦୩୯୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଜଣେ ଓଡ଼ିଆ



ନିତ୍ୟ ରଞ୍ଜନ ନନ୍ଦ

"ମୁଁ ଜଣେ ଓଡ଼ିଆ"; ପୃଥିବୀର ଯେ କୌଣସି ସ୍ଥାନରେ ଠିଆହୋଇ ଏହା କହିବାରେ ଖୁବ୍ ଆନନ୍ଦ ଅଛି । ପୃଥିବୀର କୋଡ଼ିଏଟି ସମୃଦ୍ଧ ସଭ୍ୟ ସୃଜନ ଭାଷା ଭିତରୁ ମୋ ଭାଷା ଗୋଟିଏ । ପୃଥିବୀର ଯେ କୌଣସି ଗୌରବମୟ ସଂସ୍କୃତି ମଧ୍ୟରୁ ମୋ ସଂସ୍କୃତି କେବଳ ଗୋଟିଏ ନୁହେଁ ! ମୋର ସ୍ଥାନ ସ୍ୱତନ୍ତ୍ର । ସ୍ୱତନ୍ତ୍ର କଳାର ସୃଜନ (ଉତ୍କଳ) ହେତୁ ପଥର ନିହାଣରେ କିମ୍ବଦନ୍ତି ଗଢ଼ିଛି । ବିଶ୍ୱ ନୃତ୍ୟମାନସରେ ମୋ ନୃତ୍ୟ ଏକ ଉତ୍ତରଣ ଭୂମିରୁ ଭୂମାଆଡ଼େ; ଆଉ ସବୁ ନୃତ୍ୟକୁ ଏହା କହେ: ନୃତ୍ୟର ଛନ୍ଦରେ କରିହେବ ପ୍ରାଣର ଈଶ୍ୱରୀକରଣ । ସମୁଦ୍ରର ଅସୀମତାକୁ ଦେଖି ବିଶ୍ୱ ଯେବେ ଭୟରେ ଚାହିଁ ରହୁଥିଲା, ମୁଁ ଅଗସ୍ତି ମୁନି ଭଳି ପିଇ ନେଇଥିଲି ସାତ ସମୁଦ୍ର । ଦ୍ୱୀପ ପରେ ଦ୍ୱୀପ ଡେଇଁ ଦେଶ ବିଦେଶରେ ମୋ ଦୁଃସାହସର ଧ୍ୱଜା ଉଡାଇଥିଲି । ଆଉ ବିଶ୍ୱ ଆଧ୍ୟାତ୍ମ ବଡ଼ଦାଣ୍ଡରେ ମୁଁ ଗଢ଼ିଛି ଅଧାଗଢ଼ା ତିନିଠାକୁର । ମୁଁ ମଣିଷ; କିଭଳି ଗଢ଼ିପାରିବି ପୂର୍ଣ୍ଣ ଈଶ୍ୱର ? ମୋର ଏଇ ସରଳତାରେ ଗଢ଼ା ମୋ ସରଳ ଠାକୁର ମଧ୍ୟରେ ସବୁଧର୍ମ, ସବୁମତ, ସବୁପଥ ନିଜ ଅସ୍ତିତ୍ୱ ହରାଇଛି । ଆଉ ସେଇ ସରଳ ଠାକୁର କେବଳ ମୋ ମନ୍ଦିରର ଦିଅଁ ନୁହେଁ; ମୋ ଜାତିର ଆତ୍ମା, ମୋ ଘରର ମୁରବୀ । ତେଣୁ ମୁଁ ଏ ଭୂମିର ଦାୟାଦ ବୋଲି ଆନନ୍ଦ ଲାଗୁଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ମୁଁ ଜଣେ ଓଡ଼ିଆ"; ପୃଥିବୀର ଯେକୌଣସି ସ୍ଥାନରେ ଠିଆହୋଇ ଏହା କହିବାରେ ଖୁବ୍ ଆନନ୍ଦ ଅଛି । ମୋ ପବିତ୍ର ମାଟିକୁ ଛୁଇଁ କେବଳ ଚଣ୍ଡାଶୋକ 'ଧର୍ମାଶୋକ' ହୋଇ ନଥିଲା; ନିତିନିତି ନୀରିହ ରକ୍ତରେ ସ୍ନାନ କରୁଥିବା ପିଶାଚ କରୁଣାର ମହାଦୂତ ହୋଇ ନଥିଲା; ଏ ପବିତ୍ର ମାଟି ଇତିହାସର ସରହଦ ଡେଇଁ ପୁରାଣପୃଷ୍ଠାରେ ଆଙ୍କିଛି କେତେ ପବିତ୍ର ପାଦ ଚିହ୍ନ । ଏଇ ମାଟିକୁ ଦ୍ୱାରକାରୁ ଶାପଗ୍ରସ୍ତ 'ଶାମ୍ବ' ଋଷି ଆଦେଶ ଘେନି ଆସିଥିଲେ ଶାପ ମୁକ୍ତି ପାଇଁ । ଅର୍କଭୂମି କୋଣାର୍କର କର୍ଦ୍ଦମକୁ ଦେହରେ ବୋଳି କାଶ୍ୟପଙ୍କ ଆରାଧନା କରି ହୋଇଥିଲେ ଶାପମୁକ୍ତ । ଆଉ ପଣ୍ଡୁପାଞ୍ଚ ଭାଇ ମହାଭାରତ ଯୁଦ୍ଧ ଅନ୍ତେ ଭାତୃହତ୍ୟା, ପିତୃହତ୍ୟା, ଗୁରୁହତ୍ୟା, ବ୍ରହ୍ମହତ୍ୟା ମହାପାପର ମହାଶୋକରୁ ମୁକ୍ତି ପାଇବା ପାଇଁ ଲୋମଶ ମୁନିଙ୍କ ପରାମର୍ଶରେ ଆସିଥିଲେ ଏ ମାଟିକୁ; ମହାମାୟାଙ୍କ ନାଭି ପିଠ ମା ବିରଜାଙ୍କ ପାଖକୁ । ଏଠି ମାଙ୍କ ଆରାଧନା କରି ମହାଶୋକରୁ, ପାପ ବୋଝରୁ ମୁକ୍ତି ହୋଇଥିଲେ । ମହାଭାରତ ଯୁଗ ଡେଇଁ ଏ ମାଟିର ମହାନତା ରାମାୟଣର ରାମଙ୍କୁ ମଧ୍ୟ କରିଛି ରମଣୀୟ । ଋଷି ପୁତ୍ର, ଉଚ୍ଚ ବ୍ରାହ୍ମଣ ବଂଶଜ, ପରମ ଶିବଭକ୍ତ ରାବଣଙ୍କୁ ହତ୍ୟା କରିଥିବା ଧନୁକୁ ରଘୁବୀର ଲିଙ୍ଗରାଜରେ ମହାଦେବଙ୍କୁ ଅର୍ପଣ କରି ଶରଣ ପଶିଥିଲେ । ସେଇଥିପାଇଁ ଏକମାତ୍ର ଶୈବପୀଠ ଲିଙ୍ଗରାଜ ଚୂଡ଼ାରେ ଧନୁ ବିରାଜିତ । ତେଣୁ ମୁଁ ଏ ଭୂମିର ଦାୟାଦ ବୋଲି ଆନନ୍ଦ ଲାଗୁଛି ।

"ମୁଁ ଜଣେ ଓଡ଼ିଆ"; ପୃଥିବୀର ଯେକୌଣସି ସ୍ଥାନରେ ଠିଆହୋଇ ଏହା କହିବାରେ ଖୁବ୍ ଆନନ୍ଦ ଅଛି । ଏଇ ମାଟିର ସୁବର୍ଣ୍ଣପୁର କବି ଭୀମଭୋଇଙ୍କର କବିତା ସ୍ୱର୍ଣ୍ଣାଭ ଅକ୍ଷରରେ ବିଶ୍ୱ ଜାତିସଂଘର ଲଲାଟରେ ଖୋଦିତ ହୋଇଛି : "ମୋ ଜୀବନ ପଛେ ନର୍କେ ...;  " ଆଉ ଏ ମାଟିର କବି ତା ନିଜ ମାଟିର ମହକରେ ଈଶ୍ୱରୀ ମା (ଶାରଦା) ଆଗେ ବସି ଲେଖିଛି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମହାଭାରତ । ଏ ମାଟିର କବି (ଜଗନ୍ନାଥ ଦାସ) ମାନବୀ ମା ପାଇଁ ଲେଖିଛି ସ୍ୱର୍ଗରୁ ଶବ୍ଦ ଆଣି 'ଭାଗବତ'; ଆଉ ଏଠି କବି (ଜୟଦେବ) ଯେବେ କବିତାର ପଂକ୍ତି ପୂରଣ ପାଇଁ ଶବ୍ଦ ପାଆନ୍ତି ନାହିଁ, ଈଶ୍ୱର ନିଜେ କବି ହୋଇ ପଂକ୍ତି (ଦେହି କର ପଲ୍ଲବ.....) ଲେଖିଦେଇ ଯାଆନ୍ତି । ଆଉ ଆମ ସମୟର ସମ୍ବଲପୁରର ଗଙ୍ଗାଧରଙ୍କ 'ତପସ୍ୱିନୀ' ତପନ ଭଳି ବିଶ୍ୱ ଆଧୁନିକ ସାହିତ୍ୟ ଆକାଶରେ ଉଦିତ ହୋଇଛି । ବିଶ୍ୱ ଆଧୁନିକ ସାହିତ୍ୟ ଆକାଶରେ ମୁଁ ଆଙ୍କିଛି ଆହୁରି ଅନେକ ଉଜ୍ଜ୍ୱଳ ନକ୍ଷତ୍ର: ଫକୀର, ରାଧାନାଥ, ଗୋପବନ୍ଧୁ, ବିଦ୍ୟୁତ୍, କୁନ୍ତଳା, ମନୋଜ, ମାୟାଧର, ଗୋପିନାଥ, ସୁରେନ୍ଦ୍ର ... ଆହୁରି ଅନେକ ଅନେକ ନକ୍ଷତ୍ର ।

ଆଉ ହେ ବିଶ୍ୱ ! ଶୁଣ, ମୁଁ ସେଇ ମାଟିର; ଯେଉଁ ମାଟିର ପୁଅ ବାଉଁଶ ନଳୀରେ (ସାମନ୍ତ ଚନ୍ଦ୍ରଶେଖର) ମାପିପାରେ ହିମାଳୟର ଉଚ୍ଚତା ଆଉ ଚନ୍ଦ୍ରର ଦୂରତା । ତେଣୁ ମୁଁ ଏ ଭୂମିର ଦାୟାଦ ବୋଲି ଆନନ୍ଦ ଲାଗୁଛି ।

"ମୁଁ ଜଣେ ଓଡ଼ିଆ"; ପୃଥିବୀର ଯେକୌଣସି ସ୍ଥାନରେ ଠିଆହୋଇ ଏହା କହିବାରେ ଖୁବ୍ ଆନନ୍ଦ ଅଛି । ମୋ ମାଟିର ବୀରଗାଥା କେବଳ ବିସ୍ମୟ ନୁହେଁ; ଏହା ସ୍ୱର୍ଗୀୟ ଆଉ ସ୍ୱାଭିମାନର ଜୟଯାତ୍ରା । ମୁଁ ଯୁଦ୍ଧ ବାହାରିଲେ, ମୋ ସହ ମୋ ଠାକୁର ବାହାରେ କଳା ଆଉ ଧଳା ଘୋଡ଼ାଚଢ଼ି । ସ୍ୱାଭିମାନ ପାଇଁ ମୁଁ ଦେଇପାରେ ପାଞ୍ଚଲକ୍ଷ ମୁଣ୍ଡ (କାଞ୍ଚି ଅଭିଯାନ) । ବାରବାଟୀ ମୋ ବୀରତ୍ୱର ବିନ୍ଦୁଏ ମାତ୍ର; ଏଇମିତି ଅନେକ ବିନ୍ଦୁରେ ମୁଁ ବୀରତ୍ୱର ସିନ୍ଧୁ । ଖାରବେଳ, କପିଳେନ୍ଦ୍ର; ଏମିତି କେତେ ବିନ୍ଦୁରେ ମୁଁ ସିନ୍ଧୁ । ସମଗ୍ର ଭାରତବର୍ଷ ଯେବେ ଇଂରେଜ ଦ୍ୱାରା ଶାସିତ ହେଲା, ଇଂରେଜ ବିରୁଦ୍ଧରେ "ସିପାହୀ ବିଦ୍ରୋହ" ପୂର୍ବରୁ ମୁଁ ତେଜିଥିଲି "ପାଇକ ବିଦ୍ରୋହ" । ସମଗ୍ର ଭାରତ ଇଂରେଜର ଜୟଗାନ କଲାବେଳେ, ମୁଁ (ସୁରେନ୍ଦ୍ର) ସମଲେଇ ମା'ର ମଥାରେ ସିନ୍ଦୁର ମାଖି ସ୍ୱୀକାର କରି ନଥିଲି ଇଂରେଜର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦାସତ୍ୱ । ମୋ (ଶିଶୁ ବାଜି ରାଉତ) ବୀରତ୍ୱ ଆଉ ସରଳତା ବିଶ୍ୱରେ ବିଦିତ । ମୁଁ ଓଡ଼ିଆ; ବିଜୁ ହୋଇ ଇଣ୍ଡୋନେସିଆ ସ୍ୱାଧୀନ ସଂଗ୍ରାମୀ ନାୟକକୁ ମୃତ୍ୟୁଦଣ୍ଡରୁ ରକ୍ଷା କରିବାକୁ ଆକାଶର ଚିଲ ହୋଇ ଝାମ୍ପି ଆଣିଥିଲି ଭାରତ । ମୁଁ ହିଁ ଦୁଃସାହସର ସୀମାଭାଙ୍ଗି ଜାହାଜ ଭର୍ତ୍ତି ସୈନ୍ୟ ନେଇ "କାଶ୍ମୀର ଭାରତର ଅଙ୍ଗ" କରିଥିଲି । ତେଣୁ ତ ମୁଁ ଏ ଭୂମିର ଦାୟାଦ ବୋଲି ଆନନ୍ଦ ଲାଗୁଛି ।

"ମୁଁ ଜଣେ ଓଡ଼ିଆ"; ପୃଥିବୀର ଯେକୌଣସି ସ୍ଥାନରେ ଠିଆହୋଇ ଏହା କହିବାରେ ଖୁବ୍ ଆନନ୍ଦ ଅଛି । ମୁଁ ହିଁ ପୃଥିବୀର ପ୍ରଥମ ନାରୀ ସ୍ୱାଧୀନତାର ଉଦ୍-ଘୋଷକ । ନାରୀ ସ୍ୱାଧୀନତାର ଶକ୍ତ ସମର୍ଥନ କରି ବଳରାମ ହୋଇ ଲେଖିଛି 'ଲକ୍ଷ୍ମୀ ପୁରାଣ' । କନ୍ୟାଟିଏର ସ୍ୱାଭିମାନ ପାଇଁ ଲକ୍ଷ ଲକ୍ଷ ମୁଣ୍ଡ ଦେଇଛି । ବିଜିତ ରାଜକନ୍ୟା ପଦ୍ମାବତୀ ବିଷୟରେ ରାଜା ଯେବେ କହନ୍ତି ମନ୍ତ୍ରୀଙ୍କୁ: 'ଏ କନ୍ୟାକୁ ଏକ ଚଣ୍ଡାଳ ସହ ବିବାହ ଦେବାକୁ', ମନ୍ତ୍ରୀ ମନ୍ଦମନ୍ଦ ହସେ କନ୍ୟାକୁ ନିଜ ଝିଅ ଭଳି ଘରେ ରଖି ଅପେକ୍ଷା କରନ୍ତି; ଆଉ ରାଜା ଯେବେ ଠାକୁର ରଥରେ ଝାଡୁଧରି ଚଣ୍ଡାଳହୁଏ, ମନ୍ତ୍ରୀ କହନ୍ତି, "ହେ ଚଣ୍ଡାଳ ! ରାଜା ଆଦେଶ ଏ କନ୍ୟାର ପାଣି ଗ୍ରହଣକର ।" ନାରୀପ୍ରତି ଏ ସ୍ୱର୍ଗୀୟ ସମ୍ମାନ କେବଳ ଏ ମାଟି, ଏ ଜାତି ଦେଇପାରେ । ନାରୀର ଅନ୍ତଃ-ସାମର୍ଥ୍ୟର ପରିଚୟ ଦେବାକୁ ଯାଇ ବିଶ୍ୱ ମାନବକୁ ଏ ଜାତି କହିଛି : "ମୋ ବଡ଼ଠାକୁର ଭୋଗ କେବଳ ପ୍ରସାଦ; ଆଉ ସେଇ ପ୍ରସାଦରେ ନାରୀ ରୂପିଣୀ, ମାତୃରୂପିଣୀ "ମା ବିମଳା"ର କୃପା ପ୍ରାପ୍ତ ହେଲେ; ହୁଏ ମହାପ୍ରସାଦ । ଏତିକି ନୁହେଁ ! ମୁଁ ସଦା ମାତୃମୟୀ ପ୍ରକୃତିର ଚିର ପୂଜାରୀ । ତେଣୁ ତ ମୌସୁମୀ ଆଗମନେ ପ୍ରକୃତି ଯେବେ ରଜବତୀ ହୁଏ; ମୁଁ ଉଲ୍ଲାସରେ ପାଳେ 'ରଜ' ପର୍ବ । ଫସଲ ପାଚିଗଲେ କୃତଜ୍ଞତାରେ "ମା ସମଲେଇ"କୁ ଅର୍ପଣକରି ପାଳେ 'ନୂଆଖାଇ' । ଆଉ ଆମେ ଓଡ଼ିଆ ପ୍ରକୃତି ମା ପାଖେ ଏତେ କୃତଜ୍ଞ ଯେ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଧୁନିକ ଗବେଷଣା କହୁଛି ମଣିଷ ପ୍ରଥମେ କୋରାପୁଟରେ ହିଁ ଚାଷ ଶିଖିଥିଲା; ଧାନକୁ ଖାଦ୍ୟରୂପେ ଆବିଷ୍କାର କରିଥିଲା । ପରବର୍ତ୍ତୀ ସମୟରେ ଏଇ ଚାଷ ହିଁ ସଭ୍ୟତାର ଜନନୀ ହୋଇଥିଲା । ହଁ କେବଳ ନାରୀ ସ୍ୱାଧୀନତାର ମୁଁ ବାର୍ତ୍ତାବହ ନୁହେଁ; ଘୃଣ୍ୟ ଜାତିପ୍ରଥା, କୁସଂସ୍କାର ବିରୁଦ୍ଧରେ ପଞ୍ଚସଖା ହୋଇ ନିଜକୁ ଶୁଦ୍ର, କ୍ଷୁଦ୍ର ଘୋଷଣା କରି ବିଶ୍ୱ ସମାଜ ସଂସ୍କାରରେ ସବୁଜିମା ଆଙ୍କେ । ତେଣୁ ତ ମୁଁ ଏ ଭୂମିର ଦାୟାଦ ବୋଲି ଆନନ୍ଦ ଲାଗୁଛି ।

"ମୁଁ ଜଣେ ଓଡ଼ିଆ"; ପୃଥିବୀର ଯେ କୌଣସି ସ୍ଥାନରେ ଠିଆହୋଇ ଏହା କହିବାରେ ଖୁବ୍ ଆନନ୍ଦ ଅଛି । ମୁଁ ଓଡ଼ିଆ; ଏଇ ମର୍ତ୍ତ୍ୟରେ ମୁକ୍ତ କଣ୍ଠରେ କହିଛି : ନରର ନେତା ନର ନ ହେଉ; ନରର ନେତା ନାରାୟଣ ହେଉ । ଏହା କେବଳ କହିନି; ମୁଁ ସଦା ମାନିଛି; ମୋ ଜାତିର ନେତା ନିଜେ ନାରାୟଣ ।

"ଉତ୍କଳରେ ନାହିଁ ନେତା ପ୍ରୟୋଜନ,
ଉତ୍କଳର ନେତା ସ୍ୱୟଂ ନାରାୟଣ ।"

ଆଉ ଯେବେ ସମୟର କୃର-ଚକ୍ରରେ ମୁଁ ହୋଇଛି ପରାଧୀନ, ଶୋଷିତ, ନିର୍ଯ୍ୟାତିତ; ମୁଁ କିନ୍ତୁ ମୋ ନେତାକୁ ନଇଁବାକୁ ଦେଇନି । ମୋ ନେତା ନାରାୟଣଙ୍କୁ ନେଇ ଶତୃ ବନ୍ଧନରୁ ମୁକ୍ତ ରଖିବାକୁ ତାକୁ ନେଇଯାଇଛି : ଚିଲିକା, ସୁବର୍ଣ୍ଣପୁର, ସମ୍ବଲପୁର, ମୟୂରଭଞ୍ଜ ...; ଆଉ ଯେବେ ସମୟ ମୋ ଆଗେ ଅନ୍ଧାର ହୋଇ ଠିଆ ହୋଇ ମୋ ନେତାକୁ ମୋଠାରୁ ଛଡ଼ାଇ ନେଇଛି, ମୁଁ 'ସରଦେଈ' ହୋଇ ଶଂଖନାଦ କରିଛି ,' ବିସର ମହାନ୍ତି' ହୋଇ ଅନ୍ଧାର ପଞ୍ଝାରୁ ଅଗ୍ନିର ଜିଭରୁ ଝାମ୍ପି ଆଣିଛି 'ବ୍ରହ୍ମ' ; ପୁଣି ନାରାୟଣଙ୍କୁ ନେତାକରି ଗଢ଼ିଛି ମୋ ଜୀବନଯାତ୍ରା ।

ସେଇଥି ପାଇଁ ତ ଏ ମାଟିର ମଧୁବାବୁଙ୍କୁ ଯେବେ ମୋତିଲାଲ ନେହେରୁ, ଦେଶବନ୍ଧୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚିତ୍ତରଞ୍ଜନ କଂଗ୍ରେସର ଅଧ୍ୟକ୍ଷ ହେବାକୁ ପ୍ରାର୍ଥନା କଲେ; ମଧୁବାବୁ ମଧୁର ଶବ୍ଦରେ ନ ହେବାକୁ ମନା କରିଦେଲେ; କହିଲେ : ମୁଁ ପଦପଦବୀରେ ବନ୍ଧାନୁହେଁ, ସେଇଭଳି ପ୍ରାଚୁର୍ଯ୍ୟ ପାଖରେ ଦାସ ନୁହେଁ । ଅନେକ କହନ୍ତି ମୁଁ କାଳେ ଦରିଦ୍ର; ଏହା ଶୁଣି ହସଲାଗେ । ସୂର୍ଯ୍ୟ ଚନ୍ଦ୍ର ନିତି ଦେଖନ୍ତି, ମୁଁ "ଶାଗ ପଖାଳ" ଖାଏ; କିନ୍ତୁ ମୋ ଠାକୁରକୁ "ଷାଠିଏ ପଉଟି" ଖୁଆଏ । କେବେ ବି, କେହି ବି ଥରେ ପ୍ରଭୁ ଜଗନ୍ନାଥଙ୍କ ଓଡ଼ିଆ ଘରେ ଅତିଥି ହୋଇ ଦେଖନ୍ତୁ ... ତା ହରିଜନ ସାହିରେ ଯାଇ, ତା ବଣ୍ଡା ପାହାଡ଼ରେ ଯାଇ, ଆଦିବାସୀ ଘରେ ଯାଇ; ଚଷା, ମୂଲିଆ, ବ୍ରାହ୍ମଣ, କରଣ ଘରେ ଯାଇ; ଥରେ ଅତିଥି ହୋଇ ଦେଖନ୍ତୁ : ଜୀବନ ତମାମ୍ ଆଉ କହି ପାରିବେ ନାହିଁ, "ଓଡ଼ିଆ ଦରିଦ୍ର" ବୋଲି ।

ସାଇବେରିଆରୁ ଚିଲିକାକୁ ଅତିଥି ହୋଇ ଆସୁଥିବା 'ସାରସ'କୁ ପଚାରନ୍ତୁ, ମେରୁରୁ ମାଇଲ୍ ମାଇଲ୍ ଲଘଂ ଏ ମାଟିକୁ ଆସୁଥିବା "ରେଡ଼ ଅଲିଫ୍" କୁ ପଚାରନ୍ତୁ ; "ଓଡ଼ିଆ/ ଓଡ଼ିଶା ଦରିଦ୍ର କି ?" ପ୍ରକୃତିର ରୁଦ୍ରନୃତ୍ୟରେ (ବନ୍ୟା/ବାତ୍ୟା) ଭୌତିକ ସ୍ୱଚ୍ଛଳ ହୋଇ ନ ପାରେ; କିନ୍ତୁ ଦାରିଦ୍ର୍ୟ ମୋ ଶବ୍ଦକୋଷରେ ନାହିଁ । ସେଇଥିପାଇଁ ତ ଆଠ କୋଟିରେ ଯେବେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ହୋଇଥିଲା; ଆଠଶହ କୋଟିରୁ ଊର୍ଦ୍ଧ୍ୱ ଇଣ୍ଡୋନେସିଆ ଦେଇଥିବା 'ଚେକ୍'କୁ ଚିରିଦେଇ ବିଶ୍ୱ ମଣିଷକୁ "ବିଜୁ ପଟ୍ଟନାୟକ" କହିଥିଲେ,"ଓଡ଼ିଆ ପୁଅ ଦେଇ ଶିଖେ, ନେଇ ଶିଖେନି" । ତେଣୁ ତ ମୁଁ ଏ ଭୂମିର ଦାୟାଦ ବୋଲି ଆନନ୍ଦ ଲାଗୁଛି ।

"ମୁଁ ଜଣେ ଓଡ଼ିଆ"; ପୃଥିବୀର ଯେକୌଣସି ସ୍ଥାନରେ ଠିଆହୋଇ ଏହା କହିବାରେ ଖୁବ୍ ଆନନ୍ଦ ଅଛି । ବିଶ୍ୱ ଜାଣନ୍ତୁ ! ଆପଣମାନେ ଯେବେ ଓଡ଼ିଶାକୁ ଛୁଅଁନ୍ତି, ଅବିଶ୍ୱସନୀୟ ଭାରତର ଆତ୍ମାକୁ ଛୁଅଁନ୍ତି (It's my Odisha ; The soul of incredible India) । ହଁ ! ଏହା କେବଳ ଶବ୍ଦମାତ୍ର ନୁହଁ; ଏହା ଶବ୍ଦ ଦ୍ୱାରା ସୃଷ୍ଟ ସବୁଠୁ ସରଳ ସତ୍ୟ ଅଟେ । ଏ ଭୂମି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଭବ୍ୟ ଭାରତର ଆତ୍ମା" ବୋଲି ତ "ଦିବ୍ୟ ଗୁରୁ ଅବତାରୀ ଶ୍ରୀ-ରାମକୃଷ୍ଣ" ତାଙ୍କ ପ୍ରିୟ ଶିଷ୍ୟ 'ବିବେକାନନ୍ଦ'ଙ୍କୁ ଓଡିଶାକୁ (ଜଗନ୍ନାଥ ଧାମକୁ) ନ ଯିବାକୁ ନିର୍ଦ୍ଦେଶ ଦେଇଥିଲେ । ତେଣୁ ତ ବିବେକାନନ୍ଦ ପଦବ୍ରଜରେ ସମଗ୍ର ଭାରତବର୍ଷ ବୁଲିଥିଲେ, ପରିବ୍ରାଜକ ଓ ପ୍ରତିନିଧି ହୋଇ ସମଗ୍ର ବିଶ୍ୱ ବୁଲି ଥିଲେ; କିନ୍ତୁ ଓଡ଼ିଶା ଆସି ନଥିଲେ; ବଙ୍ଗାଳୀ ହୋଇ ଶ୍ରୀକ୍ଷେତ୍ର ଆସି ନ ଥିଲେ । ଗୁରୁ କହିଥିଲେ, "ମୁଁ ଯାଇନି; ତୁ ବି ଯିବୁନାହିଁ; ଗଲେ ସେଇଠି ଅଟକି ଯିବୁ । ଯେଉଁ କାମ ପାଇଁ ଆସିଛୁ ତାହା ଆଉ କରିପାରିବୁନି ।" ଏ "ଆତ୍ମାର ଭୂମି" ବୋଲି ତ ଏଠି ଏତେ ଆକର୍ଷଣ; ଏଠି ଅବତାରୀ ବି ଅଟକି ଯାଏ । ଏହି ଆତ୍ମାର ଆଲୋକକୁ ଦେଖିଥିଲେ ବୋଲି ତ ମୁନି କପିଳ ଲେଖିଥିଲେ :

"ଉତ୍କଳସ୍ୟ ସମଦେଶ, ଦେଶ ନାସ୍ତି ମହୀତଳେ।"

ମହର୍ଷି କପିଳ ନିଜ ନଅ କନ୍ୟାଙ୍କୁ ଏଠାରେ ନଅଟି ଋଷିଙ୍କ ସହ ଋଷିକୂଲ୍ୟା (ଋଷି ମାନଙ୍କର) ନଦୀ କୂଳରେ ବିବାହ ଦେଇଥିଲେ । ଉପନିଷଦ, ଗୀତା ଆତ୍ମାର ପଥକୁ ସଦା ମଧ୍ୟମ ପଥ, ସମନ୍ୱୟ, ସଂଗତିର ପଥ କହିଛି । ଦେଖନ୍ତୁ, "ଓଡ଼ିଆ ଭାଷା" ଦକ୍ଷିଣ ଭାରତ ଭାଷା ଭଳି କ୍ଷୀପ୍ର ନୁହେଁ, ଉତ୍ତର ଭାରତ ଭାଷା ଭଳି ଧୀର ମଧ୍ୟ ନୁହେଁ; ଏହା ମଧ୍ୟମ । ଏହାର ବର୍ଣ୍ଣ ଅକ୍ଷର ସବୁ; ଗବେଷଣା କହେ; ଦକ୍ଷିଣ ଭାରତ ଓ ଉତ୍ତର ଭାରତ ଭାଷାର ଅଦ୍ଭୁତ ସମନ୍ୱୟ । ଏହାର ଖାଦ୍ୟ, ପୋଷାକ, ପରିପାଟୀ ନିଜର ସ୍ୱତନ୍ତ୍ରତା ସତ୍ତ୍ୱେ ଉତ୍ତର ଦକ୍ଷିଣର ଏକ ଅଦ୍ଭୁତ ସମନ୍ୱୟ । ଏହାର ଆରାଧ୍ୟା "ମା ବିମଳା" ଦକ୍ଷିଣର କେଉଁ ଦେବୀ ମନେ ହେବାବେଳେ, ଏହାର "ମା କମଳା" ଉତ୍ତର ଭାରତର ଈଶ୍ୱରୀ ଲାଗନ୍ତି । ପୁଣି ସର୍ବବିଦିତ ଏ ଜାତି 'ହର'ର ଉପାସକ, 'ହରି'ର ବି ଉପାସକ; 'ତନ୍ତ୍ର'ର ଉପାସକ, 'ମନ୍ତ୍ର'ର ବି ଉପାସକ; 'ଶକ୍ତି'ର ଉପାସକ, ସୂର୍ଯ୍ୟ'ର ବି ଉପାସକ, ...ଏ ସବୁ ସମ୍ଭବ କେବଳ କେବଳ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆତ୍ମାର ଭୂମିରେ । ଆତ୍ମାର ଭୂମିରେ ହିଁ ଠିଆହୋଇ କେବଳ ଲେଖି ହୁଏ :

"ବିଶ୍ୱ ଦେଖ, ମଧୁମୟରେ ଭୂବନ, ବିଶ୍ୱ ଦେଖ ମଧୁମୟ"।

ମଧୁମୟୀ ମା 'ଶ୍ରୀମା'ଙ୍କୁ କେହି ପ୍ରଶ୍ନ କରିଥିଲେ, 'ଅତିମାନସ ମହାଶକ୍ତିକୁ ଧାରଣ କରିବାକୁ କେଉଁ ଜାତିର ନାମ ପ୍ରଥମ ?" ମା କେଇ ମୁହୂର୍ତ୍ତ ନୀରବ ରହି ଅସୀମ ଆକାଶକୁ ଚାହିଁ କହିଲେ, "ଓଡ଼ିଶା" । ତେଣୁ ତ, ହେ ବିଶ୍ୱ ! ମୁଁ ଏ "ସର୍ବଧର୍ମ ସମନ୍ୱୟ ଭାରତ" ମାଟିର ଧାର୍ମିକ "ଆତ୍ମା ଓଡିଶା ବା ଜଗନ୍ନାଥ ଧାମ"ର  ଦାୟାଦ ବୋଲି ଆନନ୍ଦ ଅନୁଭବ କରୁଛି ।

ଆପଣ କେବଳ ଆନନ୍ଦ ଅନୁଭବ କରୁଛନ୍ତି । କିନ୍ତୁ ଆପଣଙ୍କୁ ଏହି ମାଟିର ମହକକୁ ଆଗକୁ ନେବାକୁ ହେବ ଓ ସାରା ବିଶ୍ୱ ଓଡ଼ିଆରେ ପରିବର୍ତ୍ତିତ ହୋଇ ଗର୍ବ ଅନୁଭବ କରିବା ପାଇଁ ଚେଷ୍ଟା କରୁ ସେଥିପାଇଁ ଆପଣଙ୍କୁ ମାର୍ଗ ପ୍ରଶସ୍ତ କରିବାକୁ ହେବ । ଜୟ ଜଗନ୍ନାଥ ।

ନିତ୍ୟ ରଞ୍ଜନ ନନ୍ଦ

ଡି.ଏଲ. ଏ.-୧୨, ଭି.ଏସ.ଏସ. ନଗର, ଭୁବନେଶ୍ୱର

ମୋ -୯୪୩୭୨୧୭୮୨୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ଆଦର୍ଶ



ବାସନ୍ତୀ ଦେଇ

ମୋ ଜୀବନରେ ମୋ ବାପା ମାଆ ଓ ଗୁରୁ ହେଉଛନ୍ତି ମହାନ୍ ଆଦର୍ଶ । ପ୍ରଥମେ ମୁଁ ପିଲାଦିନରୁ ବାପା ମାଆଙ୍କ ଶିକ୍ଷା, ସଂସ୍କାର ଦ୍ୱାରା ପ୍ରଭାବିତ । ମୋ ବାପାଙ୍କ ସଚ୍ଚୋଟତା, ସରଳ ଓ ଉଚ୍ଚ ଭାବନା ଏବଂ ବନ୍ଧୁପ୍ରୀତି କାର୍ଯ୍ୟ, ଚିନ୍ତାଧାରା ମୋତେ ତାଙ୍କ ପରି ହେବାକୁ ଶିକ୍ଷା ଦେଇଛି । ମୋ ବାପା ଗାଁରେ ଥିବା ବେଳେ ଗାଁର ଗୁମାସ୍ତା ଥିଲେ । ଠାକୁରଙ୍କ ସମ୍ପତ୍ତିକୁ ସେ ଉପଯୁକ୍ତ ରକ୍ଷଣାବେକ୍ଷଣ କରୁଥିଲେ । ତାଙ୍କ ପୂର୍ବରୁ ଗୁମାସ୍ତା ମାନେ ଠାକୁରଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତି କରି ନିଜେ ସୁଖରେ ରହୁଥିଲା ବେଳେ ଗରୀବ ପ୍ରତି ନିଷ୍ଠୁର ଥିଲେ । ଆୟବ୍ୟୟ ଅଟକଳ ମଧ୍ୟ ଠିକ୍ ରେ କରୁନଥିଲେ କିନ୍ତୁ ମୋ ବାପାଙ୍କ ସଚ୍ଚୋଟତା ଓ ନିଃସ୍ୱାର୍ଥପର ମନୋଭାବ ଯୋଗୁଁ ଠାକୁରଙ୍କ ସମ୍ପତ୍ତିକୁ ଠିକ୍ ରେ ତଦାରଖ କରି ଆୟବ୍ୟୟ ଅଟକଳ ନିର୍ଭୁଲ କରୁଥିଲେ ଯଦ୍ୱାରା ପୂର୍ବାପେକ୍ଷା ସମ୍ପତ୍ତିର ଆୟ ବଢିବା ସହିତ ଗରୀବମାନେ ମଧ୍ୟ ଉପକୃତ ହେଲେ । ଠାକୁରଙ୍କ ସମ୍ପତ୍ତିକୁ ବାପା ଦେବତ୍ୱ ସମ୍ପତ୍ତି ବୋଲି କୁହନ୍ତି । ଦେବତ୍ୱ ଅପହରଣ କଲେ ଠାକୁରଙ୍କ ଅଭିଶାପ ପଡିବ ବୋଲି କୁହନ୍ତି । ମୁଁ ସେତେବେଳେ ସପ୍ତମ ଶ୍ରେଣୀରେ ପଢୁଥାଏ । ଥରେ ବାପା ଠାକୁରଙ୍କ ଛାତ ପଡ଼ିବା କାମରେ ଉପକରଣ କିଣିବା ନିମନ୍ତେ ବାହାରକୁ ଯାଇଥିଲେ । ଖରାଦିନ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରବଳ ଖରାରେ ବାପା ପୂରା ଅବଶ ହୋଇପଡ଼ିଥିଲେ । ବୋଉ ତାଙ୍କୁ ଲେମ୍ବୁ ପାଣି ପିଇବାକୁ ଦେଇ କହିଲା ତୁମକୁ ବାଟରେ କିଛି ମିଳିଲାନି ଖାଇବାକୁ କି ପିଇବାକୁ । ବାପା କହିଲେ ମୁଁ କ'ଣ ଠାକୁରଙ୍କ ପଇସାରୁ ଖାଇଥାନ୍ତି କହି ରାଗିଲେ । ମୋର ହୃଦବୋଧ ହେଲା ଯେ ମୋ ବାପା କେତେ ସଚ୍ଚୋଟ । ତା'ର ପ୍ରଭାବ ମୋ ଉପରେ ପଡିଥିଲା । କୁଣିଆ ଘରକୁ ବିଭିନ୍ନ ଜିନିଷପତ୍ର ନେଇଯିବା ପାଇଁ ତାଙ୍କର ଥାଏ ପ୍ରବଳ ଆଗ୍ରହ । ଘରକୁ କୁଣିଆ ଆସିଲେ ବହୁତ ଆଦର ସତ୍କାର କରନ୍ତି । ଆମକୁ ମଧ୍ୟ ତାଙ୍କ ସେବା କରିବାକୁ କୁହନ୍ତି ।

ମାଆ (ବୋଉ) ମହିମା ଧର୍ମାବଲମ୍ବୀ । ସେ ସର୍ବଦା ଧର୍ମ ଆଚରଣ କରେ । ସକାଳେ ସଂଧ୍ୟାରେ ଧ୍ୟାନ ପ୍ରାର୍ଥନା, ଭଜନ କରେ । ଆମେ ମଧ୍ୟ ବୋଉ ଦ୍ୱାରା ପ୍ରଭାବିତ ହୋଇ ଭଜନ କରୁ । ସେ ସାହିପଡିଶାଙ୍କ ସହ କେବେ ଗପକରି ସମୟ ନଷ୍ଟ କରେନାହିଁ । ସବୁବେଳେ ନିଜ ଘର ପିଲାଙ୍କ କାମ କରି ବାଡି ବଗିଚାରେ ଗଛପତ୍ର ଲଗାଏ ଓ ଯତ୍ନ ନିଏ । ଅବସରରେ ଭଜନ ପଢ଼େ । ତା'ର ପ୍ରଭାବ ଆମକୁ ଧର୍ମ ମାର୍ଗରେ ଯିବାକୁ ଏବଂ ନିଜ କାମ ଠିକ୍ ରେ କରିବା ପାଇଁ ପ୍ରଭାବ ପକାଇଥିଲା ।

ବଡ ହେଲାପରେ ବିଦ୍ୟାଳୟରେ ଗୁରୁମାନଙ୍କର ଆଦର୍ଶ ମୋ ଜୀବନରେ ଆଗକୁ ବଢ଼ିବାରେ ସହାୟକ ହେଲା । ମୋର ଆଦର୍ଶ ଗୁରୁ ଥିଲେ ହାଇସ୍କୁଲର ହୋତା ସାର୍ ଓ ଗଣିତ ଶିକ୍ଷକ ରାଧାଶ୍ୟାମ ଖଟେଇ ସାର୍ ।

ଖୋର୍ଦ୍ଧା, ଓଡ଼ିଶା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଆଦର୍ଶ



ତୃପ୍ତିରାଣୀ ପାତ୍ର

ପ୍ରଥମେ ମୋର ସୃଷ୍ଟି କର୍ତ୍ତାଙ୍କୁ ଜଣାଏ ମୋର କୋଟିକୋଟି ପ୍ରଣିପାତ ଓ ମୋ ନିଜର ଆଦର୍ଶ ମୋ ଜୀବନ୍ତ ଈଶ୍ୱର ତଥା ମାତାପିତାଙ୍କୁ ମୋର ଭୂମିଷ୍ଠ ପ୍ରଣାମ ।

ଜନମ ଲଭିଲି ମାତାପିତା କୋଳେ
ଶିଖିଲି ଦରୋଟି ଭାଷା
ତାଙ୍କ ଜୀବନର ନୀତି ଆଦର୍ଶରେ
ଶୁଦ୍ଧ ହେଲା ମାତୃଭାଷା ।

ମାତାପିତାଙ୍କର ନୀତି ନୈତିକତା ଆଦର୍ଶ ସଚ୍ଚୋଟ ସୁଚରିତ୍ର ଧର୍ମ ପରାୟଣତା ଜୀବନରେ କରିଛି ମୋତେ ଅନେକ ପ୍ରଭାବିତ । ଦୁଃଖିଜନ ସେବା, ଧର୍ମକର୍ମ, ମୃଦୁତା, ନମ୍ରତା, ବାଧ୍ୟତା, ଭଦ୍ରତା, ଧୈର୍ଯ୍ୟ ପରାୟଣତା, ପରୋପକାରିତା ଓ ଆତ୍ମସଂଯମ ଏହି ସବୁ ମହାନ ଗୁଣ ଗୁଡିକ ପ୍ରତି ସଦା ଅନୁପ୍ରାଣିତ ହେବାକୁ ମୁଁ କରେ ଏଯାବତ୍ ଚେଷ୍ଟା ।

ଅଳ୍ପରେ ସନ୍ତୁଷ୍ଟ ହୋଇ ଗନ୍ତବ୍ୟ ପଥରେ ସର୍ବଦା ଚାଲିବାକୁ ଚେଷ୍ଟାକରେ ।

ମୋର ଜଣେ ସମ୍ମାନନୀୟା ଶିକ୍ଷୟିତ୍ରୀ ଆମେ ତାଙ୍କୁ ନାନୀ ବୋଲି କହିଥାଉ ଶ୍ରୀମତୀ ମମତା ଦାସ୍ ତାଙ୍କ ନୀତି ଆଦର୍ଶ ମୋତେ ବିଶେଷ ପ୍ରଭାବିତ କରିଥିଲା ମୋ ଜୀବନ ଗଠନରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଲ୍ୟକାଳରୁ ଶିଖିଲି ସୁନ୍ଦରେ
ଗୁରୁ ଗୁରୁଜ୍ଞାନ ଭାଷା
ସେହି ବିଷୟରୁ ଅନୁଭବ କରେ
ଶ୍ରେଷ୍ଠ ହିଁ ସତ୍ୟ ଅହିଂସା ।

ସମୟାନୁବର୍ତ୍ତିତା ରକ୍ଷାକରି ଉତ୍ତମ ଶିକ୍ଷୟିତ୍ରୀ ରୂପେ ନିଜକୁ ଗଢି ତୋଳିବାରେ ମୋ ମାଆ ହିଁ ଆଦର୍ଶ ମୋର । ସରକାରୀ ବିଦ୍ୟାଳୟରେ ମୋର ଶିକ୍ଷାଦାନ ସହିତ ସଂଗୀତ ଗଳ୍ପ ଆଲୋଚନା ପର୍ଯ୍ୟାଲୋଚନା ମାଧ୍ୟମରେ ପ୍ରଦାନ କରେ ନୀତି ଆଦର୍ଶ କଥା । ସେଥିପାଇଁ ଛାତ୍ର ଛାତ୍ରୀଙ୍କର ପ୍ରିୟଭାଜନ ହୋଇପାରେ । କାରଣ ସେମାନେ ମଧ୍ୟ ସବୁକିଛି ଦେଖନ୍ତି ଓ ପରୀକ୍ଷା କରନ୍ତି । ଜାତିଧର୍ମବର୍ଣ୍ଣ ଭେଦଭାବଠାରୁ ରହିଥାଏ ବହୁତ ଦୂରେ । ସଦାସର୍ବଦା ସତ୍ୟ କହିବା ନିର୍ଲୋଭ ଜୀବନ ଇତ୍ୟାଦି ଅନ୍ୟତମ । କୌଣସି କାରଣରୁ ଯଦି ମୁଁ ଛୁଟିନିଏ ଅବା ତାଲିମ ଶିବିରରେ ଯୋଗଦେଇ ଦୁଇତିନି ଦିନ ବିଦ୍ୟାଳୟରେ ଅନୁପସ୍ଥିତ ରୁହେ ତେବେ ଫେରିବା ପରେ ସେମାନଙ୍କ ସମସ୍ତ ଅଳିଅର୍ଦ୍ଦଳି ମୋତେ ଶୁଣାଇ ଦେଇଥାନ୍ତି ଓ ଅନୁପସ୍ଥିତର ଅଭିପ୍ରାୟ ବୁଝିଥାନ୍ତି । ଏଣୁ ମିଛ ନକହି ଯିଏ ମିଥ୍ୟାବାଦୀର ସପକ୍ଷ ହୁଏ ସିଏ ମଧ୍ୟ ମିଥ୍ୟାଚାରୀ ଅଟେ ।

ମୋ ବାପା ମାଆଙ୍କୁ ହୃଦୟରେ ସ୍ମରଣ କରି ଈଶ୍ୱରଙ୍କ ଉପରେ ବିଶ୍ୱାସ ଭରସା ସମର୍ପଣ ଭାବ ରଖି ଚାଲୁଥାଏ ନିତି ପ୍ରତିଦିନ ଏହି ସଂସାର ସାଗରେ ।

ପରିବାର ଧରି ସଂସାରୀ ହୋଇଲି
ବିଭୁଭୟ ଭକ୍ତି ରଖି
ଈଶ୍ୱରଙ୍କ ବାଣୀ ବାଇବଲ ପଢ଼ି
ନିଜକୁ ନେଲି ପରଖି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେତେ ଝଡ଼ ଝଞ୍ଜା ଆସିଲେ ଜୀବନର ଚଲାପଥେ, ହତାଶ ନିରାଶ ନହୋଇ ଦୃଢ଼ ମନରେ ଗଭୀର ବିଶ୍ୱାସରେ ଆତ୍ମ ପ୍ରତ୍ୟୟରେ ସବୁକୁ ସାମ୍ନା କରିଚାଲେ ।

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଉକ୍ତିକୁ ପାଥେୟ କରି ମୋ ବାପା ସଦାସର୍ବଦା ଆମ ତିନି ଭଉଣୀଙ୍କୁ କହୁଥିଲେ "ଆଲୋ ସଖି ଆପଣା ମହତ ଆପେ ରଖି" । ଝିଅ ପିଲାଟିଏ ସବୁ ବିଷୟରେ ନିଜର ଜୀବନ ଶୈଳୀ ପରିମାର୍ଜିତ କରି ଚଳିଲେ ନିଜର ଜୀବନ ଆଦର୍ଶ ଅନ୍ୟ ପାଇଁ ଏକ ଉଦାହରଣ ହୋଇପାରିବ । Simple living high thinking ର ଅନୁସରଣରେ ମାଆ ଟେରେସାଙ୍କ ଜୀବନ ବୃତ୍ତାନ୍ତ, ଗାନ୍ଧୀ, ଗୋପବନ୍ଧୁ, ଆଚାର୍ଯ୍ୟ ହରିହର, ନବକୃଷ୍ଣ ଚୌଧୁରୀଙ୍କ ନୀତି ନୈତିକତାକୁ ଦୃଷ୍ଟିରେ ରଖି ଚଳିଲେ ଜୀବନ ସରସ ସୁନ୍ଦର ହୋଇପାରିବ ।

ସେହି ଆଦର୍ଶରେ ଜୀବନରେ ମୁହିଁ
ସମ୍ମାନେ ନୁହେଁ ଗର୍ବିତ
କାହାରିଠୁ ଯଦି ଅପମାନ ପାଇ
ନହୁଏ କ୍ରୋଧାନ୍ୱିତ ।

ତେବେ ନିଜର ଉତ୍ତମତା ଅନ୍ୟ ଜଣେ ନୀରିକ୍ଷଣ କରି ଜାଣି ପାରିବ । ଲୁଚାଛପା କିଛିହିଁ ନାହିଁ । ମିଥ୍ୟା ଅପବାଦ ବାଧାବିଘ୍ନ ପଛରେ ଆସିବ ତଥାପି ସେସବୁକୁ ସହି ସତ୍ ପଥେ ଚାଲିବାକୁ ପଡିବ । ସୁଚରିତ୍ର ଧର୍ମ ଜ୍ଞାନେ ବଢ଼ି ଜୀବନ ବଞ୍ଚାଇ ଅନ୍ୟକୁ ବଞ୍ଚାଇବା ଆହ୍ୱାନ ସମାଜ ମଙ୍ଗଳେ ବ୍ୟବହାର କରିପାରିବା । ସମୟ ମିଳିଲେ ସାହିତ୍ୟ ସାଧନାରେ ନିଜକୁ ହଜାଇ ଦେବା । ସତ୍ ସଙ୍ଗ ପ୍ରାର୍ଥନା ଆରାଧନାରେ ସମୟ ଦେବା । ଯେ ଦୁଃଖରେ ଥାଏ ତା'ର ଦୁଃଖ ଅଳ୍ପ ବହୁତ ଲାଘବ କରିବାକୁ ଚେଷ୍ଟା କରେ । ଶିଶୁମାନଙ୍କର ସହିତରେ ରହି ସାମର୍ଥ୍ୟ ପର୍ଯ୍ୟନ୍ତ ସହାୟରେ ଖୁସି ଅନୁଭବ କରେ । ମୋର ବାପା ଜଣେ ଭଲ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗୀତିକାର ଓ ଆଶୁ କବି ଥିଲେ ମୁହଁରେ ମୁହଁରେ ଗୀତ ରଚି ଗାଇ ଦେଉଥିଲେ ପାଲା ଗାୟକ ଦଳରେ ଠିଆହୋଇ । ସେହିପରି ମୁଁ ମୋ ନିଜକୁ ସମାଜ ମଙ୍ଗଳେ ବ୍ୟବହାର କରିବା ପାଇଁ ଚେଷ୍ଟା କରେ । ସୁଶିକ୍ଷୟିତ୍ରୀଟିଏ ହୋଇ ନୀତି ଆଦର୍ଶରେ ଛାତ୍ରଛାତ୍ରୀଙ୍କୁ ସୁପଥରେ ନେବାକୁ ଚେଷ୍ଟା କରୁଛି କରୁଥିବି ଅବିରତ ଏବଂ କବୀଟିଏ ହୋଇ ସମାଜ ମଙ୍ଗଳେ ଧାଉଁଛି ଧାଉଁଥିବି ଅବିରତ । ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ । ମୋର ଏହି କଲମ କେବେ ହେବନାହିଁ ବନ୍ଦ । ଭାଷାବିତ ପଠାଣି ପଟ୍ଟନାୟକଙ୍କର କନ୍ୟା ଯିଏ କି ଏବେ ସାଇ ଇଣ୍ଟରନାସନାଲ କଲେଜରେ ଅଧ୍ୟାପିକା ତାଙ୍କ ପ୍ରୋତ୍ସାହନରେ ମୁଁ ଅନୁପ୍ରାଣିତ । ଶ୍ରୀମତୀ ବାସବଦତ୍ତା ପଟ୍ଟନାୟକ ମୋର ଆଦର୍ଶ ।

ଗୀତଟିଏ କର ଜୀବନକୁ ପ୍ରଭୁ
ଭରିଦିଅ ସୁର ମୂର୍ଚ୍ଛନା
ଫୁଲ ପରି ହେଉ କୋମଳ ପରାଣ
ଏତିକି ଅନ୍ତର କାମନା ।
ସୂର୍ଯ୍ୟର ସମ ହୋଇ ନପାରିଲେ
ହେବି ଏକ ଛୋଟ ଦୀପ
ଘାସ ଫୁଲ ସମ ଅହମିକା ଭୁଲି
ହେବି ସଦା ଅବନତ
ନମ୍ରତା ହେଉ ଜୀବନ ଭୂଷଣ
ଏତିକି ଅନ୍ତଃର ପ୍ରାର୍ଥନା ।

ସହଦେବଖୁଣ୍ଟା, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଆଦର୍ଶ



ସୁଦ୍ରୁମା ପଣ୍ଡା

ଆମେମାନେ ନିଜର ଜୀବନକୁ ସରସ ସୁନ୍ଦର ଓ ସାବଳୀଳ କରିବା ପାଇଁ ସାଧାରଣତଃ କାହାକୁ ନା କାହାକୁ ଆଦର୍ଶ ଭାବରେ ଗ୍ରହଣ କରିଥାଉ, ଯେମିତି କି ତାଙ୍କ ପଦାଙ୍କ ଅନୁସରଣରେ ଆମ ଜୀବନର ଚଲାପଥ ସୁଗମ ହେବ । ମୁଁ ଉଭୟ ବାପା ଓ ମାଁ ଙ୍କୁ ମୋର ଆଦର୍ଶ ରୂପେ ଗ୍ରହଣ କରିଛି । ମୋ ବାପାଙ୍କ କର୍ମ ତତ୍ପରତା ଓ କର୍ମ ନିପୁଣତା ମୋତେ ସବୁବେଳେ ଆକର୍ଷିତ କରେ ତାଙ୍କ ପଦାଙ୍କ ଅନୁସରଣ କରିବା ପାଇଁ । ବାପାଙ୍କ ନିର୍ଭୀକ ଭାବ ଓ ସ୍ୱଷ୍ଟବାଦିତା ମୋତେ ଅନୁପ୍ରେରିତ କରେ ସମାଜରେ ଦମ୍ଭର ସହିତ ଛିଡ଼ା ହେବାପାଇଁ । ତାଙ୍କ ବୟୋଜ୍ୟେଷ୍ଠଙ୍କ ପ୍ରତି ସମ୍ମାନ ଓ ବୃଦ୍ଧବୃଦ୍ଧାଙ୍କ ପ୍ରତି ସହାନୁଭୂତି ମୋତେ ଖୋରାକ ଯୋଗାଏ ବଡ଼ଙ୍କ ପାଇଁ କିଛି କରିବାକୁ । ବାପାଙ୍କ ସମାଜ ପାଇଁ ବହୁତ ଅନୁଦାନ ରହିଥିଲା । ଗାଁରେ ଶିକ୍ଷାର ପ୍ରସାର ପାଇଁ ସ୍କୁଲ କଲେଜ ସ୍ଥାପନ ଠାରୁ ଆରମ୍ଭ କରି ଗୋରୁଗାଇଙ୍କ ଚାରଣ ଭୂମିରେ ଜବରଦଖଲକୁ ଉଚ୍ଛେଦ ପାଇଁ ସ୍ୱର ଉତ୍ତୋଳନ କରି ତାକୁ ମୁକ୍ତ କରିବା ପର୍ଯ୍ୟନ୍ତ ନିଜକୁ ଉତ୍ସର୍ଗ କରି ଦେଇଥିଲେ । ଜନସେବାରେ ସଦା ବ୍ରତୀଥିବା ବାପା ସାହିତ୍ୟ କ୍ଷେତ୍ରରେ ମଧ୍ୟ ଅଗ୍ରଣୀ ହୋଇ ରହିଥିଲେ । ତେଣୁ ସେ ସବୁବେଳେ ମୋର ଆଦର୍ଶ । ମୋ ମାଁଙ୍କ ସେବା, ସହନଶୀଳତା ଓ ଧୈର୍ଯ୍ୟ ମୋତେ ସବୁବେଳେ ଦମ୍ଭଦିଏ ଦୃଢ଼ ହେବାପାଇଁ । ତେଣୁ ଏମାନେ ଉଭୟେ ମୋର ନମସ୍ୟ ତଥା ଆଦର୍ଶ ଅଟନ୍ତି ।

ଭଟଲି, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ଆଦର୍ଶ



ମନୋରମା
ରାଉତରାୟ

ସମସ୍ତ ପିତାମାତା ସମସ୍ତଙ୍କ ପାଇଁ ଆଦର୍ଶ, ତା ବ୍ୟତୀତ ଆମ ଜୀବନ ପରିସରକୁ ଆଉ କେତେଜଣ ମହାନ ବ୍ୟକ୍ତିତ୍ୱ ଆମକୁ ଦିଗଦର୍ଶନ ଦେଇ ଆମର କାର୍ଯ୍ୟ ପନ୍ଥାକୁ ସହଜ ଓ ସୁଗମ କରିଥାନ୍ତି । ତାଙ୍କ ଯୋଗୁଁ ଆମ ଭିତରେ ଥିବା ଅଭାବ ପୂରଣ ହୁଏ ଓ ଆମେ ସ୍ୱୟଂସମ୍ପୂର୍ଣ୍ଣ ହୋଇଥାଉ । ସେ ଆମ ଅଜାଣତରେ ଆମ ପାଇଁ ଆଦର୍ଶ ପାଲଟି ଯାଆନ୍ତି । ଜୀବନର ଉଥାନ ପତନରେ ଆଉ ଗନ୍ତବ୍ୟ ସ୍ଥଳରେ ତାଙ୍କ ମୂଲ୍ୟବାନ ଉପଦେଶ ମହୌଷଧି ପରି କାମ କରିବା ସହିତ ପ୍ରତି ମୁହୂର୍ତ୍ତରେ ଚେତାବନି ଦେଇ ସତର୍କ ସୂଚନା ଦେଇଥାନ୍ତି । ଯାହା ଫଳରେ ଆମ ପଥଭ୍ରଷ୍ଟ ନାବର ମଙ୍ଗଟିକୁ ସଲଖି ଧରିବାରେ ସହାୟକ ହୋଇଥାଏ । ସେହିପରି ମୋ ପାଇଁ ଆଦର୍ଶ ମୋ ବଡ଼ ମାଆ, ସେ କଲ୍ୟାଣମୟୀ, ସ୍ନେହୀ, ସାହାସ ପ୍ରଦାୟିନୀ ଓ ପ୍ରେରଣା ଦାୟିନୀ । ମୋ ମାଆ ଗର୍ଭଧାରିଣୀ ଜନ୍ମ ଦେଇଛି ସତ କିନ୍ତୁ ମୋ ପାଇଁ ବଡମାଆ ସାକ୍ଷାତ ଯଶୋଦା ମାଆ । ଯେମିତି ମନକଥା ଜାଣେ ସେମିତି ପେଟ ପାଟି ଚିହ୍ନେ, ଆଉ ମୋ ସୁଖରେ ହସେ ମୋ ଦୁଃଖରେ କାନ୍ଦେ । ପିଲାଦିନେ ମୋ କଣ୍ଢେଇକୁ ଶାଢ଼ୀ ଅଳଙ୍କାର ସଜେଇ ସଢେଇ ଖୋଳରେ ଭୋଜିଭାତ କରି ଖେଳେଇ ଥିଲା । ସ୍କୁଲ ନବାଆଣିବା, ପାଠ ପଢା ତଦାରଖ କରୁଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେତେବଳେ ଆମ ଗାଆଁରେ ହାଇସ୍କୁଲ ନଥିଲା, ନଦୀ ପାରି ହୋଇ ଅନ୍ୟ ଗାଆଁକୁ ପଢ଼ିବା ପାଇଁ ଯିବାକୁ ପଡୁଥିଲା । ଝଡ଼ ବାତ୍ୟା, ଶୀତକାକରରେ ନିଜେ ପଖିଆ ଘୋଡ଼େଇ ଛତାଟି କାଖରେ ଜାକି ନଦୀକୂଳ ବରଗଛ ମୂଳେ ଡ଼ଙ୍ଗାକୁ ଅପେକ୍ଷା କରି ବସୁଥିଲା ଅଦ୍ଭୁତ ସାହସୀ ଥିଲା । ରାତି ଅଧରେ ଲଣ୍ଠନଟି ଧରି ଧାନ ଖଳା ବାଡିରୁ ଗୋରୁଗାଈ, ଚୋର ଦାଉରୁ ରକ୍ଷା କରୁଥିଲା । ବଡଭାଇ କଲେଜରେ ପଢେଇବାକୁ ରାଜି ହେଉ ନଥିଲେ କିନ୍ତୁ ବଡ଼ମାଆ ତାଙ୍କୁ ବୁଝେଇ ଥିଲା । ଯୌଥ ପରିବାରରେ ସେ ଥିଲା ମଉଡ଼ମଣି ବାଡି ବଗିଚା କାମ ନିଜେ କରବା ସହିତ ପିଲାମାନଙ୍କୁ ମଧ୍ୟ ହସେଇ ଖେଳେଇ କାର୍ଯ୍ୟରେ ନିୟୋଜିତ କରିବାର କଳାଟି ଜଣାଥିଲା । ମାଟି ହଣା ଠାରୁ ମଞ୍ଜି ପୋତା ପାଣି ଦିଆ ଇତ୍ୟାଦି । ତା ହାତ ତିଆରି ବାଡି ବଗିଚା ଦେଖିଲେ ପେଟ ପୁରିଯାଏ । ସେ ଭାରି ଲକ୍ଷୀବନ୍ତଟି ତା ହାତ ସ୍ୱର୍ଶରେ ଫୁଲ ଫଳ ସାରା ପରିବେଶ ହସିଉଠେ । କୌଣସି ଜିନିଷକୁ ସେ ଅଦରକାରୀ ନ ଭାବି ସାଇତି ରଖେ, ସ୍ଥାନ କାଳ ବିଶେଷରେ ସେ ତାକୁ ଉପଯୁକ୍ତ କାର୍ଯ୍ୟରେ ଲଗାଇଦିଏ । ସେ ମୋର ଆଦ୍ୟଗୁରୁ ହୋଇ କେତେ ନୀତି ନିୟମ, ଆଚାର ବିଚାର, ସଂସ୍କାର, ବେଭାର ଶିଖାଇଛି । ଗପ ମାଧ୍ୟମରେ ରାମାୟଣ, ମହାଭାରତକୁ ଭିତ୍ତି କରି କେତେ ଯେ ମୂଲ୍ୟବାନ ବିଷବସ୍ତୁକୁ ହୃଦୟରେ ଭରି ଦେଇଛି ତାହା କଳ୍ପନା ବାହାରେ । ପର୍ବପର୍ବାଣୀର ନୀତି ନିୟମ ଆଳରେ ଘରଦ୍ୱାର ସଫେଇ, ଝୋଟି ଚିତା ଦେବା, ଫୁଲମାଳ ତିଆରି, ରୋଷେଇ, ବାର ବ୍ରତ ଯାବତୀୟ ଜିନିଷ ସବୁ ଶିଖେଇଛି । ସେ ଅଲିଭା ଛାପକୁ ଏବେ ବି ମୋ ହୃଦୟରେ ଅତି ଯତ୍ନ ସହକାରେ ସାଇତି ରଖିଛି । ମୋତେ ଲାଗେ ସେ ଯେପରି ସର୍ବଦା ମୋ ପାଖେପାଖେ ରହି ସବୁ କାର୍ଯ୍ୟରେ ପ୍ରେରଣା ଯୋଗାଇଛି । ଆଜି ସେ ଆଉ ଇହ ଜଗତରେ ନାହିଁ, ପ୍ରତି କ୍ଷଣରେ ମନେ ପଡୁଛି ତାର ଅଲିଭା ସ୍ମୃତି ।

କୋରାପୁଟ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ଆଦର୍ଶ



ନିରୁପମା ପଣ୍ଡା

ମୁଁ ସମ୍ପୂର୍ଣ୍ଣ ରୂପେ ମୋ ବାପା ବୋଉ ଓ ମୋ ଗୁରୁଙ୍କ ଆଦର୍ଶ ଓ ନୀତିରେ ଅନୁପ୍ରାଣିତ । ଈଶ୍ୱରବିଶ୍ୱାସୀ ଦୟା କ୍ଷମା ନ୍ୟାୟ ନିଷ୍ଠା ମୁଁ ବାପାଙ୍କ ଠାରୁ ଶିଖିଛି । ନିର୍ଭୀକ ସରଳ ନ୍ୟାୟବନ୍ତ ମୋ ବାପା ।

ବୋଉ ଠାରୁ ମୁଁ ସଂସ୍କାର ଉଚ୍ଚଭାବନା ସ୍ନେହ ଶ୍ରଦ୍ଧା ସମ୍ମାନ ଶିଖିଛି । ସରଳ ସ୍ୱଭାବ ମୋ ବୋଉର । ଈଶ୍ୱରବିଶ୍ୱାସୀ ସେ । ସମ୍ପୂର୍ଣ୍ଣ ଶାକାହାରୀ ।


ମୋ ବାପା କୁହନ୍ତି କର୍ମ ହିଁ ଭଗବାନ ନିଜର ପ୍ରତିଦିନର କର୍ମକୁ ନିଜେ ତର୍ଜମା କର କେତେ ଭୁଲ୍ କେତେ ଠିକ୍ ହୋଇଛି ବୁଝ । କର୍ମ ହିଁ ଭଗବାନ କର୍ମ ଠିକ୍ ରହିଲେ ଭଗବାନ ସନ୍ତୁଷ୍ଟ ହେବା ସହିତ ଭାଗ୍ୟ ପରିବର୍ତ୍ତନ କରିଥାନ୍ତି । ସମାଜ ପାଇଁ ଆମର କର୍ତ୍ତବ୍ୟ ରହିଛି ମୋ ବାପା ଆମ ସ୍କୁଲ ସେକ୍ରେଟାରୀ ଓ ପଞ୍ଚାୟତ ସେକ୍ରେଟାରୀ ଭାବେ ବହୁଦିନ କାର୍ଯ୍ୟ କରି ଅନେକ ଉନ୍ନତି ମୂଳକ କାର୍ଯ୍ୟ କରିଛନ୍ତି । ମୋ ବାପାଙ୍କର ସାହିତ୍ୟ ପ୍ରତି ଆକର୍ଷଣ ରହିଛି ଅନେକ କୋଟସନ୍ ନୀତିବାଣୀ ମୋ ବାପା ଲେଖିଛନ୍ତି । ଲେଖିବା ନିଶା ମୁଁ ବାପାଙ୍କ ଠାରୁ ଜାଣିଲି । ପ୍ରତ୍ୟେକ କର୍ମରେ ନିଜକୁ ଶାନ୍ତ ରଖିବା ବୁଦ୍ଧିମାନଙ୍କ ଗୁଣ ବୋଲି ବାପା କୁହନ୍ତି । ବାପା ବୋଉଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୁଁ ଆଜିଯାଏ ଚାଲିଛି ।

ଆଳି, କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ଆଦର୍ଶ



ରୀତା ଅପରାଜିତା ମହାନ୍ତି

ମୋ ଆଦର୍ଶ କଥା କହିଲେ ଆରମ୍ଭ କେଉଁଠୁ ପଡିବି ପଡେ ମୁଁ ଦ୍ୱନ୍ଦରେ । ମୋ ମାଙ୍କ ତ୍ୟାଗ ଓ ନିଷ୍ଠା ମତେ ଜୀବନର ପଥରେ କେବେ ନ ହାରିବା ଶିଖାଇଛି । ପିତାଙ୍କଠୁ ଏକାଗ୍ରତା ଓ କର୍ତ୍ତବ୍ୟ ପଥରେ ଚାଲିବା ଶିଖିଛି । ମୋ ଗୁରୁଜୀଙ୍କଠୁ ବିଦ୍ୟା ପ୍ରତି ଲୟ୍ୟ ଶିଖିଛି ।

ଏମାନେ ସମସ୍ତେ ମୋ ଆଦର୍ଶ । ଏହା ବ୍ୟତୀତ ମୋ ଜୀବନରେ ଅନେକ ମହତଜନଙ୍କ ପ୍ରଭାବ ପଡିଛି । ମୁଁ ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତି ଦ୍ୱାରା ବହୁତ ମାତ୍ରାରେ ପ୍ରଭାବିତ । ଆଉ ଗୋଟିଏ ବଚନଥିଲା ତାଙ୍କର ମୁଁ ଯାହା କହୁଛି କର । ମୁଁ ଯାହା କରୁଛି ତା ନୁହେଁ । ମୋ କରିବାରେ କିଛି ବି ଭୁଲ ରହିପାରେ । କେତେ ମହତ ଥିଲା ତାଙ୍କ ଚିନ୍ତାଧାରା । ଗୋପବନ୍ଧୁଙ୍କ ସେବା ମନୋଭାବ ମତେ ବହୁତ ପ୍ରଭାବିତ କରିଛି । ଦେଶଜାତିର ସେବାପାଇଁ ନିଜ ସନ୍ତାନ ଜୀବନକୁ ନୁହେଁ କୋଟିଏ ଓଡ଼ିଆ ପୁଅର ଜୀବନକୁ ବଡ଼ ଭାବିଛନ୍ତି ।

ସେହିପରି ସ୍ୱାମୀ ବିବେକାନନ୍ଦ ଆଦର୍ଶ ମତେ ବହୁତ ପ୍ରଭାବିତ କରିଛି । ଆମ ଭାଷା ସାହିତ୍ୟରେ ଫକୀର ମୋହନ, ରାଧାନାଥ ରାୟ, କୁନ୍ତଳାକୁମାରୀ ସାବତ ଆଦିଙ୍କ ଲେଖନୀ ମତେ ପ୍ରେରଣା ଦେଇଛି ।

ସେହିଭଳି ମାକ୍ସିମ ଗର୍କିଙ୍କ ମା ଉପନ୍ୟାସ ମତେ ସତତ ମତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରେରିତ କରିଛି।

ମୋ ଜୀବନର ଫର୍ଦ୍ଦ ବହୁତ ଲମ୍ବା ଏସବୁ ବ୍ୟକ୍ତିତ୍ୱ ଦ୍ୱାରା ମୋ ବ୍ୟକ୍ତିତ୍ୱ ପ୍ରଭାବିତ ହୋଇ ମୁଁ ନିଜକୁ ଭଲ ମଣିଷ କରିପାରିଛି ।

ଏମିତି ଦିନ ଆସିବ ମୁଁ କାହାର ପ୍ରେରଣା ବା ଆଦର୍ଶ ହୋଇପାରିବି । କେଜାଣି ଆପଣ ଦେବେ ତାର ଉତ୍ତର ।

ପ୍ଲଟ ନ -୮୩(ସି) ଆମ୍ରପଲ୍ଲୀ ଭୁବନେଶ୍ୱର -୨୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏ ଜୀବନ



ଦେବାର୍ଚ୍ଚନ ମେହେର

ଏ ମଣିଷ ଜୀବନ ମାତ୍ର ଚାରି ଦିନ ପାଇଁ ଆସିଛି । ଏ ଚାରି ଦିନ ଭିତରେ ଦିନେ ଜନ୍ମ, କର୍ମ, ସାଂସାରିକ ଜୀବନ ଏବଂ ଶେଷରେ ମୃତ୍ୟୁ । ଏହା ସୃଷ୍ଟି କର୍ତ୍ତାଙ୍କ ନିୟତି । ଏହା କିଏ ବା ନ ଜାଣିଛି, ଏହି କଥା ସମସ୍ତ ମଣିଷ ସମାଜକୁ ଜଣା । ଏ ସବୁ ଜାଣିବା ସତ୍ତ୍ୱ ମଧ୍ୟ ଆଜିର ମଣିଷ ସମାଜ ନିଜ ମନ ଭିତରେ ହିଂସା, ଲୋଭ, କ୍ରୋଧ, କପଟଛନ୍ଦ, ଗର୍ବ, ଅହଂ ଭାବ ଆଦି ରଖିଛନ୍ତି । ଯାହା ଫଳରେ ଆଜିର ମଣିଷ ସମାଜକୁ ଅନେକ ଯନ୍ତ୍ରଣା ସହିବାକୁ ମଧ୍ୟ ପଡୁଛି । ଆଜିର ଏ ମଣିଷ ସମାଜ ମଧ୍ୟରେ ଦେଖିବାକୁ ମିଳୁଛି ନିଜ ନିଜ ଭିତରେ ଗୋଟେ ଛୋଟ କଥାକୁ ନେଇ କିମ୍ବା ଜମି-ବାଡ଼ି, ଧନ-ସମ୍ପତ୍ତିକୁ ନେଇ ବାପ-ପୁଅ, ଶାଶୁ-ବୋହୂ, ଭାଇ-ଭାଇ ଭିତରେ ଝଗଡ଼ା, ମାର୍ ପିଟ୍, ହଣାକଟା ଇତ୍ୟାଦି ଅନେକ ଭୟଭୀତ ଘଟଣା ଘଟି ଯାଉଛି । ଯାହା ଭାବିଲା ବେଳକୁ ଦେହ ଶୀତେଇ ଯାଉଛି । କିଛି ଅମାନସିକତାର ଲୋକ ଅଛନ୍ତି, ଯେଉଁମାନେ କି ନାରୀଙ୍କ ଜୀବନ ସହିତ ଖେଳି ଦିଅନ୍ତି । ଶେଷରେ ଦଣ୍ଡ ମଧ୍ୟ ପାଆନ୍ତି । କେତେକ ପରିବାରରେ ନବବିବାହିତା ମହିଳାଙ୍କୁ ଯୌତୁକ ନିର୍ଯାତନା ମଧ୍ୟ ଦିଅନ୍ତି । ଏହା ସହ କିଛି ସ୍ୱଳ୍ପ ସମୟର ସୁଖ ପାଇଁ କମ ବୟସର ଝିଅଙ୍କୁ ଦୁଷ୍କର୍ମ ମଧ୍ୟ କରି ଦିଅନ୍ତି । ଯାହା ଅତ୍ୟନ୍ତ ଅପରାଧ ଅଟେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଇ ମଣିଷର ଦୈନନ୍ଦିନ ଜୀବନ ଭିତରେ ପ୍ରତି ମୁହୂର୍ତ୍ତରେ ଅନେକ କିଛି ଘଟଣା ଘଟି ଯାଉଛି । ମଣିଷ ନିଜର ପ୍ରାଣକୁ ବଞ୍ଚାଇବା ପାଇଁ ସବୁ ସମୟରେ ଅନେକ ପରୀକ୍ଷା ଦେଇ ଚାଲିଥାଏ । ଏଇ ମଣିଷ ଜୀବନଟା ଏକ ନଦୀ ପରି ଅଙ୍କାବଙ୍କା ରାସ୍ତାଟିଏ, ଲମ୍ବି ଯାଇଛି ଏଣ୍ଡୁଡ଼ି ଶାଳରୁ ମଶାଣି ଭୂଇଁ ପର୍ଯ୍ୟନ୍ତ । ଏପଟେ ଜନମ ସେପଟେ ମରଣ ମଝିରେ କେବଳ ହିଁ ଜୀବନ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ କେବଳ ସଂଗ୍ରାମ ହିଁ ସଂଗ୍ରାମ । ଯଦି ମଣିଷ ସମୟ ସହିତ ଖାପ ଖୁଆଇ ଚଳି ନପାରେ ତେବେ ତାକୁ ବହୁତ ଦୁଃଖ କଷ୍ଟ ସହିବାକୁ ପଡେ । ଏ ପୃଥିବୀରେ ଯେତେ ଜୀବ ଅଛନ୍ତି ସମସ୍ତଙ୍କ ମଧ୍ୟରୁ ମନୁଷ୍ୟ ହେଉଛି ଶ୍ରେଷ୍ଠ ଜୀବ । ତା ନିଜ ବୁଦ୍ଧି ବିବେକ ଲଗେଇ କର୍ମ କରିବା ସତ୍ତ୍ୱେ ମଧ୍ୟ ନିଜକୁ ଇଶ୍ୱରଙ୍କ ପାଖରେ ସମ୍ପୂର୍ଣ୍ଣ ରୂପେ ସମର୍ପି ପାରେନା କିନ୍ତୁ ମୋହ ମାୟାରେ କବଳିତ ହୋଇଥାଏ । ସେଥିପାଇଁ ସେହି ମନୁଷ୍ୟ ଅନେକ ଦୁଃଖ ପାଏ ।

ଏଇ ମନୁଷ୍ୟ ଜୀବନରେ ସବୁଦିନ ପାଇଁ ନା ଯୌବନ ରୁହେ, ନା ଧନ ସମ୍ପତ୍ତି ରୁହେ, ନା ପ୍ରାଣ ରୁହେ !!! କିଛି ରୁହେନି କେବଳ ଯଶ କୀର୍ତ୍ତି ରୁହେ । ଏହା ସମସ୍ତ ମନୁଷ୍ୟ ସମାଜକୁ ଜଣା । ଏଇ ମନୁଷ୍ୟ ଯୌବନ ଓ ଧନ ସମ୍ପତ୍ତି ଲାଳସାରେ ଲିପ୍ତ ରୁହନ୍ତି । ଏଥିରେ ଯେ କେତେ ବିପଦ ଅଛି କିଛି ମନୁଷ୍ୟ ଭାବି ପାରନ୍ତି ନାହିଁ । ତାଙ୍କ ଇଛା ଅନୁସାରେ କାର୍ଯ୍ୟ କରନ୍ତି । ଯେତେ ବି ଜ୍ଞାନୀ ଓ ଧନ ସମ୍ପତ୍ତିର ମାଲିକ ହୋଇଥିଲେ ମଧ୍ୟ ଆମେ ଦିନେ ନା ଦିନେ ଏ ମାଟିରେ ମିଶିବାକୁ ହେବ । କେବଳ ମନୁଷ୍ୟ ନୁହନ୍ତି, ଏ ଜୀବ ଜଗତରେ ଯେତେ ବି ଜୀବଜନ୍ତୁ ଅଛନ୍ତି ସମସ୍ତେ ଦିନେ ନା ଦିନେ ଏ ମାଟିରେ ମିଶିଯିବେ । ଏଥିରେ ଟିକେ ବି ସନ୍ଦେହ ନାହିଁ । ଏ ପୃଥିବୀରେ କୋଟି କୋଟି ମନୁଷ୍ୟ ଜନ୍ମ ନେଉଛନ୍ତି ଏବଂ ହଜାର ହଜାର ମୃତ୍ୟୁ ବରଣ ମଧ୍ୟ କରୁଛନ୍ତି । ତେଣୁ ଏ ମନୁଷ୍ୟ ଜୀବନରେ କେହି କାହାରି ନୁହନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେମିତି ଆସିଛନ୍ତି ସେମିତି ଦିନେ ନା ଦିନେ ଚାଲିଯିବେ । ପ୍ରଭୁ ଈଶ୍ୱରଙ୍କ ଆଦେଶରେ ଏ ମର୍ତ୍ତ୍ୟମଣ୍ଡଳେ ସମସ୍ତେ ଅଭିନୟ କରି ଚାଲିଛନ୍ତି । ଯେଉଁ ଦିନ ଯାହାର ଅଭିନୟ ଶେଷ ହୋଇଯିବ ସେ ଏ ପୃଥିବୀକୁ ଛାଡ଼ି ସବୁ ଦିନ ପାଇଁ ସର୍ଗବାସି ହୋଇଯିବ ।

ମୁଁ ଏଇ ମନୁଷ୍ୟ ସମାଜକୁ ଏତିକି କହିବାକୁ ଚାହେଁ ଯେ, ଆମେ ସମସ୍ତେ ଏ ପୃଥିବୀକୁ ଅଳ୍ପ ସମୟ ପାଇଁ ଆସିଛୁ । ତେଣୁ ସମସ୍ତେ ମିଳିମିଶି ରହିବାକୁ ଚେଷ୍ଟା କରିବା ଉଚିତ । କେଉଁ ମୁହୂର୍ତ୍ତରେ କଣ ହେବ କିଏ ବା ଜାଣିଛି । ଏ ଜୀବନର ଚଳା ପଥରେ କେତେବେଳେ କମଳ ଫୁଲର ବିଛଣା ତ କେତେବେଳେ ଯେ କଣ୍ଟାର ଆଘାତରେ ରକ୍ତାକ୍ତ ପାଦର ଯନ୍ତ୍ରଣା ସହିବାକୁ ପଡେ । ତ ପୁଣି କେତେ ଅଚିହ୍ନା ମଣିଷ ହୃଦୟ ଭିତରେ ରହି ଯାଆନ୍ତି । ଏ ମନୁଷ୍ୟ ଜୀବନରେ ନିଜର ସ୍ୱାର୍ଥ ହାସଲ କରିବାରେ ସମସ୍ତେ ତତ୍ପର ଥାଆନ୍ତି । ନିଜର ସ୍ୱାର୍ଥ ପୂର୍ଣ୍ଣ ହେଲେ ଆଉ କେହି କାହାରି କୁ ଚିହ୍ନି ନାହାନ୍ତି । ଏହିଭଳି ଭାବେ ଆଜିର ଏ ଦୁନିଆଁ ଚାଲୁଛି ।

ଦେବାର୍ଚ୍ଚନ ମେହେର
ଗ୍ରାମ - ବାପୁଜୀ ନଗର
ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୭୪୭୫୫୨

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ନାସାର ଆଗାମୀ ମିଶନ୍



ଅସିତ ମହାନ୍ତି

ଯଦି ଏହା କୁହାଯାଏ ଯେ ନାସା ବିନା ସମଗ୍ର ବିଶ୍ୱର ସ୍ପେସ୍ ସେକ୍ଟର ଅସମ୍ପୂର୍ଣ୍ଣ, ତେବେ ଏହା ଭୁଲ ହେବ ନାହିଁ । କାରଣ ନାସା ସମଗ୍ର ବିଶ୍ୱରେ ଏକମାତ୍ର ସଂଗଠନ ଯାହାକି ପ୍ରତ୍ୟେକ ପ୍ରକାରର ସ୍ପେସ୍ ମିଶନକୁ ସଂପୂର୍ଣ୍ଣ ନୂଆ ରୂପରେ କାର୍ଯ୍ୟକାରୀ କରିଥାଏ । ସେଥିପାଇଁ ସେମାନେ ଅନ୍ୟ ସ୍ପେସ୍ ଏଜେନ୍ସିଠାରୁ ବହୁତ ଭିନ୍ନ । ଏହା ବ୍ୟତୀତ ନାସାର ମହାକାଶ ମିଶନ ସମଗ୍ର ବିଶ୍ୱ ପାଇଁ ପ୍ରେରଣା ଉତ୍ସ ଭାବରେ କାର୍ଯ୍ୟ କରିଥାଏ । ନାସାର ସ୍ପେସ୍ ମିଶନ୍ ଅନ୍ୟ ଦେଶମାନଙ୍କୁ ଗାଇଡ୍ ଭାବରେ ଯେକୌଣସି ମିଶନରେ ସାହାଯ୍ୟ କରିବାକୁ ସର୍ବଦା ପ୍ରସ୍ତୁତ ।

୧. ୟୁରୋପା କ୍ଲିପର୍ (୨୦୨୪): - ନାସାର ଏହି ୟୁରୋପା ମିଶନ ଆସନ୍ତା ବର୍ଷ ଅକ୍ଟୋବର ଅର୍ଥାତ ୨୦୨୪ ପାଇଁ ଧାର୍ଯ୍ୟ କରାଯାଇଛି । ଏହି ମିଶନରେ ନାସା ସୌର ପ୍ରଣାଳୀର ବୃହତ୍ତମ ଗ୍ରହ ବୃହସ୍ପତି ନିକଟକୁ ଯିବାକୁ ଚାହୁଁଛି ଏବଂ ଏହାର ଚନ୍ଦ୍ର ୟୁରୋପା ଉପର ଦେଇ ମଧ୍ୟ ଯିବାକୁ ଯାଉଛି । ମିଶନର ସବୁଠାରୁ ବଡ ଲକ୍ଷ୍ୟ ହେଉଛି ୟୁରୋପା ବିଷୟରେ ବିସ୍ତୃତ ଭାବରେ ଜାଣିବା । ନାସା ୟୁରୋପାର ବାହ୍ୟ କଠିନ ବରଫ ପୃଷ୍ଠକୁ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ୟୁରୋପାରେ ଜୀବନର ଉତ୍ପତ୍ତି ବିଷୟରେ ଜାଣିବାକୁ ଚାହୁଁଛି । ଏହା ବ୍ୟତୀତ, ୟୁରୋପା'ର ପୃଷ୍ଠରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘଟୁଥିବା ପରିବର୍ତ୍ତନ ଗୁଡିକ ମଧ୍ୟ ଭଲ ଭାବରେ ନଜର ରଖାଯିବ, ଯାହା ଦ୍ୱାରା ଏହା ଉପରେ ସମ୍ଭାବ୍ୟ ବାସସ୍ଥାନ ଗୁଡିକ ମିଳିପାରିବ । ଏହି ମିଶନ ସହିତ ଆମେ ପୃଥିବୀ ବ୍ୟତୀତ ଅନ୍ୟ ସ୍ଥାନରେ ଜୀବନ ଖୋଜି ପାରିବା ।

୨. ନାସାର ଆର୍ଟେମିସ୍ ମିଶନ୍ (୨୦୨୪-୨୦୨୫): -ନାସାର ଆର୍ଟେମିସ୍ ମିଶନ୍ ହେଉଛି ଏକ ଭବିଷ୍ୟତବାଦୀ ମିଶନ୍, ଯାହା ମାଧ୍ୟମରେ ଆମେ ଚନ୍ଦ୍ରକୁ ଦେଖିବା ପଦ୍ଧତି ବଦଳିଯିବ । ଏହି ମିଶନ ଚନ୍ଦ୍ର ବିଷୟରେ ପ୍ରତ୍ୟେକ ବିଷୟ ଉପରେ ଧ୍ୟାନ ଦେବାକୁ ଯାଉଛି । ଏହାର ଅର୍ଥ ହେଉଛି ଯେ ଆମେ ଏଥିରୁ ଚନ୍ଦ୍ର ବିଷୟରେ ଅନେକ ସୂଚନା ପାଇବାକୁ ଯାଉଛୁ । ଏଥିରୁ ଆମେ ଚନ୍ଦ୍ରର ପ୍ରାୟ ପ୍ରତ୍ୟେକ ଦିଗ ବିଷୟରେ ଜାଣିବାକୁ ଯାଉଛୁ । ଏହି ମିଶନ୍ ବିଷୟରେ ଏକ ବିଶେଷ କଥା ହେଉଛି ଏଥିରେ ୬ ଟି ବଡ ସ୍ପେସ୍ ଏଜେନ୍ସି ଜଡିତ । ଏହି ମିଶନରେ ସ୍ପେସ୍ ଲଞ୍ଚ ସିଷ୍ଟମ୍, ଓରିଅନ୍ ଅର୍ବିଟର୍, ଲୁନାର ଗେଟୱେ ଏବଂ ହ୍ୟୁମାନ୍ ସ୍ପେସ୍ ଲ୍ୟାଣ୍ଡିଂ ସିଷ୍ଟମର ଡିଜାଇନ୍ ଉପରେ ଅଧିକ ଧ୍ୟାନ ଦିଆଯିବ । ଏହା ବ୍ୟତୀତ, ଏହି ମିଶନର ମୂଳ ଲକ୍ଷ୍ୟ ହେଉଛି ଲୋକଙ୍କୁ ଚନ୍ଦ୍ରରେ ଅବତରଣ କରିବା ଏବଂ ସେହି ସମୟରେ ସେଠାରେ ଏକ ସ୍ଥାୟୀ ଘର ନିର୍ମାଣ କରିବା । ତେଣୁ ବର୍ତ୍ତମାନ ଆପଣ ନିଜେ କଳ୍ପନା କରିପାରିବେ ଯେ ଭବିଷ୍ୟତରେ ଏହି ମିଶନ କେତେ ଲୋକପ୍ରିୟ ହେବ । କାରଣ ଅନେକ ଦଶନ୍ଧି ପରେ ମଣିଷ ପୁଣି ଚନ୍ଦ୍ରରେ ଅବତରଣ କରିବାକୁ ଯାଉଛି । ଏହା ବ୍ୟତୀତ ମଙ୍ଗଳ ଗ୍ରହକୁ ଭବିଷ୍ୟତର ମିଶନ ପାଇଁ ମଧ୍ୟ ଏହି ମିଶନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି । କାରଣ ଚନ୍ଦ୍ର ଉପରେ ଆଧାର ନିର୍ମାଣ ହେବା ପରେ, ଭବିଷ୍ୟତର ଅବଶିଷ୍ଟ ମହାକାଶ ମିଶନଗୁଡ଼ିକ କେବଳ ସେଠାରୁ କାର୍ଯ୍ୟ କରିବାକୁ ଯାଉଛି ।

୩. ଲୁନାର ଗେଟୱେ (୨୦୨୫): - ଲୁନାର ଗେଟୱେ ଏକ ପ୍ରକାର ଉନ୍ନତ ସ୍ପେସ୍ ଷ୍ଟେସନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେବାକୁ ଯାଉଛି, ଯାହା ଚନ୍ଦ୍ରର କକ୍ଷପଥରେ ବୁଲିବ । ଏହି ଚନ୍ଦ୍ର ମିଶନ ନାସାର ଅନେକ ଗୁରୁତ୍ୱପୂର୍ଣ୍ଣ ମିଶନ ମଧ୍ୟରୁ ଅନ୍ୟତମ । ଏଥିରେ ନାସା ସ୍ପେସ୍ ଷ୍ଟେସନ୍ ମଧ୍ୟ ସୌର ଚାଳିତ ଯୋଗାଯୋଗ ହବ୍ ଭାବରେ କାର୍ଯ୍ୟ କରିବାକୁ ଯାଉଛି । ଏଥିରେ ମହାକାଶଚାରୀମାନଙ୍କ ପାଇଁ ଅନେକ ଲାବୋରେଟୋରୀ ଏବଂ ଅନେକ ବାସଗୃହ ରହିବ । ଏହି ମିଶନକୁ ସଫଳ କରିବା ପାଇଁ ଆମେରିକା, ଜାପାନ, ୟୁରୋପ ଏବଂ କାନାଡା ଦେଶ ଏକତ୍ରିତ ହୋଇଛନ୍ତି । ଏହି ମିଶନକୁ ସଫଳ କରିବା ପାଇଁ ଏହି ସମସ୍ତ ଦେଶର ସ୍ପେସ୍ ଏଜେନ୍ସିଗୁଡିକ ସମସ୍ତ ସମ୍ଭାବ୍ୟ ପ୍ରୟାସ କରିବାକୁ ଯାଉଛନ୍ତି । ଯଦି ଏହି ମିଶନ୍ ସଫଳ ହୁଏ, ତେବେ ଆମେ ଆଗାମୀ ସମୟରେ ସହଜରେ ସ୍ପେସ୍ ଭ୍ରମଣ କରିପାରିବା । ଆର୍ଟେମିସ୍ ମିଶନ୍ ପରେ, ଏହି ମିଶନ୍ ୨୦୨୫ ରେ ବହୁତ ଗୁରୁତ୍ୱପୂର୍ଣ୍ଣ ହେବ, କାରଣ ଏହା ବିନା ଆର୍ଟେମିସ୍ ମିଶନ୍ ସଫଳ ହେବା ଅତ୍ୟନ୍ତ କଷ୍ଟକର । ଏହି ମିଶନ୍ ଆର୍ଟେମିସ୍ ମିଶନ୍ ପାଇଁ ଏକ ଯୋଗାଯୋଗ ହବ୍ ଭାବରେ କାର୍ଯ୍ୟ କରିବାକୁ ଯାଉଛି ।

୪. ଡ୍ରାପର୍ ଚନ୍ଦ୍ର ଲ୍ୟାଣ୍ଡର୍ (୨୦୨୫): - ୨୦୨୫ ପାଇଁ ଧାର୍ଯ୍ୟ ହୋଇଥିବା ଏହି ମିଶନ୍ କିଛି ଅଲଗା ଅଟେ । କାରଣ ଏହା ଚନ୍ଦ୍ରର କେବେ ଦେଖାଯାଇ ନଥିବା ପାର୍ଶ୍ୱରେ ଘଟିବାକୁ ଯାଉଛି । ଏହି ମିଶନର ମୂଳ ଲକ୍ଷ୍ୟ ହେଉଛି ଅବତରଣ ସ୍ଥାନର ଭୌଗୋଳିକ ଗଠନ ଖୋଜିବା । ଅବତରଣ ସ୍ଥାନ ବିଷୟରେ ବିଶେଷ କଥା ହେଉଛି ଏହି ଅଞ୍ଚଳରେ ବିପୁଳ ପରିମାଣର ଆଗ୍ନେୟଗିରି କାର୍ଯ୍ୟକଳାପ ପରିଲକ୍ଷିତ ହୋଇଛି । ଏହି ଆଗ୍ନେୟଗିରି କାର୍ଯ୍ୟକଳାପ ସମଗ୍ର ବିଶ୍ୱରୁ ଗବେଷକମାନଙ୍କୁ ଆକର୍ଷିତ କରୁଛି । ଏହା ବ୍ୟତୀତ ଏହି ମିଶନ୍ ସ୍ପେସ୍ ଲଜିଷ୍ଟିକ୍ସ ଉପରେ ମଧ୍ୟ ପ୍ରଭାବ ପକାଇବ । ଆଜି ଅନେକ କମ୍ପାନୀ ପରସ୍ପର ସହିତ ପ୍ରତିଯୋଗୀତା କରୁଛନ୍ତି, ପେ- ଲୋଡ୍ ମହାକାଶକୁ ନେଇଯିବା ପାଇଁ, ତେଣୁ ଏହି ମିଶନ୍

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେହି ପ୍ରତିଯୋଗିତାକୁ ଏକ ଭିନ୍ନ ସ୍ତରକୁ ନେବାକୁ ଯାଉଛି । ଏହି ମିଶନ ଚନ୍ଦ୍ର ମିଶନ ମଧ୍ୟରେ ମଧ୍ୟ ବିଶେଷ ଅଟେ କାରଣ ଏଥିରେ ଅନେକ ନୂତନ ଜିନିଷ ଦେଖାଯିବ । ଯେପରି, ସ୍ପେସ୍ ଲଜିଷ୍ଟିକ୍ସରେ ଏକ ବିରାଟ ପରିବର୍ତ୍ତନ । ଡ୍ରାପର୍ ଚନ୍ଦ୍ର ଲ୍ୟାଣ୍ଡର ଅତ୍ୟାଧୁନିକ ଅବତରଣ ପ୍ରଯୁକ୍ତିବିଦ୍ୟା ସହିତ ଏକ ଉନ୍ନତ ପେଲୋଡ୍ ସ୍ଥାନାନ୍ତର କାର୍ଯ୍ୟକଳାପକୁ ଦେଖାଯାଇପାରେ ।

୫. ଡ୍ରାଗନ୍ ଫ୍ଲାଏ ମିଶନ୍ (୨୦୨୭): - ନାସାର ଏହି ମିଶନ୍ ଏହାର ଅନ୍ୟ ସ୍ପେସ୍ ମିଶନ୍ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏହାର ଅର୍ଥ ହେଉଛି ଶନିଙ୍କ ଚନ୍ଦ୍ର "ଟାଇଟାନ" ଉପରେ ଏହି ମିଶନ ହେବାକୁ ଯାଉଛି । ଏହି ସ୍ପେସ୍ ମିଶନ୍ ନାସା ଦ୍ୱାରା ପ୍ରଥମ ଥର ପାଇଁ କରାଯାଉଛି, ଯେଉଁଥିରେ ଏକ ରୋବୋଟିକ୍ ରୋଟରକ୍ରାଫ୍ଟ ବ୍ୟବହାର କରାଯିବ । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏହି ରୋଟ୍ରାଫ୍ଟ ପ୍ରକୃତରେ ଏକ ନିଆରା ଯାନ ଅଟେ । କାରଣ ଏଥିରେ ଅନେକ ପ୍ରକାରର ଉନ୍ନତ ଉପକରଣ ସ୍ଥାପିତ ହୋଇଛି । ଉଲ୍ଲେଖଥାଉ କି, ମିଶନର ମୂଳ ଲକ୍ଷ୍ୟ ହେଉଛି ଟାଇଟାନ୍ ର ରାସାୟନିକ ଗଠନ ବୁଝିବା ଏବଂ ଏହା ଉପରେ ସମ୍ଭାବ୍ୟ ଜୀବନର ଉତ୍ସ ଖୋଜିବା । ଏହା ବ୍ୟତୀତ, ଏକ ବିଶେଷ କଥା ହେଉଛି ଏହି ମିଶନରେ ବ୍ୟବହୃତ ଯାନଟି ଭୂଲମ୍ବ ଲ୍ୟାଣ୍ଡ କରିପାରିବ ଏବଂ ଏକ ନିଆରା ଢଙ୍ଗରେ ଟେକ୍ ଅଫ୍ କରିପାରିବ । ତେଣୁ ଯାନର ଏହି ଗୁଣ ବ୍ୟବହାର କରି ଆମେ ଅନେକ ରହସ୍ୟମୟ ସ୍ଥାନ ଆବିଷ୍କାର କରିପାରିବା ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ,
ସୁଜନପୁର, ଯାଜପୁର, ୯୩୪୮୭୬୮୯୧୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶହୀଦ ଲକ୍ଷ୍ମଣ ନାୟକ



ଅକ୍ଷୟ କୁମାର
ରାଉତ

ସ୍ୱାଧୀନ ଭାରତର ତାରା-ଲକ୍ଷ୍ମଣ ନାୟକ

ପୂଣ୍ୟ ଭୂମି ଭାରତବର୍ଷ ବହୁ ପ୍ରାଚୀନ କାଳରୁ ନିଜର ଜ୍ଞାନ-ବିଜ୍ଞାନ, ସଂସ୍କୃତି, ସଭ୍ୟତା, ଧର୍ମ-କର୍ମ ଓ ଦର୍ଶନ ପାଇଁ ପୃଥିବୀରେ ଅର୍ଜନ କରିଛି ସୁଖ୍ୟାତି । ଏହି ଭୂମିର ମୂଳରେ ରହିଛି ଯୋଗଜନ୍ମା, ମହାମାନବ, ମହାପୁରୁଷ ଓ ମନୀଷୀମାନଙ୍କର ମହତ୍ ଅବଦାନ । ସାଂପ୍ରତିକ ପୃଥିବୀରେ ସ୍ୱାଧୀନ ଭାରତର ଏକ ସ୍ୱତନ୍ତ୍ର ସ୍ଥିତି ଓ ମର୍ଯ୍ୟାଦା ରହିଛି, ମାତ୍ର ସ୍ୱାଧୀନତା ପ୍ରାପ୍ତିର ପୂର୍ବ ସମୟ ଥିଲା ଭାରତ ପାଇଁ ଦୁର୍ବିସହ ଦୁଃଖଦୁର୍ଦ୍ଦଶା ଓ ଯନ୍ତ୍ରଣାର ଦିନ । ବର୍ଷ ବର୍ଷ ପରାଧୀନତା ଓ ଦାସତ୍ୱ ଶୃଙ୍ଖଳରେ ଛଟପଟ ହେଉଥିଲା ପୁଣ୍ୟ ଭୂମିର ମଣିଷ । ଜନତାର ଦୁଃଖ କଷ୍ଟ, ଶୋଷଣ ପେଷଣ ଅତ୍ୟାଚାର ଓ ନିର୍ଯ୍ୟାତନାକୁ ନୀଳକଣ୍ଠ ପରି ପାନ କରି ଯେଉଁ ମହାପୁରୁଷମାନେ ଦେଶକୁ ଦେଲେ ସୁଖ, ଶାନ୍ତି ଓ ସ୍ୱାଧୀନତାର ଅମୃତଧାରା ସେମାନଙ୍କ ମଧ୍ୟରୁ ଲକ୍ଷ୍ମଣ ନାୟକ ହେଉଛନ୍ତି ଜଣେ ।

ଅଭିଭକ୍ତ କୋରାପୁଟ ଜିଲ୍ଲାର ବଣ ପାହାଡ଼ ଘେରେ ମାଲକାନଗିରି ତା ଭିତରେ ଆଦିବାସୀ ଗାଆଁ ତେନ୍ତୁଲିଗୁମ୍ମା । ଅଗନାଅଗନି ବନସ୍ତର ସେହି ଗାଁରେ ୧୮୯୯ ମସିହା ନଭେମ୍ବର ୨୨ ତାରିଖ ମାର୍ଗଶୀର କୃଷ୍ଣ ପଂଚମୀ ବୁଧବାର ବିଛା ୮ ଦିନ କୁଆଁ ରାବ ନେଇ ପଦଲମ୍ ନାୟକଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଘରେ ଜନ୍ମ ନେଲେ ଲକ୍ଷ୍ମଣ ନାୟକ । ପଦ୍ଳମ୍‌ଙ୍କର ତିନିପୁଅ ମଧ୍ୟରେ ଲକ୍ଷ୍ମଣ ନାୟକ ମଝିଆ । ଜୟପୁର ଗଡ଼ଜାତ ରାଜ୍ୟର ରାଜା ପଦ୍ଳମ୍‌ଙ୍କୁ ଚାରୋଟି ଗାଁର ଭଲ ମନ୍ଦ ବୁଝିବାକୁ ଦାୟିତ୍ୱ ଦେଇଥିଲେ । ତାଙ୍କ ପରିବାର ଧାନ, ମାଣ୍ଡିଆ ଚାଷ କରିବା ସଂଗେ ସଂଗେ ଗୋରୁ ଗାଇ ପାଳନ ଓ ଶୀକାର କରି ଚଳୁଥିଲେ । ଲକ୍ଷ୍ମଣ ପିଲାଦିନ ବାପାଙ୍କଠାରୁ ଅକ୍ଷର ଲେଖି ଶିଖିଥିଲେ । ସେ ପାଖରେ ଥିବା କୋଲାବ ଭିତରେ ସାଂଗ ସାଥିଙ୍କ ସହିତ ମାଛ ଧରିବା ଓ ପାହାଡ଼ ଜଙ୍ଗଲରେ ଶୀକାର କରୁଥିଲା ।

ଲକ୍ଷ୍ମଣ ଉଣେଇଶି ବର୍ଷ ହେଲାବେଳେ ସାନଗୁମ୍ମା ଗାଁର ଦାସୀ ଭୂମିଆଙ୍କ ଝିଅ ମଙ୍ଗୁଲିଙ୍କୁ ବିବାହ କରିଥିଲେ । ଆଦିବାସୀ ନୀତିରେ ଲକ୍ଷ୍ମଣଙ୍କ ପିତା ଝିଅ ଘରକୁ ଯୌତୁକ ଦେଇଥିଲେ । ଦେଢ଼ବର୍ଷରେ ତାଙ୍କର ଗୋଟିଏ ପୁଅ ହେଲା ତାର ନାମ ରଘୁନାଥ । ପଦଲମ ନାୟକ ବୁଢ଼ା ହୋଇଯିବାରୁ ଲକ୍ଷ୍ମଣଙ୍କୁ ଲୋକଙ୍କର ହାନିଲାଭ ବୁଝିବା ପାଇଁ ମୁଖିଆ ଦାୟିତ୍ୱ ଦିଆଗଲା । ଲକ୍ଷ୍ମଣ ଗାଁ ମୁଖିଆ ଭାବରେ ଗାଁ ଗଣ୍ଡାର ଉନ୍ନତିରେ ମନଦେଲେ । ଲକ୍ଷ୍ମଣ ଗୁଣି ଗାରେଡ଼ି, ଚେରମୂଳି ଚିକିତ୍ସା ଓ ପୂଜା କରିବାରେ ସେ ଅଂଚଳରେ ଜଣାଶୁଣା ହୋଇଗଲେ । କୃଷିର ଉନ୍ନତି, ଗ୍ରାମ ପୁନର୍ଗଠନ, ରାସ୍ତା ଘାଟ ଉନ୍ନତି ମୁସ୍ତାଦା ଲକ୍ଷ୍ମଣ ନାୟକ ହାତକୁ ଦେଲେ । ପ୍ରତିଦିନ ସଞ୍ଜରେ ଗାଁ ଚଉପାଢ଼ିରେ ନ୍ୟାୟ ନିଶାପ, ଗୀତନାଚ ହେଲେ ଆଖପାଖ ଗାଁ ଗଣ୍ଡାର ମୁଖିଆମାନେ ଆସି ଲକ୍ଷ୍ମଣଙ୍କ ସହିତ ବିଭିନ୍ନ ବିଷୟରେ ପରାମର୍ଶ ନେଲେ ।

ଲକ୍ଷ୍ମଣ ସୀତାରାମ ରାଜୁଙ୍କ ସହିତ ଥିବା ଯୁବକ ଚନ୍ଦ୍ରକୁଟିଆଙ୍କ ସହିତ ପରିଚିତ ହୋଇ ବନ୍ଧୁକ ମାରିବା ଶିକ୍ଷା ପାଇଥିଲେ । ନୀଳକଣ୍ଠ ପାତ୍ରଙ୍କ ସହିତ ଲକ୍ଷ୍ମଣ ପରିଚିତ ହୋଇ ସ୍ୱାଧୀନତା ଆନ୍ଦୋଳନ ବିଷୟରେ ଆଲୋଚନା କଲେ । ଆମ ରାଜ୍ୟର ବଡ଼ଲାଟ ହବାକ ସାହେବ କୋରାପୁଟ ଆସିବା ସମୟରେ କର୍ମଚାରୀମାନେ ଲୋକମାନଙ୍କ ଉପରେ ଅନ୍ୟାୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅତ୍ୟାଚାର କଲେ ଏହି ଖବର ନୀଳକଣ୍ଠ ପାତ୍ର "ସମାଜ"ରେ ବାହାର କରିଦେବାରୁ ସରକାର ଲୋକଙ୍କର କ୍ଷତି ପୂରଣ ଦେଲେ । ୧୯୬୩ ମସିହାରେ କଂଗ୍ରେସ ନେତା ରାଧାକୃଷ୍ଣ ବିଶ୍ୱାସରାୟଙ୍କ ପ୍ରେରଣାରେ ଲକ୍ଷ୍ମଣ ନାଏକ କଂଗ୍ରେସରେ ଯୋଗଦେଲେ, ଖଦଡ଼ ବସ୍ତ୍ର ପରିଧାନ କରି ରାମଧୂନ୍ ଗାନକଲେ । "କାଟି ପିନ୍ଧି ଓ କୁଟି ଖାଅ" ବାର୍ତାକୁ ତାଙ୍କ ଦେଶୀୟ ଭାଷାରେ ପ୍ରଚାର କଲେ । ସ୍ୱରାଜ ଆନ୍ଦୋଳନ ବଣ ନିଆଁ ପରି ମାଡିଗଲା । କୋରାପୁଟର ଆଗୁଆ ନେତା ହୋଇ ବାହାରିଲେ ରାଧାକୃଷ୍ଣ ବିଶ୍ୱାସରାୟ, ନୀଳକଣ୍ଠ ପାତ୍ର, ସଦାଶିବ ତ୍ରିପାଠୀ ଓ ଲକ୍ଷ୍ମଣ ନାୟକ ।

୧୯୪୨ ଅଗଷ୍ଟ ୨୧ ତାରିଖରେ "କର ବା ମର" ଡାକରା ଆସିଲା । ଗାନ୍ଧିଜୀ ସହିତ ବଡ଼ ବଡ଼ ନେତାଙ୍କୁ ଇଂରେଜ ସରକାର ଜେଲରେ ରଖିଲେ । ଲକ୍ଷ୍ମଣଙ୍କ ଡାକରାରେର ହଜାର ହଜାର ଲୋକ ପଟୁଆର କରି ମାଥିଲି ଥାନା ଘେରାଉ କଲେ । ମାଥିଲି ଥାନା ଉପରେ ତ୍ରିରଙ୍ଗା ପତାକା ଉଡାଇବାକୁ ସତ୍ୟାଗ୍ରହୀମାନେ ମାଡ଼ି ଚାଲିଲେ । ପୋଲିସଙ୍କ ଲାଠିମାଡ଼ରେ ଲକ୍ଷ୍ମଣ ବାରମ୍ବାର ପଡ଼ି ଯାଉଥାନ୍ତି । ଏହି ସମୟରେ ଜଣେ ପୋଲିସ ତାଙ୍କ ନିଶ ପୋଡିଦେଲେ । ଲକ୍ଷ୍ମଣ ଯନ୍ତ୍ରଣାରେ ଛଟପଟ ହେଉଥାନ୍ତି । ଲିଙ୍ଗ ଭୂମିଆ ଓ ନକୁଳ ମାଡ଼କାମୀ ତ୍ରିରଙ୍ଗା ବାନା ତାନ ଛାତ ଉପରେ ଉଡାଇବା ସମୟରେ ପୋଲିସ ଗୁଳିରେ ଶହୀଦ ହୋଇଗଲେ । ତାପରେ ସମରାୟ ନାୟକ, ଗୋପ ପୂଜାରୀ, କେଣ୍ଡେ ସୁନାଝରିଆ, ଗୁରୁ କୋଟିଆ, ବଳରାମ ଭୂମିଆ, ଉଦୟନାଥ ଓଡି, ନରସିଂହ ଡମ୍ବ, ଅର୍ଜୁନ କୋଟିଆ ପ୍ରଭୃତି ପୋଲିସ ଗୁଳି ମାଡ଼ରେ ଜୀବନ ଦେଲେ । ପୋଲିସ ମାଡ଼ରେ ଭୁଲ୍ ବଶତଃ ଜଙ୍ଗଲ ଜଗୁଆଳୀ ରାମାୟା ମରିଯିବାରୁ ପୋଲିସ ପ୍ରଚାର କରିଦେଲେ ଲକ୍ଷ୍ମଣଙ୍କ ମାଡରେ ଜଗୁଆଳୀ ମରିଗଲା । ଥାନାବାବୁ ହୁକୁମ ଦେଲେ ଲକ୍ଷ୍ମଣଙ୍କୁ ପାଚିରୀ କଡ଼ ନାଳରେ ପିଙ୍ଗିଦିଅ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦୁଇଜଣ ପୋଲିସ ଖଣ୍ଡେ ଲେଖାଏଁ ଧଳା ଅଲେଖା କାଗଜରେ ଟିପ ଚିହ୍ନ ନେଇ ସେଥିରେ ଲେଖିଦେଲା ଆମେ ଲକ୍ଷ୍ମଣ ନାୟକ କଥାରେ ପଡ଼ି ମାଥିଲି ଥାନା ପୋଡ଼ିବାକୁ ଯାଇଥିଲୁ ପୋଲିସ ଗୁଳିମାରିବାରୁ ଆମେ ପଡିଗଲୁ । ଏଣେ ଲକ୍ଷ୍ମଣ ନାୟକ ଚେତା ଫେରିପାଇ ଭୀଷଣ ଯନ୍ତ୍ରଣାରେ ଛୋଟେଇ ଛୋଟେଇ ଅଗଷ୍ଟ ୨୨ ତାରିଖ ରାତିରେ ଜୟପୁରରେ ପହଂଚିଲେ । ଶୂନ୍‌ଶାନ୍ ସହରଟା ଦେଖିଲେ କଂଗ୍ରେସ ଅଫିସ ଆଗରେ ତାଲା । ଲକ୍ଷ୍ମଣର ଶବ ନଥିବାରୁ ପୋଲିସ୍ ମାଥିଲି ଥାନା ପୋଡି ଘଟଣାରେ ହୁଲିଆ ଜାରି କରିଛି । ଜଣେ କଂଗ୍ରେସ କର୍ମୀ ଏହି ଖବର ଲକ୍ଷ୍ମଣକୁ ଦେବାରୁ ସେ ନିଜ ଗାଁ ରାମଗିରି ପାହାଡକୁ ଚାଲିଗଲେ । ସେଠାରେ ଫଳମୂଳ ଖାଇ ପେଟର ଭୋକ ଓ ଦେହର ଦରଦ କମାଇଲେ ସିନା ମନରେ ତାଙ୍କର ଜଳିଲା ରାଗରୋଷର ନିଆଁ ।

ଲକ୍ଷ୍ମଣ ନଥିବାରୁ ଗାଁରେ ପୋଲିସର ପ୍ରବଳ ଅତ୍ୟାଚାର । ଆଠ ଦିନ ପରେ ଜଙ୍ଗଲରୁ ଲକ୍ଷ୍ମଣ ଗାଁକୁ ଫେରିଲେ । ସମସ୍ତଙ୍କ ମନରେ ଆନନ୍ଦର ଲହରି ଖେଳିଗଲା । ସୂତାକଟା ରମଧୂନ୍, ସ୍ୱରାଜ ଲଢ଼େଇ ସବୁ କାମ ଚାଲିଲା । ତିନିଦିନ ପରେ ପୋଲିସ୍ ଗାଁ ଚାରିପଟେ ଘେରାଉକଲେ । ଲକ୍ଷ୍ମଣଙ୍କ ଭାରିଜା ମଙ୍ଗୁଳି ଗଳାରେ ଯାଉଟିକେ ଦେବା ସମୟରେ ପୋଲିସ୍ ଲକ୍ଷ୍ମଣଙ୍କୁ ହାତ କଡ଼ା ପକାଇ ଗାଁ ଦାଣ୍ଡରେ ଚଲାଇ ଚଲାଇ ନେଇଗଲେ ।

ଲକ୍ଷ୍ମଣ ପରେ ତାଙ୍କର ପୁଅ ରଘୁନାଥକୁ ମଧ୍ୟ ମାଥିଲି ଥାନାରେ ବନ୍ଦୀ କରି ରଖାଗଲା । ମଙ୍ଗୁଳି ଦୁଇଟି ଛେଳି ବିକି ପୋଲିସ୍ ବାବୁଙ୍କୁ ପଇସା ଦେବାରୁ ରଘୁନାଥ ଥାନାରୁ ମୁକୁଳିଲେ । ଥାନାରେ ଚାଲିଲା ଚିହ୍ନଟ ପ୍ରକ୍ରିୟା । ହଟ ଦଣ୍ଡିଆ ଓ ମଦ ଦୋକାନୀ ଚିହ୍ନଟ ଦେଲେ । ୫୪ ଜଣଙ୍କୁ ରାଜଦ୍ରୋହ ଅପରାଧରେ କୋରାପୁଟ ଜେଲକୁ ପଠାଗଲା । ୧୯୪୨ ମସିହା ଅକ୍ଟୋବର ମାସରୁ ଲକ୍ଷ୍ମଣଙ୍କ ବିରୁଦ୍ଧରେ ବିଚାର ଆରମ୍ଭ ହେଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସରକାରଙ୍କ ତରଫରୁ ତେତିଶି ଜଣ ସାକ୍ଷୀ ଦେଲେ । ଜଙ୍ଗଲ ଜଗୁଆଳୀ ରାମାୟାଙ୍କୁ ଲକ୍ଷ୍ମଣ ଓ ବଳରାମ ଠେଙ୍ଗାରେ ପିଟି ପିଟି ମାରିଦେଲେ । ବିଚାରପତି ଜଣଜଣଙ୍କ ଠାରୁ ସାକ୍ଷୀନେଇ ୧୯୪୨ ମସିହା ନଭେମ୍ବର ୧୩ ତାରିଖ ଦିନ ରାୟ ଘୋଷଣା କଲେ । ଥାନା ପୋଡ଼ି, ସରକାରୀ ଖଜଣା ଲୁଟ୍ ଓ ସରକାରୀ କର୍ମଚାରୀଙ୍କୁ ମାରିଦେବା ଘଟଣାକୁ ନେଇ ବିଚାରପତି ନେତୃତ୍ୱ ନେଉଥିବା ଲକ୍ଷ୍ମଣ ନାୟକଙ୍କୁ ମୃତ୍ୟୁ ଫାଶୀ ଖୁଂଟରେ ଝୁଲାଇବାକୁ ରାୟଦେଲେ । ଲକ୍ଷ୍ମଣଙ୍କୁ କୋରାପୁଟ ଜେଲରୁ ତାଙ୍କୁ ବ୍ରହ୍ମପୁର ଜେଲକୁ ସ୍ଥାନାନ୍ତର କରାଗଲା । ସେଠାରେ ଲକ୍ଷ୍ମଣ ସଦାଶିବ ତ୍ରିପାଠୀ ଓ ରାଧାକୃଷ୍ଣ ବିଶ୍ୱାସରାୟଙ୍କୁ ଦେଖି ବହୁତ ଖୁସି ହେଲେ । କଂଗ୍ରେସର ବଡ଼ ବଡ଼ ନେତା ଲକ୍ଷ୍ମଣଙ୍କ ବିଚାର ଉପରେ କୋର୍ଟରେ କରିବାକୁ ଦାବିକଲେ ।

ପାଟଣା ହାଇକୋର୍ଟରେ ଲକ୍ଷ୍ମଣଙ୍କ ବିଚାର ଚାଲିଲା । ଲକ୍ଷ୍ମଣଙ୍କ ଓକିଲ ରାଧାଚରଣ ଦାସ, ମୋକଦ୍ଦମା ବୁଝାବୁଝି କଲେ । ଓକିଲ ପିତାମ୍ବର ମିଶ୍ର ମଧ୍ୟ ଲକ୍ଷ୍ମଣଙ୍କ ସପକ୍ଷରେ ଯୁକ୍ତି କରିଥିଲେ, କିନ୍ତୁ ଉଭୟ ବିଚାରପତି ତଳ କୋର୍ଟର ଦଣ୍ଡକୁ କାଏମ ରଖି ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖ ଦିନ ଲକ୍ଷ୍ମଣ ନାୟକଙ୍କୁ ଫାଶୀ ଦିଆଯିବ ବୋଲି ରାୟ ପ୍ରଦାନ କଲେ । ମାର୍ଚ୍ଚ ୨୮ ତାରିଖରେ ସବୁ ରାଜବନ୍ଦୀ ଲକ୍ଷ୍ମଣ ନାୟକଙ୍କୁ ଶେଷ ସାକ୍ଷାତ୍ କଲେ । ସଦାଶିବ ତ୍ରିପାଠୀ ପଚାରିବାରୁ ଲକ୍ଷ୍ମଣ ନାୟକ କହିଲେ ସ୍ୱରାଜ ପାଇଁ ଆମେ ସକଳେ ଲଢୁଥିଲୁ । ମୁଁ ସେତକ ଏ ଜୀବନରେ ଦେଖି ପାରିଲି ନାହିଁ । ସେତିକି ଦୁଃଖ ରହିଗଲା । ହେଲେ ତୁମେମାନେ ଦେଖିବ, ମୋ ପିଲାମାନେ ଦେଖିବେ, ସେଥିରେ ମୁଁ ଖୁସି । ମୋ ପୁଅ ଝିଅକୁ ବାହା କରାଇଦେବ । ଜଣେ ବନ୍ଧୁ ଜେଲକୁ ଆସିଥିଲେ ଦେଖାକରିବାକୁ ତାଙ୍କୁ ସେ କହିଲେ ଗାନ୍ଧିଜୀଙ୍କ ତପସ୍ୟାର ଫଳ ଦିନେ ଦେଶ ସ୍ୱାଧୀନ ହେବ । ତୁମ୍ଭେ ସମସ୍ତେ ମିଳିମିଶି ସ୍ୱାଧୀନତା ଉପଭୋଗ କରିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାର୍ଚ୍ଚ ୨୯ ତାରିଖରେ ବ୍ରହ୍ମପୁର ଜେଲରେ କଏଦୀମାନେ "ବନ୍ଦେ ମାତରମ୍", "ମହାତ୍ମା ଗାନ୍ଧିଜୀ ଜୟ" "ଲକ୍ଷ୍ମଣ ନାୟକ ଜୟ" ଧ୍ୱନି ଦେଲେ । ଭୋର ୫ଟାରେ ଗୀତାପାଠ ସାରି ବୀର ଦର୍ପରେ ଲକ୍ଷ୍ମଣ ଆଗେଇ ଚାଲିଲେ ଫାଶୀଖୁଂଟ ପାଖକୁ ସେତେବେଳେ ସେ ଗାଉଥିଲେ ରଘୁପତି ରାଘବ ରାଜାରାମ..... ଶେଷ ଇଛା ପ୍ରକାଶ କରିବାକୁ ଜେଲବାବୁ କହିବାରୁ ଲକ୍ଷ୍ମଣ କହିଥିଲେ.. ସୂର୍ଯ୍ୟ, ଚନ୍ଦ୍ର ପରି ସତ୍ୟ ଭାରତ ମାତା ସ୍ୱାଧୀନ ହେବ ।

ଫାଶୀ ପରେ ତାଙ୍କ ଜ୍ଞାତିକୁଟୁମ୍ବଙ୍କୁ ଖବର ଦିଆଯାଇଥିଲା ଇଂରେଜମାନେ ତାଙ୍କର ମୃତ ଦେହକୁ ସେହି ଜେଲ ଭିତରେ ପୋତି ଦେଇଥିଲେ । ସରକାର ଢୋଲ ବଜାଇ ଲକ୍ଷ୍ମଣ ନାୟକ ଫାଶୀ ପାଇଲେ ବୋଲି ଲୋକମାନଙ୍କୁ ଜଣାଇ ଦେଲେ । ପୁଅ ରଘୁନାଥ ପିତାଙ୍କ ମୃତ୍ୟୁ ସମ୍ବାଦ ଢୋଲ ବାଜିବାରୁ ଜାଣିବାକୁ ପାଇଲେ । ସେଦିନ ସମସ୍ତ ବନ୍ଦୀ ଉପବାସ ପାଳନ କଲେ । ସନ୍ଧ୍ୟା ସମୟରେ ଏକ ଶୋକ ସଭାରେ ଜାତୀୟ କବି ବୀରକିଶୋରଙ୍କ ରଚିତ ଗୀତ ଗାନ କରାଗଲା ।

ଲକ୍ଷ୍ମଣ ଭାଇରେ ଲକ୍ଷ୍ମଣ ଭାଇ
ମୁକତି ଲଢେଇ ଡାକରା ପାଇ
ଫାଶୀରେ ଚଢ଼ିଲୁ ଆମରି ପାଇଁ
ଆଗତରା ହୋଇ ଆସିଲୁ ଧାଇଁ....

ଫାଶୀ ପୂର୍ବରୁ ଲକ୍ଷ୍ମଣ ନାୟକଙ୍କ ଦେଶ ଓ ମହାତ୍ମା ଗାନ୍ଧୀ ଥିବା ପୁନା ସହରକୁ ପ୍ରଣାମ ଜଣାଇ ଏହି ଗୀତ ଗାଇଥିଲେ -

ମରିନାହିଁ କେବେ ମରିବିନାହିଁ
ମୋ ପାଇଁ ଭାବନା କରିବ ନାହିଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

.... .... .... ...

ମନରେ ଏତିକି ଆଜି ମୋର ଖୁସି
କିବା ଦୋଷେ ଭାଇ ପିନ୍ଧିଲି ମୁଁ ଫାଶୀ
ପୁନା ସହରକୁ ପ୍ରଣାମ କରି ମୁଁ
ଦେଲି ମୋର ପ୍ରାଣ ପୃଥିବୀ ପାଇଁ ।

ଭାରତ ମାତା ତାର ଜଣେ ବୀର ସୁଯୋଗ୍ୟ ସନ୍ତାନକୁ ହରାଇଲା । ନିଃସ୍ୱାର୍ଥପର, ନିର୍ଭିକ, ଜନନାୟକ ଲକ୍ଷ୍ମଣ ନାୟକ ଆମ୍ଭ ନିକଟରେ ଚିରସ୍ମରଣୀୟ ହୋଇ ରହିବେ । ସେଥିପାଇଁ ପିଲାମାନେ ଗାଆନ୍ତି ।

ଲକ୍ଷ୍ମଣ ନାଏକ ହେ ଲକ୍ଷ୍ମନ ନାଏକ
ଦେଶ ଲାଗି ଫାଶୀ ଖୁଂଟେ ଝୁଲାଇଲେ ବେଳେ
ରଖିଗଲ ଓଡିଶାର ଟେକ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବଢୁଛି ଦୁର୍ଘଟଣା, ଗଡୁଛି ମୁଣ୍ଡ



ଶଙ୍କର ବିଶ୍ୱାଳ

ଦୁର୍ଘଟଣା ହେଉଛି ଏକ ଘଟଣା ଯାହା ଅଜାଣତରେ ଘଟିଛି, ଯାହାଦ୍ୱାରା ଆଘାତ କିମ୍ବା କ୍ଷତି ହୋଇଥାଏ । ଏକ ଘଟଣା ହେଉଛି ଏକ ଘଟଣା ଯାହା ଅଜାଣତରେ ଘଟିଛି, କିନ୍ତୁ ଏହାଦ୍ୱାରା କ୍ଷତି କିମ୍ବା ଆଘାତ ହୋଇନପାରେ । ଆକ୍ସିଡେଣ୍ଟ ବିନା କାରଣରେ କିମ୍ବା ଅପ୍ରତ୍ୟାଶିତ ଘଟଣା ଭାବରେ ବ୍ୟାଖ୍ୟା କରାଯାଇଛି; "ବିପର୍ଯ୍ୟୟ" "ବଡ ଦୁର୍ଭାଗ୍ୟ, ବିପଦ, ଦୁର୍ଭାଗ୍ୟ । ଦୁର୍ଘଟଣାଜନିତ ବିପଦ କିଛି ଦୁର୍ଘଟଣାର ଘଟଣା କିମ୍ବା ସମ୍ଭାବ୍ୟ ଘଟଣାକୁ ଅନ୍ତର୍ଭୁକ୍ତ କରେ ଯାହା ଏକ ଘଟଣା କିମ୍ବା ଘଟଣାର କ୍ରମକୁ ନେଇ ଗଠିତ, ଯାହା ଅଗ୍ନି, ବିସ୍ଫୋରଣ କିମ୍ବା ମାନବ ସ୍ୱାସ୍ଥ୍ୟ ଏବଂ ପରିବେଶ ପାଇଁ ବିଷାକ୍ତ ବିପଦ ।

୨ ଜୁନ୍ ୨୦୨୩ରେ, ପୂର୍ବ ଭାରତର ଓଡିଶା ରାଜ୍ୟର ବାଲେଶ୍ୱର ଜିଲ୍ଲାରେ ତିନୋଟି ଟ୍ରେନ୍ ଧକ୍କା ହୋଇଥିଲା । କରମଣ୍ଡଳ ଏକ୍ସପ୍ରେସ ପୂର୍ଣ୍ଣ ବେଗରେ ବାହାନାଗା ବଜାର ରେଳ ଷ୍ଟେସନ ନିକଟରେ ମୁଖ୍ୟ ଲାଇନ ପରିବର୍ତ୍ତେ ପାସ୍ ଲୁପ୍ ଭିତରକୁ ପ୍ରବେଶ କରି ଏକ ସାମଗ୍ରୀ ଟ୍ରେନ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ୨୦୨୨ ମସିହାରେ ସଡ଼କ ଦୁର୍ଘଟଣା ଯୋଗୁଁ ଭାରତରେ ୯.୪% ବୃଦ୍ଧି ଘଟିଛି । ଗତ ବର୍ଷ ବେପରୁଆ ଗାଡିଚାଳନା, ଅତ୍ୟଧିକ ଗତିରେ ମଦ୍ୟପାନ କରିବା ଏବଂ ଟ୍ରାଫିକ ନିୟମ ପାଳନ ନକରିବା କାରଣରୁ ୧.୬୮ ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି । ମୋଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁର୍ଘଟଣା ସଂଖ୍ୟା ୧୧.୯% ବୃଦ୍ଧି ପାଇଛି । ସଡକ ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତିନ୍ ଗଡକରୀଙ୍କ ଦ୍ୱାରା ପ୍ରକାଶିତ ସର୍ବଶେଷ ତଥ୍ୟ ଅନୁଯାୟୀ ତାମିଲନାଡୁର ୬୪,୧୦୫ ଦୁର୍ଘଟଣା ସହିତ ୨୦୨୨ ମସିହାରେ ସର୍ବାଧିକ ସଡକ ଦୁର୍ଘଟଣା ଖବର ପ୍ରସଙ୍ଗରେ ଶୀର୍ଷରେ ରହିଛି, ତା'ପରେ ମଧ୍ୟପ୍ରଦେଶ (୫୪,୪୩୨), କେରଳ (୪୩,୯୧୦), ଉତ୍ତରପ୍ରଦେଶ (୪୧,୭୪୬), କର୍ଣ୍ଣାଟକ (୩୯୭୬୨) । ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ 'ଭାରତରେ ସଡକ ଦୁର୍ଘଟଣା -୨୦୨୨ ' ଉପରେ ବାର୍ଷିକ ରିପୋର୍ଟ ପ୍ରକାଶ କରିଛି । 'ଭାରତ -୨୦୨୨ରେ ସଡ଼କ ଦୁର୍ଘଟଣା' ଉପରେ ବାର୍ଷିକ ରିପୋର୍ଟ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ହୋଇଛି । ଓଡିଶା ପରିବହନ ବିଭାଗର ଶୂନ୍ୟ ମୃତ୍ୟୁ ସପ୍ତାହ ଆରମ୍ଭ ହୋଇଛି । ଶୁକ୍ରବାର ଦିନ ରାଜ୍ୟର ଜାତୀୟ ରାଜପଥ -୨୦ରେ ପାର୍କିଂ ଟ୍ରକର ପଛପଟୁ ଧକ୍କା ହେବା ଫଳରେ ଅତି କମରେ ଆଠ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୧ ଜଣ ଗୁରୁତର ଆହତ ହୋଇଥିଲେ ।

କେନ୍ଦୁଝର ଜିଲ୍ଲାର ଘଟଗାଁ ପୋଲିସ ସୀମା ଅନ୍ତର୍ଗତ ବାଲିଜୋଡି ଗ୍ରାମ ନିକଟରେ ଏହି ଘଟଣା ଘଟିଛି । ଅନେକ ପିଲାଙ୍କ ସମେତ ୧୯ ଜଣ ଲୋକଥିବା ଏହି ଭ୍ୟାନଟି ଘଟଗାଁର ପ୍ରସିଦ୍ଧ ମା ତରିଣୀ ମନ୍ଦିର ଆଡକୁ ଯାଉଥିଲା ଯେତେବେଳେ ମନ୍ଦିରଠାରୁ ୩ କିଲୋମିଟର ଦୂରରେ ଦୁର୍ଘଟଣା ଘଟିଥିଲା ।

ମୃତକଙ୍କ ପରିବାର ସଦସ୍ୟଙ୍କ ପାଇଁ ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତ୍ୟେକଙ୍କୁ ୩ ଲକ୍ଷ ଏବଂ ଆହତ ବ୍ୟକ୍ତିଙ୍କ ପାଇଁ ୩୦୦୦୦ କ୍ଷତିପୂରଣ ଘୋଷଣା କରିଛନ୍ତି । ଏକ ରାଜ୍ୟ ଚଳାଚଳ କରୁଥିବା ଯାତ୍ରୀବାହୀ ବସ୍ ଏବଂ ବିବାହରୁ ଫେରୁଥିବା ଲୋକମାନଙ୍କ ସହିତ ଭର୍ତ୍ତି ହୋଇଥିବା ଏକ ଦୁର୍ଘଟଣା ଓଡିଶାର ବ୍ରହ୍ମପୁର ନିକଟ ଦିଗପହଣ୍ଡିରେ ଘଟିଛି । ଜୁନ୍ ୨୬ ତାରିଖ ଦିନ ଓଡିଶାର ଗଞ୍ଜାମ ଜିଲ୍ଲାର ଜିଲ୍ଲା ମୁଖ୍ୟାଳୟର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବ୍ରହ୍ମପୁର ନିକଟରେ ଦ୍ରୁତ ଗତିରେ ଯାଉଥିବା ଯାତ୍ରୀବାହୀ ବସ୍ ସହିତ ମୁହାଁମୁହିଁ ଧକ୍କା ହେବା ଫଳରେ ଅତି କମରେ ୧୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ସାତ ଜଣ ଗୁରୁତର ଆହତ ହୋଇଥିଲେ । ରାଜ୍ୟ ଚଳାଚଳ କରୁଥିବା ଯାତ୍ରୀବାହୀ ବସ୍ ଏବଂ ବିବାହରୁ ଫେରୁଥିବା ଲୋକଙ୍କ ସହିତ ଭର୍ତ୍ତି ହୋଇଥିବା ଏକ ବସ୍ ବ୍ରହ୍ମପୁର ନିକଟ ଦିଗପହଣ୍ଡିରେ ଘଟିଥିଲା । ଦୁର୍ଘଟଣାସ୍ଥଳଠାରୁ ପ୍ରାୟ ଆଠ କିଲୋମିଟର ଦୂରରେ ଥିବା ଖଣ୍ଡେଡୁଲି ଗାଁର କିଛି ବାସିନ୍ଦା ବ୍ରହ୍ମପୁରରେ ଏକ ବିବାହ ଭୋଜିରେ ଯୋଗଦେବା ପରେ ଏକ ଘରୋଇ ବସ୍ ଯୋଗେ ଘରକୁ ଫେରୁଥିଲେ । ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ ଓ ଏସ୍ ଆର୍ ଟି ସି ର ଏକ ବସ୍ ରାୟଗଡା ଜିଲ୍ଲାର ଗୁଡାରୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା । ଦିଗପହଣ୍ଡି ନିକଟରେ ଦୁଇଟି ବସ୍ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣାର ପ୍ରଭାବରେ ଘରୋଇ ବସ୍ ଓ ଯାତ୍ରୀମାନେ ବସ୍ ଭାରରେ ଆସିଥିଲେ । ଘଟଣାସ୍ଥଳରେ ଆଠ ଜଣଙ୍କର ମୃତ୍ୟୁ ଘଟିଛି । ପୋଲିସର ସୂଚନାନୁସାରେ, ଏହି ଦୁର୍ଘଟଣାରେ ଓ ଏସ୍ ଆର୍ ଟି ସି ର ଯାତ୍ରୀମାନେ ସାମାନ୍ୟ ଆହତ ହୋଇଥିଲେ । ଆହତ ଯାତ୍ରୀଙ୍କୁ ତୁରନ୍ତ ବ୍ରହ୍ମପୁରର ଏମ୍ କେ ସି ଜି ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ରିପୋର୍ଟରେ କୁହାଯାଇଛି ଯେ ମୃତକଙ୍କ ମଧ୍ୟରୁ ଅଧିକାଂଶ ସମ୍ପର୍କୀୟ । ବାରଜଣଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ସମବେଦନା ଜଣାଇଛନ୍ତି । ମୃତକଙ୍କ ପରିବାର ସଦସ୍ୟଙ୍କ ପାଇଁ ଓଡିଶା ସରକାର ପ୍ରତ୍ୟେକଙ୍କୁ ୩ ଲକ୍ଷ ଏବଂ ଆହତ ବ୍ୟକ୍ତିଙ୍କ ପାଇଁ ୩୦,୦୦୦ କ୍ଷତିପୂରଣ ଘୋଷଣା କରିଛନ୍ତି ।

ଶିକ୍ଷକ ସ୍ନାତକୋତ୍ତର, ଲୋକପ୍ରଶାସନ ବିଭାଗ,

କେନ୍ଦ୍ରୀୟ ଶିକ୍ଷା ଗବେଷଣା ଓ ଅନୁସନ୍ଧାନ, ଭୋପାଳ ବିଶ୍ୱବିଦ୍ୟାଳୟ

@sankarbiswal2319@gmail.com

ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ନ୍ୟାୟ ପାଇବାରୁ ବଞ୍ଚିତ ଗରିବ



ଆଶୁତୋଷ ନାୟକ

ସ୍ୱାଧୀନତାର ୭୬ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ ଏହିକି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ଏଥିପାଇଁ ଆମ ସରକାର ଓ ପୁଲିସ ପ୍ରଶାସନର ଦାୟିତ୍ୱହୀନତା ସମ୍ବେଦନହୀନତା ଏବଂ ଭ୍ରଷ୍ଟବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଉତ୍ତରଦାୟୀ । ଦୀର୍ଘ ୨୦୦ବର୍ଷରୁ ଅଧିକ ସମୟ ପ୍ରଯ୍ୟନ୍ତ ଅହଂକାରୀ ନିଷ୍ଠୁର ଅତ୍ୟାଚାରୀ ଇଂରେଜମାନେ ଆମ ଦେଶରେ ଆଧିପତ୍ୟ ବିସ୍ତାର କରିଥିଲେ । ଜାତିର ପିତା ମହାତ୍ମାଗାନ୍ଧୀଙ୍କଠାରୁ ଆରମ୍ଭ କରି ଭଗତ ସିଂ ଜୟଗୁରୁ, ଶୁକଦେବ, ସୁବାଷ ବୋଷ, ତାନ୍ତିଆଟୋପେ, ରାଣୀ ଲକ୍ଷ୍ମୀବାଇ ଭଳି ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କର ତ୍ୟାଗ, ବଳିଦାନ, ଆପ୍ରାଣ ଉଦ୍ୟମ, ମାତୃଭୂମି ପାଇଁ ନିସ୍ୱାର୍ଥ ଭଲପାଇବା ପାଇଁ ଆମ ଦେଶ ଇଂରେଜମାନଙ୍କ ପରାଧୀନତାରୁ ମୁକ୍ତ ହେଇଥିଲା । ଆମ ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କର ସ୍ୱପ୍ନ, ଆଶା, ବିଶ୍ୱାସ, ଭରସା ଥିଲା ସ୍ୱାଧୀନତା ପ୍ରାପ୍ତି ପରେ ଗରିବ ଓ ମଧ୍ୟବିତ୍ତ ଅସହାୟ ଜନତା ଯେଉଁମାନେ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ସଂଘର୍ଷ କରୁଛନ୍ତି ସେମାନଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନରେ ପରିବର୍ତ୍ତନ ଘଟିବ, ସେମାନଙ୍କୁ ନ୍ୟାୟ ମିଳିବ, ଉନ୍ନତ ଶିକ୍ଷା ସ୍ୱାସ୍ଥ୍ୟ ସେବା ଏବଂ ଉତ୍ତମ ପୃଷ୍ଟିକର ଖାଦ୍ୟ ମିଳିବ । କିନ୍ତୁ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ ଏହା "ଆକାଶ କଇଁଆ ଚିଲିକା ମାଛ" ସଦୃଶ ।

ଆମ ସରକାର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ମାଳ ମାଳ ବିଶ୍ୱସ୍ତରୀୟ ଐତିହାସିକ ଯୋଜନା ଲାଗୁ ପାଇଁ ପ୍ରଶଂସା ଏବଂ ପୁରସ୍କାର ଗୋଟାଉଛନ୍ତି । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ସ୍ୱାଧୀନତାର ୭୬ବର୍ଷ ପରେ ମଧ୍ୟ ଗରିବ ମଧ୍ୟବିତ୍ତ ଅସହାୟ ଜନତା ନ୍ୟାୟ ପାଇବା ପାଇଁ ଆଜିବି ସଂଘର୍ଷ କରୁଛନ୍ତି । "ତେଲିଆ ମୁଣ୍ଡରେ ତେଲ" ଏହି ଉକ୍ତି ସତ୍ୟ ପ୍ରମାଣିତ ହେଉଛି ।

ଆମ ଦେଶର ପୂର୍ବତନ ଆଇନ ମନ୍ତ୍ରୀ କିରଣ ରିଜିଜୁ ରାଜ୍ୟସଭାରେ ଦେଇଥିବା ମନ୍ତବ୍ୟ ଅନୁସାରେ ବର୍ତ୍ତମାନ ଆମ ଦେଶରେ ପାଖାପାଖି ୫ କୋଟିରୁ ଅଧିକ ମାମଲା ବିଭିନ୍ନ କୋର୍ଟରେ ବିଚାରଧୀନ ଅଛି । ଭାରତର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟରେ ୬୯୦୦୦ରୁ ଅଧିକ ମାମଲା ଏବେବି ବିଚାରଧୀନ ଅଛି । ଏହା ବ୍ୟତୀତ ଆମ ଦେଶର ୨୫ଟି ହାଇକୋର୍ଟରେ ୫୯ ଲକ୍ଷ ମାମଲା ଏବେ ବି ବିଚାରଧୀନ ଅଛି । ଏହିସବୁ ମାମଲାର ତୁରନ୍ତ ବିଚାର ପାଇଁ ଆମ ସରକାରଙ୍କ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡ଼ମ୍ବନାର ବିଷୟ । ଆମ ବ୍ୟବସ୍ଥାର ତ୍ରୁଟି ପାଇଁ ଲକ୍ଷ ଲକ୍ଷ ଗରିବ ଓ ମଧ୍ୟବିତ୍ତ ସାଧାରଣ ଜନତା ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଦିନକୁ ଦିନ ସାଧାରଣ ଜନତା ଆମ ସରକାର, ପ୍ରଶାସନ ଏବଂ ନ୍ୟାୟବ୍ୟବସ୍ଥା ଉପରୁ ଆସ୍ଥା ହରାଉଛନ୍ତି ।

ରାଜଧାନୀ ଭୁବନେଶ୍ୱର ଏବଂ ବ୍ୟସ୍ତବହୁଳ ସର୍ବପୁରାତନ  କଟକ ସହରକୁ ଅପରାଧୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବଂ ଅସାମାଜିକ ବ୍ୟକ୍ତିଙ୍କ କବଳରୁ ମୁକ୍ତ କରିବା ପାଇଁ ଓଡିଶା ସରକାର ୨୦୦୮ରେ କମିଶନରେଟ ପୁଲିସ କଟକ ଓ ଭୁବନେଶ୍ୱରରେ କାର୍ଯ୍ୟକ୍ରମ ହୋଇଥିଲା । କମିଶନରେଟ ପୁଲିସର ଅଫିସିଆଲ ଲୋଗୋରେ "ଆମେ ଯତ୍ନବାନ-ଆମେ ସାହସୀ" ସ୍ଲୋଗାନ ସ୍ଥାନିତ ହୋଇଛି । କିନ୍ତୁ ନେତା, ମନ୍ତ୍ରୀ, ରାଜନୈତିକ ଦଳର ବ୍ୟକ୍ତିବିଶେଷ ଏବଂ ତାଙ୍କର ଛତ୍ରଛାୟାରେ ଗଢି ଉଠିଥିବା ଅସାମାଜିକ ତତ୍ତ୍ୱ, ଗୁଣ୍ଡା, କ୍ରିମିନାଲ, ଅପରାଧୀ, ଗ୍ୟାଙ୍ଗଷ୍ଟାର ଭଳି ପ୍ରଭାବଶାଳୀ କୋଟିପତି ଯେଉଁମାନେ ବିଭିନ୍ନ ଅପରାଧ ଯେପରି ଧର୍ଷଣ, ଗଣଧର୍ଷଣ, ହତ୍ୟା, ଲୁଣ୍ଠନ, ଦଙ୍ଗା, ଗ୍ୟାଙ୍ଗୱାର, ଡକାୟତି ଭଳି ଜଘନ୍ୟ କାର୍ଯ୍ୟରେ ସଂଶିଷ୍ଟ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାରେ କମିଶନରେଟ ପୁଲିସ ପଛଘୁଞ୍ଚା ଦେଉଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡମ୍ବନାର ବିଷୟ । କେତେକ ଅସାଧୁ ଭ୍ରଷ୍ଟାଚାରୀ ପୋଲିସ ଅଫିସରମାନଙ୍କ ସହିତ ଅପରାଧୀ ଅସାମାଜିକ ବ୍ୟକ୍ତିଙ୍କ ମଧୁଚନ୍ଦ୍ରିକା ରହିଥିବାର ବାରମ୍ବାର ଅଭିଯୋଗ ହୁଏ ଏବଂ ଅନେକାଂଶରେ ଏହା ସତ୍ୟ ପ୍ରମାଣିତ ହୁଏ । କମିଶନରେଟ ପୁଲିସ ଅଣ୍ଡରରେ ଏବେ କଟକ ଓ ଭୁବନେଶ୍ୱରର ୪୩ଟି ପୁଲିସ ଷ୍ଟେସନ କାର୍ଯ୍ୟ କରୁଛି । ଓଡିଶା ସରକାରଙ୍କ ଗୃହ ରାଜ୍ୟମନ୍ତ୍ରୀ ବିଧାନସଭାରେ ଦେଇଥିବା ତଥ୍ୟ ଅନୁସାରେ ୨୦୨୧ରେ ୧,୫୫୪୨୦ଟି ମାମଲା କମିଶନରେଟ ପୁଲିସ ପଞ୍ଜିକୃତ କରିଥିଲା ଏବଂ ୨୦୨୨ରେ ଏହା ରେକର୍ଡ ସ୍ତରରେ ପହଞ୍ଚିଥିଲା ଯାହାକି ୧,୭୮୧୯୦ଟି ମାମଲା । ଏହି ରିପୋର୍ଟ ଅତ୍ୟନ୍ତ ଚିନ୍ତାଜନକ ଥିଲା ।

ଏହିଭଳି ପରିସ୍ଥିତିର ବାରମ୍ବାର ପୁନରାବୃତ୍ତି ଘଟିଲେ ଏହା ଆମ ସ୍ମାର୍ଟ ସିଟି ରାଜଧାନୀ ଭୁବନେଶ୍ୱର ଓ କଟକ ସହର କ୍ରାଇମ୍ କ୍ୟାପିଟାଲରେ ପରିଗଣିତ ହେବ । ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋର ୨୦୨୧ତଥ୍ୟ ଅନୁସାରେ ଅପରାଧୀମାନଙ୍କ ବିରୁଦ୍ଧରେ ଚାର୍ଜସିଟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଫାଇଲ କରିବାରେ ଆମ ରାଜ୍ୟ ଓଡିଶା ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ରହିଛି । ଓଡିଶାର କନଭିକସନ ରେଟ ମାତ୍ର ୧୧.୨% ରହିଛି । ଏହା ଅତ୍ୟନ୍ତ ନୈରାଶ୍ୟଜନକ ଅଟେ । ଓଡିଶା ହାଇକୋର୍ଟଙ୍କ ଅଫିସିଆଲ ଡାଟା ଅନୁସାରେ ୦୯-ସେପ୍ଟେମ୍ବର -୨୩ ସୁଦ୍ଧା ସମୁଦାୟ ୧,୪୫୨୮୧ଟି ମାମଲା ହାଇକୋର୍ଟରେ ବିଚାର ନହୋଇ ଏବେବି ପଡିରହିଛି । ବିଭିନ୍ନ କୋର୍ଟରେ ବିଚାରଧୀନ ମାମଲା ଆମରାଜ୍ୟ ଓଡିଶାରେ ୯୮.୭% । ୨୦୨୧ରେ ପଞ୍ଜିକୃତ ହୋଇଥିବା ମାମଲା ମଧ୍ୟରୁ ୬,୯୫,୧୯୮ଟି ମାମଲା ଏବେବି ବିଚାର ନହୋଇ ପଡ଼ିରହିଛି । ସେହି ମାମଲା ଗୁଡ଼ିକର ଟ୍ରାଇଲ ଆଜି ପ୍ରଯ୍ୟନ୍ତ ଆରମ୍ଭ ହୋଇନାହିଁ । ଏପରି ଅନେକ ଘଟଣା ଯାହାକି ପୁଲିସର କାର୍ଯ୍ୟଦକ୍ଷତା ଏବଂ ପାରିବାପଣିଆ ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗତ କିଛି ବର୍ଷ ହେବ ଆମ ସ୍ମାର୍ଟସିଟି ରାଜଧାନୀ ଭୁବନେଶ୍ୱରରେ ଅସାମାଜିକ ବ୍ୟକ୍ତି, ମଦ୍ୟପ, ପେଶାଦାର ଦୁର୍ଦ୍ଧାନ୍ତ ଅପରାଧୀ ଓ ଡକାୟତ ମାନଙ୍କର ଭୂସ୍ୱର୍ଗ ପାଲଟିଛି । ସେମାନେ ଅତ୍ୟନ୍ତ ଚତୁରତାର ସହ ବେଫିକର ହୋଇ ଅପରାଧ ଘଟାଇ ଫେରାର ହୋଇଯାଉଛନ୍ତି । ଏପରିକି ରାଜଧାନୀରେ ଏବେ ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ଏତେ ମାତ୍ରାରେ ବଢ଼ିଯାଇଛି ସେମାନେ ଏବେ ପୁଲିସ ଅଫିସରମାନଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି ।

ହକି ବିଶ୍ୱକପ ଅବ୍ୟାହତି ପୂର୍ବରୁ ଘଟିଥିଲା ଏକ ଅଭାବନୀୟ ଘଟଣା । ଭୁବନେଶ୍ୱର ମହିଳା ଥାନାରେ ଥିବା ସବ୍‌ଇନସ୍ପେକ୍ଟର ଶୁଭଶ୍ରୀ ନାୟକ ଡ୍ୟୁଟି ସାରି ଆଚାର୍ଯ୍ୟ ବିହାର ସାଇନ୍‌ସ ପାର୍କ ପାର୍ଶ୍ୱରେ ଥିବା ରିଜର୍ଭ ଅଫିସ କ୍ୱାଟର୍ସକୁ ଫେରୁଥିଲେ । ସେତେବେଳେ ରାତି ୧:୩୦ ହୋଇଥିଲା । ସେହି ସମୟରେ ଇନୋଭା ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ତାଙ୍କୁ ପିଛା କରିଥିଲେ ଏବଂ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଗାଡିରେ ଥିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୩ଜଣ ଅସାମାଜିକ ବ୍ୟକ୍ତି ମଧ୍ୟରୁ ଜଣେ ଖଣ୍ଡା ଧରି ଚିତ୍କାର କରିଥିଲା । ପ୍ରାଣ ବିକଳରେ ସେହି ମହିଳା ଅଫିସର ସାହାଯ୍ୟ ପାଇଁ ନିଜର ସ୍ୱାମୀ ଓ ଭାଇଙ୍କୁ ଡାକିଥିଲେ । ଏବେ କିଛିଦିନ ପୂର୍ବରୁ ଏୟାରଫିଲଡ ଥାନା ଅଞ୍ଚଳରେ ଗୋଟିଏ ଦିନରେ ୩ଟି ହୃଦୟ ବିଦାରକ ଘଟଣା ପୁଣି ଥରେ କମିଶନରେଟ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି । ଯୌତୁକ ପାଇଁ ଜଣେ ନିରୀହ ବଧୂ ଉପରେ ବର୍ବରତା ଓ ନିଷ୍ଠୁରତାର ସହ ହତ୍ୟା କରାଯାଇଛି । ଆଉ ଜଣେ ଅସାମାଜିକ ବ୍ୟକ୍ତି ୪ବର୍ଷର ଶିଶୁ କନ୍ୟାକୁ ବର୍ବରତାର ସହ ଦୁଷ୍କର୍ମ କରିବା ପରେ ଅତି ଜଘନ୍ୟ ଭାବେ ତଣ୍ଟିକାଟି ହତ୍ୟା କରିଥିଲା । ଏହା ଅତ୍ୟନ୍ତ ହୃଦୟ ବିଦାରକ ଓ ଲୋମହର୍ଷଣକାରୀ ଘଟଣା । ଆଉ ଜଣେ ବ୍ୟକ୍ତି ଯିଏକି ସଦାସର୍ବଦା ନିଶାଦ୍ରବ୍ୟ ସେବନ କରେ, ସେ ନିଜର ପ୍ରେମିକାକୁ ହତ୍ୟା କରି ଝୁଲାଇ ଦେଇଥିଲା । ଗୋଟିଏ ଦିନରେ ଭୁବନେଶ୍ୱର ଏୟାରଫିଲଡ଼ ଅଞ୍ଚଳରେ ତିନିଜଣ ମହିଳାଙ୍କୁ ହତ୍ୟା କମିଶନରେଟ ପୁଲିସର ଦାୟିତ୍ୱହୀନତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି ।

ତେଣୁ ସମୟ ଆସିଛି ଆମ ସରକାର ଏବଂ ପୁଲିସ ପ୍ରଶାସନ ଅପରାଧୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତତ୍ପରତା ଓ ସମ୍ବେଦନତା ପ୍ରକାଶ କରନ୍ତୁ । ସମସ୍ତଙ୍କ ମିଳିତ ଉଦ୍ୟମରେ ଏହା ସମ୍ଭବ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । ଆମ ଭାରତୀୟ ଆଇନ ବ୍ୟବସ୍ଥାରେ ଏହା ଉଲ୍ଲେଖ ଅଛି ଯେ ଆଇନର ଊର୍ଦ୍ଧ୍ୱରେ କେହି ନୁହଁନ୍ତି । ଅପରାଧୀ ଯେତେବି ଶକ୍ତିଶାଳୀ, ପ୍ରଭାବଶାଳୀ, କ୍ଷମତାର ଅଧିକାରୀ ହୋଇଥିଲେ ବି ଆଇନ ଅନୁସାରେ ସେ ନିଶ୍ଚିତ ଦଣ୍ଡିତ ହେବେ । କିନ୍ତୁ ବାସ୍ତବରେ ଆମ ସମାଜରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୁଏ । ଯାହା ପାଖରେ ଅଜସ୍ର ଅର୍ଥ, କ୍ଷମତା, ପଦପଦବୀ ଥାଏ ସେ ଆଇନକୁ ପ୍ରଭାବିତ କରିପାରେ । "ପଣ୍ଡିତଙ୍କ ପୁଅ ମାଙ୍କଡ଼ ମାରିଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୋଷ ନାହିଁ" ଏହି ଉକ୍ତି ସତ୍ୟ ପ୍ରମାଣିତ ହୁଏ । ଏବେ ଘଟିଥିବା ରେଞ୍ଜରୋଭର ଦୁର୍ଘଟଣା ମାମଲା ଏହାର ଜ୍ୱଳନ୍ତ ଉଦାହରଣ । କମିଶନରରେଟ ମୁଖ୍ୟାଳୟ ନିକଟ ପାୱାରହାଉସ ଛକରେ ପୂର୍ବତନ ମନ୍ତ୍ରୀଙ୍କ ପୁଅଙ୍କ ରେଞ୍ଜରୋଭର ଗାଡି ଧକ୍କାରେ ଜଣେ ନିରୀହ ଯୁବତୀଙ୍କ ଜୀବନ ପ୍ରଦୀପ ଲିଭିଯାଇଛି ଏବଂ ଆଉ ଜଣେ  ଅବସରପ୍ରାପ୍ତ ସିଆଇଏସଫ୍ ଯବାନ ଏବେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । କିନ୍ତୁ ଅତ୍ୟନ୍ତ ବିଡମ୍ବନାର ବିଷୟ ଏହାକି କମିଶନରେଟ ପୁଲିସ ପ୍ରକୃତ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚା ଦେଉଛି ।

ଗୋପାଳପୁର, ବାଲେଶ୍ୱର,

ମୋବାଇଲ -୭୦୨୦୬୧୩୦୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାକ୍ଷାତକାର



ଆଲୋକ କୁମାର ରାୟ

ଓଡ଼ିଆ ଭାଷା ସାହିତ୍ୟର ଜଣେ ମଗ୍ନ ସାଧକ ପ୍ରାଧ୍ୟାପକ ଡକ୍ଟର ଆଲୋକ କୁମାର ରାୟଙ୍କ ସହିତ ଏକ ଅନ୍ତରଙ୍ଗ ସାରସ୍ୱତ ଆଳାପ....

ଆମ ପତ୍ରିକା "ଆହ୍ୱାନ" ପାଇଁ ତାଙ୍କୁ ନିଜସ୍ୱ ବାସଭବନରେ ଭେଟିଥିଲେ ସାହିତ୍ୟିକ ଲକ୍ଷ୍ମୀଧର ନାୟକ ଆଦିତ୍ୟ ।

ଆହ୍ୱାନ- ସାର, ନମସ୍କାର । ଆପଣ ନିଜ ବିଷୟରେ, ନିଜ ବୃତ୍ତି ଓ ପ୍ରବୃତ୍ତି ସମ୍ପର୍କରେ କିଛି କହିବେ କି ?

ପ୍ରାଧ୍ୟାପକ ଆଲୋକ- ନମସ୍କାର । ମୋ ପୈତୃକ ଘର ଆଳି ବ୍ଲକ ଅନ୍ତର୍ଗତ ମୋହନପୁର ଗ୍ରାମରେ । କିନ୍ତୁ ଏବେ ମୁଁ ଓଡିଶା ପ୍ରଦେଶର କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟାଳୟରେ ସ୍ୱଗୃହେ ସପରିବାର ବସବାସ କରୁଛି । କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟାଳୟ ଠାରୁ ସାତ କିଲୋମିଟର ଦୂର ନିକିରାଇସ୍ଥ ବୀର ହନୁମାନଜୀଉ ମହାବିଦ୍ୟାଳୟରେ ମୁଁ ରାଜନୀତି ବିଜ୍ଞାନର ମୁଖ୍ୟ ଅଧ୍ୟାପକ ରୂପେ ଅବସ୍ଥାପିତ । ଲେଖାଲେଖି ଛଡ଼ା ମୁଁ ସମାଜସେବା, ଭ୍ରମଣ, ଫଟୋଗ୍ରାଫି, ବଗିଚା କାମ ଓ ଆଧ୍ୟାତ୍ମିକତା ଆଦିରେ ରୁଚି ରଖେ । ଅତୀତରେ ମୁଁ ଜିଲ୍ଲା ରେଡ଼କ୍ରସ ସୋସାଇଟିର ଯୁଗ୍ମ ସମ୍ପାଦକ ଓ ରୋଟାରୀ କ୍ଲବ ଅଫ କେନ୍ଦ୍ରାପଡ଼ା ସେଣ୍ଟ୍ରାଲର ସମ୍ପାଦକ ମଧ୍ୟ ଥିଲି ।

ଆହ୍ୱାନ- ଆପଣ ସମୟର ପ୍ରତିନିଧିତ୍ୱ କରୁଥିବା ଜଣେ ସମର୍ଥ ସାରସ୍ୱତ

Listen to Odia Podcast on https://anchor.fm/aahwaan

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ସାଧକ । ଆପଣଂକ କବିତା ପୁସ୍ତକ "ମେଘପଣତ" ଏକ ଆଭାଦୀପ୍ତ ମନୋଜ୍ଞ ସର୍ଜନା । କହିବେ କି- ସାରସ୍ୱତ ସାଧନା ପ୍ରତି ବିଶ୍ୱସନୀୟ ଦୁର୍ବଳତା ଆପଣଙ୍କର କେବେଠୁଁ ଓ ଏଥିପାଇଁ କାହାଙ୍କୁ ଆପଣ ପ୍ରେରଣାର ଶ୍ରେୟ ଦେବେ ?

ପ୍ରାଧ୍ୟାପକ ଆଲୋକ- ମୁଁ ପିଲାଦିନରୁ ଅର୍ଥାତ ମାଇନର ସ୍କୁଲରେ ପଢିବା ବେଳରୁ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଅନୁରକ୍ତ ରହିଆସିଛି । ପ୍ରେରଣାର ଉତ୍ସ ପ୍ରଥମତଃ ମୋ  ମା, ବାପା ଓ ପରବର୍ତ୍ତୀ ସମୟରେ ଶିକ୍ଷକ, ଶିକ୍ଷୟତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ମୁଁ ଅଧ୍ୟୟନ କରିଥିବା ସାହିତ୍ୟ । ସମସ୍ତେ ମୋ ସୁପ୍ତ ପ୍ରତିଭାକୁ ଜାଗ୍ରତ କରିଛନ୍ତି । କାହାଙ୍କୁ, କେଉଁ କାରକଙ୍କୁ ବା ଶ୍ରେୟ ଦେବି ?

ଆହ୍ୱାନ- ଆପଣଙ୍କ ଇଂରାଜୀ ଭାଷାର ମୌଳିକ କବିତା ପୁସ୍ତକ ସର୍ଜନା-Sillage ଓଡ଼ିଆ ଭାଷା ସାହିତ୍ୟର ଜଣେ ବିଜ୍ଞ ପୁରୋଧାଙ୍କର ଇଂରାଜୀ ସାହିତ୍ୟ ରଚନା ପ୍ରତି ଆଗ୍ରହ କେଉଁ ପାଇଁ ?

ପ୍ରାଧ୍ୟାପକ ଆଲୋକ- ପ୍ରଚାର ଓ ପ୍ରସାରଣର ବହୁଳତା, ଅନ୍ତର୍ଜାତିକ ସ୍ୱୀକୃତି ତଥା ଭାଷାଗତ ସମୃଦ୍ଧି ମୋତେ ଇଂରାଜୀ କବିତା ଲେଖିବା ପାଇଁ ଅନୁପ୍ରାଣିତ କରିଛି । "ଯତ ଭୁମା ତତ୍ ଶାନ୍ତି ।"

ଆହ୍ୱାନ-ଆପଣଙ୍କ ରାଜନୀତି ବିଜ୍ଞାନର ନିଜସ୍ୱ ପୁସ୍ତକ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ, ଉତ୍କଳ ବିଶ୍ୱବିଦ୍ୟାଳୟ, ଆସାମ ରାଜ୍ୟର ଦିବୃଗଡ଼ ବିଶ୍ୱବିଦ୍ୟାଳୟ, ଆସାମ ବିଶ୍ୱବିଦ୍ୟାଳୟ ଓ ଗୌହାଟୀ ବିଶ୍ୱବିଦ୍ୟାଳୟର ପାଠ୍ୟପୁସ୍ତକ ରୂପେ ଗୃହୀତ । ପାଠ୍ୟପୁସ୍ତକର ବିଭିନ୍ନ ବର୍ଣ୍ଣନାରେ ଆପଣଙ୍କର କାବ୍ୟମନସ୍କତାର ପ୍ରତିଫଳନ ଘଟିଛି କି ? ଯଦି ଘଟିଛି ତାହା ଛାତ୍ରଛାତ୍ରୀଙ୍କର ଗ୍ରହଣ ଶକ୍ତିକୁ ପ୍ରଭାବିତ କରେ ବୋଲି ଆପଣ ବୁଝନ୍ତି ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରାଧ୍ୟାପକ ଆଲୋକ- ମୋ ଦ୍ୱାରା ରଚିତ ପାଠ୍ୟପୁସ୍ତକଗୁଡିକରେ ମୋ କାବ୍ୟ ଜିଜ୍ଞାସାର ପ୍ରତିଫଳନ ଦେଖିବାକୁ ମିଳେ । ଏଥିରେ କିଛି ଅସ୍ୱାଭାବିକତା ନାହିଁ । ମାତ୍ର ଜିଜ୍ଞାସୁ ଛାତଛାତ୍ରୀମାନେ ତଦ୍ୱାରା ପ୍ରଭାବିତ ହେବା ସେମାନଙ୍କ ଇଚ୍ଛା, ବୋଧଶକ୍ତି ଓ ଆବଶ୍ୟକତା ଉପରେ ନିର୍ଭର କରେ । ମାତ୍ର କାବ୍ୟିକ ଚିନ୍ତା ଓ ଚେତନା କୋମଳମତି ଛାତ୍ରଛାତ୍ରୀମାନଙ୍କର ଗ୍ରହଣ ଶକ୍ତିକୁ ଯେ ନିଶ୍ଚିନ୍ତ ବୃଦ୍ଧିମନ୍ତ କରିବ, ଏଥିରେ ମୁଁ ସମ୍ମତ ।

ଆହ୍ୱାନ- ପ୍ରବଣତା ଯେବେ ମନକୁ ଛୁଏଁ, କବିପ୍ରାଣ ସ୍ରଷ୍ଟା ଜଣେ ଯାହା ଲେଖିଦେଲେ ତାହା କବିତା ହୁଏ କି ? ଯଦି ନୁହେଁ, ତେବେ କବିତା ରଚନାର ସିଦ୍ଧାନ୍ତ କଣ ହେବା ଉଚିତ ବୋଲି, ଆପଣ ନିଜ ଅଭିଜ୍ଞତାରୁ କହିବେ ?

ପ୍ରାଧ୍ୟାପକ ଆଲୋକ- କବିତା ଲେଖିବା କ୍ଷେତ୍ରରେ ଭାବପ୍ରବଣତାର ଆବଶ୍ୟକତାକୁ ଅସ୍ୱୀକାର କରାଯାଇ ନପାରେ । ତେବେ କବିତା ଲେଖିବାପାଇଁ ଜନାଦୃତ ଓ ପରୀକ୍ଷିତ ସିଦ୍ଧାନ୍ତଗୁଡିକ ମଧ୍ୟରେ ଶବ୍ଦ ଓ ଭାଷାର ଉଚିତ ବ୍ୟବହାର, ପ୍ରତୀକର ସଠିକ ଚୟନ, ସ୍ଥାନ, କାଳ ଓ ପାତ୍ର ସମ୍ପର୍କରେ ଅବଗତ, କଳ୍ପନାର ଇନ୍ଦ୍ରଜାଲ, ବର୍ଣ୍ଣନା ଆଦି ଗୁରୁତ୍ୱପୂର୍ଣ୍ଣ ।

ଆହ୍ୱାନ- ଆମ ଏ ପ୍ରଶ୍ନର ଉତ୍ତର ବ୍ୟାପକ ହୋଇପାରେ, କିନ୍ତୁ ସଂକ୍ଷେପରେ କହିବେ କି- ପାଶ୍ଚାତ୍ୟ ଓ ପୂର୍ବାତ୍ୟ କବିତା ପ୍ରଣୟନରେ ସାମାଜିକ ସଂସ୍କୃତିର ପ୍ରତିଫଳନ କିପରି ? ସମୟର ପ୍ରଭାବ କିପରି ଲେଖାକୁ ପ୍ରଭାବିତ କରେ ?

ପ୍ରାଧ୍ୟାପକ ଆଲୋକ- ସାମାଜିକ ପୃଷ୍ଠଭୂମିରେ କବିତାର ଅଙ୍କୁରୋଦ୍ଗମ ହୁଏ । ନିର୍ଦ୍ଧିଷ୍ଟ ସାମାଜିକ ପୃଷ୍ଠଭୂମି କବିତାର ଗତିଶୀଳତାକୁ ମଧ୍ୟ ପ୍ରଭାବିତ କରେ । ପାଶ୍ଚାତ୍ୟର ଉଦାରବାଦୀ ଦୃଷ୍ଟିକୋଣ ଓ ପୂର୍ବାତ୍ୟର ରୂଢ଼ିବାଦୀ ଚିନ୍ତାଧାରା କବିତା ସର୍ଜନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ସମୟର ଆହ୍ୱାନ କେବଳ କବିତା ନୁହେଁ ସମସ୍ତ ପ୍ରକାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସର୍ଜନାତ୍ମକ କାର୍ଯ୍ୟକ୍ରମ ପାଇଁ ଅପ୍ରତିହତ ଉପକ୍ରମଣିକା । ବର୍ତ୍ତମାନ କବିତା ଲେଖା କ୍ଷେତ୍ରରେ ପଶ୍ଚାତ୍ୟର ମୁକ୍ତ ଚିନ୍ତାଧାରାକୁ ସମୟର ଆହ୍ୱାନ ଭାବେ ଅଧିକାଂଶ ସାହିତ୍ୟିକ ଗ୍ରହଣକରିବା ଦେଖାଯାଉଛି ।

ଆହ୍ୱାନ- ସାହିତ୍ୟର ଅନ୍ୟ ବିଭାଗ ପରି କବିତାରେ ମଧ୍ୟ Ism ବା ବାଦର ପ୍ରୟୋଗ ରହିଛି । Ismକୁ ଆଧାର କରି କବିତା ଲେଖାଯାଏ ନା, ଲେଖୁ ଲେଖୁ କବିତା Ism ଅନ୍ତର୍ଗତ ହୋଇଯାଏ ?

ପ୍ରାଧ୍ୟାପକ ଆଲୋକ- କବିତା ଲେଖିବା ଅନ୍ୟତମ ଈଶ୍ୱରଦତ୍ତ କଳା । ମନଚକ୍ଷୁରେ ନିର୍ଦ୍ଦିଷ୍ଟ Ism ବା ବାଦ ପ୍ରତିଭାତ ହେଉଥିଲେ କବିତା ଲେଖିବାବେଳେ ତାହା ଉତୁରି ଆସେ । କବିତା ଏକ ପ୍ରବହମାନ ଧାରା, କେତେବେଳେ ସେ କେଉଁ କୂଳ ଛୁଇଁବ କିଏ କହିବ ?

ଆହ୍ୱାନ- ପ୍ରକୃତି ଓ ପୁରୁଷ ମଧ୍ୟରେ ପ୍ରକୃତି ସର୍ବଦା ଅଗ୍ରଗତି ପାଇଁ ପ୍ରେରଣାର ଉତ୍ସ । ଆପଣଙ୍କୁ କବିଟିଏ ରୂପେ ଦେଖିବାର ଆଗ୍ରହ- ପ୍ରକୃତିର କେଉଁ ରୂପ ଜନନୀ, ଭଗିନୀ, ଜାୟା ବା ପ୍ରେମିକା(ଯଦି ଥା'ନ୍ତି) ଅଧିକ ପ୍ରେରଣା ସୃଷ୍ଟି କରିଛନ୍ତି ? ପ୍ରେମିକାର ଯଥାର୍ଥ ଅର୍ଥ କଣ ...ନାରୀ ?

ପ୍ରାଧ୍ୟାପକ ଆଲୋକ- ପ୍ରକୃତିର ପ୍ରେମିକା ରୂପକଳ୍ପ ସଂଦର୍ଶନରେ ମୁଁ ବିଭୋର, ଆକ୍ରାମାକ୍ରା । ପ୍ରେମିକା ନାରୀରୁ ନାରାୟଣୀ ବି ହୋଇପାରେ ! ପ୍ରେମିକା ଦେହସର୍ବସ୍ୱ ହୋଇପାରେ, ଅଶରୀରୀ, ସୁକ୍ଷ୍ମ, ବାୟବୀୟ ଅନୁଭବ ବି ହୋଇପାରେ !

"ଫୁଲକୁ କହିଲି ଆଞ୍ଜୁଳାଏ ସୁରଭି ଦେବାକୁ କହିଲା ମଧୁପ ଅଛି
ବିଟପୀ ପ୍ରକୃତି ବଦଳିବ ନାହିଁ ଯେତେ ଯାହା କର ଇଛି ।" ( ଆସିଲନି ତୁମେ-ମେଘପଣତ)

"You are like the fathomless sea

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

Enriched in myriad novelties

I am the nameless grit

Searching badly own physical entities." ( Sillage)

ଆହ୍ୱାନ- ଲେଖିବା ପାଇଁ ଆପଣ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରିତ କରିଥାନ୍ତି ତ... ତାହା କେଉଁ ପାଇଁ ? ଅଧ୍ୟୟନ, ଅଧ୍ୟାପନା ଓ ସାଧନା ...ଏହା ଏକ ତ୍ରିବେଣୀ ସଙ୍ଗମ । ଆପଣ କାହାକୁ କିପରି ସମୟ ଦିଅନ୍ତି ? କାହାକୁ କମ, କାହାକୁ ବେଶୀ ? କାହିଁକି ?

ପ୍ରାଧ୍ୟାପକ ଆଲୋକ- ମୋ ଲେଖିବାର କୌଣସି ସମୟ ନିର୍ଘଣ୍ଟ ନାହିଁ । ସ୍ୱତଃପ୍ରବୃତ ଭାବେ ମୋ ହୃଦ କନ୍ଦରରେ ଲେଖିବାର ମୋହ ଯାତ ହେଲେ ଲେଖାଲେଖିର ପର୍ବ ଆରମ୍ଭ ହୁଏ । ସମୟ ବାଣ୍ଟିବା ନୁହେଁ, ସମୟର ସଦୁପଯୋଗକୁ ମୁଁ ପ୍ରାଥମିକତା ଦିଏ । ଅଧ୍ୟୟନ ଓ ଅଧ୍ୟାପନାର ସରସ ମୁହୂର୍ତ୍ତରେ କବିତା ନିଜ ଅଙ୍କିତ ଲକ୍ଷ୍ମଣ ରେଖା ମଧ୍ୟରେ ରହିବାକୁ ଭଲପାଏ । ଶବ୍ଦ, ଭାବ ଓ ରୂପକଳ୍ପ ଆଦି ସାକାର ରୂପ ନେବାକୁ ବ୍ୟଗ୍ର ହେଲେ କବିତା ଭ୍ରୃଣ ଏକ୍ରୁଡ଼ିଶାଳ ଖୋଜି ବସେ ଭୂମିଷ୍ଠ ହେବାକୁ । କେବେ ସମୟର କରାଘାତ ଯୋଗୁଁ ତାହା ମୃତ ଅବା ଜୀବନ୍ତ ରୂପେ ଆତ୍ମପ୍ରକାଶ କରେ ।

ଆହ୍ୱାନ- କବି ହୃଦୟରେ ଆପଣଙ୍କର ଭଲପାଇବା କାହାପାଇଁ ଅଧିକ ? କବିତା ନା ପାଠକ ? କିମ୍ବା ଅନ୍ୟ କେହି ? ପାଠକର ରୁଚିକୁ ଆଖିଆଗରେ ରଖି କବିତା ଲେଖାଯାଏ ନା.. କବିତାସାର ହିଁ ପାଠକଙ୍କୁ ଆଚ୍ଛନ୍ନ କରିରଖେ ?

ପ୍ରାଧ୍ୟାପକ ଆଲୋକ- କବିତା ଓ ପାଠକ ଉଭୟଙ୍କୁ ମୁଁ ଭଲ ପାଏ । ଲେଖକଙ୍କ ପାଇଁ ଉଭୟ ଗୁରୁତ୍ୱପୂର୍ଣ୍ଣ ମାପକାଠି । ମାତ୍ର କାହାପ୍ରତି ଭଲପାଇବାର ମାତ୍ରା ଅଧିକ କହିବା ମୁସ୍କିଲ । ଉଭୟ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି । ତେବେ କେବେ କବିତା ପାଠକଙ୍କ ପାଇଁ ଭାରି ପଡ଼େ ତ..

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେବେ ପାଠକ କବିତା ପାଇଁ । କବିତା ଲେଖିବାବେଳେ ପାଠକଙ୍କର ରୁଚିକୁ ଅଣଦେଖା କରିହୁଏ ନାହିଁ । କବିତାସାର ପାଠକଙ୍କର ରୁଚିକୁ ମୋହାଛନ୍ନ କରିବା ନିଷ୍ଚିନ୍ତ ।

ଆହ୍ୱାନ- କୁହାଯାଏ ମନ ଓ ବୁଦ୍ଧି ଏକତ୍ରୀତ ହେଲେ ସଫଳ କବିତା ସୃଷ୍ଟି ହୁଏ । ଆଉ ବି ମତ ଅଛି-ପୂର୍ବ ଜନ୍ମର ସଂସ୍କାର  ଗଛିତ ପ୍ରାରବ୍ଧ ହିଁ ବର୍ତ୍ତମାନ ଜନ୍ମର କ୍ରିୟମାଣ କର୍ତ୍ତବ୍ୟ-ଅକର୍ତ୍ତବ୍ୟ । ନିଜର କବି ଜୀବନକୁ ଆପଣ ଏ ଦୁଇଟି ଦଣ୍ଡିପାଲା ମଧ୍ୟରେ କିପରି ତଉଲିବେ ?

ପ୍ରାଧ୍ୟାପକ ଆଲୋକ-ହଁ, ମନ ଓ ବୁଦ୍ଧି ଏକତ୍ରୀତ ହେଲେ କବିତାସିକ୍ତ ହୃଦୟ ସଫଳ କବିତା ସୃଷ୍ଟି କରେ । ପୂର୍ବ ଗଛିତ ସଂସ୍କାର ସମ୍ପର୍କରେ ମୁଁ ଏକମତ । ମୋ ମତରେ କବିର ଜୀବନ ପଥ କଣ୍ଟକିତ, ଖାଲ ଓ ଢିପରେ ପରିପୂର୍ଣ୍ଣ । ଦିଗବଳୟରେ ଜାଜ୍ୱଲ୍ୟମାନ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ସେ ମନ ଓ ବୁଦ୍ଧି ମଧ୍ୟରେ ତାଳମେଳ ରଖି କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟକୁ ଅନବରତ ନିକିତିରେ ତଉଲୁଥାଏ ।

ଆହ୍ୱାନ- ପାଠକମାନଙ୍କୁ କହିବେ କି -କବି ଜଣେ କିପରି ଖଟିଥାନ୍ତି...

ଶବ୍ଦବ୍ରହ୍ମଙ୍କୁ ଚୟନ କରିବା ଦିଗରେ... ସେ ରଚନାମଗ୍ନ ଥିବାବେଳେ କିମ୍ବା ସମାନ ଶବ୍ଦଙ୍କ ଅନେକ ପର୍ଯ୍ୟାୟବାଚୀ ଶବ୍ଦଙ୍କ ମଧ୍ୟରୁ ଯାହାଙ୍କୁ ଚାହାନ୍ତି ତାକୁ ହିଁ କଲମ ମୁନରୁ ଝରାନ୍ତି ?

ପ୍ରାଧ୍ୟାପକ ଆଲୋକ- ଶବ୍ଦସବୁ ବେଳେବେଳେ ଲୁଚକାଳି ଖେଳିବାକୁ ଭଲ ପାଆନ୍ତି । କେବେ ଆପଣା ଛାଏଁ ଧରାଦେଇ ଖୁସି ହୁଅନ୍ତି । "ଲଳିତପଣ ଖୋଜୁଥିବା କବିର ଭାଷା ଛାଏଁ ଛାଏଁ ଲଳିତ ହୋଇଯାଏ ।" ଲୋଡୁଥିବା ଇପ୍ସିତ ଶବ୍ଦ କଲମ ମୁନରୁ ଝରିବାର ବ୍ରାହ୍ମମୁହୂର୍ତ୍ତ କବିପାଇଁ ସବୁବେଳେ ସମ୍ଭବ ହୁଏନାହିଁ । ଶବ୍ଦର ଅଦଳ ବଦଳ, ସଂଶୋଧନ, ଶୁଦ୍ଧିକରଣ ଆଦି କବିତା ଲେଖାର ଅଂଶବିଶେଷ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"Word is swaddling robe.

Impregnated silence gives birth to poetry"

ଆହ୍ୱାନ- ପ୍ରତୀକ ଓ ରୂପକଳ୍ପ କବିତା ସୁନ୍ଦରୀଙ୍କ ସୌନ୍ଦର୍ଯ୍ୟ ବୃଦ୍ଧିର କାରଣ ନିଶ୍ଚୟ । ଏହା ସହ ରସର ପ୍ରୟୋଗ କବିତାକୁ କରିଥାଏ ସ୍ୱାଦିଷ୍ଟ... ଯାହା ମନ ଓ ହୃଦୟକୁ ପ୍ରଭାବିତ କରେ । ଆପଣ ଏ ତିନୋଟିଙ୍କର ପ୍ରୟୋଗକୁ କଣ ଶାସ୍ତ୍ରୀୟ ଆଧାର ରୂପେ ଗ୍ରହଣ କରିଛନ୍ତି କିମ୍ବା କବିତାଲତା ସ୍ୱଚ୍ଛନ୍ଦରେ ମାଡିଯାଏ ?

ପ୍ରାଧ୍ୟାପକ ଆଲୋକ- ପ୍ରତୀକ, ରୂପକଳ୍ପ ଓ ରସ ସ୍ୱାଭାବିକ ଭାବେ ନିଜ ଅଧିକାର ସହ କବିତା ଶରୀରରେ ସବାର ହୁଅନ୍ତି । ମୋ କ୍ଷେତ୍ରରେ ଶାସ୍ତ୍ରୀୟ ଯତକିଞ୍ଚିତ, ବରଂ କବିତାର ଗତାନୁଗତିକ ଧାରା ରୂପେ ଉପରୋକ୍ତ ସମସ୍ତ ଉପଜୀବ୍ୟ କବିତା ଲେଖାବେଳେ ନିଜସ୍ୱ ସ୍ଥାନ ବାଛି ନିଅନ୍ତି ।

ଆହ୍ୱାନ- କବିତାରେ ଶୈଳୀର ସ୍ୱାତନ୍ତ୍ର୍ୟ ରକ୍ଷ୍ୟା କରି, କବିମାନେ ନିଜପାଇଁ ପାଠକଙ୍କ ଛାତିରେ ସ୍ୱତନ୍ତ୍ର ସମ୍ମାନ ସୃଷ୍ଟି କରିବାକୁ ଚାହାନ୍ତି । ସ୍ୱତନ୍ତ୍ର ଶୈଳୀ ବିନା କବିତା କଣ ନିଜ କଥା ଠିକ ଠିକ କହିପାରେନା ?

ପ୍ରାଧ୍ୟାପକ ଆଲୋକ- ମୁଁ ଆଜିଯାଏଁ ସ୍ୱତନ୍ତ ଶୈଳୀର ଅଧିକାରୀ ହୋଇପାରି ନାହିଁ । ସ୍ୱତନ୍ତ୍ର ଶୈଳୀ ସମ୍ପର୍କରେ ପରେ ଚିନ୍ତା କରିପାରେ । କବିତା ନିଜ କଥା କହିବା ପାଇଁ ସ୍ୱତନ୍ତ୍ର ଶୈଳୀକୁ ଆଶ୍ରା କରିବା ଇଚ୍ଛାଧୀନ ଆବଶ୍ୟକତା । "Poetry is subversion. It's a tree whose roots gnaw away at the rock." ( Eduardo Sancho Castaneda)

ଆହ୍ୱାନ- ଆଧୁନିକ କବିତାରେ ମଧ୍ୟ ପଠନଗତ ଛନ୍ଦ ରହିଥାଏ । ରହିଲେ ହିଁ ଏହା ଶୃତିମଧୁର ହୁଏ । ଆପଣଙ୍କ ବିଚାର କଣ ? ପ୍ରାଚୀନ ଛନ୍ଦ ଓ ଆଧୁନିକ ଛନ୍ଦରେ କି ପାର୍ଥକ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆପଣ ଦେଖନ୍ତି ?

ପ୍ରାଧ୍ୟାପକ ଆଲୋକ- ଆଧୁନିକ କବିତା ହେଉ ଅବା ପୁରାତନ, ଛନ୍ଦ କବିତାକୁ ଶୃତିମଧୁର କରିବା ନିଶ୍ଚିତ । ମୁଁ ପୁରାତନ ଛନ୍ଦ ପରି ପଠନଗତ ଛନ୍ଦ ଅନୁସୃତ ନୀତିନିୟମକୁ ସେତେଟା ଗୁରୁତ୍ୱ ଦିଏନାହିଁ ।

"ଛନ୍ଦରେ ଛନ୍ଦରେ ଚନ୍ଦ୍ର ବନ୍ଧନୀ ମୁଁ

ମଗ୍ନ ମୋ ସାଧନା ପଥେ।"

ଆହ୍ୱାନ-ଆପଣ ପ୍ରାଧ୍ୟାପକ ଓ ଲେଖକ । ଏହି ପ୍ରସଙ୍ଗରେ ଆହ୍ୱାନର ପାଠକପାଠିକାମାନଙ୍କୁ କିଛି କହିବେ-ଯାହା ସଂକ୍ଷେପରେ ଅବବୋଧ କରାଇଦେବ- ଗଦ୍ୟ ଓ କବିତା ରଚନା ଅନୁଭବଶୀଳ ସାରସ୍ୱତ ପ୍ରତିଭାଙ୍କ କଳାତ୍ମକ ପରିଚୟ ।

ପ୍ରାଧ୍ୟାପକ ଆଲୋକ- ଗଦ୍ୟ ହେଉ ଅବା କବିତା, ଅନୁଭବର ଶୀର୍ଷ ସ୍ଥାନକୁ ନଗଲେ ସବୁ ଅଳିକ, ଅଧାପନ୍ତରିଆ ଓ ଭ୍ରମାତ୍ମକ । ଉଭୟ କ୍ଷେତ୍ରରେ କଳାତ୍ମକ ପାରଦର୍ଶିତା ପ୍ରକାଶିତ ହେବାପାଇଁ ଅନୁଭବର ଭୂମିକା ଅନସ୍ୱୀକାର୍ଯ୍ୟ । " In poetry everything is permitted,with only this condition of course you have to improve the blank page ( ସାଦା ପୃଷ୍ଠା)", says Nicanor Parre.ଏହି" ସାଦା ପୃଷ୍ଠା " ମୋ ମତରେ  କଳାତ୍ମକ ପାରଦର୍ଶିତା ଛଡା ଆଉ କଣ ବା ହୋଇପାରେ ?

ଆହ୍ୱାନ- ଆପଣଙ୍କ ମୌଳିକ ଇଂରାଜୀ କବିତାମାନ ବିଭିନ୍ନ ଅନ୍ତର୍ଦେଶୀୟ ସାରସ୍ୱତ ଅନୁଷ୍ଠାନ ଦ୍ୱାରା ପ୍ରକାଶିତ ଓ ପ୍ରଶଂସିତ । ଏଥିପାଇଁ ଆପଣ ସମ୍ମାନିତ ମଧ୍ୟ।କହିବେ କି- ଦେଶ ଡେଇଁ, ବାହାର ଦେଶରେ ଆପଣଙ୍କ ସାରସ୍ୱତ ଖ୍ୟାତି ଏହି ପଥରେ ଅଗ୍ରସରିତ ହେବାର ପ୍ରେରଣା ଦେଇଛି କିପରି ?

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରାଧ୍ୟାପକ ଆଲୋକ- ପ୍ରେରଣା ଏକ ଦିଆସିଲ କାଠି ପରି, ଧୂପରେ ନିଆଁ ସଂଯୋଗ କରେ ଏବଂ ଧୂପ ବାସ୍ନାରେ ବାତାବରଣ, ସ୍ଥାବର ଓ ଜଙ୍ଗମ ସୁଗନ୍ଧଯୁକ୍ତ ହୁଏ । Inspiration is the process of being mentally stimulated to do or feel something creative.ଆମ ସମସ୍ତଙ୍କ ପାଇଁ ଲକ୍ଷ୍ୟ ସ୍ଥଳରେ ପହଂଚିବା ଉପଲକ୍ଷେ ପ୍ରେରଣାର ଦିଗନ୍ତବିସ୍ତାରୀ ଆଦିଭୌତିକ ଅବଦାନ ରହିଛି । ଦେଶ, ବିଦେଶରୁ ପ୍ରଶଂସା, ମାନପତ୍ର, ଉପଢୌକନ ଓ ସ୍ୱୀକୃତି ସାଉଁଟିବା ଦ୍ୱାରା ଯେଉଁ ଆତ୍ମପ୍ରତ୍ୟୟ ସୃଷ୍ଟି ହୁଏ ତାହା ଆଲୋକବର୍ତ୍ତିକା ରୂପେ ଆଗକୁ ବାଟ କଢାଇ ନେବାରେ ସାହାଯ୍ୟ କରେ । ମୋର  କବିତା ହେବାର ଯେଉଁ ଅଭିଳାଷ ରହିଛି(" I wish to be a poem.") ସେଥିପାଇଁ ପ୍ରେରଣା ଖୋରାକ ଯୋଗାଏ । ପୁନଶ୍ଚ.. ଅନ୍ୟ ପ୍ରକାରରେ "I may die !But the poet in me will not." ଏହାହିଁ ପ୍ରେରଣା ମୋ ପାଇଁ, ଆଗାମୀ ସହସ୍ର ବର୍ଷ ପାଇଁ ।

ଆହ୍ୱାନ- ଖୁବ ଶୀଘ୍ର ପ୍ରକାଶିତ ହେବାକୁ ଯାଉଥିବା ଆପଣଙ୍କ ଦ୍ୱାରା ସମ୍ପାଦିତ ଅନ୍ତର୍ଜାତୀୟ ବହୁଭାଷୀ କବିତା ସଙ୍କଳନ "କାଳିଜହ୍ନ"କୁ ଆପଣ ବହୁଭାଷିକ କରିବାର  ଆଗ୍ରହ ରଖନ୍ତି । ଏପରି ଆଭିମୁଖ୍ୟର ପ୍ରକୃତ କାରଣ କଣ ?

ପ୍ରାଧ୍ୟାପକ ଆଲୋକ- ମୋ ଦ୍ୱାରା ସମ୍ପାଦିତ ଏକ ବହୁଭାଷୀ ଅନ୍ତର୍ଜାତୀୟ କବିତା ସଙ୍କଳନ "କାଳିଜହ୍ନ" ଖୁବ ଶୀଘ୍ର ପ୍ରକାଶିତ ହେବାକୁ ଯାଉଛି । ଏଥିରେ ଓଡ଼ିଆ ଭାଷାରୁ ହିନ୍ଦୀ, ଇଂରାଜୀ ଓ କୋଶଳୀ ଭାଷାରେ ମର୍ମାନୁବାଦୀତ କିଛି କବିତା ସ୍ଥାନ ପାଇବ । କରୋନା ମହାମାରୀର ଉତ୍କଟ ଅବସ୍ଥା ସନ୍ଧିକ୍ଷଣରେ, ମୋ ଦ୍ୱାରା ସମ୍ପାଦିତ ଏକ ଦ୍ୱିଭାଷୀ ଅନ୍ତର୍ଜାତୀୟ କବିତା ସଙ୍କଳନ "Trouvaille" ପ୍ରକାଶିତ ହୋଇ ପାଠକୀୟ ଆଦର ଲାଭକରିଥିଲା । ଏଥିରେ ସ୍ଥାନ ପାଇଥିବା ଦେଶ ବିଦେଶର ପ୍ରତିଭାଦୀପ୍ତ ପନ୍ଦର ଜଣ କବିଙ୍କର ଇଂରାଜୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କବିତାଗୁଡିକରୁ କିଛି କବିତା ମୁଁ ଓଡ଼ିଆରେ ମର୍ମାନୁବାଦ କରିଥିଲି । ଆଧୁନିକ ସମୟରେ ଅନୁବାଦ ସାହିତ୍ୟର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ପାରସ୍ପରିକ ସଦ୍ଭାବ ବୃଦ୍ଧି, ପ୍ରତିଭାଦୀପ୍ତ କବିମାନଙ୍କର ଲେଖାଗୁଡିକୁ ଲୋକଲୋଚନରେ ତୋଳି ଧରିବା ସହ ଭାଷା ଓ ସାହିତ୍ୟ ସମ୍ପର୍କୀତ ସହନଶୀଳତା ଏହାଦ୍ୱାରା ବିକଶିତ ହେବବୋଲି ମୋର ବିଶ୍ୱାସ ।

ଆହ୍ୱାନ- ଆମ ପାଠକପାଠିକାମାନଙ୍କ ଅବବୋଧ ନିମନ୍ତେ ଆପଣ ଯାହା ଯାହା କହିଲେ, ତାହା ସମସ୍ତ ଅଭିଜ୍ଞ ସାହିତ୍ୟିକଙ୍କର ଅନୁଭବଜାତ ପ୍ରେରଣାତ୍ମକ ସ୍ୱର । ଧନ୍ୟବାଦ ଆପଣଂକୁ ।

ପ୍ରାଧ୍ୟାପକ ଆଲୋକ- ନମସ୍କାର, ଆଜ୍ଞା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

XIM UNIVERSITY XAVIER INSTITUTE OF MANAGEMENT, BHUBANESWAR

XIM - Old Campus Xavier Square,

Bhubaneswar - 751 013, Odisha Tel: 0674-3012345 Fax: 0674-

2300995E-mail: media-oc@xim.edu.in

Web: https://ximb.edu.in/

XIM ଭୁବନେଶ୍ୱର ବାର୍ଷିକ ମିଡିଆ କନକ୍ଲେଭ: COMMUNIQUE 2023 ପରିଚାଳନା କରିଥିଲା, ଇଲୁମିନିଟିଏକ୍ସ, ମିଡିଆ ଏବଂ ପିଆର ସେଲ୍ ଦ୍ୱାରା ଆୟୋଜିତ ହୋଇଥିଲା । ଏହି ସଂସ୍କରଣର ଥିମ୍ ଥିଲା "ଅସୀମ ଏକ୍ସପୋଜର ଟାଇମ୍ସରେ ପ୍ରଭାବଶାଳୀ ଯୋଗାଯୋଗ" ।

ଏହି କାର୍ଯ୍ୟକ୍ରମ ୨୬ ନଭେମ୍ବର ୨୦୨୩ରେ ଆୟୋଜିତ ହୋଇଥିଲା । ଏହି କନକ୍ଲେଭ ଉପଲକ୍ଷେ ଉପରାଷ୍ଟ୍ରପତି, ଷ୍ଟ୍ରାଟେଜିକ୍ ବ୍ୟବସାୟ ପରିବର୍ତ୍ତନ, HSBC ଶ୍ରୀ ଦୀପକ ମହାନ୍ତି; ଶ୍ରୀମତୀ ଶିବାନୀ ତାଲିମ୍, ବିଜ୍ଞାପନ ବିକ୍ରୟ, ଜିଓ ସିନେମା; ଶ୍ରୀମତୀ ଅଭିଲାଶା ଆର ଗୁପ୍ତା, ବ୍ରାଣ୍ଡ ମ୍ୟାନେଜର - ଇଷ୍ଟ କ୍ଲଷ୍ଟର, ଭୋଡାଫୋନ୍ ଆଇଡିଆ ଲିମିଟେଡ୍; ଶ୍ରୀ ନିତିନ ମଣ୍ଟେଏରୋ ଏସ.ଜେ, ଡକ୍ଟରାଲ୍ ସ୍କୋଲାର୍, ସ୍କୁଲ୍ ଅଫ୍ ଗଭର୍ନାନ୍ସ ଆଣ୍ଡ ପବ୍ଲିକ୍ ଆଫେୟାର୍ସ ଦର୍ଶକଙ୍କ ସହ ସେମାନଙ୍କର ମୂଲ୍ୟବାନ ଜ୍ଞାନ ବାଣ୍ଟିଥିଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବକ୍ତାମାନେ ଦୀପ ଜାଳିବା ସହିତ ଅଧିବେଶନ ଆରମ୍ଭ ହୋଇଥିଲା ଏବଂ ପରେ ପ୍ରଫେସର ଫ୍ରାନ୍ସିସ୍ ଥୋମାସ୍ କାଷ୍ଟେଲିନୋ, ମୋଡରେଟର୍ ଦର୍ଶକଙ୍କୁ ସମ୍ବୋଧିତ କରିଥିଲେ । ସେଦିନର ପ୍ରଥମ ବକ୍ତା ଶ୍ରୀମତୀ ଶିବାନୀ ତାଲିମ୍, ବିଜ୍ ଇଣ୍ଡଷ୍ଟ୍ରିରେ ପ୍ରଚଳିତ "ନିଖୋଜ ହେବାର ଭୟ" ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଆହୁରି ମଧ୍ୟ କହିଛନ୍ତି, "ବିଜ୍ଞାପନ ଏତେ ସଫଳ ହେବାର କାରଣ କେବଳ ମହାନ ସ୍କ୍ରିନ୍-ପ୍ଲେ କିମ୍ବା ଅଡିଓ ହେତୁ ନୁହେଁ, ବରଂ ଡାଟାର ମଧ୍ୟ ପ୍ରମୁଖ ଭୂମିକା ରହିଛି ।" ବାଙ୍ଗାଲୋରରୁ ଭୁବନେଶ୍ୱର ମଧ୍ୟର ନିଜ ଯାତ୍ରାକୁ ଚିତ୍ରଣ କରି ସେ କେମିତି ମାତ୍ର ଅଧା ଦିନ ମଧ୍ୟରେ ଏକ ଉଲ୍ଲେଖନୀୟ ୪୦୦ ବିଭିନ୍ନ ପ୍ରକାରର ଯୋଗାଯୋଗ ଅନୁଭବ କରିଥିଲେ ।

ଏହା ପରେ ଶ୍ରୀ ଦୀପକ ମହାନ୍ତି ନିଜ ବକ୍ତବ୍ୟ ଆରମ୍ଭ କରିଥିଲେ । ସେ ଏକ ପୁସ୍ ପନ୍ଥା ଗ୍ରହଣ କରିବା, ପଲ୍-ଅପ୍ ବିଜ୍ଞାପନକୁ ବ୍ୟବହାର କରିବା, ଗ୍ରାହକଙ୍କ ପ୍ରୋଫାଇଲ୍ ଏବଂ ସେଗମେଣ୍ଟେସନ୍ ବିକାଶ ଏବଂ ଗ୍ରାହକଙ୍କ ସହ ଯୋଗାଯୋଗକୁ ସଜାଡିବା ବିଷୟ ରେ କହିଥିଲେ । ଶ୍ରୀ ଦୀପକ କହିଛନ୍ତି, "ଚ୍ୟାଲେଞ୍ଜିଂ ସମସ୍ୟାର ସମାଧାନ ପାଇଁ ଏକ ମଲ୍ଟି ଚ୍ୟାନେଲ ଯୋଗାଯୋଗ ପଦ୍ଧତି ହେଉଛି ଏକ ନୂତନ ଉପାୟ । ଟୋକେନାଇଜେସନ୍, NFT ଏବଂ ବ୍ଲକ୍ ଚେନ୍ ହେଉଛି ନୂତନ ସୀମା ଯାହା ବ୍ୟାଙ୍କ ପରି ପାରମ୍ପାରିକ କ୍ଷେତ୍ର ଦ୍ୱାରା ମଧ୍ୟ ଅନୁସନ୍ଧାନ କରାଯାଇଥାଏ ।"

ପ୍ରମୁଖ ବ୍ରାଣ୍ଡର ସ୍ୱତନ୍ତ୍ର ଯୋଗାଯୋଗ ପ୍ରୟାସ ବେଳେବେଳେ ନକାରାତ୍ମକ ପରିଣାମ ଦେଇପାରେ ବୋଲି ଶ୍ରୀ ନିତିନ ମୋଣ୍ଟେରୋ ଆଲୋଚନା କରିଥିଲେ । ତାଙ୍କ ମତକୁ ସମର୍ଥନ କରିବାକୁ ସେ ବିଜ୍ଞାପନର ଉଦାହରଣ ପ୍ରଦାନ କରିଥିଲେ । ସେ ମଧ୍ୟ କେସ୍ ଗୁଡିକୁ ହାଇଲାଇଟ୍ କରିଥିଲେ ଯେଉଁଠାରେ ସମାନ ବ୍ରାଣ୍ଡ ଅଲଗା ବିଜ୍ଞାପନରେ ଭିନ୍ନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଭିମୁଖ୍ୟ ଗ୍ରହଣ କରିଥିଲେ । ଶ୍ରୀ ନିତିନ ଗୁରୁତ୍ୱାରୋପ କରିଛନ୍ତି ଯେ ବର୍ତ୍ତମାନ ଯୁଗରେ ଆମେ ଅନେକ ବିକଳ୍ପର ସମ୍ମୁଖୀନ ହେଉଛୁ ଏବଂ ନିଷ୍ପତ୍ତି ନେବା ଆମର ଦାୟିତ୍ୱ ଅଟେ । ସେ ଗୁରୁତ୍ୱାରୋପ କରିଛନ୍ତି ଯେ ବ୍ୟାଘାତ ହେଉଛି ସଂପୂର୍ଣ୍ଣ ନୂତନ ଏବଂ ଅଭିନବ କିଛି ପାଇଁ ବାଟ ଖୋଲିବା ପାଇଁ ପ୍ରତିଷ୍ଠିତ ପ୍ରଣାଳୀକୁ ଭାଙ୍ଗିବା ପ୍ରକ୍ରିୟା । ଭୋଡାଫୋନ୍ ଆଇଡିଆ ଲିମିଟେଡ୍ର ବ୍ରାଣ୍ଡ ମ୍ୟାନେଜର ଶ୍ରୀମତୀ ଅଭିଲାଶା ଆର ଗୁପ୍ତା ସ୍ୱଷ୍ଟ ଯୋଗାଯୋଗର ଗୁରୁତ୍ୱ, ବିଭିନ୍ନ ଚ୍ୟାନେଲ ମାଧ୍ୟମରେ ବହୁ ଦର୍ଶକଙ୍କ ନିକଟରେ ପହଞ୍ଚିବା, ଧ୍ୟାନ ଆକର୍ଷଣ କରିବା ପାଇଁ ଖେଳାତ୍ମକ ଭାଷା ବ୍ୟବହାର କରିବା ଏବଂ ଏକ ପ୍ରଭାବଶାଳୀ ବ୍ରାଣ୍ଡ ରଣନୀତିର ଅଂଶ ଭାବରେ ବିଭିନ୍ନ ମାଧ୍ୟମ ପାଇଁ ଯୋଗାଯୋଗ କଷ୍ଟୋମାଇଜ୍ କରିବା ବିଷୟରେ କହିଥିଲେ ।

ଉଲ୍ଲେଖନୀୟ ବକ୍ତାମାନଙ୍କଠାରୁ ସୂଚନାଯୋଗ୍ୟ କଥାବାର୍ତ୍ତା ପରେ, ବହୁ ପ୍ରତୀକ୍ଷିତ ପ୍ରଶ୍ନ ଉତ୍ତର ଅଧିବେଶନ ଅନୁଷ୍ଠିତ ହୋଇଥିଲା, XIM ବିଶ୍ୱବିଦ୍ୟାଳୟର ଛାତ୍ରମାନେ ମାର୍କେଟିଂ, ବ୍ରାଣ୍ଡ, ଗ୍ରାହକ ବିଷୟରେ ଚିନ୍ତାଜନକ ପ୍ରଶ୍ନ ପଚାରିଥିଲେ । ସେମାନେ ଇନଫ୍ଲୁଏନ୍ସର ମାର୍କେଟିଂ, ଓମନିଚାନେଲ୍ ରଣନୀତି ଏବଂ ଗ୍ରାହକ ଅଭିଜ୍ଞତା ଅପ୍ଟିମାଇଜେସନ୍ ବିଷୟରେ ଆଲୋଚନା କରିଥିଲେ ।

ଏହା ପରେ  କ୍ୟାରିୟର ଆଡଭାଇଜରୀ ସର୍ଭିସେସ୍ ର ଆସୋସିଏଟ୍ ଡିନ୍ ପ୍ରଫେସର ଫ୍ରାନ୍ସିସ୍ ଥୋମାସ୍ କାଷ୍ଟେଲିନୋଙ୍କ ଏକ ଶେଷ ମନ୍ତବ୍ୟ ଦେଇଥିଲେ ଯାହା ପରେ ଇଲୁମିନିଟିଏକ୍ସର ସଂଯୋଜକ ଆମିୟା ଅନୁପମ ଧନ୍ୟବାଦ ଅର୍ପଣ କରିଥିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଜାନୁଆରୀ ୨୦୨୪

ଲେଖା ପଠାଇବାର ଶେଷ ତାରିଖ : ୩ ଜାନୁଆରୀ ୨୦୨୪

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ଆମକୁ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :


**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।







ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଓଡ଼ିଆ ପୋଡ଼କାଷ୍ଟ ସେବା ନିମ୍ନୋକ୍ତ ସମସ୍ତ ପୋଡ଼କାଷ୍ଟ ପ୍ରସାରଣ ସେବାରେ ଉପଲବ୍ଧ ।
ବିଶ୍ୱବ୍ୟାପୀ ସମସ୍ତ ପରିଚିତ ଓ ପ୍ରସିଦ୍ଧ ପୋଡ଼କାଷ୍ଟ ପ୍ଲାଟଫର୍ମରେ ଆମ ପୋଡ଼କାଷ୍ଟ ଶୁଣି ପାରିବେ ।
ଏଥିରେ ନିଜର ଲେଖା ପ୍ରକାଶିତ କରିବା ପାଇଁ ଆମ ସହ ହ୍ୱାଟସ୍ଆପ୍ ଦ୍ୱାରା ସମ୍ପର୍କ କରନ୍ତୁ ।

Amazon Music · AntennaPod · Anytime Player · Apple Podcasts · Bullhorn · Castamatic · Castbox · Castro · Curiocaster · Fountain

Goodpods · Google Podcasts · Apple iTunes · Listen Notes · Moon FM · Overcast · Player FM · Pocket Casts · Podbean · Podcast Addict

Podcast Index · Podcast Guru · Podcast Republic · Podchaser · Podfriend · Podknife · podStation · Podverse · Sonnet · Spotify

Steno.fm · Subscribe on Android · Subscribe by email · RSS feed

- Spotify
- Amazon Music
- Apple Music
- Cast Box
- Castro
- Curio caster
- Fountain
- Goodpods
- Google Podcast
- Apple iTunes
- Pocket cast
- Podbean
- Podcast Addict
- Podcast Index

- Podcast Guru
- Podcast republic
- Podchaser
- Podfriend
- Podverse
- Sonnet
- Steno.fm
- Rephonic
- Jio Saavn
- ivoox
- Audacy
- Tune in
- Radio Public

On all the links you can listen to our Podcast, or do a search in Google for Aahwaan Odia Podcast and You will find it on your own podcast player.

You too can Publish your article on our Podcast for a small fee and it will be heard worldwide on different podcast players on mobile phones, audio players, car stereos and much more. The decision to publish any article will be taken by the editorial board. Don't pay any fees before getting confirmation. If you are interested do let us know by sending message on WhatsApp to 9040985463.

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା